RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ISSUE-49 TUESDAY 12 AUGUST 2025 PAGE-12 ₹ 6.00 | BHUBANESWAR | ବର୍ଷ-୪୩ ସଂଖ୍ୟା-୪୯ ମଙ୍ଗଳବାର ୧୨ ଅଗଷ୍ଟ ୨୦୨୫ ପୃଷ୍ଠା-୧୨ ଟ.୬.୦୦


'ରାମାୟଣ'ରେ ସବୁ କଳାକାର ପିନ୍ଧିଛନ୍ତି ସୁନାର ଆଭୂଷଣ-ଇନ୍ଦିରା
ପୃଷ୍ଠା 9 ଦେଖନ୍ତୁ...

## ବରଗଡ଼ରେ ଆଲୋଡ଼ନ

# ଜଳିଗଲେ ଆଉ ଜଣେ ଛାତ୍ରୀ

■ ଗାଇସିଲେଟ୍, ୧୧। ୮(ସମିସ): ବରଗଡ଼ ଜିଲ୍ଲାର ଗାଇସିଲେଟରେ ପୁନରାବୃତ୍ତି ହୋଇଛି ବାଲେଶ୍ୱର, ବଳଙ୍ଗା, ପଟ୍ଟାମୁଣ୍ଡାଇ ପରି ଲୋମଟାଙ୍କୁରା ଘଟଣା। ସେବାଶ୍ରମ ସ୍କୁଲରେ ପାଠ ପଢୁଥିବା ଜଣେ ୮ମ ଶ୍ରେଣୀ ଛାତ୍ରୀ ପେଟ୍ରୋଲ ନିଆଁରେ ଜଳି ପ୍ରାଣ ହରାଇଛନ୍ତି। ପୁଲିସ ସମ୍ପୃକ୍ତ ଛାତ୍ରୀ ଆତ୍ମହତ୍ୟା କରିଥିବା କହୁଥିଲେ ହେଁ ତାଙ୍କ ଦେହରେ ପେଟ୍ରୋଲ ଢାଳି ଅନ୍ୟ କେହି ନିଆଁ ଲଗାଇ ଦେଇଥିବା ସାଧାରଣରେ ଆଲୋଚନା ହେଉଛି।

ସୂଚନା ଅନୁଯାୟୀ, ସାପଲହର ସେବାଶ୍ରମ ଛାତ୍ରୀନିବାସରେ ରହି ୮ମ ଶ୍ରେଣୀରେ ପାଠ ପଢୁଥିବା ରଶ୍ମୀ ସେଠ୍ (୧୩) ଅସୁସ୍ଥତା ଅନୁଭବ କରିବାରୁ ନିଜ ମାମୁ ଘରକୁ ଆସିଥିଲେ। ଆଜି ସକାଳେ ମାମୁ ଘର ପଛପଟେ ଏକ ପଡ଼ିଆରେ ରଶ୍ମୀ ହୁତୁହୁତୁ ହୋଇ ଜଳୁଥିବା ଦେଖି ତାଙ୍କର ମାମୁ ଓ ଅନ୍ୟମାନେ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ସେତେବେଳକୁ ତାଙ୍କ ଶରୀରର ପ୍ରାୟ ୭୦ ପ୍ରତିଶତ ପୋଡ଼ି ଯାଇଥିଲା। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସରେ ବୁର୍ଲାସ୍ଥିତ ଭୀମସାରକୁ ନିଆଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଅପ୍ରୀତିକର ପରିସ୍ଥିତି ଆଶଙ୍କାରେ ଘଟଣାସ୍ଥଳରେ ୫ ପ୍ଲାଟୁନ୍ ପୁଲିସ ଫୋର୍ସ ନିୟୋଜିତ ହୋଇଥିଲେ। ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ ଓ ବରଗଡ଼ ଜିଲ୍ଲା ଦାୟିତ୍ୱରେ ଥିବା ବଲାଙ୍ଗିର ଏସ୍‌ପି ଅଭିଳାଷ ଜି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି ଘଟଣାରେ ପୁଲିସ ତଦନ୍ତ ଜାରି ରଖିଥିବାବେଳେ ଦୁଇ ଜଣକୁ ଅଟକ ରଖି ପଚାରାଉଚରା କରୁଥିବା ଏସ୍‌ପି ଅଭିଳାଷ ଜି ସୂଚନା ଦେଇଛନ୍ତି।



ଖବର ପାଇ ବିଜୁ ଜନତା ଦଳର ଏକ ଟିମ୍ ଭୀମସାରରେ ପହଞ୍ଚିଥିଲା। ବିଜେଡି ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ବରଗଡ଼ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ବରଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌର ପରିଷଦ ଅଧ୍ୟକ୍ଷା କଳ୍ପନା ମାଝୀ, ପଦ୍ମିନୀ ଗଡତିଆ, ପିଙ୍କି ବଡ଼େଇ, କଳ୍ପନା ବେହେରାଙ୍କ ସହ ବହୁ କର୍ମୀ ସେଠାରେ ପହଞ୍ଚି ସ୍ଥିତି ପରଖିବା ସହ ନାବାଳିକାର ପରିବାରଲୋକଙ୍କୁ ସମବେଦନା ଜଣାଇଛନ୍ତି।

## ନିଆଁ ଆଁ — ୩୦ ଦିନରେ ଗଲାଣି ୪ ଛାତ୍ରୀଙ୍କ ଜୀବନ

# ସ୍ଥିତି ସାଂଘାତିକ, ଚିତ୍ର ଭୟଙ୍କର

■ ଭୁବନେଶ୍ୱର,୧୧।୮ (ସମିସ): ଓଡ଼ିଶାରେ ଏବେ ମହିଳା, ନାବାଳିକାଙ୍କ ସୁରକ୍ଷାକୁ ନେଇ ସାଂଘାତିକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରେ ମହିଳାଙ୍କ ବିରୋଧରେ ଘଟୁଥିବା ହିଂସା ରାଜ୍ୟର ଆଇନକାନୁନ, ଶୃଙ୍ଖଳା ଉପରେ ପ୍ରଶ୍ନ ଚିହ୍ନ ଆଙ୍କିଛି। କୌଣସି ଘଟଣାରେ ପୁଲିସ ରହସ୍ୟ ଉନ୍ମୋଚନ କରିବାରେ ସଫଳ ହୋଇପାରିନାହିଁ। ଗୋଟିଏ ପଟେ ପୁଲିସ ପ୍ରଶାସନ ସାଂଘାତିକ ଚାପରେ କାର୍ଯ୍ୟ କରୁଥିବା ନେଇ ସାଧାରଣରେ ଅଭିଯୋଗ

**ରାଜ୍ୟରେ ନାବାଳିକାଙ୍କୁ ଭଗବାନ ଭରସା: ବିରୋଧୀ**

**ସରକାର ଏବଂ ପୁଲିସର ନିଷ୍କ୍ରିୟତା ଦାୟୀ: ବୁଦ୍ଧିଜୀବୀ**

ସାଧାରଣଲୋକଙ୍କୁ ଭୟଭୀତ କରିଛି। ସୋମବାର ବରଗଡ଼ ଗାଇସିଲଟ ବ୍ଲକ୍‌ର ଫିରିଙ୍ଗିମାଳ ଗାଁରେ ଜଣେ ନାବାଳିକା ପେଟ୍ରୋଲ ଢାଳି ହୋଇ ନିଜକୁ ଜାଳିଦେବା ଘଟଣା ରାଜ୍ୟବାସୀଙ୍କ ଆତ୍ମାକୁ ଦୋହଲାଇ ଦେଇଛି। ପୂର୍ବରୁ ରାଜ୍ୟରେ ଏପରି ସାଂଘାତିକ ସ୍ଥିତି କେବେ ସୃଷ୍ଟି ହୋଇ ନ ଥିଲା, କିମ୍ବା ଏପରି ଭୟଙ୍କର ଚିତ୍ର ଦେଖିବାକୁ ମିଳି ନ ଥିଲା। ୩୦ ଦିନ ମଧ୍ୟରେ ରାଜ୍ୟର ଉତ୍ତର, ଉପକୂଳ, ପଶ୍ଚିମାଞ୍ଚଳରେ ୪ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଯିବା ହେଉଥିବା ବେଳେ ସରକାର ମଧ୍ୟ ଏକପ୍ରକାର ଉପାୟଶୂନ୍ୟ ହୋଇ ପଡ଼ିଛନ୍ତି। ରାଜ୍ୟରେ ଏବେ ନାବାଳିକା, ମହିଳାଙ୍କୁ ଭଗବାନ ଭରସା ବୋଲି ବିରୋଧୀ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଜୁଲାଇ ମାସ ୧୨ ତାରିଖରେ ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶି ନିଜ ଦେହରେ ପେଟ୍ରୋଲ ଢାଳି ଆତ୍ମଦାହ କରିଥିଲେ। ଏହା ପରଠାରୁ ଗୋଟିଏ ପରେ ଗୋଟିଏ କରି ୩ ଜଣ ଛାତ୍ରୀଙ୍କ ଜୀବନ ନିଆଁର ଆଁରେ ଚାଲିଗଲାଣି। ମାତ୍ର ▶ପୃଷ୍ଠା-୭

## ବିସ୍ଫୋରକ ହେଉଛି ବିହାର ଭୋଟର ତାଲିକା ବିବାଦ

# ରାସ୍ତାରେ ବିରୋଧୀ; ରୋକିଲା ପୁଲିସ

**ବିକ୍ଷୋଭରେ ସାମିଲ ହେଲେ ୩୦୦ ସାଂସଦ**

**ରାହୁଲ, ପ୍ରିୟଙ୍କା ଓ ଅଖିଳେଶ ଅଟକ**



■ ନୂଆଦିଲ୍ଲୀ, ୧୧।୮ (ଏଜେନ୍ସି): ବିହାରରେ ନିର୍ବାଚନ କମିସନ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) କୁ ନେଇ ବିବାଦ ବିସ୍ଫୋରକ ହେବାରେ ଲାଗିଛି। ଏହି ପ୍ରସଙ୍ଗରେ ସଂସଦ ଅଚଳ ରହିଥିବା ବେଳେ ରାସ୍ତାକୁ ଓହ୍ଲାଇଛନ୍ତି ବିରୋଧୀ ଦଳର ସାଂସଦ। ସେମାନେ ଆଜି ଏହାର ପ୍ରତିବାଦ କରି ନିର୍ବାଚନ କମିସନ ଅଫିସ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ବାଟରେ ଅଟକାଇଛି। ଏହି ପ୍ରତିବାଦରେ ବିରୋଧୀ ଦଳର ୩୦୦ ସାଂସଦ ସାମିଲ ହୋଇଥିଲେ।

ବିହାରରେ ଏସ୍‌ଆଇଆର୍ ଏବଂ କର୍ଣ୍ଣାଟକରେ 'ଭୋଟ୍ ଚୋରି'ର ପ୍ରତିବାଦ କରି କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ବିରୋଧୀ ଦଳର ସାଂସଦ ଓ କର୍ମକର୍ତ୍ତା ଆଜି ଦିଲ୍ଲୀରେ ସଂସଦ ଭବନରୁ ବଡ଼ ଧରଣର ଶୋଭାଯାତ୍ରା ବାହାର କରିଥିଲେ। ଏସଂପର୍କରେ ନିର୍ବାଚନ କମିସନ ସହିତ ଆଲୋଚନା ପାଇଁ ନିର୍ବାଚନ ସଦନ ଆଡ଼କୁ ଯାଉଥିବା ବେଳେ ପୁଲିସ ସେମାନଙ୍କୁ ଅଟକାଇଥିଲା। ପୁଲିସ ବ୍ୟାରିକେଡ୍ ଲଗାଇ ଅଟକାଇବାରୁ ବିରୋଧୀ ଦଳର ସାଂସଦମାନେ ରାସ୍ତା ଉପରେ ବସି ଧାରଣା ଦେବା ସହିତ ବିହାରରେ ଚାଲିଥିବା ଏସ୍‌ଆଇଆର୍ ବିରୋଧରେ ସ୍ଲୋଗାନ ଦେଇଥିଲେ। ଆଉ କିଛି ସାଂସଦ ବ୍ୟାରିକେଡ୍ ଭାଙ୍ଗି ନିର୍ବାଚନ କମିସନ ଆଡ଼କୁ ଯିବାକୁ ଉଦ୍ୟମ କରିଥିଲେ। ସେମାନଙ୍କ ▶ପୃଷ୍ଠା-୭

## ବିଭ୍ରାନ୍ତ କରୁଛନ୍ତି ରାହୁଲ: ଧର୍ମେନ୍ଦ୍ର




■ ନୂଆଦିଲ୍ଲୀ, ୧୧।୮ (ସମିସ): କଂଗ୍ରେସ ଏବଂ ଏହାର ସହଯୋଗୀ ଦଳ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଧର୍ମେନ୍ଦ୍ର ପ୍ରଧାନ। ଆଜି ଏଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ଅନୁପ୍ରବେଶକାରୀଙ୍କ ଭୋଟ ହାତେଇବା ପାଇଁ ବିରୋଧୀ ଦଳ ଉଦ୍ୟମ ଚଳାଇଛନ୍ତି। ଭୋଟ ଜାଲିଆତି ସଂପର୍କରେ ଯାହା ସବୁ ଅଭିଯୋଗ ଆସୁଛି, ▶ପୃଷ୍ଠା-୭

# ଦୁଇ ଛୁଆଙ୍କ ସାମ୍ନାରେ ମାଆକୁ ଗଳାକାଟି ହତ୍ୟା

**ବୈଦେଶ୍ୱରରୁ ଦୁଇ ଅଭିଯୁକ୍ତ ଗିରଫ**



■ ଭାପୁର, ୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଭାପୁର ପଞ୍ଚାୟତ ଭାପୁର ମହୋତ୍ସବ ପଡ଼ିଆ ନିକଟରେ ରବିବାର ରାତି ୧୧ଟାରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ଦୁଇ ଛୁଆଙ୍କ ଆଖି ସାମ୍ନାରେ ଦୁର୍ବୃତ୍ତମାନେ ତାଙ୍କ ମା'କୁ ଗଳାକାଟି ହତ୍ୟା କରିଛନ୍ତି। ମୃତ ମହିଳା ହେଲେ, ଭାପୁର ଗ୍ରାମର ସ୍ୱର୍ଗତ ମିଟୁ ବେହେରାଙ୍କ ସ୍ତ୍ରୀ ଜୟନ୍ତୀ ବେହେରା (୩୩)। ସେ ଭାପୁର ଉଚ୍ଚ ବିଦ୍ୟାଳୟରେ ପାଚିକା ଭାବେ ୪ ମାସ ହେଲା କାମ କରୁଥିଲେ। ଜୟନ୍ତୀଙ୍କ ଜଣେ ଦୂର ସଂପର୍କୀୟ ଦିଅର ଓ ତା'ର ଜଣେ ସହଯୋଗୀ ଏହି କାଣ୍ଡ ଭିଆଇଥିବା କୁହାଯାଉଛି। ଏହି ଘଟଣାରେ ଫତେଗଡ଼ ପୁଲିସ ତ୍ୱରିତ ▶ପୃଷ୍ଠା-୭

## ଝିଅ ଆଗରେ ମା'କୁ ହାଣିଦେଲା

**ପୁଲିସ ସ୍କାନରରେ ପୁରୁଷବନ୍ଧୁ**



■ ବ୍ରହ୍ମପୁର, ୧୧।୮ (ସମିସ): ଝିଅ ଆଖି ଆଗରେ ମା'କୁ ହାଣିଦେଲା। ପ୍ରମାଣ ନଷ୍ଟ କରିବା ପାଇଁ ଝିଅକୁ ବି ଛାଡ଼ିଲାନି। ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମାନଗର ଦ୍ୱିତୀୟ ଲାଇନ୍‌ରେ ଆଜି ଭୋର୍‌ରେ ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ହତ୍ୟାର ଶିକାର ମହିଳାଜଣଙ୍କ ହେଲେ, ଗାୟତ୍ରୀ ସ୍ୱାଇଁ (୩୦)। ଦୁର୍ବୃତ୍ତଜଣଙ୍କ ତାଙ୍କ ୧୧ବର୍ଷୀୟ ଝିଅକୁ ମଧ୍ୟ ହତ୍ୟା ଉଦ୍ୟମ କରିଛି। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଛି। କେହି ଦୁର୍ବୃତ୍ତ ଘରେ ପଶି ଏପରି କାଣ୍ଡ ଭିଆଇବା ▶ପୃଷ୍ଠା-୭

# ନୂଆ ଆୟକର ବିଲ୍ ଲୋକସଭାରେ ଗୃହୀତ

■ ନୂଆଦିଲ୍ଲୀ,୧୧।୮ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ସୋମବାର ଲୋକସଭାରେ ନୂଆ ଆୟକର ବିଲ୍ ଗୃହୀତ ହୋଇଯାଇଛି। ବିରୋଧୀ ସାଂସଦଙ୍କ ଅନୁପସ୍ଥିତିରେ ଏବଂ ବିନା କୌଣସି ଆଲୋଚନାରେ ଏହି ବିଲ୍‌କୁ ସଂସଦ ଅନୁମୋଦନ ଦେଇଛ। ଏଥିରେ ଆୟକର ସହ ଜଡିତ ଦୁଇଟି ବିଲ୍- ଆୟକର (ସଂଖ୍ୟା ୨) ବିଧେୟକ ଓ ଟିକସ ଆଇନ (ସଂଶୋଧନ) ବିଲକୁ ମଞ୍ଜୁରି ମିଳିଛି। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ସୋମବାର ଲୋକସଭାରେ ଆୟକର ବିଲ୍‌ର ଏକ ▶ପୃଷ୍ଠା-୭

# ୪୮ ଘଣ୍ଟାରେ ଲଘୁଚାପ, ଆଜିଠୁ ବଢ଼ିବ ବର୍ଷା

■ ଭୁବନେଶ୍ୱର, ୧୧।୮ (ସମିସ): ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହାର ପ୍ରଭାବରେ ମଙ୍ଗଳବାରଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷାର ପ୍ରଭାବ ବଢ଼ିବ। ଲଘୁଚାପ ପ୍ରଭାବରେ ଆସନ୍ତା ୩ ଦିନ ପାଇଁ ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ଥିବା ବେଳେ ୧୩-୧୪ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଏଥିପାଇଁ ପାଣିପାଗ କେନ୍ଦ୍ର ବିଭିନ୍ନ ଜିଲ୍ଲାକୁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରିଛି। ଅଗଷ୍ଟ ୧୨-୧୩ରେ କୋରାପୁଟ ଏବଂ ମାଲକାନଗିରି ଜିଲ୍ଲାର କିଛି ସ୍ଥାନ ପାଇଁ ପ୍ରବଳରୁ ଅତି ପ୍ରବଳ ବର୍ଷା ସମ୍ଭାବନା ରହିଥିବା ବେଳେ ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ଗଞ୍ଜାମ, ଗଜପତି ଏବଂ କନ୍ଧମାଳ ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୁନ୍ଦରଗଡ଼, ଝାରସୁଗୁଡ଼ା, ▶ପୃଷ୍ଠା-୭

## ସମୂହ ଛୁଟିରେ ୩୦ ଜିଲ୍ଲାର ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା

# ସାରା ରାଜ୍ୟରେ ରାଜସ୍ୱ କାର୍ଯ୍ୟ ଠପ୍




**ଆଲୋଚନା ପରେ ବି ପଦକ୍ଷେପ ନେଲେନି ସରକାର**

■ ଭୁବନେଶ୍ୱର, ୧୧।୮ (ସମିସ): ରାଜ୍ୟର ୩୦ ଜିଲ୍ଲାରେ କାର୍ଯ୍ୟରତ ୧୦ ହଜାରରୁ ଊର୍ଦ୍ଧ୍ୱ ରାଜସ୍ୱ ଅମଲା ଅଧିକାରୀମାନେ ଛୁଟିରେ ଯାଇଛନ୍ତି। ରାଜ୍ୟର ଅମଲାମାନଙ୍କର ବିଭିନ୍ନ ଦାବି ପୂରଣ ନେଇ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ଏହାକୁ ଲାଗୁ କରିବାକୁ ସରକାର ଟାଳଟୁଳ ନୀତି ଆପଣାଉଛନ୍ତି। ଏହାର ପ୍ରତିବାଦରେ ରାଜସ୍ୱ ଅମଲା ସଂଘ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ସୋମବାରଠାରୁ ରାଜ୍ୟର ସମସ୍ତ ଜିଲ୍ଲାରେ ରାଜସ୍ୱ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ରାଜସ୍ୱ ଅମଲାମାନେ କାର୍ଯ୍ୟ ବନ୍ଦ କରି ନିଜ ନିଜ କାର୍ଯ୍ୟାଳୟ ସାମନାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମୂହ ଛୁଟିରେ ଯାଇଛନ୍ତି। ୨୦୧୮ ମସିହାରୁ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନଙ୍କ ପ୍ରବେଶକାଳୀନ ଶିକ୍ଷାଗତ ଯୋଗ୍ୟତାରେ ସ୍ନାତକ ସହିତ କମ୍ପ୍ୟୁଟର ଜ୍ଞାନ ବାଧ୍ୟତାମୂଳକ କରାଯାଇଛି। କିନ୍ତୁ ଏପର୍ଯ୍ୟନ୍ତ ପ୍ରବେଶକାଳୀନ ବେତନରେ କୌଣସି ପ୍ରକାରର ଅଭିବୃଦ୍ଧି କରାଯାଇ ନାହିଁ। ମାତ୍ର ▶ପୃଷ୍ଠା-୭



ସକାଳ
THE SAKALA



## ମାର୍‌ପିଟ୍ ନେଇ ଥାନାରେ ମାମଲା

ବେଲବାହାଲି,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ଅଧୀନ ଖଡିବିଲ ଗ୍ରାମ ନିକଟବର୍ତ୍ତୀ ମଙ୍ଗଳାଶାଳ ନିକଟରେ ପତି ପତ୍ନିକୁ ମାଡ଼ ମାରିବା ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡିଛି। ଅଭିଯୋଗକାରୀଙ୍କ ଏତଲାନୁଯାୟୀ, ଶାଳପଡା ଗୁଣ୍ଡିଚା କଲୋନିର ମାମିନା ଯେନା ଖଡିବିଲରେ ଥିବା ନିଜ ଭାଇକୁ ରାଖୀ ପିନ୍ଧାଇବାକୁ ବାଇକ୍‌ରେ ସ୍ୱାମୀଙ୍କ ସହ ଯାଇଥିଲେ। ଫେରିବା ବେଳେ ଖଡିବିଲର ମଣ୍ଟୁ ଯେନା ଓ ସମିର ଯେନା ଉଭୟ ପତି ଓ ପତ୍ନୀକୁ ମାଡମାରିବା ସହିତ ପାଖରେ ଥିବା ଠେଙ୍ଗା ଉଠାଇ ଆଉଥରେ ଖଡିବିଲି ଆସିଲେ ଏଠାରେ ତୁମ ଦୁଇଜଣଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ଘଟଣାକୁ ନେଇ ଘସିପୁରା ଥାନାରେ ଦ୍ୱାରସ୍ଥ ହୋଇ ଉଭୟ ସ୍ୱାମୀ ଓ ସ୍ତ୍ରୀ ଲିଖିତ ଭାବରେ ଜଣାଇଥିଲେ। ହେଲେ ଘଟଣାର ୨ଦିନ ବିତିଥିଲେ ମଧ୍ୟ ଘସିପୁରା ପୁଲିସ ମାମଲାର କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନଥିବା ଅଭିଯୋଗକାରୀ କହିଛନ୍ତି। ମାମଲାଟି ଘସିପୁରା ଥାନା କେଶନଂ ୩୧୫/୨୫ ରେ ରେଜିଷ୍ଟ୍ରି ହୋଇଥିବା ଜଣାପଡିଛି।

## କେନ୍ଦ୍ରୀୟ ବିଦ୍ୟାଳୟର ପ୍ରବେଶ ଉତ୍ସବ

ଚମ୍ପୁଆ,୧୧।୮ (ସମିସ): ଚମ୍ପୁଆ ସ୍ଥିତ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ବହୁ ପ୍ରତିକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟର ଆଜି ପ୍ରବେଶ ଉତ୍ସବ ଆନୁଷ୍ଠାନିକ ଭାବେ ଅନୁଷ୍ଠିତ ହୋଇଯାଇଛି। ୧ମ ରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପ୍ରଦାନ ପାଇଁ ବ୍ୟବସ୍ଥା ରହିଥିବା ବେଳେ ପ୍ରାୟ ୨୦୦ରୁ ଅଧିକ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣରେ ବ୍ୟବସ୍ଥା ରହିଛି। ଉତ୍ସବରେ ସ୍ଥାନୀୟ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ଚମ୍ପୁଆ ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ପ୍ରଧାନ, ବିଦ୍ୟାଳୟର ଅଧ୍ୟକ୍ଷ ହରମନ ଛୁରିଆ, ପୂର୍ବତନ ସୈନିକ ସଂଘ, କେନ୍ଦ୍ରୀୟ ବିଦ୍ୟାଳୟ କମିଟି, ଅଭିଭାବକ ଓ ଅଭିଭାବିକା ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ। ଉପଜିଲାପାଳ ଶ୍ରୀ ପରିଡା ଛାତ୍ରଛାତ୍ରୀଙ୍କୁ ଚକଲେଟ ପ୍ରଦାନ କରି ବିଦ୍ୟାଳୟ ପ୍ରବେଶ କରାଇଥିଲେ।

## ଚମ୍ପୁଆ ଆଥ୍‌ଲେଟିକ ଆସୋସିଏସନ୍ ତରଫରୁ ଗଣଦୌଡ଼

ଚମ୍ପୁଆ,୧୧।୮ (ସମିସ): ଚମ୍ପୁଆ ଆର୍ଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ୭୯ତମ ସ୍ୱାଧୀନତା ଦିବସ ଉପଲକ୍ଷେ ୧୪ତାରିଖ ସକାଳ ୫ଟାରୁ ରଜିଆ ଛକରୁ ନେହୁରୁ ଷ୍ଟାଡିୟମ ପର୍ଯ୍ୟନ୍ତ ଗଣଦୌଡ଼ କାର୍ଯ୍ୟକ୍ରମ ଆୟୋଜିତ ହେବ। ଗଣଦୌଡରେ ସମସ୍ତ ବର୍ଗର ଲୋକମାନେ ଭାଗ ନେଇ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଚମ୍ପୁଆ ଆର୍ଥଲେଟିକ ଆସୋସିଏସନ ସଭାପତି ଅଭୟ ଦାସ ନିବେଦନ କରିଛନ୍ତି। ଅଗଷ୍ଟ ୧୫ ତାରିଖ ନେହୁରୁ ଷ୍ଟାଡ଼ିୟମଠାରେ ଗଣଦୌଡ଼ରେ ପ୍ରଥମ ପ୍ରତିଯୋଗୀଙ୍କୁ ୫୦୦୦ ଓ ଦ୍ୱିତୀୟ ୩୦୦୦ ଟଙ୍କା ପୁରସ୍କୃତ କରାଯିବ ବୋଲି ଆଥଲେଟିକ ଆସୋସିଏସନ ସମ୍ପାଦକ ରମେଶ ପ୍ରଧାନ ସୂଚନା ଦେଇଛନ୍ତି। ଗଣଦୌଡ ସମୟ ସମସ୍ତ ପ୍ରକାର ଅନୁସଙ୍ଗିକ ବ୍ୟବସ୍ଥା କରାଯାଇଛି।

## ହର୍‌ଘର୍ ତ୍ରିରଙ୍ଗା ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ



ଚମ୍ପୁଆ,୧୧।୮ (ସମିସ): ଚମ୍ପୁଆ ବ୍ଲକ ପ୍ରଶାସନ ଓ ଚମ୍ପୁଆ ଭାଜପା ମଣ୍ଡଳ ମିଳିତ ସହଯୋଗରେ ଚମ୍ପୁଆ ବ୍ଲକ ପରିସରରେ ହରଘର ତ୍ରିରଙ୍ଗା ସ୍ୱଚ୍ଛତା ଅଭିଯାନ ପରିପ୍ରେକ୍ଷୀରେ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଏବିଡିଓ ଚୁନୁ ହାଁସଦା, ଚମ୍ପୁଆ ନଗର ମଣ୍ଡଳ ଭାଜପା ସଭାପତି କାର୍ତୀକ ସାହୁ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ରାଜେଶ ଆଚାର୍ଯ୍ୟ, ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଓମ୍‌ପ୍ରକାଶ ବାରିକ ସମେତ ବିଭିନ୍ନ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗ ଦେଇ ବ୍ଲକ୍ ପରିସରକୁ ସଫେଇ କରିଥିଲେ।

## ପ୍ରଜାପିତା ବ୍ରହ୍ମାକୁମାରୀଙ୍କ ପକ୍ଷରୁ ରକ୍ଷାବନ୍ଧନ



ବଡ଼ବିଲ,୧୧।୮ (ସମିସ): ପବିତ୍ର ରକ୍ଷାବନ୍ଧନ ପର୍ବ ଅବସରରେ ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟ ବଡ଼ବିଲ ଶାଖା ପକ୍ଷରୁ ବିଶେଷ କାର୍ଯ୍ୟକ୍ରମ ଅବସରରେ ବଡ଼ବିଲ ଡାକ୍ତରଖାନା, ତହସିଲ କାର୍ଯ୍ୟାଳୟ ଓ ବଡବିଲ କାରାଗାରର ସମସ୍ତ କର୍ମଚାରୀ ଓ ନାଗରିକମାନଙ୍କୁ ରକ୍ଷା ସୂତ୍ର ବନ୍ଧା ଯାଇଥିଲା। ପର୍ବକୁ କେବଳ ଏକ ଦିନ ପାଇଁ ନୁହେଁ, ସବୁଦିନ ପାଇଁ "ରକ୍ଷା ସୂତ୍ର'ରେ ବାନ୍ଧି ରହିବାର ସଂକଳ୍ପ ସହିତ ପରମାତ୍ମାଙ୍କୁ ଜୀବନ ସାଥୀ ବନାଇବାର ସହଜ ପଦ୍ଧତି ସମ୍ବନ୍ଧରେ ଉପଦେଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ବଡ଼ବିଲ ଶାଖା ପରିଚାଳିକା ବିକେ ଜୟନ୍ତୀଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିଲା। ଆଗାମୀ ସପ୍ତାହରେ ବଡ଼ବିଲ, ଯୋଡା ଓ କିରିବୁରୁ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସେବାଶ୍ରମରେ ମଧ୍ୟ ଏହି ପର୍ବ ପାଳନ କରାଯିବାକୁ ସ୍ଥିର କରାଯାଇଛି।

**କାଗଜ କଲମରେ ସୀମିତ ସିଏସ୍‌ଆର୍ କାର୍ଯ୍ୟ**

# ଚାଲୁଛି ଖଣି; ହେଉନି ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ

ଯୋଡ଼ା,୧୧।୮ (ସମିସ)

କେନ୍ଦୁଝର ଜିଲ୍ଲା ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ସିଏସ୍‌ଆର୍ (କର୍ପୋରେଟ ସାମାଜିକ ଦାୟିତ୍ୱବୋଧ) କାର୍ଯ୍ୟ କେବଳ କାଗଜ କଲମରେ ସୀମିତ ରହିଛି ବୋଲି ଅଭିଯୋଗ ହେଉଛି। ଖଣି ଚାଲୁଛି; କିନ୍ତୁ ପାରିପାର୍ଶ୍ୱିକ ଅଞ୍ଚଳର ଆଖିଦୃଶିଆ ବିକାଶ ଦେଖିବାକୁ ମିଳୁ ନାହିଁ। ଖଣି ପ୍ରଭାବିତ ଅଞ୍ଚଳରେ କମ୍ପାନୀମାନେ ଖଣିରୁ ଖଣିଜ ପଦାର୍ଥ ଉତ୍ପାଦନ କରି ଲାଭବାନ୍ ହେଉଛନ୍ତି। କିନ୍ତୁ ସ୍ଥାନୀୟ ଅଞ୍ଚଳର ଉନ୍ନତି ତଥା ବିକାଶ ପାଇଁ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ ବୋଲି ଖଣି କମ୍ପାନୀ ଦ୍ୱାରା ପ୍ରଭାବିତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହ ଖଣି କମ୍ପାନୀର ପ୍ରଦ୍ୟୁଷଣ ଜନିତ କ୍ଷୟକ୍ଷତିର ମଧ୍ୟ ସଠିକ ଯାଞ୍ଚ ହେଉନଥିବା ଅଭିଯୋଗ ହୋଇଛି। ପ୍ରଦ୍ୟୁଷଣ ବିଭାଗର ଅଧିକାରୀମାନେ ଜନଶୁଣାଣି ପରେ କମ୍ପାନୀ ସମ୍ମୁଖରେ ଗୋଟାଏ ପ୍ରଦ୍ୟୁଷଣ ଯାଞ୍ଚ ମେସିନ



ବସାଇ ରିଡିଂ ନେଇ ଚାଲିଯାଆନ୍ତି ବୋଲି ଖଣି ପ୍ରଭାବିତ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ସିଏସ୍‌ଆର କାର୍ଯ୍ୟ କିମ୍ବା ଡିଏମଏଫ ଫଣ୍ଡର ସୁବିନିଯୋଗ ହେଉନାହିଁ ବୋଲି ପାରିପାର୍ଶ୍ୱିକ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏପରିକି କିଛି କମ୍ପାନୀ ଅଧିକାରୀ ଡିଏମ୍‌ଏଫ୍ (ଡିଷ୍ଟ୍ରିକ୍ଟ ମିନେରାଲ ଫଣ୍ଡ) ଗଠନ ପରେ ସିଏସ୍‌ଆର କାର୍ଯ୍ୟ କରିବାକୁ ମନା କରୁଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଖଣି ପାରିପାର୍ଶ୍ୱ ଅଞ୍ଚଳରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବା ବେଳେ ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇରହିଛି। ଭଲ ବିଶେଷଜ୍ଞ ଡାକ୍ତର କିମ୍ବା ରୋଗ ନିରୂପଣ ପରୀକ୍ଷା ଯନ୍ତ୍ରପାତି ନାହିଁ। କେଉଁଠାରେ ପାଣି ନାହିଁ ତ କେଉଁଠାରେ ବିଜୁଳି ଆଲୁଅ ନାହିଁ। ବେକାରୀ ଯୁବକଯୁବତୀଙ୍କ ସଂଖ୍ୟା ବଢ଼ି ଚାଲିଛି। ସ୍ଥାନୀୟ ଖଣି କମ୍ପାନୀ ଗୁଡିକରେ ନିଯୁକ୍ତି ପାଇ ପରିବାର ପ୍ରତିପୋଷଣ କରିବାକୁ ଚାହୁଁଥିବା ବେକାରୀ ଯୁବକମାନେ କାମଧନ୍ଦା ନପାଇ ନିଜର ଭିଟାମାଟି ଛାଡି ବାହାର ରାଜ୍ୟକୁ ଦାଦନ ପାଇଁ ଯିବାକୁ ବାଧ୍ୟ ହେଉଛନ୍ତି। ବହୁ ଖଣି କମ୍ପାନୀ ସିଏସ୍‌ଆର୍ ନାମରେ କିଛି ଅନୁଷ୍ଠାନକୁ ଟେଣ୍ଟ, ମାଇକ୍ ଦେଇ ବାହାର ମୂଲ୍ୟଠାରୁ ବହୁ ଅଧିକା ମୋଟା ଅଙ୍କର ବିଲ୍ ସିଏସଆରରେ ଦେଖାଇବାରେ ଲାଗି ପଡିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଖଣି ପାରିପାର୍ଶ୍ୱିକ ଅଞ୍ଚଳରେ ଖଣି କମ୍ପାନୀ ପକ୍ଷରୁ ହେଉଥିବା ସିଏସ୍‌ଆର୍ କାର୍ଯ୍ୟଗୁଡ଼ିକର ଏକ ନିରପେକ୍ଷ ସରକାରୀ ତଦନ୍ତ କରାଗଲେ ଏଥିରେ ହେଉଥିବା ଅନିୟମିତା ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଲୋକଙ୍କ ଅଭିଯୋଗ ଶୁଣିଲେ ଜିଲ୍ଲାପାଳ

ଆନନ୍ଦପୁର,୧୧।୮ (ସମିସ): ଆନନ୍ଦପୁର ବ୍ଲକ୍‌ରେ ଜିଲ୍ଲାପାଳ ବିଶାଳ ସିଂହ ଆଜି ଅଭିଯୋଗ ଶୁଣାଣି କରିଛନ୍ତି। ଆନନ୍ଦପୁର ବ୍ଲକ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୋଟ ୧୪୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଅଭିଯୋଗ ମଧ୍ୟରେ ରାସନ, ଭତ୍ତା, ବିଦ୍ୟୁତ୍ ଓ ଗ୍ରାମ୍ୟ ସମସ୍ୟା ଆଦି ଥିବା ବେଳେ ଜିଲ୍ଲାପାଳ କିଛି ଅଭିଯୋଗର ସମାଧାନ କରିଥିଲେ ଏବଂ କିଛି ସମସ୍ୟା ଉପସ୍ଥିତ ଥିବା ବରିଷ୍ଠ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁସଲକର, ଅତିରିକ୍ତ ଜିଲ୍ଲାପାଳ



ମନ୍ଦଧର ମହାଲିକ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିନୋଦ ବିହାରୀ ମିଶ୍ର ଆନନ୍ଦପୁର ବିଡ଼ିଓ ମନୋଜ କୁମାର ମହାନ୍ତ ଅବକାରୀ ନିରୀକ୍ଷକ ଅଭିରାମ ବେହେରାଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ଜଣାଶୁଣାଣି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାପାଇଁ ସମସ୍ତ କର୍ମଚାରୀମାନେ ସହଯୋଗ କରିଥିଲେ।

**କନକମଞ୍ଜରୀ ମହାବିଦ୍ୟାଳୟରେ ପୁଲିସର ମକ୍‌ଡ୍ରିଲ୍**

## ଛାତ୍ରୀଙ୍କ ପରୀକ୍ଷାମୂଳକ କଲ୍‌ରେ ଆସିଲା ପିସିଆର ଭ୍ୟାନ୍




ଆନନ୍ଦପୁର,୧୧।୮ (ସମିସ): ଛାତ୍ରୀଙ୍କ ପରୀକ୍ଷା ମୂଳକ ଫୋନ୍ କଲରେ ମାତ୍ର ୫ମିନିଟ୍‌ରୁ କମ୍ ସମୟ ମଧ୍ୟରେ ମହାବିଦ୍ୟାଳୟରେ ପହଁଞ୍ଚିଗଲା ପିସିଆର ଭ୍ୟାନ। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଶାଳପଡା ସ୍ଥିତ କନକମଞ୍ଜରୀ ମହାବିଦ୍ୟାଳୟଠାରେ। କଲେଜ୍ ଗେଟ୍ ସାମ୍ନାରେ କିଛି ଯୁବକ ଛାତ୍ରୀ ଜଣଙ୍କୁ କମେଣ୍ଟ ମାରିବାସହ ଜଗିରହିଛନ୍ତି, ଭୟରେ ଛାତ୍ରୀ ଜଣକ କଲେଜ୍‌ର କନ୍ଫରେନ୍ସ ହଲରେ ଲୁଚି ରହିଛନ୍ତି। ୧୧୨କୁ ଫୋନ୍ କରି ଘଟଣା ସମ୍ପର୍କରେ ସମ୍ପୃକ୍ତ ଛାତ୍ରୀ ପୁଲିସକୁ ଜଣାଇଥିଲେ। ଫୋନ୍ କରିବାର ୫ମିନିଟ୍ ମଧ୍ୟରେ ଆସି ପହଁଞ୍ଚି ଯାଇଥିଲା ପିସିଆର୍। ହେଲେ ଏହା ଏକ ପରୀକ୍ଷା ମୂଳକ କଲ ଥିଲା। କାହାଣି ପଛର ନାୟକ ଥିଲେ ଖୋଦ୍ କେନ୍ଦୁଝର ଏସପି କୁଶଲକର ନିତିନ ଦାଗୁଡୁ। ଏସପି ଙ୍କ ନିର୍ଦ୍ଦେଶରେ ଛାତ୍ରୀ ଜଣଙ୍କ ଏଭଳି ଫୋନ୍ କଲ କରିଥିଲେ। ଉଦେଶ୍ୟ ରହିଥିଲା ଯେ, ଯେକୌଣସି ମୁହୁର୍ତ୍ତରେ ଛାତ୍ରୀମାନେ କିପରି ପୁଲିସ୍ ସହାୟତା ନେଇପାରିବେ ଏବଂ ପୁଲିସ୍ ସେମାନଙ୍କ ସୁରକ୍ଷାରେ ସଦାସର୍ବଦା ଯାଗ୍ରତ। ରାଜ୍ୟରେ ବଢୁଥିବା ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା କୁ ଦୃଷ୍ଟିରେ ରଖି ବିଭିନ୍ନ ମହାବିଦ୍ୟାଳୟରେ କେନ୍ଦୁଝର ପୁଲିସ୍ ଆରମ୍ଭ କରିଛି ଷ୍ଟୁଡେଣ୍ଟ-ପୁଲିସ୍ ଇଣ୍ଟରାକ୍ସନ୍ ପୋଗ୍ରାମ। ଆଜି କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟରେ ଖୋଦ୍ କେନ୍ଦୁଝର ଏସପି ଉପସ୍ଥିତ ରହି ମହିଳା ମାନଙ୍କ ସୁରକ୍ଷା ନେଇ ବିଭିନ୍ନ ଦିଗ ଉପରେ ଅବଗତ କରାଇଛନ୍ତି। କାର୍ଯ୍ୟକ୍ରମରେ ଆନନ୍ଦପୁର ଏସଡିପିଓ ପ୍ରଶାନ୍ତ ବେହେରା, ମହାବିଦ୍ୟାଳୟ ଅଧ୍ୟକ୍ଷା ସୌଭାଗ୍ୟମୟୀ ନାୟକ ଓ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ।

## ଡିସି କେବୁଲ୍ ଚୋରି; ଇଣ୍ଟରନେଟ୍ ସେବା ବ୍ୟାହତ

ଯୋଡ଼ା,୧୧।୮ (ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ଥାନା ଅନ୍ତର୍ଗତ ଯୋଡ଼ା ଟେଲିଫୋନ ଏକ୍ସଚେଞ୍ଜରେ ପାୱାର ପ୍ଲାଣ୍ଟର ଡିସି କେବୁଲ ଚୋରି ହୋଇଥିବା ନେଇ ମୋବାଇଲ ସେବା ସହ ଇଣ୍ଟରନେଟ ସେବା ବ୍ୟାହତ ହୋଇଥିବା ଜଣାପଡିଛି। ଡିସି କେବୁଲ ଚୋରି ହେବା ଫଳରେ ଯୋଡ଼ା, ବଡ଼ବିଲ ଓ ଏହାର ଆଖପାଖ ଅଞ୍ଚଳରେ ବିଏସଏନ୍‌ଏଲ୍ ମୋବାଇଲ୍ ନେଟୱର୍କ ଓ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଭାବରେ ପ୍ରଭାବିତ ହୋଇଥିଲା। ପରେ ନୂତନ କେବୁଲ୍ ପକାଇ ଏହାକୁ କାର୍ଯ୍ୟକ୍ଷମ କରାଯିବା ପରେ ମୋବାଇଲ୍ ଓ ଇଣ୍ଟରନେଟ ସେବା ସ୍ୱାଭାବିକ ହୋଇଥିଲା। ଏହାପୂର୍ବରୁ ମଧ୍ୟ ଏଠାରେ ଏକାଧିକ ଥର ଚୋରି ଘଟଣା ଘଟିଛି। ଏସମ୍ପର୍କରେ ଖବର ପାଇ ଯୋଡ଼ା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏଠାରେ ପ୍ରକାଶ ଥାଉ କି ଯୋଡ଼ା ବସଷ୍ଟାଣ୍ଡ ନିକଟରେ ଥିବା କିଛି ଅସାମାଜିକ ଯୁବକ ନିଶା ଖାଇ ରାତ୍ରି ସମୟରେ ବିଭିନ୍ନ ସ୍ଥାନରୁ ସିସିଟିଭି ତାର, କେବୁଲ ତାର ପ୍ରଭୃତି ଚୋରି କରି ବିକ୍ରି କରୁଥିବା ବେଳେ ଡିସି କେବୁଲ ତାର ଚୋରିରେ ସେମାନଙ୍କର ସମ୍ପୃକ୍ତି ଥିବା ସାଧାରଣରେ ଅନୁମାନ କରାଯାଉଛି।

## ଚୋରା ଆଇରନ ବୋଝେଇ ଟ୍ରକ୍ ଜବତ

ଯୋଡ଼ା,୧୧।୮ (ସମିସ): ଦିନକୁ ଦିନ କେନ୍ଦୁଝର ଜିଲ୍ଲା ଯୋଡ଼ା ଖଣି ମଣ୍ଡଳରେ ଆଇରନ ଏବଂ ମଙ୍ଗାନିଜର ଚୋରାଚାଲାଣ ବୃଦ୍ଧି ପାଉଥିବା ବେଳେ ଯୋଡ଼ା ପୁଲିସ ଏକ ଚୋରା ୧୪ ଚକିଆ ଆଇରନ ବୋଝେଇ ଟ୍ରକ୍‌କୁ ଜବତ କରିଛି। ସୂଚନା ମୁତାବକ ଶନିବାର ବିଳମ୍ବିତ ରାତିରେ ଯୋଡ଼ା ବାଂଶପାଣି ରେଳ ସାଇଡ଼ିଂରୁ ଗାଡି ନମ୍ବର ଓଡି ୦୯ ଭି ୦୦୧୩ ବିଶିଷ୍ଟ ଏକ ୧୪ ଚକିଆ ଆଇରନ ବୋଝେଇ ଟ୍ରକଟି ବେଆଇନ ଭାବେ ଖଣିଜ ଚୋରା ଚାଲାଣ କରୁଥିବା ବେଳେ ଗାଡିଟି ବ୍ରେକ୍ ଡାଉନ ହୋଇଯାଇଥିଲା। ରାତ୍ରି ପାଟ୍ରୋଲିଂ ସମୟରେ ପୁଲିସର ନଜର ଗାଡିଉପରେ ପଡିଥିଲା। ପୁଲିସ ଗାଡିଟିକୁ ଜବତ କରି ମାଲିକ ଉମର ଏହମେଦ ଏବଂ ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ନାମରେ ମାମଲା ରୁଜୁକରିଛି।

## ଫାଇଲେରିଆ ନିରାକରଣ ଔଷଧ ସେବନ କାର୍ଯ୍ୟକ୍ରମ



ଚମ୍ପୁଆ,୧୧।୮ (ସମିସ): ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୈଜନ୍ୟରୁ ଚମ୍ପୁଆ ବ୍ଲକରେ ଫାଇଲେରିଆ ନିରାକରଣ ପାଇଁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ୧୧ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା କାର୍ଯ୍ୟକ୍ରମରେ ବ୍ଲକ ପ୍ରଶାସନ ଓ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଜାମୁଦଳକ ସ୍ଥିତ ଅଲହେରା ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଭଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଓମପ୍ରକାଶ ବାରିକ ଏହି ରୋଗର ଭୟାବହତା ବିଷୟରେ ଅବଗତ କରିବା ସହିତ ଔଷଧ ସେବନ ଦ୍ୱାରା ଏହାର ନିରାକରଣ କରାଯାଇପାରିବ ବୋଲି ପରାମର୍ଶ ପ୍ରଦାନ କରିଥିଲେ। ସେହିପରି ଚମ୍ପୁଆ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ସାହୁ ଫାଇଲେରିଆର ସମୂଳ ନାଶ ପାଇଁ ଔଷଧ ସେବନ ଓ ଆଗାମୀ ଦିନରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ କର୍ମି ମାନେ ସମସ୍ତଙ୍କୁ ଔଷଧ ଖୁଆଇବେ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପରିଚାଳକ, ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ



ଆନନ୍ଦପୁର,୧୧।୮ (ସମିସ): ଦୁଇବର୍ଷ ତଳେ ଝାଡ଼ଖଣ୍ଡରେ ଅପୂର୍ବ ସାହସ ଓ ବିରତ୍ୱର ସହିତ ଶତ୍ରୁମାନଙ୍କ ବିରୋଧରେ ସଂଗ୍ରାମ କରି ମାତୃଭୂମି ପାଇଁ ପ୍ରାଣବଳୀ ଦେଇଥିବା ଆନନ୍ଦପୁର ମାଟିର ପୁଅ ସହିଦ ସୁଶାନ୍ତ ଖୁଣ୍ଟିଆଙ୍କ ଦ୍ୱିତୀୟ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସୀମାନ୍ତ ସୁରକ୍ଷା ବାହିନୀର ସମ୍ବଲପୁର ଗ୍ରୁପ ପକ୍ଷରୁ ସ୍ୱର୍ଗତଃ ଖୁଣ୍ଟିଆ ଅଧ୍ୟୟନ କରିଥିବା ଆନନ୍ଦପୁର ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ନିରାଡ଼ମ୍ବର ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ସୀମାନ୍ତ ସୁରକ୍ଷା ବାହିନୀର ଉଚ୍ଚ ପଦାଧିକାରୀମାନେ ଯୋଗଦେଇ ସହିଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହିତ ତାଙ୍କର ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶୈବାଳିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସହିଦଙ୍କ ଧର୍ମପତ୍ନୀ ଓ ଆତ୍ମୀୟମାନେ ଯୋଗଦେଇଥିଲେ। ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ରମାକାନ୍ତ ନାୟକ, ବି ଏନ ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ପବିତ୍ର ମୋହନ ବେହେରା, ମମତାରାଣୀ ଜେନା, ପ୍ରତାପ ରାମଙ୍କ ସମେତ ବିଦ୍ୟାଳୟର ଏନସିସି କ୍ୟାଡେଟ ଓ ଛାତ୍ରମାନେ ଯୋଗଦେଇ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଯୋଡ଼ା,୧୧।୮ (ସମିସ): ରୁଙ୍ଗଟା ସନ୍ସ ପ୍ରାଇଭେଟ ଲିମିଟେଡ ଓରାଘାଟ ଲୌହ ଖଣି ତରଫରୁ ଔଦୋଗିକ ସାମାଜିକ ଦାୟିତ୍ୱ ବୋଧ ଯୋଜନାରେ ଓରାଘାଟ, ଗୋପିସାହି, ଜଡିପଦା ଗ୍ରାମରେ ମ୍ୟାଲେରିଆ, ଡେଙ୍ଗୁ, ଡାଏରିଆ ଓ କାମଳ ରୋଗ ସମ୍ବନ୍ଧରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪ଟି ରୋଗର ଲକ୍ଷଣ, ପ୍ରତିକାର ଓ ଚିକିତ୍ସା ସମ୍ବନ୍ଧରେ ଡା. ମୁକ୍ତିକାନ୍ତ ମହାନ୍ତି ଲୋକମାନଙ୍କୁ ସଚେତନ କରିଥିଲେ। ନିଜ ପରିବେଶକୁ ନିର୍ମଳ ଓ ସଫାସୁତୁରା ରଖିବା ସହିତ ପରିବାର ଏବଂ ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ସିଏସଆର ବିଭାଗର ମୁଖ୍ୟ ଡ. ଅଞ୍ଜନ କୁମାର ଲେଙ୍କା କହିଥିଲେ। କାର୍ଯ୍ୟକ୍ରମ ଖଣି ପରିଚାଳକ ସୁଭାଷ ଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନରେ କରାଯାଇଥିଲା। ଓରାଘାଟ ଖଣି ତରଫରୁ ସମୀରଞ୍ଜନ ଦାସ, ରାମେଶ୍ୱର ପାଇକରାୟ, ଅରୁଣ କୁମାର ଲାଲାଙ୍କ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିଭିନ୍ନ ସ୍ଥାନରେ ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା




ଆନନ୍ଦପୁର,୧୧।୮ (ସମିସ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଘଷିପୁରାଠାରେ ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନମେଳା ଅନୁଷ୍ଠିତ ହୋଇଛି। ଏହି ଅବସର ଆନନ୍ଦପୁର ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶରତ ଚନ୍ଦ୍ର ରାଉତ ମୁଖ୍ୟଅତିଥି ରୂପେ ଏବଂ ନିରାକର ସାହୁ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ରଶ୍ମୀରଞ୍ଜନ ନନ୍ଦ, ସଭାପତି ମଦନ ମୋହନ ରାଉତ ଏବଂ କୋଷାଧକ୍ଷ ଅକ୍ଷୟ କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ବାବାଜୀ ପଣ୍ଡା ଅତିଥି ମାନଙ୍କର ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ତପନ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହେଇଥିଲା। ୧୦ଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ୭୦ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଜ୍ଞାନ ମେଳା ହେବା ଫଳରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା ହୋଇଥାଏ ବୋଲି ଅତିଥିଗଣ ମତ ଦେଇଛନ୍ତି। ପରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଅତିଥି ମାନେ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଚାର୍ଯ୍ୟା ନମିତା ମିଶ୍ର, ଗୀତାଞ୍ଜଳି ରଣା, ପ୍ରତିମା ବାରିକ, ମନୋରମା ମହାପାତ୍ର, ସସ୍ମିତାରାଣୀ ପତି, ପ୍ରମୋଦିନୀ ଓଝା ଏବଂ ଗୁରୁଜୀ ଭାନୁଦେବ ସାହୁ, ଦୟା ନନ୍ଦ ସାହୁ, ମନୋରଞ୍ଜନ ସା, ଦେବେନ୍ଦ୍ର କୁମାର ମିଶ୍ର ଏବଂ ଭାଗିରଥି ରାଉତ ପ୍ରମୁଖ ଓ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

**ବେଲବାହାଲି:** ଘସିପୁରା ବ୍ଲକ ଅଧୀନ ଭଣ୍ଡାରଡିହା ସରସ୍ୱତୀ ଶିଶୁ ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ



ହୋଇଯାଇଛି। ଏଥିରେ ୬୦ରୁ ଅଧିକ ପ୍ରକଳ୍ପ ଶିଶୁ ଭାଇଭଉଣୀଙ୍କ ପ୍ରଦର୍ଶିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସରକାରୀ ଭଗବତୀ ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଧର ସାହୁ, ଭଣ୍ଡାରିଡିହା ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ ଦାଶ, ବିଦ୍ୟାଳୟର ସମ୍ପାଦକ ବିପିନ୍ ବିହାରୀ ରାଉତ ଓ ବିଦ୍ୟୁତ୍ ପରିଷଦର ସଭ୍ୟା ଆରତୀ ପାଇକରାୟ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ। ପ୍ରଧାନଆଚାର୍ଯ୍ୟା ସୁଲୋଚନା ପଣ୍ଡା ଅତିଥି ପରିଚୟ କରିଥିଲେ। ପ୍ରାରମ୍ଭ ଶ୍ରେଣୀରୁ ସପ୍ତମ ଶ୍ରେଣୀ ୬୦ଟି ପ୍ରକଳ୍ପକୁ ସମସ୍ତ ଗୁରୁଜୀ, ଗୁରୁମାଙ୍କ ଦ୍ୱାରା ସୁନ୍ଦର ଭାବରେ ବ୍ୟବସ୍ଥିତ କରି କାର୍ଯ୍ୟକ୍ରମକୁ ଆଗେଇ ନେଇଥିଲେ।

**ଡୁରୁମୁଙ୍ଗା:** କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅଧୀନ ଡୁରୁମୁଙ୍ଗା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବକୁ ସ୍ଥାନୀୟ ଦଧିବାମନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଡୁରୁମୁଙ୍ଗାର ପ୍ରାଣୀ ବିଜ୍ଞାନ ବିଭାଗର ଅବସରପ୍ରାପ୍ତ ପ୍ରାଧାପକ ଡ. କୁଳମଣି ପ୍ରଧାନ ଶୁଭାରମ୍ଭ କରି ଶିଶୁ ବୈଜ୍ଞାନିକମାନଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁମା ପଦ୍ମାଳୟା ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ କରିଥିଲେ। ଜ୍ଞାନବିଜ୍ଞାନ ମେଳାରେ ଡୁରୁମୁଙ୍ଗା ସଙ୍କୁଳ ଅଧୀନ ଡୁରୁମୁଙ୍ଗା, ସାହାରପଡ଼ା, ଗଦଗଦି, ମୁରୁସୁଆଁ, ଖିରେଇଟଙ୍ଗିରି ବିଦ୍ୟାଳୟରୁ ୨୨୭ଜଣ ଭାଇଭଉଣୀ ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରଶ୍ନମଞ୍ଚ, ବିଜ୍ଞାନ ପ୍ରଶ୍ନମଞ୍ଚ, ପ୍ରୟୋଗ, ଗଣିତ ପ୍ରୟୋଗ ଓ ପତ୍ରବାଚନ, ମୂର୍ତ୍ତୀକଳା, ନୃତ୍ୟ ଓ ଗଳ୍ପ କଥନରେ ଭାଗ ନେଇଥିଲେ। ବିଜ୍ଞାନ ମେଳାରେ ବିଚାରକ ଭାବରେ ବିଭିନ୍ନ ମାଧ୍ୟମିକ ବିଦ୍ୟାଳୟର ଶିକ୍ଷକ କିଶୋର ଚନ୍ଦ୍ର ମହାନ୍ତ, କରୁଣାକର ମିଶ୍ର, ମହେନ୍ଦ୍ର କୁମାର ମହାନ୍ତ, ଲୀଳାବତୀ ନାୟକ, ଦିବାକର ମହାନ୍ତ, ସୁନୀଲ କୁମାର ସର୍ଦ୍ଦାର, ଚନ୍ଦନ କୁମାର ସ୍ୱାଇଁ, ବିରଞ୍ଚି ମହାରଣା, ଅଜୟ କୁମାର ସାହୁ, ସଞ୍ଜୟ ଖିଲାର, ଯୁଧିଷ୍ଠିର ମହାନ୍ତ, କ୍ରିଷ୍ଣା କବି, ରଶ୍ମିରେଖା ମାରଦି ପ୍ରମୁଖ ବିଚାରକ ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ମନୋନୀତ କରିଥିଲେ। ଯେଉଁମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେମାନେ ଚମ୍ପୁଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଷ୍ଠିତ ହେବାକୁ ଥିବା ବିଭାଗସ୍ତରୀୟ ଜ୍ଞାନବିଜ୍ଞାନ ମେଳାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ସାହୁ, ଉପସଭାପତି ସୁଧାଂଶୁ ଶେଖର ସାହୁ, ପୂର୍ବପରିଚଳନା ସମିତିର ସଭାପତି କୁଳମଣି ସାହୁ, ଉପସଭାପତି ମହେନ୍ଦ୍ର କୁମାର ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।



## ପୁନଃ ଚାଲୁହେଲା ଡାକଘରେ ରେଳ ଟିକଟ ବିକ୍ରି



ଆଠମଲ୍ଲିକ,୧୧।୮ (ସମିସ): ଆଠମଲ୍ଲିକ ଉପଖଣ୍ଡ ଅଧିବାସୀଙ୍କ ହିତ ଦୃଷ୍ଟିରୁ ଭାରତୀୟ ରେଳ ବିଭାଗ ପକ୍ଷରୁ ରେଳ ଟିକଟ ବିକ୍ରି ପାଇଁ ୨୦୧୮ ରୁ ଡାକଘରେ ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା। ଜଣେ ରେଳଯାତ୍ରା କରିବାକୁ ହେଲେ ତାଙ୍କର ସାଧାରଣ ଟିକଟ ଓ ରିଜର୍ଭେସନ ଟିକଟ ଡାକଘରେ କରିବାର ସୁବିଧା ଉପଲବ୍ଧ ହୋଇଥିଲା। କିନ୍ତୁ ଚଳିତବର୍ଷ ଜୁଲାଇ ୧୯ ତାରିଖ ଏହି ସମସ୍ତ ସୁବିଧାକୁ ରେଳ ବିଭାଗ ହଠାତ ବନ୍ଦ କରିଦେଇଥିଲା। ଇଷ୍ଟକୋଷ୍ଟ ରେଲୱେ ସମ୍ବଲପୁର ଡିଭିଜନର ଡିଭିଜିନାଲ କମରସିଆଲ ରେଲୱେ ମ୍ୟାନେଜର ଢେଙ୍କାନାଳ ପୋଷ୍ଟାଲ ସୁପରିଟେଣ୍ଡେଣ୍ଟଙ୍କୁ ପତ୍ର ମାଧ୍ୟମରେ ଆଠମଲ୍ଲିକ ଡାକଘରେ ଟିକଟ ବିକ୍ରି ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକଘରେ ରେଳ ଟିକଟ ବିକ୍ରି ବନ୍ଦହେବା ଖବର ସାଧାରଣରେ ପ୍ରଚାର ହେବାପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏ ନେଇ ସ୍ଥାନୀୟ ଜନସାଧାରଣ ପ୍ରଶାସନ, ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରମୁଖଙ୍କୁ ଅଭିଯୋଗ କରିଥିଲେ। ସାଂସଦ ଏହି ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ କରିଥିଲେ। ଫଳ ସ୍ୱରୂପ ସୋମବାରଠାରୁ ଆସନ୍ତା ୬ ମାସ ପର୍ଯ୍ୟନ୍ତ ଡାକଘରେ ପୁନଃ ରେଳ ଟିକଟ ବିକ୍ରି ହେବବୋଲି ରେଳ ବିଭାଗ ନିଷ୍ପତ୍ତି ନେଇଛି। ସୋମବାର ଆଠମଲ୍ଲିକ ଡାକଘରେ ରେଳ ଟିକଟ ବିକ୍ରି ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ଦୁର୍ଘଟଣାରେ ୨ ଗୁରୁତର

ଗଁଦିଆ,୧୧।୮ (ସମିସ): ସୋମବାର ସନ୍ଧ୍ୟାରେ ଗଁଦିଆ ଥାନା ସାପୁଆ ନାଳ ନିକଟରେ ସଡ଼କ ଦୁର୍ଘଟଣା ଘଟି ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ସେମାନଙ୍କ ପରିଚୟ ମିଳିନାହିଁ। ସୂଚନା ଅନୁଯାୟୀ, ଗୋଟିଏ ବାଇକରେ ଦୁଇ ଯୁବକ ବିଧାରପୁର ପଟୁ ଆସୁଥିବା ବେଳେ ସାପୁଆ ନାଳ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ରାସ୍ତାର ଡାହାଣ ପଟରେ ଥିବା ଗଛରେ ଧକ୍କା ହୋଇ ରାସ୍ତା କଡ଼ ଡ୍ରେନରେ ଖସିପଡ଼ିଥିଲେ। ଖବର ପାଇ ଗଁଦିଆ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗଁଦିଆ ଅଗ୍ନିଶମ ବାହିନୀ ସହାୟତାରେ ଉଭୟଙ୍କୁ ଉଦ୍ଧାର କରି ଶ୍ରୀରାମଚନ୍ଦ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଛି।

● ରାତି ପାହିଲେ କିସ୍ତି; ସ୍ୱାମୀ ସହ କଳି

## ନିଜ ଦେହରେ ନିଆଁ ଲଗାଇ ମହିଳା ଗୁରୁତର



ଭୁବନ,୧୧।୮ (ସମିସ): ଭୁବନ ଏନ୍‌ଏସି ଅନ୍ତର୍ଗତ ପୁରୁଣା ଥାନା ସମ୍ମୁଖରେ ପାରିବାରିକ କଳହକୁ ନେଇ ରବିବାର ସନ୍ଧ୍ୟାରେ ଜଣେ ମହିଳା ନିଜ ଦେହରେ ନିଆଁ ଲଗାଇ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ସେ ହେଲେ ଅଜୟଙ୍କ ସ୍ତ୍ରୀ ପ୍ରେମଲତା। ତାଙ୍କ ଶରୀରର ୫୦ ପ୍ରତିଶତ ପୋଡ଼ିଯାଇଛି। ପ୍ରଥମେ ତାଙ୍କୁ ଭୁବନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ଏସ୍‌ସିବି ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରାତି ସାଢ଼େ ୯ଟାରେ ପୁଲିସ ଓ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଅଜୟଙ୍କର ଏକ ଅଟୋ ଥିଲା। ତେବେ ସେଥିରୁ ବିଶେଷ ରୋଜଗାର ନ ମିଳିବାରୁ ଅଟୋକୁ ବିକ୍ରି କରିଦେଇଥିଲେ। ଏବେ ସେ ଅନ୍ୟ ମାଲିକଙ୍କ ଟ୍ରକ୍ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି। ହେଲେ କିଛି ମାସ ହେଲା ଟ୍ରକରୁ ମଧ୍ୟ ରୋଜଗାର ମିଳୁନାହିଁ। ପରିବାର ଅଭାବ ଅନଟନ ଭିତରେ ଚାଲୁଥିବା ବେଳେ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥାରୁ ଆଣିଥିବା ଋଣ ବୋଝ ଉପରେ ନଳିତାବିଡ଼ା ସଦୃଶ ହୋଇଛି। ଏଲ୍ ଏଣ୍ଡ ଟି ଫାଇନାନ୍ସ କମ୍ପାନୀରୁ ଆଣିଥିବା ଗ୍ରୁପ ଋଣର କିସ୍ତି ଦେବାକୁ ପଡୁଥିବା ବେଳେ ସ୍ୱାମୀ ବେରୋଜଗାର ଥିବାରୁ ତାହା ସମ୍ଭବ ହେଉ ନ ଥିଲା। ଏ ନେଇ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। ସୋମବାର କିସ୍ତି ପାଳି ଥିବା ଏବଂ ଘରେ ଟଙ୍କା ନ ଥିବାରୁ ଲୋକଲଜ୍ଜା ଭୟରେ ପ୍ରେମଲତା ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ତାଙ୍କ ୭ ବର୍ଷର ପୁଅ ଚିତ୍କାର କରି ଡାକିବାରୁ ପଡ଼ୋଶୀ ଆସି ନିଆଁ ଲିଭାଇବା ସହ ଡାକ୍ତରଖାନା ନେଇଥିଲେ।

## ପ୍ରସୂତି ବିଭାଗ ଡାକ୍ତରଙ୍କ ମନମାନି

# ଫେରିଗଲେ ୭୦ରୁ ଊର୍ଦ୍ଧ୍ୱ ଗର୍ଭବତୀ

ପାଲଲହଡ଼ା,୧୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ୧୦୦ ଶଯ୍ୟା ବିଶିଷ୍ଟ ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ଅଛନ୍ତି ମାତ୍ର ୭ ଡାକ୍ତର। ଏହି ଡାକ୍ତରଖାନା ଉପରେ ଆଖପାଖ ଅଞ୍ଚଳର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରୁଥିବା ବେଳେ ଆବଶ୍ୟକ ଡାକ୍ତର ନ ଥିବାରୁ ଅନେକ ସମୟରେ ରୋଗୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଡାକ୍ତରଖାନାର ସ୍ତ୍ରୀ ଓ ପ୍ରସୂତି ବିଭାଗ ଅବସ୍ଥା ନ କହିବା ଭଲ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ଏହି ବିଭାଗରେ ଜଣେ ଡାକ୍ତର ନିଯୁକ୍ତ ହୋଇଛନ୍ତି। ତେବେ ମାସକୁ ଅନେକ ଦିନ ଅନୁପସ୍ଥିତ ରହୁଥିବା ବେଳେ ଅନେକ ସମୟରେ ରୋଗୀଙ୍କଠାରୁ ଆରମ୍ଭ କରି ଆଶାକର୍ମୀ ତଥା କର୍ମଚାରୀଙ୍କ ସହିତ ଗଣ୍ଡଗୋଳ କରି ବାରମ୍ବାର ବିବାଦରେ ଛନ୍ଦି ହୋଇ ପଡ଼ିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ହୁଅନ୍ତୁ ବା ଜିଲ୍ଲାପାଳଙ୍କ ତାଗିଦକୁ ମଧ୍ୟ ସେ ଖାତିର କରୁ ନ ଥିବା ଦେଖିବାକୁ ମିଳୁଛି।

ପାଲଲହଡ଼ା ଉପଖଣ୍ଡ ଡାକ୍ତରଖାନା ଅଧୀନରେ ପ୍ରତି ମାସ ୯ ତାରିଖ ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନ କାର୍ଯ୍ୟକ୍ରମ (ପିଏମ୍‌ଏସ୍‌ଏମ୍‌ଏ) ରଖାଯାଇଥାଏ। ଏହି କ୍ୟାମ୍ପର ମୁଖ୍ୟ ଉଦ୍ଦେଶ୍ୟ ହେଲା ମାଆମାନଙ୍କୁ



ଉତ୍ତମ ଚିକିତ୍ସା ପ୍ରଦାନ କରିବା, ମାଗଣା ଔଷଧ ପ୍ରଦାନ କରିବା ଓ ମାତୃତ୍ୱକୁ ସୁରକ୍ଷା ଦେବା। ଆଶା କର୍ମୀମାନଙ୍କଠାରୁ ଖବର ପାଇ ବହୁ ଦୂରଦୂରାନ୍ତରୁ ଖରାତରାରେ ୭୦ରୁ ଊର୍ଦ୍ଧ୍ୱ ପ୍ରସୂତି ମହିଳା ଏହି କ୍ୟାମ୍ପରେ ଯୋଗ ଦେବା ପାଇଁ ଧାର୍ଯ୍ୟ ସମୟ ସୋମବାର ସକାଳ ୧୦ଟା ପୂର୍ବରୁ ପହଞ୍ଚିଥିଲେ। ଦାୟିତ୍ୱରେ ଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ୬୮ ଜଣ ପ୍ରସୂତିଙ୍କ ପଞ୍ଜୀକରଣ କରାଇଥିଲେ। ହେଲେ ବିଭାଗୀୟ ଡାକ୍ତର ପିଠାଚରଣ ମୁର୍ମୁ ଡାକ୍ତରଖାନାକୁ ଆସି ମାତ୍ର ୧୦/୧୫ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି କୁଆଡ଼େ ଚାଲିଯାଇଥିଲେ। ଦୀର୍ଘ ୫ ଘଣ୍ଟା ପର୍ଯ୍ୟନ୍ତ ସେ ଆଉ କ୍ୟାମ୍ପକୁ ଫେରି ନ ଥିଲେ। ଫଳରେ ପ୍ରସୂତିମାନେ ସକାଳ ଅପରାହ୍ନ ୩ ଯାଏ ଅପେକ୍ଷା କରି ଶେଷରେ ନିରାଶ ହୋଇ ଫେରିଯାଇଥିଲେ। ଡାକ୍ତର ମୁର୍ମୁଙ୍କ ଏ ପ୍ରକାର ଦାୟିତ୍ୱହୀନ କାର୍ଯ୍ୟକଳାପକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଏ ସମ୍ପର୍କରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ବିଶ୍ୱନାଥ ମୁର୍ମୁଙ୍କ ସହ ଯୋଗାଯୋଗ କରିବାରୁ କହିଲେ, ଘଟଣା ସମ୍ପର୍କରେ ଅବଗତ ଅଛି, ଉପରିସ୍ଥ ଅଧିକାରୀମାନଙ୍କୁ ଜଣାଇଛି। ଆଗକୁ ଏପରି ଅବ୍ୟବସ୍ଥା ନ ହେବା ପାଇଁ ସଜାଗ ରହିବାକୁ ସମ୍ପୃକ୍ତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

## ଶଙ୍ଖମୁର ସମିତିସଭ୍ୟଙ୍କୁ ମରଣାନ୍ତକ ଆକ୍ରମଣ

### ୨୪ ଘଣ୍ଟାରେ ଅଭିଯୁକ୍ତଙ୍କୁ ଗିରଫ ନ କଲେ ଥାନା ଘେରିବ ବିଜେଡି



ପାଲଲହଡ଼ା/ଖମାର,୧୧।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ଖମାର ଥାନା ଅନ୍ତର୍ଗତ ଶଙ୍ଖମୁର ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟ ନୀଳମାଧବ ପ୍ରଧାନଙ୍କୁ ୧୫ରୁ ଊର୍ଦ୍ଧ୍ୱ ଯୁବକ ମରଣାନ୍ତକ ଆକ୍ରମଣ କରିଛନ୍ତି। ଏଥିରେ ନୀଳମାଧବ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଖମାର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ଅନ୍ୟପଟେ ଏହି ଘଟଣାରେ ପୁଲିସ ୨୪ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ ନ କଲେ ପାଲଲହଡ଼ା ବିଜେଡି ଥାନା ଘେରଉ କରିବ ବୋଲି ଚେତାବନୀ ଦେଇଛି। ଅଭିଯୋଗ ଅନୁଯାୟୀ, ନୀଳମାଧବଙ୍କ ଘର ଶଙ୍ଖମୁର ଗାଁରେ ହୋଇଥିବା ବେଳେ ରବିବାର ସନ୍ଧ୍ୟା ୭ଟାରେ ସେ ହାଇସ୍କୁଲ ଛକ ନିକଟରେ ବୈଦ୍ୟନାଥପୁର ଗାଁର ଉମାକାନ୍ତ ତ୍ରିପାଠୀଙ୍କ ସହ ନିଜ କାର ଭିତରେ ବସିଥିଲେ। ଏହି ସମୟରେ ଶଙ୍ଖମୁର ଗାଁର ବବଲୁ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ବେସାଲିଆ ଗାଁର ବିଭୂତି ପ୍ରଧାନଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ଯୁବକ କାର ନିକଟକୁ ଆସି ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ନୀଳମାଧବ ଏହାର ପ୍ରତିବାଦ କରିବା ସହ କାହିଁକି ଗାଳି କରୁଛ ପଚାରିବାରୁ ବବଲୁ ଏକ ବାଡ଼ିରେ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଅନ୍ୟମାନେ ତାଙ୍କୁ ଧକ୍କାମାରି ତଳେ ପକାଇ ମାଡ଼ ମାରିଥିଲେ। କୌଣସି ପ୍ରକାରେ ନୀଳମାଧବ ଜୀବନ ବଞ୍ଚାଇ ପ୍ରଥମେ ଡାକ୍ତରଖାନାରେ ପହଞ୍ଚିଥିଲେ। ପ୍ରାଥମିକ ଚିକିତ୍ସା ପରେ ରାତିରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପାଲଲହଡ଼ା ବିଜେଡି ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହିତ ଏହା ରାଜନୈତିକ ଆକ୍ରୋସ ମୂଳକ ଆକ୍ରମଣ ବୋଲି ଅଭିଯୋଗ କରିଛି। ଅଭିଯୁକ୍ତଙ୍କୁ ୨୪ ଘଣ୍ଟା ମଧ୍ୟରେ ଗିରଫ କରା ନ ଗଲେ ପୂର୍ବତନ ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲଙ୍କ ନେତୃତ୍ୱରେ ଖମାର ଥାନା ଘେରଉ କରାଯିବ ବୋଲି ବିଜେଡି ବ୍ଲକ ସଭାପତି ରଞ୍ଜିତ କୁମାର ବିଶ୍ୱାଳ ଥାନା ଅଧିକାରୀଙ୍କୁ ଲିଖିତ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ନୀଳମାଧବ ପ୍ରଭାତ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ ଏବଂ ବିଭୂତି ପ୍ରଧାନଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ପାଲଟା ଅଭିଯୋଗ ମଧ୍ୟ ହୋଇଛି।

## ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ଆଇଓସିଏଲର ତନାଘନା

ଅନୁଗୋଳ/ନାଲକୋ ନଗର, ୧୧।୮ (ସମିସ): ଶନିବାର ବିଳମ୍ବିତ ରାତିରେ ନାଲକୋ ନଗର ଥାନା ଅନ୍ତର୍ଗତ କୁଲାଡ଼ ଗ୍ରାମରେ ଘରୋଇ ଗ୍ୟାସ ଟାଙ୍କି ବିସ୍ଫୋରଣରେ ପରିବାରର ୩ଜଣ ବ୍ୟକ୍ତି ଗୁରୁତର ଆହତ ହୋଇ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ତେବେ ଏହି ଗ୍ୟାସ ଦୁର୍ଘଟଣା ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ବିସ୍ଫୋରଣର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ ଏହାକୁ ଆଇଓସିଏଲର ଇଣ୍ଡେନ ଗ୍ୟାସ ବିଭାଗ ଗୁରୁତ୍ୱର ସହ ନେଇ ତନାଘନା ଆରମ୍ଭ କରିଛି। ସ୍ଥାନୀୟ ବିତରକଙ୍କୁ ଭୁବନେଶ୍ୱର ଡକାଇ ଘଟଣା ସମ୍ପର୍କରେ ଏବଂ କ୍ଷତିଗ୍ରସ୍ତ ପରିବାର ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ମାତ୍ର ଏହି ଘଟଣା ସମ୍ପର୍କରେ କୌଣସି ସୂଚନା ନ ଥିବା ବଅଁରପାଳ ବ୍ଲକ ଯୋଗାଣ ଅଧିକରୀ ସାରଦା ଦଳେଇ ପ୍ରକାଶ କରିଛନ୍ତି। ବଅଁରପାଳ ବ୍ଲକ ଅଞ୍ଚଳରେ ପେଟ୍ରୋଲ ଓ ଗ୍ୟାସ ବିତରଣରେ ଅନିୟମିତା ନେଇ ଦୀର୍ଘଦିନ ହେବ ଅଭିଯୋଗ ହୋଇଆସୁଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳୁନାହିଁ। ସୂଚନାଯୋଗ୍ୟ, କୁଲାଡ଼ ଗାଁ ବ୍ରାହ୍ମଣୀ ଦେବୀ ପୀଠ ସମ୍ମୁଖ ଏକ ଆଜବେଷ୍ଟସ ଘରେ ଶନିବାର ବିଳମ୍ବିତ ରାତିରେ ଗ୍ୟାସ

● ଯୋଗାଣ ବିଭାଗ ପାଖରେ ଖବର ନାହିଁ

● ଗୁରୁତରଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ

ସିଲିଣ୍ଡର ଫାଟି ପରିବାରର ବିଭୂତି ଭୂଷଣ ପ୍ରଧାନ (୫୫), ତାଙ୍କ ସ୍ତ୍ରୀ ରତ୍ନମଞ୍ଜରୀ ପ୍ରଧାନ (୫୩) ଓ ପୁଅ ଜିଗ୍ନେଶ ପ୍ରଧାନ (୨୦) ଗୁରୁତର ଆହତ ହୋଇଥିଲେ। ରତ୍ନମଞ୍ଜରୀଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଥିବା ତାଙ୍କ ସମ୍ପର୍କୀୟ ସୂଚନା ଦେଇଛନ୍ତି। ଅନ୍ୟପଟେ ବିଭୂତି ଓ ଜିଗ୍ନେଶ ମଧ୍ୟ ସଙ୍କଟାପନ୍ନ ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି।

## ବ୍ରାଉନସୁଗର ଜବତ; ଜଣେ ଗିରଫ

ହିନ୍ଦୋଳ/ଖଜୁରିଆକଟା,୧୧।୮ (ସମିସ): ସୋମବାର ସନ୍ଧ୍ୟାରେ ରାସୋଳ ଥାନା ପୁଲିସ ଅସନବଣିଆଠାରେ ଗାଡ଼ିମଟର ଯାଞ୍ଚ କରୁଥିବା ଏକ ବାଇକ୍‌ରୁ ୪୦.୬୦ ଗ୍ରାମ ବ୍ରାଉନସୁଗର ଜବତ କରିଛି। ବାଇକ୍‌ରେ ଥିବା ଦୁଇଜଣଙ୍କ ମଧ୍ୟରୁ ଜଣେ ଫେରାର ହୋଇଯାଇଥିବା ବେଳେ ପୁଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା କୁଶାପାଳ ଗ୍ରାମର ସେକ୍ ସରାଜୁନ (୩୦)। ଏ ନେଇ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏ ବ୍ରାଉନସୁଗର କେଉଁଠାରୁ କାହା ପାଖକୁ ଯାଉଥିଲା ତାହା ସ୍ପଷ୍ଟ ହୋଇନାହିଁ। ହିନ୍ଦୋଳ ଅଞ୍ଚଳରେ ଧୀରେ ଧୀରେ କାୟା ବିସ୍ତାର କରୁଥିବା ବ୍ରାଉନସୁଗର କାରବାରରେ ରୋକ ଲଗାଇବା ପାଇଁ ଦାବି ହେଉଛି।

## ଘରେ ଘରେ ତ୍ରିରଙ୍ଗା, ଘରେ ଘରେ ସ୍ୱଚ୍ଛତା



ଢେଙ୍କାନାଳ,୧୧।୮ (ସମିସ): ଢେଙ୍କାନାଳ ପୌରପାଳିକା ପକ୍ଷରୁ ସହରକୁ ସ୍ୱଚ୍ଛ ଓ ସୁନ୍ଦର ଗଢ଼ିତୋଳିବାକୁ ସଫେଇ ଓ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବସଷ୍ଟାଣ୍ଡଠାରୁ ସଚେତନତା ଶୋଭାଯାତ୍ରା ବାହାରି ଢେଙ୍କାନାଳ କଲେଜ ବାଇପାସ ପର୍ଯ୍ୟନ୍ତ, ବାଜିଚୌକରୁ ବାହାରି ହାଟରୋଡ ପର୍ଯ୍ୟନ୍ତ ଓ କାଲଟାକ୍ସଠାରୁ କୋରିଆଁ ବାଇପାସ ପର୍ଯ୍ୟନ୍ତ ଯିବା ସହ ପଲିଥିନ ବା ପ୍ଲାଷ୍ଟିକ ବ୍ୟବହାର ନ କରିବା, ଅଳିଆକୁ ବାହାରେ ନ ପକାଇ ଡଷ୍ଟବିନରେ ପକାଇବା ସହିତ ଅଳିଆ ଗାଡ଼ିରେ ପକାଇବା ପାଇଁ ବ୍ୟବସାୟୀମାନଙ୍କୁ ସଚେତନ କରାଯାଇଥିଲା। ପୌରାଧକ୍ଷା ଜୟନ୍ତୀ ପାତ୍ର, ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ପୌରଯନ୍ତ୍ରୀ ରଶ୍ମିତା ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ସମସ୍ତ ପୌର କର୍ମଚାରୀ ଓ ସ୍ୱଚ୍ଛସାଥୀ ସହରରେ ସଚେତନତା ବାର୍ତ୍ତା ଦେଇଥିଲେ।

## ଖୁଦୁରୁକୁଣୀଙ୍କ ଓଷା ଆରମ୍ଭ



ଗଁଦିଆ,୧୧।୮ (ସମିସ): ଭାଦ୍ରବ ମାସ ପ୍ରଥମ ରବିବାରଠାରୁ ପୁରପଲ୍ଲୀରେ ଆରମ୍ଭ ହୋଇଛି ଖୁଦୁରୁକୁଣୀ ଓଷା। ଗୋଟିଏ ମୂର୍ତ୍ତୀ ମା' ମଙ୍ଗଳା ସିଂହ, ହଂସ ଭଳି ପଶୁପକ୍ଷୀଙ୍କ ଉପରେ ବସିଥିବା। ବେଳେ ଅନ୍ୟ ମୂର୍ତ୍ତିମାନଙ୍କରେ ମା' ଗୋଟିଏ ପୁଅକୁ କୋଳରେ ଧରିଥିବା ଦୃଶ୍ୟ ମୁଖ୍ୟ ଆକର୍ଷଣ ହୋଇଥିଲା। କୃଷିଜୀବୀ ପରିବାରର ମଙ୍ଗଳ ପାଇଁ କୁମାରୀ ଝିଅଙ୍କ ଦ୍ୱାରା ପୂଜିତ ହେଉଥିବା ମା'ଙ୍କ ପୂଜ ଆଦ୍ୟ ପାର୍ବଣର ମାହୋଲ ଆଣୁଥିବାରୁ ଜନଜୀବନ ବେଶ ପୁଲକିତ ହୋଇଛି।

# ମା' ରାମଚଣ୍ଡୀଙ୍କ ଐତିହାସିକ ଯାତ୍ରା ଆରମ୍ଭ





ଛେଣ୍ଡିପଦା,୧୧।୮ (ସମିସ)

ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ୍ କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ପ୍ରାଚୀନ ତଥା ପ୍ରସିଦ୍ଧ ପୀଠରେ ପ୍ରତିବର୍ଷ ପରି ଚଳିତ ବର୍ଷ ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା ତିଥିରେ ମା'ଙ୍କ ବାର୍ଷିକ ଯାତ୍ରା ମହାଆଡ଼ମ୍ବରରେ ପାଳିତ ହୋଇଛି। ଏହି ଶକ୍ତିପୀଠରେ ଅଧିଆ ପଡ଼ିଲେ ମାନସିକ ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ଏହି କ୍ରମରେ ସୋମବାର ବହୁ ଦୂରଦୂରାନ୍ତରୁ ମାନସିକଧାରୀ ଭକ୍ତମାନେ ଆସି ଅଧିଆ ପଡ଼ିଥିଲେ। ଏହି ପୀଠରେ ଶିବ ଓ ଶକ୍ତି ଉଭୟ ବିରାଜିତ। ଶକ୍ତି ରୂପିଣୀ ରାମଚଣ୍ଡୀ କାଠରେ ନିର୍ମିତ ଛୋଟ ଖୁମ୍ବ ଏବଂ ଅନତି ଦୂରରେ ରହିଛି ପାତାଳଭେଦୀ ଶିବଲିଙ୍ଗ। ଯାହା ଖୁମ୍ବେଶ୍ୱରୀ ନାମରେ ପ୍ରସିଦ୍ଧ। କାଠରେ ନିର୍ମିତ ଛୋଟ ଖୁମ୍ବ ଓସରୁ ଆକୃତି ଏବଂ ୧୬ ଶିରା ବିଶିଷ୍ଟ। ଭକ୍ତମାନେ କେବଳ ରାମଚଣ୍ଡୀଙ୍କୁ ପୂଜା ଉପାସନା କରୁଛନ୍ତି। ମାତ୍ର ଖୁମ୍ବେଶ୍ୱରୀ ହିଁ ବରଦାନ ପୂର୍ବକ ଭକ୍ତର ମନସ୍କାମନା ପୂରଣ କରିଥାନ୍ତି ବୋଲି ବିଶ୍ୱାସ ରହିଛି।

ପ୍ରସିଦ୍ଧ ମା' ରାମଚଣ୍ଡୀ ଶକ୍ତିପୀଠରେ ଧୂଳିଆ ପୂଜା ନାମରେ ହିନ୍ଦୁ ବର୍ଷର ପ୍ରଥମ ପର୍ବ ଆରମ୍ଭ ହୋଇଥାଏ। ପୂଜାଦିନ ପ୍ରତ୍ୟୁଷରେ ଦେହୁରୀ (ପୂଜକ) ପୀଠ ପୂଜା ଓ ବାଲଧୂପ କରନ୍ତି। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତମାନେ ମା'ଙ୍କ ଦର୍ଶନ ଲାଭ କରିଥାନ୍ତି। ରାଜକୀୟ ପରିପାଟୀରେ ଦିଆଣୀ ସଜ୍ଜିତ ହୋଇ ପୀଠକୁ ଆସିଥାନ୍ତି। ଢୋଲ, ନିଶାଣ, ଛତି, ତରାଶ ସହ ଏକ ବିରାଟ ଥାଳିରେ ଦେହୁରୀ ପୂଜାରେ ଭୋଗ ଓ ନିମନ୍ତ୍ରଣ କରିବାକୁ ଦିଆଣୀ ଘରକୁ ଯାଇଥାନ୍ତି। ପରେ ଛୋଟ ଖୁମ୍ବ ଓ ଖୁମ୍ବେଶ୍ୱରୀଙ୍କ ପୂଜାରେ ଦିଆଣୀକୁ ଫଳଚନ୍ଦନ ଦେଇ ପୂଜା କରାଯାଏ। ଏହାକୁ ଯନ୍ତାଳ ପୂଜା କୁହାଯାଏ। ଯନ୍ତାଳ ପରେ ଦିଆଣୀ ଦେହରେ ଠାକୁରାଣୀ ଆବିର୍ଭାବ ହେବା ପରେ ସେ ଗାଡ଼ିଆ ମଧ୍ୟରେ ପାଣି କାଦୁଅରେ ଅଧିଆ ପଡ଼ିଥିବା ଭକ୍ତଙ୍କୁ ଉଠାଇ ପ୍ରସାଦ ଦେଇ ବର ପ୍ରଦାନ କରିଥାନ୍ତି। ଏହି କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ଉଦିତ ପ୍ରଧାନ, ଗ୍ରାମ ସଭାପତି କୃତାର୍ଥ ଦେହୁରୀ, ଟ୍ରଷ୍ଟ ସମ୍ପାଦକ ସିଦ୍ଧାର୍ଥ ଶଙ୍କର ସାହୁ, ଜଙ୍ଗଲୀ ପ୍ରଧାନଙ୍କ ସମେତ କୋଶଳା ଗ୍ରାମ୍ୟକମିଟି ସଦସ୍ୟମାନେ ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସ ପକ୍ଷରୁ ଅନୁଗୋଳ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡାଙ୍କ ନେତୃତ୍ୱରେ ଏସଡିପିଓ ରମାକାନ୍ତ ମାହାଳିକ, ଛେଣ୍ଡିପଦା ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟଙ୍କ ସମେତ ୩ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା।

ଲକ୍ଷାଧିକ ଭକ୍ତଙ୍କ ସମାଗମ

## ବିଶ୍ୱ ଆଦିବାସୀ ଦିବସ ପାଳିତ



ପରଜଙ୍ଗ,୧୧।୮ (ସମିସ): ହିନ୍ଦୁ ସମାଜର ନିଆରା ପରମ୍ପରାର ପ୍ରତୀକ ପବିତ୍ର ବଳଭଦ୍ର ଜନ୍ମ, ଗହ୍ମା ପୂର୍ଣ୍ଣିମା, ରକ୍ଷା ବନ୍ଧନ ଶନିବାର ଦିନ ପ୍ରତ୍ୟେକ ପୁରପଲ୍ଲୀରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି। ଏହି ପବିତ୍ର ପର୍ବରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ଆଖୁଆପାଳ ପଞ୍ଚାୟତ ଅଧୀନ ମୋହନପଶି କେନ୍ଦୁମୁଣ୍ଡା ଆଦିବାସୀ ସମ୍ପ୍ରଦାୟ ବସ୍ତିରେ ପାଳିତ ହୋଇଯାଇଛି ବିଶ୍ୱ ଆଦିବାସୀ ଦିବସ। ଜିଲ୍ଲା ଆଦିବାସୀ ଚେତନା ସଙ୍ଗଠନ ଆନୁକୂଲ୍ୟରେ ସଙ୍ଗଠନର ସଭାପତି ଲାଲମୋହନ ମୁର୍ମୁଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଣମାଧ୍ୟମ ପ୍ରତିନିଧି ନିର୍ମଳ ଗଡ଼ନାୟକ ମୁଖ୍ୟଅତିଥି, ଭୀମସେନ ଖଟୁଆ, ଆଦିବାସୀ ସଙ୍ଗଠନର ସମ୍ପାଦକ ଗଙ୍ଗାଧର ମୁଣ୍ଡା, କାର୍ଯ୍ୟକର୍ତ୍ତା ଗଙ୍ଗାଧର ପୂର୍ତ୍ତି, ଶୋଭନ ମାର୍ଣ୍ଡି, ରେଲା ପୂର୍ତ୍ତି, ଦେବାନନ୍ଦ ଘେର୍ଷା, ଚାନ୍ଦିନୀ କଅଁର, ଗୋଲାପ ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମେ ମହାପୁରୁଷମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଆଦିବାସୀମାନଙ୍କ ମୌଳିକ ସମସ୍ୟା, ଜଙ୍ଗଲ ଜମି ଅଧିକାର ଆଦି ସମ୍ପର୍କରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଯୁବ ସମାଜସେବୀ ସମୀର ସାହୁ ଆଦିବାସୀଙ୍କ ମେଳରେ ଯୋଗଦେଇ ଆଦିବାସୀଙ୍କ ମାଦଳ ଢୋଲର ତାଳେ ତାଳେ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ।

## ଆମେରିକା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଲେ ପଙ୍କଜ

ବାଲେଶ୍ୱର,୧୧।୮ (ସମିସ): ସମ୍ପ୍ରତି ବାପା,ମା ମାନଙ୍କୁ ବୃଦ୍ଧ ଅବସ୍ଥାରେ ବି ନିଜ ହାତରେ ରାନ୍ଧି ଖାଇବାକୁ ପଡୁଛି। ନହେଲେ ବୃଦ୍ଧାଶ୍ରମରେ ରହିବାକୁ ପଡୁଛି। ନିଜର ଅଦମ୍ୟ ଇଛା ଶକ୍ତି ତଥା ଦଶ ବର୍ଷର ରଖି ଚାକିରି ପାଇବା ସେଥିପାଇଁ ଚେଷ୍ଟା ଚାଲିଛି। ମାତ୍ର ଆମ ପରମ୍ପରା, ସମାଜ ପ୍ରତି କର୍ତ୍ତବ୍ୟ, ଦେଶ ପ୍ରତି ଭଲ ପାଇବା ଆଉ ବାପା, ମା'ଙ୍କ ପ୍ରତି କଣ କର୍ତ୍ତବ୍ୟ ଆମେ ଭୁଲି ଯାଉଛେ। କେତେ କଷ୍ଟରେ ବାପା, ମା' ପାଠ ପଢାଇ ପିଲାକୁ ବିଦେଶ ପଠାଉଛନ୍ତି। ମାତ୍ର ବାପା, ମାଙ୍କ ମୃତ୍ୟୁ ସମୟରେ ପିଲାମାନେ ଶୁଦ୍ଧି କ୍ରିୟାକୁ ଆସୁନାହାନ୍ତି। ପାଠ ପଢି ପଇସା ରୋଜଗାର କରିବା ବହିରୁ ଶିଖିଲେ ହେଲେ ବାପା, ମା'ଙ୍କ ତ୍ୟାଗ ବିଷୟରେ ସେ ବହି ଶିକ୍ଷା ଦେଇନି। ଆଜିର ପିଲାକୁ ତା ଜେଜେ ନାମ ପଚାରିଲେ କହିପାରୁନାହାନ୍ତି। ଏଥିପାଇଁ ବାଲେଶ୍ୱର ମାଟିର ପୁଅ ଡ. ପଙ୍କଜ କୁମାର ଜେନା ଦଶ ବର୍ଷ କାଳ ଅକ୍ଳାନ୍ତ ପରିଶ୍ରମ କରି ତାଙ୍କ ଗବେଷଣାରେ



କଠିନ ଗବେଷଣା ଦ୍ୱାରା ଅଗ୍ନିଡେଣା ବିଜ୍ଞାନ ପତ୍ରିକାର ସମ୍ପାଦକ ତଥା ସଂସ୍କାର ଓ ସଂସ୍କୃତି ମୁକ୍ତ ବିଦ୍ୟାଳୟ ପ୍ରତିଷ୍ଠାତା ଡ. ପଙ୍କଜ କୁମାର ଜେନା ଏଥିପାଇଁ ଏକ ୬ମାସିଆ ପାଠ୍ୟ ଖସଡ଼ା ପ୍ରସ୍ତୁତ କରି ୱାର୍ଲଡ ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଥିବା ବେଳେ ଏବେ ଆମେରିକା ବୁକ୍ ଅଫ ରେକର୍ଡରେ ସ୍ଥାନ ପାଇଛନ୍ତି। ଆମେ ଯେଉଁ ବହି ପଢୁଛେ ସେଥିରୁ ଆମେ କେମିତି ନମ୍ବର ସଫଳ ହୋଇଛନ୍ତି। ଯାହାକି ବିଶ୍ୱ ସ୍ତରରେ ଆଦୃତ ହୋଇଛି। ଏଥିପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଉଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଚେୟାରମ୍ୟାନ ମୃଣାଳକାନ୍ତି ଦାସ (ଆଇଏଏସ), ସେକ୍ରେଟାରୀ ଶୁଭ୍ରାବାଳା ବେହେରା (ଓଏଏସ), ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଏଫ୍ଏମ୍ ଛାତ୍ରୀଙ୍କୁ ଅସଦାଚରଣ, ଯୁବକ ଗିରଫ

ବାଲେଶ୍ୱର,୧୧।୮ (ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଗତ ମାସ ଜଣେ ଛାତ୍ରୀ ଆତ୍ମହତ୍ୟା କରିଥିବା ଘଟଣା ମନରୁ ନ ଯାଉଣୁ ଆଜି ପୁଣି ଏକ ସମ୍ବେଦନଶୀଳ ଘଟଣା ଘଟିଛି। ଜଣେ ଯୁବକ କଲେଜର ଇଷ୍ଟ କ୍ୟାମ୍ପସକୁ ପଶି ଯାଇ ଛାତ୍ରୀମାନଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହ ସେମାନଙ୍କୁ ଧମକାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଉକ୍ତ ଯୁବକକୁ ଗିରଫ କରିଛି। ଗିରଫ ଯୁବକ ଜଣକ ହେଉଛନ୍ତି ମୟୂରଭଞ୍ଜ ଜିଲ୍ଲା ବଡସାହି ଥାନା ଅର୍ନ୍ତଗତ ବଡଗମ୍ଭାରିଆ ଅଂଚଳର ଚନ୍ଦନ କୁମାର ଗିରି (୨୫)। ଚନ୍ଦନ ଆଜି ଫକୀରମୋହନ କଲେଜର ଇଷ୍ଟ କ୍ୟାମ୍ପସ ମଧ୍ୟକୁ ପଶିଯାଇଥିଲା।



ସେହି କ୍ୟାମ୍ପସରେ ଥିବା ଛାତ୍ରୀମାନଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବ ଆରମ୍ଭ କରିଥିଲା। ପରେ ଚନ୍ଦନ ଉକ୍ତ କଲେଜଛାତ୍ରୀମନଙ୍କୁ ଧମକ ଦେଇଥିଲା। ଏ ନେଇ ଟାଉନଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ଉକ୍ତ ଯୁବକକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜିଲ୍ଲା ବ୍ରାହ୍ମଣ ସମିତିର ଅଧିବେଶନ



ବାଲେଶ୍ୱର,୧୧।୮ (ସମିସ): ଜିଲ୍ଲା ବ୍ରାହ୍ମଣ ସମିତିର ସଭାପତି ଡା. ଶ୍ରୀଶ କୁମାର ଦାଶଙ୍କ ପୌରୋହିତ୍ୟରେ ସମିତିର ୧୩୬ ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପଣ୍ଡିତ ବୈଦ୍ୟନାଥ ଆଚାର୍ଯ୍ୟ ବେଦମନ୍ତ୍ର ପାଠ କରିଥିଲେ। ସାଧାରଣ ସଂପାଦକ ଗୌରଚନ୍ଦ୍ର ଦାଶ ପୂର୍ବ ବୈଠକର ବିବରଣୀ ପାଠ କରିବା ସହିତ ସମିତି ଦ୍ୱାରା ସରକାରୀ ଅନୁଦାନରେ ନିର୍ମିତ ନୂତନ ବ୍ରାହ୍ମଣ ସମାଜ ଭବନ ନିର୍ମାଣର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ତାହା ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ଦ୍ୱାରା ତର୍ଜମା ପୂର୍ବକ ଅନୁମୋଦିତ ହୋଇଥିଲା। ସମିତି ଦ୍ୱାରା ପ୍ରସ୍ତୁତ ସଂଶୋଧିତ ନୂତନ ବାଇ-ଲ'କୁ ସାଧାରଣ ସଂପାଦକ ଶ୍ରୀ ଦାଶ ବୈଠକରେ ଉପସ୍ଥାପନ କରି ତାହା ମୁଦ୍ରଣ ପାଇଁ ଆଲୋଚନା କରିତୁଲେ। ମାତ୍ର ସଭାପତି ଡା. ଦାଶ ଉକ୍ତ 'ବାଇ-ଲ'ରେ କେତେକ ସଂଶୋଧନ ପ୍ରସ୍ତାବ ଆଗତ କରିବାରୁ ତାହା ପରବର୍ତ୍ତୀ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ ପାଇଁ ସ୍ଥିର ହୋଇଥିଲା। ସମିତିର ରେମୁଣା ବ୍ଲକ୍ ବ୍ରାହ୍ମଣ ସମିତି ଦ୍ୱାରା ଜିଲ୍ଲା ବ୍ରାହ୍ମଣ ସମିତିକୁ ଆସିଥିବା ୨ଟି ଅଭିଯୋଗ ପତ୍ରକୁ ଶ୍ରୀ ଦାଶ ସାଧାରଣ ସଂପାଦକ ବୈଠକରେ ପାଠ କରିଥିଲେ। ଆଲୋଚନା ଅନ୍ତେ ଯେ କୌଣସି ଅଭିଯୋଗକାରୀଙ୍କ ଅଭିଯୋଗର ସମାଧାନ ପାଇଁ ଜିଲ୍ଲା ସମିତି ମୁକାମରେ ଉପସ୍ଥିତ ରହି ଅଭିଯୋଗକାରୀ ତାଙ୍କର ଅଭିଯୋଗ ଉପସ୍ଥାପନ କରିବାକୁ ବୈଠକରେ ଉପସ୍ଥିତ ସଦସ୍ୟମାନଙ୍କ ସର୍ବସମ୍ମତ ନିଷ୍ପତ୍ତି ଗୃହୀତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଡ. କ୍ଷୀତିଶ୍ୱର ଦାଶ, ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରି, ଗୌରସାଧନ ମିଶ୍ର, ସରୋଜ ନାରାୟଣ ଷଡ଼ଙ୍ଗୀ, ସୂର୍ଯ୍ୟ ନାରାୟଣ ଷଡ଼ଙ୍ଗୀ, ଲକ୍ଷ୍ମୀଧର ମହାପାତ୍ର, ବିରେନ୍ଦ୍ର କୁମାର କର, ଶାନ୍ତି ସ୍ୱରୂପ ମିଶ୍ର, କ୍ଷିତିଶ ଚନ୍ଦ୍ର ପଣ୍ଡା, ଲକ୍ଷ୍ମୀକାନ୍ତ ନନ୍ଦ, ଜୀବନ କୁମାର ଦାଶ, ନାରାୟଣ କର ଆଦି ସଦସ୍ୟଗଣ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଣ୍ଡିତ ଲକ୍ଷ୍ମୀକାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

### ସବ୍‌ରେଜିଷ୍ଟ୍ରାରଙ୍କ ମନମୁଖୀ କାର୍ଯ୍ୟର ପ୍ରତିବାଦ

## ମୋହରିର ସଂଘର ବିକ୍ଷୋଭ ଓ କାର୍ଯ୍ୟବନ୍ଦ ଆନ୍ଦୋଳନ

ବାଲେଶ୍ୱର,୧୧।୮ (ସମିସ)



ରାଜ୍ୟ ସରକାରଙ୍କ କୌଣସି ଲିଖିତ ନିର୍ଦ୍ଦେଶ ନ ଥିବା ସତ୍ତ୍ୱେ ଜିଲ୍ଲା ସବ୍‌ରେଜିଷ୍ଟ୍ରାର ମନମୁଖୀ ଭାବେ ବିଭିନ୍ନ ପ୍ରକାର ଦଲିଲକୁ ଗ୍ରହଣ ନ କରି ଫେରାଇ ଦେଉଥିବାରୁ ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ଆଜି ଜିଲ୍ଲା ମୋହରିର ସଂଘ ପକ୍ଷରୁ୧୬ ଦଫା ଦାବିରେ ସବ୍‌ରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। ସଂଘର ସଭାପତି ନିରାକାର ରାଉତଙ୍କ ନେତୃତ୍ୱରେ କରାଯାଇଥିବା ଏହି ବିକ୍ଷୋଭରେ କୁହାଯାଇଛି ଯେ, ପୈତୃକ ସମ୍ପତ୍ତିରେ ନାବାଳକର ଅବିଭକ୍ତ ସମ୍ପତ୍ତିକୁ ହସ୍ତାନ୍ତର ଦଲିଲ ଜିଲ୍ଲା ଜଜଙ୍କ ଅନୁମତି ବିନା ରେଜିଷ୍ଟ୍ରୀ କରାଯାଉନି, ଓଡ଼ିଶା ହାଇକୋର୍ଟ ଡବ୍ଲ୍ୟୁପି(ସି) ମକଦ୍ଦମାର ନିର୍ଦ୍ଦେଶକୁ ଅମାନ୍ୟ କରି ଅବିଭକ୍ତ ସମ୍ପତ୍ତି ମଧ୍ୟରୁ ଜଣେ ଅଂଶୀଦାର ତାର ଅଂଶ ବାବଦ ସମ୍ପତ୍ତିକୁ ହସ୍ତାନ୍ତର କରିବା ଦଲିଲ ରେଜେଷ୍ଟ୍ରି କରାଯାଉ ନାହିଁ, ଜଣେ ଖତିଆନ ପ୍ରଭା ମୃତ୍ୟୁ ପରେ ରେଭେନ୍ୟୁ ଅଫିସରଙ୍କ ଠାରୁ ହାସଲ କରିଥିବା ଉତ୍ତରାଧିକାରୀ ସାର୍ଟିଫିକେଟ ପାଂଚ ବର୍ଷର ପୁରୁଣା ହେଲେ ତାହାକୁ ଗ୍ରହଣ କରୁ ନାହାନ୍ତି, ରେଜିଷ୍ଟ୍ରେସନ ଆଇନ ଅନୁସାରେ ଜରୁରୀ ପରିସ୍ଥିତିରେ ଭିଜିଟ ଦଲିଲ ରେଜେଷ୍ଟ୍ରି କରୁ ନାହାନ୍ତି କିମ୍ବା ପାର୍ଟ ଭିଜିଟ ମଧ୍ୟ କରୁ ନାହନ୍ତି ବୋଲି ଅଭିଯୋଗ କରାଯାଇଛି। ଏହାଛଡା ଜଣେ ଲୋକର ଜାତି ପ୍ରମାଣପତ୍ର ସାରାଜୀବନ ପାଇଁ କାର୍ଯ୍ୟକାରୀ ହେବାର ନଜିର ଥିଲେ ହେଁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ତାହା ସବରେଜିଷ୍ଟ୍ରାର ଗ୍ରହଣ କରୁ ନାହାନ୍ତି, ଚକବନ୍ଦୀର ଅଂଶିକ ଜମି ଚକରୁ ବିକ୍ରୀ କରିବା ପାଇଁ ୨୦୨୩ମସିହା ଡିସେମ୍ବର୨୯ତାରିଖରେ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ତାହାକୁ ଅମାନ୍ୟ କରାଯାଉଛି, ଗ୍ରାମାଂଚଳରେ ଚାଷ ଜମି ସକାଶେ କୌଣସି ସରକାରୀ ନିୟମ ନଥିବା ସ୍ଥଳେ ୧୨ଡିସିମିଲରୁ ଅଧିକ ଜମି ବିକ୍ରୀକୁ ବନ୍ଦ କରି ଦେଇଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ନିର୍ଦ୍ଦେଶ ଆସିନଥିଲେ ହେଁ ସବରେଜିଷ୍ଟ୍ରାର ଅଧିକାଂଶ ପାର୍ଟ ବିକ୍ରୀ ଜମିର ଦଲିଲ ଗୁଡିକୁ ରେଜେଷ୍ଟ୍ରି ସକାଶ ଗ୍ରହଣ କରୁ ନାହାନ୍ତି। ଯାହାଦ୍ୱାରା ସାଧାରଣ ଲୋକେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଝିଅ ବାହାଘର କିମ୍ବା ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଅର୍ଥର ଆବଶ୍ୟକତା ପଡୁଥିବାରୁ ଜମି ବିକ୍ରି ବନ୍ଦ ଦ୍ୱାରା ଜନସାଧାରଣ ଘୋର ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଜିଲ୍ଲାର ଅଧିକାରୀମାନେ କେହି କିଛି ଶୁଣୁ ନାହାନ୍ତି ବୋଲି କୁହାଯାଇଛି। ଏହାଛଡା ଚାଷ ଜମିର ଲିଜ ଦଲିଲ ରେଜେଷ୍ଟ୍ରି କରୁ ନାହାନ୍ତି, ରେରା ଆଇନ ଅନୁସାରେ ୩୦ ଡିସିମିଲ ଓସାରର ରାସ୍ତା ଅନୁମତି ପୌରପରିଷଦ କିମ୍ବା ଏନଏସି ଦେଉ ନାହାନ୍ତି, ଗୋଟିଏ ଦଲିଲକୁ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ତିନୋଟି ଟେବୁଲରେ ଚେକ ହୋଇ ଆସିବା ପରେ ସବରେଜିଷ୍ଟ୍ରାର ଅଧିକ ସମୟ ଧରି ଦଲିଲକୁ ଚେକ କରୁଥିବାରୁ ଆଉରି ସମୟ ଅତିବାହିତ ହୋଇଯାଉଛି, ଖରିଦ କବଲାରୁ ଜରୁରୀ ପରିସ୍ଥିତିରେ ବିନା ନାମଜାରୀରେ କବଲା ହୋଇପାରୁ ନାହିଁ, ଦେୱାନୀ ଅଦାଲତରେ ହୋଇଥିବା ପିଟିସନ କେଶରେ ଚୂଡାନ୍ତ ଫଏସଲାକୁ ଗ୍ରହଣ କରାଯାଉ ନାହିଁ, ଅନଲାଇନ ଇସି ଦୁଇ ଦିନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଥିବାରୁ ସ୍ଲଟ ନେବା ପରେ ମଧ୍ୟ ବହୁ ଦଲିଲ ରେଜେଷ୍ଟ୍ରି ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ଏସବୁ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଅନ୍ୟ ପନ୍ଥା ଗ୍ରହଣ କରାଯିବ ମୋହରିର ସଂଘ ଚେତାବନୀ ଦେଇଛି। ଏହି ବିକ୍ଷୋଭ ସମାବେଶରେ ସମ୍ପାଦକ ରମାକାନ୍ତ ଦାସଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସ୍ୱାଧୀନତା ଦିବସ ଉପଲକ୍ଷେ ପରେଡ୍ ଅଭ୍ୟାସ



ଭାଗନେବେ ବିଭିନ୍ନ ସ୍କୁଲ ସମେତ ୫୨ଟି ଟ୍ରୁପ

ବାଲେଶ୍ୱର,୧୧।୮ (ସମିସ): ୭୯ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଉପଲକ୍ଷେ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆଠାରେ ଆଜି ଠାରୁ ଆରମ୍ଭ ହୋଇଛି ତିନି ଦିନିଆ ଅଭ୍ୟାସ ପରେଡ। ଆସନ୍ତା୧୩ ତାରିଖରେ ଏହି ଅଭ୍ୟାସ ପ୍ୟାରେଡ ଶେଷ ହେବ। ପୁଲିସ ବିଭାଗ, ରିଜର୍ଭ ପୁଲିସ ଓ ହୋମଗାର୍ଡ ଆଦିଙ୍କ ସମେତ ବାଲେଶ୍ୱର ସହର ଓ ଉପକଣ୍ଠ ଅଂଚଳର ବିଭିନ୍ନ ସ୍କୁଲ କଲେଜର ଏନସିସି ଓ ଅଣ ଏନସିସି ଏବଂ ପୁଲିସ ବ୍ୟାଣ୍ଡ ଟ୍ରୁପଙ୍କ ସମେତ ମୋଟ ୫୨ଟି ଟିମ୍ ଅଭ୍ୟାସ ପ୍ୟାରେଡରେ ସାମିଲ ହୋଇଛନ୍ତି। ରିଜର୍ଭ ଇନସପେକ୍ଟର ସବାଇ ଶଙ୍କର ଟୁଡୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଅଭ୍ୟାସ ପରେଡକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରାଜେଶ ପ୍ରିୟଦର୍ଶୀ ଏବଂ ବିଭାଗର କର୍ମଚାରୀ ପୁରୁଷୋତ୍ତମ ସେଠୀଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଚଳିତବର୍ଷ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପଡ଼ିଆ ସମତୁଲ କରିବା, ପରେଡ ଟିମକୁ ବିଭିନ୍ନ ସ୍କୁଲରୁ ନେବା ଆଣିବା ଏମିତିକି ନିରାପତ୍ତା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରିବା ପାଇଁ ଜିଲ୍ଲା ପୁଲିସ ସମେତ ବିଭିନ୍ନ ବିଭାଗ ପକ୍ଷରୁ ପ୍ରସ୍ତୁତି ଜୋର ଚାଲିଛି। ଅନ୍ୟପକ୍ଷରେ ସ୍ୱାଧୀନତା ଦିବସ ପାଳନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୁଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ୧୫ତାରିଖ ସକାଳେ ସହରର ରିଜର୍ଭ ପୁଲିସ ଲାଇନ ପଡ଼ିଆରେ ଜିଲ୍ଲାସ୍ତରୀୟ ଉତ୍ସବ ପାଳିତ ହେବ। ସେହିଦିନ ପରେଡ ପରେ ବିଭିନ୍ନ ବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ପରେ ଅତିଥିଙ୍କ ଦ୍ୱାରା ବିଭିନ୍ନ ବର୍ଗର କୃତି ପ୍ରତିଯୋଗୀଙ୍କ ସମେତ ଜିଲ୍ଲାର ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ଶ୍ରେଣୀରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଏବଂ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ପାଇଁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବ ବୋଲି ଜିଲ୍ଲା ସୂଚନା ଏବଂ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।

## ବାଲେଶ୍ୱର ସାହିତ୍ୟିକଙ୍କ ସମ୍ବଲପୁରକୁ ସାରସ୍ୱତ ଯାତ୍ରା




ବାଲେଶ୍ୱର,୧୧।୮ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ତରଫରୁ ବାଲେଶ୍ୱର ବରପାଲୀ ସାରସ୍ୱତ ସମ୍ପ୍ରତି ଯାତ୍ରାରେ ଯାଇଥିବା ସାହିତ୍ୟିକ ସାହିତ୍ୟିକାମାନେ ସମ୍ବଲପୁରର "କଲମ ଅନୁଷ୍ଠାନ ସହ ମିଳିତ ଭାବରେ "ଭାଷାର ଲାଗି ଭାବର ଭେଟ' ଶୀର୍ଷକରେ କବିତା ପାଠୋତ୍ସବରେ ଅଂଶଗ୍ରହଣ କରିଥିଲେ। ପାଠୋତ୍ସବରେ ପୌରୋହିତ୍ୟ କରି କଲମ ପରିବାର ଟ୍ରଷ୍ଟର ସଭାପତି ତଫିଜୁଲ ହୁସେନ୍ ବାଲେଶ୍ୱର ଓ ସମ୍ବଲପୁର ମଧ୍ୟରେ ରହିଥିବା ସାରସ୍ୱତ ସମ୍ପର୍କ ଅକ୍ଷୁର୍ଣ୍ଣ ରହିଛି ଓ ସର୍ବଦା ଏହିପରି ରହିବ ବୋଲି ମତବ୍ୟକ୍ତ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ସାଧାରଣ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସଂଗଠନ ସମ୍ପାଦକ ତପନ ରାୟ ଓ ଯୁଗ୍ମସମ୍ପାଦକ ଜୁମରନାଥ ପାତ୍ର ଅତିଥି ଭାବରେ ଯୋଗଦାନକରି ଉଭୟ ଅଞ୍ଚଳ ମଧ୍ୟରେ ସାଂସ୍କୃତିକ ବିନିମୟ ଓଡ଼ିଶାର ସାରସ୍ୱତ ସୌନ୍ଦର୍ଯ୍ୟକୁ ବହୁଗୁଣିତ କରିବ ବୋଲି ମତ ଦେଇଥିଲେ। "କଲମ' ଟ୍ରଷ୍ଟର ଉପସଭାପତି ଜୟକୃଷ୍ଣ ବେହେରା ବାଲେଶ୍ୱରରୁ ଯାତ୍ରା କରିଥିବା ସାହିତ୍ୟିକମାନଙ୍କୁ ଅଭ୍ୟର୍ଥନା ଜଣାଇବା ସଙ୍ଗେ ସଙ୍ଗେ ଏହିପରି ଭାବରେ କାର୍ଯ୍ୟକ୍ରମ ନିରନ୍ତର ହେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅନୁଷ୍ଠାନର ସମ୍ପାଦକ କବିତାଗୁଡ଼ିକୁ ସଂଯୋଜନା କରିବା ସହିତ ନିଜେ ମଧ୍ୟ ଏକ କବିତା ପାଠ କରିଥିଲେ। ବାଲେଶ୍ୱରର ସାହିତ୍ୟିକା ସାହିତ୍ୟିକମାନଙ୍କ ମଧ୍ୟରୁ ଡ. ରତ୍ନାକର ସିଂ, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ଶାନ୍ତିଲତା ପଣ୍ଡା, ଜ୍ୟୋସ୍ନା ରାୟ, ପ୍ରତିମା ପଣ୍ଡା, ଦୀପକ ବୋଷ ଓ ପ୍ରଭାକର ସାହୁ କବିତା ପାଠ କରିଥିବା ବେଳେ ସମ୍ବଲପୁରରୁ ମୋହିନୀ ହୋତା, ଅନନ୍ୟା ବେହେରା, ଡ. ସୁଧାଂଶୁ ଭୋଷଣ ଷଣ୍ଢ, ପ୍ରଣତି ମହାପାତ୍ର, ସାବିତ୍ରୀ ପୁରୋହିତ, ଲଳିତ ମୋହନ ଦେବ ଓ ବବୁଲୁ ବାଗ୍ ପ୍ରମୁଖ ସ୍ୱରଚିତ କବିତା ପଢିଥିଲେ। "କଲମ' ଅନୁଷ୍ଠାନ ତରଫରୁ ବାଲେଶ୍ୱରର ସମସ୍ତ ସାରସ୍ୱତ ଯାତ୍ରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର

ବସ୍ତା ବ୍ଲକ, ୧୧।୮ (ସମିସ): ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ଗୁହାଳିପଦା ଗ୍ରାମରେ ଜନୈକ ନାବାଳକର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ସୋମବାର ସନ୍ଧ୍ୟାରେ ଏହି ଗ୍ରାମର ସନ୍ତୋଷ ଜେନାଙ୍କ ପୁଅ ଜୟକୃଷ୍ଣ (୧୩) ତାଙ୍କ ଶୋଇବା ଘରେ ଫାଶୀ ଦେଇଥିବା ଦେଖିବାକୁ ପାଇ ତାଙ୍କୁ ତୁରନ୍ତ ଉଦ୍ଧାର କରି ବସ୍ତା ହସ୍ପିଟାଲ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶ୍ରାବଣର ଶେଷ ସୋମବାରରେ ଜୟକୃଷ୍ଣ ଜଳଲାଗି କରିବାକୁ ଜିଦ୍ କରିଥିବା ବେଳେ ତାଙ୍କୁ ପରିବାର ଲୋକେ ମନା କରିବାରୁ ସେ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ରାଜସ୍ୱ ଅମଲା ସଂଘର ବିକ୍ଷୋଭ



ବସ୍ତା ବ୍ଲକ, ୧୧।୮ (ସମିସ) : ୧୦ ଦଫା ଦାବି ନେଇ ରାଜ୍ୟ ଅମଲା ସଂଘ କାର୍ଯ୍ୟବନ୍ଦ ଡ଼ାକରା ଦେଇଥିବା ବେଳେ ଅନୁରୂପ ଭାବେ ସୋମବାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅମଲା ମାନେ ହାତରେ ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଆନ୍ଦୋଳନରେ ବ୍ଲକ ଓ ତହସିଲର ପୁରୁଷ ଓ ମହିଳା କର୍ମଚାରୀ ସାମିଲ ହୋଇଥିଲେ। ଦାବି ପୂରଣ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଚାଲିବ ବୋଲି କୁହା ଯାଇଛି।

## ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କଲେ ବିଧାୟିକା



ବାଲିଆପାଳ, ୧୧।୮ (ସମିସ): ବାଲିଆପାଳ ବ୍ଲକ ରସଲପୁର ଗ୍ରାମ ରାମନଗରରେ ବନ୍ୟା ପରବର୍ତ୍ତୀ ସ୍ଥିତି ଅନୁଧ୍ୟାନ କରିଛନ୍ତି ବସ୍ତା ବିଧାୟିକା ସୁବାସିନୀ ଜେନା। ରବିବାର ଚଳିତବନ୍ୟାର ସମ୍ମୁଖୀନ ହୋଇଥିବା ବାଲିଆପାଳ ବ୍ଲକ ବିଷ୍ଣୁପୁର ପଞ୍ଚାୟତର ରସଲପୁର ଗ୍ରାମ (ରାମନଗର)ର ୧୯,୨୦ ଓ ୨୧ ନମ୍ବର୍ ୱାର୍ଡରେ ପହଞ୍ଚି ବିଧାୟିକା ଜେନା ବନ୍ୟା ପରବର୍ତ୍ତୀ ସ୍ଥିତି ସମ୍ବନ୍ଧରେ ଅନୁଧ୍ୟାନ କରିବା ସହିତ ବନ୍ୟା ପ୍ରପୀଡ଼ିତଙ୍କ ସମସ୍ୟା ଏବଂ କ୍ଷୟକ୍ଷତି ବାବଦରେ ଆଲୋଚନା କରିଥିଲେ। ଲୋକମାନଙ୍କ ସୁଖ ଦୁଃଖରେ ସାଥି ହୋଇ ବିଧାୟିକା ଲୋକଙ୍କ ଦୁଃଖ ବୁଝିଥିଲେ। ବିଧାୟିକାଙ୍କ ସହ ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ବେଣୁଧର ଜେନା ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଆସୁଛନ୍ତି ଗଜାନନ

## ଗୋଟିଏ ସ୍ଥାନରେ ପୂଜା ପାଇବେ ୪୫ ଗଣେଶ ମୂର୍ତ୍ତି



କନଭେଣ୍ଟ ସ୍କୁଲ ଲାଇନ୍

ବାଲେଶ୍ୱର,୧୧।୮ (ସମିସ)

ଆସୁଛନ୍ତି ପ୍ରଭୁ ଗଜାନନ। ସେଥିପାଇଁ ଆରମ୍ଭ ହୋଇଗଲାଣି ଗଣେଶ ମୂର୍ତ୍ତି ନିର୍ମାଣ କାମ। ସହରର ବିଭିନ୍ନ କ୍ଲବ ପକ୍ଷରୁ ଆରମ୍ଭ ହୋଇଯାଇଛି ମୂର୍ତ୍ତି ତିଆରି କାମ। ତେବେ ବାଲେଶ୍ୱର ସହରରେ ଗଣେଶ ପୂଜା କଥା କହିଲେ ସମସ୍ତଙ୍କ ନଜର କନଭେଣ୍ଟ ସ୍କୁଲ ଲାଇନ୍ ଉପରେ ରହିଥାଏ। କାରଣ ଏହି ଗୋଟିଏ ଜାଗାରେ ସବୁଠୁ ଅଧିକ ଗଣେଶ ପୂଜା କରାଯାଏ। ଯାହାକୁ ଦେଖିବା ପାଇଁ ଗହଳି ଜମେ। ସହରର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ହୁଏ। ହେଲେ କନଭେଣ୍ଟ ସ୍କୁଲ ଲାଇନ୍ ଗଣେଶ ପୂଜା ଦେଖିବା ପାଇଁ ସମସ୍ତଙ୍କ ଭିଡ ଜମେ। ଗୋଟିଏ ଜାଗାରେ ଦେଖିବାକୁ ମିଳେ ଭିନ୍ନ ଭିନ୍ନ ନିଆରା ଗଣେଶଙ୍କ ମୂର୍ତ୍ତି। ଏହି କନଭେଣ୍ଟ ସ୍କୁଲ ଲାଇନ୍‌ରେ ପ୍ରତି ଶହେ ମିଟର ଦୂରତାରେ ୪୫ ରୁ ଅଧିକ କ୍ଲବ ପକ୍ଷରୁ ଗଣେଶ ପୂଜା ପାଇଁ ସାଜସଜ୍ଜା ଆରମ୍ଭ ହୋଇଥାଏ। ଚଳିତବର୍ଷ ମଧ୍ୟ ଗଣେଶ ପୂଜା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ସେହି କ୍ଲବ ମାନଙ୍କ ମଧ୍ୟରୁ ରାଜପୁତ ବୋଏଜ୍ କ୍ଲବ ଅନ୍ୟତମ। ଏଠାରେ କ୍ଲବ୍ ପକ୍ଷରୁ ୨୦୧୭ ମସିହାରେ ଗଣେଶ ପୂଜା ଆରମ୍ଭ ହୋଇଥିଲା। ସୂଚନାଯୋଗ୍ୟ, ଚଳିତବର୍ଷ ନବମ ଗଣେଶ ପୂଜା ପାଳନ କରିବ କନଭେଣ୍ଟ ସ୍କୁଲ ଇଲେକ୍ଟ୍ରି ଅଫିସ୍ ନିକଟ ରାଜପୁତ ବୋଏଜ୍ କ୍ଲବ୍। ଏଥିପାଇଁ ବଜେଟ୍ ଓ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି କ୍ଲବ୍ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ କ୍ଲବର ମୂର୍ତ୍ତି ଉଚ୍ଚତା ୨୦ ଫୁଟ୍ ରହିଛି। ଏଥର ଶିବ ଲିଙ୍ଗ ଉପରେ ଗଣେଶ ବିରାଜମାନ ହେଉଛନ୍ତି ବୋଲି କ୍ଲବ ସଭାପତି ରାଜା ରଣା, ଉପ ସଭାପତି ଦିନେଶ ରଣା, ସମ୍ପାଦକ ରାଜେଶ ବାରିକ ସହ ସମ୍ପାଦକ ଜୟନ୍ତ ସିଂହ, କୋଷାଧ୍ୟକ୍ଷ ସୌଭାଗ୍ୟ ଦାସ, ସିପୁନ ମହାରଣା ଓ ମନୋରଞ୍ଜନ ସାହୁ କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଅଭିନାଶ ବଢ଼େଇଙ୍କ ନିର୍ଦ୍ଦେଶ କ୍ରମେ ୧୦ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା, ଆଲୋକମାଳ, ୧୦୮ ସନ୍ଧ୍ୟା ଆଳତି, ଓ ୨୦୦୦୦ ଲୋକଙ୍କୁ ପ୍ରସାଦ ବଣ୍ଟନ। କ୍ଲବର ୧୫୦ରୁ ଅଧିକ ସଦସ୍ୟ ଥିବା ବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ କ୍ଲବ୍ ପକ୍ଷରୁ ଶାନ୍ତି ଓ ଶୃଙ୍ଖଳାର ସହ ପ୍ରତିବର୍ଷ ପୂଜା ଓ ବିସର୍ଜନ କରାଯାଇଥାଏ।






# ୨ଶହ ଲିଟର ଦେଶୀ ମଦ ଜବତ, ୩ ଗିରଫ

ବାଲେଶ୍ୱର,୧୧।୮(ସମିସ): ଭ୍ରାମ୍ୟମାଣ ଅବକାରୀ ବିଭାଗ ପକ୍ଷରୁ ଆଜି ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ୨ଶହ ଲିଟର ଦେଶୀ ମଦ ଜବତ କରାଯିବା ସହ ୩ଜଣ ବେପୋରୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବାଲିସାହି ଅଞ୍ଚଳର ଆକାଶ ମାଝୀ, ପୁରୁଣାବାଲେଶ୍ୱର ଅଂଚଳର ରାମଚନ୍ଦ୍ର ବେହେରା ଏବଂ ପରେଶ ମାହାର୍ଣ୍ଣା। ଏମାନଙ୍କଠାରୁ ଦୁଇଟି ଗାଡି ମଧ୍ୟ ଜବତ କରାଯାଇଛି। ଆକାଶ ଓ ରାମଚନ୍ଦ୍ରଙ୍କ ଠାରୁ ଅବକାରୀ ବିଭାଗ ୧୨୦ଲିଟର ଦେଶୀ ମଦ ସହ ଏକ ସ୍କୁଟି ଜବତ ହୋଇଛି। ସେହିପରି ପରେଶ ଠାରୁ ୮୦ଲିଟର ମଦ ସହ ଆଉ ଏକ ସ୍କୁଟିକୁ ମଧ୍ୟ ଜବତ କରିଛି।

# ଆମ ଗୋପାଳ ଗାଁ ସଂଗଠନର ଶ୍ରଦ୍ଧାଞ୍ଜଳି ସଭା

ବାଲେଶ୍ୱର,୧୧।୮(ସମିସ): ବାଲେଶ୍ୱର ସହରର ଗୋପାଳ ଗାଁ ନିବାସୀ ପ୍ରବୀଣ ଶିକ୍ଷକ ରାମେଶ୍ୱର ବେରା ଓ ସୁପ୍ରସିଦ୍ଧ ପାଇକ ଆଖଡ଼ା ଖେଳାଳି ଦିଲ୍ଲୀପ ଭୂୟାଁଙ୍କ ଉଦ୍ଦେଶ୍ୟରେ ଆମ ଗୋପାଳ ଗାଁ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗଙ୍ଗାଧର କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅରୁଣ ସ୍ୱାଇଁ ଅଧ୍ୟକ୍ଷତା କରିବା ସହିତ ଦୁଇ ସ୍ୱର୍ଗବାସୀ ପ୍ରତିଭାଙ୍କ ଜୀବନାଦର୍ଶ ଉପରେ ଆଲୋଚନା କରିଥିଲେ। ଏଥିରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଯୁବନେତା ବିକ୍ରମ ପଣ୍ଡା ଓ ଭାଗବତ ସାହୁ, କାଉନସିଲର ପଦ୍ମଲୋଚନ ଲେଙ୍କା, ଆଖଡ଼ା ସଂଘ ସଭାପତି ଗୋପୀନାଥ ଶତପଥୀ ଓ ବରିଷ୍ଠ ସଦସ୍ୟ ମନୋଜ ଦାସ, ଗୋପାଳ ଗାଁ ନିବାସୀ ଦିଲୀପ ନାୟକ, ତ୍ରୈଲୋଚନ ଦାଶ, ଯାଦବେଶ ମିଶ୍ର, ବିନୟ ମହାନ୍ତି, ଶାନ୍ତନୁ ଦାସ ପ୍ରମୁଖ ଯୋଗ ଦେଇ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ଆମ ଗୋପାଳ ଗାଁ ସଂଗଠନର ବରିଷ୍ଠ ସଦସ୍ୟ ଅନୁପ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ଅଶୋକ ଭୂୟାଁ, ରାଜୀବ ଲୋଚନ ଭୂୟାଁ, ବିବେକାନନ୍ଦ ରାଉତ, ରାକେଶ ପାଢ଼ୀ, ଅଜୟ ସ୍ୱାଇଁ, ଆଶ୍ରିତା ତରେଇ, ରାଜେନ୍ଦ୍ର ଦାସ, ସତ୍ୟେନ୍ଦ୍ର ଦାସ, ଭାରତ ଭୂଷଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଶ୍ରୀକାନ୍ତ ବୁଗୁଡ଼ାଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇ ଥିଲେ।

# ପ୍ରାକ୍ତନ ପ୍ରାଧ୍ୟାପକଙ୍କ ପତ୍ନୀ ବିୟୋଗ

ଜଳେଶ୍ୱର, ୧୧।୮(ସମିସ): ଜଳେଶ୍ୱର ନୂଆବଜାର ଭଞ୍ଜ କଲୋନୀସ୍ଥିତ ପ୍ରାକ୍ତନ ଇତିହାସ ବିଭାଗର ପ୍ରାଧ୍ୟାପକ ବେଣୁଧର ଅଣ୍ଡିଆଙ୍କ ଧର୍ମପତ୍ନୀ ସୁମତୀ ଅଣ୍ଡିଆଙ୍କର ୫୮ ବର୍ଷ ବୟସରେ ବିୟୋଗ ହୋଇ ଯାଇଛି। ଦୀର୍ଘ ଦିନ ହେବ ସେ କର୍କଟ ରୋଗରେ ପୀଡିତ ରହି ଉଚ୍ଚ ଧରଣର ଚିକିତ୍ସା ସେବା ସତ୍ତ୍ୱେ ଆରୋଗ୍ୟ ଲାଭ କରି ନ ପାରି ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ବେଣୁଧର ଅଣ୍ଡିଆ, ଏକମାତ୍ର କନ୍ୟା ପ୍ରାଚୀପ୍ରଭା ଅଣ୍ଡିଆ, ଜାମାତା ରବୀନ୍ଦ୍ର ବାଗ, ପୁତ୍ରବଧୂ ପ୍ରିୟଙ୍କା ସାହୁ, ବଡଭାଇ ସନ୍ୟାସୀ ଚରଣ ଗିରି, ନାତି ପ୍ରଦୀପ କୁମାର ବାଗ, ପୁତୁରା ବିକାଶ ରଞ୍ଜନ ଗିରି, ସମୃଦ୍ଧି ରବୀନ୍ଦ୍ର ସାହୁ, ମୀନତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜଳେଶ୍ୱର ନଗରପାଳ ପ୍ରତାପ୍ ପ୍ରଧାନ, ସ୍ଥାନୀୟ କାଉନସିଲର ଶିବ ନାରାୟଣ ମହାପାତ୍ର, ଅଧ୍ୟାପକ କାର୍ତ୍ତିକ ଚରଣ ଦାସ, ରଜନୀକାନ୍ତ ଭୂୟାଁ, ଅକ୍ଷୟ କୁମାର ଦାସ ମହାପାତ୍ର, ନୀଳକଣ୍ଠ ଖଣ୍ଡା, ଅଜିତ ମହାନ୍ତି, ଜିତାରାମ ଦେ ପ୍ରମୁଖ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକମାତ୍ର ପୁତ୍ର ଶକ୍ତିପ୍ରସନ୍ନ ମୁଖାଗ୍ନି ଦେଇଥିଲେ।

# ବନ ବିଭାଗ ପକ୍ଷରୁ ରକ୍ଷା ବନ୍ଧନ

ଚନ୍ଦନେଶ୍ୱର, ୧୧।୮(ସମିସ) : ପବିତ୍ର ରାକ୍ଷୀ ପୂର୍ଣ୍ଣିମା ଅବସରରେ ନିଆରା କାର୍ଯ୍ୟକ୍ରମ କରିଛନ୍ତି ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ସହିତ ଭୋଗରାଇର ଉପକୂଳ ଅଞ୍ଚଳକୁ ସୁରକ୍ଷା, ମୃତ୍ତିକା ସଂରକ୍ଷଣ ଓ ସଦାବେଳେ ଆମକୁ ଭରପୁର ଅମ୍ଳଜାନ ଦେଉଥିବା ବିଚିତ୍ରପୁର ବନୀ ଜଙ୍ଗଲରେ ଥିବା ଗଛ ସବୁରେ ରାକ୍ଷୀ ବାନ୍ଧି ସୁରକ୍ଷା କାମନା କରାଯାଇଛି। ଏଥିରେ ବନପାଳ ଶ୍ରୀ ମହାନ୍ତିଙ୍କ ସମେତ ବିଚିତ୍ରପୁର ପ୍ରକୃତି ନିବାସର ସଭାପତି ବଳରାମ ପାତ୍ର, ଇକୋ ଟୁରିଜିମର ସଭାପତି ଶମ୍ଭୁନାଥ ମାଝୀ, ବଡପାହି ବନ ସୁରକ୍ଷା କମିଟିର ସଭାପତି ପ୍ରଦୀପ କୁମାର ମାଝୀ, ସଦସ୍ୟ ସୁବଳ ଚନ୍ଦ୍ର ମହାନ୍ତି, ହିମାଂଶୁ ଶେଖର ପାତ୍ରଙ୍କ ସମେତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ସାମିଲ ଥିଲେ।

# ଜଳେଶ୍ୱର ରୋଟାରୀ କ୍ଲବର ଅଧିଷ୍ଠାପନା ଉତ୍ସବ

ଜଳେଶ୍ୱର,୧୧।୮(ସମିସ): ଜଳେଶ୍ୱର ରୋଟାରୀ କ୍ଲବର ୩୯ତମ ଅଧିଷ୍ଠାପନା ଉତ୍ସବ ମୁରଲୀ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ସୁବୀର କୁମାର ସେନାପତି ଓ ସମ୍ପାଦକ ଭାବେ ଅଂଶୁମାନ ରାଉତଙ୍କୁ ପ୍ରାକ୍ତନ ସଭାପତି ଇଂ ଭାସ୍କର ରଜଂନ ସ୍ୱାଇଁ ଓ ସଂପାଦକ ସୁବୀର ଚାଟାର୍ଜୀ ଦାୟିତ୍ୱ ହସ୍ତାନ୍ତର କରିବା ସହିତ ୨୦୨୪-୨୫ ବର୍ଷର ରେକର୍ଡ ସଂଖ୍ୟକ ସବୁ ପ୍ରକଳ୍ପର ସ୍ମୃତିକୁ ରୋମନ୍ଥନ କରିଥିଲେ। ମୁଖ୍ୟଅତିଥି ରୋଟାରୀ ଜିଲ୍ଲା ୩୨୬୨ ପ୍ରାନ୍ତପାଳ ମନୋଜ କୁମାର ତ୍ରିପାଠୀ ଓ ବିଶିଷ୍ଟ ଅତିଥି ଜୋନାଲ ଚେୟାର ରାକେଶ ସିଂ ଯୋଗ ଦେଇ କାର୍ଯ୍ୟବାହୀ ସଭ୍ୟଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହିତ ମାନବ ସେବା କାର୍ଯ୍ୟରେ ନିଜକୁ ଲିପ୍ତ କରି ରୋଟାରୀର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ସଭାପତି ସୁବ୍ରତ କୁମାର ରଣା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ପ୍ରାକ୍ତନ ସଭାପତି ପ୍ରଭାତ କୁମାର ସାହୁ ମଞ୍ଚ ଆହ୍ୱାନ ଏବଂ ପ୍ରାକ୍ତନ ସଭାପତି ସୁରେଶ କୁମାର ସାହୁ ଅତିଥି ପରିଚୟ, ପ୍ରାକ୍ତନ ସଭାପତି ତାରାପଦ ମହାନ୍ତି କ୍ଲବର ୫ ଜଣ ନୂତନ ସଦସ୍ୟଙ୍କୁ ଶପଥ ଗ୍ରହଣ କରାଇଥିଲେ। ବାପ ଛେଉଣ୍ଡ ନବମ ଶ୍ରେଣୀ ଛାତ୍ରୀ ସୁମନ ଗୁପ୍ତାଙ୍କ ଉଚ୍ଚ ଶିକ୍ଷାର ଦାୟିତ୍ୱ ରୋଟାରୀ କ୍ଲବ ଗ୍ରହଣ କଲା। ପରିଶେଷରେ ରୋଟାରିଆନ ରିଙ୍କି ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ରୋଟାରିଆନ ନନ୍ଦନ ଦତ୍ତ, ରାଜକିଶୋର ହୁଇ, ସାଗର କମିଲା, ସବ୍ୟସାଚୀ ଦାସ, ସତ୍ୟବ୍ରତ ଜେନା, ଦୀପକ ସାହୁ, ମଣିଭଦ୍ର ଜେନା, ଅଶୋକ ମହାନ୍ତି, ସତ୍ୟନାରାୟଣ ସିଂ, ବିକ୍ରମ ବେହେରା ଉପସ୍ଥିତ ହୋଇ ପରିଚାଳନାରେ ସହଯୋଗ କରିଥିଲେ।

# ସମୂହ ଛୁଟିରେ ରାଜସ୍ୱ ଅମଳା ସଂଘ, ଧାରଣାରେ ବସିଲେ



ବାଲେଶ୍ୱର,୧୧।୮(ସମିସ)

ଚଳିତ ମାସ୧୧ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମସ୍ତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହିବେ ବୋଲି ଗତ ୩ ତାରିଖରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ବାଲେଶ୍ୱର ଶାଖା ପକ୍ଷରୁ ଅନୁଷ୍ଠିତ ହୋଇଥିବା ସାଧାରଣ ପରିଷଦ ବୈଠକରେ ଜିଲ୍ଲା ସଭାପତି ରୂପକ କୁମାର ଦାସ ସୂଚନା ଦେଇଥିଲେ। ଏହାଛଡା ଯେ ପର୍ଯ୍ୟନ୍ତ ସରକାର ଦାବିଗୁଡିକ ପୂରଣ କରି ନୋଟିଫିକେସନ ବାହାର ନ କରିବେ ସେ ସମୟ ପର୍ଯ୍ୟନ୍ତ ଉକ୍ତ ଆନ୍ଦୋଳନ ଜାରି ରହିବ ଏବଂ ଜନ ସାଧାରଣଙ୍କ ଅସୁବିଧା ପାଇଁ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଏହି ବୈଠକରେ କୁହାଯାଇଥିଲା। ଏହାକୁ ଆଧାର କରି ଆଜି ଅମଲା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର୧୦ଦଫା ଦାବି ପୂରଣ କରିବା ପାଇଁ ରାଜ୍ୟ ସରକାରଙ୍କୁ ବାରମ୍ବାର ଗୁହାରି କରିବା ପରେ ରାଜ୍ୟ ସରକାର ଗତ ଜୁଲାଇ ମାସ ୯ତାରିଖରେ ରାଜ୍ୟସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ ୭ରୁ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ କରିବାର ପ୍ରତିଶୃତି ଦେଇଥିଲେ। ତେବେ ଜୁଲାଇ ମାସ ୧୪ତାରିଖରେ ହେବାକୁ ଥିବା ରାଜସ୍ତ ଅମଲାମାନଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ ଚଳିତ ମାସ୧୦ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ହେଲେ ଏହାରି ମଧ୍ୟରେ ସରକାର କୌଣସି ପଦକ୍ଷେପ ଗ୍ରହଣ ନକରିବା ଫଳରେ ଆଜି ସଂଘ ପକ୍ଷରୁ ଧାରଣା ଦିଆଯାଇଛି ବୋଲି କୁହାଯାଇଛି।

ଜିଲ୍ଲା ସ୍ତରୀୟ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଓଆରଏସପି ୨୦୧୭ ନିୟମ ଅନୁଯାଇ ଲେବେଲ ୯କୁ ବୃଦ୍ଧି କରାଇବା, ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ଏବଂ ଅଭିଯୋଗ ବିଭାଗର ସଂକଳ୍ପ ପତ୍ର ସଂଖ୍ୟା ୮୮୯୮ ତା୧୫/୩/୨୪ ଅନୁଯାୟୀ ସମସ୍ତ ୩୦ଟି ଜିଲ୍ଲାପାଳମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟକୁ ଆଧାର କରି ନୂତନ ପଦବୀ ସୃଷ୍ଟି ଓ ପଦବୀ ପୁନର୍ଗଠନ କରାଯିବା, ରାଜ୍ୟରେ କାର୍ଯ୍ୟରତ ସମସ୍ତ ସରକାରୀ କର୍ମଚାରୀଙ୍କୁ ବାର୍ଷିକ ୨୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ଲାଗୁ କରାଯିବା, ୧୯୯୦ମସିହାରେ ଲାଗୁ କରାଯାଇଥିବା ନିୟମାବଳୀ ଅନୁଯାଇ ମୃତ ସରକାରୀ କର୍ମଚାରୀଙ୍କ ପରିବାରର ଯେକୌଣସି ଜଣେ ସଦସ୍ୟଙ୍କୁ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରାଯିବା, ସରକାରୀ କର୍ମଚାରୀଙ୍କୁ ପୁରାତନ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ଆଦି ୧୦ଦଫା ଦାବି ଉପସ୍ଥାପନ କରାଯାଇଥିଲା। ସମ୍ପାଦକ ସ୍ୱସ୍ତିକ ଦାସ, କୋଷାଧ୍ୟକ୍ଷ ସତ୍ୟାନନ୍ଦ ବେହେରା, ସଙ୍ଗଠନ ସମ୍ପାଦକ ମନୋଜ ମିଶ୍ର, ଯୁଗ୍ମ ସମ୍ପାଦକ ଉତ୍ତମ ଦେ ଓ ରାଜ୍ୟ ଯୁଗ୍ମ ସମ୍ପାଦକ ପାର୍ଥ ସାରଥୀ ଅଗସ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

**ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ**

## ଜଳେଶ୍ୱର

ଜଳେଶ୍ୱରର ୨୧ଜଣ ରାଜସ୍ୱ ଅମଲା ତହସିଲଦାରଙ୍କୁ ଦାବିପତ୍ର ଦେବା ସହିତ ଆଜି ସମୁହ ଛୁଟିରେ ରହିଥିବା ଜଣାଯାଇଛି। ମନ୍ଦାକିନୀ ସିଂ, ଶିବ ସୁନ୍ଦର ଦତ୍ତ, କିଶୋର ଚନ୍ଦ୍ର ମହାପାତ୍ର, ଶଶିକାନ୍ତ ସିଂ, ବିଶ୍ୱଜିତ୍ ଦତ୍ତଙ୍କ ନେତୃତ୍ୱରେ ସମସ୍ତ ଅମଲା କର୍ମଚାରୀ ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କୁ ଦାବିପତ୍ର ଦେବା ସହିତ ଧାରଣାରେ ବସିଥିଲେ। ଅମଲା ମାନଙ୍କ ସମୁହ ଛୁଟି ଫଳରେ ସାଧାରଣ କାର୍ଯ୍ୟ ବାଧାପ୍ରାପ୍ତ ହେବ ବୋଲି କୁହାଯାଇଛି।



■ ଗ୍ରାମାଞ୍ଚଳରେ ଟିପିଏନ୍‌ଓଡିଏଲ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ସାଜିଛି ବରଦାନ

# ୫.୫୯ ଲକ୍ଷ ଲୋକଙ୍କୁ ଯୋଗାଇଛି ମାଗଣା ସ୍ୱାସ୍ଥ୍ୟସେବା




ବାଲେଶ୍ୱର,୧୧।୮ (ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏନଓଡିଏଲ) ଗୁଣାତ୍ମକ ବିଜୁଳି ସେବା ଯୋଗାଇବା ସହ ସାମାଜିକ ଦାୟିତ୍ୱବୋଧତା ତଥା ସିଏସଆର ବିନିଯୋଗ କ୍ଷେତ୍ରରେ ଗୁରୁଦାୟିତ୍ୱ ବହନ କରୁଛି। ଉପାନ୍ତ ଓ ଗ୍ରାମାଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ ଆରମ୍ଭ କରାଯାଇଥିବା ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଗାଡି ଜନସାଧାରଣଙ୍କ ପାଇଁ ବରଦାନ ସାଜିଛି। ବିଗତ ତିନି ବର୍ଷ ମଧ୍ୟରେ ୫ଲକ୍ଷ ୫୯ ହଜାରରୁ ଅଧିକ ଲୋକଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଓ ଔଷଧ ଯୋଗାଇଛି ଟିପିଏନଓଡିଏଲ। ଟିପିଏନଓଡିଏଲ ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟ ସେବା ନିମିତ୍ତ ଭ୍ରାମ୍ୟମାଣ ଆମ୍ବୁଲାନ୍ସ ବାଲେଶ୍ୱର ଜିଲ୍ଲା ସମେତ ଯାଜପୁର, କେନ୍ଦୁଝର, ଭଦ୍ରକ ଓ ମୟୂରଭଞ୍ଜ ଜିଲ୍ଲାର ବିଦ୍ୟୁତ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି। ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ ମୋଟ ୫ଟି ଭ୍ରାମ୍ୟମାଣ ଆମ୍ବୁଲାନ୍ସ ଉପଲବ୍ଧ କରାଯାଇଥିବା ବେଳେ ଏଯାବତ ମୋଟ ୩ ହଜାର ୭୨୦ଟି ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି। ଏହି ଆମ୍ବୁଲାନ୍ସ ଆଦିବାସୀ, ଉପାନ୍ତ ଓ ଗ୍ରାମାଞ୍ଚଳ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣା ସ୍ୱାସ୍ଥ୍ୟ ସେବା ଯୋଗାଉଛି। ୧୧୮୦ଟି ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଟିପିଏନଓଡିଏଲ ପକ୍ଷରୁ ଆୟୋଜନ କରାଯାଇଛି। ଏ ସମ୍ପର୍କରେ ଟିପିଏନଓଡିଏଲ ସିଇଓ ଗଜାନନ କାଲେ କହିଛନ୍ତି ଯେ, ଆମେ ଅଭିଜ୍ଞ ଡାକ୍ତର, ଫର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତ୍ୟେକ ଆମ୍ବୁଲାନ୍ସରେ ନିୟୋଜିତ କରିଛୁ। ଏହି ଆମ୍ବୁଲାନ୍ସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛି। ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଉଥିବାବେଳେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ସମ୍ପାଦିତ ହେଉଛି।

# ଇଟାକାନ୍ଥ ପଡ଼ି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ମୃତ୍ୟୁ

ଜଳେଶ୍ୱର,୧୧।୮(ସମିସ): ଜଣେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଉପରେ ପୁରୁଣା କାନ୍ଥ ଭୁଶୁଡି ପଡିବାରୁ ଗତ ରବିବାର ଅପରାହ୍ନରେ ତାଙ୍କର ଅଭାବନୀୟ ମୃତ୍ୟୁ ଘଟିଛି। ଜଳେଶ୍ୱର ବ୍ଲକ ଅଧିନ ସୁଗୋ ପଞ୍ଚାୟତ ଅନ୍ତର୍ଗତ ଭୁରୁକୁଣ୍ଡା ଗ୍ରାମର ଗଦାଧର ପରିଡ଼ାଙ୍କ ଜ୍ୟେଷ ପୁତ୍ର ସୁବୋଧ କୁମାର ପରିଡା (୭୬) ୩ ତାରିଖ ଦିନ ନୂତନ ଗୃହ ନିର୍ମାଣ ତଦାରଖ କରୁଥିଲେ। ସନ୍ନିକଟରେ ଥିବା ପୁରୁଣା ଇଟା କାନ୍ଥ ହଠାତ୍ ତାଙ୍କ ଉପରେ ଭୁଶୁଡି ପଡିବାରୁ ଗୁରୁତର ଆହତ ହୋଇଥିଲେ। ସଂଗେ ସଂଗେ ପରିବାର ଲୋକେ ତାଙ୍କୁ ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ। ପରେ ତାଙ୍କୁ ବାଲେଶ୍ୱର ଓ କଟକ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଜୀବନ ମରଣ ସହ ୮ଦିନ ସଂଘର୍ଷ କଲାପରେ ଗତ ରବିବାର ଅପରାହ୍ନରେ ତାଙ୍କର ପ୍ରାଣବାୟୁ ଉଡି ଯାଇଥିଲା। ଆଦର୍ଶ ପ୍ରଧାନ ଶିକ୍ଷକ ଭାବେ ୨୦୦୯ ମସିହାରେ ସେ ସୁଗୋ ମଧ୍ୟ ଇଂରାଜୀ ବିଦ୍ୟାଳୟରୁ ଅବସର ଗ୍ରହଣ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ର, ପରିବାର ବର୍ଗ ଉପସ୍ଥିତ ଥିଲେ।

# ବସ୍ତାରେ ଅଭିଯୋଗ ଶୁଣାଣି ଶିବିର



ବସ୍ତା ବ୍ଲକ, ୧୧।୮ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକରେ ସୋମବାର ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜ ପ୍ରାସାଦ, ଏଡିଏମ ସୁଧାକର ନାଇକ, ହେମନ୍ତ ସିଂହ, ସିଡିଏମ୍‌ଓ ଡ. ପ୍ରଭାତ କୁମାର ବେହେରା ଯୋଗ ଦେଇ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ମୋଟ ୮୫ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ୮୪ ଟି ବ୍ୟକ୍ତିଗତ ଏବଂ ଗୋଟିଏ କମ୍ୟୁନିଟି ଅଭିଯୋଗ ରହିଥିଲା। ସେଥିମଧ୍ୟରୁ ୯ ଟି ଅଭିଯୋଗ ସଙ୍ଗେ ସଙ୍ଗେ ସମାଧାନ କରାଯାଇଥିବା ସରକାରୀ ଭାବେ କୁହା ଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାର ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲାପାଳ ଏବଂ ଏସ୍‌ପି ଘଣ୍ଟାଏ ଲେଖାଏଁ ଅଭିଯୋଗ ଶୁଣିଥିଲେ।

# ୨୦୦୬ ମାଟ୍ରିକ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ସମାବେଶ




ଜଳେଶ୍ୱର,୧୧।୮(ସମିସ): ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ତପୋବନ ଉଚ୍ଚ ବିଦ୍ୟାଳୟ, ରାୟାଁରାମଚନ୍ଦ୍ରପୁର ଆନୁକୂଲ୍ୟରେ ୨୦୦୬ ବ୍ୟାଚରେ ମାଟ୍ରିକ ପାସ କରିଥିବା ପିଲା ମାନଙ୍କ ଭିତରେ ଜମାଲପୁର ବାଇପାସ ନିକଟସ୍ଥ ହୋଟେଲ୍ ନକ୍ଷତ୍ରରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ହାଇସ୍କୁଲ ଶିକ୍ଷକ ହରିଶଙ୍କର ଜେନା, ଜଳେଶ୍ୱର ମହିଳା ମହବିଦ୍ୟାଳୟର ପ୍ରାଧ୍ୟାପିକା ସାବିତ୍ରୀ ଦଳାଇ ଏବଂ କାନପୁର ଆଇଆଇଟିର ବୈଜ୍ଞାନିକ ଅନୁସନ୍ଧାନ କରୁଥିବା ଶୁଭନ୍ କୁମାର୍ ପାଳ, ସପନ କୁମାର ରାଉତ ଏବଂ ଅନ୍ୟ ସାଙ୍ଗ ମାନେ ଏହି ସଫଳତା ପାଇଥିବା ଯୋଗ୍ୟ ସାଙ୍ଗ ମାନଙ୍କୁ ଉତ୍ତରୀୟ ଓ ଫୁଲ ତୋଡା ଦେଇ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ନିଶାମଣି ସାହୁ, ବନ୍ଦନା ନାୟକ, ମଧୁସ୍ମିତା ପାଢ଼ି, ରଶ୍ମିତା ସାହୁ, ମଞ୍ଜୁରାଣୀ ଜେନା, ସୁମତି ସାହୁ, ଅଞ୍ଜୁଲତା ରାଉଳ, ସଞ୍ଜୁଲତା ମାହାନା, ଗୌରଗୋପଳ ଗିରି, ସଞ୍ଜୀବ ଗିରି, ପ୍ରଦୀପ ଘଡ଼ାଇ, ହରେକୃଷ୍ଣ ବେହେରା ଓ ସରୋଜ ସାହୁ ପ୍ରମୁଖ ପୁରାତନ ବନ୍ଧୁ ମାନେ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ଦୁଇ କଣ୍ଟେନର ଧକ୍କା, ଜଣେ ଗୁରୁତର

ରାଜଘାଟ, ୧୧।୮ (ସମିସ): ବସ୍ତା ଥାନା ୧୬ ନଂ ଜାତୀୟ ରାଜପଥର ଯୁଣବଳଦା ଛକ ଅନତି ଦୂରରେ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା କଣ୍ଟେନରର ପଛକୁ ଅନ୍ୟ ଏକ ପାର୍ସଲ ବୋଝେଇ କଣ୍ଟେନର ଧକ୍କା ଦେବାରୁ ଜଣେ ଗୁରୁତର ହୋଇଛନ୍ତି। ସୋମବାର ଭୋର ସମୟରେ ବାଲେଶ୍ୱରରୁ ପଶ୍ଚିମବଙ୍ଗ ମୁହାଁ କୋରିୟର ନେଇ ଯାଉଥିବା (ଏଚଆର ୫୫ଏକେ ୭୫୧୧) କଣ୍ଟେନରଟିଏ ଉକ୍ତ ଛକ ନିକଟ ରାସ୍ତା ପାଶ୍ୱର୍ରେ ଛିଡ଼ା ହୋଇଥିବା କଣ୍ଟେନର (ଜେଏଚ୍ ୧୦ ସିୟୁ ୨୧୯୧)ର ପଛକୁ ଧକ୍କା ଦେଇଥିଲା। ଫଳରେ ଛିଡ଼ା ହୋଇଥିବା କଣ୍ଟେନରଟି ନୟନଯୋରୀକୁ ଖସିଯାଇଥିବା ବେଳେ କୋରିୟର ବୋଝେଇ କଣ୍ଟେନରଟିର ସମ୍ମୁଖ ଭାଗଟି ଭାଙ୍ଗିରୁଜି ଚୁରମାର୍ ହୋଇଯାଇଥିଲା। ଘଟଣା ସ୍ଥଳରେ ଖଲାସୀ ଗୁରୁତର ହୋଇଥଲେ। ଜାତୀୟ ରାଜପଥ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ତୁରନ୍ତ ବସ୍ତା ହସ୍ପିଟାଲରେ ନିଆଯାଇଥିଲା।

# ପନ୍ତେଇ ଫେରି ଘାଟରେ ବିପଦପୂର୍ଣ୍ଣ ନୌକାଯାତ୍ରା



**ପ୍ରଶାସନ ଦୃଷ୍ଟି ଦେବାକୁ ଦାବି**

କାଳିପଡା, ୧୧।୮ (ସମିସ): ବାଲିଆପାଳ ବ୍ଲକ ଜାମକୁଣ୍ଡା ପଞ୍ଚାୟତ ପନ୍ତେଇ ଫେରି ଘାଟରେ ବିପଦପୂର୍ଣ୍ଣ ଭାବେ ନୌକା ଚଳାଚଳ କରୁଛି। ଫଳରେ ନୌକା ପାରି ଯାଉଥିବା ଯାତ୍ରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହିଛି। ଯାତ୍ରୀମାନେ ଜୀବନକୁ ପାଣି ଛଡାଇ ବାଧ ହୋଇ ନଦୀ ପାର ହେଉଛନ୍ତି। ଘାଟରେ ନୌକା ପକାଇ ଥିବା ଲୋକର ନୌକାର ଫିଟନେସ ଅଛି କି ନାହିଁ ଜଣା ପଡି ନାହିଁ। ଯାତ୍ରୀମାନଙ୍କର ସୁରକ୍ଷା ପାଇଁ ରବର ଗାର୍ଡ ମଧ୍ୟ ଦିଆ ଯାଉନାହିଁ। ପୂର୍ବରୁ ଜାମକୁଣ୍ଡା ପଞ୍ଚାୟତ ଓ ତହସିଲ ପକ୍ଷରୁ ଘାଟ ନିଲାମ ପାଇଁ ସର୍ବସାଧାରଣରେ ନୋଟିସ ଦିଆ ଯାଉଥିଲା। କିନ୍ତୁ ସଲାସୁତୁରା ଯୋଗୁଁ କୌଣସି ଲୋକ ନିଲାମ ଡାକିଲେ ନାହିଁ। ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଥର ନିଲାମ ପାଇଁ ନୋଟିସ ହୋଇଥିଲା। ଜଣେ ସ୍ଥାନୀୟ ଲୋକ ୬ ଲକ୍ଷ ଟଙ୍କାରେ ନିଲାମ ନେଇଛନ୍ତି। ଏହି ଫେରି ଘାଟ ବାଲିଆପାଳ ଭୋଗରାଇ ବ୍ଲକକୁ ସିଧାସଳଖ ସଂଯୋଗ କରୁଥିବାରୁ ଦୈନନ୍ଦିନ ଶହ ଶହ ଲୋକ ନଦୀ ଘାଟ ପାରିଥାନ୍ତି। ବାଲିଆପାଳ ଅଞ୍ଚଳର ବହୁ ବ୍ୟବସାୟୀ ପଶ୍ଚିମବଙ୍ଗର ଦୀଘା, ଦାନ୍ତୁନ, ସାତମାଇଲ, ଏଗ୍ରାକୁ ଖରିଦି ବିକ୍ରି ପାଇଁ ଯାଇଥାନ୍ତି। ବେଆଇନ ନୌକା ଚଳାଚଳ ଯୋଗୁଁ ସେମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୈବ ପୀଠ ଚନ୍ଦନେଶ୍ୱର, ଭୁଷଣ୍ଡେଶ୍ୱର, ବିଜୟ ବାସୁଳୀ ତୀର୍ଥକ୍ଷେତ୍ରକୁ ଏହି ଘାଟ ପାରି ମଧ୍ୟ ଲୋକ ଯାଇଥାନ୍ତି। ପ୍ରକାଶ ଥାଉ କି, ଏହି ନଦୀ ଘାଟ ଉପରେ ଏଲଏନଟି କମ୍ପାନୀ ପକ୍ଷରୁ କେତେ ଦିନ ହେବ ସ୍ଥାୟୀ ପୋଲ ନିର୍ମାଣ ପାଇଁ ସାଇଡ କାମ, ଜମି ଅଧିଗ୍ରହଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ଚାଲୁ ରହିଛି। ଏ ବାବଦରେ ତହସିଲଦାରଙ୍କୁ ପଚାରିବାରୁ ବିପଦ ପୂର୍ଣ୍ଣ ନୌକା ଚଳାଚଳ ବନ୍ଦ ନେଇ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ସମସ୍ୟାରେ ଗୋବିନ୍ଦପୁର ଆଦର୍ଶ ସଂସ୍କୃତ ବିଦ୍ୟାଳୟ

ଖଇରା, ୧୧।୮ (ସମିସ)





ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହିରେ ୧୯୯୦ ମସିହାରେ ପ୍ରତିଷ୍ଠିତ ଆଦର୍ଶ ସଂସ୍କୃତ ବିଦ୍ୟାଳୟ ଏବେ ନାନା ସମସ୍ୟାରେ ଛନ୍ଦି ହୋଇ ରହିଛି। ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଏବଂ ହଷ୍ଟେଲରେ ରହିବା ପାଇଁ ପର୍ଯ୍ୟାପ୍ତ କୋଠରୀ ନାହିଁ । ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ ବିଦ୍ୟାଳୟକୁ ଯିବା ପାଇଁ ଭଲ ରାସ୍ତାଟିଏ ନାହିଁ କି ଚତୁପାଶ୍ୱର୍ରେ ସୁରକ୍ଷା ପାଚେରୀ ନାହିଁ। ଏହି ବିଦ୍ୟାଳୟ ସମସ୍ୟା ସମାଧାନ ପାଇଁ ଶିକ୍ଷାବିଭାଗ ଓ ନିର୍ବାଚିତ ପ୍ରତିନିଧି ଗୁରୁତ୍ୱ ଦେବାକୁ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସ୍ୱର୍ଗତ ଭାସ୍କର ଶଙ୍ଖୁଆ, ଜଗତାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମହାନ୍ତି, ପ୍ରଶାନ୍ତ ବାରିକ, କାଶିନାଥ ମୁଦୁଲି, ଶ୍ରୀଧର ତ୍ରିପାଠୀଙ୍କ ଭଳି ବହୁ ବଦାନ୍ୟ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା। ଦୂରଦୂରାନ୍ତରୁ ଆସୁଥିବା ଛାତ୍ରଛାତ୍ରୀ ବିଶେଷଭାବରେ ଜନଜାତି ବର୍ଗର ପିଲା ମାନଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା କରାଯାଇଛି। ହେଲେ ପ୍ରଶାସନିକ ତଥା

▶ ପିଲା ପଢିବା ଓ ହଷ୍ଟେଲରେ ରହିବା ପାଇଁ କୋଠରୀ ନାହିଁ

▶ ବିପଦକୁ ଡାକୁଛି ମୁକୁଳା ଡ୍ରେନ୍ ଓ ପୁରାତନ ଶ୍ରେଣୀ ଗୃହ

ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରତିଷ୍ଠାର ୩୫ବର୍ଷ ଅତିବାହିତ ହୋଇ ଯାଇଥିଲେ ହେଁ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇ ପାରିନାହିଁ। ଛାତ୍ରାବାସରେ ପର୍ଯ୍ୟାପ୍ତ ଗୃହ ଅଭାବରୁ ପିଲାମାନେ କୋଠରୀରେ ରହୁଥିଲେ ନିଜର ଆସବାବପତ୍ରକୁ ବାରଣ୍ଡାରେ ରଖିବାକୁ ବାଧ ହେଉଛନ୍ତି। ବିଦ୍ୟାଳୟ ଆରମ୍ଭ ସମୟର ଶ୍ରେଣୀ ଚାଲୁଥିବା ଆଜବେଷ୍ଟସ ଛପର ଘର ଏବେ ବିପଦ ସଂକୁଳ ହୋଇ ପଡିଥିବା ବେଳେ ନୂଆ ଛାତ ଘର ଅର୍ଥ ଅଭାବରୁ ପ୍ଲାଷ୍ଟରିଂ ହୋଇ ପାରିନାହିଁ କି ଝରକାକବାଟ ଲାଗି ପାରିନାହିଁ। ଏହି ଛାତ ଘରେ ପଲିଥିନ ଟାଙ୍ଗି କୋଠରୀ ଭାଗ କରି ଶିକ୍ଷକ ମାନଙ୍କୁ ଶିକ୍ଷାଦାନ କରିବାକୁ ପଡୁଛି। ଏଭଳି ପରିସ୍ଥିତିରେ ଶିକ୍ଷକ ମାନେ ବସିବା ବା ଛାତ୍ରଛାତ୍ରୀଙ୍କ ପାଇଁ କମନରୁମ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି। ୫ଟି ଶ୍ରେଣୀରେ ୧୨୭ଜଣ ପିଲା ପଢୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକୀୟ ଶୌଚାଳୟ ନାହିଁ କି ଭଲ ପିଇବା ପାଣି ମୁନ୍ଦେ ପିଲାଙ୍କୁ ମିଳିପାରୁନି। ବିଦ୍ୟାଳୟ ସମ୍ମୁଖରେ ଡ୍ରେନ ପାଇଁ ଖୋଳା ଯାଇଥିବା ନାଳ ୨ବର୍ଷଧରି ମୁକୁଳା ପଡିଥିବାରୁ ଛାତ୍ରଛାତ୍ରୀ, ଶିକ୍ଷକ ସମୁହ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଏ ସମ୍ପର୍କରେ ପ୍ରଧାନପଣ୍ଡିତ ମାୟାଧର ପତ୍ରୀଙ୍କୁ ଯୋଗାଯୋଗ କରିବାରେ ସବୁ ବେଳେ ସମସ୍ୟା ବିଷୟରେ ସୁପରିଣ୍ଟେଣ୍ଡେଣ୍ଟ ଅଫିସ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ କୁହାଯାଉଛି। କିଛି ସମାଧାନ ହୋଇଛି। ବହୁ ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ମିଳିଛି।

### ଗତ ନିର୍ବାଚନରେ ଭୋଟ ଚୋରି ଅଭିଯୋଗ ଉଠାଇଲା କଂଗ୍ରେସ

# ଡିଜିଟାଲ ଭୋଟର ଲିଷ୍ଟ ଓ ସିସିଟିଭି ଫୁଟେଜ୍ ପ୍ରଦାନ ଦାବି

ଜଗତସିଂହପୁର,୧୧।୮ (ସମିସ)

ଅଖିଳ ଭାରତ କଂଗ୍ରେସ କମିଟି ନିଷ୍ପତ୍ତି ଓ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ପରାମର୍ଶକ୍ରମେ ଆଜି ରାଜ୍ୟର ସମସ୍ତ ଜିଲ୍ଲା ସଦର ମହକୁମାରେ ଭୋଟ ଚୋରି ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଜଗତସିଂହପୁର ସର୍କିଟ ହାଉସଠାରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ରାହୁଲ ଗାନ୍ଧୀଙ୍କ ଦ୍ୱାରା ପର୍ଦ୍ଦାଫାସ କରାଯାଇଥିବା ଭୋଟ ଚୋରି ସମ୍ପର୍କିତ ୨ଟି ଭିଡିଓ ପ୍ରଦର୍ଶିତ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଂଯୋଜକ ନଟବର ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ କମିଟିର ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ




ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ଯୋଗଦେଇ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ସାରା ଦେଶରେ ଆରମ୍ଭ ହୋଇଥିବା ମହାଅଭିଯାନରେ ସହଯୋଗ କରିବା ପାଇଁ ନିବେଦନ କରିଥିଲେ। ନିର୍ବାଚନ କମିଶନଙ୍କ କାର୍ଯ୍ୟକଳାପରେ ସ୍ୱଚ୍ଛତା ଓ ସ୍ପଷ୍ଟତା ଆଣିବାକୁ ହେଲେ ପ୍ରତିଟି ଦେଶପ୍ରେମୀ ଏହି ଗଣଆନ୍ଦୋଳନରେ ସାମିଲ ହେବା ଆଜିର ଆହ୍ୱାନ ଓ ଆବଶ୍ୟକତା ବୋଲି ଶ୍ରୀ ପାଣ୍ଡବ ମତବ୍ୟକ୍ତ କରିଥିଲେ।

ରାହୁଲ ଗାନ୍ଧୀ ନିଜସ୍ୱ ଅନୁସନ୍ଧାନ ଦ୍ୱାରା ଲୋକଲୋଚନକୁ ଆଣିଥିବା ଭୋଟ ଚୋରିର ୫ଟି କୌଶଳ ସମ୍ପର୍କରେ ଜନଗଣଙ୍କୁ ଅବଗତ କରାଇବା ସହ ଭୋଟ ଚୋରି ରୋକିବାକୁ ସମସ୍ତେ ଆଗେଇ ଆସିବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ସେହିପରି ୯୬୫୦୦ ୦୩୪୨୦ ନମ୍ବରରେ ମିସ୍ କଲ ଦେଇ କିମ୍ବା ଦଳ ପକ୍ଷରୁ ପ୍ରକାଶିତ କ୍ୟୁଆର କୋଡ୍ସ୍କାନକରିରାହୁଲଗାନ୍ଧୀଙ୍କ ଏହିଗଣତନ୍ତ୍ର ବଞ୍ଚାଅ ମହାସଂଗ୍ରାମରେ ସାମିଲ ହେବାକୁ ଦଳ ପକ୍ଷରୁ ଅନୁରୋଧ କରାଯାଇଥିଲା। ନିର୍ବାଚନ ଗଣତନ୍ତ୍ରର ମୂଳଦୁଆ ହୋଇଥିବାରୁ ଏହାର ସୁରକ୍ଷା ଓ ସୁଦୃଢ଼ୀକରଣ ପାଇଁ ଅଭିପ୍ରେତ ଏହି ଆନ୍ଦୋଳନର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହଯୋଗ କାମନା କରାଯାଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ବାଲିକୁଦା ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ଇଂ ନଳିନୀ ସ୍ୱାଇଁ, ପାରାଦୀପ ନିର୍ବାଚନମଣ୍ଡଳୀ କଂଗ୍ରେସ ନେତା ନିରଞ୍ଜନ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଜିଲ୍ଲା କଂଗ୍ରେସ କମିଟିର ପୂର୍ବତନ ଉପସଭାପତି ସର୍ବେଶ୍ୱର ପଣ୍ଡା, ମହନୀ ରାଉତ, ବାଲିକୁଦା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ବିକ୍ରମ ପରିଡା, ତିର୍ତ୍ତୋଲ ବ୍ଲକ କଂଗ୍ରେସର ପୂର୍ବତନ ସଭାପତି ନିହାର ନାୟକ, ଜଗତସିଂହପୁର ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଭୟ ମହାନ୍ତି, ଜଗତସିଂହପୁର ବ୍ଲକ୍ କଂଗ୍ରେସ କମିଟିର ପୂର୍ବତନ ସଭାପତି ମାନସ ରଥ, ପାରାଦୀପ ନଗର କଂଗ୍ରେସ କମିଟିର ପୂର୍ବତନ ସଭାପତି କେଦାର ବିଶ୍ୱାଳ, ଯୁବ ଆଇଏନଟିୟୁସିର ଜିଲ୍ଲା ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ସଭାପତି ଇମତିଆଜ ଅହମ୍ମଦ ଖାନ୍, ଛାତ୍ର ନେତା କୃଷ୍ଣଚନ୍ଦ୍ର ପ୍ରଧାନ, ଯୁବ ନେତା ପ୍ରୀତମ ପରିଜା ପ୍ରମୁଖ ଯୋଗ ଦେଇଥିଲେ।

## ନିଃସ୍ୱାର୍ଥ ସେବା ସଂଗଠନକୁ ସେବା ସମ୍ମାନ

ଜଗତସିଂହପୁର,୧୧।୮ (ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସବୁଜ ବାହିନୀର ଦ୍ୱିତୀୟ ବାର୍ଷିକ ଉତ୍ସବରେ ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନିଃସ୍ୱାର୍ଥ ସେବା ସଂଗଠନ ଚାରିଟେବୁଲ ଟ୍ରଷ୍ଟିକୁ ସେବା ସମ୍ମାନରେ ସମ୍ମାନିତ କରାଯାଇଛି। ନିଃସ୍ୱାର୍ଥ ସେବା ସଂଗଠନ ଜଗତସିଂହପୁର ଜିଲ୍ଲା ଓ ଅନ୍ୟ ଜିଲ୍ଲାରେ ବୃକ୍ଷରୋପଣ, ପରିବେଶ ସୁରକ୍ଷାଠାରୁ ଆରମ୍ଭ କରି ଅବହେଳିତ, ନିଷ୍ପେସିତ, ଅସହାୟ ଲୋକଙ୍କୁ ସହଯୋଗର ହାତ ବଢ଼ାଇ ଆସିଛି। ବାତ୍ୟା, ବନ୍ୟା ଓ ଘରପୋଡ଼ି ଭଳି ବିପତ୍ତି ସମୟରେ ଲୋକଙ୍କ ସାହାରା ହୋଇ ଛିଡ଼ା ହୋଇଆସିଛି। ସଂଗଠନର ଏହି କାର୍ଯ୍ୟ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗରଠାରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର ଉତ୍ସବରେ ସବୁଜ ବାହିନୀ ସଂଗଠନ ପକ୍ଷରୁ ପ୍ରତିଷ୍ଠାତା ସୌରଭ ଜେନା ଓ ଅନ୍ୟ ଅତିଥି ନିଃସ୍ୱାର୍ଥ ସେବା ସଂଗଠନ ଚାରିଟେବୁଲ ଟ୍ରଷ୍ଟକୁ ସମ୍ମାନିତ କରିଥିଲେ।

## ତାଳଦଣ୍ଡା କେନାଲ ବନ୍ଧରେ ତାଳ ଚାରାରୋପଣ

ତିର୍ତ୍ତୋଲ,୧୧।୮ (ସମିସ): ଉତ୍କଳ ଗ୍ରାମ ସ୍ୱରାଜ୍ୟ ଓ ଟ୍ରି ଫର୍ ଲାଇଫ ପକ୍ଷରୁ ତାଳଦଣ୍ଡା କେନାଲ୍ ବନ୍ଧର ଦଣ୍ଡାସାହିଠାରୁ ବାଲିପାଟଣା ପର୍ଯ୍ୟନ୍ତ ୨୦୦ରୁ ଉର୍ଦ୍ଧ୍ୱ ତାଳ ଚାରାରୋପଣ କରାଯାଇଛି। ମୁଖ୍ୟଅତିଥି ଆଦିକବି ଶାରଳା ଦାସ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର କୃଷ୍ଣଚନ୍ଦ୍ର ସାହୁ,



ସମାଜସେବୀ ଭବେଶ ଚୌଧୁରୀ, ଉତ୍କଳ ଗ୍ରାମ ସ୍ୱରାଜ୍ୟ ସଭାପତି ଆଇନଜୀବୀ ମନୋଜ ଦାସ, ଟ୍ରି ଫର୍ ଲାଇଫ୍ର ସଭାପତି ଅନୀଲ ମହାନ୍ତି, ରମେଶ ବେହେରା, ଅକ୍ଷୟ ପରିଜା, ହିମାଂଶୁ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଦୁଇ ସଂଗଠନର ସଭାପତି ତାଳଦଣ୍ଡା କେନାଲ ବନ୍ଧରେ ପାଖାପାଖି ୯୦ କିଲୋମିଟରରେ ଆଗାମୀ ଦିନରେ ତାଳ ଚାରା ଲଗାଯିବାକୁ ସ୍ଥିର ହୋଇଥିବା ସୂଚନା ଦେଇଥିଲେ।

### ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର

## ୨ଟି ଅଭିଯୋଗର ତ୍ୱରିତ ସମାଧାନ

ଜଗତସିଂହପୁର/ରଘୁନାଥପୁର,୧୧।୮ (ସମିସ): ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ପୂର୍ବାହ୍ନରେ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି।



ଏହି ଜନଅଭିଯୋଗ ଶିବିରରେ ବରିଷ୍ଠ ଅଧିକାରୀ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରି ୨ଟିର ତ୍ୱରିତ ସମାଧାନ କରିଛନ୍ତି। ଆଜି ଆୟୋଜିତ ଶିବିରରେ ୯୬ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୮୦ଟି, ଗୋଷ୍ଠୀଗତ/ଗ୍ରାମ ସମସ୍ୟା ସମ୍ପର୍କିତ ୧୬ଟି ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ରାସନ୍ କାର୍ଡ ସମ୍ବନ୍ଧୀୟ ୧୫ଟି, ଆବାସ ଯୋଜନା ସମ୍ପର୍କିତ ୧୩ଟି, ଜମିଜମା ସମସ୍ୟା ସମ୍ପର୍କିତ ୭ଟି, ପୁଲିସ୍ ସହାୟତା ପାଇବା ପାଇଁ ୪ଟି, ପେନସନ ପାଇବା ପାଇଁ ୯ଟି ଓ ଅନ୍ୟାନ୍ୟ ୩୦ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ ଭବାନୀ ଶଙ୍କର ଉଦଗାତା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ, ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରିଥିଲେ।

## ଶ୍ରୀରାମ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳିତ

ବାଲିକୁଦା,୧୧।୮ (ସମିସ): ମାଛଗାଁସ୍ଥ ଡଃ ଶ୍ରୀରାମ ଦାଶ ପାଠାଗାର ପରିସରରେ ପ୍ରଜ୍ଞାପୁରୁଷ ଶ୍ରୀରାମ ଦାଶଙ୍କ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ଶ୍ରୀରାମ ଦାଶ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ମାଟିର ମହକ ଡଃ ଶ୍ରୀରାମ ଦାଶ ଶୀର୍ଷକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା।



ଶିକ୍ଷକ ନେତା ନିରଞ୍ଜନ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାନସଭା ସଚିବ ଦାଶରଥି ଶତପଥୀ, ମୁଖ୍ୟବକ୍ତା ଭାବେ ବାଲିକୁଦା ମହାବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ପ୍ରଦୀପ ଶତପଥୀ ଓ ସମ୍ମାନିତ ଅତିଥି ଭାବେ ଜଗତସିଂହପୁର ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ମାଛଗାଁ ସମିତି ସଭ୍ୟ ନିରଞ୍ଜନ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଶୁଭେନ୍ଦୁ ଦାଶ, ପୂର୍ବତନ ଶିକ୍ଷକ ଅରୁଣ ମହାନ୍ତି, ବସନ୍ତ ଜେନା, ରବୀନ୍ଦ୍ର ନାୟକ, ସଞ୍ଜୟ ପାଳ, ସାମ୍ବାଦିକ ରାଧାକାନ୍ତ ମିଶ୍ର, ଶ୍ରୀଧର ତ୍ରିପାଠୀ, ରାଜେନ୍ଦ୍ର ଦାଶ, ମାନସ କାନୁନଗୋ, ଅଜୟ ରାଉତ, ବିଧାନ ରାଉଳ, ନୀଳକଣ୍ଠ ମଲ୍ଲିକ, ରାଧାଶ୍ୟାମ ବାରିକ, ସୁଦାମ ବାରିକ, ହେମନ୍ତ ଦାଶ ପ୍ରମୁଖ ଯୋଗଦେଇ ଡଃ ଦାଶଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଅଧ୍ୟକ୍ଷ ତଥା ସାମ୍ବାଦିକ ମନୋଜ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରୋଗୀ କଲ୍ୟାଣ ସମିତି ବୈଠକ

ବାଲିକୁଦା,୧୧।୮ (ସମିସ): ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲିକୁଦା-ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇ ମେଡିକାଲର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ସରକାରଙ୍କ ପକ୍ଷରୁ ଦୀର୍ଘ ୭ ବର୍ଷ ପୂର୍ବେ ବୋରିକିନା ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାରୀ ଘୋଷଣା କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପ୍ରଶାସନିକ ବ୍ୟବସ୍ଥା କରାଯାଇ ନ ଥିବାରୁ ଉଦବେଗ ପ୍ରକାଶ ପାଇଥିଲା। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨୪ ଘଣ୍ଟିଆ ସେବା ଯୋଗାଇ ଦେବାକୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅନୁରୋଧ କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସମସ୍ତ ପ୍ରକାର ଆନୁସଙ୍ଗିକ ସରଞ୍ଜାମ ଓ ବ୍ୟବସ୍ଥା ଦିଗରେ ବିଧାୟକ ଶ୍ରୀ ଜେନା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇବା




ପାଇଁ ପ୍ରତିଶ୍ରୁତି ଦେଇଥିଲେ। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସରକାରୀ ବାସଗୃହ ଯୁଦ୍ଧକାଳୀନ ଭିତ୍ତିରେ ପୁନଃନିର୍ମାଣ ସହିତ ଜଳଯୋଗାଣ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ମରାମତି ପାଇଁ ବୈଠକରେ ସ୍ଥିର କରାଗଲା। ବୋରିକିନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୬ଟି ଉପ-ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟକ୍ରମ ଓ ଗାଁ କଲ୍ୟାଣ ସମିତିର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ବ୍ଲକ୍ ଅଧ୍ୟକ୍ଷ ପ୍ରକାଶ ପ୍ରଧାନ, ବିଡିଓ ସାଗର ନନ୍ଦ, ଜିଲ୍ଲା ପରିଷଦ ସଭ୍ୟା ରୁନିଲତା ବେହେରା, ବୋରିକିନା ସରପଞ୍ଚ ସାଗରିକା ପରିଡା, ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ହିମାଂଶୁ ସାହୁ, ଡା. ଗୀତାଞ୍ଜଳି ସାହୁ, ଡା. ସୁବ୍ରତ ସାହୁ, ଫାର୍ମାସିଷ୍ଟ ଜ୍ୟୋତିପ୍ରକାଶ ନାୟକ, ବିପିଏମ ବନବିହାରୀ ମହାରଣା, ଡା. ସୁବ୍ରତ ସାହୁ, ଡା. ରାଜେଶ ରାଉତ, ଡା. ଅଂଶୁମାନ ପାଢ଼ୀ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ ରୋଗୀ ସେବା ଓ ମେଡିକାଲର ପରିଷ୍କାର ପରିଚ୍ଛନ୍ନତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଡା. ଗୀତାଞ୍ଜଳି ସାହୁ ବୈଠକର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ମେଡିକାଲ କର୍ମଚାରୀ ଦିଲ୍ଲୀପ ମୁଦୁଲି, ଅର୍ଜୁନ ପୃଷ୍ଟି, ସମୀର ଗୋଛାୟତ, କବିତା ଗୋଛାୟତ, ଟିକି ବାରିକ, ସତ୍ୟଜିତ ସାହୁ ପ୍ରମୁଖ ସହାୟତା କରିଥିଲେ। ଡା. ଗୀତାଞ୍ଜଳି ସାହୁ ଧନ୍ୟବାଦ ଦେଇଥିଲେ।

## 'ଆ ସଙ୍ଗାତ ଆରେ' ଓ 'ଆମ ଘର ସରଗପୁର' ଲୋକାର୍ପିତ




କୁଜଙ୍ଗ,୧୧।୮ (ସମିସ): ଶିଶୁ ସାହିତ୍ୟ ରଚନା ସମୟରେ ସାହିତ୍ୟିକ ନିଜକୁ ଶିଶୁ ଭଳି ଭାବିବାକୁ ହୁଏ। ଶିଶୁ ବୁଝିଲା ପରି ଛନ୍ଦ ସୃଷ୍ଟି କରି ଶିଶୁଙ୍କ ମନଲାଖି ଶିଶୁ ଗୀତ ରଚନା କରିପାରିଲେ, ତାହା କାଳଜୟୀ ହୋଇପାରିବ ବୋଲି ଡକ୍ଟର ରଘୁ ସାହୁଙ୍କ ଶିଶୁ ଗୀତ ପୁସ୍ତକ "ଆ ସଙ୍ଗାତ ଆରେ' ଓ "ଆମ ଘର ସରଗପୁର' ଉନ୍ମୋଚନ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ସୂଚନା ଭବନଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜର ପୂର୍ବତନ ସମ୍ପାଦକ ଡକ୍ଟର ପ୍ରଭାସ ଚନ୍ଦ୍ର ଆଚାର୍ଯ୍ୟ ଯୋଗଦେଇ ବର୍ତ୍ତମାନ ସାହିତ୍ୟରେ ଶିଶୁ କବିତାର ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। କବି ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ରାଜୀବ ଷଡ଼ଙ୍ଗୀ, ବ୍ରହ୍ମାନନ୍ଦ ବିଶ୍ୱାଳ, ଡକ୍ଟର ରବୀନ୍ଦ୍ର ବିହାରୀ, ହିମାଂଶୁ ଆଚାର୍ଯ୍ୟ, ସୁରଞ୍ଜନ ଲେଙ୍କା, ସୁଧାଂଶୁ ଶତପଥୀ, ଜଗନ ସାହୁ, ଡକ୍ଟର କେଶବ ଦଳେଇ, ଡକ୍ଟର ଗଙ୍ଗାଧର ସାମନ୍ତରାୟ, ବାବୁରାମ ଚୌଧୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପୁସ୍ତକ ଉନ୍ମୋଚନ କରିଥିଲେ। ଏ ଅବସରରେ କୃତି ସାହିତ୍ୟିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡକ୍ଟର ରୋଜାଲିନ ଧନ୍ୟବାଦ ପ୍ରଦାନ କରିଥିଲେ। ଲୋକାର୍ପଣ ପୂର୍ବରୁ ଜିଲ୍ଲାସ୍ତରୀୟ କବିତା ପାଠୋତ୍ସବ କବି ପ୍ରଭାତୀ ମାଝୀ, ଦୀପ୍ତି ଖଣ୍ଡୁଆଳ ଓ ସବିତା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। କବି କୈଳାସ ସ୍ୱାଇଁଙ୍କ ସଭାପତିତ୍ୱରେ କବି ସନ୍ତୋଷ ସାମଲ, ଉମାକାନ୍ତ ନାୟକ, ଗୋଲୋକ ବିହାରୀ ପଳେଇ, ଡକ୍ଟର ପ୍ରତାପ ମହାପାତ୍ର, ପୀତାମ୍ବର ମହାପାତ୍ର, ଡକ୍ଟର ବିଷ୍ଣୁପ୍ରିୟା ଦାଶ, ସବିତା ମହାପାତ୍ର, ଅନଙ୍ଗ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଶତାଧିକ କବି ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। କବି ବାସବ ନନ୍ଦ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଭୁତି ଦାଶ ଧନ୍ୟବାଦ ଦେଇଥିଲେ।

## କାମରେ ଲାଗୁନି ମିଶନ ଶକ୍ତି ଗୃହ

ଏରସମା/ତିର୍ତ୍ତୋଲ,୧୧।୮ (ସମିସ): ତିର୍ତ୍ତୋଲ ବ୍ଲକ୍ ଅଧୀନ ଇବ୍ରିସିଂ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ମିଶନ ଶକ୍ତି ଗୃହ କାର୍ଯ୍ୟରେ ଲାଗୁନି। ଉକ୍ତ ଗୃହ କାର୍ଯ୍ୟ ୨ ବର୍ଷରୁ ଅଧିକ ଦିନ



ପୂର୍ବରୁ ସମ୍ପୂର୍ଣ୍ଣ ହୋଇସାରିଲାଣି। ତାହା କାର୍ଯ୍ୟରେ ଲାଗୁନି। ସେହି ଘର ଉପରେ ଅନାବନା ଗଛ ମାଡ଼ିଗଲାଣି। ଏହି ଗୃହକୁ କାମରେ ଲଗାଇବାକୁ ସାଧାରଣରେ ଦାବି କରାଯାଇଛି।

### ଅଲ୍ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘର କାମ ବନ୍ଦ ଆନ୍ଦୋଳନ

# ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ଜଗତସିଂହପୁର ଜିଲ୍ଲା କର୍ମଚାରୀ

ଜଗତସିଂହପୁର,୧୧।୮ (ସମିସ)

ଓଡ଼ିଶାର ସମସ୍ତ ଜିଲ୍ଲାରେ କାର୍ଯ୍ୟରତ ରାଜସ୍ୱ ଅମଲଙ୍କ ୧୦ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଏ ସମ୍ପର୍କରେ ଆଲୋଚନା ଓ ପତ୍ରାଳାପ ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଓଡ଼ିଶା ରାଜସ୍ୱ ଅମଲା ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜିଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ଥିବାବେଳେ ଜଗତସିଂହପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ଛୁଟିରେ ଅଛନ୍ତି। ସୂଚନା ମୁତାବକ, ଗତ ୮ ତାରିଖରେ ରାଜସ୍ୱ ଅମଲା ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେନାହିଁ, ସେତେଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି




ସଂଘର ଜଗତସିଂହପୁର ଜିଲ୍ଲା ସଭାପତି ନିହାର ଦାସ ପ୍ରକାଶ କରିଛନ୍ତି। ଏହି ଆନ୍ଦୋଳନ ସମୟରେ ଜନସାଧାରଣ ଯାହା ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା କହିଛନ୍ତି। ଜିଲ୍ଲା ସଭାପତି ନିହାର ଦାସ ପ୍ରକାଶ କରିଛନ୍ତି, ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତମାସ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟା ଧରି ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହ ଆଲୋଚନା କରି ୧୫ ଦିନ ମଧ୍ୟରେ ଦାବି ପୂରଣ ହେବା ନେଇ ପ୍ରତିଶ୍ରୁତି ଦେଇଥିଲେ। ତେଣୁ ଜୁଲାଇ ୧୪ ତାରିଖରେ ହେବାକୁ ଥିବା ରାଜସ୍ୱ ଅମଲାଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। ୧୦ ତାରିଖ ସୁଦ୍ଧା ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦ ପ୍ରତିଶତରୁ ୩୩ ପ୍ରତିଶତ କରିବା ସହ ଲେବେଲ-୯ରେ ଜଣେ ଜିଲ୍ଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଫଳରେ ସମସ୍ତ ରାଜସ୍ୱ ଅମଲାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା।

ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରିଆସୁଛନ୍ତି। ଏହି ଆନ୍ଦୋଳନ ଫଳରେ ସରକାରୀ ସେବା ପାଇବାକୁ ଜନସାଧାରଣ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ସଙ୍ଘ କ୍ଷମା ପ୍ରାର୍ଥନା କରିଛି।

## ମହିଳାଙ୍କୁ ହତ୍ୟା ଉଦ୍ୟମ

କୁଜଙ୍ଗ,୧୧।୮ (ସମିସ): ମହିଳାଙ୍କ ଗଳା କାଟି ହତ୍ୟା ଉଦ୍ୟମ ହୋଇଛି। ମହିଳାଙ୍କ ତଣ୍ଟି, ଗାଲ ଓ ହାତରେ କ୍ଷତ ହୋଇଛି। ତାଙ୍କୁ ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଯୁବକକୁ କାବୁ କରି ପୁଲିସ ଜିମା ଦେଇଛନ୍ତି। ଯୁବକ ଜଣକ ଗଞ୍ଜାମ ଜିଲ୍ଲା ଶେରଗଡ ଥାନା ଅଞ୍ଚଳର ବୋଲି ଜଣାପଡ଼ିଛି। କୁଜଙ୍ଗ ପୁଲିସ ପହଞ୍ଚି ତନାଘନା ଆରମ୍ଭ କରିଛି। କୁଜଙ୍ଗ ଥାନା ବଳେଇପୁର ପଞ୍ଚାୟତ ତନ୍ତିଆ ବାରବାଟୀ ଗ୍ରାମର ପ୍ରଭାତୀ ରାଉତ (୨୮ ବର୍ଷ) ବ୍ୟାଙ୍କ କାର୍ଯ୍ୟରେ ପାଟପୁର ଆସୁଥିଲେ। ଏହି ସମୟରେ ଶେରଗଡ ଅଞ୍ଚଳର ରାଜେଶ ବେହେରା (୨୩ ବର୍ଷ) ଓ ତା'ର ଦୁଇ ସହଯୋଗୀ ପାଟପୁରସ୍ଥ ରେଲୱେ କ୍ରସିଂ ନିକଟରେ ମହିଳାଙ୍କୁ ଆକ୍ରମଣ କରିଥିଲେ। ମହିଳାଙ୍କ ତଣ୍ଟିରେ ଗଭୀର କ୍ଷତ ହେବା ସହିତ ଗାଲ ଓ ହାତରେ ଗଭୀର କ୍ଷତ ହୋଇଥିଲା। ସ୍ଥାନୀୟ ଲୋକେ ରାଜେଶ ବେହେରାଙ୍କୁ କାବୁ କରିନେଇଥିଲେ। ପରେ ମହିଳାଙ୍କୁ କୁଜଙ୍ଗ ମେଡିକାଲ ପଠାଇଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେହିପରି ଲୋକଙ୍କ ମାଡ଼ରେ ଆହତ ଅଭିଯୁକ୍ତ ରାଜେଶ ମଧ୍ୟ କୁଜଙ୍ଗ ମେଡିକାଲରେ ଭର୍ତ୍ତି ହୋଇଛି। ଅନ୍ୟ ଦୁଇ ସହଯୋଗୀ ଫେରାର୍ ହୋଇଯାଇଛନ୍ତି। ହତ୍ୟା ଉଦ୍ୟମର କାରଣ ଅସ୍ପଷ୍ଟ ରହିଛି।

## 'ଶିକ୍ଷକ ଅନୈତିକ କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ'

ତିର୍ତ୍ତୋଲ,୧୧।୮ (ସମିସ): ଶିକ୍ଷକ ସବୁ ପ୍ରକାର ଅନୈତିକ କାର୍ଯ୍ୟରୁ ନିବୃତ୍ତ ରହନ୍ତୁ। ଯଦ୍ୱାରା ସମସ୍ତ ଶିକ୍ଷକ ସମାଜ ମୁଣ୍ଡ ତଳକୁ ହୋଇଯାଉଛି ବୋଲି ତିର୍ତ୍ତୋଲଠାରେ ବ୍ଲକ୍ ଶିକ୍ଷକ ମହାସଂଘ ସାଂଗଠନିକ ବୈଠକରେ ନିଖିଳ



ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଅକ୍ଷୟ ଦାସ ମତବ୍ୟକ୍ତ କରିଛନ୍ତି। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ପଲାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘ ସଭାପତି ଶ୍ରୀ ଦାସଙ୍କୁ ଉତ୍ତରୀୟ, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ 'ଭୂମିପୁତ୍ର ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ସବୁ ବର୍ଗର ଶିକ୍ଷକଙ୍କ ସମସ୍ୟାକୁ ସମାଧାନ କରିବା ପାଇଁ କମିଟି ଗଠନ କରାଯାଇଥିଲା। ଏହି କମିଟିରେ ଧର୍ମାନନ୍ଦ ମଲ୍ଲିକ, ବାସବ ନନ୍ଦ, ଦୀପକ ସିଂ, ପବିତ୍ର କର, ଅକ୍ଷୟ ସାହୁ, ସୁରେନ୍ଦ୍ର ମହାପାତ୍ର, କ୍ୟାପଟେନ ଜ୍ଞାନଜ ସାମନ୍ତରାୟ, ଝୁଲରାମ ଦାସ, ଅକ୍ଷୟ ନାୟକ, ବିଜୟ ସ୍ୱାଇଁ ପ୍ରମୁଖ କର୍ମକର୍ତ୍ତା ଓ ପରାମର୍ଶଦାତା ଭାବେ ରହିଛନ୍ତି।

### ● ତିର୍ତ୍ତୋଲ କଲେଜ ଛାତ୍ରଙ୍କ ଅନଶନ

## ଉପଜିଲ୍ଲାପାଳଙ୍କ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ତିର୍ତ୍ତୋଲ, ୧୧।୮ (ସମିସ): ଆଦିକବି ସାରଳା ଦାସ ମହାବିଦ୍ୟାଳୟର ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଛାତ୍ର ସଂଗଠନ ଛାତ୍ର ଆଜି କଲେଜ କାର୍ଯ୍ୟାଳୟ



ଆଗରେ ଆମରଣ ଅନଶନରେ ବସିଥିଲେ। ଛାତ୍ରୀ ନିବାସ କାର୍ଯ୍ୟକ୍ଷମ କରିବା, ପଛ ଭାଗରେ ପାଚେରି ନିର୍ମାଣ, କ୍ୟାଣ୍ଟିନ ପ୍ରତିଷ୍ଠା, ଆଇଡିପି କୋଠା ଘରକୁ ସଡ଼କ ନିର୍ମାଣ, ପ୍ରେକ୍ଷାଳୟ ନିର୍ମାଣ, ପରିସ୍ରାଗାର ଓ ଖେଳ ପଡିଆର ପୁନରୁଦ୍ଧାର, ଛାତ୍ରଙ୍କ ପାଇଁ ସାଧାରଣ କୋଠରୀ ନିର୍ମାଣ, ଅଣଛାତ୍ର ପ୍ରବେଶ ନିଷେଧ ଆଦି ୧୧ ଦଫା ଦାବି କରାଯାଇଥିଲା। ଅପରାହ୍ନରେ ବିଡିଓ ଦୀପକ ସ୍ୱାଇଁ, ଏବିଡିଓ ସତ୍ୟଜିତ ସ୍ୱାଇଁ, ତହସିଲଦାର ମହେଶ୍ୱର ବେହେରା ପହଞ୍ଚି ଛାତ୍ରଙ୍କ ସହ ଆଲୋଚନା କରିଥିଲେ। ପରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇ ପହଞ୍ଚି ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମମତା ରାଉତଙ୍କ ସମେତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

## ସହିଦ ଖୁଦିରାମଙ୍କ ଫାଶୀ ଦିବସ ପାଳନ

ନାଉଗାଁ,୧୧।୮ (ସମିସ): ୧୯୦୮ ଆଜିର ଦିନରେ ୧୮ ବର୍ଷର ଖୁଦିରାମ ବୋଷଙ୍କୁ ଇଂରେଜ ଶାସକ ଫାଶୀ ଖୁଣ୍ଟରେ ଝୁଲାଇ ଦେଇଥିଲେ। ଆଜି ତାଙ୍କର ଫାଶୀ ଦିବସ



ପାଳିତ ହୋଇଛି। ଏସୟୁସିଆଇ (କମ୍ୟୁନିଷ୍ଟ) ଜିଲ୍ଲା ସମ୍ପାଦକ କମ୍ରେଡ ସୁବାସ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଯୋଗଦେଇ ସହିଦ ଖୁଦିରାମଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ବିପ୍ଳବୀ ସଂଗୀତ ଗାନ କରାଯାଇଥିଲା। ଇତିଶ୍ରୀ ବିଶ୍ୱାଳ, ଅଭିପ୍ସା ମୁଦୁଲି, ଗଉରୀ ସାମଲ, ଅନନ୍ୟା ପ୍ରିୟଦର୍ଶିନୀ, ଆଦିତ୍ୟ ମୁଦୁଲି, ରାମଚନ୍ଦ୍ର ଭୋଇ, ଦୀପ୍ତିରଞ୍ଜନ ବିଶ୍ୱାଳ, ପ୍ରଜିତ ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରାଦୀପ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ପାରାଦୀପ,୧୧।୮ (ସମିସ): ପାରାଦୀପ ପୌରପାଳିକା ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ତ୍ରିରଙ୍ଗା ଶୋଭାଯାତ୍ରାରେ ପାରାଦୀପର ସବୁ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ମହିଳା ସମିତି, ସ୍ୱୟଂସହାୟିକା ଗୋଷ୍ଠୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ବିଭିନ୍ନ ଶିଳ୍ପସଂସ୍ଥାର ଶ୍ରମିକ ସାମିଲ ହୋଇଥିଲେ। ଶୋଭାଯାତ୍ରା ପାରାଦୀପ କଲେଜ ନିକଟରୁ ବାହାରି ବଡ଼ପଡିଆ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତି ନିକଟରେ ଶେଷ ହୋଇଥିଲା। ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଶୋଭାଯାତ୍ରାରେ ଅତିରିକ୍ତ ଜିଲ୍ଲାପାଳ ନିରଞ୍ଜନ ବେହେରା, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ସର୍ବେଶ୍ୱର ବଳିୟାରସିଂ, ପାରାଦୀପ କଲେଜ ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ, ସାଂସଦଙ୍କ ପାରାଦୀପ ପ୍ରତିନିଧି ଗୌତମ ନାୟକ, ପୌରପାଳିକା ପାରିଷଦ ଯୋଗ ଦେଇଥିଲେ।

# ଗୋଟେ ଗାଡ଼ିକୁ ଧରିଲା; ଅନ୍ୟ ଗାଡ଼ିକୁ ଦଣ୍ଡ ଦେଲା

ଟାଙ୍ଗୀ,୧୧।୮ (ସମିସ): କଥାରେ ଅଛି ପୁଲିସ ପବନକୁ ବି ଫାଶ ପକାଇପାରେ। କଥାଟି ଅଡୁଆ ଲାଗୁଥିଲେ ବି ଘଟଣାଟା ନିରାଟ ସତ। ବାଲୁଗାଁ ମା' ଭଗବତୀ ଘରୋଇ ବସ୍ ମାଲିକ ସଂଘ ପରିସରଭୁକ୍ତ ଏକ ଯାତ୍ରୀବାହୀ ବସ୍ ବିରୋଧରେ ଏକ ଶୂନ୍ୟ ଚଢ଼କ କେନ୍ଦୁଝର ପୁଲିସ ଦ୍ୱାରା ପଡ଼ିଥିବା ଜଣାପଡ଼ିଛି। ଏହି ବସ୍‌ଟି ଏ ଅଞ୍ଚଳରେ ଥିଲେ ମଧ କେନ୍ଦୁଝର ପୁଲିସ ଏକ ଚାଲାଣ କାଟିବା ଫଳରେ ସମ୍ପୃକ୍ତ ବସ୍ ମାଲିକଙ୍କ ନାମରେ ଏକ ଚାଲାଣ ହୋଇଥିବା ସମ୍ପର୍କରେ ମୋବାଇଲକୁ ମେସେଜ ଆସିଥିବା ଜଣାପଡ଼ିଛି। ଏହି ବସ୍ ବିରୋଧରେ ହୋଇଥିବା ଜରିମାନା ଦର୍ଶାଇ ଏକ ମେସେଜ୍ ଆସିବା ପରେ ପୁଲିସର ବିଶ୍ୱସନିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଘଟଣାରୁ ପ୍ରକାଶ ଯେ, କେନ୍ଦୁଝର ପୁଲିସର ଜଣେ ଆସିଷ୍ଟାଣ୍ଟ ସବ୍ ଇନ୍ସପେକ୍ଟର ସତ୍ୟଜିତ୍ ନାୟକ ରବିବାର ରାତି ୧୦ଟା ୫୨ ମିନିଟ୍‌ରେ ଓଡି ୦୨ ସିଆର୍ ୩୯୬୯ ବିରୋଧରେ ଏକ ଚାଲାଣ କରି ଜରିମାନା କରିଥିବାବେଳେ ମୋଟରଯାନ ଆଇନ ଧାରା ୧୭୭(ଜେନେରାଲ ଅଫେନ୍ସ), ପୁଲିସକୁ ଅବମାନନା କରିଥିବାରୁ ଧାରା ୧୭୯(୧)ରେ ଏକ ଚାଲାଣ କରି ୨୫୦୦ ଟଙ୍କା ଅନ୍‌ଲାଇନ୍ ଚାଲାଣରେ ଜରିମାନା କରିଥିବାବେଳେ ସମ୍ପୃକ୍ତ ପୁଲିସ ଅଧିକାରୀ ଚାଲାଣ ଫଟୋରେ ଓଡି ୦୨ ସିଆର୍ ୩୯୬୯ ଗାଡ଼ିର ନମ୍ବର ପ୍ଲେଟ୍ ଅପ୍‌ଲୋଡ୍ କରିଥିବାବେଳେ ଓଡି ୦୨ ସିଆର୍ ୩୯୩୯ ନମ୍ବରରେ ଚାଲାଣଟି ଏଣ୍ଟ୍ରି କରିଥିବା ଜଣାପଡ଼ିଛି। ଫଳରେ ବିନା କାରଣରେ ଜଣେ ଗାଡ଼ି ମାଲିକ ଶୂନ୍ୟରେ ଜରିମାନାର ଶିକାର ହୋଇଛି। ଏପରିକି ଅନ୍‌ଲାଇନ୍‌ରେ ଜରିମାନାଦେୟ ଡିପୋଜିଟ୍ କର ଅଥବା କେନ୍ଦୁଝର ପୁଲିସ ବିଭାଗୀୟ ଅଧିକାରୀଙ୍କ ନିକଟରେ ଉପସ୍ଥିତ ହୋଇ ଘଟଣାର ଫଇସଲା କରିବାକୁ ଚାଲାଣରେ ଦର୍ଶାଯାଇଛି। ସବୁଠାରୁ ବଡ଼ କଥା ହେଲା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଯଦି ଚାଲାଣଟି ଫଇସଲା କରାନଯାଏ ତେବେ ସମ୍ପୃକ୍ତ କେନ୍ଦୁଝର ପୁଲିସ ପରିସରଭୁକ୍ତ କୋର୍ଟକୁ ଚାଲାଣଟି ପଠାଇ ଦିଆଯିବା ପରେ କୋର୍ଟରେ ସମ୍ପୃକ୍ତ ଗାଡ଼ିର ମାଲିକ ସମସ୍ତ କାଗଜପତ୍ର ସହ ବ୍ୟକ୍ତିଗତ ହାଜର ହୋଇ ଜରିମାନା ଦାଖଲ ପରେ ଘଟଣାର ଫଇସଲା କରାଯିବା ନିୟମ ରହିଛି। ଜଣେ ଦାୟିତ୍ୱସମ୍ପନ୍ନ ପୁଲିସ ଅଧିକାରୀ ଏଭଳି ଗୁରୁତର ତ୍ରୁଟି ପ୍ରତି ଦୃଷ୍ଟି ନ ଦେବା ଯେତିକି ଦୁର୍ଭାଗ୍ୟଜନକ ଖର୍ଚ୍ଚାନ୍ତ ହୋଇ ଜଣେ ନିର୍ଦ୍ଦୋଷ ଗାଡ଼ି ମାଲିକ କେନ୍ଦୁଝର ପୁଲିସରେ ଉପସ୍ଥିତ ହେବା ତା'ଠାରୁ ଅଧିକ ଆର୍ଥିକ ତଥା ମାନସିକ ଯନ୍ତ୍ରଣାଦାୟକ।

# ସାମୂହିକ ଛୁଟିରେ ଜିଲ୍ଲାର ସମସ୍ତ ଅମଲା; ଅଫିସ କାର୍ଯ୍ୟ ବାଧାପ୍ରାପ୍ତ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଖୋର୍ଦ୍ଧା ଶାଖାର ବିକ୍ଷୋଭ



ଖୋର୍ଦ୍ଧା,୧୧।୮ (ସମିସ): ରାଜ୍ୟ ସଂଗଠନର ଆହ୍ୱାନ କ୍ରମେ ଜିଲ୍ଲା ରାଜସ୍ୱ ଅମଲା ସଂଘ ୧୦ ଦଫା ଦାବିକୁ ନେଇ ସୋମବାରଠାରୁ ସମୂହ ଛୁଟିରେ ରହି ଅନିର୍ଦ୍ଦିଷ୍ଟ ସମୟ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପ୍ରଥମ ଦିନରେ ଶାନ୍ତିପୂର୍ଣ୍ଣ ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ରାଜସ୍ୱ ଅମଲାମାନେ ଜିଲ୍ଲା କାର୍ଯ୍ୟାଳୟ ସମେତ ପ୍ରତିଷ୍ଠାନ, ଆପାତ୍‌କାଳୀନ, ନିଜାରତ, ଅଧିଗ୍ରହଣ, ରାଜସ୍ୱ ବିଭାଗ ଆଦି ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥାନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଣୟନ ଏବଂ ଜରୁରୀକାଳୀନ ସ୍ଥିତିକୁ ମୁକାବିଲା ଆଦି ବିଭିନ୍ନ କାର୍ଯ୍ୟକ୍ରମକୁ ସୂଚାରୁଭାବେ ପରିଚାଳନା କରିଥାନ୍ତି। ପୂର୍ବରୁ ପ୍ରତିବାଦ ସ୍ୱରୂପ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଜୁଲାଇ ୭ରେ କାର୍ଯ୍ୟରତ ଥିବା ଜିଲ୍ଲାର ରାଜସ୍ୱ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ କରିଥିଲେ। ୯ ତାରିଖ ଦିନ ରାଜସ୍ୱ ବିଭାଗ ମନ୍ତ୍ରୀଙ୍କ ସହ ଅମଲା ସଂଘର ଏକ ପ୍ରତିନିଧି ଦଳର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଦାବି ପୂରଣକୁ ନେଇ ରାଜ୍ୟ ସରକାର ଦୁଇ ସପ୍ତାହ ସମୟ ମାଗିଥିବାବେଳେ ଅମଲା ସଂଘ ପକ୍ଷରୁ ୧ମାସ ସମୟ ଦିଆଯାଇଥିଲା। ମାତ୍ର ସେମାନଙ୍କ ଦାବି ପ୍ରତି ସରକାର ଆଜିପର୍ଯ୍ୟନ୍ତ ନିରବ ରହିବା ପ୍ରତିବାଦରେ ଜିଲ୍ଲାରେ କାର୍ଯ୍ୟରତ ଥିବା ୨୪୮ ଜଣ ରାଜସ୍ୱ ଅମଲା ଦାବି କରିଆସୁଥିବା ମୂଳ ଦରମା, ଓଆର୍‌ଏସ୍‌ପି ନିୟମ ଅନୁଯାୟୀ ଲେବେଲ୍-୯କୁ ବୃଦ୍ଧି କରିବା, ଜିଲ୍ଲାପାଳମାନଙ୍କ ସୁପାରିସ୍ ଆଧାରରେ କ୍ୟାଡର ପୁନର୍ଗଠନ ତଥା ଓଆର୍‌ଏସ୍ ପଦୋନ୍ନତିରେ ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କୁ ସୁଯୋଗ ଦେବା ସହିତ ୧୦ ଦଫା ଦାବି ପୂରଣ ଦାବିରେ ସୋମବାରଠାରୁ ଛୁଟିରେ ଯାଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଜିଲ୍ଲା କାର୍ଯ୍ୟାଳୟ ସମେତ ଜିଲ୍ଲାର ସମସ୍ତ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟିରେ ରହି ଅଫିସ କାର୍ଯ୍ୟକୁ ସମ୍ପୂର୍ଣ୍ଣ ଠପ୍ କରିଦିଆଯିବ ବୋଲି ଜିଲ୍ଲା ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଧାରଣାରେ ସଂଘର ଖୋର୍ଦ୍ଧା ଜିଲ୍ଲା ଶାଖା କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ମହାପାତ୍ର, ସମ୍ପାଦକ ଅରୁଣ କୁମାର ମୁଦୁଲି, ସାଂଗଠନିକ ସମ୍ପାଦକ ରଶ୍ମିରଞ୍ଜନ ରାଉତରାୟ, ସନ୍ତୋଷ କୁମାର ନିଶଙ୍କ, ଅନିତା ବେହେରା, ବ୍ରଜକିଶୋର ମହାପାତ୍ର, ଭବାନୀ ଶଙ୍କର ବିଧାର, ସୁପ୍ରଭା ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

**ଜଟଣୀ:** କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କୁ ମୂଳ ଦରମା ଓଆର୍‌ଏସ୍‌ପି ୨୦୧୭ ମସିହା ଅନୁଯାୟୀ ଲେଭେଲ୍ ୯କୁ ବୃଦ୍ଧି କରିବା, ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟବୀମା ଲାଗୁ କରିବା, ପୁରାତନ ପେନ୍‌ସେନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ନୂତନ ପଦ ସୃଷ୍ଟି କରିବା ସହ ପଦ ପୁନର୍ଗଠନ କରିବା ଭଳି ୧୦ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘ ପକ୍ଷରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନ ଆରମ୍ଭ କରିଛି। ଏହି ଅବସରରେ ଜଟଣୀ ତହସିଲ୍ କାର୍ଯ୍ୟାଳୟର ଅମଲା କର୍ମଚାରୀମାନେ କଲମଛାଡ଼ ଆନ୍ଦୋଳନ କରିଛନ୍ତି। ସଂଘ ଦାବି କରିଛି ଯେ ଏହି ୧୦ଦଫା ଦାବି ନେଇ ଗତ ଜୁଲାଇ ୭ ତାରିଖଠାରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିଥିଲେ। ପରେ ଜୁଲାଇ ୯ରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ସଂଘ ଆଲୋଚନା କରି ଶୀଘ୍ର ସମାଧାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘଟଣାକୁ ଏକ ମାସ ବିତିଯାଇଥିଲେ ମଧ କୌଣସି ଏକ ଦାବି ପୂରଣ ହେଲା ନାହିଁ। ତେଣୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଡକରା ଦିଆଯାଇଛି ବୋଲି କହିଛନ୍ତି। ଏଥିରେ ବିଶ୍ୱଜିତ୍ ପ୍ରଧାନ, ପ୍ରଭାତ ଶ୍ରୀଚନ୍ଦନ, ସ୍ୱାଗତିକା ମଲ୍ଲିକ, ଲମ୍ବୋଦର ନାଏକ, କିରଣ କୁମାର ନନ୍ଦ, ରାଜେଶ ନାୟକ, ରାଧାକାନ୍ତ ନାୟକଙ୍କ ସମେତ ଅନ୍ୟ ଅମଲା କର୍ମଚାରୀ ସାମିଲ୍ ହୋଇଛନ୍ତି।



**ନିରାକାରପୁର:** ଚଳିତ ବର୍ଷ ୨୦୨୫-୨୬ ଖରିଫ୍ ଧାନ ପଞ୍ଜୀକରଣ ପ୍ରକ୍ରିୟା ଚାଲୁ ରହିଛି। ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଆଇ, ଅମିନଙ୍କ ଦସ୍ତଖତ ବଂଶାବଳୀରେ ନ ରହିଲେ ସମିତି ପଞ୍ଜୀକରଣ ଫର୍ମ ଗ୍ରହଣ କରୁନାହାନ୍ତି। ଏଭଳି କ୍ଷେତ୍ରରେ ଅମଲା ସଂଘର କଲମଛାଡ଼ ଆନ୍ଦୋଳନ ଚାଷୀ ପଞ୍ଜୀକରଣରେ ବାଧକ ସାଜୁଛି ଏବଂ ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆର୍‌ଆଇ ଅଫିସ୍‌କୁ ଯାଇ ଲୋକେ ଲମ୍ବା ଲାଇନ୍‌ରେ ଅପେକ୍ଷା କରିବାକୁ ପଡୁଛି। ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ମିଡିଆରେ ଚାଷୀ ପଞ୍ଜୀକରଣ ସରଳୀକରଣ ହୋଇଯାଇଛି ବୋଲି କହୁଥିବାବେଳେ କୌଣସି ଲିଖିତ ନିର୍ଦ୍ଦେଶ ଆଜି ପର୍ଯ୍ୟନ୍ତ ସମବାୟ ସମିତିକୁ ଆସି ନ ଥିବା ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସମିତିଠାରୁ ସୂଚନା ମିଳିଛି। ଏଭଳି କ୍ଷେତ୍ରରେ ଚାଷୀ କ'ଣ କରିବେ ଚିନ୍ତାରେ ପଡ଼ିଛନ୍ତି।

## ପର୍ଯ୍ୟଟନ ବିଭାଗର 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ




ବାଲୁଗାଁ,୧୧।୮ (ସମିସ): ଭାରତ ପର୍ଯ୍ୟଟନ ବିଭାଗ ଆନୁକୂଲ୍ୟରେ ସୋମବାର ମା' କାଳିଜାଇ ମୋଟର ବୋଟ୍ ଅସୋସିଏସନ, ପାନ୍ଥନିବାସ କର୍ମକର୍ତ୍ତା ଓ ଚିଲିକା ଅଞ୍ଚଳର ବୁଦ୍ଧିଜୀବୀମାନଙ୍କୁ ନେଇ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ଆଞ୍ଚଳିକ ସହନିର୍ଦ୍ଦେଶିକା ରଶ୍ମି ସୋନିଆ ତିର୍କୀ, ପର୍ଯ୍ୟଟନ ବିଭାଗର ପିଆର୍‌ଓ ଜଗନ୍ନାଥ ବେହେରା, ପାନ୍ଥନିବାସର ପରିଚାଳକ ଦିଲ୍ଲୀପ କୁମାର ସାଇଁ ଓ ଆଭାସର ପ୍ରତିଷ୍ଠାତା ସୁଶାନ୍ତ କୁମାର ଦାଶ ପ୍ରମୁଖ ଯୋଗଦେଇ ହର୍ ଘର୍ ତିରଙ୍ଗା, ତିରଙ୍ଗାର ମହତ୍ତ୍ୱ ଓ ଭାରତର ଐକ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଏଥିରେ ଅତିଥିମାନଙ୍କ ସହ ମା' କାଳିଜାଇ ମୋଟର ବୋଟ୍ ଆସୋସିଏସନ୍‌ର କଳାଚାନ୍ଦ ବେହେରା, ରଞ୍ଜିତ୍ ପ୍ରଧାନ, ପ୍ରଭାତ ବେହେରା, ଅନନ୍ତ ଚରଣ ଖଟେଇ ପ୍ରମୁଖଙ୍କ ସମେତ ମୋଟର ବୋଟ୍ ଆସୋସିଏସନର ସଦସ୍ୟ, ପାନ୍ଥନିବାସର କର୍ମକର୍ତ୍ତା, ଅଞ୍ଚଳର ବହୁ ବୁଦ୍ଧିଜୀବୀ, ପୁରୁଷ ଓ ମହିଳା ସାମିଲ୍ ହୋଇ ସୋମବାର ସକାଳେ ପାନ୍ଥନିବାସ ଛକ ନିକଟରୁ ପଦଯାତ୍ରାରେ ବାହାରି ବିଭିନ୍ନ ସ୍ଲୋଗାନମାନ ଦେଇ ଚିଲିକା ଜେଟିରେ ପହଞ୍ଚି ଭାରତ ସରକାରଙ୍କ 'ହର୍ ଘର୍ ତିରଙ୍ଗା' କାର୍ଯ୍ୟକ୍ରମକୁ ସରସ ଓ ସୁନ୍ଦର କରିଥିଲେ। ଏହି ଅବସରରେ ସମସ୍ତ ଡଙ୍ଗା ଚାଳକମାନଙ୍କୁ ଟି-ସାର୍ଟ ଓ ଭାରତ ଜାତୀୟ ପତାକା ପ୍ରଦାନ କରାଯାଇଥିଲା। ଶେଷରେ ଶ୍ରୀ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ଏଆଇଡିଏସ୍‌ଓ ପକ୍ଷରୁ ସହିଦ୍ ଖୁଦିରାମ ବୋଷଙ୍କ ଫାଶୀ ଦିବସ

ଖୋର୍ଦ୍ଧା,୧୧।୮ (ସମିସ): ଆପୋଷହୀନ ଧାରାର ଅଗ୍ନିଯୁଗର କିଶୋର ସହିଦ୍ ଖୁଦିରାମ ବୋଷଙ୍କ ୧୧୭ତମ ଫାଶୀ ଦିବସ ଏଆଇଡିଏସ୍‌ଓ, ଖୋର୍ଦ୍ଧା ଲୋକାଲ କମିଟି ପକ୍ଷରୁ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୁଖ୍ୟ ଫାଟକ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଖୁଦିରାମଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ପ୍ରାଣନାଥ ମହାବିଦ୍ୟାଳୟ ଛାତ୍ରନେତା ରାକେଶ କାଣ୍ଡିଙ୍କ ସଭାପତିତ୍ୱରେ ଲୋକାଲ କମିଟିର ସମ୍ପାଦକ ଅବିନାଶ ପ୍ରଧାନ ସ୍ୱାଧୀନତା ଆନ୍ଦୋଳନରେ ଖୁଦିରାମଙ୍କ ବଳିଦାନ ଉପରେ ଆଲୋଚନା କରିଥିଲେ। ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଛନ୍ତି।

## ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ଅଭ୍ୟାସ ପରେଡ୍

ଖୋର୍ଦ୍ଧା,୧୧।୮ (ସମିସ): ସୋମବାର ଅପରାହ୍ନ ୩ଟାରେ ଜିଲ୍ଲା ସଦର ମହକୁମା ବିଜେବି ହାଇସ୍କୁଲ ଖେଳପଡ଼ିଆରେ ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ ସତ୍ୟକାନ୍ତ ମନୋରଞ୍ଜନ ଜେନାଙ୍କ ପରିଚାଳନାରେ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରେଡ୍‌ରେ ଆଇଟିବିପି, ତରତୁଆ ସମେତ ଏପିଆର୍, ଗୃହରକ୍ଷୀ ବାହିନୀ, ପୁଲିସ ବ୍ୟାଣ୍ଡ ପାର୍ଟି ଏବଂ ବିଭିନ୍ନ ମହାବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟସ୍ତରୀୟ ଏନ୍‌ସିସି, ସ୍କାଉଟ୍ସ, ଗାଇଡ୍ସ, ସିଭିଲିଆନ୍ ବିଭାଗରେ ବିଭିନ୍ନ ବର୍ଗର ଟ୍ରୁପ୍‌ମାନେ ଅଂଶଗ୍ରହଣ କରିଥିଲେ। ମଙ୍ଗଳବାର ଅପରାହ୍ନ ୩ଟାରେ ଦ୍ୱିତୀୟ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ ଏବଂ ୧୩ ତାରିଖ ସକାଳ ୮ଟାରେ ଚୂଡ଼ାନ୍ତ ଅଭ୍ୟାସ ପରେଡ୍ ଅନୁଷ୍ଠିତ ହେବ। ଆଜିର ଅଭ୍ୟାସ ପରେଡ୍‌ରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, କାର୍ଯ୍ୟାଳୟର କର୍ମଚାରୀ, ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ କର୍ମଚାରୀ ପ୍ରମୁଖ ବିଜେବି ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଚିନ୍ମୟ ମାର୍ଥା, ଜିଲ୍ଲା କଳା ସଂସ୍କୃତି ସଂଘ ଉପସଭାପତି କବିରାଜ ପ୍ରଧାନ ଏବଂ ରିଜର୍ଭ ଇନ୍ସପେକ୍ଟର ଅଫ୍ ପୁଲିସ କାର୍ଯ୍ୟାଳୟ ସର୍ଜଣ୍ଟ, ହାବିଲ୍‌ଦାର ଏବଂ ସମସ୍ତ ଟ୍ରୁପ୍‌ର ଗାଇଡ୍ ଶିକ୍ଷକମାନେ ଉପସ୍ଥିତ ଥିଲେ।

## କ୍ରୀଡ଼ା ଭାରତୀ ଓଡ଼ିଶାର ପୂର୍ବପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ




ବାଣପୁର,୧୧।୮ (ସମିସ): କ୍ରୀଡ଼ା ଭାରତୀ ଓଡ଼ିଶା ପକ୍ଷରୁ ପୂର୍ବପ୍ରାନ୍ତ କାର୍ଯ୍ୟକାରିଣୀ ବୈଠକ ବାଣପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବପ୍ରାନ୍ତର ସଭାପତି ଡ. ଅଶୋକ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଅନୁଷ୍ଠାନର ରାଜ୍ୟ ସମ୍ପାଦକ ରଘୁନାଥ ସାହୁ, ସଂଘ ପ୍ରଚାରକ ତଥା ଓଡ଼ିଶା, ପଶ୍ଚିମବଙ୍ଗ ଓ ସିକିମ କ୍ଷେତ୍ର ସଂଯୋଜକ ମହାଦେବ ବେହେରା, ଉପସଭାପତି ସରୋଜିନୀ ଷଡ଼ଙ୍ଗୀ, ସମ୍ପାଦକ ବୈରାଗୀ ଚରଣ ବଳ ଓ ଆଡ୍‌ଭୋକେଟ୍ ଡ. ଅଳକା ମିଶ୍ର, ରାଜ୍ୟ କୋଷାଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟ ସଦସ୍ୟ ଓ କ୍ରୀଡ଼ାବିତ୍ ଯୋଗଦେଇଥିଲେ। ସଂଘର ଶତବାର୍ଷିକୀ ଉତ୍ସବ ପାଳନ ନିମନ୍ତେ ବ୍ଲକ୍‌ଠାରୁ ଆରମ୍ଭ କରି ରାଜ୍ୟସ୍ତରୀୟ କବାଡ଼ି ପ୍ରତିଯୋଗିତା ଆୟୋଜନ କରିବା ଏବଂ ପୂର୍ବପ୍ରାନ୍ତର ୧୬ଟି ଜିଲ୍ଲାରେ କ୍ରୀଡ଼ା ଭାରତୀର ଶାଖାଗୁଡ଼ିକୁ ପୁନର୍ଗଠନ କରିବା ସହ ପାରମ୍ପରିକ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ପାଇଁ ଉକ୍ତ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତତ୍‌ସହିତ ଆସନ୍ତା ୩୦ ତାରିଖରେ ଖଡ଼ଗପୁରର ଆଇଆଇଟି ପରିସରରେ ଆୟୋଜିତ ହେବାକୁ ଥିବା କ୍ଷେତ୍ରୀୟ ବୈଠକ ଓ ଡିସେମ୍ବର ମାସରେ କର୍ଣ୍ଣାବତୀଠାରେ ଅନୁଷ୍ଠିତ ହେବାକୁ ଥିବା ଅଖିଳ ଭାରତୀୟ ବୈଠକ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଆଗାମୀ ସେପ୍ଟେମ୍ବର ୧୪ରେ ଆୟୋଜିତ ହେବାକୁ ଥିବା କ୍ରୀଡ଼ା ଜ୍ଞାନ ପରୀକ୍ଷା ନିମନ୍ତେ ଗୋଦାବରୀଶ ମହାବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଶେଷରେ ଅନୁଷ୍ଠାନ ତରଫରୁ ଧନ୍ୟବାଦ ଦିଆଯାଇଥିଲା।

● ଅଧପନ୍ତରିଆ ଅବସ୍ଥାରେ ଦୁଇ ଅଙ୍ଗନବାଡ଼ି ଗୃହ

## ବିଦ୍ୟାଳୟ ବାରଣ୍ଡାରେ ଚାଲିଛି ପାଠପଢ଼ା

ନିରାକାରପୁର,୧୧।୮ (ସମିସ): ଖୋର୍ଦ୍ଧା ଜିଲ୍ଲା ନୂଆଗଡ଼ ପଞ୍ଚାୟତ ଅଧୀନସ୍ଥ ୱାର୍ଡ ନମ୍ବର ୫ (ନୂଆଗଡ଼) ଓ ୱାର୍ଡ ନମ୍ବର ୬ (ବିଶ୍ୱନାଥପୁର) ଅଙ୍ଗନବାଡ଼ି କେନ୍ଦ୍ର ୨୦୦୭ରୁ କାର୍ଯ୍ୟକାରୀ ହୋଇଛି। ୨୦୧୨ରୁ ନିଜସ୍ୱ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ପାଇଁ ଅନୁମୋଦନ ହୋଇଥିଲେ ମଧ ଏପର୍ଯ୍ୟନ୍ତ ଏହା ସମ୍ପୂର୍ଣ୍ଣ ହୋଇପାରି ନାହିଁ।



୨୦୨୪ରେ ସ୍ଥାନ ନିରୂପଣ କରାଯାଇ ଉଭୟ ଅଙ୍ଗନବାଡ଼ି କେନ୍ଦ୍ର କାର୍ଯ୍ୟ ଆରମ୍ଭ ହୋଇଥିଲେ ମଧ ଅଧପନ୍ତରିଆ ହୋଇ ପଡ଼ିରହିଛି। ଯାହା ଫଳରେ ଉଦୟପୁର ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ଉଭୟ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁ ରହିଛି। ନିଜସ୍ୱ ଗୃହ ନ ଥିବାରୁ ପିଲାଙ୍କ ପାଇଁ ଆସୁଥିବା ଖେଳ ଉପକରଣ ତଥା ପାଠ ପଢ଼ିବା ଉପକରଣ ଏଣେତେଣେ ପଡ଼ି ନଷ୍ଟ ହେଉଛି। ଅଙ୍ଗନବାଡ଼ି ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ଲୁହା ଛଡ଼ରେ କଳଙ୍କି ଲାଗିଗଲାଣି। ଏହାର ନିର୍ମାଣ କାର୍ଯ୍ୟକୁ ନେଇ ଏବେ ଗ୍ରାମବାସୀଙ୍କ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ବାରମ୍ବାର ଜନପ୍ରତିନିଧି ତଥା ବ୍ଲକ୍ ପ୍ରଶାସନ ନିକଟରେ ଗୁହାରି କଲେ ମଧ କିଛି ସୁଫଳ ମିଳୁନାହିଁ।

## ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ସ୍ମୃତିଚାରଣ ସଭା

ଜଟଣୀ,୧୧।୮ (ସମିସ): ଜଟଣୀର ଲଢୁଆ ନେତା ତଥା କ୍ରାନ୍ତିକାରୀ ଶ୍ରମିକ ନେତା ସୁଶାନ୍ତ ମହାନ୍ତିଙ୍କ ୨୪ତମ ସ୍ମୃତିଚାରଣ ସଭା ସ୍ଥାନୀୟ ବରିଷ୍ଠ ନାଗରିକ ସେବା ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରରୁ ଅଲଗା କରି ଜଟଣୀକୁ ଏକ ସ୍ୱତନ୍ତ୍ର ବିଧାନସଭା ନିର୍ବାଚନମଣ୍ଡଳୀ କରାଯିବାକୁ ୧୯୭୨ରେ ସ୍ୱର୍ଗତ ସୁଶାନ୍ତ ମହାନ୍ତି ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ ଓ ଲୋକନାୟକ ଜୟପ୍ରକାଶ ନାରାୟଣଙ୍କ ଡକରାରେ କ୍ରାନ୍ତି ଆନ୍ଦୋଳନରେ ନିଜକୁ ସାମିଲ କରିବା ସହିତ ୧୯୭୫ରେ ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣାକୁ ବିରୋଧ କରି ୧୯ ମାସ କାରାବରଣ କରିଥିବାର ଏହି ସ୍ମୃତିଚାରଣ ସଭାରେ ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେସନର ସଭାପତି ଅବନୀ ରାଉତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସ୍ମୃତିଚାରଣ ସଭାରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ଉପସଭାପତି ତଥା ପୂର୍ବତନ ସରପଞ୍ଚ ଦିବାକର ମଙ୍ଗରାଜ, ସମ୍ପାଦକ ବୈଷ୍ଣବ ଚରଣ ବରାଳ, ଯୁବ ସଂଗଠକ ଅରୁଣ ମହାନ୍ତି, ଶ୍ରମିକ ନେତା ସାରଙ୍ଗଧର ବେହେରା, ଜଟଣୀ ବିକାଶ ପରିଷଦ ଉପସଭାପତି ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ଯୁବ ସଂଗଠକ ସୁଶାନ୍ତ ସାମନ୍ତରାୟ, ସୁଶାନ୍ତ ରାଉତ, ବୈରାଗୀ ଚରଣ ଜେନା, ବିଷ୍ଣୁପ୍ରସାଦ ଘଟୁଆରୀ, ଆଡ୍‌ଭୋକେଟ ଆଶୁତୋଷ ରାୟ, ସମାଜସେବୀ ହବିବୁର ରହମାନ ପ୍ରମୁଖ ଯୋଗଦେଇଥିଲେ। ବାସୁଦେବ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜି ବିଶ୍ୱ ହସ୍ତୀ ଦିବସ; ଥମୁନି ହାତୀ-ମଣିଷ ଲଢ଼େଇ

# ଦୁଇ ବର୍ଷରେ ୧୩ ମଣିଷ, ୬ ହାତୀ ମୃତ

ଖୋର୍ଦ୍ଧା,୧୧।୮ (ସମିସ): ଅଗଷ୍ଟ ୧୨ ତାରିଖ ବିଶ୍ୱ ହସ୍ତୀ ଦିବସ। ୨୦୧୨ରୁ ଆରମ୍ଭ ହୋଇଥିବା ଏହି ଦିବସକୁ ସେହିଦିନଠାରୁ ପାଳନ କରାଯାଉଛି। ହାତୀଙ୍କର ସୁରକ୍ଷା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଥିବାବେଳେ ଏହି ଉପଲକ୍ଷେ ବହୁ ବନପ୍ରେମୀ ବିଭିନ୍ନ ମଞ୍ଚ ବା କାର୍ଯ୍ୟକ୍ରମରେ ଲମ୍ବା ଚଉଡ଼ା ଭାଷଣ ଦେବାର ନଜିର ମଧ ରହିଛି। ହାତୀକୁ ଐତିହ୍ୟ ପ୍ରାଣୀ ଘୋଷଣା କରାଯାଇଥିଲେ ମଧ ହାତୀ ମଣିଷ ଲଢ଼େଇ ଥମିବାର ନାଁ ଧରୁନି। ଦୁଇବର୍ଷ ଭିତରେ ୧୩ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ୬ଟି ହାତୀଙ୍କ ମୃତ୍ୟୁ ହୋଇଛି।



ହାତୀ ସୁରକ୍ଷା ଏବଂ ସଂରକ୍ଷିତ ପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଏଥିପାଇଁ ୧୯୮୨ ମସିହାରେ ପ୍ରାୟ ୧୯୩ ବର୍ଗ କିଲୋମିଟର ପରିଧି ମଧ୍ୟରେ ଚନ୍ଦକା ଅଭୟାରଣ୍ୟ ସୃଷ୍ଟି ହୋଇଥିଲା। ସେହି ସମୟରେ ଅତି କମ୍‌ରେ ୬୦ ପାଖାପାଖି ହାତୀ ରହୁଥିଲେ। ହାତୀଙ୍କୁ ଅବରୋଧ କରିବାକୁ ପ୍ରାୟ ୨୫ ବର୍ଷ ତଳେ ଅଭୟାରଣ୍ୟ ଚତୁଃପାଶ୍ୱର୍ରେ ୧୭୪ କି.ମି. ସୌରଚାଳିତ ଆଲୁଅ ସଂଯୋଗ ଥିବା ତାରବାଡ଼ ନିର୍ମାଣ ହୋଇଥିଲା। ୨୦୦୬ରେ ହାତୀ ଚନ୍ଦକା ଅଭୟାରଣ୍ୟର ପ୍ରାୟ ୩୨୭ ଗଳାବାଟ ଦେଇ ଜନବସତିକୁ ଆସୁଥିଲେ ବୋଲି ଜନୈକ ବନ କର୍ମଚାରୀଙ୍କ ସୂତ୍ରରୁ ଜଣାଯାଇଛି। ତେଣୁ ହାତୀ କେମିତି ଚନ୍ଦକା ଜଙ୍ଗଲ ମଧ୍ୟରେ ଅବରୋଧ ହୋଇ ରହିବେ ତାହା ଉପରେ ସେ ସମୟରେ ଗୁରୁତ୍ୱ ଦିଆଯାଇଥିଲା। ଚତୁଃପାଶ୍ୱର୍ରେ ୧୭୪ କିଲୋମିଟର ବ୍ୟାପି ଟ୍ରେଞ୍ଚ୍ ନିର୍ମାଣ କରାଯାଇଥିଲା। ଫଳରେ ପାଖାପାଖି ୫୦ ଗଳାବାଟରେ ହାତୀ ଚଳପ୍ରଚଳ କରିବାରେ ସକ୍ଷମ ହୋଇଥିଲେ। ମାତ୍ର ପରିବେଶ ସନ୍ତୁଳନ ହରାଇବା ଏବଂ କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ଅଭୟାରଣ୍ୟରେ ପଡ଼ିବାରେ ଏହାର ସିଧାସଳଖ ପ୍ରଭାବ ହାତୀ ଚଳାଚଳ ଉପରେ ପଡ଼ିଛି। ବହୁ ଟ୍ରେଞ୍ଚ ପୋତିହେବା ଯୋଗୁଁ ଅଧିକାଂଶ ହାତୀପଲ୍ଲ ଆଠଗଡ଼ ଜଙ୍ଗଲମୁହାଁ

● ଜନ ସୁରକ୍ଷା, ଗଜ ରକ୍ଷା ଯୋଜନାରେ ସାମିଲ ହୋଇଛି ୪ ଗାଁ
● ସୋଲାର ତାରବାଡ଼ ପାଇଁ ଚାଷୀଙ୍କୁ ବ୍ୟକ୍ତିଗତ ଭାବେ ୫୦% ଏବଂ ଗୋଷ୍ଠୀକୁ ୯୦% ଦିଆଯାଉଛି ସବ୍‌ସିଡି

ହେଉଥିବାବେଳେ ଆଉକିଛି ହାତୀ ଖୋର୍ଦ୍ଧା ବନଖଣ୍ଡରେ ଉପଦ୍ରବ ଜାରି ରଖିଛନ୍ତି। ସେହିପରି ନୟାଗଡ଼ ଓ ବ୍ରହ୍ମପୁର ଅଞ୍ଚଳରୁ ଆସୁଥିବା ହାତୀ ବି ଉପଦ୍ରବ କରୁଛନ୍ତି। ଖୋର୍ଦ୍ଧା ବନଖଣ୍ଡରେ ଏବେ ପ୍ରାୟ ୭୫ ହାତୀ ଦେଖାଯାଉଥିବା ବେଳେ ବର୍ତ୍ତମାନ ପାଖାପାଖି ୫୩ ହାତୀ ରହିଛନ୍ତି।

ଅନ୍ୟପକ୍ଷରେ ହାତୀ-ମଣିଷ ସଂଘର୍ଷ ରୋକିବାକୁ ସରକାର ଯୋଜନା କରିଛନ୍ତି। ହାତୀ ସୁରକ୍ଷା ନେଇ ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ ଜନସୁରକ୍ଷା-ଗଜ ରକ୍ଷା କାର୍ଯ୍ୟକ୍ରମ କରାଯାଉଛି। ଲୋକଙ୍କୁ ସୁରକ୍ଷା ଦେଲେ ହାତୀର ସୁରକ୍ଷା ହେବ। ଏହା ଦୁଇଟି ମଡେଲରେ କରାଯାଉଛି। ଗୋଟିଏ ବ୍ୟକ୍ତିଗତ, ଅନ୍ୟଟି ପିପିପି ମୋଡ୍‌ରେ ଗୋଷ୍ଠୀଙ୍କୁ ନେଇ ହେଉଛି। ହାତୀ ଗତିବିଧି ଅଧିକ ଥିବା ଅଞ୍ଚଳରେ ସୋଲାର ତାରବାଡ଼ ହୋଇଛି। ଖୋର୍ଦ୍ଧା ବନଖଣ୍ଡରେ ସୋଲାର ତାରବାଡ଼ର ୪ଟି ପ୍ରକଳ୍ପ କାର୍ଯ୍ୟ ହୋଇଛି। ଧୀରେ ଧୀରେ ଅନ୍ୟସବୁ ଅଞ୍ଚଳରେ କରାଯିବ। ସୋଲାର ତାରବାଡ଼ ହାତୀ ଚଳାଚଳକୁ ପ୍ରଭାବିତ କରିବ ନାହିଁ।

ହାତୀ ଆସିଲେ ସାମାନ୍ୟ ସକ୍ ପାଇ ଫେରିଯିବେ, ମାତ୍ର ମରିବେ ନାହିଁ। ମୁଖ୍ୟତଃ ଚାଷଜମି ଓ ହାତୀ କରିଡର ପାଖରେ ସୋଲାର୍ ତାରବାଡ଼ କରାଯାଉଛି। ଏଥିପାଇଁ ଖର୍ଚ୍ଚ ଅର୍ଥର ସବ୍‌ସିଡି ସରକାର ଦେଉଛନ୍ତି। ଏଥିରେ ଚାଷୀଙ୍କୁ ବ୍ୟକ୍ତିଗତଭାବେ ୫୦% ଏବଂ ଅନ୍ୟଟି ପିପିପି ମୋଡ୍‌ରେ ଗୋଷ୍ଠୀକୁ ୯୦% ସବ୍‌ସିଡି ଦିଆଯାଉଥିବା ବନଖଣ୍ଡ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ହାତୀ ଯେଉଁ ଅଞ୍ଚଳରେ ବୁଲାବୁଲି କରୁଛନ୍ତି ସେ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ଫୋନ୍‌କୁ ମେସେଜ ଯୋଗେ ସୂଚନା ଦିଆଯାଉଥିବା ଡିଏଫ୍‌ଓ ଲାଡେ ଗଜାନନ ଦୟାନନ୍ଦ ସୂଚନା ଦେଇଛନ୍ତି।

● ପଞ୍ଚାୟତସ୍ତରୀୟ ମିଳିତ ଜନଶୁଣାଣି ଶିବିର

## ୧୪୬ରୁ ୯ ଅଭିଯୋଗର ତ୍ୱରିତ ସମାଧାନ



ବେଗୁନିଆ,୧୧।୮ (ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଦେଉଳି ପଞ୍ଚାୟତରେ ଜିଲ୍ଲା ପ୍ରଶାସନ ଓ ପୁଲିସ ପ୍ରଶାସନର ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ବିଧାୟକ ପ୍ରଦୀପ କୁମାର ସାହୁ, ଆରକ୍ଷୀ ଅଧୀକ୍ଷିକା ସାଗରିକା ନାଥ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡା, ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କଅଁର, ବିଡିଓ ସନ୍ତୋଷ କୁମାର ଜେନା ଓ ତହସିଲ୍‌ଦାର ତାପସ ବିଶି ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏହି ଶିବିରରେ ମୋଟ୍ ୧୪୬ଟି ଅଭିଯୋଗ ମଧ୍ୟରୁ ୧୧୫ଟି ବ୍ୟକ୍ତିଗତ ଓ ୩୧ଟି ଅଭିଯୋଗ ଗ୍ରାମୀଣ ସମସ୍ୟା ରହିଥିଲା। ୯ଟି ଅଭିଯୋଗର ତ୍ୱରିତ ସମାଧାନ କରାଯାଇଥିଲା। ସେହିପରି ଦେଉଳି ପଞ୍ଚାୟତର ୪ଟି ଅଭିଯୋଗର ଗୁରୁତ୍ୱର ସହ ବିଚାର କରି ଚିକିତ୍ସା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫୦ ହଜାର ଟଙ୍କା ଓ ଜିଲ୍ଲା ରେଡ୍‌କ୍ରସ୍ ପାଣ୍ଠିରୁ ୧୫ ହଜାର ଟଙ୍କା ଜିଲ୍ଲାପାଳ ପ୍ରଦାନ କରିଥିଲେ।

ସକାଳ
THE SAKALA



## ଗଜପତିର ଆଧାର; ଗଞ୍ଜାମରୁ ମିଳୁନି ଆହାର

# ବୁରୁପୁଟୁକୁ ଛୁଇଁନି ବିକାଶ; ଆଦିବାସୀ ଅସହାୟ





ଧରାକୋଟ, ୧୧।୮ (ସମିସ)

ଭାରତ ବର୍ଷର ଅନେକ ଅଞ୍ଚଳ କାଳକ୍ରମେ ସୃଷ୍ଟି ହୋଇଛି। ବହୁ ଗ୍ରାମ ଓ ସହର ରହିଛି ଯେଉଁଠି ସମୟକ୍ରମେ ଜନବସତି ଗଢି ଉଠିଛି। ପରବର୍ତ୍ତି ସମୟରେ ସ୍ଥାନୀୟ ପ୍ରଶାସନ ଓ ସରକାର ଏହାକୁ ନୂତନ ଜନବସତି ଭାବେ ଗଢିତୋଳିବା ସହିତ ଅଧିବାସୀଙ୍କୁ ମୌଳିକ ସୁବିଧା ପ୍ରଦାନ କରିଥାନ୍ତି। ଏଭଳି ଏକ ନୂତନ ଜନବସତି ହେଉଛି ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲାରେ। ଆଦିବାସୀ ଇଲାକାର ଅନ୍ଧାରୀ ମୂଲକର ଗାଁ ବୁରୁପୁଟୁ। ଧରାକୋଟ ବ୍ଲକର ସାବା ପଞ୍ଚାୟତ ଅଧିନରେ ରହିଛି ଏହି ଗାଁ। ହେଲେ ଆଶ୍ଚର୍ଯ୍ୟର କଥା ସରକାରଙ୍କ ବିଭିନ୍ନ ମୌଳିକ ସୁବିଧାରୁ ଏଠାକାର ୧୮ ଗୋଟି ପରିବାର ବଞ୍ଚିତ ରହିଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ପିଇବା ପାଣି, ଆଲୋକ, ଅଙ୍ଗନବାଡ଼ି କେନ୍ଦ୍ର ଭଳି ସର୍ବନିମ୍ନ ସୁବିଧା ବୁରୁପୁଟୁ ଗାଁରେ ନାହିଁ। ଖବର ସଂଗ୍ରହ ବେଳେ ଜଣାଯାଇଛି ଗାଁ ଲୋକଙ୍କର ଆଧାର କାର୍ଡ ଗଜପତି ଜିଲ୍ଲାର। ଗଜପତି ଜିଲ୍ଲା ପ୍ରଶାସନ ଅଣଦେଖା କରିବାରୁ ବାଧ ହୋଇ ନିଜ ଜ୍ଞାତି କୁଟୁମ୍ବ ନିକଟକୁ ଆସି ବସତି ସ୍ଥାପନ କରିଛନ୍ତି। ଧରାକୋଟ ବ୍ଲକରୁ ପୁରୁଷ, ମହିଳା, ଗର୍ଭବତୀ, ପ୍ରସୂତି ଖାଦ୍ୟ ସୁରକ୍ଷା ଯୋଜନା, ମମତା ଯୋଜନା, ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ଯୋଜନାରୁ ଏମାନେ ବଞ୍ଚିତ। ଆଜିର ଡିଜିଟାଲ ଦୁନିଆରେ ହିତାଧିକାରୀମାନେ ଆଧାର କାର୍ଡ ଅପଲୋଡ କରିବା ବାଧତାମୂଳକ ହୋଇଥିବା ବେଳେ ବୁରୁପୁଟୁ ଗାଁ ଲୋକେ ବହୁଦିନ ଧରି ଏଠାରେ ବସବାସ କରୁଥିଲେ ମଧ୍ୟ ସେମାନଙ୍କ ନାମ ଗଜପତି ଜିଲ୍ଲାରୁ ବାଦ୍ ହୋଇନି। ଫଳରେ ଏମାନେ ଗଞ୍ଜାମରରେ ସରକାରଙ୍କ କୌଣସି ସୁବିଧା ସୁଯୋଗରେ ସାମିଲ ହୋଇ ପାଇପାରୁନାହାନ୍ତି।

### ମୌଳିକ ସୁବିଧା ସାତସପନ; ତିନି କିମି ଦୂର ଅଙ୍ଗନବାଡ଼ି

ଗାଁରେ ୬ମାସରୁ ତିନି ବର୍ଷ ବୟସର ତିନି ଜଣ ପିଲା ଓ ଜଣେ ପ୍ରସୂତିଙ୍କୁ ଘୋଡାଆମ୍ବ ଅଙ୍ଗନବାଡ଼ି କେନ୍ଦ୍ରରୁ ଖାଦ୍ୟ ମିଳୁଛି। କିନ୍ତୁ ଆଧାର କାର୍ଡ ଗଜପତି ଜିଲ୍ଲାର ହୋଇଥିବାରୁ ପ୍ରାକ ବିଦ୍ୟାଳୟ ପିଲା ଅଙ୍ଗନବାଡ଼ି କେନ୍ଦ୍ରର ସୁବିଧାରୁ ବଞ୍ଚିତ ରହିଛନ୍ତି। କିଶୋରୀ ବାଳିକାମାନେ ରକ୍ତହୀନତା ନ ହେବା ନିମନ୍ତେ ରହିଥିବା ମୁଖ୍ୟମନ୍ତ୍ରୀ ପୁଷ୍ଟିହୀନତା ଯୋଜନାରେ ସାମିଲ ହୋଇପାରୁନାହାନ୍ତି। ଆଦ୍ୱିକା କାର୍ଯକ୍ରମରୁ ବହୁ ଦୂରରେ ରହିଛନ୍ତି। ଶିଶୁ ମାନଙ୍କ ଟୀକାକରଣ, ଟେକ ହୋମ ରାସନ, ପ୍ରାକ ବିଦ୍ୟାଳୟ, ଗଣ ପୋଷାକ, ମଧ୍ୟାହ୍ନ ଭୋଜନ, ମାଗଣା ପୁସ୍ତକ, କିଶୋରୀ ମାନଙ୍କ ମାଗଣା ସାଇକଲ ଯୋଜନା ସବୁ ଏଠାରେ ସାତ ସପନ। ଗାଁକୁ କେବଳ ରାସ୍ତା ଖଣ୍ଡିଏ ନିର୍ମାଣ ହୋଇଛି। ପିଇବା ପାଇଁ ପାଣି ବ୍ୟବସ୍ଥା ନଥିବା ବେଳେ ବିଜୁଳି ଆଲୁଅ ନାହିଁ। ଦିନରେ ସୂର୍ଯ୍ୟ କିରଣ ରାତିରେ ସୋଲାରର ମିଞ୍ଜି ମିଞ୍ଜି ଆଲୁଅ ସହ ଡିବିରି ଆଲୁଅରେ ରାତି କାଟୁଛନ୍ତି ଲୋକେ। ସ୍ୱାସ୍ଥ୍ୟ ସେବା ପାଇଁ ସାତ ପାହାଡ଼ ଡେଇଁ ମାଣିକପୁର ଯିବାକୁ ପଡୁଥିବା ବେଳେ ପାଠ ପଢ଼ା ଓ ଅଙ୍ଗନବାଡ଼ି କେନ୍ଦ୍ର ସୁବିଧା ପାଇଁ ଏଠାରୁ ତିନି କିମି ଦୂରରେ ଅବସ୍ଥିତ ଘୋଡ଼ାଆମ୍ବକୁ ପାହାଡ଼ ଚଢ଼ି ଯିବାକୁ ପଡୁଛି। ଅଙ୍ଗନବାଡ଼ି କର୍ମୀ ବୁରୁପୁଟୁ ଗାଁର ତିନି ଜଣ ଶିଶୁ ଓ ଜଣେ ପ୍ରସୂତିଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରୁଥିବା ବେଳେ ଆଧାର ସମସ୍ୟା ଯୋଗୁଁ ପ୍ରାକ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରୁ ବଞ୍ଚିତ ହେଉଥିବା ଜଣାଯାଇଛି। ଘଟଣା ସମ୍ପର୍କରେ ଧରାକୋଟ ସ୍ଥିତ ଶିଶୁ ବିକାଶ କାର୍ଯ୍ୟାଳୟର ସୁପରଭାଇଜରଙ୍କ ସହ ଯୋଗାଯୋଗ ବେଳେ ଏଥିରେ ସୁଧାର ଆଣି ପ୍ରାକ୍ ବିଦ୍ୟାଳୟ ପିଲାଙ୍କୁ ଯଥାଶୀଘ୍ର ସାମିଲ କରାଯିବ ବୋଲି ପ୍ରକାଶ କରିଛନ୍ତି। ସେହିପରି ଭାରପ୍ରାପ୍ତ ବିଡିଓଙ୍କ ଦୃଷ୍ଟି ଆକର୍ଷଣ ବେଳେ ସମସ୍ୟା ଗୁଡ଼ିକର ସମାଧାନ ଉପରେ ଦୃଷ୍ଟି ଦିଆଯିବ ବୋଲି ପ୍ରକାଶ କରିଛନ୍ତି। କହିବାକୁ ଗଲେ ସ୍ୱାଧୀନତାର ଦୀର୍ଘ ଦଶନ୍ଧି ପରେ ମଧ୍ୟ ବୁରୁପୁଟ ଗାଁକୁ ଆଜି ସୁଧା ବିକାଶ ଛୁଇଁପାରିନାହିଁ। ୧୮ ଗୋଟି ଆଦିବାସୀ କୁଇ ସମ୍ପ୍ରଦାୟର ପରିବାର ମୌଳିକ ସମସ୍ୟାକୁ ନେଇ ଅଣନିଶ୍ୱାସୀ ହୋଇପଡ଼ିଲେଣି। ଏଥିପାଇଁ ଗଜପତି ନା ଗଞ୍ଜାମ ଜିଲ୍ଲା ପ୍ରଶାସନ ଦାୟୀ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗଞ୍ଜାମ ଜିଲ୍ଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି



**ଆସିକା, ୧୧।୮ (ସମିସ):** ଆସିକା ବ୍ଲକ କାର୍ଯ୍ୟାଳୟରେ ପୁଲିସ ଓ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ ଓ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ଦାସ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଶିକ୍ଷା ନିବେଶ ପ୍ରଶାସନିକ ଅଧିକାରୀ ଡେପୁଟି କଲେକ୍ଟର କସ୍ତୁରୀ ସ୍ୱାଇଁ ଯୋଗଦେଇ ଜନ ସାଧାରଣଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଶୁଣାଣିରେ ଜନ ସାଧାରଣଙ୍କ ୨୦୫ଟି ଆପତ୍ତି ଓ ଅଭିଯୋଗ ମଧ୍ୟରୁ ୧୪୪ଟି ଶୁଣାଣି ହୋଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲିପିନା ଦାସ ପ୍ରକାଶ କରିଛନ୍ତି। ସେପଟେ ଆସିକା ବ୍ଲକରେ ନୂଆ ସରକାର ଆସିବା ପରଠାରୁ ପଞ୍ଚାୟତରେ କୌଣସି ଉନ୍ନୟନମୂଳକ କାର୍ଯ୍ୟ ହେଉନଥିବା ସହ ପୂର୍ବ ସରକାରଙ୍କ ସମୟରେ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟର ବିଲ୍ ହୋଇ ନଥିବା ସହ ବହୁ ହିତାଧିକାରୀମାନଙ୍କ ଆବାସ ଘର, ରାସନକାର୍ଡ ଭଳି ବହୁ ଯୋଜନାରୁ ଲୋକେ ବଞ୍ଚିତ ହେଉଥିବା ନେଇ ଆସିକା ବ୍ଲକର ନିର୍ବାଚିତ ବିଜେଡ଼ି ସରପଞ୍ଚ ଓ ସମିତିସଭ୍ୟ ମାନେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇଥିଲେ। ଶିବିରରେ ୪ ଜଣ ଭିନ୍ନକ୍ଷମଙ୍କୁ ଟ୍ରାଇସାଇକଲ, ଜଣଙ୍କୁ ବ୍ୟାଟେରି ସାଇକଲ, ଜଣଙ୍କୁ ଆଶାବାଡ଼ି ପ୍ରଦାନ କରାଯାଇଥିବା ବେଳେ ଦୁଇ ଅସହାୟଙ୍କ ଚିକିତ୍ସା ଖର୍ଚ୍ଚ ପାଇଁ ପନ୍ଦର ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି। ଏଥିରେ ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ବିଜେଡି ନେତା ବଟକୃଷ୍ଣ ପଣ୍ଡାଙ୍କ ବିୟୋଗ

**ଗଞ୍ଜାମ, ୧୧।୮ (ସମିସ):** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଗଞ୍ଜାମ ଜିଲ୍ଲା ବିଜେଡି ସମ୍ପାଦକ ବଟକୃଷ୍ଣ ପଣ୍ଡାଙ୍କ ୬୯ ବର୍ଷ ବୟସରେ ପରଲୋକ ଘଟିଛି। କୌଣସି ଏକ ରୋଗରେ କିଛି ମାସ ଧରି ସେ ପୀଡିତ ଥିଲେ। ରବିବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସ୍ୱର୍ଗତ ପଣ୍ଡା ଛାତ୍ର ଜୀବନରୁ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିଲେ। ସେ ବିଜେଡିର ଜଣେ ଟାଣୁଆ ନେତା ଭାବେ ବେଶ୍ ପରିଚିତ ଥିଲେ। ସେ ୨୦୦୯ ରୁ ୨୦୧୪ ପର୍ଯ୍ୟନ୍ତ ବ୍ରହ୍ମପୁର ଲୋକସଭା ସାଂସଦ ପ୍ରତିନିଧି ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜପୁର ସେବା ସମବାୟ ସମିତିର ଚାରିଥର ସଭାପତି ଥିଲେ। ସ୍ୱର୍ଗତ ପଣ୍ଡାଙ୍କ ନେତୃତ୍ୱରେ ଦୁଇ ଦଶନ୍ଧି ଧରି ସମିତି ସଭ୍ୟ /ସରପଞ୍ଚ ବିଜେଡି ଅକ୍ତିଆରରେ ରଖିଥିଲା। ତାଙ୍କ ବିୟୋଗରେ ବିଜେଡି ଜଣେ ଟାଣୁଆ ନେତାକୁ ହରାଇଲା ବୋଲି ଗଞ୍ଜାମ ଏନ୍‌ଏସି ବିଜେଡି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବିୟୋଗ ଖବର ପାଇ ବିଜେଡ଼ି ଛତ୍ରପୁର ବ୍ଲକ ସଭାପତି ପ୍ରଭାସି ନାହାକ, ଯୁବ ନେତା ବିମଳ ପଣ୍ଡା, ସରପଞ୍ଚ ରଞ୍ଜନ ପଲାଇ, ସମିତି ସଭ୍ୟ ମଳୟ ଦାସ, ପୂର୍ବତନ ସମିତି ସଭ୍ୟ ଶମ୍ଭୁ ନାଥ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

## ୨୪ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

**ଛତ୍ରପୁର, ୧୧।୮ (ସମିସ):** ଚମାଖଣ୍ଡି ଥାନା ଅଧୀନ କେରାଣ୍ଡିତୋଳା ଗ୍ରାମରେ ଏକ ହତ୍ୟା ମାମଲାର ଫେରାର ଥିବା ଅଭିଯୁକ୍ତକୁ ଦୀର୍ଘ ୨୪ବର୍ଷ ପରେ ଚମାଖଣ୍ଡି ପୁଲିସ ଗିରଫ କରିଛି। ୨୦୦୧ରେ ଏକ ଝଗଡ଼ାକୁ ନେଇ ପ୍ରଶାନ୍ତ ପ୍ରଧାନଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିଲା। ଏ ନେଇ ପ୍ରଶାନ୍ତର ବାପା କୈବଲ୍ୟ ଛତ୍ରପୁର ଥାନାରେ ମୂଷା ପ୍ରଧାନ, ପଞ୍ଚମା ପ୍ରଧାନ ଓ ଉଦୟ ପ୍ରଧାନ ନାମରେ ଅଭିଯୋଗ କରିଥିଲେ। ସେହି ସମୟରେ ପୁଲିସ ମୂଷାକୁ ଗିରଫ କରିଥିଲା। ଦୀର୍ଘ ୨୪ବର୍ଷ ପରେ ଏହି ହତ୍ୟା ମାମଲାର ଜଡିତ ଉଦୟ ପ୍ରଧାନକୁ ଚମାଖଣ୍ଡି ଥାନାଧିକାରୀ ସବ୍ୟସାଚୀ ମଲ୍ଲଙ୍କ ନେତୃତ୍ୱରେ ଗଠିତ ଟିମ ଚେନ୍ନାଇରୁ ଗିରଫ କରିଛି। ରାଜ୍ୟ ପୁଲିସର ସ୍ୱତନ୍ତ୍ର ଡ୍ରାଇଭ (ଗରୁଡ଼) ମାଧ୍ୟମରେ ପୁରୁଣା ଅପରାଧୀଙ୍କୁ ଧରପଗଡ଼ ଜାରି ରହିଛି। ଏହିକ୍ରମରେ ଏସ୍‌ଆଇ ଅଭିଜିତ ସାମଲ ଓ ଟିମ୍ ଅଭିଯୁକ୍ତକୁ ଚେନ୍ନାଇରୁ ଗିରଫ କରିଥିବା ବେଳେ ଆଜି କୋର୍ଟଚାଲଣ କରାଯାଇଛି।

## ପଥରାରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଖଲ୍ଲିକୋଟ, ୧୧।୮ (ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ପଥରା ଗ୍ରାମରେ ଆଜି ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣଙ୍କ ପବିତ୍ର ବେହେରା। ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ୧୦ଟାରେ ପବିତ୍ର ନିଜ ଘର ଭିତରେ ମୁମୂର୍ଷ ଅବସ୍ଥାରେ ପଡ଼ିଥିବା ବେଳେ ପରିବାର ଲୋକେ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଦିନ ୧୧ଟାରେ ଭେଜିପୁଟ ଫାଣ୍ଡି ପୁଲିସ ମେଡ଼ିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ତେବେ ଯୁବକ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ନା ଅନ୍ୟକେଉଁ କାରଣରୁ ତାଙ୍କର ମୃତ୍ୟୁ ଘଟିଛି ତାହା ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣା ପଡ଼ିବ ବୋଲି ଫାଣ୍ଡି ଏସଆଇ ଭକ୍ତ ଚରଣ ମୁଖୀ କହିଛନ୍ତି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି ପୁଲିସ।

## ସାଇଡ୍ ନ ଦେବାରୁ ମୁଖ୍ୟମନ୍ତ୍ରୀ ବସ୍ ଚାଳକଙ୍କୁ ମାଡ଼



**ସାନଖେମୁଣ୍ଡି, ୧୧।୮ (ସମିସ):** ବିଟ୍ ରାସ୍ତାରେ ଯୁବକଙ୍କ ଦାଦାଗିରି। ମୁଖ୍ୟମନ୍ତ୍ରୀ ବସ୍ ଡ୍ରାଇଭରଙ୍କ ସହ ପ୍ରଥମେ ଗଣ୍ଡଗୋଳ କରି ରାସ୍ତା ଉପରେ ବସ୍ ଅଟକାଇ ଡ୍ରାଇଭର ଜଣଙ୍କୁ ମାଡ଼ ମାରିଥିବା ଘଟଣା ଏବେ ସୋସିଆଲ ମିଡ଼ିଆରେ ମୋବାଇଲ୍‌ରୁ ମୋବାଇଲ ଘୁରି ବୁଲୁଛି। ଏଭଳି ଘଟଣା ଦେଖିବାକୁ ମିଳିଛି ସାନଖେମୁଣ୍ଡି ବ୍ଲକ କଙ୍କୋରଡ଼ା ପଞ୍ଚାୟତ କରାଖଣ୍ଡି ଗ୍ରାମରେ। ସୂଚନା ମୁତାବକ ରବିବାର ସନ୍ଧ୍ୟାରେ ବସ୍‌ଟି କରାଖଣ୍ଡିରୁ ଯାତ୍ରୀନେଇ ସାନଖେମୁଣ୍ଡି ବ୍ଲକ ଅଭିମୁଖେ ଯାଉଥିବା ବେଳେ ବସ୍ ପଛରେ ଥିବା ଜଣେ ଯୁବକ ଓଭରଟେକ୍ କରିବାକୁ ହର୍ଣ୍ଣ ବଜାଉଥିଲେ। କିନ୍ତୁ ରାସ୍ତା ଅଣଓସାରିଆ ଓ ଛୋଟ ହୋଇଥିବାରୁ ବାଇକ୍‌କୁ ସାଇଟ୍ ଦେଇପାରିନଥିଲେ। କିଛି ଦୂର ଯିବା ପରେ ଯୁବକ ଜଣଙ୍କ ବସ୍ ଆଗରେ ବାଇକ୍ ରଖି ଚାଳକ ଡୋର୍ ଖୋଲି ଦୁଇଜଣ ଯୁବକ ଅତର୍କିତ ଆକ୍ରମଣ କରିଥିଲେ। ଗାଡ଼ିର ସାଇଟ୍ କାଚକୁ ମଧ୍ୟ ଭାଙ୍ଗି ଦେଇଥିଲେ। ଆକ୍ରମଣରେ ଆହତ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ବସ୍ ଡ୍ରାଇଭର ଚାଳକ ତଥା ସାନଖେମୁଣ୍ଡି ଆଡପଡ଼ା ଗ୍ରାମର ସପନ କୁମାର ସାହୁ। ଏ ଦୃଶ୍ୟ ଦେଖି ରାସ୍ତାରେ ଯାଉଥିବା ଲୋକ ଓ ବସରେ ଥିବା ଯାତ୍ରୀ ଜୋରରେ ପାଟିତୁଣ୍ଡ କରି ପ୍ରତିବାଦ କରିବା ପରେ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଚାଲି ଯାଇଥିଲେ। ଏନେଇ ଡ୍ରାଇଭର ସପନ କୁମାର ସାହୁ ହିଞ୍ଜିଳି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଦୁଇ ସ୍କୁଟି ଜାଳିଦେଲେ ଦୁର୍ବୃତ୍ତ



**ଖଲ୍ଲିକୋଟ, ୧୧।୮ (ସମିସ):** ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଇତିପୁର ଗ୍ରାମରେ ଦୁଇଟି ସ୍କୁଟି ଜାଳିଦେଲେ ଦୁର୍ବୃତ୍ତ। ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ରୁପା ସାହୁ ଓ ସୁଜ୍ଞାନୀ ପ୍ରଧାନ ଘର ସମ୍ମୁଖରେ ନିଜ ନିଜର ସ୍କୁଟି ରଖିଥିବା ବେଳେ ଗତକାଲି ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୁଇଟି ସ୍କୁଟିରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଛନ୍ତି। ତେବେ ଦୁର୍ବୃତ୍ତମାନେ ଗୋଟିଏ ସ୍କୁଟିକୁ ସାହି ମଝିରେ ଜାଳି ଦେଇଥିବା ବେଳେ ଅନ୍ୟ ଏକ ସ୍କୁଟିକୁ ଗ୍ରାମ ନିକଟସ୍ଥ ବିଲକୁ ନେଇ ନିଆଁ ଲଗାଇ ଦେଇଛନ୍ତି। ଆଜି ସକାଳୁ ଏହି ଘଟଣା ଜଣାପଡ଼ିବା ପରେ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପୁଲିସ ଟିମ୍ ସହ ଗ୍ରାମରେ ପହଞ୍ଚି ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛନ୍ତି। ଏପଟେ ନିଆଁ ଲାଗିବାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ବେଳେ ଦୁଇଟି ସ୍କୁଟି ନିଆଁରେ ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇ ଯାଇଥିବା ଦେଖିବାକୁ ମିଳିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ସନ୍ଦେହ କରାଯାଉଛି। ଅନ୍ୟପଟେ ପୁଲିସ ସିସିଟିଭି ଫୁଟେଜ ଆଧାରରେ ଘଟଣାର ଅଧିକ ତଦନ୍ତ କରୁଛି।

## ଓମ୍ ଶାନ୍ତି ପକ୍ଷରୁ ରକ୍ଷା ବନ୍ଧନ




**ଶେରଗଡ଼, ୧୧।୮ (ସମିସ):** ଶେରଗଡ଼ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ତରଫରୁ ରକ୍ଷା ବନ୍ଧନ ମହୋତ୍ସବ ଅନୁଷ୍ଠିତ ହୋଇଛି। ବ୍ରହ୍ମାକୁମାରୀ ଭଉଣୀମାନେ ଶେରଗଡ଼ ବିଡ଼ିଓ ତୃପ୍ତିମୟୀ ଜେନା, ତହସିଲଦାର ତ୍ରିଦେବ ରଥ, ଥାନାଧିକାରୀ ବରେନ୍ଦ୍ର ସିଅଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ସମୀର ପ୍ରଧାନ, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ, ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କରେ ପହଞ୍ଚି ରକ୍ଷା ବନ୍ଧନ କରିଥିଲେ। ମାନବ ସେବା ହିଁ ମାଧବ ସେବା, ତେଣୁ ସେବାକୁ ବ୍ରତ ଭାବେ ପାଳନ କରି ଈଶ୍ୱରଙ୍କ ବାର୍ତ୍ତାକୁ ପ୍ରଚାର କରିବା ଲାଗି ବାର୍ତ୍ତା ଦେଇଥିଲେ। ପବିତ୍ର ରକ୍ଷା ବନ୍ଧନ କାର୍ଯ୍ୟକ୍ରମରେ ସଂସ୍ଥାର ସଞ୍ଚାଳିକା ଅଙ୍କିତା ଭଉଣୀ ପରମାତ୍ମାଙ୍କ ପରିଚୟ ଓ ରକ୍ଷା ବନ୍ଧନର ମହତ୍ତ୍ୱ ସରଳ ଭାବରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସୁବାଷ ଭାଇ, କୈଳାସ ଭାଇ, ସିମାଦ୍ରୀ ଭାଇ, ଟୁକୁନା ଭାଇ, ବଳରାମ ସାର, ଚାନ୍ଦିନୀ ଭଉଣୀ, ଲକ୍ଷ୍ମୀ ଭଉଣୀ, ଶାନ୍ତି ଭଉଣୀ, ପୁଷ୍ପା ଭଉଣୀ, ଅହଲ୍ୟା ଭଉଣୀ ଉପସ୍ଥିତ ଥିଲେ।

## ହର୍ ଘର୍ ତିରଙ୍ଗା



**ଛତ୍ରପୁର, ୧୧।୮ (ସମିସ):** ସ୍ଥାନୀୟ କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱାଧୀନତା ଦିବସ ଉପଲକ୍ଷେ 'ହର ଘର ତିରଙ୍ଗା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ତ୍ରିରଙ୍ଗା ରଙ୍ଗୋଲି ଓ ତ୍ରିରଙ୍ଗା ରାକ୍ଷୀ ତିଆରି କରିବା, ସେନା କର୍ମଚାରୀଙ୍କୁ ଚିଠି ଲେଖିବା, ପୋଷ୍ଟର ଡ୍ରଇଂ ଏବଂ ସ୍କିଟ୍ ନାଟକ ପ୍ରଦର୍ଶନ କରିବା ଆଦି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଛନ୍ତି। ବିଦ୍ୟାଳୟର ପ୍ରଭାରୀ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ଏବଂ ଶିକ୍ଷକମାନଙ୍କ ସହିତ ସ୍ଲୋଗାନ ଦେଇ, ତିରଙ୍ଗା ପତାକା ଏବଂ ବ୍ୟାନର ଧରି ଏକ 'ହର ଘର ତିରଙ୍ଗା' ଷ୍ଟ୍ରିଟ୍ ରାଲି କରାଯାଇଥିଲା। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପିଇଟି ରବିନ କୁମାର, ହେମନ୍ତ କୁମାର ମିଶ୍ର, ଅନିଲ କୁମାର ନାୟକ, ମିସ୍ ସଞ୍ଚିତା ବାନାର୍ଜୀ ଏବଂ ସୁଧାଂଶୁ ଭୂଷଣ ପାଢ଼ୀ ପରିଚାଳନା କରିଥିଲେ।

## କଂଗ୍ରେସ ପକ୍ଷରୁ କୃଷକ ସାଂଗଠନିକ ସଭା




**ଆସିକା, ୧୧।୮ (ସମିସ):** କଂଗ୍ରେସ କମିଟି ଗଞ୍ଜାମ(ପଶ୍ଚିମ) ପକ୍ଷରୁ ଆସିକା କାର୍ଯ୍ୟାଳୟରେ ସମ୍ବର୍ଦ୍ଧନା ଓ କୃଷକ ସାଙ୍ଗଠନିକ ସଭା ଆୟୋଜିତ ହୋଇଯାଇଛି। ସଭାପତି ଦେବକାନ୍ତ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅଭୟ ସାହୁ ଯୋଗଦେଇ ଚାଷ ଓ ଚାଷୀଙ୍କ ସମସ୍ୟା ନେଇ ଆଲୋକପାତ କରିଥିଲେ। ଶାସକ ଦଳର କୃଷି ମାରଣ ନୀତିକୁ ସମାଲୋଚନା କରିଥିଲେ। ଚାଷୀର ଗଚ୍ଛିତ ଧାନକୁ ମଣ୍ଡିକୁ ନିଆଯାଉ, ଚାଷୀଙ୍କୁ ବୀମାଭୁକ୍ତ କରାଯିବା ଏବଂ ଚାଷୀଙ୍କୁ ଚାଷୀର ହକ ଦାବିରେ କିଷାନ କଂଗ୍ରେସ ଏବେ ଅଣ୍ଟା ଭିଡ଼ିଥିବା ଏଠାରେ କୁହାଯାଇଛି। କାର୍ଯ୍ୟକ୍ରମରେ ବହୁ ଚାଷୀ ଉପସ୍ଥିତ ଥିଲେ।

### ● କାର୍ଯ୍ୟ ବନ୍ଦ କରି ଆନ୍ଦୋଳନକୁ ଓହ୍ଲାଇଲା ରାଜସ୍ୱ ଅମଲା ସଂଘ

## ଖାଲି ପଡ଼ିଛି ଚୌକି; ଅଫିସ କାର୍ଯ୍ୟ ବାଧାପ୍ରାପ୍ତ



**ଛତ୍ରପୁର, ୧୧।୮ (ସମିସ):** ବିଭିନ୍ନ ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି ଓଡ଼ିଶା ରାଜସ୍ୱ ଅମଲା ସଂଘ। ସମସ୍ତେ ଛୁଟିରେ ରହିଛନ୍ତି। ଦାବି ପୂରଣ ନେଇ ପୂର୍ବରୁ ବହୁବାର ସରକାରଙ୍କୁ ଅବଗତ କରାଯାଇଥିଲେ ବି କୌଣସି ସୁଫଳ ନହେବାରୁ ଆଜି ଠାରୁ ଗଞ୍ଜାମ ଜିଲ୍ଲା ସମସ୍ତ ଅମଲା ମାନେ ଆନ୍ଦୋଳନ କରିଛନ୍ତି। ଜିଲ୍ଲାରେ ପ୍ରାୟ ୬ଶହରୁ ଅଧିକା ଅମଲା ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ଅଛନ୍ତି। ସେମାନଙ୍କ ଭୂମିକା ଅତି ଗୁରତ୍ୱପର୍ଣ୍ଣ। ଆଜି ଏହି ଆନ୍ଦୋଳନ ପାଇଁ ସମସ୍ତ ସରକାରୀ କାର୍ଯ୍ୟାଳୟ ଖାଁ ଖାଁ ରହିଥିଲା। ଚୌକି ଅଛି କିନ୍ତୁ ଅମଲା ନଥିଲେ। ଫଳରେ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଅମଲାମାନେ ଏକାଠି ହୋଇ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଥିବା ଅବଦୁଲ କଲାମ ପ୍ରତିମୂର୍ତ୍ତି ନିକଟରେ ଧାରଣାରେ ବସି ଆନ୍ଦୋଳନ ଜାରି ରଖିଛନ୍ତି। ଓଡ଼ିଶା ରାଜ୍ୟ ରାଜସ୍ୱ ଅମଲା ସଂଘର ଡ଼ାକରରେ ଗଞ୍ଜାମ ଜିଲ୍ଲା ସଂଘ ପକ୍ଷରୁ ବହୁ ସଦସ୍ୟ ଆନ୍ଦୋଳନ କରିଛନ୍ତି। ଆନ୍ଦୋଳନରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଗଞ୍ଜାମ ଜିଲ୍ଲା ସଭାପତି ପିଏସ୍ ରଜନୀକାନ୍ତ, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବେହେରା, ସାଙ୍ଗଠନିକ ସମ୍ପାଦକ ସୁରେଶ ରେଡ୍ଡୀ, ରାମକୃଷ୍ଣ ମହାନ୍ତି, ଡି. ଡିଲେଶ୍ୱର ରେଡ୍ଡୀଙ୍କ ସମେତ ସମସ୍ତ ଅମଲା ମାନେ ଉପସ୍ଥିତ ଥିଲେ।

### ୨ ରାଜ୍ୟସ୍ତରୀୟ ପୁରସ୍କାର ମିଳିବାର ୨ ଦିନ ପରେ ଦୁର୍ନାମର ଛିଟା

## ଉପଖଣ୍ଡ ଚିକିତ୍ସାଳୟରେ ଧସ୍ତାଧସ୍ତି; ଘଣ୍ଟାଏ ରୋଗୀସେବା ଠପ୍

ଭଞ୍ଜନଗର, ୧୧।୮ (ସମିସ)

ଦୁଇଦିନ ପୂର୍ବେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର ମେଡିକାଲକୁ ଦୁଇଟି କ୍ଷେତ୍ରରେ ଉଲ୍ଲେଖନୀୟ ସାସ୍ଥ୍ୟସେବା ପାଇଁ ରାଜ୍ୟସ୍ତରରେ ଦୁଇଟି ପୁରସ୍କାର ମିଳିଥିଲା। ଯାହାକୁ ନେଇ ଅଞ୍ଚଳବାସୀ ଖୁସି ବ୍ୟକ୍ତ କରିଥିଲେ। କିନ୍ତୁ ରବିବାର ମେଡିକାଲର ସୁନାମରେ ଲାଗିଛି ଦୁର୍ନାମର ଛିଟା। ମେଡିକାଲରେ ରୋଗୀ ଓ ସିକ୍ୟୁରିଟି ଗାର୍ଡଙ୍କ ମଧ୍ୟରେ ଧସ୍ତାଧସ୍ତି ନେଇ ଭିଡ଼ିଓ ଭାଇରାଲ ହୋଇଛି। ଏହାପରେ କଥା ଯାଇ ଥାନାରେ ପହଞ୍ଚିଛି। ପୁଲିସ ଦୁଇଟି ଏତଲା ଗ୍ରହଣ କରି ତଦନ୍ତ ଚଳାଇଛି। ଅପରପକ୍ଷେ ରୋଗୀଙ୍କ ସମ୍ପର୍କୀୟ ଡାକ୍ତରଙ୍କୁ ଦୁର୍ବବ୍ୟବହାର ପ୍ରଦର୍ଶନ କରିଥିବା ଅଭିଯୋଗ କରି ଡାକ୍ତରମାନେ ୧ଘଣ୍ଟା ଆଉଟ୍‌ଡୋର ରୋଗୀ ସେବା ବନ୍ଦ କରିଥିଲେ। ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ ପରେ ରୋଗୀ ସେବା ସ୍ୱାଭାବିକ ହୋଇଥିଲା। ଅପରପକ୍ଷେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ଡାକ୍ତର ଏବଂ ଗାର୍ଡମାନେ ମଧ୍ୟ ଦୁର୍ବ୍ୟବହାର ଦେଖାଇଥିବା ଅଭିଯୋଗ ହୋଇଛି। ଏନେଇ ସେମାନେ ଥାନାରେ ଅଭିଯୋଗ କରିଛନ୍ତି। ଏହି ଘଟଣା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି। ଡାକ୍ତରମାନେ ମେଡିକାଲକୁ ନ ଆସି ନିଜ ଘରେ ଗୋଟେ ଗୋଟେ ମେଡିକାଲ ଖୋଲି ବସି ପଡୁଛନ୍ତି। ଯାହା ଫଳରେ ରୋଗୀ ସେବା ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ଜିଲୁଣ୍ଡିର ଜଣେ ରୋଗୀ ତାଙ୍କର ପୁଅକୁ ଧରି ମେଡିକାଲକୁ ଚିକିତ୍ସା ପାଇଁ ଯାଇଥିଲେ। ସେମାନେ ଧାଡ଼ିରେ ଠିଆ ହୋଇଥିଲେ। ଏହି ସମୟରେ ଅନ୍ୟଜଣେ ରୋଗୀ ଆଗୁଆ ଦେଖାଇବାକୁ ନେଇ ବିବାଦ ଦେଖା ଦେଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ତାହା ଧସ୍ତାଧସ୍ତି ପର୍ଯ୍ୟନ୍ତ ଯାଇଥିଲା।

## ମିଳିତ ଜନଅଭିଯୋଗ ଶୁଣାଣି ଶିବିର

# ୭୫ ଅଭିଯୋଗ ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପଟ୍ଟାମୁଣ୍ଡାଇ, ୧୧।୮ (ସମିସ)



ଆଜି ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟାର, ଏସପି ସିଦ୍ଧାର୍ଥ କଟାରିଆ, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଅଜାମ୍ବର ମହାନ୍ତି, ଡେପୁଟି କଲେକ୍ଟର ତୃପ୍ତି ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ଓ ବିଡିଓ ଅଶୋକ ମହାନ୍ତି ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗର ଶୁଣାଣି କରି ୭୫ଟି ଉପରେ ତତ୍କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ଶ୍ରୀ ସାମନ୍ତରାୟ ଶାସନ ଶ୍ରୀରାମପୁର, ଡାମରପୁର, ବଡ଼ମୂଳବସନ୍ତ, ସିଂହଗାଁ ଓ ଶାସନ, ବଳଭଦ୍ରପୁର, ଚନ୍ଦନନଗର, ପେଣ୍ଠପାଳ, ତରଡ଼ିପାଳଙ୍କ ସହିତ ପଟ୍ଟାମୁଣ୍ଡାଇ-ରାଜନଗର ବିଆରଏଫଇ ରାସ୍ତାର ଅଳଭାଠାରୁ ଶାସନ ପର୍ଯ୍ୟନ୍ତ ୪କିମି ଅତ୍ୟନ୍ତ ଶୋଚନୀୟ ହୋଇ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ତୁରନ୍ତ ମରାମତି ପାଇଁ ଦାବି କରି ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ଚଳିତ ବନ୍ୟାରେ କ୍ଷତିଗ୍ରସ୍ତ ରାସ୍ତା, ବିଦ୍ୟୁତ ଖୁଣ୍ଟ ମରାମତି ସହ ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ଦାବିପତ୍ର ପ୍ରଦାନ କରିଥିଲେ। ପେଣ୍ଠପାଳ ସରପଞ୍ଚ ଅନ୍ନପୂର୍ଣ୍ଣା ସେଠୀ ବନ୍ୟାବିପନ୍ନ ପେଣ୍ଠପାଳ ପଞ୍ଚାୟତର କୋଳଥିଆ ଓ ନାୟିଆଡିଆକୁ ରାଜସ୍ୱ ଗ୍ରାମ ଘୋଷଣା ଦାବି କରିଥିଲେ। ବଡ଼ମୂଳବସନ୍ତ ସରପଞ୍ଚ ସନ୍ତୋଷ ସେଠୀ ନପଙ୍ଗ- ପନ୍ତୁରି ରାସ୍ତା ମରାମତି ଓ ୧୪ନଂ କେନାଲ ଉପରେ ପୋଲ ନିର୍ମାଣ ପାଇଁ ଦାବି କରିଥିଲେ। ବଡ଼ପଡ଼ା ସମବାୟ ସମିତି ସଭାପତି ଅଶୋକ ମଲ୍ଲିକ, ଯୁବନେତା ଜ୍ୟୋତି ରଞ୍ଜନ ପ୍ରଧାନ, ବନମାଳୀ ମହାପାତ୍ର ଓ ଗୌତମ ରାଉତ ପ୍ରମୁଖ ସମିତି ପରିଚାଳନା କ୍ଷେତ୍ରରେ ଏଆରସିଏସ ପ୍ରତିବନ୍ଧକ ସୃଷ୍ଟି କରୁଥିବାରୁ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ବଲୁରିଆ ପଞ୍ଚାୟତରେ ଡିଲର ନିଯୁକ୍ତି କରିବାକୁ ପୂର୍ବତନ ସରପଞ୍ଚ ରତିକାନ୍ତ ସାହାଣୀ ଦାବି କରିଥିଲେ। ସିଂହଗାଁ ସମିତିସଭ୍ୟ ଅଭୟ ସ୍ୱାଇଁ ଚଉଦକୁଲାଟ ଫାଣ୍ଡିକୁ ଭ୍ୟାନ ଯୋଗାଇ ଦେବା, ଦିହୁଡିପୁର ସରପଞ୍ଚ ନରେଶ ମଲିକ ଯେକୌଣସି ଗ୍ରାମକୁ ଆଦର୍ଶ ଗ୍ରାମ ଘୋଷଣା, ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ଶରତ ବିଶ୍ୱାଳ, ପ୍ରଭାତ ମଲିକ, ସନ୍ତୋଷ ବିଶ୍ୱାଳ, ବଳରାମ ବେହେରା, କୁଳମଣି ଦାସ, ରୀନା ଦଲାଇ, ଆଶାଲତା ସୂତାର, ଉର୍ମିଳା ବେହେରା ପ୍ରମୁଖ ବଡ଼ପଡ଼ା ଛାତ୍ରୀ ଆତ୍ମାହୁତି ମାମଲାର ନ୍ୟାୟିକ ତଦନ୍ତ, ଜଳ ନିଷ୍କାସନ ପାଇଁ ପୌରପରିଷଦର ସମସ୍ତ ୱାର୍ଡରେ ଡ୍ରେନ ନିର୍ମାଣ, ସରକାରୀ ଜମି ଓ ଜବରଦଖଲ ମୁକ୍ତ, ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ, ସମସ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରିବା, ଶୀତଳଭଣ୍ଡାର ନିର୍ମାଣ, ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରିବା ଓ ଉପଖଣ୍ଡ ଚିକିତ୍ସାଧିକାରୀ ନିଯୁକ୍ତି କରିବା ଆଦି ଦାବି ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିଲେ।

ଏହି ଶିବିରରେ ଭାରପ୍ରାପ୍ତ ସିଡିଏମଓ ଡା. ପ୍ରମୋଦ ପ୍ରହରାଜ, ପଟ୍ଟାମୁଣ୍ଡାଇ ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ, ଅତିରିକ୍ତ ବିଡିଓ ନନ୍ଦିନୀ ଶତପଥୀ, ଏସଡିପିଓ କ୍ଷମାସାଗର ପଣ୍ଡା, ଆଇଆଇସି ବନ୍ଦନା ପାତ୍ର, ସବଡିଭିଜନ ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରାକାର ପରିଡ଼ା, ଗ୍ରାମ୍ୟ ଉନ୍ନୟନ ଯନ୍ତ୍ରୀ ସୁବାସ ଥାଟୋଇ, ପଟ୍ଟାମୁଣ୍ଡାଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀ ଅଶୋକ ସାହୁ, ଜଳସମ୍ପଦ ସହକାରୀ ଯନ୍ତ୍ରୀ ମନୋରଞ୍ଜନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶିବିରକୁ ବ୍ଲକ ମୁଖ୍ୟ କିରାଣି ଗୌରୀ ବେହେରା, ସିପି ପ୍ରିୟରଞ୍ଜନ ସ୍ୱାଇଁ, ପ୍ରଭାତ ମଲ୍ଲିକ ଓ ରଞ୍ଜିତ ପରିଡ଼ା ପରିଚାଳନା କରିଥିଲେ।

## ବଜାର ନିକଟ ନାଳରେ ୨୦ ଫୁଟର କୁମ୍ଭୀର



**ରାଜନଗର, ୧୧।୮ (ସମିସ):** ଚାନ୍ଦିବାଉଁଶମୂଳ ପଞ୍ଚାୟତର ଜରିମୂଳ ବଜାର ବ୍ୟାଙ୍କ ଅଫ ବରୋଦା ନିକଟ ନାଳରେ ପ୍ରାୟ ୨୦ ଫୁଟର ବଡଲା କୁମ୍ଭୀର ଭସିବା ସହିତ କେନାଲ ନିକଟରେ ଥିବା ଚାଷଜମି ଉପରକୁ ଉଠି ଶୋଇଥିବା ଦେଖିବାକୁ ମିଳିଛି। ପୂର୍ବରୁ ଏହି କୁମ୍ଭୀର ମହିଳାଙ୍କୁ ଟାଣି ନେଇ ଖାଇଥିବାରୁ ପୁଣି ଆକ୍ରମଣର ଆଶଙ୍କା କରି ସ୍ଥାନୀୟ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ବନ ବିଭାଗକୁ ସ୍ଥାନୀୟ ଲୋକେ ଖବର ଦେବା ପରେ ବି ବନ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ବିଜୟ ପାତ୍ରଙ୍କୁ ପଚାରିବାରୁ ଖବର ପାଇବା ପରେ କୁମ୍ଭୀରକୁ ଜାଲ ମାଧ୍ୟମରେ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି କହିଛନ୍ତି।

## ସିଙ୍ଗିଟାଳି ଗ୍ରାମରୁ ସାପ ଉଦ୍ଧାର

**ପାରାଦୀପ, ୧୧।୮ (ସମିସ):** ଆଜି ସିଙ୍ଗିଟାଳୀ ଗ୍ରାମର ନିରଞ୍ଜନ ଜେନାଙ୍କ ଘର ବାଡ଼ିରୁ ଏକ ୬ ଫୁଟର ସାପ ଉଦ୍ଧାର କରାଯାଇଛି। ଏହି ବିଷାକ୍ତ ସାପ ଜାଲରେ ପଡ଼ିଥିଲା। ପରିବାର ଲୋକେ ଏତେବଡ଼ ସାପକୁ ଦେଖି ଭୟରେ ଗାଁ ଲୋକଙ୍କୁ ଡାକି ଦେଖାଇବା ସହ ସାପକୁ ଧରିବାକୁ ପ୍ରୟାସ କରିଥିଲେ। ଗ୍ରାମର ଜଣେ ଯୁବକ ତୁରନ୍ତ କୁଜଙ୍ଗର ଯୁବ ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। ପ୍ରଭାତ ସହଯୋଗୀ ମଣିଶଙ୍କର ପରିଡ଼ା ଓ ଦେବଦୁତ ସଡକ ସୁରକ୍ଷା ବାହିନୀ ସଭାପତି ପଙ୍କଜ ତରାଇ, ମଦନ ସାହୁ ଓ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ସାଙ୍ଗରେ ନେଇ ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡି ଦେଇଛନ୍ତି।

## ମହିଳାଙ୍କ ନିର୍ଯାତନା ଅଭିଯୋଗ

**ପଟ୍ଟାମୁଣ୍ଡାଇ/ମାଳିପୁର, ୧୧।୮ (ସମିସ):** ଡାମରପୁର ପଞ୍ଚାୟତ ରାଘବପୁର ଗ୍ରାମର ଜଣେ ମହିଳା ଶଶୁର ଓ ଶାଶୂଙ୍କ ବିରୋଧରେ ଗ୍ରାମାଞ୍ଚଳ ଥାନାରେ ନିର୍ଯାତନା ଅଭିଯୋଗ କରିଛନ୍ତି। ମନୋଜ ସେଠୀଙ୍କ ବିଧବା ପତ୍ନୀ ଜୟନ୍ତୀ ସେଠୀଙ୍କୁ ତାଙ୍କ ଶଶୁର ବଳରାମ ସେଠୀ, ଶାଶୂ ଘୁମ ସେଠୀ ଓ ଦିଅର ବାବନ ସେଠୀ ସ୍ୱାମୀଙ୍କ ମୃତ୍ୟୁ ପରେ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବାବେଳେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାଡ଼ ମାରୁଥିବା ଅଭିଯୋଗ କରିଛନ୍ତି। ଏପରିକି ଘରୁ ବାହାର କରିଦେବାକୁ ଧମକ ଦେଇଛନ୍ତି। ନିର୍ଯାତନା ସହି ନ ପାରି ଛୋଟ ପିଲାଙ୍କୁ ଧରି ଜୟନ୍ତୀ ଶାଶୂଘର ସଂଲଗ୍ନ ଏକ ଛୋଟ ଘରେ ରହୁଥିଲେ। ସେଠାରେ ବର୍ଷାରେ ପାଣି ଗଳିବାରୁ ଜୟନ୍ତୀ ଶଶୁରଙ୍କୁ ଜଣାଇବାରୁ ଶାଶୂ ଓ ଦେଢ଼ଶୁରଙ୍କ ସହ ମିଶି ଗାଳିଗୁଲଜ ଓ ମାରଧର କରିଥିଲେ। ଶଶୁର ରାଗି ଯାଇ ଜୟନ୍ତୀଙ୍କ ଗାଲ କାମୁଡି ଦେଇଥିବା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗ୍ରାମାଞ୍ଚଳ ଥାନା ପୁଲିସ ଏହି ଅଭିଯୋଗର ତଦନ୍ତ କରୁଛି। ପଟ୍ଟାମୁଣ୍ଡାଇ ଏସଡିପିଓ କ୍ଷମାସାଗର ପଣ୍ଡା ଏହି ଅଭିଯୋଗର ଉପଯୁକ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପିନେଲା ଲୁଟେରା

**ପଟ୍ଟାମୁଣ୍ଡାଇ, ୧୧।୮ (ସମିସ):** କଷଣଅଣ୍ଟା ଗ୍ରାମର ଜଞ୍ଜାଳୀ ଛକରେ ଦୁଇଜଣ କଲେଜ ଛାତ୍ରୀଙ୍କ ବ୍ୟାଗ୍ ଝାମ୍ପିନେଇ ଲୁଟେରା ଚମ୍ପଟ ମାରିଛି। ଏହି ବ୍ୟାଗରେ ଛାତ୍ରୀଙ୍କ ମୋବାଇଲ ଥିଲା। ଏ ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରାଯାଇଛି। ମଣ୍ଡପଡ଼ା ଗ୍ରାମର ପୁଷ୍ପକ ପ୍ରଧାନଙ୍କ ଝିଅ ଦିବ୍ୟଦିଶା ପ୍ରଧାନ ଓ ତାଙ୍କ ସାଙ୍ଗ ଶୁଭସ୍ମିତା ମହାନ୍ତି କେନ୍ଦ୍ରାପଡ଼ା କଲେଜରୁ ବସ୍ ଯୋଗେ ପଟ୍ଟାମୁଣ୍ଡାଇ ଆସିଥିଲେ। ବସ୍‌ରୁ ଓହ୍ଲାଇ ସାଇକଲରେ ଘରକୁ ଫେରୁଥିଲେ। ସାଇକଲ ଡାଲାରେ ବ୍ୟାଗ ରଖି ଯାଉଥିବାବେଳେ ଜଞ୍ଜାଳୀ ଛକରେ ସ୍କୁଟିରେ ଜଣେ ଦୁର୍ବୃତ୍ତ ଦ୍ରୁତ ବେଗରେ ଆସି ସାଇକଲ ଡାଲାରୁ ବ୍ୟାଗ ନେଇ ଚମ୍ପଟ ମାରିଥିଲା। ସେହି ବ୍ୟାଗରେ ଦିବ୍ୟଦିଶା ଓ ଶୁଭସ୍ମିତାଙ୍କ ମୋବାଇଲ, ଆକାର୍ଡ, ଲାଇବ୍ରେରୀ କାର୍ଡ, ବ୍ୟାଙ୍କ ପାସ୍‌ବୁକ, କଲେଜ ବହି ଓ କିଛି ଟଙ୍କା ସହିତ ଦୁଇଟି ମୋବାଇଲ ଥିଲା। କେନ୍ଦ୍ରାପଡ଼ା କଲେଜ ଛାତ୍ରୀ ଦିବ୍ୟଦିଶା ପ୍ରଧାନ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏ ନେଇ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ନାଉଗାଁ ସାଂସ୍କୃତିକ ପରିଷଦର ପ୍ରସ୍ତୁତି ବୈଠକ

**ନାଉଗାଁ, ୧୧।୮ (ସମିସ):** ନାଉଗାଁ ସାଂସ୍କୃତିକ ପରିଷଦ ପକ୍ଷରୁ ପ୍ରତିବର୍ଷ ଶିଖରଘାଟଠାରେ ଆୟୋଜିତ ହେଉଥିବା ବୋଇତ ବନ୍ଦାଣ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ ସାରେଇକୂଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ମୁଖ୍ୟ ଉପଦେଷ୍ଟା ଜ୍ୟୋତିଷ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପରିଷଦର ସମ୍ପାଦକ ଅଧ୍ୟାପକ ସରୋଜ ନାୟକ ଗତବର୍ଷର ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ। ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଉପସ୍ଥିତ ସଦସ୍ୟ ବିଭିନ୍ନ ପ୍ରସ୍ତାବ ଆଗତ କରିଥିଲେ। ପୂର୍ବ ବର୍ଷମାନଙ୍କରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଏବର୍ଷ ନାଉଗାଁ ଅଞ୍ଚଳର ୨୫ ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରିବାକୁ ସ୍ଥିର କରାଯାଇଥିଲା। ଏଥିସହିତ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ କରି ପୁରସ୍କୃତ କରିବା ପାଇଁ ନିଷ୍ପତ୍ତି କରାଯାଇଥିଲା। ବୈଠକରେ ଉପଦେଷ୍ଟା ନିରଞ୍ଜନ ବେହୁରା, ଉପସଭାପତି ନିରଞ୍ଜନ ମହାନ୍ତି, ପ୍ରକାଶ ରାୟ, ଜ୍ୟୋତିପ୍ରକାଶ ଲେଙ୍କା, ବେଣୁଧର ସ୍ୱାଇଁ ପ୍ରମୁଖ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଆଗତ କରିଥିଲେ। ରାମଚନ୍ଦ୍ର ସ୍ୱାଇଁ, ରଶ୍ମିରଞ୍ଜନ ରାଉତ, ଡ. ଅଭୟ ମଲ୍ଲିକ, ନନ୍ଦକିଶୋର ବାରିକ, ବିଜୟ ବାରିକ, ଅନ୍ନସ୍ମିତା ବେହୁରା, ଅନୀଲ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଆଗାମୀ ସେପ୍ଟେମ୍ବର ୭ ତାରିଖ ରବିବାର ଦିନ ପୂର୍ଣ୍ଣାଙ୍ଗ ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଥିଲା। ତ୍ରିଲୋଚନ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାରେ ମୃତକଙ୍କ ପରିବାରକୁ ଭେଟିଲେ ଶିଳ୍ପମନ୍ତ୍ରୀ



**କୁଜଙ୍ଗ, ୧୧।୮ (ସମିସ):** କୋଠିଆସାହି ଛକ ଦୁର୍ଘଟଣାରେ ବାଗୋଇ ପଞ୍ଚାୟତ ଷଣ୍ଢପୁର ଗ୍ରାମର ରାଜକିଶୋର ବିଶ୍ୱାଳ ଓ ତାଙ୍କ ଶିଶୁ କନ୍ୟା ମୃତ୍ୟୁବରଣ କରିଥିଲେ। ଆଜି ସ୍ଥାନୀୟ ବିଧାୟକ ତଥା ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ସ୍ୱର୍ଗତ ବିଶ୍ୱାଳଙ୍କ ବାସଭବନକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜାଣଇଛନ୍ତି। ମୃତକଙ୍କ ବଡ଼ଭାଇ ଧ୍ୱଜରାଜ ବିଶ୍ୱାଳ ପରିବାର ସମ୍ପର୍କରେ ଅବଗତ କରାଇଥିଲେ। ମନ୍ତ୍ରୀ ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ଅବସରରେ ସମାଜସେବୀ ପବିତ୍ର ପରିଜା, ଗୋପିକୁଦ ସରପଞ୍ଚ ଶ୍ରୀନିବାସ ସ୍ୱାଇଁ, ପଙ୍କପାଳ ମଣ୍ଡଳ ସଭାପତି ଶତ୍ରୁଘ୍ନ ମଲ୍ଲ, ମନ୍ତ୍ରୀଙ୍କ ପ୍ରତିନିଧି ଦିଲ୍ଲୀପ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଙ୍କପାଳରେ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା

**କୁଜଙ୍ଗ, ୧୧।୮ (ସମିସ):** ଶିକ୍ଷା ବିକାଶ ସମିତି ଓଡ଼ିଶା ଯୋଜନାରେ କୁଜଙ୍ଗ ବ୍ଲକ ପଙ୍କପାଳ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପାରାଦୀପ ସଙ୍କୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ମେଳାକୁ ମୁଖ୍ୟଅତିଥି ମଣ୍ଡଳ ଶିକ୍ଷାଧିକାରୀ ମନୋଜ ବେହେରା ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ସଙ୍କୁଳ ପ୍ରମୁଖ ଗୌରାଙ୍ଗ ସ୍ୱାଇଁ, ସଙ୍କୁଳ ସଂଯୋଜକ ଧରଣୀଧର ପରିଡ଼ା ଯୋଗ ଦେଇଥିଲେ। ଅପରାହ୍ନରେ ପଙ୍କପାଳ ଶିଶୁ ବିଦ୍ୟାମନ୍ଦିର ସଭାପତି ଡଃ ଶରତ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖଅତିଥି ରୂପେ ଶିକ୍ଷା ବିକାଶ ସମିତି ପୂର୍ବ ସମ୍ଭାଗ କୋଷାଧ୍ୟକ୍ଷ ରବୀନ୍ଦ୍ରନାଥ ଦାସ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହ ସଫଳ ଆୟୋଜନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ରୂପେ ସଙ୍କୁଳ ପ୍ରମୁଖ ଓ ସଙ୍କୁଳ ସଂଯୋଜକ ଯୋଗ ଦେଇଥିଲେ। ବିଦ୍ୟାଳୟ ସମ୍ପାଦକ ଗୋକୁଳାନନ୍ଦ ରାଉତ ଧନ୍ୟବାଦ ପ୍ରଦାନ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ କେଲୁ ଚରଣ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ବର୍ଗରେ ୬ଟି ବିଦ୍ୟାଳୟରୁ ୩୦, ବାଲ ବର୍ଗରେ ୫, କିଶୋର ବର୍ଗରେ ୩ଟି ପ୍ରକଳ୍ପ ଓ ଗଣିତରେ ସମାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।



## ସିଡିପିଓଙ୍କୁ ଅଙ୍ଗନବାଡ଼ି କର୍ମୀଙ୍କ ଦାବିପତ୍ର



**ରାଜନଗର, ୧୧।୮ (ସମିସ):** ଅଲ୍ ଓଡ଼ିଶା ଅଙ୍ଗନବାଡି ଲେଡିଜ ୱାର୍କରସ ଆସୋସିଏସନ ରାଜନଗର ଶାଖା ପକ୍ଷରୁ ଉପମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜନଗର ସିଡିପିଓ ଦୀପାଳି ମିଶ୍ରଙ୍କୁ ୭ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କରେ ଅବଗତ କରାଯାଇଛି। ପୋଷଣ ଟ୍ରାକରରେ ଏଫଆରଏସ ସମୟରେ ହେଉଥିବା ସମସ୍ୟାର ସମାଧାନ, ନେଟୱାର୍କ ସମସ୍ୟା ଯୋଗୁଁ ହିତାଧିକାରୀ କେନ୍ଦ୍ରରୁ ବାରମ୍ବାର ଫେରିବା, ଫଟୋ ମିସମ୍ୟାଚ ହେବା, ଉନ୍ନତମାନର ମୋବାଇଲ ସହିତ ନେଟୱାର୍କ, ୱାଇଫାଇ ବ୍ୟବସ୍ଥା କରିବା, ତିନିମାସକୁ ରିଚାର୍ଜ ବାବଦକୁ ୯୦୦ ଶହ ଟଙ୍କା ଯୋଗାଇଦେବା ସହିତ ୬ ମାସକୁ ଥରେ ଫେସକ୍ୟାପଚର କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପ୍ରତି ଶନିବାର କିଶୋରୀ ବାଳିକାଙ୍କ ନିମନ୍ତେ ଏମଏସପିୱାଇ ଯୋଜନାରେ ଦୁଇଟି ସିଝା ଅଣ୍ଡା ଓ ଦୁଇଟି କଞ୍ଚାଅଣ୍ଡା ବଣ୍ଟନ କରିବା ବ୍ୟବସ୍ଥା ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ଏହି ଯୋଜନାରେ ଆସୁଥିବା ଅର୍ଥରାଶି ଜଏଣ୍ଟ ପାସବୁକରେ ଜମା କରାଯାଉ। ସିଝା ଅଣ୍ଡା ନିମନ୍ତେ ଜାଳେଣି କେଉଁ ଅର୍ଥରୁ ଖର୍ଚ୍ଚ କରିବୁ, ତାହା ସ୍ପଷ୍ଟ କରିବାକୁ ବିଭାଗକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଥିଲେ। ପ୍ରତି ବିଷୟରେ ଅଭିଯୋଗ ନିବାରଣ କମିଟି ଗଠନ କରି ସ୍ଥାନୀୟ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିବା ସହିତ ହିତାଧିକାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ଖାଦ୍ୟ ସାମଗ୍ରୀ ଉନ୍ନତମାନର ଯୋଗାଇ ଦେବା, ଅଙ୍ଗନବାଡି ନିଜସ୍ୱ ଗୃହ ନିର୍ମାଣରେ ଆସୁଥିବା ଅର୍ଥରାଶିରେ ପୂର୍ବଭଳି ନ କରି ଉନ୍ନତମାନର କେନ୍ଦ୍ର ତିଆରି ହେବା ସହିତ ପ୍ରତିକେନ୍ଦ୍ରକୁ ଜଳଯୋଗାଣ ଦିଗରେ ଉଚିତ ପଦକ୍ଷେପ ନେବାକୁ ନିବେଦନ ସହିତ କାର୍ଯ୍ୟ କରୁଥିବା ସମୟରେ ମୃତ୍ୟୁବରଣ କରୁଥିବା ଅଙ୍ଗନବାଡି କର୍ମୀ ଓ ସହାୟିକାଙ୍କୁ ତୁରନ୍ତ ସହାୟତା ରାଶି ପ୍ରଦାନ ଓ ପରିବାରରେ ଜଣକୁ ସେହି ସ୍ଥାନରେ ନିଯୁକ୍ତି ସୁଯୋଗ ଦେବାକୁ ଅନୁରୋଧ କରିଥିଲେ। ସଂଘ ପକ୍ଷରୁ ସମ୍ପାଦିକା ପୁଷ୍ପଲତା ରଥ, ରମାବତୀ ସ୍ୱାଇଁ, ମିନତୀ ଭୂୟାଁ, ମଞ୍ଜୁବାଳା ମଲ୍ଲିକ, କବିତା ବାରିକ, ବନଲତା ମୁଖାଲ, ସସ୍ମିତା ବେହେରା, ଲକ୍ଷ୍ମୀରାଣୀ ସେଠୀ ଦାବିପତ୍ର ପ୍ରଦାନ କରିଥିଲେ।

## ଓଡ଼ିଶା ଲୋକଦଳ ପକ୍ଷରୁ ବିକ୍ଷୋଭ



**କେନ୍ଦ୍ରାପଡ଼ା, ୧୧।୮ (ସମିସ):** ଓଡ଼ିଶା ଲୋକଦଳ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଦାବି ନେଇ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦ୍ରାପଡ଼ାରୁ ଭୁବନେଶ୍ୱରକୁ ସକାଳ ଓ ସନ୍ଧ୍ୟାରେ ଦୁଇଟି ଯାତ୍ରୀବାହୀ ରେଳ ଚଳାଚଳ କରାଯିବା, ବତୀଘର ଓ ଜମ୍ବୁଦୀପକୁ ପର୍ଯ୍ୟଟନ ସ୍ଥଳୀ ଭାବେ ବିକଶିତ କରାଯିବା, ନଦୀଭିତ୍ତିକ ବନ୍ଦର ନିର୍ମାଣ ଯୋଜନାରେ କେନ୍ଦ୍ରାପଡ଼ା ଜିଲ୍ଲାର ନଦୀମୁହାଣ ସାମିଲ କରାଯିବା, ସମୁଦ୍ର ଉପକୂଳବର୍ତ୍ତୀ ଗ୍ରାମରେ ପାଇପ ଯୋଗେ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରାଯିବା, ମେଡିକାଲ କଲେଜ ଘୋଷଣାରେ ସୀମିତ ନ ରହି ତୁରନ୍ତ କାର୍ଯ୍ୟକାରୀ କରାଯିବା, ଦଶମୌଜିରେ ଡାକ୍ତରଖାନା କରାଯିବା, ଜିଲ୍ଲାର ଯୁବପିଢିଙ୍କ ରୋଜଗାର ପାଇଁ ଶିଳ୍ପ ପ୍ରତିଷ୍ଠା କରାଯିବା, ଚାଷ ଜମିକୁ ଜଳସେଚନ ପାଇଁ ମାର୍ଶାଘାଇ କେନାଲ ଓ ଅନ୍ୟ ପୁରୁଣା କେନାଲର ପୁନରୁଦ୍ଧାର କରାଯିବା ସହ ନୂତନ କେନାଲ ଖୋଳାଯିବା, ବନ୍ୟା ଓ ବାତ୍ୟା ଆଶ୍ରୟସ୍ଥଳୀକୁ ସୁଦୃଢ କରାଯିବା ସହ ସେସବୁର ସୁପରିଚାଳନା କରାଯିବା, ଜିଲ୍ଲାର ୬୦ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଜନସାଧାରଣଙ୍କୁ ଭତ୍ତା ଯୋଜନାରେ ସାମିଲ କରାଯାଇ ମାସିକ ୩ ହଜାର ୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯିବା, ଜିଲ୍ଲାର ସମସ୍ତ ଗ୍ରାମକୁ କେନ୍ଦ୍ରାପଡ଼ା ମୁଖ୍ୟ କେନାଲ ସହ ପକ୍କା ରାସ୍ତା ଦ୍ୱାରା ସଂଯୋଗୀକରଣ ଆଦି ଦାବି କରାଯାଇଛି। ଏହି ବିକ୍ଷୋଭରେ ଓଡ଼ିଶା ଲୋକଦଳ ପକ୍ଷରୁ ସତୀଶ ନନ୍ଦ, ସମ୍ବିତ ପଣ୍ଡା, ଖଗେନ୍ଦ୍ର ସିଆଳ, ଅବିନାଶ ଦାଶ, ଦିବାକର ରାଉଳ, କିରଣ ଭୋଇ ଓ ସନ୍ତୋଷ ନାରାୟଣ ପ୍ରମୁଖ ଶତାଧିକ କର୍ମୀ ସାମିଲ ହୋଇ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ମହିଳା ନିର୍ଯାତନା ବିରୋଧରେ ଯୁବ-ଛାତ୍ର ବିଜେଡି ପକ୍ଷରୁ ବିକ୍ଷୋଭ

**ପଟ୍ଟାମୁଣ୍ଡାଇ, ୧୧।୮ (ସମିସ):** ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ରାଜ୍ୟରେ ଦେଖାଦେଇଥିବା ମହିଳା ନିର୍ଯାତନା, ଦୁଷ୍କର୍ମ, କଲେଜ ଛାତ୍ରୀ ପୋଡି ମାମଲା ବୃଦ୍ଧି ପାଇବା, ସର୍ବୋପରି ମହିଳା ଛାତ୍ରୀ ଅସୁରକ୍ଷିତ ଥିବାବେଳେ ସରକାରଙ୍କ ନିଷ୍କ୍ରିୟତା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ରାସ୍ତାକୁ ଓହ୍ଲାଇଛି। ଆଜି ପଟ୍ଟାମୁଣ୍ଡାଇ ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ନେତୃତ୍ୱରେ ନଗର ଛାତ୍ର ବିଜେଡି ସଭାପତି

■ ଡିଜିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
■ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ




ଦେବାଶିଷ ନାୟକ, ଯୁବନେତା ବାବନ ସାହୁ, ଏମଡି ପପୁ, ଚିତ୍ତରଞ୍ଜନ ସେଠୀ, ପୂର୍ବତନ କାଉନସିଲର ମଳୟ ମଲିକ, କଲେଜ କ୍ୟାମ୍ପସ ସଭାପତି ଅନମୋଲ ରାଉତ, ଅଭିରାମ ସ୍ୱାଇଁ, ସ୍ମୃତିରଞ୍ଜନ ପାଢ଼ୀ, ସୌରଭ ସମ୍ପଦ ନାୟକ, ଦିଲ୍ଲୀପ ସାହୁ, ନୟନ ଗିରି, ବାପି ସାମଲ, ଚନ୍ଦ୍ରଶେଖର ରାଉତ, ଅସୀମ ମହାନ୍ତି, ସତ୍ୟପ୍ରକାଶ ରାଉତ, ସାଗର ସାହୁ, କାହ୍ନୁ ସାମଲ, ଶାରଦା ପ୍ରସନ୍ନ ରାଉତ, ଓମ ପ୍ରକାଶ ଦାଶ, ସ୍ନେହାଶିଷ ମଲ୍ଲିକ, ସୁବୋଧ ମଲିକ, ମିଟୁ ମଲିକ ପ୍ରମୁଖ ବହୁ ଯୁବଛାତ୍ର ବିଜେଡି ନେତା ଓ କର୍ମୀ ସ୍ଥାନୀୟ ହରପାର୍ବତୀ ମନ୍ଦିରଠାରୁ ବିରାଟ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିଥିଲେ। ସେଠାରେ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ରଙ୍କୁ ପ୍ରଦାନ କରିଥିଲେ। ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଓ ମହିଳା ନିର୍ଯାତନା ବିରୋଧରେ ପଟ୍ଟାମୁଣ୍ଡାଇ ଯୁବଛାତ୍ର ବିଜେଡି ପକ୍ଷରୁ ସ୍ଥାନୀୟ ମେଡିକାଲ ଛକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା।

## ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ଶାଖା ପକ୍ଷରୁ ଧାରଣା

କେନ୍ଦ୍ରାପଡ଼ା, ୧୧।୮ (ସମିସ)



ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ଡକରାରେ କେନ୍ଦ୍ରାପଡ଼ା ଜିଲ୍ଲା ଶାଖା କର୍ମଚାରୀ ସମୂହ ଛୁଟିରେ ଯିବା ସହ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି। ରାଜ୍ୟ ସରକାର ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ରାଜ୍ୟ ସଂଘର ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ଆଜିଠୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟିରେ ରହିବା ପରିପ୍ରେକ୍ଷୀରେ ସୋମବାର କେନ୍ଦ୍ରାପଡ଼ା ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସମୂହ ଛୁଟିରେ ରହିବା ସହ ଧାରଣା ଦେଇଛନ୍ତି।

ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ ନ କରିବେ, ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଜିଲ୍ଲା ସଭାପତି ସୁକାନ୍ତ ଜେନା, ସମ୍ପାଦକ ଶୈଳେନ୍ଦ୍ର ପ୍ରଧାନ ପ୍ରମୁଖ କହିଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାଙ୍କ ୧୦ ଦଫା ଦାବି ପୂରଣ ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରାଯାଇଥିଲା। ରାଜ୍ୟ ସରକାର ଗତ ଜୁଲାଇ ୯ ତାରିଖରେ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ୭ରୁ ୧୫ ଦିନ ଭିତରେ ଦାବି ପୂରଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଜୁଲାଇ ୧୪ ତାରିଖରେ ରାଜସ୍ୱ ଅମଲାଙ୍କ ପକ୍ଷରୁ ହେବାକୁ ଥିବା ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ କରିବା ତ ଦୂରର କଥା ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ଆଜି ସମୂହ ଛୁଟିରେ ରହି ଧାରଣାରେ ବସିଛନ୍ତି।

ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ନାର୍ଯ୍ୟ ପ୍ରାପ୍ୟରୁ ସବୁଦିନ ପାଇଁ ବଞ୍ଚିତ ହୋଇଛନ୍ତି। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲା ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି।

# ମହଙ୍ଗା ପଡ଼ିଲା ବେଆଇନ ଶିକ୍ଷକ ବଦଳି

# ଶିକ୍ଷା ବିଭାଗକୁ ଜବାବ ତଲବ

ନିଶ୍ଚିନ୍ତକୋଇଲି,୧୧।୮ (ସମିସ)

ଶିକ୍ଷା ବିଭାଗର ବେଆଇନ ଶିକ୍ଷକ ବଦଳି କାର୍ଯ୍ୟ ଏବେ ମହଙ୍ଗା ପଡ଼ିଛି। ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ ପାଟପୁର ଠାରେ ଥିବା ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ସହକାରୀ ଶିକ୍ଷକ ସୀତାକାନ୍ତ ସାମଲ ତାଙ୍କ କାର୍ଯ୍ୟରେ ଯୋଗଦେଇଛନ୍ତି। ଫଳରେ କଟକ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ପକ୍ଷରୁ କରାଯାଇଥିବା ବେଆଇନ ଶିକ୍ଷକ ବଦଳିକୁ ନେଇ ଏବେ ଚର୍ଚ୍ଚା ଯୋର ଧରିଛି। ଗତ ୨୫.୦୭.୨୦୨୫ରିଖରେ କଟକ ଜିଲ୍ଲାସ୍ତରୀୟ ବଦଳି କମିଟି ପକ୍ଷରୁ ଆକ୍ରୋଶମୂଳକ ଭାବେ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବାଙ୍କୀ-୧ ବ୍ଲକ ଅର୍ନ୍ତଗତ ବାଉଁଶପୁଟ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ଏହି ବିଦ୍ୟାଳୟଟି ୧୬୫ କିଲୋମିଟର ଦୂର ହୋଇଥିବାରୁ ଶିକ୍ଷକ ଜଣକ ସେଠାରେ ଯୋଗ ନ ଦେଇ ତାଙ୍କ ବଦଳିକୁ ବେଆଇନ ଦର୍ଶାଇ ଏହାକୁ ବନ୍ଦ କରିବା ନେଇ ୨୮.୦୭.୨୦୨୫ରେ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ସପରିବାର ଅନଶନ କରିଥିଲେ। କଟକ ଜିଲ୍ଲା

## ହାଇକୋର୍ଟଙ୍କ ନିର୍ଦ୍ଦେଶରେ ନିଜ ସ୍କୁଲରେ କାର୍ଯ୍ୟରେ ଯୋଗଦେଲେ ଶିକ୍ଷକ

ଶିକ୍ଷାଧିକାରୀ ୪ ଦିନ ମଧ୍ୟରେ ଏହି ଘଟଣାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାରୁ ଶିକ୍ଷକ ଜଣକ ଅନଶନରୁ ଉଠି ଯାଇଥିଲେ। ହେଲେ ୮ ଦିନ ବିତି ଯାଇଥିଲେ ମଧ୍ୟ ଜିଲ୍ଲା ଶିକ୍ଷାଧିକାରୀ ପ୍ରତିଶ୍ରୁତି ପାଳନ ନ କରିବାରୁ ସମ୍ପୃକ୍ତ ଶିକ୍ଷକ ଜଣକ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଗତ ଅଗଷ୍ଟ ୮ ତାରିଖରେ ଏହି ମାମଲା ବିଚାର କରାଯାଇ ହାଇକୋର୍ଟ ପକ୍ଷରୁ ଏକ ଯୁଗାନ୍ତକାରୀ ରାୟ ପ୍ରକାଶ କରାଯାଇଥିଲା। ଉଚ୍ଚ ନ୍ୟାୟାଳୟ ଏହି ବଦଳି ଆଦେଶକୁ ଅନ୍ତରୀଣ ରହିତାଦେଶ ପ୍ରଦାନ କରି ସମ୍ପୃକ୍ତ ଶିକ୍ଷକ ଜଣକ ପୂର୍ବରୁ କାର୍ଯ୍ୟ କରୁଥିବା ବିଦ୍ୟାଳୟରେ ତାଙ୍କର କାର୍ଯ୍ୟ ଜାରି ରଖିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟର ନିର୍ଦ୍ଦେଶ ଅନୁଯାୟୀ ସୋମବାର ଦିନ ଶିକ୍ଷକ ସୀତାକାନ୍ତ ସାମଲ ପ୍ରଥମେ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ତାଙ୍କ କାର୍ଯ୍ୟରେ ଯୋଗଦେବା ପାଇଁ ଜଣାଇଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ପାଇ ସମ୍ପୃକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାନୁପ୍ରିୟା ବେହେରା ଶିକ୍ଷକ ଜଣକୁ ଡ଼ାକି ତାଙ୍କ କାର୍ଯ୍ୟରେ ଯୋଗଦେବା ପାଇଁ କହିଥିଲେ। ସମ୍ପୃକ୍ତ ଶିକ୍ଷକ ଜଣକ କାର୍ଯ୍ୟରେ ଯୋଗଦେବା ପରେ ଏ ସଂକ୍ରାନ୍ତରେ ଶ୍ରୀମତୀ ବେହେରା ଜିଲ୍ଲା ଶିକ୍ଷାଧିକାରୀ ଓ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ପତ୍ର ଦ୍ୱାରା ଅବଗତ କରାଇଛନ୍ତି। ଅପରପକ୍ଷରେ ଶିକ୍ଷକ ଜଣକ ବେଆଇନ ବଦଳିକୁ ନେଇ ହାଇକୋର୍ଟରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ, କଟକ ଜିଲ୍ଲା ଶିକ୍ଷାଧିକାରୀ, ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଧିକାରୀ ଏବଂ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନାମରେ ମାମଲା ରୁଜୁ କରିଥିଲେ। ଉକ୍ତ ମାମଲାକୁ ଶୁଣାଣି କରି କୋର୍ଟ ପକ୍ଷରୁ ରାଜ୍ୟରେ କେତେ ଶିକ୍ଷକ ପଦ ଖାଲି ରହିଛି, ଏହି ପଦ ପୂରଣ ପାଇଁ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି ଓ କେନ୍ଦ୍ର ସରକାରଙ୍କ ନୂଆ ଶିକ୍ଷାନୀତିରେ ଛାତ୍ରଛାତ୍ରୀ-ଶିକ୍ଷକ ଅନୁପାତ ଧାର୍ଯ୍ୟର ସ୍ଥିତି କଣ ରହିଛି ସେ ସଂକ୍ରାନ୍ତରେ ପକ୍ଷ ରଖିବା ପାଇଁ କୋର୍ଟ ପକ୍ଷରୁ ନୋଟିସ ମଧ୍ୟ ତଲବ କରାଯାଇଛି। ଏହି ମାମଲାକୁ ଶିକ୍ଷକ ସୀତାକାନ୍ତ ସାମଲଙ୍କ ପକ୍ଷରୁ ହାଇକୋର୍ଟ ବାର ଆସୋସିଏସନର ବରିଷ୍ଠ ଆଇନଜୀବୀ ଗୌତମ କୁମାର ରାଉତରାୟ ପରିଚାଳନା କରୁଛନ୍ତି।

# ଗ୍ରାମବାସୀଙ୍କ ପକ୍ଷରୁ ବନୀକରଣ କାର୍ଯ୍ୟକ୍ରମ



ବଡମ୍ବା,୧୧।୮ (ସମିସ): ବଡମ୍ବା ବ୍ଲକ ଗୋପାଳପୁର ଗ୍ରାମପଞ୍ଚାୟତ ଗୋପାଳପୁର ଗ୍ରାମର ସମସ୍ତ ଜନସାଧାରଣ ଏକତ୍ରିତ ହୋଇ ଏକ ଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବ ସଭାପତି ଓ ଗ୍ରାମ ସଭାପତି ପ୍ରଭାକର ବେହେରାଙ୍କ ପୌରହିତ୍ୟରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମ କରିବା ପାଇଁ ଗ୍ରାମବାସୀଙ୍କ ତରଫରୁ ପ୍ରସ୍ତାବ ଆସିଥିଲା। ଜନସାଧାରଣ ଓ ଗ୍ରାମ କମିଟି କ୍ଲବର ସମସ୍ତ ସଦସ୍ୟ ଏବଂ ସମାଜସେବୀଙ୍କ ମତାମତକୁ ନେଇ ଗ୍ରାମର ପୂର୍ବ ଦିଗରେ ଥିବା ପାହାଡ଼ ପାଦଦେଶରେ ପ୍ରାୟ ୮ଏକର ସରକାରୀ ଜାଗାରେ ବନୀକରଣ ପାଇଁ ଗୃହୀତ ହୋଇଥିଲା। ରବିବାର ଗ୍ରାମବାସୀଙ୍କ ଦ୍ୱାରା ସରକାରୀ ଜାଗା ଉପରେ ଆମ୍ବ, ପଣସ, ଲଙ୍କାଆମ୍ବ, ଶାଗୁଆନ ଆଦି ଗଛ ଲଗାଯାଇ ବନୀକରଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ସରପଞ୍ଚ ବଟକୃଷ୍ଣ ଅଡ଼ବୁଦ୍ଧି, ଯୁବନେତା ସବୁଲା ବେହେରା, ବିବେକ ନନ୍ଦ, ସମୀର ବେହେରା, ଶ୍ରୀନିବାସ ବେହେରା, ରବୀନ୍ଦ୍ର ବେହେରା ଓ ଦୀପ୍ତିରଞ୍ଜନ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ପିଠାପୁର ଝୁଲଣ ମହୋତ୍ସବ ସମ୍ପନ୍ନ

କଟକ,୧୧।୮ (ସମିସ): ପବିତ୍ର ଝୁଲଣ ପୂର୍ଣ୍ଣିମା ଅବସରରେ ପିଠାପୁର ସ୍ଥିତ ଶ୍ରୀ ଶ୍ରୀ ମଦନମୋହନ ଜୀଉ ଠାକୁରଙ୍କ ମନ୍ଦିର ପ୍ରାଙ୍ଗଣରେ ଝୁଲଣ ମହୋତ୍ସବ ମହାଆଡମ୍ବରରେ ସମ୍ପନ୍ନ ହୋଇଯାଇଛି। ଏହି ପବିତ୍ର ଉତ୍ସବରେ ମୁଖ୍ୟଅତିଥି ରୂପେ ଏସିପି ଅଶୋକ କୁମାର ଗିରି, ବିଶ୍ୱରଞ୍ଜନ ନାୟକ ଆଇଆଇସି ପୁରୀଘାଟ ଥାନା, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ସାହୁ, ସମ୍ପାଦକ ଭିକାରୀ ଦାସ, କୋଷାଧ୍ୟକ୍ଷ ନରେଶ ଜେନା ତଥା ପୂର୍ବତନ ବିଜେପି ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ସ୍ମୃତି ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ପିଠାପୁର ଗ୍ରାମର ଅଧିକାରୀ ଫଗୁମଣି ରାଉତ, ମହନ୍ତ କାଳନ୍ଦୀ ଖୁଣ୍ଟିଆ, କଟୁଆଳ ଜୟନ୍ତ ରାଉତ, ସଭାପତି ସରୋଜ ଜେନା, ସମ୍ପାଦକ ନିରଞ୍ଜନ ଖୁଣ୍ଟିଆ, ସହସମ୍ପାଦକ ସନ୍ତୋଷ ରାଉତ ଏବଂ ପୂଜା କମିଟିର କର୍ମକର୍ତ୍ତା ରାଜେନ୍ଦ୍ର ଛାଟୋଇ, ସନ ରାଉତ, ସୋମନାଥ ଖୁଣ୍ଟିଆ, ମହନୀ ଜେନା, ପ୍ରଦୀପ ଖୁଣ୍ଟିଆ, ଦୀପକ ରାଉତ, ପ୍ରଶାନ୍ତ ରାଉତ, ଜଗନ୍ନାଥ ରାଉତ, ମନା ଜେନା, ଆଲୋକ ରାଉତ, ମାନସ ପାଇଟଲ, ମୁନୁ ସ୍ୱାଇଁ, ଅକ୍ଷୟ ପାଇଟଲ, ସନ୍ତୋଷ ମନ୍ତ୍ରୀ, ଦୀପୁ ନାୟକ, ସରୋଜ ରାଉତ ପ୍ରମୁଖ ଉପସ୍ଥିତ ରହି ପରିଚାଳନା କରିଥିଲେ।

# ଜ୍ଞାନଭାରତୀ ପକ୍ଷରୁ ଭଗବତ ଗୀତା ସତ୍‌ସଙ୍ଗ



ଫୁଲନଖରା,୧୧।୮ (ସମିସ): ଜ୍ଞାନଭାରତୀ ପକ୍ଷରୁ ଅଷ୍ଟାଦଶ ବର୍ଷ ପୂର୍ତ୍ତି ଉପଲକ୍ଷେ ଆମଣ ଗ୍ରାମରେ ଏକ ସତସଙ୍ଗ ଓ ଶ୍ରୀମଦ୍ ଭଗବତ୍ ଗୀତା ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଜ୍ଞାନଭାରତୀର ମୂଳପୀଠ ଆମଣ ସତସଙ୍ଗ କେନ୍ଦ୍ର ସହ ଅନୁବନ୍ଧିତ ଆମଣପଡା, ମୁଗଭଙ୍ଗା, ବାଗଧରାପୁର, ଚାମରପଡା ସତସଙ୍ଗ କେନ୍ଦ୍ରର କେନ୍ଦ୍ରାଧ୍ୟକ୍ଷ ଉମାପ୍ରସାଦ ସେନାପତି, ମନୋରଞ୍ଜନ ଦାଶ, ନବ କିଶୋର ଦଳାଇ, ଉପେନ୍ଦ୍ର ବେହେରା, ଦୁଷ୍ମନ୍ତ ସାହୁ ପ୍ରମୁଖଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାବୁ ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଧ୍ୟାତ୍ମିକ ସଭାରେ କେନ୍ଦ୍ରର ପ୍ରାକ୍ତନ ଅଧ୍ୟକ୍ଷ ଯୁଧିଷ୍ଠିର ଭୋଳ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଅଧ୍ୟାପକ ସଚିକାନ୍ତ ତ୍ରିପାଠୀ ମୁଖ୍ୟବକ୍ତା ଓ ସମ୍ମାନୀୟ ଅତିଥି ଭାବରେ ଦୁର୍ଗାଚରଣ ଭୋଳ ଓ ଜ୍ଞାନଭାରତୀର ପ୍ରତିଷ୍ଠାତା ବିନୋଦ ସେନାପତି ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା ଜ୍ଞାନଭାରତୀ ପକ୍ଷରୁ ବାର୍ତ୍ତା ସମ୍ବଳିତ ଏକ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ଉକ୍ତ ପାରାୟଣ କାର୍ଯ୍ୟକ୍ରମରେ ବହୁ ଗୀତାପ୍ରେମୀ, ସମାଜ ସଂସ୍କାରକ ଓ ଜ୍ଞାନୀଗୁଣି ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶ୍ୱିନୀ ମହାନ୍ତି, ଶରତ ବାରିକ, ପ୍ରଶାନ୍ତ ନାୟକ, ଶଶଧର ସେନାପତି ଓ ବିଜୟ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନିଶ୍ଚିନ୍ତକୋଇଲି ଅଞ୍ଚଳରେ ବାଲି ମାଫିଆ ସକ୍ରିୟ

# ଚୋରାରେ ଉଠୁଛି ଶହ ଶହ ଟ୍ରିପ୍ ବାଲି; ପ୍ରଶାସନ ନିରବ

ନିଶ୍ଚିନ୍ତକୋଇଲି,୧୧।୮ (ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଞ୍ଚଳରେ ବାଲି ମାଫିଆ ଏବେ ସକ୍ରିୟ ହୋଇ ଉଠିଛନ୍ତି। ଏହି ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଲୁଣା ଓ ଚିତ୍ରୋତ୍ପଳା ନଦୀରୁ ବନ୍ୟାଜଳ ଛାଡ଼ିବା ପରେ ବିଭିନ୍ନ ଘାଟରୁ ଦିନ ଓ ରାତିରେ ଶହ ଶହ ଟ୍ରିପ୍ ଚୋରାରେ ବାଲି ଉଠୁଥିବାର ଦେଖାଯାଇଛି। ସ୍ପଷ୍ଟ ଦିବାଲୋକରେ ପ୍ରୋକ୍ଲିନ୍ ସାହାଯ୍ୟରେ ଟ୍ରାକ୍ଟର ଓ ହାଇୱାରେ ବାଲି ଲୋଡ଼ ହୋଇ ଚାଲାଣ ହେଉଥିଲେ ମଧ୍ୟ ପୁଲିସ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛନ୍ତି। ଅପରପକ୍ଷରେ କଟକ ଖଣି ଉପନିର୍ଦ୍ଦେଶକ ବର୍ଷା ଋତୁରେ ନଦୀରୁ ବାଲି ଉଠାଯିବ ନାହିଁ





ବୋଲି ଗତ ଜୁଲାଇ ୨ ତାରିଖ ଦିନ ସ୍ପଷ୍ଟ ନିର୍ଦ୍ଦେଶ ଦେଇଥିଲା ବେଳେ ଏହାକୁ ବେଖାତିର କରାଯାଉଥିବା ଦେଖାଯାଇଛି। ଏହି ତହସିଲ ଅନ୍ତର୍ଗତ କେଣ୍ଟାଲୋ ପଞ୍ଚାୟତ କୂଳସୁକରପଡ଼ା ନିକଟସ୍ଥ ଲୁଣା ନଦୀରେ ଏକ ବେଆଇନ ଘାଟ କରି ବାଲି ମାଫିଆମାନେ ମନ ଇଚ୍ଛା ବାଲି ଉଠାଉଥିବା ଦେଖାଯାଇଛି। ବାଲି ଉଠାଇବା ପାଇଁ ବ୍ୟବହାର କରୁଥିବା ପ୍ରୋକ୍ଲିନ୍ ମେସିନ୍ ମଧ୍ୟ ନଦୀ ଭିତରେ ରଖାଯାଇଛି। ଏହି ବେଆଇନ ବାଲି ଘାଟଟି ନିଶ୍ଚିନ୍ତକୋଇଲି ତହସିଲ ଓ ଥାନା ଠାରୁ ମାତ୍ର ୬/୭ କିଲୋମିଟର ଦୂର ହୋଇଥିବାବେଳେ ଏ ସମ୍ପର୍କରେ ପୁଲିସ ଓ ପ୍ରଶାସନ କିଭଳି ଜାଣି ପାରୁନାହାଁନ୍ତି ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏହି ଦୁଇ ନଦୀର କେତେକ ସରକାରୀ ନିଲାମପ୍ରାପ୍ତ ବାଲିଘାଟ ବନ୍ଦ ରହିଥିଲେ ମଧ୍ୟ ଆଉ କେତେକ ସ୍ଥାନରେ ବେଆଇନ ଘାଟ କରି ପ୍ରଚୁର ପରିମାଣରେ ବାଲି ଉଠାଯାଉଥିବା ଦେଖିବାକୁ ମିଳିଛି। ବର୍ଷା ଦିନେ ବାଲି ଉଠାଇବା ଫଳରେ ନଦୀବନ୍ଧ ଦୁର୍ବଳ ହେବା ସହିତ ଏହାର ପାର୍ଶ୍ୱରେ ରହିଥିବା ନଦୀପଠା ଭୁଶୁଡି ପଡୁଥିବା ଦେଖାଦେଇଛି। ଏଭଳି ସ୍ଥିତିରେ ନଦୀକୂଳିଆ ଅଞ୍ଚଳର ବାସିନ୍ଦାମାନେ ଭୟଭୀତ ଅବସ୍ଥାରେ ରହିଛନ୍ତି। ତୁରନ୍ତ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଯେଉଁମାନଙ୍କ ଲୁକ୍କାୟିତ ପ୍ରୋତ୍ସାହନରେ ବେଆଇନ ବାଲିଘାଟ ଚାଲିଛି ସେମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀମାନେ ଦାବି କରିଛନ୍ତି।

# ଟାଙ୍ଗୀ ଅଞ୍ଚଳରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ





ଟାଙ୍ଗୀ,୧୧।୮ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ସିଦ୍ଧଗିରୀ ଆଶ୍ରମ ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବାବା ବୈକୁଣ୍ଠ ଦାସଙ୍କ ପୌରହିତ୍ୟରେ ଆୟୋଜିତ ଉତ୍ସବରେ ସମାଜସେବୀ ବାପୁପ୍ରିୟ ରଘୁପତି ରାମ, ପ୍ରବିର କୁମାର ଦାଶ ପ୍ରମୁଖ ଯୋଗଦେଇ ରକ୍ଷାବନ୍ଧନର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମହିଳାଙ୍କ ଦ୍ୱାରା ରକ୍ଷାବନ୍ଧନ କରାଯାଇଥିଲା। ସେହିପରି କନ୍ହେଇପୁର ପଞ୍ଚାୟତ ଚିନ୍ତାମଣିପୁର ସ୍ଥିତ ବୃନ୍ଦାବନ ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଶରତ ଚନ୍ଦ୍ର ସାହାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ରକ୍ଷାବନ୍ଧନ କରାଯିବା ସହ ଗୋ ପୂଜା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଧାନ ଆଚାର୍ଯ୍ୟା ମଧୁସ୍ମିତା ଦାସ, ନର୍ଗିସ ବେଗମ, ମୋନାଲିସା ଦାସ, ସିମରନ ପ୍ରଧାନ, ସ୍ୱଦେଶ ରଞ୍ଜନ ତ୍ରିପାଠୀ, ଅମନ ମାଝୀ ଓ ଦେବେନ୍ଦ୍ର ସାହାଣୀଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ସଂସ୍କୃତ ସପ୍ତାହ ଉଦ୍‌ଯାପନୀ ସମାରୋହ



ଫୁଲନଖରା,୧୧।୮ (ସମିସ): କୁରାଙ୍ଗଶାସନସ୍ଥିତ ବାବା ଶ୍ରୀରାମ ପ୍ରସାଦ ସଂସ୍କୃତ ଏକାଡେମୀରେ ଏକ ସପ୍ତାହବ୍ୟାପୀ ଅନୁଷ୍ଠିତ ହେଉଥିବା ସଂସ୍କୃତ ଦିବସ ପାଳନ ସମାରୋହର ଉଦଯାପନୀ ହୋଇଯାଇଛି। ଏହି ଉପଲକ୍ଷେ ଏକାଡେମୀର ସଭାଗୃହରେ ପ୍ରଧାନ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କୁ ନେଇ ସଂସ୍କୃତ ଦିବସ ପାଳନର ଆବଶ୍ୟକତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଛୋଟ ଛୋଟ ଶ୍ଳୋକ ଆବୃତ୍ତି ସହ ତାହାର ସାରାଂଶ ବୁଝାଇ ଦିଆଯାଇଥିଲା କି ସମସ୍ତ ଭାଷା ମଧ୍ୟରେ ସଂସ୍କୃତ ଭାଷାର ଜନନୀ ଭାବରେ ସ୍ୱତନ୍ତ୍ରତା ଲାଭ କରିଛି। ବରିଷ୍ଠ ଶିକ୍ଷକ ପଣ୍ଡିତ ଅଜୟ ପତି ପୂଜାପାର୍ବଣରେ ସଂସ୍କୃତ ଶ୍ଳୋକର ଶୁଦ୍ଧ ଉଚ୍ଚାରଣର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ସଦାଶିବ ପାଲ, ବନବିହାରୀ ପାତ୍ର, ଭବାନୀ ମିଶ୍ର ଓ ଧୀରେନ୍ଦ୍ର ନନ୍ଦ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପଣ୍ଡିତ ହୃଦରଞ୍ଜନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ପୂର୍ବ ଶତ୍ରୁତାରୁ ବୋମାମାଡ଼; ଅଳ୍ପକେ ବର୍ତ୍ତିଲେ ଯୁବକ

ଟାଙ୍ଗୀ,୧୧।୮ (ସମିସ): ପୂର୍ବ ଶତ୍ରୁତାରୁ ଜଣେ ଯୁବକଙ୍କ ଉପରେ ବୋମାମାଡ଼ ହୋଇଥିଲେ ହେଁ ସୌଭାଗ୍ୟବଶତଃ ବର୍ତ୍ତିବା ଓ ପୁଲିସ ଦୁଇଟି ଜୀବନ୍ତ ବୋମା, ଏକ ବାଇକ୍ ସହ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିବା ଘଟଣା ଗୋବିନ୍ଦପୁର ପଞ୍ଚାୟତ ଗୋକଳପୁର ଏବଂ ରସିକନଗର ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି। ଅଭିଯୁକ୍ତ ଜଣକ ଗୋକଳପୁର ଗ୍ରାମର ବାବୁନା ଓରଫ

## ଜୀବନ୍ତ ବୋମା ଓ ବାଇକ ସହ ମୁଖ୍ୟ ଅଭିଯୁକ୍ତ ଗିରଫ

ବୈକୁଣ୍ଠନାଥ ପାଲ(୩୦)। ଥାନା କେସ୍ ନଂ ୨୫୦/୨୫, ଦଫା ୧୨୬(୨), ୨୯୬, ୧୦୯, ୩୫୧(୩), ୩(୫) ଭାରତୀୟ ନ୍ୟାୟ ସଂହିତା ଓ ବିସ୍ଫୋରକ ସାମଗ୍ରୀ ମାମଲା ୩/୪/୫ ଅନୁଯାୟୀ ଅଭିଯୁକ୍ତକୁ ସୋମବାର ଅଦାଲତ ଚାଲାଣ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଖୁବ୍ ଶୀଘ୍ର ଗିରଫ କରାଯିବ ବୋଲି ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ ରସିକ ନଗର ଗ୍ରାମର ମୁକେଶ କୁମାର ଦାସଙ୍କ ସହ ବୈକୁଣ୍ଠଙ୍କର ଶତ୍ରୁତା ରହିଥିଲା। ରବିବାର ସକାଳ ୯



ଘଟିକାରେ ମୁକେଶ ଗୋବିନ୍ଦପୁର ଛକରୁ ନିଜ ଗ୍ରାମ ରସିକ ନଗର ଫେରୁଥିଲେ। ପୂର୍ବ ଶତ୍ରୁତାରୁ ବାଟରେ ଥିବା ଏକ ଜଗନ୍ନାଥ ମନ୍ଦିର ନିକଟରେ ଛକି ରହିଥିବା ଅଭିଯୁକ୍ତ ବୈକୁଣ୍ଠ, ପିତା ଭରତ ଓ ଭାଇ ଶେଷଦେବ ହଠାତ୍ ମୁକେଶଙ୍କୁ ଅଟକାଇ ଗାଳିଗୁଲଜ କରିବା ସହ ଧମକଚମକ ଦେଇଥିଲେ। କୌଣସି ପ୍ରକାର ଖସିବାକୁ ଚେଷ୍ଟା କରିବାରୁ ପ୍ରଥମେ ବୈକୁଣ୍ଠ ଓ ପରେ ତାଙ୍କ ପତ୍ନୀ ମୁକେଶ ଉପରକୁ ବୋମାମାଡ଼ କରିଥିଲେ। କିନ୍ତୁ ସୌଭାଗ୍ୟବଶତଃ କାହାର କିଛି କ୍ଷତି ନ ହେବାରୁ ଘଟଣାର ସମାଧାନ ନିମନ୍ତେ ଗ୍ରାମରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ସମାଧାନର ରାସ୍ତା ବାହାରି ନ ପାରିବାରୁ ଅଭିଯୁକ୍ତ ବୈକୁଣ୍ଠ ଓ ପତ୍ନୀ ପାଲଟା ଅଭିଯୋଗ ନିମନ୍ତେ ଥାନାର ଦ୍ୱାରସ୍ଥ ହୋଇଥିଲାବେଳେ ଟାଙ୍ଗୀ ପୁଲିସ ଦୁହିଁଙ୍କୁ ଅଟକ ରଖି ଜେରା କରିଥିଲା। ଅନ୍ୟପକ୍ଷରେ ଅଭିଯୁକ୍ତ ବୈକୁଣ୍ଠ ଜଣେ ପେଶାଦାର ଅପରାଧୀ ଓ ୨୦୧୯ ମସିହାରୁ ୨୦୨୪ ମସିହା ମଧ୍ୟରେ ଟାଙ୍ଗୀ ଥାନାରେ ୫ଟି ଭିନ୍ନ ଭିନ୍ନ ମାମଲା ରୁଜୁ ହୋଇଥିବା ଆଇଆଇସି ଶିବପ୍ରସାଦ ଭଦ୍ର ସୂଚନା ଦେଇଛନ୍ତି।

# ରାଜ୍ୟସ୍ତରୀୟ କବିତା ପାଠୋତ୍ସବ ଉଦ୍‌ଘାଟିତ



ସାଲେପୁର,୧୧।୮ (ସମିସ): କବିତା ସବୁବେଳେ ମନକୁ ଛୁଇଁଥାଏ। ଭଲ କବିତା ରଚନା କରାଯାଇପାରିଲେ ତାହା ଲୋକଙ୍କ ହୃଦୟରେ ଦୀର୍ଘସ୍ଥାୟୀ ପର୍ଯ୍ୟନ୍ତ ରହି ପାରିଥାଏ ବୋଲି ସାଲେପୁର ହାଇସ୍କୁଲ ଅଡିଟୋରିୟମ୍ ହଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କବିତା ପାଠୋତ୍ସବକୁ ଉଦ୍‌ଘାଟନ କରି ସମାଜସେବୀ ତଥା ସଂଗଠକ ହିମାଂଶୁ ମହାନ୍ତି ଏହି ମତ ପ୍ରଦାନ କରିଛନ୍ତି। ସାଲେପୁର ସାହିତ୍ୟ ମହୋତ୍ସବର ଆବାହକ ଅକ୍ଷୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଗାଳ୍ପିକ ଡଃ ଗିରୀଶ ସାହୁ ଯୋଗଦେଇ କବିତା ସବୁବେଳେ କାଳଜୟୀ ବୋଲି କହିଥିଲେ। ସୁସାହିତ୍ୟିକା ମଧୁସ୍ମିତା ମିଶ୍ର ଓ ବିଷ୍ଣୁଚରଣ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ୩୦ରୁ ଉଦ୍ଧ୍ୱର୍ କବି ଯୋଗଦେଇ କବିତା ପାଠ କରିଥିଲେ। ଏହି ଅବସରରେ ଡ. ତରୁଲତା ଦେବୀ, କବି ପ୍ରସନ୍ନ ମିଶ୍ର, ପୂର୍ବତନ ପ୍ରଧାନଶିକ୍ଷକ ବିପିନ ବିହାରୀ କର, ଗାଳ୍ପିକ କାର୍ତ୍ତିକ ଚନ୍ଦ୍ର ବାରିକ, ସାଲେପୁର କଳା କେନ୍ଦ୍ରର ପ୍ରତିଷ୍ଠାତା ସଂଯୁକ୍ତା ଜେନା, ନୃତ୍ୟଶିଳ୍ପୀ ରିତିକା ସାହୁ, ପ୍ରମୋଦ ନାୟକଙ୍କ ସମେତ ବହୁ ସାହିତ୍ୟିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କବି ଚନ୍ଦ୍ରମଣି ଭୂୟାଁ ଧନ୍ୟବାଦ ଦେଇଥିବାବେଳେ ଅନ୍ୟମାନଙ୍କ ମଧ୍ୟରେ ଡ. ଯୁଧିଷ୍ଠିର ଖଟୁଆ, ପଣ୍ଡିତ ସଞ୍ଜୟ ଷଡ଼ଙ୍ଗୀ, ବିଶ୍ୱରଞ୍ଜନ ସାହୁ, ମାନସ ଦାଶ, ପ୍ରବୀର ଦାସ, ନାଗମଣୀ ସ୍ୱାଇଁ, କବି ପ୍ରଫୁଲ୍ଲ ସିଂହଙ୍କ ସମେତ ବହୁ କବି ଓ ଲେଖକ ତଥା ସାହିତ୍ୟିକମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଏହାକୁ ପରିଚାଳନା କରିଥିଲେ।

# ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଉତ୍ସବ





ଚୌଦ୍ୱାର,୧୧।୮ (ସମିସ): ଚୌଦ୍ୱାର ରୋଟାରୀ କ୍ଲବ୍‌ର ଅଧିଷ୍ଠାନ ଓ ନୂତନ କର୍ମକର୍ତ୍ତା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ନରେଶ କୁମାର ସାହୁଙ୍କ ପୌରହିତ୍ୟରେ ସ୍ଥାନୀୟ ପୌର ଟାଉନ୍‌ହଲ୍‌ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ଶିବବ୍ରତ ଦାସ, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଆସିଷ୍ଟାଣ୍ଟ ଗଭର୍ଣ୍ଣର ପାର୍ଥସାରଥୀ ଚାଟାର୍ଜୀ ଏବଂ ଚୌଦ୍ୱାର କ୍ଲବ୍‌ର ପ୍ରଥମ ସଭାପତି ଡଃ. ଶିବ ପ୍ରସାଦ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଅଞ୍ଚଳର ବିକାଶ ସହିତ ଜନସେବାରେ ନିରନ୍ତର କାର୍ଯ୍ୟ କରିବା ପାଇଁ କ୍ଲବ୍ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଚଳିତ ୨୦୨୫-୨୬ ବର୍ଷ ପାଇଁ ସଭାପତି ଭାବେ ସଞ୍ଜିତ କୁମାର ଜେନା ଓ ସମ୍ପାଦକ ଭାବେ ରବିନ୍ଦ୍ର କୁମାର ସାହୁଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ଡା. ଅମିତ କୁମାର ପୃଷ୍ଟି ସ୍ୱାଗତ ଭାଷଣ ଓ ସୁକାନ୍ତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶରତ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କ୍ଲବ୍‌ର ମୁଖପତ୍ର ଜାଗୃତିର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ପ୍ରତାପ ଶତପଥୀ, ଜୟଶ୍ରୀ ମହାନ୍ତି, ପଞ୍ଚାନନ ନାୟକ, ବିଶ୍ୱକଲ୍ୟାଣ ଦାସ, ଦିବାକର ସାହୁ, ରାଜକିଶୋର ସାମନ୍ତରାୟ, ଭାସ୍କର ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଭାରତୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆସୁଛନ୍ତି ଗଜାନନ

# ଆନ୍ଧ୍ର 'କନକଦୁର୍ଗା ମନ୍ଦିର' ଶୈଳୀରେ ହେବ ତୋରଣ

କଟକ,୧୧।୮ (ସମିସ)

ରୌପ୍ୟନଗରୀକୁ ଆସିବେ ଗଜାନନ। ପାର୍ବଣ'ର ପହିଲି ଚିଠି ଧରି ହଜାର ବର୍ଷର ସହରରେ ପୂଜା ପାଇବେ ଶ୍ରୀଗେଣଶ...ଦୁଲୁକିବ କଟକ। ବାଜା, ବାଣ ଓ ଆକର୍ଷଣୀୟ ଆଲୋକ ସଜ୍ଜାରେ ଝଲସି

## ସୁଇଟ୍-ହାର୍ଟ ଗ୍ରୁପ୍, ପାରେଶ୍ୱର ସାହି

ଉଠିବ ମହାନଦୀବିହାରରୁ ମର୍କତନଗର। ମହାନଦୀ ଆଉ କାଠଯୋଡି'ର ହୃଦୟ ଚିରା ବକ୍ଷ'ରେ ଏ ସହରରେ ଶୁଭିବ 'ବକ୍ରତୁଣ୍ଡ ମହାକାୟ, ସୂର୍ଯ୍ୟକୋଟି ସମପ୍ରଭଃ..ନିର୍ବିଘ୍ନ କୁରୁମେ ଦେବୋ, ସର୍ବକାର୍ଯ୍ୟେଷୁ ସର୍ବଦା'.. କଟକିଆ ବରାଦ ଦେଇ ନିର୍ଦ୍ଧୁମ୍ ପିଟିବେ ଶିଙ୍ଘ ବାଜା, ଦୁଲୁଦୁଲି, ମାଦଳ, ପଞ୍ଜାବୀ ବାଜା,



ଘଣ୍ଟ ସାଂଗକୁ ବ୍ୟାଣ୍ଡ ବାଜା। ମୂର୍ତ୍ତି ଗଢ଼ା ଚାଲିଲାଣି। ପୂଜାର ପୂର୍ବପ୍ରସ୍ତୁତିର ଝଲକକୁ ନେଇ ଆରମ୍ଭ ବିଶେଷଃ ଉପସ୍ଥାପନା....ଆସୁଛନ୍ତି ଗଜାନନ।

ଏଥର ଆନ୍ଧ୍ରପ୍ରଦେଶର କନକଦୁର୍ଗା ମନ୍ଦିର ଶୈଳିରେ ଗଜାନନଙ୍କ ତୋରଣ ନିର୍ମାଣ କରାଯାଉଛି। ବାଉଁଶ ଓ ଫ୍ଲେକ୍ସରେ ନିର୍ମିତ ଏହି ତୋରଣ ଏଠାକାର ମୁଖ୍ୟ ଆକର୍ଷଣ ପାଲଟିବ। କଟକ ପାରେଶ୍ୱର ସାହିର ସୁଇଟ ହାର୍ଟ ଗ୍ରୁପ ୨୦୧୦ମସିହାରୁ ଗଣନାଥ ଙ୍କ ପୂଜା ଅର୍ଚ୍ଚନା କରିଆସୁଛନ୍ତି। ଚଳିତ ବର୍ଷ ପୂଜା କୁ ଧୁମ୍‌ଧାମରେ ପାଳନ କରାଯିବା ପାଇଁ ଗ୍ରୁପର ସଭା ରେ ନିଷ୍ପତ୍ତି ନିଆଯାଇଛି। ଚୌଦ୍ୱାର ଅଞ୍ଚଳର ଯୁବ ବିଶ୍ୱକର୍ମା ପରମେଶ୍ୱର ସାହୁ (ବଣ୍ଟି)ଙ୍କ ଦ୍ୱାରା ଗଣପତି ଙ୍କ ମୁର୍ତ୍ତ୍ମୟୀ ମୃତ୍ତି ତିଆରି କରାଯାଉଛି। ଚଳିତ ବର୍ଷ ଗଣପତିଙ୍କ ମସ୍ତକ ରେ ୪୫୦ଗ୍ରାମ ର ରୂପା ର ଏକ ଚିତା ମଧ୍ୟ ନିର୍ମାଣ କରାଯାଇଛି। ଆଗକୁ ସମ୍ପୂର୍ଣ୍ଣ ରୂପାର ମୁକୁଟ ଓ ଆଭୂଷଣ ହେବାର ଗ୍ରୁପ ର ଲକ୍ଷ୍ୟ ରହିଛି। ଗତ ବର୍ଷ ପରି ପ୍ରାୟେ ୧କୁଇଣ୍ଟାଲର ଲଡୁ ମଧ୍ୟ ନିର୍ମାଣ କରାଯିବା ସହ ପ୍ରସାଦ ସେବନର ଆୟୋଜନ ମଧ୍ୟ କରାଯିବ। ଏଥର ଶୋଭାଯାତ୍ରାରେ ବ୍ରହ୍ମପୁରର ଚକ୍ରବର୍ତ୍ତୀ ବ୍ୟାଣ୍ଡ ସହ ଘଣ୍ଟ ବାଦ୍ୟକୁ ବି ସାମିଲ କରାଯିବ। ପ୍ରାୟେ ୩ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ସୂଚନା ସଭାପତି ଦୀପକ ବେହେରା ସମ୍ପାଦକ ଶାନ୍ତନୁ ବେହେରା ଓ କୋଷାଧକ୍ଷ ଶଙ୍କର ବରାଳ ସୂଚନା ପ୍ରଦାନ କରିଛନ୍ତି।

# ରାଜସ୍ୱ ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ; ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ



କୋରାପୁଟ,୧୧।୮ (ସମିସ):

ବିଭିନ୍ନ ଦାବି ନେଇ ଓଡ଼ିଶା ରାଜସ୍ୱ ଅମଲା ସଂଘର ଡାକରାରେ କୋରାପୁଟ ଜିଲ୍ଲା ଅମଲା ସଂଘର କର୍ମକର୍ତ୍ତା ମାନେ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟରତ ଅମଲା ମାନଙ୍କ ମୂଳ ଦରମା ଲେଭୁଲ ୯ ଗ୍ରେଡ ପେ ୪୨୦୦ ଟଙ୍କା ମୁଖ୍ୟ ଦାବି ରହିଥିବା ଜିଲ୍ଲା ସଂପାଦକ ନିତ୍ୟାନନ୍ଦ ଭତ୍ରା କହିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ କରି ଅମଲା ମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଦାବି ପୂରଣ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜ୍ୟ କ୍ରିୟାନୁଷ୍ଠାନ କମିଟି ଅଧ୍ୟକ୍ଷ ପ୍ରସନ୍ନ କୁମାର ନାୟକ କହିଛନ୍ତି। ଜିଲ୍ଲା ସଭାପତି ମନୋଜ କୁମାର ବାରିକଙ୍କ ନେତୃତ୍ୱରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମାନେ ଧାରଣାରେ ବସିଛନ୍ତି। କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଜଣାପଡିଛି। ବିଭିନ୍ନ ସ୍ଥାନରୁ ଲୋକେ ନିଜ ନିଜ କାମରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆସିଥିଲେ, କିନ୍ତୁ ଅମଲା ମାନେ କାର୍ଯ୍ୟବନ୍ଦ କରିଥିବାରୁ ନିରାଶ ହୋଇ ଫେରି ଯାଇଥିଲେ।

## ସମୂହ ଛୁଟିରେ ଗଲେ ରାଜସ୍ୱ ଅମଲା



ନବରଙ୍ଗପୁର,୧୧।୮ (ସମିସ) : ଅମଲାଙ୍କ ଦଶ ଦଫା ଦାବି ପୂରଣ ଦାବିରେ ଆଜି ନବରଙ୍ଗପୁର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ସାମୂହିକ ଛୁଟିରେ ଅଛନ୍ତି। ଗତ ୮ ତାରିଖ ଦିନ ରାଜସ୍ୱ ଅମଲା ମାନେ ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଦାବି ପୂରଣ ନ ହେବାରୁ ଆଜିଠାରୁ ଛୁଟିରେ ଯାଇଛନ୍ତି ସମସ୍ତେ। ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ ନ କରିବେ, ଆନ୍ଦୋଳନ ଅବ୍ୟାହତ ରହିବ ବୋଲି ଦାକ୍ଷିଣାଞ୍ଚଳ ଜୋନ୍ ର ସଭାପତି କୈଳାଶ ଚନ୍ଦ୍ର ଦାସ, ରାଜ୍ୟ ଉପସଭାପତି ଏସ୍. ଜଗଦୀଶ, ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି ପ୍ରକାଶ କରିଛନ୍ତି । ଏହି ଆନ୍ଦୋଳନ ସମୟରେ ଜନ ସାଧାରଣଙ୍କ ଯାହା ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ତ୍ରିପତି ବାଲାଜୀ ସାହୁ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଆଲୋଚନା, ଆନ୍ଦୋଳନ, ବିଭିନ୍ନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲେ ବି ଦାବି ଗୁଡ଼ିକ ପୂରଣ କରାଯାଇ ନାହିଁ। ତେଣୁ ସଂଘ ବାଧ୍ୟହୋଇ ଆନ୍ଦୋଳନ କରୁଛି। ଆନ୍ଦୋଳନ ବେଳେ ସରକାରୀ ସେବା ପାଇବା ପାଇଁ ଲୋକେ ଯେଉଁ ଅସୁବିଧାର ସମ୍ମୁଖୀନ ହେବେ, ସେଥିପାଇଁ ସେ ଜନସାଧାରଣଙ୍କୁ କ୍ଷମା ପ୍ରାର୍ଥନା କରିଥିବା ସଭାପତି ତ୍ରିପତି ବାଲାଜୀ ସାହୁ କରିଛନ୍ତି। ଆଜି ଖଣ୍ଡୀୟ ସଭାପତି କୈଳାସ ଚନ୍ଦ୍ର ଦାସ , ନବରଙ୍ଗପୁର ଜିଲ୍ଲା ସଭାପତି ଆଶୁତୋଷ ମହାନ୍ତି ପ୍ରମୁଖଙ୍କ ସମେତ ବହୁ ଅମଲା ଉପସ୍ଥିତି ଥିଲେ।

## ଛୁଟିରେ ଗଲେ ରାଜସ୍ୱ ଅମଲା କର୍ମଚାରୀ



ମାଲକାନଗିରି,୧୧।୮ (ସମିସ):

ଅଗଷ୍ଟ ୩ ତାରିଖ ଦିନ ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲା ରାଜସ୍ୱ ଅମଲା ଶାଖାରେ ସରକାର ଅମଲାଙ୍କ ନ୍ୟାୟୋଚିତ ଦାବି ଉପରେ ବାରମ୍ବାର ପ୍ରତିଶ୍ରୁତି ଦେଇ କାର୍ଯ୍ୟକାରୀ କରୁ ନଥିବାରୁ ତୁରନ୍ତ ଅମଲା ମାନଙ୍କ ଦାବି ପୁରଣ ନ ହେଲେ ସମସ୍ତ ଅମଲା ସମୂହ ଛୁଟିରେ ଯିବେ ବୋଲି ନିଷ୍ପତି ନେଇଥିଲେ। ଆଜି ପର୍ଯ୍ୟନ୍ତ ଦାବି ପୂରଣ ନ ହେବାରୁ ଜିଲ୍ଲାର ସମସ୍ତ ଅମଲା ସମୂହ ଛୁଟିରେ ଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଯେଉଁ ଦିନ ପର୍ଯ୍ୟନ୍ତ ତାଙ୍କର ଦାବି ପୂରଣ ନ ହେବ ସେହିଦିନ ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ରହିବେ ବୋଲି ନିଷ୍ପତି ନିଆଯାଇଛି। ପ୍ରକାଶ ଥାଉ କି, ୯୩୦୦ ସ୍କେଲ ପେରେ ୪୨୦୦ ଗ୍ରେଡପେ ପ୍ରଦାନ, ନିୟମିତ ପଦୋନ୍ନତି, କ୍ୟାଡରର ପୁନଃଗଠନ ଇତ୍ୟାଦି ଦାବି ବହୁବାର କରାଯାଇଛି। ଆଜିର ଏହି ଧାରଣାରେ ସଂଘର ସଭାପତି କ୍ରିଷ୍ଣା ରାଓ, ସାଧାରଣ ସମ୍ପାଦକ ଦିଲିପ ନାୟକ, ସଂଗଠନ ସମ୍ପାଦକ ଟୁକୁନା ପଡିଆରି, କୋଷାଧ୍ୟକ୍ଷ ପ୍ରଶାନ୍ତ କୁମାର ପୃଷ୍ଟି, ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଦସ୍ୟ ଶ୍ୟାମ ସୁନ୍ଦର ନାୟକ, ଉପଦେଷ୍ଟା ଅଶୋକ ସାମଲଙ୍କ ସହ ସଂଘର ସମସ୍ତ ସଦସ୍ୟ ସଦସ୍ୟା ଓ ସମସ୍ତ ଅମଲା ମାନେ ଅଂଶଗ୍ରହଣ କରିଥିଲେ।

## ଚୋରି ଅଭିଯୋଗରେ ପାତ୍ର ଇଲେକ୍ଟ୍ରୋନିକ୍ସ ମ୍ୟାନେଜର ଗିରଫ

ଜୟପୁର,୧୧।୮ (ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଶ୍ରମ ବିଭାଗ ଛକ ସ୍ଥିତ ପାତ୍ର ଇଲେକ୍ଟ୍ରୋନିକ୍ସରେ କାର୍ଯ୍ୟରତ ମ୍ୟାନେଜର ଉକ୍ତ ସୋରୁମରୁ ଟଙ୍କା ଚୋରି ଅଭିଯୋଗରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମ୍ୟାନେଜର ସ୍ଥାନୀୟ ଜୟନଗର ଅଞ୍ଚଳର ଚନ୍ଦନ କୁମାର ନନ୍ଦ (୨୯)। ଗତ ମାସ ୨୯ ତାରିଖରେ ସ୍ଥାନୀୟ ସୋରୁମର ଏକାଉଣ୍ଟେଣ୍ଟ ଛୁଟିରେ ରହିଥିବା ବେଳେ ଏହାର ଦାୟୀତ୍ୱ ମ୍ୟାନେଜର ଚନ୍ଦନ ରହିଥିଲେ। ଗୋଟିଏ ଦିନରେ ଟଙ୍କା ପ୍ରାୟ ୨ ଲକ୍ଷ ଟଙ୍କା ଜମା ହୋଇନଥିବା ବେଳେ ଟଙ୍କା ଗାୟବ ରହିଥିଲା। ଏନେଇ ମ୍ୟାନେଜର ଚନ୍ଦନଙ୍କଠାରୁ କୌଣସି ସନ୍ତୋଷମୂଳକ ଉତ୍ତର ନ ମିଳିବାରୁ କ୍ଲଷ୍ଟର ଦେବେନ୍ଦ୍ର କୁମାର ଦାଶ ଲିଖିତ ଭାବେ ଅଭିଯୋଗ କ୍ରମେ ପୁଲିସ ସୋ ରୁମ୍‌ର ସିସି ଟିଭି ଯାଞ୍ଚ ବେଳେ ଗିରଫ ଅଭିଯୁକ୍ତ ସୋରୁମର ଟଙ୍କା ଚୋରି କରୁଥିବା ନେଇ ଦୃଶ୍ୟ ମାନ ହୋଇଥିଲା। ଏହାପରେ ଅଭିଯୁକ୍ତଙ୍କୁ ପୁଲିସଗିରଫ କରିଥିଲେ ବୋଲି ତଦନ୍ତକାରୀ ଅଧିକାରୀ ଏଏସଆଇ ସୁବାଷ ଚନ୍ଦ୍ର ଷଡଙ୍ଗୀ ପ୍ରକାଶ କରିଛନ୍ତି।

## ଯୁବକଙ୍କୁ ହତ୍ୟା ଅଭିଯୋଗର ତଦନ୍ତ, କ୍ଷତିପୂରଣ ଦାବି

ମାଲକାନଗିରି, ୧୧।୮ (ସମିସ): ତଦନ୍ତ ଠିକ୍ ରୂପେ ହେଉ ନଥିବାରୁ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇ ଅଭିଯୋଗ କଲେ ଗ୍ରାମବାସୀ। ସୂଚନା ଅନୁଯାୟୀ ମାଲକାନଗିରି ଜିଲ୍ଲା ଏମପିଭି ୬୪ ଗ୍ରାମରେ ଗତ ଏକ ତାରିଖ ଦିନ ବପି ମଣ୍ଡଳଙ୍କୁ ଅନନ୍ତ ହାଲଦାର ନାମକ ଠିକାଦାର ବାକି

**● ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ଗ୍ରାମବାସୀ**

ପଇସା ଥିବା କହି ଘରୁ ଉଠାଇ ଆଣିଥିଲେ ଓ ତାର ଠିକ ଗୋଟେ ଦିନ ପରେ ପରିବାର ଲୋକ ଜାଣିବାକୁ ପାଇଲେ ଯେ ଠିକାଦାର ନେଇଥିବା ଶ୍ରମିକର ମୃତ୍ୟୁ ଘଟିଛି। ତେବେ ଶ୍ରମିକର ପରିବାର ପକ୍ଷରୁ ଏ ନେଇ ମୋଟୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଘଟଣାକୁ ଇତି ମଧ୍ୟରେ ୧୦ ଦିନ ବିତି ଯାଇଥିଲେ ମଧ୍ୟ ମୋଟୁ ଥାନା ଅଧିକାରୀ ସଂପୃକ୍ତ ଠିକାଦାରଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନାହାନ୍ତି। ତେଣୁ ଆଜି ମୃତ ଶ୍ରମିକଙ୍କ ପରିବାର ଲୋକେ



ଓ ଅନେକ ଗ୍ରାମବାସୀ ମାଲକାନଗିରି ଏସ୍‌ପିଙ୍କୁ ଭେଟି ମୃତ ଶ୍ରମିକଙ୍କ ପରିବାକୁ ଉଚିତ ନ୍ୟାୟ ପ୍ରଦାନ କରିବା ଲାଗି ଦାବି କରିଛନ୍ତି। ଏହ ସହ ଘଟଣାର ତଦନ୍ତ ଜଣେ ଉଚ୍ଚସ୍ତରୀୟ ଅଧିକାରୀଙ୍କ ଦ୍ୱାରା କରାଇବା ଓ ମୃତକଙ୍କ ପରିବାରକୁ ୨୫ ଲକ୍ଷ ଟଙ୍କାର କ୍ଷତି ପୂରଣ ଦେବାକୁ ଦାବି କରାଯାଇଛି।

## ବାଇକ୍ ଦୁର୍ଘଟଣାରେ ୩ ଆହତ

ଗୁଡାରି,୧୧।୮ (ସମିସ): ସୋମବାର ରାତି ୭ଟା ସମୟରେ ବଂଶଧାରା ସେତୁ ଉପରେ ବାଇକ୍ ଦୁର୍ଘଟଣା ଘଟି ୨ ଗୁରୁତର ହୋଇଥିବା ବେଳେ ଜଣେ ଆହତ ହୋଇଛନ୍ତି। ସୂଚନା ଅନୁସାରେ ଉର୍ଲର କଣା ଗ୍ରାମର ମଣ୍ଟୁ ଶବର (୨୨), କପିଳାସ ଶବର (୧୯) ଏବଂ ରାଉତଗୁଡା ଉପେନ୍ଦ୍ର ଶବର (୨୬) ନାମକ ୩ ଯୁବକ କୌଣସି କାମରେ ଗୁଡାରି ଆସି ସଂଧ୍ୟାରେ ଗୁଡାରି ମୁଖ୍ୟ ରାସ୍ତା ଦେଇ ନିଜ ଉର୍ଲକଣା ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଦୁଇ ଗୁରୁତରଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁଣୁପୁର ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି।

## କବି ବଳରାମଙ୍କ ପ୍ରତିମୂର୍ତ୍ତି ଅନାବରଣ



**କୁଡୁମୁଲୁଗୁମ୍ମା,୧୧।୮ (ସମିସ):** ମାଲକାନଗିରି ଜିଲ୍ଲା କୁଡୁମୁଲୁଗୁମ୍ମା ଠାରେ ସ୍ୱର୍ଗତଃ କବି ବଳରାମ ପୂଜାରୀ ସ୍ମୃତି ସଂସଦ ତରଫରୁ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟ ନିକଟରେ କବିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତି ଅନାବରଣ କରାଯିବା ସହ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଦିନ ୧୧ଘଣ୍ଟିକା ସମୟେ ବହୁ ବିଶିଷ୍ଟ ସାହିତ୍ୟିକ, କବି/କବୟିତ୍ରୀ, ଶିକ୍ଷାବିତ୍, ପ୍ରଶାସନିକ ଅଧିକାରୀ, ବୁଦ୍ଧିଜୀବୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ କବି ବଳରାମ ପୂଜାରୀଙ୍କ ପିତା ଇନ୍ଦ୍ରମଣି ପୂଜାରୀ ଏବଂ ତାଙ୍କ ଶ୍ୱଶୁର ବାଳକୃଷ୍ଣ ରଣାଙ୍କ କରକମଳରେ କବିଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟନ କରାଯାଇଥିଲା। ଏହାପରେ ସ୍ମୃତି ସଭାର ଆୟୋଜନ କରାଯାଇଥିଲା। ସଭାମଞ୍ଚରେ ଅତିଥି ଭାବେ ଆଦିବାସୀ ସଂସ୍କୃତି ଗବେଷକ ରାଜେନ୍ଦ୍ର ପାଢ଼ୀ, ପୂର୍ବତନ ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ ବୁଲୁ ହୋତା, ଦେଶିଆ କୁଟୁମ୍ବ ସଭାପତି ସାଇମନ ବିଡ଼ିକା, କବୀ ଝାନ୍ସୀ ସିଂ, ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ମହାସଚିବ ଦଣ୍ଡପାଣି ମହାପାତ୍ର, ହେମନ୍ତ ଦଳପତି, ରାମହରି ସାହୁ ଏବଂ କବିଙ୍କ ଧର୍ମପତ୍ନୀ ପୁଷ୍ପାଞ୍ଜଳି ରଣା ମଞ୍ଚାସୀନ ଥିଲେ। କବି ବଳରାମ ପୂଜାରୀଙ୍କ ଛଅ ଗୋଟି କବିତା ସଂକଳନ ପ୍ରକାଶିତ ହୋଇଥିବା ସ୍ଥଳେ ଆହୁରି ଅନେକ ଅପ୍ରକାଶିତ ଲେଖା ରହିଯାଇଛି। ପାଣ୍ଡୁଲିପିକୁ ସଂଗ୍ରହ କରି ପ୍ରକାଶନ ଦାୟିତ୍ୱ ହାତକୁ କିପରି ନିଆଯିବ ସେ ସମ୍ବନ୍ଧରେ ମତ ପ୍ରକାଶ ପାଇଥିଲା। କବିଙ୍କ ସ୍ମୃତିକୁ ସବୁଦିନ ଉଜ୍ଜୀବିତ ରଖିବା ପାଇଁ କବିପତ୍ନୀଙ୍କ ଏଭଳି ଉଦ୍ୟମକୁ ଅତିଥିମାନେ ଭୂୟସୀ ପ୍ରଶଂସା କରିଥିଲେ। କବି ବିଜୟାଶ୍ରୀ ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ସମାଜସେବୀ ଭଗବାନ ସାହୁ, ବାଳକୃଷ୍ଣ ପ୍ରଧାନ, ରମେଶ ଚନ୍ଦ୍ର ନେଲୁର, ଅଶୋକ ପ୍ରଧାନ, ରୁଦ୍ରାଭିଷେକ ପୂଜାରୀ, ଗୋପୀ ପାଙ୍ଗି କାର୍ଯ୍ୟକ୍ରମକୁ ସଫଳ କରିବାରେ ମୁଖ୍ୟ ଭୂମିକା ନିଭାଇଥିଲେ। ବଳରାମ ପୂଜାରୀଙ୍କ ନାମରେ ସମସ୍ତେ ଗୋଟିଏ ଲେଖାଏଁ ଗଛ ନେଇ ନିଜ ବାଡ଼ିରେ ଲଗେଇ ଯତ୍ନ ନେବା ପାଇଁ ନଡ଼ିଆ, ଆମ୍ବ, ପିଜୁଳି ଚାରା ବଣ୍ଟନ କରାଯାଇଥିଲା।

## ଅବକାରୀ ଚଢ଼ଉ, ୪ ଗିରଫ

ଜୟପୁର,୧୧।୮ (ସମିସ): ଜୟପୁର ବ୍ଲକର ବିଭିନ୍ନ ସ୍ଥାନରେ ଅବକାରୀ ଓ ସାଟ୍‌ଲାଇଟ ବିଭାଗ ପକ୍ଷରୁ ଚଢ଼ଉ କରାଯାଇ ୪ଜଣଙ୍କୁ ଗିରଫ କରିବା ସହ ୭୨ ଲିଟର ୪ଶହ ଦେଶୀ ଓ ବିଦେଶୀ ମଦ ଜବତ କରାଯାଇଛି। ଅଭିଯୁକ୍ତ ଓସିସି କଲୋନୀର ହେମନ୍ତ କୁମାର ଖରାଙ୍କ ଠାରୁ ୧୫ ଲିଟର ଦେଶୀମଦ ଜବତ କରିଥିବା ବେଳେ ମୁଣବିଗୁଡାର ଶିତାମଣୀ ବିଷୋୟୀଙ୍କ ଘର ଉପରେ ଚଢଉ କରାଯାଇ ୯ ଲିଟର ବିୟର, ଜୟପୁର ବେଲ ରୋଡଛକର ସାହୁକାର ଭାନୁମତି ଘରରୁ ୮.୪ ଲିଟର ବିଦେଶୀ ମଦ, ମୁଣବିଗୁଡା ପିଲବାୟ କଲୋନୀର ନୟନ ବାହାଦୁର ଘରରୁ ୪୦ ଲିଟର ଦେଶୀ ମଦ ଜବତ କରାଯାଇଛି। ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସୁବ୍ରତ ହିରଣ ସୂଚନା ଦେଇଛନ୍ତି।

## ଜମିଜମା ବିବାଦକୁ ନେଇ ଗଣହତ୍ୟା ମାମଲା; ୪ ବର୍ଷ ପରେ ଗିରଫ ଅଭିଯୁକ୍ତ କୋର୍ଟ ଚାଲାଣ

ପୋଡ଼ାଗଡ଼,୧୧।୮ (ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡା ପଞ୍ଚାୟତ ଅଧିନସ୍ଥ ହାତୀମୁଣ୍ଡା ଗାଁର ଜମିଜମା ବିବାଦ ଘଟଣାକୁ ନେଇ ଗଣହତ୍ୟା ମାମଲାରେ ସମ୍ପୃକ୍ତ ଆସାମୀକୁ ଦୀର୍ଘ ୪ ବର୍ଷ ପରେ ସ୍ଥାନୀୟ ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗିରଫ ଆସାମୀ ଜଣକ ହେଲେ ମୃତ ମାଧବ ଜାନିଙ୍କ ପୁଅ ଛେଣ୍ଡିଆ ଜାନୀ (୬୨)। ପ୍ରକାଶ ଯେ, ଗତ ୨୦୨୧ ମସିହାରେ ଜମି ଜମା ବିବାଦକୁ ନେଇ ସମ୍ପର୍କୀୟଙ୍କ ମଧ୍ୟରେ ବିବାଦ ହୋଇଥିବା ବେଳେ ଗୋଟିଏ ଦିନ ର ସେ ସମୟରେ ଗାଁ ଦାଣ୍ଡରେ ତିନି ଜଣଙ୍କୁ ଅମାନୁଷିକ ଭାବେ ହତ୍ୟା କରାଯାଇଥିଲା। ସେହି ହତ୍ୟା ଘଟଣାରେ ସଂପୃକ୍ତ ଥିବା ଆସାମୀ ବୃଦ୍ଧ ଜଣକ ଦିର୍ଘ ୪ ବର୍ଷ କାଳ ଫେରାର ହୋଇ ଯାଇଥିଲେ ବୋଲି ପୋଲିସ ସୂଚନାରୁ ଜଣାପଡିଛି। କୌଣସି ସୂତ୍ରରୁ ଖବର ପାଇବା ମାତ୍ରେ ଆଜି ଥାନା ଅଧିକାରୀ ସୁକୁମା ହାଁସଦା ଏବଂ ତାଙ୍କ ଟିମ ସମ୍ପୃକ୍ତ ଗାଁରେ ପହଞ୍ଚି ତାଙ୍କୁ ଗିରଫ କରିଥିଲେ।

## ଭାଇରାଲ ଭିଡିଓ ନେଇ ବିଜେପି କର୍ମୀଙ୍କ ଅଭିଯୋଗ

ବୈପାରୀଗଡ଼ା, ୧୧।୮ (ସମିସ) ସାମାଜିକ ଗଣ ମାଧ୍ୟମରେ ଏକ ବିବାଦୀୟ ଭାଇରାଲ ଭିଡିଓକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବୈପାରୀଗୁଡା ବିଜେପି କର୍ମୀ ମାନେ ସୋମବାର ଦିନ ଥାନରେ ପହଞ୍ଚି ସ୍ଥାନୀୟ ଜଣେ ଯୁବକଙ୍କ ବିରୋଧରେ ଏତଲା ଦେଇଛନ୍ତି । ଜଣେ ଯୁବକ ଫେସବୁକ ଏବଂ ୱାଟ୍ସଅପରେ ଦଳ ବିରୋଧୀ କଥା ଲେଖିବା ସହ ଅଶ୍ରାବ୍ୟ ଭାଷା ଗାଳିଗୁଲଜ କରିଥିବା ଉଲ୍ଲେଖ ରହିଛି। ବୈପାରୀଗୁଡା ଥାନାରେ ଏତଲା ଦେବା ସମୟରେ ବିଜେପି ପାର୍ଟିର ରାଜେନ୍ଦ୍ର କୁମାର ଗୌଡ଼, ଜି ଜାଗା ରାଓ, ଉମେଶ ପଟ୍ଟନାୟକ, ସନ୍ଦୀପ କୁମାର ଦାସ, କୌଳାସ ନାୟକ,ତିଲୋଚନ ଖରା, ମହନଲାଲ ଆଡାରି, କେ ଉମାମହେଶ୍ୱର, ନୋଟବର ପଟ୍ଟନାୟକ, ଲୋଳିତ ପୂଜାରୀ, ଧନପତି ନାୟକ, ଦୈତାରୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ଘଟଣାର ତଦନ୍ତ ଚାଲିଛି ବୋଲି କହିଛନ୍ତି ବୈପାରୀଗୁଡା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ କହିଛନ୍ତି।

## କୋଡିଙ୍ଗା ଲ୍ୟାମ୍ପସ ଏମ୍‌ଡିଙ୍କ ବିରୋଧରେ ଉପମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର



କୋଷାଗୁମୁଡା,୧୧।୮ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଡୀଙ୍ଗା ଲ୍ୟାମ୍ପ୍‌ରେ କାର୍ଯ୍ୟରତ ଏମ୍‌ଡିଙ୍କ ମନମୁଖୀ ତଥା ଏକଚାଟିଆ କାର୍ଯ୍ୟ କଳାପରେ ଅତିଷ୍ଠ ହୋଇ ମଦେଇଗାଁ, କର୍ଚ୍ଚାମାଳ ଓ ଚିରିମା ଗ୍ରାମପଞ୍ଚାତର ଚାଷୀମାନେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିକରି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଏମଡି ମହାଶୟ ଦୀର୍ଘ ୧୫ବର୍ଷ ହେବ କୋଡୀଙ୍ଗା ଲ୍ୟାମ୍ପସରେ କାର୍ଯ୍ୟରତ ରହି ବେଆଇନ ତଥା ମନମୁଖୀ କାର୍ଯ୍ୟ କାର୍ଯ୍ୟ କରୁଛନ୍ତି ଚାଷୀମାନଙ୍କ ଆବଶ୍ୟକତା ଓ ସମସ୍ୟାକୁ ଭ୍ରୁକ୍ଷେପ ନ କରି ଏକଚାଟିଆ କାର୍ଯ୍ୟରେ ଲିପ୍ତ ରହିଛନ୍ତି। ତାଙ୍କ ବିରୁଦ୍ଧରେ ପୂର୍ବରୁ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ଡିଆରସିଏସଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଗଲା ନାହିଁ। ତେଣୁ ଉଚିତ ନ୍ୟାୟ ପ୍ରଦାନ ଓ ଅଞ୍ଚଳକୁ ଭ୍ରଷ୍ଟାଚାରମୁକ୍ତ ପାଇଁ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ନିବେଦନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସୁବ୍ରତ ମହାପାତ୍ର, ବିମଳ ବିଶୋଇ, ସିମନ ବିଶୋଇ, ଯୁଧିଷ୍ଠିର ମାଳି, ସୂର୍ଯ୍ୟ ମାଳି, ମନୋଜ ବିଶୋଇଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଚାଷୀମାନେ ଉପସ୍ଥିତ ରହିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆଦିବାସୀ ସଂଘର ଦାବିପତ୍ର ପ୍ରଦାନ

ବୈପାରୀଗୁଡ଼ା,୧୧।୮ (ସମିସ):

ଆଦିବାସୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ବୈପାରୀଗୁଡା ବ୍ଲକ କାର୍ଯ୍ୟାଳୟ ପରିସରରେ ସ୍ଥାନୀୟ ଜିପିଡିଓ ମିଲୁ ପ୍ରଧାନୀଙ୍କୁ ଏହି ଦାବିପତ୍ର ଦିଆଯାଇଛି। ଜାଲ୍ ଜାତିଗତ ପ୍ରମାଣ ପତ୍ର ଚିହ୍ନଟ କରିବା, ଜିଲ୍ଲାଭିତ୍ତିକ ନିଯୁକ୍ତି ନିୟମ ପ୍ରଣୟନ କରିବା, ପେସା ଆଇନ କାର୍ଯ୍ୟକ୍ଷମ କରିବା, ଭାଷାଭିତ୍ତିକ ଶିକ୍ଷକ ନିଯୁକ୍ତି, ଲଘୁବନ ଜାତ ଦ୍ରବ୍ୟ ଅଧିକାର, ସହିଦ ଲକ୍ଷ୍ମଣ ନାୟକ ସଂଗ୍ରହାଳୟ ଖୋଲିବା, ତେନ୍ତୁଲିଗୁମ୍ମା ଠାରୁ ବୈପାରୀଗୁଡା ପର୍ଯ୍ୟନ୍ତ ସରକାରୀ ବସ ସେବା, ବୌଷୟିକ ଶିକ୍ଷା ଓ ତାଲିମ ପାଇଁ ପ୍ରାଧିକାର ଯୋଗାଇବା ଆଦି ୧୨ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମୋହନ ଶ୍ରୀକରଲିଆ, ସନୁ ତେନ୍ତୁଳିପଡିଆ, ଯୁଧିଷ୍ଠୀର ଗଦବା, ଧନପତି ନାୟକ, ଲୋଇଚନ ପରଜା, ଦାଇତାରୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ମହାବିଦ୍ୟାଳୟରେ ରେଡ୍ ରିବନ୍ କ୍ଲବ୍ ଉଦ୍‌ଘାଟିତ




ରାୟଗଡ଼ା,୧୧।୮ (ସମିସ): ଯୁବରେଡ କ୍ରସ୍ ଅଧୀନରେ ରାୟଗଡ଼ାର ମହିଳା ମହାବିଦ୍ୟାଳୟରେ ଆଜି ରେଡ୍ ରିବନ୍ କ୍ଲବ୍ ଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡକ୍ଟର ଅର୍ଚ୍ଚନା ପଟ୍ଟନାୟକ, ରିସୋର୍ସ ପର୍ସନ ଡକ୍ଟର ସୁଚିସ୍ମିତା ପାଢ଼ୀ, ମେଡିକାଲ୍ ଅଫିସର ଇନଚାର୍ଜ, ସାଇ ପ୍ରିୟା ନଗର, ରାୟଗଡ଼ା, କାଉନ୍‌ସେଲର କୈଳାସ ଚନ୍ଦ୍ର ସାହୁ, ଆରଆରସି, ସଦସ୍ୟ ।ସରୋଜା ମିଶ୍ର ଏବଂ ବଳରାମ ତୁଳ ଏବଂ ରିସୋର୍ସ ପର୍ସନଙ୍କ ପିତା, ପାଢ଼ୀ ସାର୍ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟି କାଉନ୍‌ସେଲର କୈଳାସ ଚନ୍ଦ୍ର ସାହୁଙ୍କ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ସହିତ ଆରମ୍ଭ ହୋଇଥିଲା, । ସ୍ୱେଚ୍ଛାସେବକମାନଙ୍କୁ ସମର୍ପିତ ଭାବରେ କାମ କରିବାକୁ ଉତ୍ସାହିତ କରାଯାଇଥିଲା। ଡକ୍ଟର ପଟ୍ଟନାୟକଙ୍କ ମାର୍ଗଦର୍ଶନ ସାମାଜିକ କାରଣ ଏବଂ ଛାତ୍ର ସଶକ୍ତିକରଣ ପ୍ରତି ତାଙ୍କର ଗଭୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା। ରିସୋର୍ସ ପର୍ସନ ଡକ୍ଟର ସୁଚିସ୍ମିତା ପାଢ଼ୀ ଏଡ୍ସ ସଚେତନତା ଉପରେ ଏକ ସୂଚନାପ୍ରଦ ଏବଂ ପାରସ୍ପରିକ ଆଲୋଚନା ଅଧିବେଶନ ପ୍ରଦାନ କରିଥିଲେ। ପ୍ରାୟ ୩୦ ଜଣ ୱାଇଆରସି ସ୍ୱେଚ୍ଛାସେବକ ଉପସ୍ଥିତ ଥିଲେ। ସେମାନେ ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ବଳରାମ ତୁଳଙ୍କ ଧନ୍ୟବାଦ ପ୍ରସ୍ତାବ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା।

## ଜିଲ୍ଲା ସାମ୍ବାଦିକ ସଂଘର ପାଠ୍ୟ ଉପକରଣ ବଣ୍ଟନ

ନବରଙ୍ଗପୁର,୯।୮ (ସମିସ): ରାଖୀ ବନ୍ଧନ ଉତ୍ସବ ପଳନ ଅବସରରେ ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଙ୍ଗଠନ ପକ୍ଷରୁ ନବରଙ୍ଗପୁର ସ୍?ତନ୍ତ୍ର ବିଦ୍ୟାଳୟ ଆଶା କିରଣ ଠାରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହ ଉତ୍ସବ ପାଳିବା ସହିତ ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ଉପକରଣ, ଶୁଖିଲା ଖାଦ୍ୟ, ପାନୀୟ ଏବଂ ଛତା ବଣ୍ଟନ କାର୍ଯ୍ୟକ୍ରମ ପକ୍ଷରୁ କରାଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଙ୍ଗଠନ (ଏନ୍‌ଡିଜେଏ)ର ଆଇନ ପରାମର୍ଶଦାତା ତଥା ରାଜ୍ୟ ଆଇନଜୀବୀ ସଂଗଠନର ରାଜ୍ୟ ଉପ ସଭାପତି ତଥା ନବରଙ୍ଗପୁର ଶ୍ରୀଜଗନ୍ନାଥ ମନ୍ଦିର, ନୀତି ପରିଚାଳନା ନିୟୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ସ୍ୱତନ୍ତ୍ର ଅତିଥି ଭାବରେ ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଙ୍ଗଠନର ମୁଖ୍ୟ ଉପଦେଷ୍ଟା ତଥା ଜିଲ୍ଲା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ମହାପାତ୍ର ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ପବିତ୍ର ରକ୍ଷା ବନ୍ଧନର ଶୁଭେଚ୍ଛା ଜଣାଇବା ସହିତ ସାମ୍ବାଦିକ ସଙ୍ଗଠନ ପକ୍ଷରୁ ଏଭଳି ମହତ୍ କାର୍ଯ୍ୟ କରାଯାଇଥିବାରୁ ସଂଗଠନ କର୍ମକର୍ତ୍ତାଙ୍କୁ ଭୂରି ଭୂରି ପ୍ରଶଂସା କରିଥିଲେ। ନବରଙ୍ଗପୁର ଜିଲ୍ଲା ସାମ୍ବାଦିକ ସଙ୍ଗଠନ ପକ୍ଷରୁ ଯଥାରୀତି ଅନୁଯାୟୀ ରକ୍ଷା ବନ୍ଧନ ଏବଂ ସମସ୍ତ ବଣ୍ଟନ କାର୍ଯ୍ୟ ସମାପନ ହେବା ପରେ ପିଲାଙ୍କୁ ମିଠା ଖୁଆଇ ଖୁସି ବ୍ୟକ୍ତି କରିଥିଲେ ଅତିଥି ଏବଂ କର୍ମକର୍ତ୍ତା ବୃନ୍ଦ। ଆଗାମୀ ଦିନରେ ଏଭଳି ସହାୟତା ଜାରି ରହିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା।

## ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା

ମାଲକାନଗିରି,୧୧।୮ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଳା ସହର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ସଂକୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଆରମ୍ଭ ହୋଇଯାଇଛି। ମୋଟ ୫ଟି ବିଦ୍ୟାଳୟକୁ ନେଇ ବାଲିମେଳା, କୋରୁକୋଣ୍ଡା, ଚିତ୍ରକୋଣ୍ଡା , କିଟିପାଲି ଏବଂ ଖଇରପୁଟ ସମେତ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ମୋଟ ୧୨୭ ଛାତ୍ରଛାତ୍ରୀଙ୍କୁ ନେଇ ଏହି ଜ୍ଞାନବିଜ୍ଞାନ ମେଳା କରାଯାଇଥିଲା। ଏହି ଜ୍ଞାନ ବିଜ୍ଞାନ ମେଳାକୁ ୨ଟି ବିଭାଗରେ ବିଭକ୍ତ କରାଯାଇ ଯଥା:- ଶିଶୁ ବର୍ଗ ଓ ବାଲ ବର୍ଗରେ ଭାଗ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ବାଲିମେଳା ଶିଶୁ ମନ୍ଦିର ସଭାପତି ସୂର୍ଯ୍ୟକାନ୍ତ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ଚିତ୍ତ ରଞ୍ଜନ ନାୟକ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରମୁଖ ଶରତ କୁମାର ବେହେରା ସ୍ଥାନୀୟ ବିଦ୍ୟାଳୟ ସମ୍ପାଦକ ରଞ୍ଜିତ କୁମାର ଦାସ ଯୋଗ ଦେଇଥିଲେ। ଶିଶୁ ମାନଙ୍କ ମୂଲ୍ୟାଙ୍କନ କରିଥିଲେ ଶିକ୍ଷକ ପ୍ରଦୀପ କୁମାର ଦାସ, ବିଷ୍ଣୁ ପ୍ରସାଦ ଅତିବୁଦ୍ଧି, ସୁଧାଂଶୁ ପଣ୍ଡା ଏବଂ ଶିକ୍ଷୟତ୍ରୀ ଲିପ୍ସା ଗମାଙ୍ଗ ପ୍ରମୁଖ। ଏହି ଜ୍ଞାନବିଜ୍ଞାନ ମେଳାରେ ବାଲ ବର୍ଗରେ କୃତି ଛାତ୍ର ଛାତ୍ରୀ ମାନେ ଆଗାମୀ ଦିନରେ ଶାରଦା ବିହାର ଜୟପୁର, ମୁଖୀଗୁଡା , ନବରଙ୍ଗପୁର ବିଦ୍ୟାଳୟକୁ ଯିବେ ବୋଲି ସୂଚନା ମିଳିଛି। ସମସ୍ତ କାର୍ଯ୍ୟକୁ ପରିଚାଳନାରେ ସାହାଯ୍ୟ କରିଥିଲେ ବାଲିମେଳା ପ୍ରଧାନ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ରଜନୀକାନ୍ତ ନାୟକ, ନରସିଂହ କୋପେ, ଶର୍ମିଷ୍ଠା କଅଁର, ତ୍ରିନାଥ ପୂଜାରୀ ଓ ସମସ୍ତ ଗୁରୁଜୀ ଗୁରୁମା ବୃନ୍ଦ।



## ବିଦ୍ୟାଳୟରୁ ଚାଉଳ ହେରଫେର ଅଭିଯୋଗ

ରାୟଗଡା,୧୧।୮ (ସମିସ): ଅନୁସୂଚିତ ଜନଜାତି ଓ ଜାତି ବିଭାଗ ଦ୍ୱାରା ପରିଚାଳିତ ପେନିକଣା ସରକାରୀ ଉଚ୍ଚ ବିଦ୍ୟାଳୟରୁ ୨୫ ବସ୍ତା ଚାଉଳ ହେରଫେର ହୋଇଯାଇଥିବା ନେଇ ପେନିକଣା କଲୋନୀ ତଥା ଗ୍ରାମବାସୀ ମାନେ ଅଭିଯୋଗ କରିଥିବା ଜଣାପଡିଛି। ଏହି ଚାଉଳ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକଙ୍କ ଜ୍ଞାତସାରରେ ହୋଇଥିବା ଗ୍ରାମବାସୀ ସୂଚନା ଦେଇଛନ୍ତି। ଏନେଇ ଗ୍ରାମବାସୀ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓଙ୍କୁ ମଧ୍ୟ ହ୍ୱାଟ୍ସଆପ୍ ମାଧ୍ୟମରେ ଚୋରି ଚାଉଳବସ୍ତାର ଫଟୋ ପଠାଇଥିବା ଜଣାପଡିଛି। ଏନେଇ ଡିଡବ୍ଲୁଓ ଶ୍ରୀମତି ରାଓଙ୍କୁ ପଚାରିବାରୁ ଗ୍ରାମବାସୀ ମାନେ ଫୋଟ ପଠାଇଛନ୍ତି । କିନ୍ତୁ କୌଣସି ଲିଖିତ ଅଭିଯୋଗ କରିନାହାନ୍ତି ବୋଲି ପ୍ରକାଶ କରିଛନ୍ତି। ଗ୍ରାମବାସୀମାନଙ୍କ ଲିଖିତ ଅଭିଯୋଗକୁ ନେଇ ତଦନ୍ତ ହେବ ଏବଂ ଜିଲ୍ଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଶ୍ରୀମତି ରାଓ ପ୍ରକାଶ କରିଛନ୍ତି। ଯଦି ଚାଉଳ ହେରଫେର ହୋଇଥାଏ, ତେବେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ହେବ ବୋଲି କହିଛନ୍ତି । ଅପରପକ୍ଷେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ମୋବାଇଲ ଫୋନ ଯୋଗ ଯୋଗଯୋଗ କରାଯାଇଥିବା ବେଳେ ସେ ଫୋନ ଉଠାଇନଥିଲେ। ଏହି ଘଟଣାର ତଦନ୍ତ କରାଗଲେ ପିଲାଙ୍କ ଚାଉଳ ଚୋରା ଚାଲାଣ ଧରାପଡିବ ବୋଲି ଗ୍ରାମବାସୀ ପତି ପାଟିକା, ବିନଦନ ପୁଆଲା, ଚନ୍ଦନ ମଣ୍ଡାଙ୍ଗି, ନିରଞ୍ଜନ ପାସପୁରେଡି, କୃଷ୍ଣ କୀଲାକା, ରିଙ୍କୁ ପାଟିକା ଓ ଅନ୍ୟମାନେ ପ୍ରକାଶ କରିଛନ୍ତି।

## ଗାଈ, ଗୋରୁଙ୍କୁ କାଳ ପଲିଥିନ

# କାଗଜପତ୍ରରେ ସୀମିତ କଟକଣା

ରାଉରକେଲା, ୧୧।୮ (ସମିସ)



ଗାଈ ଗୋରୁଙ୍କ ପାଇଁ କାଳ ସାଜିଛି ବର୍ଜ୍ୟ ପଲିଥିନ। ପୂର୍ବେ ଲୋକେ ଜିନିଷପତ୍ର ନେବା ଆଣିବା ପାଇଁ କାଗଜ ଠୁଙ୍ଗା ଓ କପଡ଼ା ବ୍ୟାଗ୍ ବ୍ୟବହାର କରୁଥିଲେ। ହେଲେ ଏବେ ମଣିଷ ଠୁଙ୍ଗା ଓ ବ୍ୟାଗକୁ ଭୁଲି ପଲିଥିନ୍ ବ୍ୟାଗକୁ ଅଧିକ ବ୍ୟବହାର କରୁଛନ୍ତି। ପଲିଥିନ୍ ବ୍ୟବହାର ଜୀବଜଗତ ପାଇଁ ବିପଦଜ୍ଜନକ ବୋଲି ବାରମ୍ବାର ସଚେତନ କରାଯାଉ ଥିଲେ ହେଁ ଲୋକେ ସେଥିରୁ ବିରତ ରହୁ ନାହାନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପଲିଥିନ୍ ଉପରେ କଟକଣା କେବଳ କାଗଜ କଲମରେ ସୀମିତ ରହିଛି। ପରିବା ବଜାରରୁ ଆରମ୍ଭ କରି ହୋଟେଲ୍, ଜଳଖିଆ ଦୋକାନ, ରାସନ୍ ସାମଗ୍ରୀରୁ ଆରମ୍ଭ କରି ପ୍ରାୟ ସବୁ ସାମଗ୍ରୀ କିଣାବିକା ବେଳେ ଲୋକେ ପଲିଥିନ୍ ବ୍ୟାଗ୍ ଓ ଜରି ବ୍ୟବହାର କରି ତାହାକୁ ଫୋପାଡ଼ି ଦେଉଥିବାବେଳେ ତାହା ମାଟିରେ ମିଶୁନି। ଓଲଟି ଏଭଳି ବର୍ଜ୍ୟବସ୍ତୁକୁ ବୁଲା ଗାଈ ଗୋରୁଙ୍କ ସମେତ ଗୃହ ପାଳିତ ପଶୁ ଖାଇ ବିପଦର ଶିକାର ହେଉଛନ୍ତି। ସହରର ବିଭିନ୍ନ ଛକ, ସାହିଗଳିରେ ବୁଲା ଗାଈ ଗୋରୁ ବର୍ଜ୍ୟବସ୍ତୁ ଭାବେ ଫିଙ୍ଗି ଦିଆଯାଉଥିବା ପଲିଥିନ୍, ଜରିକୁ ଖାଦ୍ୟଭାବେ ଗ୍ରହଣ କରି ପରବର୍ତ୍ତୀ ସମୟରେ ପ୍ରାଣ ହରାଇବା ଭଳି ସଙ୍କଟର ସମ୍ମୁଖୀନ ହେଉଛନ୍ତି। ସହରରେ ଅନେକ ବ୍ୟକ୍ତି ଗାଈ ରଖୁଛନ୍ତି। କେବଳ କ୍ଷୀର ଦୁହିଁବା ବେଳେ ମାଲିକ ମାନେ ଗାଈକୁ ଖୋଜୁଛନ୍ତି। ବଳକା ସମୟ ଦିନରାତି ଏହି ଗାଈ ମାନଙ୍କୁ ଖୋଲା ଛାଡ଼ି ଦେଉଥିବାବେଳେ ସେମାନେ ସହରର ବିଭିନ୍ନ ସ୍ଥାନ, ଗଳିରେ ରାସ୍ତା ଜାମ କରୁଛନ୍ତି। ମାଲିକ ଠିକ୍ ଭାବେ ଖାଇବାକୁ ଦେଉ ନଥିବାରୁ ଗାଈ ଗୋରୁ ବିଭିନ୍ନ ସ୍ଥାନରେ ଆବର୍ଜନାରୁ ପଲିଥିନ ଜରିକୁ ଭୋକ ବିକଳରେ ଖାଇ ପକାଉଛନ୍ତି। କିଛି ଦିନ ପରେ ପେଟରେ ପୁଳାପୁଳା ପଲିଥିନ ଜମା ହୋଇ ସେମାନଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛି। ଗତ କିଛିବର୍ଷ ପୂର୍ବେ ଆର୍‌ଏମ୍‌ସି ପକ୍ଷରୁ ନିୟମିତ ପଲିଥିନ ଧରପଗଡ଼ କରାଯାଉଥିଲା। ଫଳରେ ପଲିଥିନ୍ ବ୍ୟବହାର ହ୍ରାସ ପାଇଥିଲା। ଏବେ ଧରପଗଡ଼ ବନ୍ଦ ହୋଇ ଯାଇଥିବାବେଳେ ପୁଣି ପଲିଥିନ୍ ବ୍ୟବହାର ବହୁଳ ଭାବେ ହେଉଛି ଓ ମଣିଷ ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିବା ସ୍ଥିତି ସୃଷ୍ଟି କରୁଛି। ଗୋ-ସୁରକ୍ଷା କରୁଥିବା ବୁଦ୍ଧିଜୀବୀ ମହଲରୁ କୁହାଯାଇଛି, ଗାଈ ଗୋରୁ ନିରୀହ ପ୍ରାଣୀ। ଖାଦ୍ୟ ବିକଳରେ ରାସ୍ତା କଡ଼ରେ ପଡ଼ିଥିବା ଆବର୍ଜନାକୁ ଖାଇ ପରବର୍ତ୍ତୀ ସମୟରେ ପେଟ ଫୁଲି ରହିବା ସହ ଖାଦ୍ୟ ଗ୍ରହଣ କରି ନ ପାରି ମୃତ୍ୟୁମୁଖରେ ପଡ଼ୁଛନ୍ତି। ପଲିଥିନ ମୁକ୍ତ ସମାଜ ଆମ ସମସ୍ତଙ୍କ ପାଇଁ ଏକ ବଡ଼ ଆହ୍ୱାନ। ବର୍ତ୍ତମାନ ସହରରେ ପ୍ରତିଦିନ ୯୦ ପ୍ରତିଶତ କେବଳ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁ ବାହାରୁଛି। ଜନସାଧାରଣ ପଲିଥିନର ବହୁଳ ବ୍ୟବହାର ଉପରେ ନିଜେ ଅଙ୍କୁଶ ଲଗାଇବା ଜରୁରୀ। ଆଗାମୀ ଦିନରେ ପୂର୍ବଭଳି ନିୟମିତ ପଲିଥିନ ଧରପଗଡ଼ କରାଯାଉ ବୋଲି ଦାବି ହୋଇଛି।

## ସବୁଜ କୃଷି ମାଧ୍ୟମରେ ଗ୍ରାମୀଣ ମହିଳାଙ୍କ ସଶକ୍ତୀକରଣ

**ରାଉରକେଲା, ୧୧।୮ (ସମିସ):** ସିଏସ୍‌ଆର ପଦକ୍ଷେପ ଅଧୀନରେ ସେଲ ରାଉରକେଲା ଇସ୍ପାତ କାରଖାନା ଜୈବିକ କୃଷି କୌଶଳ ବ୍ୟବହାରକରି ସ୍ଥାୟୀ ସବୁଜ କୃଷି ମାଧ୍ୟମରେ କ୍ଷୁଦ୍ର ମହିଳା ଚାଷୀଙ୍କ ଆର୍ଥିକ ଉତ୍ଥାନ ପାଇଁ ଏକ ଅନନ୍ୟ ପ୍ରକଳ୍ପ କାର୍ଯ୍ୟକାରୀ କରୁଛି। ଏହି ପ୍ରୟାସର ଉଦ୍ଦେଶ୍ୟ ହେଉଛି ଏଭଳି ଏକ ବାତାବରଣ ସୃଷ୍ଟି କରିବା ଯାହା ଗ୍ରାମୀଣ ସମ୍ପ୍ରଦାୟର ଛୋଟ ମହିଳା ଚାଷୀମାନଙ୍କୁ ଜୈବିକ ଉତ୍ପାଦ ଅଭ୍ୟାସ ଏବଂ ପ୍ରସ୍ତୁତ କରିବାକୁ ସକ୍ଷମ କରିଥାଏ। ଏହା ମାର୍କେଟିଂ ଏବଂ ବିକ୍ରୟରେ ସହାୟତା ପ୍ରଦାନ ସହିତ ଉତ୍ପାଦନ ପାଇଁ ପ୍ରାରମ୍ଭିକ ସିଏସଆର ସହାୟତା ମଧ୍ୟ ପ୍ରଦାନ କରେ। ଯୋଜନାର ଲାଭ ପାଶ୍ୱବର୍ତ୍ତୀ ଅଞ୍ଚଳର ଆରଏସ୍‌ପିର ପ୍ରତ୍ୟକ୍ଷ ପ୍ରଭାବ କ୍ଷେତ୍ର ଏବଂ ପୁନର୍ବସତି କଲୋନୀର ମହିଳାମାନଙ୍କୁ ପ୍ରଦାନ କରାଯାଇଛି ଯାହା ପରିବାର ଏବଂ ସମୁଦାୟକୁ ଲାଭ ପହଞ୍ଚାଇ ଏକ ସ୍ଥିର ଆୟ ଏବଂ ଦକ୍ଷତା/ଉତ୍ପାଦନ ଦିଗରେ ଏକ ଦୀର୍ଘସ୍ଥାୟୀ ସମାଧାନ ହୋଇପାରିବ ବୋଲି କୁହାଯାଇଛି। ଉଲ୍ଲେଖନୀୟ ଯେ ଜୈବିକ କୃଷି ପ୍ରକଳ୍ପ ଏନ୍‌ଆଇଟି ରାଉରକେଲା ସହ ମିଳିତ ସହଭାଗିତାରେ ଆରଏସପି ଦ୍ୱାରା ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ୪ ବର୍ଷ ମଧ୍ୟରେ ପାର୍ଶ୍ୱାଞ୍ଚଳ ଗ୍ରାମରୁ ଅତି କମ୍‌ରେ ୭୦୦ ଚାଷୀଙ୍କୁ ବିଶେଷତଃ ଅଧିକାଂଶ ମହିଳାଙ୍କୁ ଏଥିରେ ସାମିଲ କରିବା ରହିଛି। ମହିଳା ଚାଷୀମାନଙ୍କୁ ଜୈବିକ କୃଷିର ମୌଳିକ ବିଷୟ, ଏହାର ସ୍ଥାୟିତ୍ୱ ବୈଶିଷ୍ଟ୍ୟ, ଚାଷୀମାନଙ୍କୁ ଜିଆଖତ, ଜୈବିକ ସାର, ଜୈବ କୀଟନାଶକ ଏବଂ ମୃତ୍ତିକା ସ୍ୱାସ୍ଥ୍ୟ ପରିଚାଳନା ପ୍ରସ୍ତୁତି ଉପରେ ବ୍ୟବହାରିକ ତାଲିମ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଆୟ ଏବଂ ପୁଷ୍ଟିସାର ଏକ ଅତିରିକ୍ତ କିମ୍ବା ମୁଖ୍ୟ ଉତ୍ସ ପ୍ରଦାନ କରିବା ପାଇଁ ଛତୁ ଚାଷ ତାଲିମ ମଧ୍ୟ ଅନ୍ତର୍ଭୁକ୍ତ, ଜିଆଖତ ଗର୍ତ୍ତ ନିର୍ମାଣ ଏବଂ ଉତ୍ସର୍ଗୀକୃତ ଭେଣ୍ଡିଂ ଜୋନ୍ ମାଧ୍ୟମରେ ଉତ୍ପାଦଗୁଡ଼ିକୁ ବିକ୍ରୟ କରିବାରେ ସାହାଯ୍ୟ କରିବା ପାଇଁ ଆର୍ଥିକ ଏବଂ ଲଜିଷ୍ଟିକ୍ ସହାୟତା ସହିତ ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପଟି ଗ୍ରାମାଞ୍ଚଳର କ୍ଷୁଦ୍ର ମହିଳା ଚାଷୀମାନଙ୍କୁ ଆର୍ଥିକ ଭାବରେ ସଶକ୍ତ କରିବା ଏବଂ ପ୍ରଶିକ୍ଷକ ଭାବରେ ସେମାନଙ୍କର କ୍ଷମତା ନିର୍ମାଣ କରିବା ପାଇଁ ଉତ୍ସର୍ଗିତ ଅଟେ।



## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକ ମୃତ

**ବଣାଇଁ, ୧୧।୮ (ସମିସ):** ବଣାଇଁ ଥାନା କେନ୍ଦ୍ରିକଳା ପଞ୍ଚାୟତ ଅଧୀନ ଦରେଇକଳା ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ରବିବାର ଗ୍ରାମର ଦୀପକ ଡଗରା (୨୨) ନିଜ ଘରେ ଫ୍ୟାନର ସ୍ୱିଚ ଦେଉଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ତୁରନ୍ତ ବଣାଇଁ ସରକାରୀ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବଣାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ୍ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ବିଭିନ୍ନ ୱାର୍ଡ ଗସ୍ତକଲେ ଅତିରିକ୍ତ ଜିଲ୍ଲାପାଳ



**ରାଉରକେଲା, ୧୧।୮ (ସମିସ):** ରାଉରକେଲା ସହରର ବିଭିନ୍ନ ସମସ୍ୟା ସମାଧାନ କରିବା ପାଇଁ ସହରର ବିଭିନ୍ନ ୱାର୍ଡ ଗସ୍ତକରି ପରିଦର୍ଶନ କରିଛନ୍ତି ନବ ନିଯୁକ୍ତ ରାଉରକେଲା ମହାନଗର ନିଗମ କମିଶନର ଦୀନା ଦସ୍ତଗୀର। ବିଭାଗୀୟ ଅଧିକାରୀମାନଙ୍କ ସହ ସହରର ବିଭିନ୍ନ ୱାର୍ଡଗସ୍ତ କରି ରାସ୍ତା, ଡ୍ରେନ, ସଫେଇ ଓ ସ୍ୱାସ୍ଥ୍ୟ ସୁବିଧା ଅନୁଧ୍ୟାନ କରି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ତାଗିଦ କରିଛନ୍ତି। ସହରରେ ପରିମଳ ଓ ସଫେଇ କାର୍ଯ୍ୟ କିପରି ଚାଲିଛି ଅନୁଧ୍ୟାନ କରି ସଫେଇ କର୍ମଚାରୀଙ୍କୁ ଗ୍ଲୋବ ଓ ମାସ୍କ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଦିତନଗରଠାରେ ଥିବା ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଗସ୍ତକରି ସ୍ୱାସ୍ଥ୍ୟ ସୁବିଧାର ଅନୁଧ୍ୟାନ କରିଛନ୍ତି। ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ରାସ୍ତା, ଡ୍ରେନ, ପରିମଳ, ସଫେଇ ଓ ସ୍ୱାସ୍ଥ୍ୟ ସୁବିଧା ଅନୁଧ୍ୟାନ କରିବା ସହ ରାଉରକେଲା ସହରବାସୀଙ୍କ ସମସ୍ତ ସମସ୍ୟାର ସମାଧାନ କରିଯିବ ବୋଲି ରାଉରକେଲା ମହାନଗର ନିଗମ କମିଶନର ଦୀନା ଦସ୍ତଗିର କହିଛନ୍ତି।

## ମୁଣ୍ଡାରୀ ଭୂମିଜ ସମାଜ ତରଫରୁ ସାମାଜିକ ବିବାହ ସମ୍ପନ୍ନ



**ରାଉରକେଲା, ୧୧।୮ (ସମିସ):** ଝିରପାଣି ଅଞ୍ଚଳର ଗୁମାନ ସିଂ ମୁଣ୍ଡାରୀଙ୍କ ପୁଅ ଦୀପକ ମୁଣ୍ଡାରୀ ଏବଂ ତାରାଙ୍ଗ ଅଞ୍ଚଳ ସ୍ଥିତ ଗୋଇଭଙ୍ଗା ଗ୍ରାମର ସୁନ୍ଦରମଣି ମୁଣ୍ଡାରୀଙ୍କ ଝିଅ ସୁସ୍ମିତା ମୁଣ୍ଡାରୀଙ୍କ ବିବାହ ପାଇଁ ଉଭୟ ପରିବାର ପକ୍ଷରୁ ସମ୍ମତି ରହିଥିବା ବେଳେ ସେମାନଙ୍କର ଆର୍ଥିକ ଦୂରବସ୍ଥା ଯୋଗୁଁ ବିବାହ ହୋଇ ପାରୁ ନ ଥିଲା। ଏପରି ସ୍ଥଳେ ମୁଣ୍ଡାରୀ ଭୂମିଜ ସମାଜ ସହଯୋଗର ହାତ ବଢ଼ାଇଥିଲା। ମୁଣ୍ଡାରୀ ଭୂମିଜ ସମାଜର କେନ୍ଦ୍ରୀୟ କମିଟି ଅଧୀନ ସମସ୍ତ ୧୩ଟି ଆଞ୍ଚଳିକ କମିଟିର ସଦସ୍ୟ, ମୁଣ୍ଡାରୀ ମହିଳା ସଂଗଠନ, ମୁଣ୍ଡାରୀ ୟୁଥ୍ ଆସୋସିଏସନର ମିଳିତ ସହଯୋଗରେ ସ୍ଥାନୀୟ ବାଗବୁଡି ସାରନା ଟୋଲାସ୍ଥିତ ନବ ନିର୍ମିତ ମୁଣ୍ଡାରୀ ସାଂସ୍କୃତିକ ଭବନ ପ୍ରାଙ୍ଗଣରେ ଏକ ଅସ୍ଥାୟୀ ବିବାହ ମଣ୍ଡପରେ ଦୁହିଁଙ୍କ ବିବାହ ସମ୍ପନ୍ନ ହୋଇଥିଲା। ବିବାହ କାର୍ଯ୍ୟ ସମ୍ପାଦନରେ ପାହାନ ଗୁରୁ ମୟୂରଭଞ୍ଜର ବସନ୍ତ କୁମାର ସିଂହ, ରାଉରକେଲାର ପାହାନ ଗୁରୁ ରଘୁନାଥ ସିଂହ, ପାହାନ ଗୁରୁ ପରମେଶ୍ୱର ସିଂହ, ପାହାନ ଗୁରୁ ବିଶ୍ୱେଶ୍ୱର ମୁଣ୍ଡାରୀ ପ୍ରମୁଖ ଥିବାବେଳେ ମୁଣ୍ଡାରୀ ଭୂମିଜ ସମାଜର କେନ୍ଦ୍ରୀୟ କମିଟିର ମୁଖ୍ୟ ଉପଦେଷ୍ଟା ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ହାଲୁ ମୁଣ୍ଡାରୀ, ସମାଜର ସଭାପତି ଗୁରୁଆ ମୁଣ୍ଡାରୀ, ଉପଦେଷ୍ଟା ମୋତିଲାଲ ମୁଣ୍ଡାରୀ, ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ମୁଣ୍ଡାରୀ, ମହିଳା ସଂଗଠନର ସଭାପତି ଡା. ସାବିତ୍ରୀବାଳା ମୁଣ୍ଡା, ୟୁଥ୍ ଆସୋସିଏସନ୍‌ର ସଭାପତି ମୋହନ ମୁଣ୍ଡାରୀ ଏବଂ ମୁଣ୍ଡାରୀ ସମାଜର ବିଭିନ୍ନ ଅଞ୍ଚଳରୁ ଆସିଥିବା କର୍ମକର୍ତ୍ତା, ବୁଦ୍ଧିଜୀବୀ, ସମାଜସେବୀ, ଯୁବ ସଂଗଠନର ଯୁବକ ଯୁବତୀଙ୍କ ଉପସ୍ଥିତରେ ଉକ୍ତବିବାହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ସିଂ ବୋଙ୍ଗାଙ୍କୁ ଗୁହାରି ଜଣାଇବା ସଙ୍ଗେସଙ୍ଗେ ନବ ବିବାହିତ ଦମ୍ପତିଙ୍କୁ ଆଶୀର୍ବାଦ ପ୍ରଦାନ ପୂର୍ବକ ସେମାନଙ୍କର ଭବିଷ୍ୟତ ଦାମ୍ପତ୍ୟ ଜୀବନ ସୁଖମୟ ପାଇଁ କାମନା କରାଯାଇଥିଲା। ସାଧାରଣସମ୍ପାଦକ ଭରତ ଚନ୍ଦ୍ର ମୁଣ୍ଡାରୀ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଆର୍‌ଏସ୍‌ପି ସିଲିକନ୍ ଷ୍ଟିଲ୍ ମିଲ୍‌ର କର୍ମଚାରୀ ପୁରସ୍କୃତ



**ରାଉରକେଲା, ୧୧।୮ (ସମିସ):** ସେଲ୍‌ର ରାଉରକେଲା ଇସ୍ପାତ କାରଖାନାର ସିଲିକନ୍ ଷ୍ଟିଲ୍ ମିଲ୍ (ଏସ୍‌ଏସ୍‌ଏମ୍)ରେ ଅଗଷ୍ଟ ୧୧ ତାରିଖରେ ଆୟୋଜିତ ହୋଇଥିବା ଏକ ସମାରୋହରେ ବିଭାଗର ତିନି ଜଣ କାର୍ମିକଙ୍କୁ ସେମାନଙ୍କ ଉଦାହରଣୀୟ ଅବଦାନ ପାଇଁ ପୁରସ୍କୃତ କରାଯାଇଥିଲା। ଏହି ସମାରୋହରେ ହଟ୍‌ଷ୍ଟ୍ରିପ ମିଲ ଓ ଆନୁଷଙ୍ଗିକ ବିଭାଗର ସିଜିଏମ ସୁବ୍ରତ କୁମାର ଅଧକ୍ଷତାକରି ଅପରେସନ ବିଭାଗର ଏଜିଏମ ପିସି ସ୍ୱାଇଁ, ଜୁନିଅର୍ ଇଞ୍ଜିନିୟରିଂ ଆସୋସିଏଟ୍ ପାୟଲ୍ ସରକାର ଏବଂ ଜୁନିଅର୍ ଇଞ୍ଜିନିୟର ପି. କେ. ପରିଡ଼ାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଏସ୍‌ଏସ୍‌ଏମ୍ ବିଭାଗର ଜିଏମ ଇନଚାର୍ଜ ଏବଂ ବିଭାଗ ମୁଖ୍ୟ ସି.ଆର୍. ମିଶ୍ର, ଏସଏସ୍‌ଏମ ମେକାନିକାଲ ବିଭାଗର ଜିଏମ ଡି ବାନାର୍ଜୀ, ଏସ୍‌ଏସ୍‌ଏମ୍ ଇଲେକଟ୍ରିକାଲ ବିଭାଗର ଜିଏମ ଏମ.ପି. ରାଜାରାଓ ଏବଂ ଅପରେସନ ବିଭାଗର ଜିଏମବି ଦାସଙ୍କ ସହିତ ଉକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସୁବ୍ରତ କୁମାର ନିଜର ଅଭିଭାଷଣରେ ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇବା ସହିତ ପ୍ରତ୍ୟେକ ଛୋଟ ସୃଜନଶୀଳ ଅବଦାନ ଉଚ୍ଚ ଉତ୍ପାଦକତା, ସୁରକ୍ଷାରେ ଉନ୍ନତି ଏବଂ ସାମଗ୍ରିକ କାର୍ଯ୍ୟକ୍ଷମ ଉତ୍କର୍ଷତା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ ବୋଲି କହିଥିଲେ। ସେ ଆହୁରି ମଧ୍ୟ କର୍ମଚାରୀମାନଙ୍କୁ ସୃଜନଶୀଳତା ଓ ନିରନ୍ତର ଉନ୍ନତିର ଏକ ସଂସ୍କୃତି ସୃଷ୍ଟିପୂର୍ବକ କାରଖାନାର କାର୍ଯ୍ୟଦକ୍ଷତା ଏବଂ ପ୍ରତିଦ୍ୱନ୍ଦିତାମୂଳକ ସ୍ଥାନକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଉଲ୍ଲେଖନୀୟ ଯେ, ରିଭର୍ସିଂ ମିଲରେ ଏୟାର ୱାଇପର୍ ବ୍ୟବହାର କରି ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣିବାରେ ଶ୍ରୀ ସ୍ୱାଇଁଙ୍କ ପ୍ରୟାସ ପାଇଁ ଉକ୍ତ ପୁରସ୍କାର ଦିଆଯାଇଥିଲା। ସମୟୋଚିତ ତଥ୍ୟ ସଂଗ୍ରହ ଏବଂ ନିୟମିତ ଅନୁସରଣ ମାଧ୍ୟମରେ ବୈଷୟିକ-ଅର୍ଥନୈତିକ ପରିମାପକତା ଗୁଡିକରେ ଉନ୍ନତି ସାଧନରେ ସରକାରଙ୍କ ଅବଦାନ ପାଇଁ ଏହି ପୁରସ୍କାର ଦିଆଯାଇଥିବାବେଳେ ଷ୍ଟ୍ରିପ୍ ସଫା କରିବାରେ ଉନ୍ନତି ଆଣି ଟିଏ. ଲାଇନରେ ବିବର୍ତ୍ତନ ହ୍ରାସ କରିବା କାର୍ଯ୍ୟ ପାଇଁ ଶ୍ରୀ ପରିଡ଼ାଙ୍କୁ ପୁରସ୍କୃତ କରାଯାଇଥିଲା।

## ବାସନ୍ତୀ ପାଠାଗାରରେ ମାସିକ ଶିଶୁ ସାହିତ୍ୟ ଆସର

**ରାଉରକେଲା, ୧୧।୮ (ସମିସ):** ଶିଶୁମାନଙ୍କ ଭିତରେ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବା ତଥା ସେମାନଙ୍କର ବ୍ୟକ୍ତିତ୍ୱର ବିକାଶ ପାଇଁ ବାସନ୍ତୀ ପାଠାଗାରରେ ଶିଶୁ ସାହିତ୍ୟ ଆସର ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଷଷ୍ଠରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଯୋଗ ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ 'ମୁକ୍ତ ମଞ୍ଚ' କାର୍ଯ୍ୟକ୍ରମରେ ପ୍ରତ୍ୟେକ ପିଲାଙ୍କୁ ମଞ୍ଚ ଉପରେ ନିଜର ପ୍ରତିଭାସମ୍ପନ୍ନ ପ୍ରବନ୍ଧ, ଗପ, କବିତା, ମଜାମଜା କଥା, ବ୍ୟଙ୍ଗ ଏବଂ ଏକାଙ୍କିକା ଇତ୍ୟାଦି ଉପସ୍ଥାପନା କରିବା ପାଇଁ ସୁଯୋଗ ଦିଆଯାଇଥିଲା। ପ୍ରତ୍ୟେକ ପିଲାଙ୍କ ଉପସ୍ଥାପନା ଶୈଳୀ ଶ୍ରୋତାଙ୍କୁ ବାନ୍ଧି ରଖିଥିଲା। ସେହିପରି କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଛବି 'ସାହିତ୍ୟ ଦର୍ପଣ' କାର୍ଯ୍ୟକ୍ରମରେ ପାଠାଗାରର କାର୍ଯ୍ୟକାରୀ ସଭାପତି ସୁବାସ ଚନ୍ଦ୍ର ମହାପାତ୍ର ପିଲାମାନଙ୍କୁ ପରଦା ମାଧ୍ୟମରେ ବିଭିନ୍ନ ଶିକ୍ଷଣୀୟ ଜିନିଷ ଦେଖାଇ ପ୍ରଶ୍ନ ଉତ୍ତର କରି ପିଲାମାନଙ୍କୁ ପୁରସ୍କୃତ କରିଥିଲେ। ତୃତୀୟ ପର୍ଯ୍ୟାୟ ମାଧୁର୍ଯ୍ୟ 'କଥା ସାହିତ୍ୟର' ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପାଠାଗାରର ସାଧାରଣ ସମ୍ପାଦକ ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ପିଲାମାନଙ୍କୁ ଏକ ସୁନ୍ଦର ଗଳ୍ପ 'ତୁମ ପରି ଛୋଟ ପିଲା ଥିଲି' କହିସାରି ପିଲାମାନଙ୍କୁ ଗଳ୍ପ ସମ୍ବନ୍ଧୀୟ ୫ଟି ପ୍ରଶ୍ନ ପଚାରି ଉତ୍ତର ଦେଇଥିବା ପିଲାଙ୍କୁ ପୁରସ୍କୃତ କରିଥିଲେ। ଉପଦେଷ୍ଟା ଡ. ଶକ୍ତିପ୍ରସାଦ ସାମନ୍ତରାୟ କହିଲେ ଶିଶୁ ମାନଙ୍କ ଭିତରେ ଓଡ଼ିଆ ସାହିତ୍ୟ ପ୍ରତି ଅନୁରାଗ ସୃଷ୍ଟି କରିବା ଏବଂ ସମସ୍ତଙ୍କ ଆଗରେ ଠିଆହୋଇ ଦୁଇପଦ କହିବାର ଆତ୍ମବିଶ୍ୱାସ ଆଣିବା ପାଇଁ ବାସନ୍ତୀ ପାଠାଗାର ଏହି କାର୍ଯ୍ୟକ୍ରମ କରୁଛି। ଏଥିପାଇଁ ପ୍ରତ୍ୟେକ ସ୍କୁଲ ଶିକ୍ଷକ ସହଯୋଗ କରିବା ଆବଶ୍ୟକ। ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ପରିଚାଳନା କରିଥିବା ବେଳେ ସାଂସ୍କୃତିକ ସମ୍ପାଦିକା କବିତା ଦାଶ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ଦାଦାବଟି ନ ଦେବାରୁ ଠିକାଦାରଙ୍କୁ ଆକ୍ରମଣ; ଜଣେ ଅଟକ

**ରାଉରକେଲା, ୧୧।୮ (ସମିସ):** ଗଣେଶ ପୂଜା ଦାଦାବଟି ନ ଦେବାରୁ ଯୁବ ଠିକାଦାରଙ୍କୁ ଖଣ୍ଡାରେ ସଂଘବଦ୍ଧ ଆକ୍ରମଣ କରାଯାଇଛି। ଫଳରେ ସେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସେକ୍ଟର-୩ ଥାନାରେ ଅଭିଯୋଗ ହେବା ପରେ ପୁଲିସ ସେକ୍ଟର-୨ ଅଞ୍ଚଳର ଅଂଶୁମାନ ମଲିକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, କୋଏଲ ନଗର ଡି/୪୦୬ରେ ଗୌରବ ସ୍ୱସ୍ତିକ ଦାସ (୨୨) ରୁହନ୍ତି। ତାଙ୍କ ବାପା ସୁଶାନ୍ତ ଦାସ ଏନ୍‌ଆଇଟିରେ ସିଭିଲ ଠିକାଦାର ଥିଲେ। କିଛି ମାସ ପୂର୍ବେ ତାଙ୍କର ମୃତ୍ୟୁ ଘଟିଥିଲା। ପୁଅ ଗୌରବ ବାପାଙ୍କ ଠିକା କାମ ବୁଝାସୁଝା କରି ଆସୁଥିଲେ। ରବିବାର ୫ଟାବେଳେ ଗୌରବ ତାଙ୍କ ସାଙ୍ଗ ସୁଶାନ୍ତ ମିଶ୍ର ଓ ଜଣେ ବାନ୍ଧବୀ ମିଶି ଏକ କାର୍‌ରେ ଏନ୍‌ଆଇଟି ବ୍ୟାକପୋଷ୍ଟକୁ ଚାଓମିନ ଖାଇବାକୁ ଯାଇଥିଲେ। ହଠାତ୍ ୪ଟି ବାଇକ୍ ଓ ସ୍କୁଟି ଯୋଗେ ଅଂଶୁମାନ ମଲିକ ସମେତ ୧୦ ଜଣ ସହଯୋଗୀ ପହଞ୍ଚି କାର ଭଙ୍ଗାରୁଜା କରିଥିଲେ। ପରେ ଖଣ୍ଡା, ଛୁରୀ ଓ ବାଉଁଶରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଫଳରେ ଗୌରବ ଗୁରୁତର ହୋଇଥିବାବେଳେ ସୁଶାନ୍ତ ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଦୁହିଁଙ୍କୁ ଉଦ୍ଧାର କରି ଡାକ୍ତରଖାନାକୁ ପଠାଇ ଥିଲେ। ବିଳମ୍ବିତ ରାତିରେ ଏନେଇ ଥାନାରେ ଗୌରବ ଅଭିଯୋଗ କରିଥିଲେ। ଆକ୍ରମଣ କରିଥିବା ତଥା ଫେରାର ଥିବା ସମସ୍ତ ଦୁର୍ବୃତ୍ତ ସେକ୍ଟର-୨ ଅଞ୍ଚଳର ବୋଲି ଜଣାପଡ଼ିଛି। ଗଣେଶ ପୂଜା ପାଇଁ ୧୦ ହଜାର ଟଙ୍କା ଦାଦବାଟି ଅଂଶୁମାନ, ଗୌରବଙ୍କୁ ମାଗିଥିଲେ। ହେଲେ ସେ ମନା କରି ଦେବାରୁ ସଂଘବଦ୍ଧ ଆକ୍ରମଣ କରାଯାଇଥିବା ଗୌରବ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ପୁଲିସ ଅଂଶୁମାନକୁ ଅଟକ ରଖି ତଦନ୍ତ ଚଳାଇଛି।

## ନୂଆଗାଁ ବ୍ଲକ୍‌ରେ ଜନ ଅଭିଯୋଗ ଶୁଣାଣି



**ରାଉରକେଲା, ୧୧।୮ (ସମିସ):** ନୂଆଗାଁ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ର ଓ ସୁନ୍ଦରଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ମୋଟ ୧୩୭ଟି ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୬୦ ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୭୪ ଟି ସାମୂହିକ ଅଭିଯୋଗ ରହିଥିଲା। ମୁଖ୍ୟମନ୍ତ୍ରୀ ରିଲିଫପାଣ୍ଠିରୁ ୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ୩ଟି ସମସ୍ୟାର ତ୍ୱରିତ ସମାଧାନ କରାଯାଇଥିଲା। ଆଜି ଆସିଥିବା ଅଭିଯୋଗ ଗୁଡ଼ିକ ମଧ୍ୟରୁ ମୁଖ୍ୟତଃ ରାସ୍ତା ଘାଟ ସମସ୍ୟା, ପେନସନ, ବିଦ୍ୟୁତ୍ ସମସ୍ୟା, ରାସନ୍‌କାର୍ଡ ସମସ୍ୟା, ପାନୀୟଜଳ ସମସ୍ୟା ଆଦି ପ୍ରମୁଖ ରହିଥିଲା। ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଫଓ ଯଶୋବନ୍ତ ସେଠୀ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ନୂଆଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜ୍ୟୋତି ବିକାଶ ଦାଶଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଚାରିଟେବୁଲ ଟ୍ରଷ୍ଟ ଓ ସ୍ୱସ୍ତିକ ଫିଜିଓଥେରାପି ପକ୍ଷରୁ ଚାରାରୋପଣ

ରାଉରକେଲା, ୧୧।୮ (ସମିସ)




ରାଉରକେଲା ସହରର ବନମାଳି ଧୂପାଳ ଚାରିଟେବୁଲ ଟ୍ରଷ୍ଟ ଏବଂ ସ୍ୱସ୍ତିକ ଫିଜିଓଥେରାପି ମିଳିତ ଆନୁକୂଲ୍ୟରେ ନୀଳଶୈଳ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବଗିଚା, ପ୍ରାଣୀବିଜ୍ଞାନ ଏବଂ ଇଂଲିଶ ବିଭାଗ ବଗିଚାରେ ୧୦୦୦ ଚାରା ରୋପଣ କରାଯିବା ସହ ଭାଇ ଭଉଣୀର ସୁରକ୍ଷା ପାଇଁ ନିଆରା ରାକ୍ଷୀ ପୂର୍ଣ୍ଣିମା ପାଳନ ହୋଇଛି। ଏଥି ମଧ୍ୟରେ ଭାରିଗଟେଡ୍ ପ୍ଲାଣ୍ଟ, ପିସ ଲିଲି, ଗ୍ଲାଡିଓଲସ, ଅଗ୍ଲୋନେମା, ଅକ୍ସାଲିସ, ବାଇଗଣୀ ଜୀଉ, ୱାଫଲ, କର୍ଡିଲିନେ, କଲିଅସ, ବେଗୁନିଆ, ହାର୍ଲୀ କ୍ୱିନ, ଅବାକେସି ବହୁମୂଲ୍ୟ ବାରମାସୀ ଅଳଙ୍କାର ଉଦ୍ଭିଦ ରୋପଣ କରାଯାଇଛି। ସବୁଜ ନିଶାରେ ଟ୍ରଷ୍ଟ ଚେୟାରମ୍ୟାନ ତଥା ସ୍ୱସ୍ତିକ ଫିଜିଓଥେରାପି ଅଧ୍ୟକ୍ଷ ଡ. ମଧୁସ୍ମିତା ଧୂପାଳ ସୂଚନା ଦେଇ କହିଲେ ୨୦୨୫ ଶେଷ ସୁଦ୍ଧା ୫୦୦୦ ଚାରାରୋପଣ ଲକ୍ଷ୍ୟ ରଖାଯାଇଥିବା ବେଳେ ଇତି ମଧ୍ୟରେ ୨୫୦୦ ଚାରାରୋପଣ କରାଯାଇଛି। ଆପୋଲୋ ହସ୍ପିଟାଲ ସ୍ନାୟୁ ରୋଗ ବିଶେଷଜ୍ଞ ଡ. ଦୀପ୍ତି ରଞ୍ଜନ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଆସନ୍ତା ରକ୍ଷା ବନ୍ଧନ ଉତ୍ସବରେ ସମସ୍ତ ଭାଇ ଭଉଣୀର ସୁରକ୍ଷା ପାଇଁ ଗଛଟିଏ ଲଗାଇବା ପାଇଁ ଉପଦେଶ ଦେଇଥିଲେ। ପ୍ରାଣୀବିଜ୍ଞାନ ପ୍ରଫେସର ମନୀଷା ମିଶ୍ର 'ପ୍ରଶ୍ୱାସ ପାଇଁ ବିଶ୍ୱାସର ଚାରା' ମନ୍ତ୍ର ପିଲାଙ୍କୁ ବୁଝାଇଥିଲେ। ଟ୍ରଷ୍ଟ ଭାଇସ ଚେୟାରମେନ ଜ୍ୟୋତ୍ସ୍ନାମୟୀ ଧୂପାଳ ଧନ୍ୟବାଦ୍ ଅର୍ପଣ କରିଥିଲେ। ନୀଳଶୈଳ ମହାବିଦ୍ୟାଳୟ ଶିକ୍ଷକ ସଞ୍ଜିତ ଭୂୟାଁ, ଅର୍ଚ୍ଚନା ଭୋଇ, ପ୍ରିୟଙ୍କା ପୂର୍ତ୍ତି, ବିଜୟ ଦାସ, ଅର୍ପିତା ବାରିକ, ଶିଳ୍ପାରାଣୀ ଲାକ୍ରା, ଯୋଗେଶ ପୋଦ୍ଦର, ବାଙ୍ଗିଆ ଟିଗା, ମାଳି ଭୀମ, ଆରମ୍ଭ ରେଫ୍ଲୀ ଏବଂ ଟ୍ରଷ୍ଟ କାର୍ଯ୍ୟନିର୍ବାହୀ ସଦସ୍ୟ ଲକ୍ଷ୍ମୀ ରାଓ, ହେମନ୍ତ ଦାସ, ସଞ୍ଜୀବ, ଏକ୍ସ ଆର୍ମି ଧନେଶ୍ୱର ଦାସ, ଅଂଶୁମାନ ତ୍ରିପାଠୀ ଉପସ୍ଥିତ ଥିଲେ।

## ମହାଜନଠାରୁ ବଳିଯାଉଛି ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଋଣ

ସଇଁତଲା,୧୧।୮ (ସମିସ): ଋଣ ଦେବା ପାଇଁ ଆଉ ବ୍ୟାଙ୍କର ଏକଚାଟିଆ ଅଧିକାର ନାହିଁ। ଅନେକ ଅର୍ଥ ଲଗାଣକାରୀ ସଂସ୍ଥା ତଥା ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଏବେ ଋଣ ଦେଉଛନ୍ତି। ସଇଁତଲା ଅଞ୍ଚଳରେ ଛତୁ ଫୁଟିଲା ଭଳି ଗଢ଼ି ଉଠିଥିବା ମାଇକ୍ରୋଫାଇନାନ୍ସ ଗ୍ରୁପ୍ ଋଣ ନାମରେ ମହାଜନୀ କାରବାର ଚଳାଇଛନ୍ତି। ଏମାନେ ବିଭିନ୍ନ ଗାଁକୁ ଯାଇ ପ୍ରଥମେ ମହିଳା ଗୋଷ୍ଠୀ ତିଆରି କରୁଛନ୍ତି। ବିଭିନ୍ନ ଉପାୟରେ ପ୍ରରୋଚିତ କରି ଗୋଷ୍ଠୀ ଋଣ (ଗ୍ରୁପ୍‌ଲୋନ) ପ୍ରଦାନ କରୁଛନ୍ତି। ପରେ ଅସୁଲି ସମୟରେ ସେମାନଙ୍କ ସୁଧହାରରେ ପରିବାର ସର୍ବସ୍ୱାନ୍ତ ହେଇ ଯାଉଛନ୍ତି। କେବଳ ଆଧାର କାର୍ଡ ଓ ବ୍ୟାଙ୍କ ପାସ୍‌ବୁକ ଯଥେଷ୍ଟ କହି ଏଜେଣ୍ଟମାନେ ଋଣ ଗ୍ରହୀତାଙ୍କୁ ପ୍ରଲୋଭିତ କରୁଛନ୍ତି।ବ୍ୟାଙ୍କକୁ ଯାଇ ହଇରାଣ ହେବା ଅପେକ୍ଷା ଦୁଆରମୁହଁରେ ଟଙ୍କା ମିଳୁଥିବାରୁ ଏହାକୁ ଲୋକେ ସୁବିଧାଜନକ ବୋଲି ଭାବୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ଏଜେଣ୍ଟମାନେ ସପ୍ତାହ ବା ପାକ୍ଷିକ ହିସାବରେ ସୁଧମୂଳ ଅସୁଲି କରୁଛନ୍ତି। ସାମାନ୍ୟ ସମୟ ଖିଲାପ କଲେ ଲୋକଙ୍କ ଘର ଆଗରେ ଜଗି ବସୁଛନ୍ତି। ବର୍ତ୍ତମାନ ସଇଁତଲା ଅଞ୍ଚଳରେ ଚାଷ ସମୟ ଅନେକ କୃଷି ଶ୍ରମିକ ପରିବାର ଚାଷ କାର୍ଯ୍ୟରେ ନିୟୋଜିତ।ହେଲେ ସୁଧ ଲଗାଣକାରୀ ସଂସ୍ଥାର ଏଜେଣ୍ଟ କୌଣସି କଥାକୁ ବିଚାର ନକରି ମହିଳାମାନଙ୍କୁ ହଇରାଣ କରୁଥିବା ଅଭିଯୋଗ ହେଉଛି। ଆଜିବି ଅନେକ ଅଞ୍ଚଳକୁ ବ୍ୟାଙ୍କ ସେବା ପହଞ୍ଚି ପାରି ନଥିବା ବେଳେ ବେସରକାରୀ ସଂସ୍ଥା ଗୁଡ଼ିକ ତାର ଫାଇଦା ନେଉଛନ୍ତି।ଏଭଳି ସଂସ୍ଥାର କାର୍ଯ୍ୟକଳାପରେ ରୋକ ଲଗାଇ ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା କରିବା ଆବଶ୍ୟକ ହୋଇପଡିଛି।

● ଜଙ୍ଗଲକୁ ନେଇ ଯୁବତୀକୁ ଦୁଷ୍କର୍ମ ମାମଲା

## ଅଭିଯୁକ୍ତ ରାଜକୋଟରୁ ଗିରଫ

ଦେଓଗାଁ,୧୧।୮ (ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳର ଜନୈକା ଯୁବତୀକୁ ଜଣେ ଯୁବକ ନିକଟସ୍ଥ ଉପରଝର ଜଙ୍ଗଲକୁ ଡାକିନେଇ ଦୁଷ୍କର୍ମ କରି ଅନ୍ତରଙ୍ଗ ସମୟର ଭିଡିଓକୁ ଭାଇରାଲ କରିଦେବା ଘଟଣାର ଅଭିଯୁକ୍ତକୁ ପୁଲିସ ଗୁଜୁରାଟର ରାଜକୋଟରୁ ଗିରଫ କରିଥିବା ଜଣାପଡିଛି। ଗିରଫ ଅଭିଯୁକ୍ତ ଆକାଶ ବିଶ୍ୱାଳ



(୨୪)କୁ ସୋମବାର କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦେଇଥିବା ଥାନାଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ପ୍ରକାଶଯେ,ଗତ ମାସ ୩୦ତାରିଖରେ ଯୁବତୀ ଜଣଙ୍କ ବାହାରକୁ ଯାଇଥିବା ବେଳେ ଉକ୍ତଗ୍ରାମର ଆକାଶ ନାମକ ଯୁବକ ତାକୁ ଡାକିନେଇ ଦୁଷ୍କର୍ମ କରିବା ପରେ ଅନ୍ତରଙ୍ଗ ସମୟର ଭିଡିଓ ଉଠାଇଥିଲା। ଘଟଣା ବିଷୟରେ କାହାକୁ କହିଲେ ଜୀବନରେ ମାରିଦେବାର ଧମକ ଦେଇଥିଲା। ଶୁକ୍ରବାର ଦିନ ଉକ୍ତ ଭିଡିଓ ଭାଇରାଲ ହେବା ପରେ ଝିଅର ବାପା ଝିଅକୁ ପଚାରି ସବୁକଥା ବୁଝି ଦେଓଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଆଧାର କରି ଥାନାରେ ମାମଲା ରୁଜୁ କରି ପୁଲିସ ଏକ ଟିମ୍ ଗଠନ କରି ଟିଟିଲାଗଡ, କଣ୍ଟାବାଞ୍ଜି ରୁ ଆରମ୍ଭ କରି ରାୟପୁର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରୀ ରଖିଥିଲା। ଖବରପାଇ ଉକ୍ତଟିମ୍ ଗୁଜୁରାଟର ରାଜକୋଟ ସହରରୁ ସଂପୃକ୍ତ ଅଭିଯୁକ୍ତକୁ ଗିରଫ କରି ସୋମବାର ଦେଓଗାଁ ଥାନାକୁ ଆଣିଥିଲା। ସଂପୃକ୍ତ ଯୁବକ ପୂର୍ବରୁ କଳାହାଣ୍ଡି ଜିଲ୍ଲା ରାମପୁର ଅଞ୍ଚଳର ଜନୈକା ନାବାଳିକାକୁ ଅସଦାଚରଣ ମାମଲାରେ ଭବାନୀପାଟଣାରେ ଗିରଫ ହୋଇ ଜେଲକୁ ଯାଇଥିଲା।

### ଲୋଇସିଂହା ଡାକ୍ତରଖାନାରେ ନବଜାତକ ମୃତ୍ୟୁ ଘଟଣା

# ନର୍ସ, ଡାକ୍ତରଙ୍କୁ ୩ ଜଣିଆ ଟିମ୍‌ର ପଚରାଉଚରା

ବଲାଙ୍ଗିର,୧୧।୮ (ସମିସ)

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଅନୁପସ୍ଥିତିରେ ନର୍ସମାନଙ୍କ ଦ୍ୱାରା ମହିଳାଙ୍କ ପ୍ରସବ ଓ ଚିକିତ୍ସା ଅବହେଳା ଯୋଗୁଁ ନବଜାତକ ମୃତ୍ୟୁ ଘଟଣାର ଛାନଭିନ ଆରମ୍ଭ ହୋଇଛି। ଶନିବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏକ ତିନି ଜଣିଆ ଟିମ୍ ଡାକ୍ତରଖାନାକୁ ଆସି ଘଟଣାର ଛାନ୍‌ଭିନ ଆରମ୍ଭ କରିଛନ୍ତି। ଘଟଣା ସମୟରେ ଉପସ୍ଥିତ ଥିବା ଚାରି ଜଣ ନର୍ସ, ଏମବିବିଏସ ଡାକ୍ତରଙ୍କୁ ଟିମ୍ ପଚରାଉଚୁରା କରିବା ସହ ଏକ ରିପୋର୍ଟ ସିଡିଏମଓଙ୍କୁ ପ୍ରଦାନ କରାଯିବ ବୋଲି ଜଣାପଡିଛି। ଅନ୍ୟପକ୍ଷରେ ଏହି ଘଟଣାରେ ଡାକ୍ତରଖାନା ପ୍ରଶାସନର ଏକ ବଡ ତ୍ରୁଟି ସାମ୍ନାକୁ ଆସିଛି। ମୃତ ଘୋଷଣା କିମ୍ବା ମୃତ ଭାବେ ଗ୍ରହଣ କରିବା ସମୟରେ ଏମଏଲସି ରିପୋର୍ଟ ସ୍ଥାନୀୟ ପୁଲିସ ଥାନାକୁ ଦିଆଯିବା କଥା କିନ୍ତୁ ଏବିଷୟରେ ଲୋଇସିଂହା କିମ୍ବା ବଲାଙ୍ଗିର ଡାକ୍ତରଖାନା ପକ୍ଷରୁ କୌଣସି ସୂଚନା

### ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା

ଥାନାକୁ ପ୍ରଦାନ କରାଯାଇନଥିବା ଜଣାପଡିଛି। ଫଳରେ ମାମଲା ଚାପିବା ଓ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ନର୍ସଦ୍ୱୟ ତରବରିଆ ଭାବେ ଅନେକ କିଛି ଭୁଲ କରିଥିବା ସ୍ପଷ୍ଟ ହୋଇଛି।

ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜତାକ ମୃତ୍ୟୁ ଓ ନର୍ସମାନେ ପ୍ରସବ କରିବା ଘଟଣାରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଏହି ଘଟଣାରେ ସିଡିଏମଓଙ୍କ ନିର୍ଦ୍ଦେଶକ୍ରମେ ଏକ ତିନି ଜଣିଆ ଟିମ୍ ଲୋଇସିଂହା ସ୍ୱାସ୍ଥ୍ୟକେନ୍ଦ୍ରକୁ ପହଞ୍ଚି ଏହି ଘଟଣାରେ ସଂପୃକ୍ତ ନର୍ସ ଓ ଡାକ୍ତରଙ୍କୁ ପଚରାଉଚୁରା କରିଥିବା ଜଣାପଡିଛି। ସୂଚନା ଅନୁସାରେ ଟିମ୍‌ରେ ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ ଡ. ରୁଦ୍ର ନାରାୟଣ ପଟେଲ, ଶିଶୁରୋଗ ବିଶେଷଜ୍ଞ ପୁଷ୍ପରଞ୍ଜନ ମିଶ୍ର ଓ ଏଡିପିଏଚଓ ଡ. ନମିତା ମିଶ୍ର ରହିଛନ୍ତି। ପ୍ରସବ କରାଇଥିବା ଦୁଇ ଜଣ ନର୍ସ ଓ ନବଜାତକକୁ ସ୍ଥାନାନ୍ତର ସମୟରେ ଡ୍ୟୁଟିରେ ଥିବା ଦୁଇ ଜଣ ନର୍ସ ଯାଜ୍ଞସେନୀ ଗଡତ୍ୟା, ଶ୍ରଦ୍ଧାଞ୍ଜଳି ନାଗ, ଅରୁଣା ବାରିକ, ସୋନିଆ ସାଗରଙ୍କୁ ଟିମ୍ ଘଟଣା ବିଷୟରେ ପଚାରିଥିଲେ। ସେହିପରି ଡ୍ୟୁଟି ଡାକ୍ତର ସୁପ୍ରିୟା ନାଗଙ୍କୁ ମଧ୍ୟ ଉକ୍ତ ଟିମ୍ ପଚରାଉଚରା କରିଥିବା ଜଣାପଡିଛି। ତଦନ୍ତ ପରେ ଏକ ରିପୋର୍ଟ ଏହି ଟିମ୍ ସିଡିଏମ୍‌ଓଙ୍କୁ ପ୍ରଦାନ କରିବେ ବୋଲି ଜଣାପଡିଛି। ସୂଚନା ଯୋଗ୍ୟ ଯେ ଗତ ଶୁକ୍ରବାର ଲୋଇସିଂହା କୁମ୍ଭାରପଡାର ନବୀନ ରଣା ସ୍ତ୍ରୀ ରିଙ୍କି ରଣାଙ୍କୁ ପ୍ରସବ ପାଇଁ ଭର୍ତ୍ତି କରିଥିଲେ। ତେବେ ରିଙ୍କିଙ୍କୁ ଡାକ୍ତରଖାନା ଭର୍ତ୍ତି କରିବା ପରେ ଦୁଇ ଜଣ ନର୍ସ ଲେବର ରୁମ୍‌କୁ ନେଇ ପ୍ରସବ କରାଇଥିଲେ। ତାହା ପୁଣି ବିନା ଡାକ୍ତରଙ୍କ ଉପସ୍ଥିତିରେ।ତେବେ ଜନ୍ମ ହେବା ପରେ ଶିଶୁ କୌଣସି ପ୍ରତିକ୍ରୀୟା କରିନଥିଲା।ଫଳରେ ଭୟଭୀତ ଅବସ୍ଥାରେ ପ୍ରସବ କରାଇଥିବା ଦୁଇ ନର୍ସ ନିଜ ନିଜ ଭିତରେ ଆଲୋଚନା କରି ନିଜେ ୧୦୮ ଆମ୍ବୁଲାନ୍ସକୁ ଡାକି ଭୀମଭୋଇ ମେଡିକାଲ କଲେଜ ଡାକ୍ତରଖାନାକୁ ତରବରିଆ ଭାବେ ସ୍ଥାନାନ୍ତର କରିଥିଲେ। ଲୋଇସିଂହା ଡାକ୍ତରଖାନାରେ ଜଣେ ଶିଶୁ ରୋଗ ବିଶେଷଜ୍ଞ ଥିବା ସତ୍ତ୍ୱେ ସେ ମଧ୍ୟ ନବଜାତକର ଚିକିତ୍ସା ପାଇଁ ଆସିନଥିଲେ। ଅକ୍ସିଜେନ ଦେଇ ନବଜାତକକୁ ବଲାଙ୍ଗିର ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏହିଭଳି ଘଟଣା ବିଷୟରେ ପୁଲିସ କୁ ଦିଆଯାଉଥିବା ଏମଏଲସି ରିପୋର୍ଟ ମଧ୍ୟ ଲୋଇସିଂହା କି ବଲାଙ୍ଗିର ଡାକ୍ତରଖାନା ପକ୍ଷରୁ ଦିଆଯାଇନଥିବା ଜଣାପଡିଛି। ନବଜାତକର ମୃତ୍ୟୁ ପରେ ସଂପୃକ୍ତ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା ମଧ୍ୟ ଗୁରୁତର ରହିଥିବା ଜଣାପଡିଛି। ତାଙ୍କୁ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ସ୍ୱାମୀ ନବୀନ ରଣା କହିଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତଦନ୍ତ ଆରମ୍ଭ କରିଥିବା ବେଳେ ଅବହେଳା ପ୍ରଦର୍ଶନ କରିଥିବା କର୍ମଚାରୀ ଓ ଡାକ୍ତରଙ୍କ ବିରୋଧରେ କଡା ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପରିବାର ଲୋକେ ଦାବି କରିଛନ୍ତି।

## ପାଟଣାଗଡ଼ରେ ଅଭିଯୋଗ ଜନଶୁଣାଣି



ପାଟଣାଗଡ଼,୧୧।୮ (ସମିସ):ସ୍ଥାନୀୟ ହରିଶଙ୍କର ସମ୍ମିଳନୀକକ୍ଷରେ ସୋମବାର ଜିଲ୍ଲାପାଳ ଓ ଏସପିଙ୍କ ମିଳିତ ଯୁଗ୍ମ ଅଭିଯୋଗ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଅଭିଯୋଗ ଶିବିରରେ ମୋଟ ୪୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା।ରାସ୍ତା ଘାଟ ସମସ୍ୟା, ପାନୀୟଜଳ ସମସ୍ୟା, ଭତ୍ତା ସମସ୍ୟା, ଶିକ୍ଷକ ସମସ୍ୟା, ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ନିର୍ମାଣ ସହ ଅନ୍ୟାନ୍ୟ ସମସ୍ୟା ଉପରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ଏହି ସମସ୍ୟା ଗୁଡିକ ଉପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ଶିବିରରେ ଉପଖଣ୍ଡର ସମସ୍ତ ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।ଅପରପକ୍ଷେ ଜନଶୁଣାଣି ଶିବିରରେ ଅଭିଯୋଗ ପାଇଁ ସ୍ଥାନୀୟ ପ୍ରଶାସନ ତରଫରୁ ସଠିକ ଭାବେ ସଚେତନତା ହେଉନଥିବାରୁ ଲୋକେ ଜାଣି ପାରୁନାହାନ୍ତି।ଫଳରେ ଅଞ୍ଚଳରେ ଲୋକଙ୍କ ଅନେକ ସମସ୍ୟା ରହିଥିଲେ ହେଁ ଶିବିର ବିଷୟରେ ଜାଣି ପାରୁନଥିବା ଅଭିଯୋଗ ହେଉଛି। ସେଥିପାଇଁ ଶିବିରରେ ଅଭିଯୋଗ ସଂଖ୍ୟା କମୁଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଚିନ୍ମୟୀ ପାଣିଗ୍ରାହୀଙ୍କ ପରଲୋକ



ବଲାଙ୍ଗିର,୧୧।୮ (ସମିସ): ରୁଗୁଡିପଡା ବାସଭବନରେ ଚିନ୍ମୟୀ ପାଣିଗ୍ରାହୀଙ୍କ ଦେହାନ୍ତ ହୋଇଯାଇଛି। ସେ କିଛି ଦିନ ସ୍ୱରାଜ ହସପିଟାଲ ରେ ଚିକିତ୍ସାଧୀନ ଥିଲେ। ସେ ଜଣେ ଶିକ୍ଷୟିତ୍ରୀ ତଥା ଶିବାନନ୍ଦ ଆଶ୍ରମର ଉପସଭାପତି ଦାୟିତ୍ୱ ମଧ୍ୟ ତୁଲାଇଥିଲେ।ସେ ସ୍ୱର୍ଗତ ସ୍ୱପ୍ନାନନ୍ଦ ପାଣିଗ୍ରାହୀଙ୍କ କନ୍ୟା ତଥା ସ୍ୱର୍ଗତ ଓଁକାର ପାଣିଗ୍ରାହୀଙ୍କର ଭଉଣୀ ଥିଲେ।ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଭାଇ ଡାକ୍ତର ଓମ୍ ପ୍ରକାଶ ପାଣିଗ୍ରାହୀ ଓ ଭଉଣୀ ମୃଣ୍ମୟୀ ମିଶ୍ର, ଜ୍ୱାଇଁ କିଶୋର ମୋହନ ମିଶ୍ର, ଭାଇ ବୋହୂ ନିବେଦିତା ପାଣିଗ୍ରାହୀଙ୍କ ସହ ବନ୍ଧୁବାନ୍ଧବ ଉପସ୍ଥିତ ଥିଲେ। ସ୍ଥାନୀୟ ବିଭୁତି ପଡ଼ା ଶ୍ମଶାନରେ ଶେଷକୃତ୍ୟ ହୋଇଥଲା। ତାଙ୍କ ବିୟୋଗରେ ରୁଗୁଡିପଡା ଓ ଶିବାନନ୍ଦ ଆଶ୍ରମରେ ଗଭୀର ଶୋକର ଛାୟା ଖେଳି ଯାଇଛି।

## ଶିକ୍ଷୟିତ୍ରୀ ତୃପ୍ତିମୟୀ ମିଶ୍ରଙ୍କ ପରଲୋକ



ବଲାଙ୍ଗିର,୧୧।୮ (ସମିସ):ସହରର ବରିଷ୍ଠ ଡାକ୍ତର ହାଡିବନ୍ଧୁ ଶତପଥିଙ୍କ ଧର୍ମପତ୍ନୀ ତଥା ପୂର୍ବତନ ଶିକ୍ଷୟିତ୍ରୀ ତୃପ୍ତିମୟୀ ମିଶ୍ର(୭୪)ଙ୍କ ପରଲୋକ ଘଟିଛି। ସ୍ୱର୍ଗତା ମିଶ୍ର ବ୍ରାହ୍ମଣପଡା, ଶାନ୍ତିପଡା ଓ ଚମାରଟିକ୍ରା ସ୍କୁଲରେ ଶିକ୍ଷାଦାନ କରିବା ପରେ ଅବସରଗ୍ରହଣ କରିଥିଲେ। ରବିବାର ସକାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ଦେହାନ୍ତ ଘଟିଥିଲା।ଶେଷ ସମୟରେ ସ୍ୱାମୀ, ପୁଅ, ବୋହୂ, ଝିଅ ବନ୍ଧୁ ପରିବାର ବର୍ଗ ଉପସ୍ଥିତ ଥିଲେ। ରବିବାର ସନ୍ଧ୍ୟାରେ ତାଙ୍କର ପାର୍ଥୀବ ଶରୀରକୁ ବଲାଙ୍ଗିର ସ୍ଥିତ ବାସଭବନକୁ ଅଣାଯିବା ପରେ ବିଜାଖମନସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତେଷ୍ଟି କରାଯାଇଥିଲା। ବଡପୁଅ ଦେବାଶିଷ ମୁଖାଗ୍ନୀ ଦେଇଥିଲେ।

## ବନ ବିଭାଗ ଦ୍ୱାରା ଖଇର କାଠ ଜବତ



ବଲାଙ୍ଗିର,୧୧।୮ (ସମିସ): ବଲାଙ୍ଗିର ବନ ବିଭାଗ ପକ୍ଷରୁ ପୁଣି ଚଢ଼ଉ କରି ବହୁ ପରିମାଣର ଖଇର କାଠ ଜବତ କରିଛି। ଏକ ପିକଅପ୍ ଗାଡିରେ ଖଇର କାଠ ଚାଲାଣ ହେଉଥିବା ବେଳେ ଚଢ଼ଉ କରାଯାଇଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ପିକଅପ୍ ଗାଡି ନଂ ଓଡି୦୩ଏନ-୩୪୯୬ରେ ଖଇର କାଠ ଭର୍ତ୍ତି କରି ଚାଲାଣ କରାଯାଉଥିବା ବେଳେ ସଦର ଫରେଷ୍ଟ ରେଞ୍ଜର ଏକ ଟିମ୍ ପଥରଚେପା ଠାରେ ଚଢ଼ଉ କରିଥିଲା। ବନ ବିଭାଗ ଅଧିକାରୀଙ୍କୁ ଦେଖି ଅଭିଯୁକ୍ତ ମାନେ ଗାଡି ଛାଡି ଫେରାର ହୋଇଯାଇଥିଲେ। ପରେ ଉକ୍ତ ଗାଡିକୁ ବନ ବିଭାଗ ଜବତ କରି କାର୍ଯ୍ୟାଳୟକୁ ଅଣାଯାଇଥିବା ଜଣାପଡିଛି।

## ଭୋଟଚୋରି ଘଟଣାକୁ ନେଇ ସାମ୍ବାଦିକ ସମ୍ମିଳନୀ



ବଲାଙ୍ଗିର,୧୧।୮ (ସମିସ):୨୦୨୪ ସାଧାରଣ ନିର୍ବାଚନରେ ଭୋଟ ଚୋରି ପ୍ରସଙ୍ଗ କଂଗ୍ରେସ ନେତା ତଥା ଲୋକସଭା ବିରୋଧି ଦଳ ନେତା ରାହୁଲ ଗାନ୍ଧି ଉଠାଇବା ପରେ ଏହାକୁ ନେଇ ସାରା ଦେଶରେ ଆଲୋଡନ ସୃଷ୍ଟି ହୋଇଛି। ତେବେ ଏହାକୁ ପ୍ରସଙ୍ଗ କରି ଏବିଷୟରେ ତୃଣମୂଳସ୍ତରକୁ ପହଞ୍ଚାଇବା ଲକ୍ଷ୍ୟ ନେଇ କଂଗ୍ରେସ ପକ୍ଷରୁ ସାରା ରାଜ୍ୟରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜିଲ୍ଲାୱାରୀ ନେତାମାନଙ୍କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଏହିକ୍ରମରେ ସୋମବାର କଂଗ୍ରେସ ପକ୍ଷରୁ ସାମ୍ବାଦିକ ଭବନ ଠାରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇଥିଲା। କଂଗ୍ରେସ ନେତା ଅଣିଲ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ମୁଖପାତ୍ର ଅଭିଷେକ ମହାନନ୍ଦ ଯୋଗଦେଇ ରାହୁଲ ଗାନ୍ଧି ଆଣିଥିବା ଅଭିଯୋଗ ବିଷୟରେ ସେ ଦେଇଥିବା ତଥ୍ୟ ଦୋହରାଇ ଥିଲେ। ରାହୁଲ ଗାନ୍ଧିଙ୍କ ଦ୍ୱାରା ଦିଆଯାଉଥିବା ତଥ୍ୟ ଓ ଏନେଇ ସଂଗ୍ରହ କରାଯାଇଥିବା ତଥ୍ୟର ସଂପୂର୍ଣ୍ଣ ବିବରଣୀ କୁ ନେଇ ଏକ ଭିଡିଓ ଦେଖାଇବା ସହ ବର୍ତ୍ତମାନ ସମୟରେ ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ କଂଗ୍ରେସ ସହ ସମସ୍ତେ ଛିଡା ହେବାକୁ ଅନୁରୋଧ କରିଥିଲେ।ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ମନୀଷ ମିଶ୍ର, ଅଙ୍କିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓଗାଁ ବ୍ଲକ୍ ଅଞ୍ଚଳରେ ନିଅଣ୍ଟିଆ ବର୍ଷା ; ମରୁଡି ଚିନ୍ତାରେ ଚାଷୀ

ଦେଓଗାଁ,୧୧।୮ (ସମିସ):ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ଅଞ୍ଚଳରେ ଚଳିତ ଖରିଫ ଋତୁରେ ନିଅଣ୍ଟିଆ ବର୍ଷା ଯୋଗୁଁ ମରୁଡି ଆଶଙ୍କା ଦେଖାଦେଇଛି। ଆଉ ୩/୪ଦିନ ମଧ୍ୟରେ ଭଲବର୍ଷା ନ ହେଲେ ଧାନଗଛ ମରିବା ନିଶ୍ଚିତ ହୋଇଛି। ବର୍ଷା ଚିନ୍ତାରେ ଅଞ୍ଚଳର ସମସ୍ତ ଚାଷୀ ରହିଛନ୍ତି। ଶ୍ରାବଣ ମାସ ଶେଷ ହୋଇଥିବା ବେଳେ ଦେଓଗାଁ ବ୍ଲକ୍‌ର ପ୍ରାୟ ପଞ୍ଚାୟତରେ ଭଲବର୍ଷା ହୋଇନଥିବାରୁ ଚାଷ କାର୍ଯ୍ୟ ଆଗେଇନଥିବା ଜଣାପଡିଛି। ଯେଉଁ ଚାଷ ଜମିରେ ଜଳସେଚନ ବ୍ୟବସ୍ଥା ରହିଛି କେବଳ ସେଠାରେ ହିଁ ଚାଷ ଆଗେଇଥିବା ବେଳେ ବର୍ଷାକୁ ନିର୍ଭର ଥିବା ଜମିମାନଙ୍କରେ ଚାଷ ପ୍ରାୟତଃ ଶୁଖିଲା ପଡିଲାଣି। ଫଳରେ ଚାଷୀମାନେ ଏବେ ହତାଶ ହୋଇ ଚାତକପରି ବର୍ଷାକୁ ଚାହିଁ ରହିଛନ୍ତି। ବର୍ଷା ପାଇଁ ବିଭିନ୍ନ ଗାଁରେ ଇନ୍ଦ୍ରଦେବତାଙ୍କୁ ପୂଜାର୍ଚ୍ଚନା କରୁଥିବା ମଧ୍ୟ ନଜରକୁ ଆସିଛି। କୃଷି ବିଭାଗର



ତଥ୍ୟ ଅନୁସାରେ ଦେଓଗାଁ ବ୍ଲକ୍‌ରେ ୨୦ହଜାର ୧୭୫ ହେକ୍ଟର ଚାଷ ଜମି ମଧ୍ୟରୁ ଖରିଫ ଋତୁରେ ପ୍ରାୟ ୯୫୦୦ହେକ୍ଟର ଚାଷଜମିରେ ବିଭିନ୍ନ କିସମର ଧାନଚାଷ ହୋଇଥାଏ। ତେବେ ଚଳିତବର୍ଷ ନିଅଣ୍ଟିଆ ବର୍ଷା ଯୋଗୁଁ ପ୍ରାୟତଃ ୪୦ପ୍ରତିଶତ ଚାଷଜମିରେ ଏଯାଏ ଧାନରୁଆ ହୋଇପାରିନଥିବା ଏକ ସର୍ଭେରୁ ଜଣାପଡିଛି। ତେବେ ଆଗକୁ ଭଲବର୍ଷା ନ ହେଲେ ଚଳିତବର୍ଷ ଧାନଉତ୍ପାଦନରେ ହ୍ରାସପାଇବ ବୋଲି ଆଲୋଚନା ହେଉଛି। ଜଳସେଚନ ବିଭାଗର ତଥ୍ୟ ଅନୁସାରେ ବ୍ଲକ୍‌ରେ ଉଠାଜଳସେଚନ ପ୍ରକଳ୍ପ, ଗଭୀର ନଳକୂପ,ମାଇକ୍ରୋ ଉଠାଜଳସେଚନ ପ୍ରକଳ୍ପ ଦ୍ୱାରା ଠିକରୂପେ ଜଳସେଚନ ହେଉଥିବା କୁହାଯାଉଥିବା ବେଳେ ପ୍ରକୃତରେ ବ୍ଲକ୍‌ର ଅନେକ ଉଠାଜଳସେଚନ ଠିକ ଭାବେ କାମକରୁନଥିବାରୁ ଚାଷୀମାନେ ଜଳସେଚନ ଥାଇମଧ୍ୟ ଚାଷ କାର୍ଯ୍ୟ ଆଗେଇନଥିବା ଅଭିଯୋଗ କରିଛନ୍ତି। ଏଦିଗରେ ସଂପୃକ୍ତ ବିଭାଗ ସ୍ୱତନ୍ତ୍ରଭାବେ ଦୃଷ୍ଟିଦେବାକୁ ଚାଷୀ ମହଲରେ ଦାବି ହେଉଛି।

# ସମୂହ ଛୁଟିରେ ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା

ବଲାଙ୍ଗିର,୧୧।୮ (ସମିସ)



ଦଶ ଦଫା ଦାବି ପୂରଣ କରିବାରେ ରାଜ୍ୟ ସରକାରଙ୍କ ସହ ଆଲୋଚନା ବିଫଳ ହେବା ପରେ ସଂଘର ପୂର୍ବନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ୧୧ ଅଗଷ୍ଟରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ରାଜସ୍ୱ ଅମଲାମାନେ ସାମୂହିକ ଛୁଟିରେ ରହିବା ପରିପେକ୍ଷିରେ ବଲାଙ୍ଗିର ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ମଧ୍ୟ ସାମୂହିକ ଛୁଟିରେ ଅଛନ୍ତି।ସୂଚନା ଅନୁସାରେ ଗତ ୮ ତାରିଖ ଦିନ ରାଜସ୍ୱ ଅମଲାମାନେ ନିଜ ନିଜ ଅଧିକାରୀଙ୍କୁ ସମୂହ ଛୁଟି ଦରଖାସ୍ତ ପ୍ରଦାନ କରିଥିଲେ। ଯେତେ ଦିନ ପର୍ଯ୍ୟନ୍ତ ରାଜ୍ୟ ସରକାର ଦାବି ପୂରଣ କରି ବିଜ୍ଞପ୍ତି ପ୍ରକାଶ କରିବେ ନାହିଁ ସେତେ ଦିନ ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ରାଜ୍ୟ ରାଜସ୍ୱ ଅମଲା ସଂଘର ମୁଖ୍ୟ ଉପଦେଷ୍ଟା ସୁଧାକର ମହାପାତ୍ର, ରାଜ୍ୟ ଉପସଭାପତି ସୁରେନ୍ଦ୍ର ବାବୁ, ବଲାଙ୍ଗିର ଜିଲ୍ଲା ରାଜସ୍ୱ ଅମଲା ସଂଘର ସଭାପତି ପ୍ରଭାତ କୁମାର ମଲ୍ଲିକ,ସମ୍ପାଦକ ରତିକାନ୍ତ ପୁରୋହିତ,ଗଣମାଧ୍ୟମ ସମ୍ପାଦକ ଜ୍ୟୋତି ପ୍ରକାଶ ସାହୁ ପ୍ରକାଶ କରିଛନ୍ତି। ଆନ୍ଦୋଳନ ସମୟରେ ଜନସାଧାରଣଙ୍କ ଯେଉଁ ସବୁ ଅସୁବିଧାର ସମ୍ମୁଖୀନ ହେବେ ସେଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଂଘର କର୍ମକର୍ତ୍ତା ଚେତାବନୀ ଦେଇଛନ୍ତି। ପୁନଶ୍ଚ ଜିଲ୍ଲା ସମ୍ପାଦକ ରତିକାନ୍ତ ପୁରୋହିତ ପ୍ରକାଶ କରିଛନ୍ତି ଯେ, ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କର ୧୦ ଦଫା ଦାବି ପୂରଣ କରିବା ନିମିତ୍ତ ରାଜ୍ୟ ସରକାରଙ୍କୁ ବାରମ୍ବାର ନିବେଦନ କରିବା ପରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଗତ ଜୁଲାଇ ୯ ତାରିଖରେ ପ୍ରାୟ ଅଢ଼େଇ ଘଣ୍ଟାରୁ ଊର୍ଦ୍ଧ୍ୱର୍ ସମୟ ପର୍ଯ୍ୟନ୍ତ ରାଜସ୍ୱ ଅମଲା ସଂଘର ଶୀର୍ଷ ନେତୃବୃନ୍ଦଙ୍କ ସହିତ ଆଲୋଚନା କରି ଅତିଶୀଘ୍ର ଅର୍ଥାତ୍ ୭ ରୁ ୧୫ ଦିନ ଭିତରେ ଦାବିଗୁଡିକୁ ପୂରଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଫଳ ସ୍ୱରୂପ ୧୪ ଜୁଲାଇକୁ ହେବାକୁ ଥିବା ରାଜସ୍ୱ ଅମଲାଙ୍କ ତରଫରୁ ରାଜ୍ୟବ୍ୟାପୀ ପ୍ରସ୍ତାବିତ ଆନ୍ଦୋଳନ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିବା ପାଇଁ ରାଜ୍ୟ ସଂଘ ନିଷ୍ପତ୍ତି ନେଇଥିଲା। କିନ୍ତୁ, ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟ ସରକାର ରାଜସ୍ୱ ଅମଲା ମାନଙ୍କର ଦାବିଗୁଡ଼ିକୁ ପୂରଣ କରିବା ତ ଦୂରର କଥା, ସେମାନଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବା ସହ ସେମାନଙ୍କୁ ପ୍ରବଳ ଆଘାତ ଦେବା ଭଳି ରାଜସ୍ୱ ସେବା ପଦ୍ଧତିରେ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବା ପଦୋନ୍ନତିକୁ ୪୦%ରୁ ୩୩%କରିବା ସହ ଲେବେଲ-୯ରେ ଜଣେ ଜିଲ୍ଲାସ୍ତରୀୟ ରାଜସ୍ୱ କର୍ମଚାରୀ ୬ ବର୍ଷ ଦରମା ପାଇଲେ ଯୋଗ୍ୟ ହେବ ବୋଲି ନିର୍ଦ୍ଦେଶାନାମା ଜାରି କରିଥିଲେ। ଯାହା ଫଳରେ ସମସ୍ତ ରାଜସ୍ୱ ଅମଲାମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ପ୍ରକାଶ ପାଇଥିଲା। ପ୍ରକାଶ ଥାଉକି, ଜିଲ୍ଲା ସ୍ତରୀୟ ରାଜସ୍ୱ ଅମଲା ମାନଙ୍କ ପଦବୀ ପୁନର୍ଗଠନ ଆଳରେ ବର୍ଷ ବର୍ଷ ଧରି ସାଧାରଣ ପଦୋନ୍ନତିକୁ ଅଟକାଇ ରଖାଯିବା ଫଳରେ ସେମାନଙ୍କ ମଧ୍ୟରୁ ଅନେକ ପଦନ୍ନୋତି ପୂର୍ବରୁ ଅବସର ଗ୍ରହଣ କରିସାରିଛନ୍ତି। ସେମାନେ ତାଙ୍କର ନାର୍ଯ୍ୟ ପ୍ରାପ୍ତିରୁ ସବୁଦିନ ପାଇଁ ବଞ୍ଚିତ ହୋଇଗଲେ। ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାମାନେ ଦକ୍ଷତାର ସହ ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଜନହିତକର ଯୋଜନା ତୃଣମୂଳ ସ୍ତରରେ ଲୋକମାନଙ୍କ ପାଖରେ ପହଞ୍ଚାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିବା ସହ ସିମୀତ ସମୟ ସୀମାରେ ତାଙ୍କର କାର୍ଯ୍ୟଗୁଡ଼ିକୁ କରି ଯୋଗାଇ ଦେଇ ଆସୁଥିଲେ ମଧ୍ୟ ସରକାର ସେମାନଙ୍କୁ ଅଣଦେଖା କରି ଆସୁଛନ୍ତି। ଆନ୍ଦୋଳନରେ ଜିଲ୍ଲା ଉପଦେଷ୍ଟା ନୀଳମାଧବ ପଟ୍ଟନାୟକ, ମଦନ ଗୋପାଳ ପଧାନ, କାର୍ଯ୍ୟକାରୀ ସଭାପତି ସୋମ୍ୟରଞ୍ଜନ ପଣ୍ଡା, ସାଂଗଠନିକ ସମ୍ପାଦକ ସୁନୀଲ କୁମାର ବିଶି ,ଉପସଭାପତି ଦେବୀ ପ୍ରସନ୍ନ ସତପଥୀ, ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ବିଜୟା ଭାରତୀ, ଶ୍ରୀନିବାସ ତ୍ରିପାଠୀ, ବିଶ୍ୱଜିତ ମହାରଣା, ସଞ୍ଜିବ କୁମାର ସାହୁ, ନୀଳମାଧବ ନାଏକ, ନୀଳାମ୍ବର ପାଣ୍ଡେ, ଝସକେତନ ଖାଡିଆ, ସୁନୀଲ କୁମାର ସୁନା, ପୂର୍ବତନ ସମ୍ପାଦକ ଚୈତନ୍ୟ ବାଗ, ସୁଜାତା ମିଶ୍ର, ସ୍ୱାଗତିକା ମିଶ୍ର, ଲିପିକା ବେହେରା, ସୁବଳ ଚନ୍ଦ୍ର ଖର୍ସେଲ ଓ ସଂଘର ଅନ୍ୟାନ୍ୟ ସଦସ୍ୟ/ ସଦସ୍ୟା ମାନେ ଉପସ୍ଥିତ ରହି ଆନ୍ଦୋଳନକୁ ତୀବ୍ରତର କରିବାକୁ ମତାମତ ଦେଇଥିଲେ। ଜିଲ୍ଲାର ସମସ୍ତ ରାଜସ୍ୱ ଅମଲା ଯୋଗଦାନ କରିଥିଲେ।

## ଉଜୁଡ଼ିଯାଇଥିବା ଜଙ୍ଗଲରେ ଚାରା ରୋପଣ



ବଲାଙ୍ଗିର,୧୧।୮ (ସମିସ): ବଲାଙ୍ଗିର ଜିଲ୍ଲାର ଜୀବନ ରେଖା କୁହାଯାଉଥିବା ଲୋୟର ସୁକତେଲ ଡ୍ୟାମ୍ ହେବା ଦ୍ୱାରା ପ୍ରାକୃତିକ ପରିବେଶ ତଳି ଅଞ୍ଚଳରେ ମଧ୍ୟ ଉଜୁଡି ଯାଇଛି ତାକୁ ପୁନଃଉଦ୍ଧାର କରିବା ସକାଶେ ବନଦୁର୍ଗା ମହୋତ୍ସବ କମିଟି ସାମୂହିକ ପ୍ରୟାସ ଆରମ୍ଭ କରିଛି।ଡ୍ୟାମ୍‌କୁ ସଂଯୋଗ କରିଥିବା ରାସ୍ତା ସୁକତେଲ ଛକ ବାରପୁଡୁଗିଆରୁ ଡ୍ୟାମ୍, ଗେଡାବାଞ୍ଜି ଛକରୁ ଡ୍ୟାମ୍ ଓ ନଦୀ ଆରପଟ ଘୁଙ୍ଗି ଗେଁଡି ରାସ୍ତା ଉଭୟ ପାଶ୍ୱର୍ ରେ ଗଛ ଲଗାଇ ଯତ୍ନ ନେବାକୁ ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଆଲୋଚନା କରାଯାଇଥିଲା। ଜଙ୍ଗଲ ପଦା ହୋଇଯାଇଥିବା ସ୍ଥାନରେ ଅଧିକ ଔଷଧୀୟ ଗଛ ଏବଂ ଫଳଗଛ ଲଗାଇ ଯତ୍ନ ନେବାପାଇଁ ପଦେକ୍ଷପ ନେବାକୁ ପ୍ରଶାସନ ସହ ଆଲୋଚନା କରିବାପାଇଁ ନିଷ୍ପତ୍ତି ନିଆଯାଇଥିଲା।ସୋମବାର ବନଦୁର୍ଗା ମହୋତ୍ସବ କମିଟି ବୃକ୍ଷ ରୋପଣ ଆରମ୍ଭ କରିଛି ଏବଂ ଯତ୍ନ ନେବା ପାଇଁ ସପଥ ନେଇଛି ଏବଂ ପ୍ରଶାସନର ପଦକ୍ଷେପକୁ ଧନ୍ୟବାଦ ଜଣାଇଛି।କାର୍ଯ୍ୟକ୍ରମରେ ସରପଞ୍ଚ ତଥା ସଭାପତି ସଂଜୟ ଗଡତ୍ୟା, ଉପସଭାପତି ଓ ଯୁବ ସଂଗଠକ କୈଳାଶଚନ୍ଦ୍ର ସିଂଦେଓ, ପାରାଲିଗାଲ ସ୍ୱେଚ୍ଛାସେବୀ,ପରିବେଶ ପ୍ରେମୀ ତଥା ସଂପାଦକ ଜୟକୃଷ୍ଣ ମିଶ୍ର, ସମାଜସେବୀ ସହ ସଂପାଦକ ବିକାଶ ଗଂଜନ ରଥ,କୋଷାଧ୍ୟକ୍ଷ ନରେନ୍ଦ୍ର ବିଶି, ଅଜୟ ଗଡତ୍ୟା, ଭରତ ସାହୁ, ବ୍ୟାସଦେବ ବନଛୋର, ସଂଜୟ ନାଏକଙ୍କ ସହ ବହୁ ଯୁବକ ଅଂଶଗ୍ରହଣ କରିଥିଲେ।

## ବାକିପଡ଼ିଛି ୫ ବର୍ଷର ଭଡ଼ା ୩୫ ଲକ୍ଷ

# ବାବା ସାହେବ କଲ୍ୟାଣ ମଣ୍ଡପକୁ ସିଲ୍‌କଲା ପୌରସଂସ୍ଥା



ଜୟପୁର,୧୧।୮(ସମିସ): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥା ପକ୍ଷରୁ ନିର୍ମିତ ବାବା ସାହେବ କଲ୍ୟାଣ ମଣ୍ଡପକୁ ଲିଜ ସୂତ୍ରରେ ଜୈନିକ ଏକ ସଂସ୍ଥାକୁ ପ୍ରଦାନ କରାଯାଇଥିଲା।କିନ୍ତୁ ଉକ୍ତ ସଂସ୍ଥା ପକ୍ଷରୁ ଦୀର୍ଘ ୫ ବର୍ଷ ହେଲାଣି ଭଡା ବାବଦକୁ ଟଙ୍କା ପ୍ରଦାନ କରାଯାଉନଥିବା ନେଇ ଆଜି ପୌରସଂସ୍ଥା ପକ୍ଷରୁ କଲ୍ୟାଣ ମଣ୍ଡପକୁ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ସିଲ୍ କରାଯାଇଛି। ଗତ ୨୦୧୭-୧୮ ମସିହାରେ ଏହାର ଉଦ୍‌ଘାଟନ ପରେ ଉକ୍ତ ଠିକାସଂସ୍ଥାକୁ ଲିଜ୍ ସୂତ୍ରରେ ପ୍ରଦାନ କରାଯାଇ ମାସିକ ୭ ଲକ୍ଷ ଟଙ୍କା ଭଡା ସୂତ୍ରକୁ ପ୍ରଦାନ କରିବା ନେଇ ଚୁକ୍ତିନାମା ହୋଇଥିଲା।କିନ୍ତୁ ଉକ୍ତ ସଂସ୍ଥା ଏହାକୁ ଲିଜରେ ନେଇ ନିଜ ଅକ୍ତିଆର ନେଇ ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକ ଭଡାରେ ପ୍ରଦାନ କରାଯାଇ ଟଙ୍କା ଆଦାୟ କରିଥିଲେ। କିନ୍ତୁ ଉକ୍ତ ସଂସ୍ଥା ପକ୍ଷରୁ ଚୁକ୍ତିନାମା ଅନୁଯାୟୀ ପୌରସଂସ୍ଥାର କୌଣସି ଟଙ୍କା ପ୍ରଦାନ କରିନଥିଲେ। ଏହିପରି କିଛି ମାସ ପୈଠ କରିବା ପରେ ଗତ ୫ ବର୍ଷ ହେଲାଣି ପ୍ରାୟ ୩୫ ଲକ୍ଷ ଟଙ୍କା ପୈଠ କରିନାହାଁନ୍ତି। ଏହିପରି ବାରମ୍ବାର ନୋଟିସ ଦିଆଯାଇଥିଲେ ସୁଦ୍ଧା ନୋଟିସକୁ ଠିକାସଂସ୍ଥା ପକ୍ଷରୁ ଅଣଦେଖା କରିଥିଲେ। ତେଣୁ ଆଜି ଉପଜିଲ୍ଲାପାଳ ତଥା ପୌର ନିର୍ବାହୀ ଅଧିକାରୀ ଏ.ଶଶ୍ୟା ରେଡ୍ଡିଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ପୂଜା ରାଉତ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ବାବା ସାହେବ କଲ୍ୟାଣ ମଣ୍ଡପରେ ପହଞ୍ଚି ଲିଜ ସୂତ୍ରରେ ନିଇଥିବା ଠିକାସଂସ୍ଥାର ମାଲିକଙ୍କସହ ଆଲୋଚନା କରିଥିଲେ। ଏହିପରି ଠିକାସଂସ୍ଥାର ମାଲିକ କୋଭିଡ ସମୟରେ ତାଙ୍କର ମଣ୍ଡପ କାର୍ଯ୍ୟକରୁନଥିବା ନେଇ ବାହାନା ଦେଖାଇଛନ୍ତି। ତେଣୁ ଏହାର ସମାଧାନ କରିଲେ ବକୟା ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। କିନ୍ତୁ ଏହିପରି କୌଣସି ଚୁକ୍ତିନାମା କିମ୍ବା ଗାଇଡ ଲାଇନ ନଥିବା ଯୋଗୁଁ ଏଥିପ୍ରତି କୌଣସି ଛାଡ ଦିଆଯିବ ନାହିଁ ତୁରନ୍ତ ଟଙ୍କା ପୈଠ କରନ୍ତୁ କିମ୍ବା ସିଲ୍ କରାଯିବା ନେଇ ପୌରସଂସ୍ଥା ପକ୍ଷରୁ କୁହାଯାଇଥିଲା। ଶେଷରେ ଠିକାସଂସ୍ଥା ପୌରସଂସ୍ଥାର ନିର୍ଦ୍ଦେଶକୁ ଅମାନ୍ୟ କରିଥିବା ଯୋଗୁଁ କଲ୍ୟାଣ ମଣ୍ଡପକୁ ସିଲ କରାଯାଇଛି। ଏହିପରି ପୌରସଂସ୍ଥା ନିଜେ ଏହି କଲ୍ୟାଣ ମଣ୍ଡପ ପରିଚାଳନା କରିବା ସହ ବକୟା ଟଙ୍କା ଆଦାୟ ନେଇ ସଂପୃକ୍ତ ଠିକାସଂସ୍ଥା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ଶ୍ରୀମତି ରାଉତ ପ୍ରକାଶ କରିଛନ୍ତି। ଏହି ଅବସରରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଆସିଷ୍ଟାଣ୍ଟ କଲେକ୍ଟର ସନିଆ ନାୟକ, ପୌରସଂସ୍ଥାର ମୁଖ୍ୟ କିରାଣୀ ସୁକଦେବ ବେହେରା, ଅମିନ ଶୁଭସ୍ମିତା ଜେନା, କର୍ମଚାରୀ ଓମକାର ସିଂ, ସତ୍ୟନାରାୟଣ ପାତ୍ର ଏବଂ ଦୁର୍ଗା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ତୁଳା ହଂସାଙ୍କୁ ବ୍ଲକ୍ ଆଦର୍ଶ ସରପଞ୍ଚ ସମ୍ମାନ

ନନ୍ଦପୁର,୧୧।୮(ସମିସ):



ଚଳିତ ବର୍ଷ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦର ରାଜ୍ୟସ୍ତରୀୟ କବି ସମାରୋହ ସମ୍ମିଳନୀରେ ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ବାଡେଲ ଗ୍ରାମ ପଞ୍ଚାୟତର ସରପଞ୍ଚ ତୁଳା ହଂସାଙ୍କୁ ବ୍ଲକର ଆଦର୍ଶ ସରପଞ୍ଚ ରୂପେ ସମ୍ମାନିତ କରାଯାଇଛି। ଶ୍ରୀମତୀ ହଂସା ସରପଞ୍ଚ ଭାବେ ନିର୍ବାଚିତ ହେବା ପରେ ଲୋକଙ୍କ ସୁଖଦୁଃଖରେ ସାମିଲ ହେବା ସହ ଉନ୍ନୟନମୂଳକ କାର୍ଯ୍ୟରେ ତାଙ୍କର ଅବଦାନ ଅତୁଳନୀୟ ବୋଲି କୁହାଯାଉଛି। ସେ ଗ୍ରାମାଞ୍ଚଳର ମହିଳା ମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ସୋମବାର ଆୟୋଜିତ ସ୍ୱତନ୍ତ୍ର ଅଭିଯୋଗ ଶୁଣାଣି ଅବସରରେ ବାଡେଲ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମୁଖ୍ୟ ଅତିଥି କଂଗ୍ରେସ ବିଧାୟକ ଦଳ ନେତା ତଥା ପଟାଙ୍ଗୀ ନିର୍ବାଚନ ମଣ୍ଡଳୀ ବିଧାୟକ ରାମଚନ୍ଦ୍ର କାଡ଼ାମ ସରପଞ୍ଚ ଶ୍ରୀମତି ହଂସାଙ୍କୁ ସମ୍ମାନିତ କରିଛନ୍ତି। ଏହି ଅବସରରେ ବ୍ଲକର କାର୍ଯ୍ୟରତ ସିଡିପିଓ ମିନତି ବାଲା ପଟ୍ଟନାୟକ ଓ ଏଇଇ ଯସ କେତନ ବେହେରାଙ୍କୁ ମଧ ସମ୍ମାନିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ନନ୍ଦପୁର ବିଡ଼ିଓ ଦୁର୍ଗା ପ୍ରସାଦ ଦୋରା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଦୃବରାଜ ମୁର୍ମୁ, ଏବିଓ ମମତା ଜ ଗମାଙ୍ଗ, କଂଗ୍ରେସ ବିଧାୟକ ପ୍ରତିନିଧି କାମେସ କାମ୍ମୁ, ଯୁବ ନେତା ନୀଳାମ୍ବର ହଂସା, ମଦନ ହାଡ ପୁଟିଆ, ରାମକୃଷ୍ଣ ପଡ଼ାଲ, ସଞ୍ଜୀବ ଖରା ଭୁବନ ଆସନ ଧାରୀ,ବ୍ଲକ ସଭାପତି ଦେବେନ୍ଦ୍ର ଖେମୁଣ୍ଡୁ ସମେତ ଅଞ୍ଚଳବାସୀ ଓ କଂଗ୍ରେସ ଯୁବ କଂଗ୍ରେସ କର୍ମକର୍ତ୍ତା ଯୋଗ ଦେଇଥିବା ବେଳେ ନାରାୟଣ ପଣ୍ଡା ସ୍ମୃତି ସାହିତ୍ୟ ସଂସଦ ସଭାପତି ଡାକ୍ତର ରାଜେନ୍ଦ୍ର କୁମାର ପାଢୀ, ସଂସଦର ସମ୍ପାଦକ କବି ବିଚିତ୍ର ନନ୍ଦ ପଣ୍ଡା ପ୍ରମୁଖ ସରପଞ୍ଚ ଶ୍ରୀମତୀ ହଂସାଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମକୁ ସଂସଦର ସଂଗଠନ ସମ୍ପାଦକ ତ୍ରିନାଥ ଖରା ପରିଚାଳନା କରିଥିବା ବେଳେ ଉପ ସଭାପତି ଶତ୍ରୁଘ୍ନ ହୀକା ବାଡ଼ି ଓ ନନ୍ଦପୁର ପ୍ରେସ କ୍ଲବ୍ କର୍ମକର୍ତ୍ତା ସମ୍ପାଦକ ରମେଶ ଅଧିକାରୀ, ଉପସଭାପତି ବିମଳ ରାଓ ସ୍ମିଥ, କାର୍ଯ୍ୟ କାରୀ ସଭାପତି ଦୁର୍ଗା ପ୍ରସାଦ ପା ଡି ସାଂସ୍କୃତିକ ସଦସ୍ୟ ସାମ୍ବାଦିକ ସା ମୁଏ ଲ ଖେମୁଣ୍ଡୁ, ଶ୍ରୀରାମ ଖରା, ହିରଣ୍ୟ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ ।

## ଜିଲ୍ଲାରେ ଦିଆଯିବ କୃମିନାଶକ ଔଷଧ

କୋରାପୁଟ,୧୧।୮(ସମିସ) କୋରାପୁଟ ଜିଲ୍ଲାରେ ୫ ଲକ୍ଷ ୭୫ ହଜାର ଜଣଙ୍କୁ କୃମିନାଶକ ଔଷଧ ଦିଆଯିବ ବୋଲି ଏଡିପିଏଚଓ(ପରିବାର କଲ୍ୟାଣ) ଡାକ୍ତର ନୀଳ ମାଧବ ଶତପଥି କହିଛନ୍ତି। ୧୨ ତାରିଖ ଦିନ ଜାତୀୟ କୃମି ନାଶକ ଦିବସ ପାଳନ କରାଯିବ। ଏହି ଦିବସରେ ଜିଲ୍ଲାର ୩ ହଜାର ଅଙ୍ଗନୱାଡି କେନ୍ଦ୍ର ଏବଂ ସମସ୍ତ ବିଦ୍ୟାଳୟରେ ଔଷଧ ପ୍ରଦାନ କରାଯିବ। ୧ ବର୍ଷରୁ ୧୯ ବର୍ଷ ମଧ୍ୟରେ ରହିଥିବା ପିଲାମାନେ ଏବଂ ୨୦ ବର୍ଷରୁ ୨୪ ବର୍ଷ ମଧ୍ୟରେ ରହିଥିବା ପ୍ରଜନନ ମହିଳା ମାନଙ୍କୁ ମଧ କୃମିନାଶକ ଔଷଧ ପ୍ରଦାନ କରାଯିବ। ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରରେ ଔଷଧ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।ଏଥି ନିମନ୍ତେ ୨୭୭୬ ଆଶା କର୍ମୀ, ୩ହଜାର ଅଙ୍ଗନବାଡି କର୍ମୀ ଏବଂ ୩ ହଜାର ଶିକ୍ଷକ କାର୍ଯ୍ୟରେ ନିୟୋଜିତ କରାଯିବ ବୋଲି ସେ କହିଛନ୍ତି। ଯେଉଁ ମାନେ କୌଣସି କାରଣରୁ ଜାତୀୟ କୃମିନାଶକ ଦିବସରେ ଔଷଧ ଖାଇପାରି ନ ଥିବେ ସେମାନେ ଆସନ୍ତା ୧୯ ତାରିଖ ମପ -ଅପ ଦିବସରେ ଔଷଧ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

# ଅଙ୍ଗନବାଡି ସହାୟକ ନିଯୁକ୍ତି ଦାବି



କୋଷାଗୁମୁଡା,୧୧।୮(ସମିସ): ଅଙ୍ଗନବାଡି ସହାୟିକା ମାତ୍ର ୨୧ ଦିନ କାର୍ଯ୍ୟ କରିବା ପରେ ସେ ଆଉ କାର୍ଯ୍ୟରେ ଯୋଗ ଦେଲେନାହିଁ । କେନ୍ଦ୍ରର ଅଙ୍ଗନବାଡି କର୍ମୀଙ୍କ ହାତରେ ଚାବି ଫେରେଇ କାର୍ଯ୍ୟ କରିବିନି କହି ଚାଲିଗଲେ। ଅଙ୍ଗନବାଡି କାର୍ଯ୍ୟରେ ଅସୁବିଧା ହେବାରୁ ଗ୍ରାମବାସୀ ଅନ୍ୟ ଜଣଙ୍କୁ ନିଯୁକ୍ତି ଦେବାପାଇଁ ଦାବି କରିଛନ୍ତି। ଏଭଳି ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ରାଜବା ପଞ୍ଚାୟତ ଅନ୍ତର୍ଗତ କୋଟିନିଆଗୁଡା ଗ୍ରାମରେ। ସୂଚନାଯୋଗ୍ୟ, କୋଟିନିଆଗୁଡା ଅଙ୍ଗନବାଡି କେନ୍ଦ୍ରର ଅଙ୍ଗନବାଡି ସହାୟିକା ବୈଦି ଭତରା ଫେବୃଆରୀ ୨୮ ତାରିଖରେ ନିଜ କାର୍ଯ୍ୟରୁ ଅବସର ନେବା ପରେ ଆଇସିଡିଏସ ବିଭାଗ ପକ୍ଷରୁ ନିଯୁକ୍ତି ବିଜ୍ଞାପନ ବାହାରିଥିଲା। ଗ୍ରାମର ଇନ୍ଦୁ ଭତରା ଆବେଦନ କରି ସହାୟିକା ପଦ ହାତେଇ ଜୁଲାଇ ୧ ତାରିଖରୁ ୨୧ ତାରିଖ ପର୍ଯ୍ୟନ୍ତ କାମ କରିଥିଲେ। ପରେ କେନ୍ଦ୍ରର ଅଙ୍ଗନବାଡି କର୍ମୀ ହରପ୍ରିୟା ମିଶ୍ରଙ୍କୁ କେନ୍ଦ୍ରର ଚାବି ଫେରସ୍ତ କରି କାର୍ଯ୍ୟ କରିବାକୁ ମନା କରିଦେଇଥିଲେ। ସହାୟିକା ନଥିବାରୁ କେନ୍ଦ୍ରରେ ଅନେକ ସମସ୍ୟା ଦେଖା ଦେବାରୁ ଗ୍ରାମବାସୀ ଗ୍ରାମର ଆଉ ଜଣେ ମହିଳା ସତ୍ୟବତୀ ମାଝୀଙ୍କୁ ସହାୟିକା ଭାବେ ନିଯୁକ୍ତି ଦେବା ପାଇଁ ଦାବି କରିଛନ୍ତି । ଗ୍ରାମର ଉମାକାନ୍ତ ମାଳି, ସୁରେଶ ଭତ୍ରା, ବନମାଳୀ ଭତ୍ରା, ବିଶ୍ୱନାଥ ମାଳି, ଚନ୍ଦ୍ରରୁ ଭତ୍ରା, ଲକ୍ଷ୍ମଣ ଭତ୍ରା, ପିତାମ୍ବର ମାଳି, ସତ୍ୟବତୀ ମାଝୀ, ଉର୍ମିଳା ଭତ୍ରା, ଲଳିତା ଭତ୍ରା,ସମାରୁ ଭତ୍ରା, ହେମବତୀ ଭତ୍ରା, ସୁମିତ୍ରା ଭତ୍ରା, ପାର୍ବତୀ ଭତ୍ରା, ବୁଦ୍ଧୁ ଭତ୍ରା,ବଦର ଭତ୍ରା,ପୀତବାସ ଭତ୍ରା, ସାମସୁନ୍ଦର ଭତ୍ରା, ଜଗତ ଚାଲାଣ, ଧନପତି ଭତ୍ରା ପ୍ରମୁଖ ସିଡିପିଓଙ୍କୁ ସାକ୍ଷାତ କରି ଗ୍ରାମର ସତ୍ୟବତୀ ମାଝୀଙ୍କୁ ନିଯୁକ୍ତି କରାଯାଉ ବୋଲି ଦାବି କରିଛନ୍ତି।

# ଅସହାୟମାନଙ୍କୁ ଜୋତା ବଣ୍ଟନ



ସେମିଲିଗୁଡ଼ା, ୧୧।୮ (ସମିସ):

କୋରାପୁଟ ଜିଲ୍ଲା ସେମିଲିଗୁଡା ସହରର ଦୁଇ ସମାଜସେବୀ ଅସହାୟମାନଙ୍କୁ ଜୋତା ବଣ୍ଟନ କରିଛନ୍ତି। ସହରର ଏସ. ଚିନ୍ନା ରାଓ, ସିଏଚ ଆକାଶ ମିଶ ସମିତି ଅନ୍ତର୍ଗତ ଫୁଲବନ୍ଧ, ହଳଦୀବାଡି ଏବଂ ଚିକ୍କଲ ମାରି ଭଳି ଦୂରଦୂରାନ୍ତ ଗାଁରେ ଶହେରୁ ଅଧିକ ଅସହାୟ ଲୋକଙ୍କୁ ଜୋତା ବଣ୍ଟନ କରିଥିଲେ। ନିରକ୍ଷର ଆଦିବାସୀମାନେ ଖାଲିପାଦରେ ବିନା ଜୋତାରେ ବୁଲୁଥିବା ବେଳେ ଦୁଇ ସମାଜସେବୀ ସେମାନଙ୍କର ସାମାଜିକ ସେବାର ଅଂଶ ସ୍ୱରୂପ ଜୋତା ବଣ୍ଟନ କରିଥିଲେ। ସୋମବାର ଉକ୍ତ ଗ୍ରାମରେ ଆୟୋଜିତ କାର୍ଯକ୍ରମରେ ଦୁଇ ସମାଜସେବୀଙ୍କ ଏହି ମହାନ କାର୍ଯକୁ ପ୍ରଶଂସା କରାଯାଇଛି। ପୂର୍ବରୁ ଦେଓମାଳିରେ ସଫେଇ କାର୍ଯ୍ୟକ୍ରମ ମଧ୍ୟ କରିଥିଲେ।।ପରିବେଶ ସୁରକ୍ଷା ପାଇଁ ଲୋକଙ୍କ ମଧ୍ୟରେ ସଚେତନତା ମଧ୍ୟ ସୃଷ୍ଟି କରୁଛନ୍ତି। ଗରିବ ଲୋକସେବାରେ ସାମିଲ ହୋଇ ଖୁସି ଅନୁଭବ ହେଉଛି ବୋଲି ଚିନ୍ନା ରାଓ, ସି ଏଚ ଆକାଶ ମତ ପ୍ରକାଶ କରିଛନ୍ତି।

## ଜାତୀୟ କବାଡି ପ୍ରତିଯୋଗିତାରେ ସୁନାବେଡ଼ାର ଅପରାଜିତା ରଥ




ସୁନାବେଡ଼ା/ଦାମନଯୋଡି,୧୧।୮(ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ପକ୍ଷରୁ ଆୟୋଜିତ ବାଳିକା ବିଭାଗ ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତାରେ ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଅପରାଜିତା ରଥ ଭୁବନେଶ୍ୱର ସମ୍ଭାଗରେ ଭାଗ ନେଇ ସଫଳତା ହାସଲ କରିଛନ୍ତି। ପ୍ରକାଶ ଥାଉ କି ଗତ ବୁଧବାର ଦିନ କର୍ଣ୍ଣାଟକ ରାଜ୍ୟର ବେଙ୍ଗାଲୁରୁ ଡିଆରଡିଓ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଜାତୀୟସ୍ତରୀୟ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ସାରା ଭାରତ ବର୍ଷରୁ ୨୪ଟି ଦଳ ଭାଗ ନେଇଥିଲେ। ଫାଇନାଲରେ ଚେନ୍ନାଇ ସମ୍ଭାଗ ସହ ଭୁବନେଶ୍ୱର ସଂଭାଗ ମଧ୍ୟରେ କବାଡି ପ୍ରତିଯୋଗିତା ହୋଇଥିଲା। ଶେଷରେ ଭୁବନେଶ୍ୱର ସାମ୍ଭାଗ ରର୍ନସ ଅପ ହୋଇ ସଫଳତା ଅର୍ଜନ କରିଛନ୍ତି। ଭୁବନେଶ୍ୱର ଟିମ୍‌ରେ ସୁନାବେଡ଼ା କେନ୍ଦ୍ରୀୟ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଅପରାଜିତା ରଥ ଭାଗ ନେଇ ନିଜର ଖେଳୁଆଡ ମନୋଭାବର ପରିଚୟ ଦେଇ ସଫଳତା ଅର୍ଜନ କରିଛନ୍ତି। ତାଙ୍କର ସଫଳତା ପାଇଁ ସ୍କୁଲର ଅଧ୍ୟକ୍ଷ ଅଶ୍ୱିନୀ କୁମାର ପ୍ରଧାନ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅଞ୍ଚଳବାସୀ ଶୁଭେଚ୍ଛା ଜଣାଇଛନ୍ତି।

# ସିପିଆଇର ବିଜେପି ହଟାଅ, ଦେଶ ବଞ୍ଚାଅ ଅଭିଯାନ

ଜୟପୁର,୧୧।୮(ସମିସ : ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ୧୮ତମ ୨ଦିନିଆ କୋରାପୁଟ ଜିଲ୍ଲା ସମ୍ମିଳନୀ ଆଜି ଜୟପୁର ଠାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ବିଜେପି ଶାସିତ ଓଡ଼ିଶା ଓ ଦେଶରେ ଡବଲ ଇଞ୍ଜିନ ସରକାର ଦେଶକୁ ଧ୍ୱଂସାଭିମୁଖୀ ଆଡକୁ ନେଉଛନ୍ତି। ତେଣୁ ତୁରନ୍ତ ଦେଶରେ ବିଜେପି ହଟାଓ, ଦେଶ ବଞ୍ଚାଅ ଆନ୍ଦୋଳନ ଆରମ୍ଭ କରାଯିବ ବୋଲି ବୈଠକରେ ନିଷ୍ପତି ହୋଇଛି। ଜିଲ୍ଲା ସିପିଆଇ ଅଧିବେଶସନ ଅନ୍ତିମ ଦିବସରେ ଯୁବକ ଯୁବତୀ, ଶ୍ରମିକ, କୃଷକ, ଆଦିବାସୀ, ଦଳିତ, ମହିଳା ବୁଦ୍ଧିଜୀବୀ ସକଳବର୍ଗ ଉପରେ ଦେଶର ଓ ରାଜ୍ୟର ଶାସନ ବ୍ୟବସ୍ଥା ଉପରେ ଅତିଷ୍ଠ ହୋଇଯାଇଛନ୍ତି। ରାଜ୍ୟ ଛାତ୍ରୀ ଓ ଯୁବତୀଙ୍କ ଉପରେ ଯୌନ ଉତ୍ପୀଡନ ଓ ହତ୍ୟା ବୃଦ୍ଧି ପାଇଛି। ନୂତନ ଶିକ୍ଷାନୀତି ନାମରେ ଶିକ୍ଷାକୁ ସଙ୍କୁଚିତ ହୋଇଛି। ସ୍ଥାନୀୟ ସମସ୍ୟା ନେଇ ମଧ ଆଲୋଚନ କରାଯାଇ ରାଜ୍ୟ ସରକାରଙ୍କ ତୁରନ୍ତ ଏହାର ସମାଧାନ କରିବକୁ ଦାବି କରିଥିଲେ। ଆସନ୍ତା ରାଜ୍ୟ ସମ୍ମିଳନୀ ପାଇଁ ଏବଂ ଜଣେ ଜିଲ୍ଲା ସମ୍ପାଦକ, ଦୁଇଜଣ ସହ ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ଜିଲ୍ଲା ସମ୍ପାଦକ ଭାବେ ରାମକୃଷ୍ଣ ଦାଶ, ସହ ସମ୍ପାଦକ କୁମର ଜାନୀ, ବୁଦରା ବଡନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି, ବୈଦ୍ୟନାଥ ଟାକ୍ରି, ପବନ ମହୁରିଆ ଓ ନିମନ୍ତିତ ସଦସ୍ୟ ଭାବେ ବଳଭଦ୍ର ଭୋଇ, ନନ୍ଦ ହରିଜନ ଓ ମିତା ଜାନି ନିର୍ବାଚିତ ହୋଇଛନ୍ତି। ଆସନ୍ତା ୨୪ତମ ଦଳର ରାଜ୍ୟ ସମାବେଶରେ କୋରାପୁଟ ଜିଲ୍ଲାରୁ ଏକ ହଜାରେ କର୍ମୀ



ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ସଂଗଠନକୁ ଚଳଚଞ୍ଚଳ କରିବା ପାଇଁ କେତେକ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଶିଶୁଙ୍କ ଠାରୁ ଆରମ୍ଭ କରି, ଛାତ୍ରଛାତ୍ରୀ, ଜିଲ୍ଲାରୁ ୭ଜଣ ପ୍ରତିନିଧି ଓ ଜଣେ ବିକଳ୍ପ ପ୍ରତିନିଧି ନିର୍ବାଚିତ ହୋଇଛନ୍ତି। ଆଗାମୀ ଜିଲ୍ଲା ସମ୍ମିଳନୀ ପର୍ଯ୍ୟନ୍ତ ୧୯ଜଣିଆ ଜିଲ୍ଲା ପରିଷଦ ଓ ୯ଜଣିଆ କାର୍ଯ୍ୟକାରୀ କମିଟି ଏବଂ ସମର୍ଥକ ଯୋଗ ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଶେଷରେ ଶ୍ରୀ ରାଉଳ ପତକା ଅବତରଣ କରି ନିର୍ବାଚିତ ସମ୍ପାଦକ ଶ୍ରୀ ଦାଶଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ।

# ଗୁରୁକୁଳ ଆଶ୍ରମରେ ବ୍ରତୋପନୟନ



ସେମିଲିଗୁଡା, ୧୧।୮ କୋରାପୁଟ ଜିଲ୍ଲାର ସେମିଲିଗୁଡା ବ୍ଲକ୍ କୁନ୍ଦୁଲି ଆଦିମ ଗୁରୁକୁଳ ଆଶ୍ରମରେ ୨୦ ଜଣ ନୂଆ ବ୍ରହ୍ମଚାରୀଙ୍କ ବ୍ରତୋପନୟନ ସଂସ୍କାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଆଶ୍ରମର ମୁଖ୍ୟ ଆଚାର୍ଯ୍ୟ ବିନୟ କୁମାର ବୈଦିକ ପୌରହିତ୍ୟ କରିଥିଲେ। ଆଚାର୍ଯ୍ୟ ମନୁଦେବ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ଆଶ୍ରମର କୁଳପତି ଜୟରାମ ପାଙ୍ଗି, ନାଲ୍‌କୋ ସିଜିଏମ୍ ସଂଜୟ କୁମାର ପଟ୍ଟନାୟକ, ସିଆଇଏସ୍‌ଏଫ୍ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟ, ଡେପୁଟି କମାଣ୍ଡାଣ୍ଟ ନରେନ୍ଦ୍ର କୁମାର ସିଂ, ଅମୃତସରରୁ ଆସିଥିବା ଇଂଜଦେବ ମନିଷୀ, ଆଶ୍ରମ“ ସଭାପତି ଆନନ୍ଦ କୁମାର ପାଟଓ୍ୱାନିଆ, ସମାଜସେବୀ ହରିବନ୍ଧୁ ବିଶ୍ୱାଳ, ଅନାମଚନ୍ଦ୍ର ନାୟକ, ସ୍ନିଗ୍ଧାରାଣୀ ମିଶ୍ର, ସୁନୀଲ ଅଗ୍ରୱାଲ, ଶିକ୍ଷାବିତ ଡ. ଚିତ୍ତରଞ୍ଜନ ମିଶ୍ର, ଚନ୍ଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଜଳେନ୍ଦ୍ର କୁମାର ତ୍ରିପାଠୀ ଓ ସୁରେନ୍ଦ୍ର କହଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ଅତିଥିମାନଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ଯଜ୍ଞୋପବିତ ଧାରଣ ପରେ ବ୍ରହ୍ମଚାରୀମାନେ ବିଭିନ୍ନ ଶାରୀରିକ କୌଶଳ ପ୍ରଦର୍ଶନ କରିଥିଲେ।

# ସାମ୍ବାଦିକଙ୍କ ପାଇଁ ବଞ୍ଚିଗଲା ଯାତ୍ରୀଙ୍କ ଜୀବନ

ସେମିଲିଗୁଡ,୧୧।୮ (ସମିସ): ଦୁଇ ଜଣ ସାମ୍ବାଦିକ ଦେଖାଇଲେ ମାନବିକତା। ଅସୁସ୍ଥ ରୋଗୀଙ୍କୁ ମିଳିଲା ନୂଆ ଜୀବନ। ବସ୍ ଭିତରେ ଚାଲିଲା ରୋଗୀ ସେବା। ଶେଷରେ ରୋଗୀର ଜୀବନ ବଞ୍ଚିଗଲା। ସୂଚନା ଅନୁଯାୟୀ, ରବିବାର ରାତିରେ ବିଶାଖାପାଟଣାରୁ ଭବାନୀପାଟଣା ଯାଉଥିବା ସରକାରୀ ବସ୍‌ରେ ଜୁନାଗଡ଼ର ଜଣେ ଯାତ୍ରୀ ଭିକାରୀ ଚରଣ ପାଢ଼ୀ ନିଜ ପରିବାର ସହ ଯାତ୍ରା କରୁଥଲେ। ହଠାତ୍ କୁନ୍ଦୁଲି ନିକଟରେ ଛାତିରେ ଯନ୍ତ୍ରଣା ଅନୁଭବ କରି ସେ ତୀବ୍ର ଅସୁସ୍ଥ ହୋଇଗଲେ। ପାଖରେ ଥିବା ତାଙ୍କ ପତ୍ନୀ ବ୍ୟସ୍ତ ହୋଇ ପଡିଲେ। ସମୟ ରାତ୍ର ପ୍ରାୟ ୧ଟା ହେଇଥିବା ବେଳେ ବସ୍‌ରେ ଥିବା ଅନ୍ୟ ଯାତ୍ରୀ ପୁରା ଛାନିଆଁ ହୋଇ କଣ କରିବେ ବୋଲି ଚିନ୍ତା କରିଥିଲେ। ସେହି ସମୟରେ ନବରଙ୍ଗପୁର ଜିଲ୍ଲାର ବସ୍‌ରେ ଥିବା ୨ ଜଣ ସାମ୍ବାଦିକ ଭି.ରାଜା ରେଡ୍ଡୀ ଓ ଏଲ୍.ସନ୍ତୋଷ ରୋଗୀଙ୍କୁ ସୁନାବେଡା ଡାକ୍ତରଖାନା ନେବା ପାଇଁ କହି ଡାକ୍ତରଖାନା ନିକଟରେ ବସ ରଖି ଡାକ୍ତରଙ୍କୁ ସୂଚନା ଦେଇଥିଲେ। ଡାକ୍ତର ରାକେଶ ପ୍ରଧାନ ତୁରନ୍ତ ପହଞ୍ଚି ବସରେ ଥିବା ରୋଗୀଙ୍କୁ ବସରେ ପ୍ରଥମେ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ ଆବଶ୍ୟକୀୟ ଚିକିତ୍ସା ଯୋଗାଇ ଦେଇଥିଲେ। ରୋଗୀର ସ୍ଥିତି ଦେଖି ଡାକ୍ତରଖାନାରେ ରାତିରେ ରଖିବା ପାଇଁ ପରାମର୍ଶ ଦିଆଯାଇଛି। ଦୁଇ ସାମ୍ବାଦିକ ମାନବିକତା ଓ ରାତିରେ ଡକ୍ଟର ରାକେଶ ବସ୍ ପଦାକୁ ଆସି ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରୁ ରୋଗୀ ଜୀବନ ବଞ୍ଚିଗଲା। ଦୁଇ ସାମ୍ବାଦିକ,ଡକ୍ଟରଙ୍କୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ଭିକାରୀ ଚରଣ ପାଢ଼ୀ ବର୍ତ୍ତମାନ କୋରାପୁଟସ୍ଥିତ ଲକ୍ଷ୍ମଣ ନାୟକ ମେଡିକାଲ କଲେଜର ଚିକିତ୍ସା ହେଉଥିବା ସୂଚନା ମିଳିଛି।



## ପିଚୁ ରାସ୍ତା ପାଲଟିଲା କାଦୁଅ ରାସ୍ତା

# ନିମ୍ନମାନର ରାସ୍ତା ନିର୍ମାଣ; ଲୋକେ ହନ୍ତସନ୍ତ

ବୈପାରିଗୁଡା, ୧୧।୮(ସମିସ): ତିନି ବର୍ଷ ଗଲାନି ୩ କୋଟି ଟଙ୍କାର ରାସ୍ତା। ଲଗାଣ ବର୍ଷାରେ ସଂପୂର୍ଣ୍ଣ ଧୋଇଗଲା ପିଚୁ। କାଦୁଅ ପଚପଚ ରାସ୍ତାରେ ହନ୍ତସନ୍ତ ହେଉଛନ୍ତି ପି. ମାଳିଗୁଡା ଗ୍ରାମବାସୀ। ତିନି ବର୍ଷ ତଳେ ଏନବିସିସି ତରଫରୁ ବୋଦାପୁଟ ଆରଡ଼ି ରାସ୍ତା ଠାରୁ ଦଶମନ୍ତପୁର ପଞ୍ଚାୟତର ପି. ମାଳିଗୁଡା ପର୍ଯ୍ୟନ୍ତ ତିନି କିଲୋମିଟର ରାସ୍ତା ତିନି କୋଟି ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଗତବର୍ଷ ଏହି ରାସ୍ତାର ପିଚୁ ଉଠି ଯାଉଥିବା ନେଇ ଅଭିଯୋଗ କରାଯାଇଥିଲେ ମଧ କେହି କର୍ଣ୍ଣପାତ କରିନଥିଲେ। ଚଳିତ ବର୍ଷର ଲଗାଣ ବର୍ଷାରେ ରାସ୍ତାର ପିଚୁ ଉଠି ସଂପୂର୍ଣ୍ଣ ନଷ୍ଟ ହୋଇଯାଇଛି। କାଦୁଅ ପଚପଚ ରାସ୍ତା ଯୋଗୁଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ପି. ମାଳିଗୁଡା ଗ୍ରାମବାସୀ। ବୋଦାପୁଟ ଏବଂ ଦଶମନ୍ତପୁର ଦୁଇଟି ପଞ୍ଚାୟତକୁ ଯୋଗାଯୋଗ ଏକପ୍ରକାର ବିଚ୍ଛିନ୍ନ ହୋଇପଡ଼ିଛି। ପୂର୍ବରୁ ଚାରି ଚକିଆ ଯାନ ଅଥବା ଆମ୍ବୁଲାନ୍ସ ମଧ ଗାଁ ପର୍ଯ୍ୟନ୍ତ ପହଞ୍ଚି ପାରୁଥିଲା। ବର୍ତ୍ତମାନ ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡୁଥିବାରୁ ତିନି ଚକିଆ ଅଟୋ ମଧ ଯିବା କଷ୍ଟକର ହୋଇ ପଡୁଛି। ଗୁରୁତର ରୋଗୀଙ୍କୁ ଦଶମନ୍ତପୁର ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନେବାକୁ କଷ୍ଟକର ହୋଇ ପଡିଛି। ଦଶମନ୍ତପୁର ସାପ୍ତାହିକ ହାଟ, ସ୍କୁଲ କଲେଜ ତଥା ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାକୁ ହେଲେ କାଦୁଅ ପଚପଚ ରାସ୍ତାରେ ଚାଲି ଚାଲି ଦୁଇ କିଲୋମିଟର ଯିବାକୁ ପଡ଼େ। ଏନେଇ ଦଶମନ୍ତପୁର ପଞ୍ଚାୟତ ସରପଞ୍ଚ ଆର୍. ରୋହିତ କୁମାରଙ୍କୁ ଯୋଗାଯୋଗ କରିବାରୁ ସେ ପ୍ରକାଶ କରିଥିଲେ ଯେ, ଏନବିସିସି ରାସ୍ତା କାମ କରିବା ସମୟରେ ମେଟାଲ ନପକାଇ କେବଳ ମୋରମ ମାଟି ଉପରେ ପିଚୁ ଢ଼ାଳି କାମ ସାରି ଦେଇଥିଲା। ବର୍ଷା ଯୋଗୁଁ ସମସ୍ତ ପିଚୁ ଧୋଇ ହେଇଗଲା। ଏଭଳି ନିମ୍ନମାନର ରାସ୍ତା କାମକୁ ନେଇ ତିନିଥର କୋରାପୁଟ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିସହ ପଞ୍ଚାୟତ ଫଣ୍ଡରୁ ୫୦ ହଜାର ଟଙ୍କା ଖର୍ଚ୍ଚ କରାଯାଇ ମରାମତି ମଧ କରାଯାଇଥିଲା। ଚଳିତ ବର୍ଷ ଲଗାଣ ବର୍ଷାରେ ସଂପୂର୍ଣ୍ଣ ଧୋଇଗଲା ରାସ୍ତା। ପି. ମାଳିଗୁଡା ଗ୍ରାମବାସୀଙ୍କ ଏଭଳି ଦୂରାବସ୍ଥା ଦେଖି ଆରଡ଼ି ବିଭାଗ ସହ ଆଲୋଚନା କରି ତୁରନ୍ତ ମରାମତି କରିବା ପାଇଁ କୁହାଯାଇଛି। ଯଥାଶୀଘ୍ର ପି. ମାଳିଗୁଡାର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।



## ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ




ଦେବଗଡ଼,୧୧।୮ (ସମିସ): ଦେବଗଡ଼ ଜିଲ୍ଲା ରାଜସ୍ୱ ଅମଲା ସଂଘ ତରଫରୁ ୧୦ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ରାଜ୍ୟ ରାଜସ୍ୱ ଅମଲା ସଂଘର ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ କାର୍ଯ୍ୟକାରୀ ସଭାପତି କମଳା ପତି ସାହୁ, ସମ୍ପାଦକ ହେରମ୍ବ ନାରାୟଣ ସାହୁ ଏବଂ ରାଜ୍ୟ ପରିଷଦ ଉପଦେଷ୍ଟା ଗିରିଶ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଦେବଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଅମଲା ମାନଙ୍କ ଚାକିରି ପ୍ରବେଶ ମୂଳ ଦରମା ଲେବୁଲ ୯ ଅନୁଯାୟୀ ପ୍ରଦାନ, ରାଜସ୍ୱ ଅମଲା ମାନଙ୍କ କ୍ୟାଡର ଗଠନ, ପ୍ରତି ଅମଲାଙ୍କ ପରିବାରର ପ୍ରତି ସଦସ୍ୟଙ୍କ ବୀମା ପ୍ରଦାନ, ୨୦୨୦ ପୂର୍ବରୁ ଥିବା ନିୟମାନୁସାରେ ପୁନଃ ଥଇଥାନ ନିୟମ ଲାଗୁ କରିବା, ପୁରୁଣା ପେନସନ ଲାଗୁ କରିବା ଆଦି ବିଭିନ୍ନ ଦାବି ସରକାର ଯଥାଶୀଘ୍ର ପୂରଣ କରିବା ଦାବିରେ ଆନ୍ଦୋଳନ ହୋଇଛି। ଅମଲାଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଫଳରେ ଜିଲ୍ଲାର ବ୍ଲକ୍, ତହସିଲ, ଉପଜିଲ୍ଲାପାଳ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଦିରେ କୌଣସି କାର୍ଯ୍ୟ ହୋଇନଥିବା ଦେଖିବାକୁ ମିଳିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶା ଶିଳ୍ପୀ ମହାସଂଘର ଦାବିପତ୍ର

ଝାରସୁଗୁଡ଼ା,୧୧।୮ (ସମିସ)



ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଏବଂ ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା ଆଦି ବିଭିନ୍ନ ଦାବିରେ ଝାରସୁଗୁଡ଼ା ଓଡ଼ିଶା ଶିଳ୍ପୀ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ପୂର୍ବ ବିଜେଡି ସରକାର ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ସାମାଜିକ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା ଲାଗୁ କରିଥିଲେ। ଏହି ଯୋଜନା ଅଧୀନରେ ରାଜ୍ୟର ୧୫୦୦ ପାଖାପାଖି ବରିଷ୍ଠ ବୁଣାକାର ମାସିକ ୨ ହଜାର ଟଙ୍କା ପାଉଛନ୍ତି। ହେଲେ ପରିତାପର ବିଷୟ ଏଯାବତ ଜଣେ ହେଲେବି ହସ୍ତଶିଳ୍ପୀ ଏହି ଯୋଜନାରୁ ଉପକୃତ ହୋଇନାହାନ୍ତି। ସେହିଭଳି ଓଡ଼ିଶା ଶିଳ୍ପୀ ମହାସଂଘର ଉଦ୍ୟମରେ ଗଠିତ ହୋଇଥିବା ରାଜ୍ୟ ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦର ପରିଚାଳନା ବୋର୍ଡ ରାଜ୍ୟ ସରକାର ଗଠନ କରୁନାହାନ୍ତି। ଖଣ୍ଡଗିରି ନିକଟରେ ପରିଷଦର କାର୍ଯ୍ୟାଳୟ ରହିଥିବା ବେଳେ ବୋର୍ଡ ଗଠନ ହୋଇ ନଥିବାରୁ ପରିଷଦ ବର୍ଷେ ହେବ ନିଷ୍କ୍ରିୟ ହୋଇ ପଡି ରହିଛି। ଇତି ମଧ୍ୟରେ ନୂତନ ସରକାରଙ୍କୁ ବର୍ଷେ ପୁରି ସାରିଥିବା ବେଳେ ରାଜ୍ୟ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ନିଦାବିଷ୍ଟୁ ସାଜିଥିବା ଅଭିଯୋଗ କରାଯାଇଛି। ଓଡ଼ିଶା ଶିଳ୍ପୀ ମହାସଂଘର ବାରମ୍ବାର ଦାବି ସତ୍ତ୍ୱେ ରାଜ୍ୟ ସରକାର ଆଦୌ କର୍ଣ୍ଣପାତ କରୁନାହାନ୍ତି। ରାଜ୍ୟର ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ଅବିଚାର ପ୍ରତିବାଦରେ କାରିଗର ବହୁଳ ସମସ୍ତ ଜିଲ୍ଲାରେ ଆନ୍ଦୋଳନ ଗଢ଼ି ତୋଳିବାକୁ ଓଡ଼ିଶା ଶିଳ୍ପୀ ମହାସଂଘ ନିଷ୍ପତ୍ତି ନେଇଛି। ଏହି କ୍ରମରେ ବରିଷ୍ଠ ବୁଣାକାର ଓ କାରିଗର ସହାୟତା ଯୋଜନା, ଓଡ଼ିଶା ହସ୍ତତନ୍ତ ଓ ହସ୍ତଶିଳ୍ପ ବିକାଶ ଓ ଉନ୍ନୟନ ପରିଷଦକୁ କାର୍ଯ୍ୟକାରୀ କରିବା, ହସ୍ତଶିଳ୍ପ ଓ ହସ୍ତତନ୍ତ୍ର କ୍ଷେତ୍ରର ବଜେଟକୁ ୫ ହଜାର କୋଟି କରିବା ଆଦି ଦାବିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସୋମବାର ଝାରସୁଗୁଡ଼ା ଜିଲ୍ଲାର ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ପୂର୍ବ ସରକାର ସମୟରୁ ଲାଗୁ କରା ଯାଇଥିବା ମୁଖ୍ୟମନ୍ତ୍ରୀ ବରିଷ୍ଠ ବୁଣାକାର ଓ କାରିଗର ମାସିକ ଆର୍ଥିକ ସହାୟତା ଯୋଜନାର ନିୟମାନୁଯାୟୀ ଯୋଗ୍ୟ ହସ୍ତଶିଳ୍ପୀ ଓ ବୁଣାକାରଙ୍କୁ ଯଥାଶୀଘ୍ର ପ୍ରଦାନ କରିବା, ମାସିକ ସହାୟତା ରାଶିକୁ ୨ ହଜାରରୁ ବୃଦ୍ଧି କରି ୫ ହଜାର କରିବା, ତତ୍‌ସହିତ କାରିଗରୀ ବା ବୁଣା କାମରେ ନିୟୋଜିତ ପରିବାରର ସମସ୍ତ ସଦସ୍ୟଙ୍କୁ ଏହି ଯୋଜନାରେ ସାମିଲ କରିବା ଭଳି ତିନି ଗୋଟି ଦାବି ମହାସଂଘ ଦାବିପତ୍ରରେ ଉଲ୍ଲେଖ କରିଛି।

ସୂଚନା ଥାଉକି, ଏହି ଯୋଜନାରେ କଳାକାରଙ୍କ ଭଳି ୪୦ ବର୍ଷରୁ ଉର୍ଦ୍ଧ୍ୱ ମହିଳା ଓ ୫୦ ବର୍ଷରୁ ଉର୍ଦ୍ଧ୍ୱ ପୁରୁଷ ବୁଣାକାର ଏବଂ କାରିଗରଙ୍କୁ ମାସିକ ମାତ୍ର ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା ରହିଛି। ଉତ୍କର୍ଷ କଳାର ରାଜ୍ୟ ଆମ ଓଡ଼ିଶା। ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ହସ୍ତଶିଳ୍ପ ଓ ହସ୍ତତନ୍ତ କ୍ଷେତ୍ରରେ ନିୟୋଜିତ ଅଛନ୍ତି। ଓଡ଼ିଶା ଅସ୍ମିତାର ପରିଚୟ ଆମ ଶିଳ୍ପୀ ଓ ବୁଣାକାର ଜାତି ଆମ ପାରମ୍ପରିକ କଳାକାରିଗରୀକୁ ବଞ୍ଚାଇ ଆସିବା ସହ ଆମ ରାଜ୍ୟକୁ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ପୂର୍ବ ସରକାର କରିଥିବା ଅନେକ ଯୋଜନା ଏବେର ସରକାର ଜାରି ରଖିଥିବା ବେଳେ ହସ୍ତଶିଳ୍ପୀ ଓ ବୁଣାକାରଙ୍କ ପ୍ରତି ବୈମାତୃକ ଭାବକୁ ଓଡ଼ିଶା ଶିଳ୍ପୀ ମହାସଂଘ ଦୃଢ଼ ନିନ୍ଦା କରିଛି। ଦାବିପତ୍ର ପ୍ରଦାନ ବେଳେ ଝାରସୁଗୁଡ଼ା ଜିଲ୍ଲାର ଶହଶହ କାରିଗର ଓ ବୁଣାକାର ସାମିଲ ହୋଇଥିଲେ।

କାର୍ଯ୍ୟକ୍ରମରେ ମହାସଂଘର ରାଜ୍ୟ ସମ୍ପାଦକ ପ୍ରିୟରଞ୍ଜନ କର, ଜିଲ୍ଲା ସଭାପତି କଳ୍ପନା ରଣା, ରୋହିତ ରଣା, ବିକାଶ ରଣା, ପରିକ୍ଷିତ ପଟେଲ, ଜୋସ୍ନା ଭୋଇ, ତନୁଜା ମିଶ୍ର, ଟଙ୍କଧର ରଣା, ଦିଲେଶ୍ୱର ମେହେର ପ୍ରମୁଖ ନେତୃତ୍ୱ ନେଇଥିଲେ।

## ବନ୍ଧବାହାଲ ହାଇସ୍କୁଲରେ ସଂସ୍କୃତ ସପ୍ତାହ




ଇବଥର୍ମାଲ,୧୧।୮ (ସମିସ): ଲଖନପୁର ଶିକ୍ଷା ବ୍ଲକ୍ ଅଧୀନ ବନ୍ଧବାହାଲ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନଶିକ୍ଷକ ସନ୍ତୋଷ ବଳିୟାରସିଂହ କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ। ସଂସ୍କୃତ ଶିକ୍ଷକ ନିରଞ୍ଜନ ପତି ଛାତ୍ରଛାତ୍ରୀଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ସଂସ୍କୃତ ଭାଷାର ମହତ୍ତ୍ୱ ସମ୍ପର୍କରେ କହିଥିଲେ। ଅତିଥି ଭାବେ ଗୀତାଞ୍ଜଳୀ ପଣ୍ଡା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଶେଷରେ ଶିକ୍ଷକ ଭୀଷ୍ମଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ଅଷ୍ଟମ, ନବମ, ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇଥିବା ବେଳେ ସ୍କୁଲ କର୍ମଚାରୀ ରବୀନ୍ଦ୍ରନାଥ ପଣ୍ଡା ଓ ଦୁର୍ଯ୍ୟୋଧନ ସାହୁ ସହଯୋଗ କରିଥିଲେ।

## ବନ୍ଧବାହାଲରେ ସଙ୍କୁଳସ୍ତରୀୟ ବିଜ୍ଞାନମେଳା

ଇବଥର୍ମାଲ,୧୧।୮ (ସମିସ): ସଙ୍କୁଳସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ବନ୍ଧବାହାଲ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ବ୍ରଜରାଜନଗର ସଙ୍କୁଳ ପ୍ରମୁଖ ଯୋଗେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଲଖନପୁର ରାଜେନ୍ଦ୍ର ସାହୁ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରମୁଖ ବିଜୟ ଦାସ ଉପସ୍ଥିତ ଥିଲେ। ସଙ୍କୁଳ ପ୍ରମୁଖ ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଅଚାର୍ଯ୍ୟ ଅରୁଣ ସାହୁ ଅତିଥି ପରିଚୟ କରିଥିଲେ। ସଂସ୍କୃତିବୋଧ ପରିଯୋଜନାର ୩ଟି ଇଭେଣ୍ଟ, ଗଣିତ ବିଭାଗରେ ୧୧ ଟି ଏବଂ ବିଜ୍ଞାନ ବିଭାଗରେ ୧୫ଟି ଇଭେଣ୍ଟରେ ୨୬୩ ଜଣ ଭାଇ ଭଉଣୀ ଭାଗ ନେଇଥିଲେ। ବିଜ୍ଞାନ ପ୍ରକଳ୍ପ, ଗଣିତ ପ୍ରକଳ୍ପ, ଗଣିତ ପ୍ରୟୋଗ, ବିଜ୍ଞାନ ପ୍ରୟୋଗ, ପତ୍ରବାଚନ, ମୂର୍ତ୍ତୀ କଳା, କଥା କଥନ, ତତ୍କାଳୀକ ଭାଷଣ, ଦେଶଭକ୍ତି ଗୀତ, ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଗୁଡିକ ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାକୁ ପରିଚାଳନା କରିବା ନିମନ୍ତେ ବିଭିନ୍ନ ବିଭିନ୍ନ



ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଗଣ ଉପସ୍ଥିତ ଥିଲେ। ପରମାନନ୍ଦ ବାରିକ, ଶିବ ଶଙ୍କର ମେହେର, ସୁଶାନ୍ତ ପ୍ରଧାନ, ପ୍ରମୋଦ ପ୍ରଧାନ, ଶୁକଦେବ ପ୍ରଧାନ, ପ୍ରଭାତ ସାହୁ, ନିତେଶ ବାରିକ, ସୁସ୍ମିତା ଦାସ, ଲୋପାମୁଦ୍ରା ମହାନ୍ତ ପ୍ରମୁଖ ବିଚାରକ ଦାୟିତ୍ୱ ତୁଲାଇ ଥିଲେ। ସଂସ୍କୃତି ବୋଧର ପ୍ରତିଯୋଗିତା ଗୁଡିକୁ ବିଚାରକ ଭାବେ ଉମାକାନ୍ତ ପଣ୍ଡା, ଫକିର ସାହୁ, ନବୀନ ଭୋଇ, ସନ୍ତୋଷ ପ୍ରଧାନ, ରବୀନ୍ଦ୍ର ଗିରି ଦାୟିତ୍ୱ ତୁଲାଇ ଥିଲେ। ସେହିପରି ସମାପନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପବିତ୍ର ନାୟକ ସିନୟର ମ୍ୟାନେଜର ସିଏସ୍‌ଆର୍, ଲଖନପୁର ଏରିଆ, ଏମସିଏଲ୍, ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଯଶୋବନ୍ତ ପାଳ, ଆଦିତ୍ୟ ସିଂହ ଦେଓ, ମଞ୍ଜୁଲତା ଭୂମିଜ, ପୁଷ୍ପାଞ୍ଜଳି ବାରିକ ଏବଂ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କୁମୁଦ ଚନ୍ଦ୍ର ସାମଲ, ଯୋଗେନ୍ଦ୍ର ଠାକୁର, ସନ୍ତୋଷରଥ, ପ୍ରଦୀପଖମାରୀ, ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁଜୀ ରାକେଶ ପଣ୍ଡା ଇଭେଣ୍ଟ ଗୁଡିକୁ ପରିଚାଳନା କରିଥିଲେ। ଏହି ସଙ୍କୁଳ ଜ୍ଞାନ ବିଜ୍ଞାନ ମେଳାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଭାଇ ଭଉଣୀ ମାନେ ଆଗାମୀ ବିଭାଗ ଏବଂ ସମ୍ଭାଗ ଜ୍ଞାନ ବିଜ୍ଞାନ ମେଳରେ ଭାଗ ନେଇପାରିବେ। ପ୍ରଶ୍ନମଞ୍ଚ ପ୍ରତିଯୋଗିତା ଗୁଡିକୁ ପରିଚାଳନା କରିବା ପାଇଁ ୨୦ଜଣ ଗୁରୁଜୀ ଗୁରୁମା ବିଭିନ୍ନ ଶିଶୁ ମନ୍ଦିରରୁ ଆସିଥିଲେ। ପରିଚାଳନା ପାଣ୍ଡବ ସା ଗୁରୁଜୀ କରିଥିବାବେଳେ ଧନ୍ୟବାଦ ଅର୍ପଣ ସମ୍ପାଦକ ଅଭିନ ରାଉତ କରିଥିଲେ।

## ଦାଦାବଟି ମାଗି ୨ ଗିରଫ

ଝାରସୁଗୁଡ଼ା,୧୧।୮ (ସମିସ): ଝାରସୁଗୁଡ଼ା ଜିଲ୍ଲା ଓରିଏଣ୍ଟ ଥାନା ଅଧୀନ ମଣ୍ଡାଳିଆରେ ଜଣେ ଫର୍ଣ୍ଣିଚର ଦୋକାନୀଙ୍କୁ ଦାଦାବଟି ମାଗିବା ସହ ମାରପିଟ କରି ୨ ଜଣ ଗିରଫ ହୋଇଛନ୍ତି। ଗିରଫ ଅଭିଯୁକ୍ତ ମାନେ ଅଭିନନ୍ଦନ ସୋନି(୩୦), ରଘୁନନ୍ଦନ ରଜକ(୨୪) ବୋଲି ଓରିଏଣ୍ଟ ପୁଲିସ ସୂଚନା ଦେଇଛି। ଗତ ୧୦ ତାରିଖ ପପୁ ଶର୍ମାଙ୍କ ମଣ୍ଡଲିଆ ସ୍ଥିତ ଫର୍ଣ୍ଣିଚର ଦୋକାନକୁ ରାତି ପ୍ରାୟ ୯ ଟାରେ ଏକ ସ୍କୁଟିରେ ଅଭିନନ୍ଦନ, ରଘୁନନ୍ଦନ ଏବଂ ପିଣ୍ଟୁ ରଜକ ଆସି ଦୋକାନକୁ ଭଲ ଭାବେ ଚଳାଇବା ପାଇଁ ପ୍ରତି ମାସରେ ଦାଦା ବଟି ଭାବେ ୧୦,୦୦୦ ଟଙ୍କା ଦାବି କରିଥିଲେ। ପପୁ ଟଙ୍କା ଦେବାକୁ ମନା କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ମାଡ ମାରିବା ସହ ହତ୍ୟା କରିବାକୁ ଧମକ ଦେଇଥିଲେ। ଏନେଇ ପପୁ ଓରିଏଣ୍ଟ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ପୁଲିସ ସ୍କୁଟି ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହାସହ ଅଧିକ ତଦନ୍ତ ଜାରି ରଖିଥିବା ନେଇ ଓରିଏଣ୍ଟ ପୁଲିସ ସୂଚନା ଦେଇଛି।



## ହର୍ ଘର୍ ତ୍ରିରଙ୍ଗା କାର୍ଯ୍ୟକ୍ରମ



ଝାରସୁଗୁଡ଼ା,୧୧।୮ (ସମିସ): ଝାରସୁଗୁଡ଼ାରେ ସୋମବାର ଭାରତୀୟ ଜନତା ପାର୍ଟି ପକ୍ଷରୁ ଘର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝାରସୁଗୁଡ଼ା ପୁରୁଣା ବସ୍‌ଷ୍ଟାଣ୍ଡ ଠାରୁ ମନମୋହନ ଏମଇ ସ୍କୁଲ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ରାଲି ଆୟୋଜିତ କରାଯାଇଥିଲା। ରାଲିରେ ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଧାୟକଙ୍କ ସହିତ ଜିଲ୍ଲା ସଭାପତି ରଘୁନନ୍ଦନ ପଣ୍ଡା, ଝାରସୁଗୁଡ଼ା ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଲ, ଅରବିନ୍ଦ ପାଠକ, ବରିଷ୍ଠ ନେତା ସୁନୀଲ ପଣ୍ଡା, ସନ୍ତୋଷ ଯାଦବ, ପୁରୁଷୋତ୍ତମ ଥିରାଣୀ, ଯୁବ ମୋର୍ଚ୍ଚା ସଭାପତି ବିବେକ ଶ୍ରୀବାସ, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମସେନ ରାୟ, ବିଜୟ ଶର୍ମା ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଓ ଜନସାଧାରଣ ରାଲିରେ ଯୋଗ ଦେଇଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ସ୍ୱଭାବ କବିଙ୍କ ଜୟନ୍ତୀ

ବନ୍ଧବାହାଲ/ଝାରସୁଗୁଡ଼ା,୧୧।୮ (ସମିସ): ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ ପରିସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ହୋତା ନିଜ ବକ୍ତବ୍ୟରେ ସ୍ୱଭାବ କବିଙ୍କ ଓଡ଼ିଆ ସାହିତ୍ୟକୁ ଅବଦାନ ଓ ତାଙ୍କ ସାହିତ୍ୟର ମୌଳିକତା ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଧାରିତ ବକ୍ତବ୍ୟ ଉପସ୍ଥାପନା କରାଯାଇଥିଲା। ମଞ୍ଚ ପରିଚାଳନା ସାଙ୍ଗକୁ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ।



## ସାର ଦୋକାନ ସିଲ୍ କଲା ଜିଲ୍ଲା ପ୍ରଶାସନ



ଦେବଗଡ଼,୧୧।୮ (ସମିସ): ଦେବଗଡ଼ ଜିଲ୍ଲାର ଗ୍ରାମାଞ୍ଚଳରେ ରାସାୟନିକ ସାରର କଳାବଜାର ଅଭିଯୋଗ ନେଇ ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଏହାପରେ ସୋମବାର ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବାରକୋଟ ବ୍ଲକ୍ ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ସହକାରୀ କୃଷି ଅଧିକାରୀ ଦିପ୍ତିମୟୀ ଗଡନାୟକଙ୍କ ଏକ ସ୍କ୍ୱାର୍ଡ ଗଠନ ହୋଇଥିଲା। ଅତିରିକ୍ତ ଟେକ୍ନିସିଆନ ମ୍ୟାନେଜର ସଦାନନ ଦେହୁରୀ ଓ ଅତିରିକ୍ତ ତହସିଲଦାର ୱାସିମ୍ ଅହମ୍ମଦ ମିଳିତ ଭାବେ ବାରକୋଟ ବ୍ଲକ୍‌ର ବିଭିନ୍ନ ସ୍ୱୀକୃତିପ୍ରାପ୍ତ ଅଣସ୍ୱୀକୃତିପ୍ରାପ୍ତ ସାର ଗୋଦାମର ତଦାରଖ କରିଥିଲେ। ଦଣ୍ଡାସିଂହା ଗାଁର ନିରଞ୍ଜନ ଦେହୁରୀଙ୍କ ସାର ଦୋକାନ ଯାଞ୍ଚ ବେଳେ ତାଙ୍କର ଅନିୟମିତତା ଥିବା ହେତୁ ତାଙ୍କର ଦୋକାନଟିକୁ ସିଲ କରାଯାଇଥିବା ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

## ସାମ୍ବାଦିକ ସମ୍ମିଳନୀରେ ଭୋଟ ଚୋରି ଅଭିଯୋଗ ଆଣିଲା କଂଗ୍ରେସ




ଦେବଗଡ଼,୧୧।୮ (ସମିସ): ସାରା ଦେଶରେ ଜନ ସଚେତନତା କରିବା ଲକ୍ଷ୍ୟରେ ପ୍ରଦେଶ କଂଗ୍ରେସ କମିଟିର ନିର୍ଦ୍ଦେଶରେ ରାଜ୍ୟର ସମସ୍ତ ଜିଲ୍ଲାରେ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଛି। ଦେବଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଧ୍ୟ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା ସଂଯୋଜକ ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦେଶରେ ଭୋଟ ଚୋରି ହେଉଥିବା ନେଇ କଂଗ୍ରେସ ଅଭିଯୋଗ କରିଛି। ଭୋଟ ଚୋରି ପଛରେ କେନ୍ଦ୍ରର ବିଜେପି ସରକାର ଓ ଭାରତୀୟ ନିର୍ବାଚନ କମିଶନ ସମ୍ପୃକ୍ତ ଥିବା କଂଗ୍ରେସ ଖୋଲା ଅଭିଯୋଗ କରିଛି। ଏଥିସହ ସଂସଦରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଭାରତୀୟ ନିର୍ବାଚନ କମିଶନଙ୍କ ଠାରୁ ଡିଜିଟାଲ ଡାଟା ବାରମ୍ବାର ମାଗିଥିଲେ ମଧ୍ୟ ନିର୍ବାଚନ କମିଶନ ଦେବାକୁ ମନା କରିବା ଏବଂ ଦେଶର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ଭୋଟ ପ୍ରକ୍ରିୟାରେ ଅସାମାନତା ଭୋଟ ଚୋରିର ପ୍ରମାଣ କରୁଥିବା କଂଗ୍ରେସ ଅଭିଯୋଗ କରିବା ସହ ଭାରତୀୟ ନିର୍ବାଚନ କମିଶନ କେନ୍ଦ୍ର ସରକାରଙ୍କ ହାତ ବାରିସୀ ସାଜି ଦେଶରେ ଗଣତନ୍ତ୍ରକୁ ହତ୍ୟା କରୁଥିବା ଅଭିଯୋଗ କରିଛନ୍ତି। କେନ୍ଦ୍ର ବିଜେପି ସରକାର କ୍ଷମତା ଲାଳସାରେ ହୀନ ରାଜନୀତି କରୁଥିବା ବେଳେ ଜନସାଧାରଣ ଗଣତନ୍ତ୍ରର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦେଇଛି।

## ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଦେବଗଡ଼,୧୧।୮ (ସମିସ): ବାରକୋଟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୨୨ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୧୬ଟି ବ୍ୟକ୍ତିଗତ ଏବଂ ୬ଟି ସାମୂହିକ ଅଭିଯୋଗ ରହିଥିଲା। ବିଶେଷ କରି ଶିକ୍ଷକ ନିଯୁକ୍ତି, ନଳକୂପ, ଜମିବାଡି ବିବାଦ, ଅନ୍ତ୍ୟୋଦୟ ଚାଉଳ, ଚାଷୀ ନାମ ପଞ୍ଜୀକରଣ, ବାରକୋଟ ଶବ ବ୍ୟବଚ୍ଛେଦ ଗୃହ କାର୍ଯ୍ୟକାରୀତା, ଚିନାବାଦାମ ବିକ୍ରି, କଲା ମାର୍କେଟ କମ୍ପ୍ଲେକ୍ସରେ ଏଟିଏମ୍ ଭଡା ପ୍ରମୁଖ ସମାଧାନ ପାଇଁ ଅଭିଯୋଗ ହୋଇଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ଆରକ୍ଷୀ ଅଧିକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ମିଞ୍ଜ, ଉପଜିଲ୍ଲାପାଳ ପରକ୍ଷିତ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ନାୟକ, ଅତିରିକ୍ତ ତହସିଲଦାର ଶିବବ୍ରତ ନାୟକ, ଡେପୁଟି କଲେକ୍ଟର ଏଜଲୀନ ବାରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ରାସ୍ତା କଡ଼ରୁ ଦୁଇ ନାବାଳିକା ଉଦ୍ଧାର

ଦେବଗଡ଼,୧୧।୮ (ସମିସ)

ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ସୋମବାର ନିଜ ଗାଡି ଯୋଗେ ବାରକୋଟରୁ ଦେବଗଡ଼ ଅଭିମୁଖେ ଆସୁଥିବା ବେଳେ ଚନ୍ଦନଖୁଣ୍ଟି ଗାଁ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡ଼ରୁ ଅସହାୟ ଅବସ୍ଥାରେ ଦୁଇ ଜଣ ନାବାଳିକାଙ୍କୁ ଉଦ୍ଧାର କରିଥିବା ଜଣାପଡିଛି। ଚନ୍ଦନଖୁଣ୍ଟି ଗାଁ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ କଡ଼ରେ ୨ ଜଣ ନାବାଳିକା ଭଉଣୀ ଅସହାୟ ଅବସ୍ଥାରେ ବ୍ୟାଗ ଖଣ୍ଡିଏ ଧରି ଚାଲିଚାଲି ଯାଉଥିଲେ। ସାନ ଭଉଣୀ ଚାଲି ପାରୁ ନଥିବାରୁ ବଡ଼ ଭଉଣୀ ଗୋଟିଏ ହାତରେ ବ୍ୟାଗ ଓ ଗୋଟିଏ ହାତରେ ସାନ ଭଉଣୀକୁ କାଖେଇ ଧୀରେ ଧୀରେ ଚାଲି ଯାଉଥିଲା। ଏହା ଦେଖି ବିଧାୟକ ଶ୍ରୀ ବିଶ୍ୱାଳ ନିଜ ଗାଡି ଅଟକାଇ ନାବାଳିକା ଭଉଣୀ ଦ୍ୱୟଙ୍କ ସହ କଥାବାର୍ତ୍ତା କରିଥିଲେ। କଥାବାର୍ତ୍ତା ପରେ ସେମାନେ ଉଟୁଣିଆମୁଣ୍ଡା ଗାଁର ଏବଂ ମଦ୍ୟପ ବାପା ଓ ମାଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ଘର ଛାଡି ଉଟୁଣିଆମୁଣ୍ଡା ଠାରୁ ଚାଲିଚାଲି ବଣେଇ ସ୍ଥିତ ନିଜ ମାମୁଁ ଘର ଅଭିମୁଖେ ଯାଉଥିବା ପ୍ରକାଶ କରିଥିଲେ। ବିଧାୟକଙ୍କ ସହ ଥିବା କିଛି ଯୁବ ନେତା ନାବାଳିକା ଦ୍ୱୟଙ୍କୁ ନିକଟସ୍ଥ ଏକ ଢାବାରେ ଖୁଆଇଥିଲେ। ପରେ ବାରକୋଟ ପଞ୍ଚାୟତ ସମିତିରେ ଚାଲିଥିବା ଜିଲ୍ଲାପାଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କୁ ସୂଚନା ଦେଇଥିଲେ।



ଶ୍ରୀ ମହାପାତ୍ର ଓ ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ ଢାବାରେ ପହଞ୍ଚି ନାବାଳିକା ଦ୍ୱୟଙ୍କୁ ଉଦ୍ଧାର କରି ତଦନ୍ତ ପାଇଁ ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତା ନାବାଳିକା ଦ୍ୱୟଙ୍କୁ ଶିଶୁ ମଙ୍ଗଳ କମିଟି ପାଖରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଉପସ୍ଥାପିତ କରିଥିଲେ।

## ଶିଶୁକୁ ରକ୍ଷା କରିବାକୁ ଯାଇ ଓଲଟିଲା କାର୍

ଝାରସୁଗୁଡ଼ା,୧୧।୮ (ସମିସ): ଜାତୀୟ ରାଜପଥ ୪୯ ଝାରସୁଗୁଡ଼ା ଜିଲ୍ଲା ବଞ୍ଜାରୀ ଛକ ନିକଟରେ ଏକ ମାରୁତି ଭ୍ୟାନ ଦୁର୍ଘଟଣା ଗ୍ରସ୍ତ ହୋଇଛି। ରାସ୍ତା ପାରି ହେଉଥିବା ଏକ ଶିଶୁକୁ ବଞ୍ଚାଇବାକୁ ଚେଷ୍ଟା କରି ଗାଡିଟି ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି। ସୋମବାର ଲଖନପୁର ପଟୁ ବେଲପାହାଡ ପଟକୁ କିଛି ସାମଗ୍ରୀ ନେଇ ମାରୁତି ଭ୍ୟାନଟି ଯାଉଥିଲା। ତେବେ ହଠାତ ଏକ ଶିଶୁ ରାସ୍ତା ଉପରକୁ ଆସି ଯାଇଥିଲା। ଶିଶୁକୁ ରକ୍ଷା କରିବା ପାଇଁ ଡ୍ରାଇଭର ଜଣକ ଚେଷ୍ଟା କରିବାରୁ ଗାଡିଟି ରାସ୍ତା ତଳକୁ ଖସି ପଡିଥିଲା। ଫଳରେ ଉଭୟ ଭ୍ୟାନ୍ ନ୍ଲକ ଏବଂ ଶିଶୁ ସାମାନ୍ୟ ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଚିକିତ୍ସାଳୟ ପଠାଇଛନ୍ତି।



# ବିଜେପି କର୍ମୀଙ୍କ ଛକାପଞ୍ଝାରେ ବଳି ପଡ଼ିଛି ଧାନଖଳା

କୋକସରା,୧୧।୮ (ସମିସ)



କୋକସରା ବ୍ଲକ୍ ବଡ଼ପୋଡ଼ାଗୁଡ଼ା ପଞ୍ଚାୟତର ତଲାଗାଁ ବଜାର ପଡ଼ିଆ ନିକଟରେ ନିର୍ମାଣାଧୀନ କଂକ୍ରିଟ ଧାନଖଳା ବିଜେପି କର୍ମୀଙ୍କ ଛକାପଞ୍ଝା ଯୋଗୁ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଏହାକୁ ନେଇ ଚାଷୀ ମହଲରେ ଘୋର ଅସନ୍ତୋଷ ଦେଖାଦେଇଛି। ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ୨୦୨୩/୨୪ ଆର୍ଥିକ ବର୍ଷରେ ୭ଲକ୍ଷ ୩୭ ହଜାର ବ୍ୟୟ ଅଟକଳରେ ଏହି କଂକ୍ରିଟ ଧାନଖଳା ନିର୍ମାଣ କାମ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ନାମକୁ ମାତ୍ର ବିଭାଗ ସମ୍ପାଦନ କରୁଛି। ପ୍ରକୃତକ ଆମପାଣି ମଣ୍ଡଳ ବିଜେପିର ଆଗଧାଡିର ଜଣେ ପଦାଧିକାରୀ ଏହି କାମ କରୁଛନ୍ତି। ଏହି କାମର ଭାଗବଣ୍ଟାକୁ ନେଇ ଆରମ୍ଭରେ ସମ୍ପୃକ୍ତ ଆଗଧାଡିର ବିଜେପି କର୍ମୀ ଓ ଦଳର ଅନ୍ୟକର୍ମୀଙ୍କ ମଧ୍ୟରେ ବୁଝାମଣା ଅଭାବ ଓ ଅସନ୍ତୋଷ ଦେଖା ଦେଇଥିଲା। ଏଥିଲାଗି ଚାଷୀମାନଙ୍କ ସ୍ୱାର୍ଥ ବଳି ପଡ଼ିଯାଇଛି। ଶାସକ ଦଳର ବିଧାୟକଙ୍କ ପାଖଲୋକ ବୋଲି କାମ କରୁଥିବା ବ୍ୟକ୍ତି ଜଣକ କାର୍ଯ୍ୟ ଆରମ୍ଭରେ ଚାଷୀଙ୍କ କଥାକୁ ଅଣଦେଖା କରିଥିଲେ। ଚାଷୀ ନିରୂପଣ କରିଥିବା ସ୍ଥାନରେ କାର୍ଯ୍ୟ କରି ନିଜ ଇଚ୍ଛାରେ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାକୁ ନେଇ ଚାଷୀ ଅନେକ ସମୟରେ ବିଡ଼ିଓ ଏବଂ ତହସିଲଦାରଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଥିଲେ; ହେଲେ କିଛି ଲାଭ ହୋଇନି। ବର୍ତ୍ତମାନ ଚାଷ କାର୍ଯ୍ୟ ଆଗେଇ ଚାଲିଛି। କିଛିଦିନ ଭିତରେ ଫସଲ ଅମଳ ହେବ; ହେଲେ କଂକ୍ରିଟ ଧାନଖଳା ନିର୍ମାଣ କାମ ସରୁ ନ ଥିବାରୁ ଏହା କାମରେ ଲାଗିବନି। ତେଣୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଜନସ୍ୱାର୍ଥକୁ ଅଣଦେଖା କରି ଦଳୀୟ କର୍ମୀ ଓ ଠିକାଦାରଙ୍କ ସ୍ୱାର୍ଥକୁ ଆଗ ପ୍ରାଧାନ୍ୟ ଦିଆଯାଉଥିବା ଲୋକେ ଅଭିଯୋଗ କରିଛନ୍ତି।

**ବର୍ଷେ ହେବ ସରିପାରୁନି କାମ**

## ବିକାଶ ଉଚ୍ଚ ଶିକ୍ଷା ଅନୁଷ୍ଠାନ ସମୂହର ପ୍ରଥମ ସ୍ନାତକ ଦିବସ

ଭବାନୀପାଟଣା,୧୧।୮ (ସମିସ): ଭବାନୀପାଟଣାସ୍ଥିତ ଓ୍ୱିସଡୋମ ପାର୍କରେ ବିକାଶ ଉଚ୍ଚ ଶିକ୍ଷା ଅନୁଷ୍ଠାନ ସମୂହର ପ୍ରଥମ ସ୍ନାତକ ଦିବସ ପାଳିତ ହୋଇଛି। ଏଥିରେ ଜିଆଇଟିୟୁର କୁଳପତି ଡ. ଏଭିଏନଏଲ ଶର୍ମା ଓ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ନେହେରୁ ସେବା ସଂଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ବିବିଏ ଟପର ସ୍ନେହା ସୁଚିତ୍ରା ମୁଣ୍ଡ ଓ ବିସିଏ ବିଭାଗର ବିଶ୍ୱବିଦ୍ୟାଳୟ ଟପର ପ୍ରିୟଙ୍କା ମାଝୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା। ସେମାନଙ୍କ ଅଭିଭାବକଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ ଓ ଡି. ରାଜ କୁମାର ସ୍ନାତକ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ଲକ୍ଷ୍ୟ ପଥରେ ପହଞ୍ଚିବା ପାଇଁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ସେହିଭଳି ଅନୁଷ୍ଠାନର ଶିକ୍ଷାପ୍ରଭାରୀ ଡ. ବିଜୟ ଓ ପରିଚାଳନା ସମିତି ସଦସ୍ୟା ଡି. ପଦ୍ମିନୀ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଡ. ସୁଦୀପ୍ତ ଜାନା, ଡ. ଆଦିତ୍ୟ ପଟ୍ଟନାୟକ, ବିକାଶ +୨ ମହାବିଦ୍ୟାଳୟର ଅଧ୍ୟକ୍ଷ ଯୁବରାଜ ନାୟକ, ନାରାୟଣ ମହାନ୍ତି, ଗୁପ୍ତେଶ୍ୱର ଖୁଣ୍ଟିଆ, ଅମୀୟ ରଞ୍ଜନ ମହାନ୍ତି ପ୍ରମୁଖ ସୁପରିଚାଳନାରେ ସହଯୋଗ କରିଥିଲେ। ଅଧ୍ୟାପିକା ପ୍ରଜ୍ଞା ପରାମିତା ଜେନା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ପୂଜାରାଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗ୍ରାହକ-ମଦଭାଟି କର୍ମଚାରୀ ହାତାହାତି

ଗୋଲାମୁଣ୍ଡା,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ବଡ଼ଚେର ଗାଁ ପଞ୍ଚାୟତ କୁଟ୍ରାବାହେଲି ମଦଭାଟିରେ ଗ୍ରାହକ-କର୍ମଚାରୀ ହାତାହାତି ହୋଇଛନ୍ତି। କେତେକ କର୍ମଚାରୀ ମିଶି ଦୁଇ ଜଣ ଗ୍ରାହକଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ବଡ଼ଚେରଗାଁରଜଣେ ଓ ପୁଟିଆଚୁରା ଗାଁର ଜଣେ ବ୍ୟକ୍ତି କାଉଣ୍ଟରକୁ ଯାଇଥିଲେ। ସେହି ସମୟରେ ଟଙ୍କା ପାଇଁ ଭାଟି କର୍ମଚାରୀ ଓ ସେହି ଦୁଇ ଜଣଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ରାଗିଯାଇ କେତେକ କର୍ମଚାରୀ ଓ ମ୍ୟାନେଜର ମିଶି ସଂଘବଦ୍ଧ ଭାବେ ଦୁଇ ଗ୍ରାହକଙ୍କୁ ନିର୍ଦ୍ଦୟ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଖବର ପାଇ ପୁଲିସ ଭାଟି କର୍ମଚାରୀ ଓ ମାଡ଼ ଖାଇଥିବା ବ୍ୟକ୍ତିଙ୍କୁ ନିଜ ଜିମାକୁ ନେଇଥିଲା। ତେବେ ମାଡ଼ ଖାଇଥିବା ଲୋକଙ୍କ ପରିବାର ଭାଟି ଘେରଉ କରିଥିବା ବେଳେ ପୁଲିସ ଗାଡିକୁ ମଧ୍ୟ ଅଟକ ରଖିଥିଲେ।

## ମହାଲିଙ୍ଗରେ ୪ ମାସ ହେଲା ଏଟିଏମ୍ ବନ୍ଦ

ଗୋଲାମୁଣ୍ଡା,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ଗ୍ରାମରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମଟି ୪ ମାସ ହେଲା ବନ୍ଦ ରହିଛି। ଏଣୁ ଗ୍ରାହକ ହନ୍ତସନ୍ତ ହେଉଛନ୍ତି। ମହାଲିଙ୍ଗ ଏକ ବାଣିଜ୍ୟ ଭିତ୍ତିକ ପେଣ୍ଠସ୍ଥଳ। ଏଠାର ଅନେକ ଲୋକ ଏଟିଏମ୍ ଉପରେ ନିର୍ଭର କରନ୍ତି। ଏହି ଅଞ୍ଚଳର ଲୋକଙ୍କୁ ଭାରତୀୟ ଷ୍ଟେଟ ବ୍ୟାଙ୍କର ସୁବିଧା ପାଇବା ପାଇଁ ସଦର ମହକୁମା ଗୋଲାମୁଣ୍ଡା ଯିବାକୁ ପଡୁଥିଲା। ତେଣୁ ବ୍ୟାଙ୍କ ପକ୍ଷରୁ ୨ ବର୍ଷ ତଳେ ମହାଲିଙ୍ଗରେ ଏହି ଅଞ୍ଚଳର ଲୋକଙ୍କ ସୁବିଧା ପାଇଁ ଏକ ଏଟିଏମ ସ୍ଥାପନ କରାଯାଇଛି; କିନ୍ତୁ ଦୀର୍ଘ ୪ ମାସ ହେଲା ଏଟିଏମ ବନ୍ଦ ପଡିଛି। ଏଥିପାଇଁ ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରୁଥିଲେ ସୁଦ୍ଧା ସମାଧାନ ହେଉନାହିଁ। ଏଠାରେ ଅନ୍ୟ କୌଣସି ଏଟିଏମ ନାହିଁ ,ଥି ଯୋଗୁଁ ଦୂରଦୂରାନ୍ତରୁ ଲୋକେ ଆସି ଏଟିଏମ ବନ୍ଦ ଥିବା ଦେଖି ନିରାଶ ହୋଇ ଫେରୁଛନ୍ତି। ଏଟିଏମ ଅଚଳ ହେତୁ ଟଙ୍କା ଉଠାଣ ପାଇଁ ଅନ୍ୟ କୌଣସି ସାଧାନ ନାହିଁ। ଲୋକେ ବିଭିନ୍ନ ଦୋକାନରୁ ବିଭିନ୍ନ ସଂସ୍ଥା ଦ୍ୱାରା ଚାଲୁଥିବା ସ୍ୱାଇପ ମେସିନରେ ଟଙ୍କା ଉଠାଉଛନ୍ତି। ଏଣୁ ଲୋକଙ୍କୁ ପ୍ରତି ୧ ହଜାର ଟଙ୍କାରେ ଅତିରିକ୍ତ ୧୦ରୁ ୨୦ ଟଙ୍କା ଦେବାକୁ ପଡୁଥିବା ଲୋକେ ଅଭିଯୋଗ କରୁଛନ୍ତି। କେତେକ ସମୟରେ ଲୋକେ ସ୍ୱା।ଇପ ମସିନରେ ଟଙ୍କା ଉଠାଣ ସମୟରେ ଠକାମିର ଶିକାର ହେଉଥିବା ମଧ୍ୟ ନଜରକୁ ଆସିଛି।

## ଅମାନିଆ ମାନୁ ନାହାନ୍ତି ଟ୍ରାଫିକ ସଙ୍କେତ

କେସିଙ୍ଗା,୧୧।୮ (ସମିସ): କେସିଙ୍ଗା ସହରର ଟ୍ରାଫିକ ସମସ୍ୟାକୁ କିଛି ମାତ୍ରାରେ ନିୟନ୍ତ୍ରିତ କରିବା ପାଇଁ ପ୍ରାୟ ୬ ମାସ ତଳେ ଜଗନ୍ନାଥ ମନ୍ଦିର ଛକରେ ଏନ୍ଏସି ପକ୍ଷରୁ ପ୍ରାୟ ୧୫ ଲକ୍ଷ ଟଙ୍କା ବ୍ୟୟରେ କମ୍ପ୍ୟୁଟରୀକରଣ ଟ୍ରାଫିକ ବ୍ୟବସ୍ଥା ଆରମ୍ଭ କରାଯାଇଛି। ସକାଳ ୬ରୁ ରାତି ୯ଟା ପର୍ଯ୍ୟନ୍ତ ଏହି ଟ୍ରାଫିକ ଲାଇଟ୍ କାମ କରୁଛି; ହେଲେ କିଛି ଅମାନିଆ ଟ୍ରାଫିକ ସଙ୍କେତ ମାନୁ ନାହାନ୍ତି। ନିକଟରେ କେସିଙ୍ଗା ପୁଲିସ ପକ୍ଷରୁ ୨ ଜଣ ହୋମଗାର୍ଡଙ୍କୁ ଟ୍ରାଫିକ ଛକରେ ଅମାନିଆଙ୍କୁ ସାବାଡ କରିବା ପାଇଁ ଡ୍ୟୁଟି ଦିଆ ଯାଇଥିଲା; ହେଲେ ପରବର୍ତ୍ତୀ ସମୟରେ ସେହି ଦୁଇ ଜଣ ହୋମଗାଡର୍ ଆଉ ଦେଖା ଯାଉ ନାହାନ୍ତି। ସିସି ଟିଭି ନ ଥିବା ଓ ପୁଲିସ ନ ଥିବା ଦେଖି ଅମାନିଆ ଗାଡ଼ି ଚାଳକମାନେ କାହାକୁ ଡରୁ ନାହାନ୍ତି। ମନଇଚ୍ଛା ଟ୍ରାଫିସ ସଙ୍କେତ ଅତିକ୍ରମ କରୁଛନ୍ତି। ଏହାଦ୍ୱାରା ଲୋକେ ଦୁର୍ଘଣାର ସମ୍ମୁଖୀନ ହେୁଛନ୍ତି।

## ବିଜମରା ମଦ ଦୋକାନକୁ ଅହେତୁକ ଅନୁକମ୍ପା

କଲମପୁର,୧୧।୮ (ସମିସ): ବିଜମରାଠିପିବନ୍ଦବିଦେଶୀମଦଦୋକାନକୁ ଅବକାରୀ ବିଭାଗ ଅହେତୁକ ଅନୁକମ୍ପା ଦେଖାଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ସବୁ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଏଠାରେ ଗୋଟିଏ ୧୮୦ମିଲି ମଦ ବୋତଲର ଦାମ ୨୧୦ଧାର୍ଯ୍ୟ ରହି ଥିବା ବେଳେ ତାହାକୁ ୨୩୦ଟଙ୍କା ନିଆଯାଉଛି। ସରକାରୀ ନିୟମ ଅନୁସାରେ ଧାର୍ଯ୍ୟ ମୂଲ୍ୟଠାରୁ ଅଧିକ ଦାମ ନେବା ଆଇନତଃ ଅପରାଧ। ଏହି ମଦ ଦୋକାନ କିନ୍ତୁ ଖୁଲମଖୁଲା ଆଇନକୁ ନାଲି ଆଖି ଦେଖାଉଛି। ସେହିଭଳି ବିଲ୍ ନ ଦେଇ ଗ୍ରାହକଙ୍କୁ ଶୋଷଣ କରି ଚାଲିଛି। ଅବକାରୀ ବିଭାଗ ମଧ୍ୟ ଆଖି ବୁଜି ଚୁପ ରହିଛି। ଅନ୍ୟପକ୍ଷେ ଦର ତାଲିକା ସର୍ବ ସମ୍ମୁଖରେ ଟଙ୍ଗା ଯାଇନାହିଁ। ରାସ୍ତା ଓ ଆଦିବାସୀ ସଂପ୍ରଦାୟଙ୍କ ଘର ନିକଟରେ ମଦ ଦୋକାନ ରହିଛି। ଲୋକେ ରାସ୍ତା ଉପରେ ମଦ୍ୟପାନ କରାଯାଉଛି। ଏଥିସହ ଏହି ଦୋକାନରୁ ବିଭିନ୍ନ ପ୍ରାନ୍ତକୁ ମଦ ଯୋଗାଣ ହେଉଛି। ଏହି ଦୋକାନରେ ନକଲି କାରବାରକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ଲୋକେ କହିଛନ୍ତି।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ସହାୟକ ଉପକରଣ ବଣ୍ଟନ

କୋମନା,୧୧।୮ (ସମିସ): ନୂଆପଡା ଜିଲ୍ଲା କୋମନାସ୍ଥିତ ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ସହାୟକ ଉପକରଣ ବଣ୍ଟନ କରାଯାଇଛି। ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିତା ପଣ୍ଡା, ଅତିରିକ୍ତ ଶିକ୍ଷା ଅଧିକାରୀ ରାଧାକାନ୍ତ ତାଣ୍ଡି, ସମେଶ ତ୍ରିପାଠୀ, ଓଁ ପ୍ରଣବ ନାୟକ, ଉପେନ୍ଦ୍ର ସାମଲ, କ୍ଷେତ୍ରବିହାରୀ ନାଏକ, ଗୌରୀ ଖରସେଲ, କୁବେର କୁମ୍ଭାର, ସତ୍ୟବ୍ରତ ଗିରି, ସୁନ୍ଦର ତିୱାରୀ ଓ ପ୍ରଦୀପ ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

କେସିଙ୍ଗା,୧୧।୮ (ସମିସ): କେସିଙ୍ଗା ଥାନା ବୋରିଙ୍ଗ ପଦର ଛକ ନିକଟରେ ଏକ କାର-ବାଇକ ଧକ୍କାରେ ଗୁରୁତର ମୁକ୍ତେଶ୍ୱର ସେଠୀ(୩୦)ଙ୍କ ମୃତ୍ୟୁ ଘଟିଛି। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ କେସିଙ୍ଗା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ଜିଲ୍ଲା ହସ୍ପିଟାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ସେଠୁ ବୁର୍ଲା ନେବା ବେଳେ ସଇଁତଲା ପାଖରେ ମୃତ୍ୟୁ ଘଟିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ କରିଛି।

## ପଦଯାତ୍ରାରେ ପୁରୀ ଯିବାକୁ ସଂକଳ୍ପ

ଭବାନୀପାଟଣା,୧୧।୦୮ (ସମିସ): ପୁରୁଣାପଡ଼ାର କିଛି ଶ୍ରଦ୍ଧାଳୁ ଜଗନ୍ନାଥ ଧାମ, ପୁରୀ ପଦଯାତ୍ରାରେ ଯିବାର ସଂକଳ୍ପ ନେଇଛନ୍ତି। ସେମାନେ ପ୍ରଥମେ ପୁରୁଣାପଡ଼ାରୁ ସୁଭଦ୍ରାକ୍ଷେତ୍ର ଯୁଗସାଇପାଟଣାକୁ ୨୨ କି.ମି ପଦଯାତ୍ରା କରିଛନ୍ତି। ପଣ୍ଡିତ ମଙ୍ଗୁଲୁ ମିଶ୍ର, ତ୍ରିନାଥ ସେଠୀ, ପୁରୁଷୋତ୍ତମ ପ୍ରଧାନ, ଗୌରୀ ମହାରଣା, ମୃତ୍ୟୁଞ୍ଜୟ ସାହୁ, ଭଗବାନ ବିଶୋଇ, ସନ୍ତୋଷ ନାୟକ, ନଗେନ ମହାରଣା, ଭାଗୀରଥି ମହାରଣା, ଟୁରୁ ବେହେରା, କ୍ଷୀରସିନ୍ଧୁ ପ୍ରଧାନ ପ୍ରମୁଖ ପୁରୁଣାପଡ଼ା ଶ୍ରୀ ଶ୍ରୀ ରାଧାକୃଷ୍ଣ ଜୀଉ ମନ୍ଦିରରେ ପୂଜାର୍ଚ୍ଚନା ପୂର୍ବକ ନାମ ସଂକୀର୍ତ୍ତନ ଗାଇ ଗାଇ ଯାତ୍ରା ଆରମ୍ଭ କରିଥିଲେ। ଯୁଗସାଇପାଟଣା ପହଞ୍ଚିବା ପରେ ମାଆ ବାଟ ମଙ୍ଗଳା, ବାବା ଝାଡେଶ୍ୱର, କଳାହାଣ୍ଡି ଅଧିଷ୍ଠାତ୍ରୀ ଦେବୀ ମାଆ ମାଣିକେଶ୍ୱରୀଙ୍କୁ ଦର୍ଶନ କରିଥିଲେ। ଏହାପରେ ସେମାନେ ସ୍ୱାମୀ ଚିଦାନନ୍ଦ ନୀଡ଼ସ୍ଥିତ ସୁଭଦ୍ରାକ୍ଷେତ୍ର ନିବାସୀ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପହଞ୍ଚିଥିଲେ। ଅଭିମନ୍ୟୁ ପ୍ରଧାନ, ସୀତାକାନ୍ତ ପ୍ରଧାନ, କାଳୀ ପ୍ରସାଦ ଡାକୁଆ, କମ୍ପୁପାଣି ପରିଛା ସହଯୋଗ କରିଥିଲେ।

## ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଜିଲ୍ଲାସ୍ତରୀୟ ବୈଠକ

ଭବାନୀପାଟଣା, ୧୧।୮ (ସମିସ): ପୁରୁଣାପଡ଼ା ରାଧାକୃଷ୍ଣ ମନ୍ଦିରରରେ ବିଶ୍ୱ ହିନ୍ଦୁ ପରିଷଦର ଜିଲ୍ଲା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପଶ୍ଚିମ ପ୍ରାନ୍ତର ଉପ-ସଭାପତି ଭକ୍ତ ଚରଣ ସାହୁ, ଜିଲ୍ଲା ସଭାପତି ଶାନ୍ତନୁ ମୁଣ୍ଡ, ଜିଲ୍ଲା ସମ୍ପାଦକ ସେବକରାମ ସାହୁ, ସମସ୍ତ ଜିଲ୍ଲା ଦାୟିତ୍ୱ କାର୍ଯ୍ୟକର୍ତ୍ତା, ସମସ୍ତ ପ୍ରଖଣ୍ଡ ଦାୟିତ୍ୱ କାର୍ଯ୍ୟକର୍ତ୍ତାଙ୍କ ସହ ତଥା ବଜରଙ୍ଗ ଦଳ ସଂଯୋଜକ ରୋମାଞ୍ଚଳ ଯୋଶୀ ଏବଂ ଜିଲ୍ଲା ମିଳନ କେନ୍ଦ୍ର ପ୍ରମୁଖ ଶ୍ରୀମନ୍ତ ପଟେଲ ଉପସ୍ଥିତ ଥିଲେ। ଏହି ବୈଠକରେ ବଜରଙ୍ଗ ଦଳର ନୂତନ ଦାୟିତ୍ୱ ଘୋଷଣା କରାଯାଇଛି। ଭବାନୀପାଟଣା ନଗର ସହ-ସଂଯୋଜକ ଭାବେ ପରିତୋଷ ବିଶୋଇ, ଭବାନୀପାଟଣା ସଦର ପ୍ରଖଣ୍ଡ ସଂଯୋଜକ ଭାବେ ନୀଳେଶ ଚୌହାନ ଏବଂ ନର୍ଲା ପ୍ରଖଣ୍ଡର ସଂଯୋଜକ ଭାବେ ମହାଦୀପ୍ତ ଭୋଇଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

## କାଲୋପଲା ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା

ଜୁନାଗଡ,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକର କାଲୋପଲା ପଞ୍ଚାୟତରେ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ହେଉଛି। କାଲୋପଲା ପଞ୍ଚାୟତର କାଲୋପଲା ଓ ଦେଉଣ୍ଡି ଗ୍ରାମବାସୀ ପିଡିଏସ୍ ଚାଉଳ ବଣ୍ଟନରେ ଅନିୟମିତତା ନେଇ ଅଭିଯୋଗ କରିଛନ୍ତି। ଏ ନେଇ କାଲୋପଲା ପଞ୍ଚାୟତର ଯୋଗାଣ ସହାୟକ ରାଜେଶ ବେହେରାଙ୍କୁ ପଚାରି ବୁଝିବାରୁ ଠିକ ରୂପରେ ସରକାରଙ୍କ ନିୟମ ଅନୁଯାୟୀ ହିତାଧିକାରୀଙ୍କୁ ଚାଉଳ ବଣ୍ଟନ କରୁଥିବା କହିଛନ୍ତି। ତେବେ ତାଙ୍କ ନାଁରେ କିଛି ବର୍ଷ ତଳେ ମଧ୍ୟ ପିଡିଏସ ଚାଉଳ ଅନିୟମିତତା ନେଇ ଅଭିଯୋଗ ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଯୋଗାଣ ସହାୟକଙ୍କ ନାଁରେ ଅଭିଯୋଗର ଫର୍ଦ୍ଦ ଲମ୍ବା ଥିଲେ ମଧ୍ୟ ତାଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସେହିଭଳି ନୂଆ ମେସିନ୍ ବଦଳରେ ପୁରୁଣା ମେଶିନରେ ଚାଉଳ ଓଜନ କରାଯାଉଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରତେକ ହିତାଧିକାରୀଙ୍କୁ ଚାଉଳ ସହ ସଂଲଗ୍ନ କରି ରସିଦ୍ ଦେବାର ନିୟମ ରହିଛି। ତାହା ମଧ୍ୟ ପାଳନ କରାଯାଉନି। ଅନ୍ୟପକ୍ଷେ ଚାଉଳ ଓଜନ ବେଳେ ମେସିନ୍‌ରେ କିଛି ପଥର ରଖାଯାଉଛି। ସେହିଭଳି ମୃତ୍ୟୁ ଘଟିଥିବା ଲୋକଙ୍କ ନାଁରେ ମଧ୍ୟ ଚାଉଳ ଉଠୁଛି। ଏ ସବୁ ଅଭିଯୋଗ ସତ୍ତ୍ୱେ ପ୍ରଶାସନର କର୍ଣ୍ଣପାତ କରୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି।

## ଭାଙ୍ଗିଲା ଘର; ଅଳ୍ପକେ ବର୍ତ୍ତିଲେ ପରିବାର ୪ ସଦସ୍ୟ

ଲାଞ୍ଜିଗଡ଼,୧୧।୮ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ଛତ୍ରପୁର ପଞ୍ଚାୟତ ମୋହନଗୁଡା ଗାଁର ଶିବରାମ ଦଳପତିଙ୍କ ମାଟିଘର ଭାଙ୍ଗିଯାଇଛି। ତାଙ୍କ ସ୍ତ୍ରୀ ସଂକୁନ୍ତଳା ଦଳପତି, ପୁଅ ଜଗା ଦଳପତି ଓ ଝିଅ ସସ୍ମିତା ଦଳପତି ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ରବିବାର ରାତି ସାଢେ ୮ଟାରେ ଘରର କାନ୍ଥଟି ପଡ଼ି ଯାଇଥିଲା। ତେବେ ସ୍ଥାନୀୟ ଲୋକ ପହଞ୍ଚି ଘରକୁ ଲାଗି ରହି ଥିବା ଛେଳି ଗୁହାଳରୁ ୨୦ରୁ ଅଧିକ ଛେଳିଙ୍କୁ ସ୍ଥାନାନ୍ତର କରିଥିଲେ। ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ନାଙ୍ଗଲବେଡା ରାଜସ୍ୱ ନିରୀକ୍ଷକ ଚନ୍ଦନ ନାଏକ କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ ଘର ଭାଙ୍ଗିଯିବା ଫଳରେ ଏହି ପରିବାର ସମ୍ପୂର୍ଣ୍ଣ ଭାବେ ବାସହରା ହୋଇ ପଡିଛନ୍ତି।



## ରାସ୍ତାରେ ଧାନ ରୋଇଲେ



କୋମନା,୧୧।୮ (ସମିସ): ନୂଆପଡା ଜିଲ୍ଲା କୋମନା ବ୍ଲକ୍ ପଲସିପାଣି ଓ କରଙ୍ଗାଭଟା ମଧ୍ୟ ଭାଗରେ ଥିବା ସୁନ୍ଦର ନଦୀ ପୋଲର ଉପର ପାଶ୍ୱର୍ ରାସ୍ତାରେ ହୋଇଥିବା ପିଚୁ କାମ ୬ ମାସରେ ଅତି ଶୋଚନୀୟ ହୋଇ ପଡିଛି। ପୋଲ କାମ ବେଳେ ଦୁଇ ପାଶ୍ୱର୍ ପିଚୁ ହୋଇଥିଲା; ହେଲେ ବର୍ଷା ହେବାରୁ ଅନେକ ଭାରିଯାନ ଯାତାୟତ କରିବା ଫଳରେ ରାସ୍ତାଟି ସମ୍ପୂର୍ଣ ଶୋଚନୀୟ ହେବା ସହ କାଦୁଅ ପଚ ପଚ ହୋଇପଡିଛି। ସ୍ଥାନୀୟଯୁବଗୋଷ୍ଠୀସୋମବାରଧାନରୋଇଛନ୍ତି।

## ସ୍କୁଲରେ ଶିକ୍ଷା ଅଧିକାରୀ ଆଇନ ସଚେତନତା କାର୍ଯ୍ୟକ୍ରମ

କେସିଙ୍ଗା,୧୧।୮ (ସମିସ): କେସିଙ୍ଗା ବ୍ଲକ୍ କାଣ୍ଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଅଧିକାରୀ ଆଇନ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ତାଲୁକ ଆଇନ ସେବା ସମିତି ତରଫରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷା ବଞ୍ଚିତ ଛାତ୍ରଛାତ୍ରୀଙ୍କ ସମ୍ପର୍କରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷା ଦୀପ୍ତା ସେଠୀ, ବରିଷ୍ଠ ଆଇନଜୀବୀ ସୌମ୍ୟରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ସାହାଙ୍କ ସମେତ ଶିକ୍ଷକ, ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଓ ଅଦାଲତ କର୍ମଚାରୀ ଉପସ୍ଥିତ ଥିଲେ।

## ମେଟାଗୁଡାରୁ ୱାରେଣ୍ଟି ଗିରଫ

କର୍ଲାମୁଣ୍ଡା,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡା ଫାଣ୍ଡି ଅଧୀନ ମେଟାଗୁଡା ଗ୍ରାମରୁ ରିଷିଡା ପୁଲିସ ଜଣେ ୱାରେଣ୍ଟିକୁ ଗିରଫ କରିଛି। ଅଭିଯୁକ୍ତ ହେଉଛି ମେଟାଗୁଡା ଗ୍ରାମର ଶିବୁ ମହାନନ୍ଦ। ତା ନାଁରେ ୨୦୨୦ ମସିହାରୁ ଏକ ମାମଲା ରହିଛି। ମ ରାମପୁର ଜେଏମଏଫସି କୋର୍ଟରେ ମାମଲା ବିଚାରାଧୀନ ରହିଛି। ସେ କୋର୍ଟରେ ଅନୁପସ୍ଥିତ ରହୁଥିବାରୁ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି ହୋଇଥିଲା। ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ଶିବୁକୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

## କୋଷଲେଶ୍ୱର ମାଳୀ ସମାଜ ବିକାଶ ପରିଷଦ ବୈଠକ

ଗୋଲାମୁଣ୍ଡା,୧୧।୮ ( ସମିସ): ଗୋଲାମୁଣ୍ଡା ବ୍ଲକ୍ କେଗାଁରେ କୋଷଲେଶ୍ୱର ମାଳୀ ସମାଜ ବିକାଶ ପରିଷଦର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟରୁ ୮ଟି ଜିଲ୍ଲାର କର୍ମକର୍ତ୍ତା ଉପସ୍ଥିତ ଥିଲେ। କଳାହାଣ୍ଡି ମାଳୀ ସମାଜକୁ ଏକତ୍ରି କରଣ କରିବା ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ବୈଠକରେ ଓଡ଼ିଶା କୋଷଲେଶ୍ୱର ମାଳୀ ସମାଜର ପୂର୍ବତନ ସମ୍ପାଦକ ଲାଲମୋହନ ପୁଟେଲ ସଭାପତିତ୍ୱ କରିଥିଲେ। ରାଜ୍ୟ ସଭାପତି ବାସୁଦେବ ମାର୍ଥା, ଉପ ସଭାପତି ଦାରାସିଂ ପୁଟେଲ, କାର୍ଯ୍ୟକାରୀ ସଭାପତି ଗୌରଚନ୍ଦ୍ର ପୁଟେଲ, ରାଜ୍ୟ ନିର୍ଦ୍ଦେଶକ କାର୍ତ୍ତିକ ପୁଟେଲ ଓ ଭୀଷ୍ମ ପୁଟେଲ, କେନ୍ଦ୍ରାଞ୍ଚଳ ସଭାପତି ସଦାଶିବ ପୁଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ପୂର୍ବରୁ କଳାହାଣ୍ଡି ଜିଲ୍ଲାରେ ଦୁଇ କୋଷଲେଶ୍ୱର ମାଳୀ ସମାଜ ଥିବା ବେଳେ ଆଜିର ବୈଠକରେ ଦୁଇ ସମାଜ ଏକ ହୋଇଥିଲେ। ବୈଠକରେ ତପିମଣୀ ପୁଟେଲ ଓ ତୁଳାରାମ ପୁଟେଲ ମଞ୍ଚ ପରିଚାଳନା କରିଥିଲେ। ମନବୋଧ ପୁଟେଲ, ସଦାନନ୍ଦ ପୁଟେଲ, ରଜତ ପୁଟେଲ, ବେଣୁଧର ପୁଟେଲ, ନବ ପୁଟେଲ, ଛନ୍ଦା ଚରଣ ପୁଟେଲ ପ୍ରମୁଖ ସହଯୋଗ କରିଥିଲେ।

## ବିରୂପାକ୍ଷ ଶିବ ମନ୍ଦିରର ଭୂମିପୂଜା ଉତ୍ସବ

ଲାଞ୍ଜିଗଡ଼,୧୧।୮ (ସମିସ): ଲାଞ୍ଜିଗଡ଼ ବ୍ଲକ୍ ଗୋବର୍ଦ୍ଧନପୁର ପଞ୍ଚାୟତ ପାଣିମୁଣ୍ଡା ବୈରାଗୀ ଡୁଙ୍ଗରିରେ ଶ୍ରୀ ଶ୍ରୀ ବିରୂପାକ୍ଷ ଶିବ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜା କରାଯାଇଛି। ପୂର୍ବତନ ମନ୍ତ୍ରୀ ବଳଭଦ୍ର ମାଝୀ, ପ୍ରଦୀପ ଘଡେଇ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଟଙ୍କଧର ମାଝୀ, ବରିଷ୍ଠ ନାଗରିକ ଦୀପକ ମହାପାତ୍ର ପ୍ରମୁଖ ଏହି ଭୂମି ପୂଜା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଦୈତାରୀ ଶବର, ଅଶୋକ ବିଶ୍ୱାଳ, ଜଗମୋହନ ଛତର, ଭାଗିରଥୀ ମିର୍ଦ୍ଧା, ସନ୍ତୋଷ ବିଶ୍ୱାଳ ସପତ୍ନୀକ କର୍ତ୍ତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂଜକ ଭାବେ ମଧୁସୂଦନ ପାଢ଼ୀ ଦାୟିତ୍ୱ ତୁଲାଇଥିବାବେଳେ ଡିଲେଶ ବାଗ ସହଯୋଗ କରିଥିଲେ। କମିଟି ସଭାପତି ତପନ ମାଝୀ, ଉପସଭାପତି କୁମାର ଗୌରବ ପରିଡ଼ା ଓ ଧର୍ମରାଜ ବାଗ, ସାଧାରଣ ସମ୍ପାଦକ ଦିଲୀପ ପଧାନ, ସମ୍ପାଦକ ଅମିତ ଭୋଇ , ଭୁଜନ ହାତୀ, କୋଷାଧ୍ୟକ୍ଷ ନେତ୍ରାନନ୍ଦ ମହାରଣା, ସହ କୋଷାଧ୍ୟକ୍ଷ ବେଣୁଧର ଶବର ପ୍ରମୁଖ ସହଯୋଗ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପ୍ରାଥମିକ ଶିକ୍ଷକ ସଙ୍ଘ କର୍ମକର୍ତ୍ତା

ନୂଆପଡା,୧୧।୮ (ସମିସ): ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଦୁଇ ଦିନିଆ ନୂଆପଡା ଜିଲ୍ଲା ଗସ୍ତ ସମୟରେ ନ୍ୟାସନାଲ ହାଇସ୍କୁଲ ପରିସରରେ ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘ ତରଫରୁ କର୍ମକର୍ତ୍ତା ଭେଟିଛନ୍ତି। ବିଭିନ୍ନ ସମସ୍ୟା ଉପରେ ଦୃଷ୍ଟି ଆକର୍ଷଣ କରିବା ସହ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସୋମବାର ପୂର୍ବାହ୍ନରେ ଉପ ମୁଖ୍ୟମନ୍ତ୍ରୀ ନ୍ୟାସନାଲ ହାଇସ୍କୁଲରେ ପ୍ରବେଶ କରିବା ସମୟରେ ସଙ୍ଘ ତରଫରୁ ନୂଆପଡା ବ୍ଲକ ସଭାପତି ଜିତେନ୍ଦ୍ର କ୍ଷମାରୀଙ୍କ ନେତୃତ୍ୱରେ ଏକ ଟିମ୍ ସାକ୍ଷାତ କରିଥିଲେ। ଏନପିଏସ ବଦଳରେ ୟୁପିଏସ ଲାଗୁ କରାଯିବା, ମୂଳ ଚାକିରୀର ୬ବର୍ଷ ଗଣନା ସହିତ ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ, ସେଣ୍ଟ୍ରାଲ ପେ ସହିତ ପ୍ରାଥମିକ ଶିକ୍ଷକଙ୍କର ଠିକାପ୍ରଥା ଉଚ୍ଛେଦ ତଥା ଠିକ ନିଯୁକ୍ତିକୁ ବନ୍ଦ କରିବାକୁ ଦାବି କରାଯାଇଛି। ତେବେ ଏହା ଉପରେ ବିଚାର କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଆନ୍ଦୋଳନକୁ ଓହ୍ଲାଇଲେ ଓଡ଼ିଶା ରାଜସ୍ୱ ଅମଲା ସଂଘ



ଭବାନୀପାଟଣା,୧୧।୮ (ସମିସ): ରାଜ୍ୟ ରାଜସ୍ୱ ଅମଲା ସଙ୍ଘର ଆହ୍ୱାନ କ୍ରମେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଡାକରା ଦିଆଯାଇଛି। କଳାହାଣ୍ଡି ଜିଲ୍ଲାରେ ୨ଶହରୁ ଅଧିକ ଅମଲା। ବିଭିନ୍ନ ସରକାରୀ ଅଫିସରେ କାର୍ଯ୍ୟରତ ଅଛନ୍ତି। ଅଚାନକ ପୂର୍ବ ସୂଚନା ନ ଥାଇ କାର୍ଯ୍ୟବନ୍ଦ ଡାକରା ଦ୍ୱାରା ସାଧାରଣ ଲୋକେ ହଇରାଣ ହେବାକୁ ପଡିଛି। ଆନ୍ଦୋଳନ ଯୋଗୁ ସମସ୍ତେ ଛୁଟିରେ ରହିଥିବାରୁ ସୋମବାର ଜିଲ୍ଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ଖାଁ ଖାଁ ଦେଖା ଦେଇଥିଲା। ଭବାନୀପାଟଣାସ୍ଥିତ ଅମଲା ଭବନରେ ରାଜସ୍ୱ ଅମଳାମାନେ ଏକାଠି ହୋଇ ଆନ୍ଦୋଳନ ଜାରି ରଖିଛନ୍ତି। କଳାହାଣ୍ଡିରେ ଏହି ଆନ୍ଦୋଳନରେ ଜିଲ୍ଲା ଉପସଭାପତି ନୀଳକଣ୍ଠ ଗୌଡ଼, ସାଧାରଣ ସମ୍ପାଦକ ଆଶୁତୋଷ ମିଶ୍ର, କୋଷାଧ୍ୟକ୍ଷ ଅଜିତ କୁମାର ପ୍ରମୁଖ ନେତୃତ୍ୱ ନେଉଛନ୍ତି।

# ବିଭିନ୍ନ ସ୍ଥାନରେ ଜନଶୁଣାଣି ଶିବିର

ଧର୍ମଗଡ଼,୧୧।୮ (ସମିସ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ଚହକା ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଆସିଥିବା ୧୪୧ ଅଭିଯୋଗ ମଧ୍ୟରୁ ୩୧ଟି ସମସ୍ୟାର ତୁରନ୍ତ ସମାଧାନ ହୋଇଥିଲା। କାର୍ଯ୍ୟକ୍ରମରେ ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ, ବିଡ଼ିଓ ତ୍ରିପୁରା ମହାନନ୍ଦ, ତହସିଲଦାର ଚନ୍ଦନ ନାଏକ, ଏବିଇଓ ଲିନା ଦାଶ, ସରପଞ୍ଚ ହେମବନ୍ତି ତାଣ୍ଡି, ସାମାଜିକ ସୁରକ୍ଷା ବିଭାଗର ଚନ୍ଦନ ବିହାରୀ, ଗ୍ରାମୀଣ ଗୃହ ଯୋଜନାର ବିପିସି ମଧୁ ସାହୁ, ଯୋଗାଣ ବିଭାଗରୁ ରୁପେଶ ବେମାଲ, ଏପିଓ କ୍ଷେତ୍ର ମୋହନ ମାଝୀ, ପାନୀୟ ଜଳ ବିଭାଗରୁ ସୁବାସ ପଣ୍ଡା, ନିତ୍ୟା ତାଣ୍ଡି, ବ୍ଲକ କୃଷି ଅଧିକାରୀ ନାଉକେଶ୍ୱର ନାଗ, ପିଇଓ ଗିରିଶ ଶବର, ଏଡିଇଓ ସୂର୍ଯ୍ୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ।

**ସିନାପାଲି:** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୧୧ଟି ଅଭିଯୋଗର ଶୁଣାଣି ହୋଇଥିଲା ୮୮ଟି ବ୍ୟକ୍ତିଗତ ଅଭିଯୋଗ ରହିଥିବା ବେଳେ ୨୩ଟି ସାମୂହିକ ସମସ୍ୟାର ଶୁଣାଣି ହୋଇଥିଲା। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଏସ୍‌ପି ଜି. ରାଘବେନ୍ଦ୍ର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କେନ୍ଦୁମୁଣ୍ଡାରେ ପ୍ରବାସୀ ଶ୍ରମିକ ସଚେତନତା କାର୍ଯକ୍ରମ ସାଙ୍ଗକୁ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଖଡିଆଳ ବନ ଖଣ୍ଡ ଅଧିକାରୀ ଅଜିଜ ଖାନ, ସିନାପାଲି ରେଞ୍ଜର ସମେତ ବିଭାଗୀୟଅଧିକାରୀ ଉପସ୍ଥିତ ଥିଲେ। ଝାରବନ୍ଧ ପଞ୍ଚାୟତରେ ପଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



**ଥୁଆମୂଳ ରାମପୁର:** ଥୁଆମୂଳ ରାମପୁର ବ୍ଲକ ସଭା ଗୃହରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ସିଡିଓ ଦୟାମୟ ପାଢ଼ୀ, ଥୁଆମୂଳ ରାମପୁର ବିଡ଼ିଓ ଧ୍ରୁବ ଚରଣ ମୁଦୁଲି, ବ୍ଲକ ଅଧ୍ୟକ୍ଷ ଦୟାନିଧି ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୧୨୫ ଜଣଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ହୋଇଥିଲା। ପ୍ରତିମାସରେ ଜନ ଶୁଣାଣି ହେଉଛି। ଅନେକ ଲୋକ ଅଭିଯୋଗ ମଧ୍ୟ କରିଥାନ୍ତି; ହେଲେ ଲୋକେ ସମାଧାନ ଦିଗରେ କୌଣସି ଅଧିକାରୀ ମଧ୍ୟ ପଦକ୍ଷେପ ନିଅନ୍ତି ନାହିଁ। କେବଳ ନାମକୁ ମାତ୍ର ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥାଏ।

## ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ନିମନ୍ତେ ପ୍ରସ୍ତୁତି

କୋକସରା,୧୧।୮ (ସମିସ): କୋକସରା ବ୍ଲକ୍ ସଭାଗୃହରେ ୭୯ତମ ବ୍ଲକ୍‌ସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବ୍ଲକ୍ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ ଅଧ୍ୟକ୍ଷତା କରିଥିଲେ। ବୈଠକରେ ବିଡିଓ ହିମାଞ୍ଚଳ ମାଝୀ, କୋକସରା ଥାନା ଅଧିକାରୀ ଜୟ ପ୍ରକାଶ ନାରାୟଣ ହୋତା, ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ଦୀପକ ବେହେରା, ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ତୋଫାନ ମାଝୀ, ବ୍ଲକ୍ ଯୋଗାଣ ନିରୀକ୍ଷକ ଜଗାରାମ ମୁର୍ମୁ, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ପୁରୁଷୋତ୍ତମ ଦାସ ଗୁପ୍ତା, ସୁନ୍ଦର ନାଏକ, ତ୍ରିଭୁବନ ନାଏକ, ଖେଳ ଶିକ୍ଷକ ଅମିତ ମହାନ୍ତି, ରାମଚନ୍ଦ୍ର ପାଣିଗ୍ରାହୀ, ସଞ୍ଜୟ ସିଙ୍ଗଲ, କ୍ଷିରସିନ୍ଧୁ ନେଗୀ, ରବି ନାରାୟଣ ଦାସ ସମେତ ବ୍ଲକ୍ କର୍ମଚାରୀ ଉପସ୍ଥିତ ଥିଲେ।

**ଧାନ ପଞ୍ଜୀକରଣ ନୀତିକୁ ବିରୋଧ**

# ୫ ସମବାୟ ସମିତିରେ ତାଲା ପକାଇଲେ ଚାଷୀ

ବିଜେପୁର, ୧୧।୮ (ସମିସ)

ତ୍ରୁଟିପୂର୍ଣ୍ଣ ଧାନ ପଞ୍ଜୀକରଣ ପାଇଁ ରାଜ୍ୟବ୍ୟାପୀ ଅସନ୍ତୁଷ୍ଟି ଦେଖାଦେଇ ଥିବା ବେଳେ ବରଗଡ଼ ଜିଲ୍ଲା ବିଜେପୁର ଅଞ୍ଚଳରେ ଏହା ବିଷମ ସ୍ଥିତି ସୃଷ୍ଟି କରିଛି। ଚାଷୀ ବହୁଳ ଏହି ଅଞ୍ଚଳରେ ଚାଷୀ ଧାନ କାର୍ଡ ପଞ୍ଜୀକରଣ କରିପାରୁ ନାହାନ୍ତି। ଫଳରେ ଅସନ୍ତୁଷ୍ଟ ଚାଷୀ ବ୍ଲକ ଅଧୀନ ଏମ ଶ୍ରିଗୀଡା, ବିଜେପୁର, ଲାଉମୁଣ୍ଡା, ସାଇପାଳି ଓ ବଡ ବାଉଁସେନ୍ ସମେତ ସମୁଦାୟ ୫ ସମବାୟ ସମିତିକୁ ବନ୍ଦ କରିଛନ୍ତି। ପୂର୍ବରୁ ବିଭିନ୍ନ ସମବାୟ ସମିତି ବନ୍ଦ ରହିଥିବା ବେଳେ ସୋମବାର ବ୍ଲକ କୃଷକ ସଂଗଠନର ଆହ୍ୱାନ କ୍ରମେ ସୁନିଲ ମହାପାତ୍ର, ଆତ୍ରକ୍ଷିତ ସାହୁ, ସାମନ୍ତ ସାହୁ, ପ୍ରତାପ ଗିରି, ଶିଶିର ପଟେଲ, ଖୁଦିରାମ ସାହୁ, ମୀନକେତନ ସାହୁ, ଦୁକାଲୁ ମେହେର, ମୃତାଞ୍ଜୟ ସାହୁଙ୍କ



ସମେତ ଶତାଧିକ ଚାଷୀ ଏକତ୍ରିତ ହୋଇ ଲାଉମୁଣ୍ଡା ସମବାୟ ସମିତିରେ ତାଲା ପକାଇଥିଲେ। ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ସ୍ୱ-ଘୋଷଣା ମାଧ୍ୟମରେ ଚାଷୀ ପଞ୍ଜୀକରଣ କରାଯିବ ବୋଲି ଘୋଷଣା କରିଥିଲେ ସୁଦ୍ଧା ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ଫଳରେ ଚାଷୀ ପଞ୍ଜୀକରଣ କରିବାରୁ ବଞ୍ଚିତ ହେଉଛନ୍ତି। ବିଜେପୁର ବ୍ଲକର ଏମ ଶ୍ରିଗିଡାରେ ମୋଟ ୨୩୨୦ ଚାଷୀଙ୍କ ମଧ୍ୟରୁ ମାତ୍ର ୨୫୮ ଜଣ ପଞ୍ଜୀକରଣ କରିଛନ୍ତି। ସେହିପରି ବିଜେପୁର ସମବାୟ ସମିତିରେ ୫୧୦, ଲାଇମୁଣ୍ଡାରେ ୫୨୬, ସାଇପାଲିରେ ୯୦୯, ବଡ ବାଉଁସେନରେ ୩୩୮ ଜଣ ମାତ୍ର ଚାଷୀ ପଞ୍ଜୀକରଣ କରିଛନ୍ତି। ହଜାର ହଜାର ଚାଷୀ ପଞ୍ଜୀକରଣରୁ ବଞ୍ଚିତ ରହିଛନ୍ତି। ତେଣୁ ଆଗକୁ ମାତ୍ର ସପ୍ତାହେ ମଧ୍ୟରେ କିଭଳି ଏତେ ସଂଖ୍ୟାରେ ଚାଷୀ ଧାନ ପଞ୍ଜୀକରଣ କରିବେ ସେ ନେଇ ଆଶଙ୍କା ପ୍ରକାଶ ପାଇଛି। ପଞ୍ଜୀକରଣ ନୀତିକୁ ସରଳ କରିବା ସହିତ ସମୟ ସୀମାକୁ ବୃଦ୍ଧି କରିବା ପାଇଁ ବ୍ଲକ କୃଷକ ସଂଗଠନର ସଭାପତି ସୁବାସ ପ୍ରଧାନଙ୍କ ସମେତ କର୍ମକର୍ତ୍ତାମାନେ ଦାବି କରିଛନ୍ତି।

## ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ

### ● ବିରମାଲ ହାଇସ୍କୁଲ

ବରଗଡ଼, ୧୧।୮ (ସମିସ): ସଦର ବ୍ଲକ ଅଧୀନ ବିରମାଲ ହାଇସ୍କୁଲରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୂର୍ଯ୍ୟ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ ଦାଶରଥି ସାହୁ ମୁଖ୍ୟ ଅତିଥି



ଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଂସ୍କୃତ ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳ ବାଗ, ପୂର୍ବତନ ସଂସ୍କୃତ ଶିକ୍ଷକ ନନ୍ଦ ଲାଲ ସାହୁ, ମୁକ୍ତେଶ୍ୱର ମନ୍ଦିର ମାନବ ସେବା ସମିତି ପକ୍ଷରୁ ନେପାଳେଶ୍ୱର ନନ୍ଦ, ଗଣନାଥ ରଥ ପ୍ରମୁଖ ଯୋଗ ଦେଇ ସଂସ୍କୃତ ସପ୍ତାହ ପାଳନ ଓ ସଂସ୍କୃତ ଭାଷାର ମହନୀୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ପ୍ରଧାନ, ରୋସନ ମହାନନ୍ଦ, ପ୍ରତ୍ୟୁଷ ରଞ୍ଜନ ଗୁରୁ, ବିମଳ ନାଏକ, ଟିକେଶ୍ୱର୍ ବାଗଙ୍କ ସମେତ ଠାକୁର ଚରଣ ଦାଶ, ଶ୍ରଦ୍ଧାକର ଭୁଏ, ପ୍ରଦୀପ ସାହୁ, ଗୁରୁଦେବ ସାହୁ ପ୍ରମୁଖ କର୍ମଚାରୀ ବୃନ୍ଦ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ● ଅଞ୍ଚଳ ମହାବିଦ୍ୟାଳୟ

ପଦ୍ମପୁର: ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଖଗେଶ୍ୱର ଦାସଙ୍କ ସଭାପତିତ୍ୱରେ ସଂସ୍କୃତ ସପ୍ତାହ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ନବପ୍ରଭାତ୍ ଗୁରୁକୂଳର ପ୍ରଧାନଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।



ସଂସ୍କୃତ ଶବ୍ଦର ସୃଷ୍ଟି ତଥା ସଂସ୍କୃତ ଭାଷାର ଭାରତୀୟ ଜ୍ଞାନ ପରମ୍ପରା ସହ ସମ୍ପର୍କର ବିଶ୍ଳେଷଣ କରି ବର୍ତ୍ତମାନ ପରିପ୍ରେକ୍ଷୀରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଗୁରୁକୂଳର ବ୍ରହ୍ମଚାରୀ ଓ ମହାବିଦ୍ୟାଳୟର ଯୁକ୍ତ ଦୁଇର ଛାତ୍ର ଶୌରବ ସଂସ୍କୃତ ଶ୍ଳୋକ ପଠନ କରିଥିଲେ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ମୁଖ୍ୟ ପ୍ରଭାତ ମହାପାତ୍ର ପରିଚାଳନା କରିଥିଲେ। ଦର୍ଶନ ବିଭାଗର ମୁଖ୍ୟ ସନ୍ତୋଷ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାରେ ପ୍ରମୋଦ ତ୍ରିପାଠୀ, ଝୁନୁ ପରିଡ଼ା, ଡ.ତୁଷାରକାନ୍ତ ସାହୁ, ଶର୍ମିଳା ପଣ୍ଡା, ଡ.ସରୋଜ ନାଏକଙ୍କ ସମେତ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଯୋଗ ଦେଇଥିଲେ।

### ● ତରାକନା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟ

ଭଟଲି: ଭଟଲି ବ୍ଲକ ଅଧୀନ ତରାକନା ଉନ୍ନୀତ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଡ.ମନୋଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସଂସ୍କୃତ ଗୀତ ଭାଷଣ, ଶ୍ଳୋକ ଉଚ୍ଚାରଣ ଓ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ



ଅଂଶଗ୍ରହଣ କରିଥିଲେ। ସଂସ୍କୃତ ଶିକ୍ଷୟିତ୍ରୀ ଛବିରାଣୀ ଖମାରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଟଙ୍କଧର ପ୍ରଧାନ, ଶ୍ରାବଣୀ ପ୍ରଧାନ, ତୁଳାବତି ଭୁଏ, ରାକେଶ ମହାନନ୍ଦ, ଟିକେଶ୍ୱର୍ ବାଗ, ଟିକେସ୍ୱର ଭୁଏ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ସଂସ୍କୃତ ସପ୍ତାହ ଓ ସଂସ୍କୃତ ଦିବସ ପାଳନର ମହତ୍ତ୍ୱ ସମ୍ବନ୍ଧରେ ଆଲୋକପାତ କରି ସଂସ୍କୃତ ଭାଷା ବଞ୍ଚିଲେ ସଂସ୍କୃତି ବଞ୍ଚିବ ବୋଲି ଉଲ୍ଲେଖ କରିଥିଲେ।

## ବିଜେପୁରରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର

ବିଜେପୁର, ୧୧।୮ (ସମିସ): ବରଗଡ଼ ଜିଲ୍ଲା ବିଜେପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମେତ ପଦ୍ମପୁର ଉପଜିଲ୍ଲାପାଳ ଅରୁଗୁଲା ସ୍ନେହା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ମହନ୍ତ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ବିଶ୍ୱାଳ ପ୍ରମୁଖ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୮୮ ଟି ଅଭିଯୋଗ ମଧ୍ୟରୁ ୬୦ଟି ବ୍ୟକ୍ତିଗତ ଏବଂ ୨୮ ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଗୁଡ଼ିକୁ ଶୁଣିବା ପରେ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଡାଙ୍ଗବାହାଲରେ ଝୁଲଣ ରଥଯାତ୍ରା

ଗାଇସିଲେଟ, ୧୧।୮ (ସମିସ): ଗାଇସିଲେଟ ବ୍ଲକ ଅଧୀନ ଡାଙ୍ଗବାହାଲ ଗାଁରେ ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ଶ୍ରାବଣ ପୂର୍ଣ୍ଣିମା ପର୍ଯ୍ୟନ୍ତ ୬ ଦିନ ବ୍ୟାପୀ ୯୩ତମ ଝୁଲଣ ରଥଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ୧୯୩୩ ମସିହାରୁ ଡାଙ୍ଗବାହାଲ ଗାଁରେ ଝୁଲଣ ରଥଯାତ୍ରା ପ୍ରତିବର୍ଷ ପାଳନ ହେଉଛି। ଏହି ଯାତ୍ରାରେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପାରମ୍ପାରିକ ରୀତିନୀତିରେ ପୂଜା କଲାପରେ ଶ୍ରଦ୍ଧାଳୁ ଗୀତ ମାନ ଗାଇ ଗାଇ ରାଧାକୃଷ୍ଣଙ୍କୁ ଦୋଳିରେ ଝୁଲାଇ ଥାନ୍ତି। ପରେ ରଥାରୂଢ଼ କରାଯାଇ ରଥଟଣା ଯାଇଥିଲା। ଗାଁର ଗୌନ୍ତିଆ ପ୍ରତାପ ଚନ୍ଦ୍ର ସାହୁ ଓ ତାଙ୍କ ଧର୍ମପତ୍ନୀ ରୀତା ସାହୁ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଉଦଣ୍ଡ ସଂକୀର୍ତ୍ତନ ପରିବେଷଣ ହୋଇଥିଲା। ଗ୍ରାମବାସୀ ତଥା ବଦାନ୍ୟ ଭକ୍ତମାନଙ୍କ ସହଯୋଗରେ ୩ ଦିନ ବ୍ୟାପୀ ଶ୍ରଦ୍ଧାଳୁ ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା।

## ବାଳିକା ଉଚ୍ଚ ବିଦ୍ୟାଳୟରେ ସୃଜନଶୀଳ ସମ୍ମାନ କର୍ମଶାଳା

ପଦ୍ମପୁର, ୧୧।୮ (ସମିସ): ରାଜବୋରାସମ୍ବର ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋକନାଥ ଭୋଇଙ୍କ ନିର୍ଦ୍ଦେଶ କ୍ରମେ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପଦ୍ମପୁରରେ ସୃଜନଶୀଳ ସମ୍ମାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜୟ ସାହୁ ସଭାପତିତ୍ୱ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରାମ ସିଂ ଭୋଇ ମୁଖ୍ୟ ଅତିଥି, ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନଶିକ୍ଷୟିତ୍ରୀ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସାଧନ କର୍ମୀ ରାଜେଶ ଖମାରୀ ଓ ମାନସ ରଞ୍ଜନ ଶତପଥୀ ସୃଜନଶୀଳ ସମ୍ମାନ ୨୦୨୫-୨୬ର ନାମାଙ୍କନ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସଭାରେ ଅଗଷ୍ଟ ମାସ ଶେଷ ସୁଦ୍ଧା ପ୍ରତ୍ୟେକ ବିଦ୍ୟାଳୟ ୫ଟି ପ୍ରକଳ୍ପ ନାମାଙ୍କନ କରିବା ନିଷ୍ପତ୍ତି ନିଆଯାଇଛି। ଏଥିରେ ରାଜବୋଡ଼ାସମ୍ବର୍ ବ୍ଲକ ଅଧୀନ ୪୭ଟି ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ। ଶେଷରେ ସାଧନ କର୍ମୀ ରାଜେଶ ଖମାରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

## ଗାଇସିଲେଟ ଅଞ୍ଚଳରେ ବେଧଡ଼କ ନିଶା କାରବାର

### ● ପୁଲିସ ପାଟ୍ରୋଲିଂ କଡାକଡି କରିବାକୁ ଦାବି

ପଦ୍ମପୁର/ଗାଇସିଲେଟ, ୧୧।୮ (ସମିସ): ପଦ୍ମପୁର ଉପଖଣ୍ଡ ଗାଇସିଲେଟ ଅଞ୍ଚଳରେ ଦିନକୁ ଦିନ ବେଆଇନ ନିଶା କାରବାର, ଦୋକାନ, ଘର, ଚାଷୀଙ୍କ ପାଣି ମୋଟର ଚୋରି, ରାସ୍ତାରେ ଲୁଟପାଟ ବଢ଼ିବାରେ ଲାଗିଛି। ଆଜି ଗାଇସିଲେଟର ସର୍ବପୁରାତନ ସାମାଜିକ ଅନୁଷ୍ଠାନ ୟୁଥ କ୍ଲବ୍‌ର



ନେତୃତ୍ୱରେ ଗ୍ରାମ୍ୟ ଉନ୍ନୟନ କମିଟି, ନାଗରିକ କମିଟି, ୟୁଥ କ୍ଲବ୍‌ର ସଦସ୍ୟ ବୃନ୍ଦ ତଥା ବଣିକ ସଂଘକୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ଥାନାରେ ଅଭିଯୋଗ କରିଥିଲା। ଏହାର ସମାଧାନ ପାଇଁ ପ୍ରତିନିଧି ମଣ୍ଡଳୀ ଗାଇସିଲେଟ ଥାନା ଅଧିକାରୀଙ୍କ ସହ ଆଲୋଚନା କରିଛି। ପ୍ରତିନିଧି ମଣ୍ଡଳୀରେ ୟୁଥ କ୍ଲବ୍ ଗାଇସିଲେଟର ସଭାପତି ରଞ୍ଜନ ପଣ୍ଡା, ଗାଇସିଲେଟ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ତଥା ସରପଞ୍ଚ ସରତ କାଲୋ, ନାଗରିକ କମିଟି ସଭାପତି ଡ.ସୁନୀଲ ପଣ୍ଡା, ବଣିକ ସଂଘ ସଭାପତି କ୍ଷୀରେସ୍ୱର ସେଠ, ଗ୍ରାମ୍ୟ କମିଟି ସମ୍ପାଦକ ଜନକ କଲେତ, ସରୋଜ ପୁରୋହିତ, ସଞ୍ଜୟ ପୁରୋହିତ, ମନୋହର ପାଣିଗ୍ରାହୀ, ସନ୍ତୋଷ କଲେତ, ପୁରୁଷୋତ୍ତମ ସାହୁଙ୍କ ସହ ସମସ୍ତ କମିଟିର ସଦସ୍ୟ ଉପସ୍ଥିତ ଥିଲେ।

## ଅଙ୍ଗନବାଡ଼ି କର୍ମୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ପଦ୍ମପୁର, ୧୧।୮ (ସମିସ): ରାଜବୋଡ଼ାସମ୍ବର ବ୍ଲକ ଅଧୀନ ଖୁଜେନରେ କାର୍ଯ୍ୟରତ ଅଙ୍ଗନବାଡ଼ି କର୍ମୀ ମିଥିଳା ସାଗରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ



ଦୀର୍ଘ ୩୧ ବର୍ଷ ଅଙ୍ଗନବାଡ଼ି କର୍ମୀ ଭାବରେ ସେବା ଯୋଗାଇ ଦେବା ସହ ସରକାରୀ ଓ ବେସରକାରୀ ସ୍ତରରେ ବେଶ ପରିଚିତ ଚେହେରା ହୋଇଥିଲେ। କାର୍ଯ୍ୟକ୍ରମରେ ଗ୍ରାମର ଗୌନ୍ତିଆ ତେଜରାଜ ସ୍ୱାଇଁ, ବୀରେନ୍ଦ୍ର ସ୍ୱାଇଁ, ରୋହିତ ସ୍ୱାଇଁ, ଦୁର୍ଲଭ ସ୍ୱାଇଁ, ଅଜିତ ପ୍ରଧାନ, ରାମଚନ୍ଦ୍ର ବରିହା, ପୂର୍ଣ୍ଣାନନ୍ଦ ଗିଧିଲି, ଶିରୀଶ ସ୍ୱାଇଁ ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

## ପାଇକମାଳରେ କଂଗ୍ରେସ କର୍ମୀ ସମ୍ମିଳନୀ

ପାଇକମାଳ, ୧୧।୮ (ସମିସ): ପାଇକମାଳ ବ୍ଲକ ନୃସିଂହନାଥ ଧର୍ମଶାଳାରେ ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂଙ୍କ ସଭାପତିତ୍ୱରେ କର୍ମୀ ସମ୍ମିଳନୀ ଓ ବ୍ଲକ ସଭାପତି ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ଉପସଭାପତି ତଥା କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ଜିଲ୍ଲା କଂଗ୍ରେସ ସଭାପତି ହରଦୀପ ସିଂ, ପଦ୍ମପୁର ବିଧାୟକ ପ୍ରତିନିଧି ଟଙ୍କଧର ସାହୁ ଯୋଗ ଦେଇଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରମଳା ଲୁହାର ରାହୁଲ ଗାନ୍ଧୀ ଓ ଭକ୍ତ ଚରଣ ଦାସଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବରେ କଂଗ୍ରେସ ଦଳରେ ଯୋଗ ଦେଇ ମହିଳା ନେତୃତ୍ୱକୁ ସୁଦୃଢ଼ କରିବା ପାଇଁ ଅଭିଭାଷଣ ରଖିଥିଲେ। ବ୍ଲକ ସଭାପତି ବିଜୟାନନ୍ଦ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ମିଳନୀରେ ବ୍ଲକ ଯୁବ କଂଗ୍ରେସ ସଭାପତି ବିକାଶ ବହିଦାର, କଂଗ୍ରେସ କର୍ମୀ ମହେନ୍ଦ୍ର ଖୁଣ୍ଟିଆ, ବିନୋଦ କାଳିଆ, ମନୋଜ ତ୍ରିବେଦୀ, ସନ୍ତୋଷ ପାଣିଗ୍ରାହୀ, ଅଶ୍ୱିନୀ ପଟେଲ, କ୍ଷେତ୍ରୀ ଲୁହାର, ପ୍ରାଣ ଦାସ, ବିନୋଦ ବିଶ୍ୱାଳ ତଥା ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ। ଜିଲ୍ଲା ସମ୍ପାଦକ ପ୍ରତାପ ନାୟକ ଧନ୍ୟବାଦ ଦେଇଥିଲେ।

# ଫାଇଲେରିଆ ନିରାକରଣ ଅଭିଯାନରେ ସାମୂହିକ ଔଷଧ ସେବନ









### ଘନାମାଳ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ

ପଦ୍ମପୁର, ୧୧।୮ (ସମିସ): ପଦ୍ମପୁର ଉପଖଣ୍ଡ ଘନାମାଲ ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ତରଫରୁ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଛାତ୍ରଛାତ୍ରୀଙ୍କୁ ନେଇ ଫାଇଲେରିଆ ନିରାକରଣ ସଚେତନ ପଦଯାତ୍ରା ଗ୍ରାମ ପରିକ୍ରମା କରିଛି। ପଦଯାତ୍ରାରେ ଆଶା, ଅଙ୍ଗନବାଡି କର୍ମୀ, ଯୁବଗୋଷ୍ଠୀ, ଶିକ୍ଷାବିତ, ଜନସାଧାରଣ ଯୋଗ ଦେଇଥିଲେ। ଫାଇଲେରିଆ ରୋଗର ଲକ୍ଷଣ, କାରଣ ଓ ପ୍ରତିକାର ସମ୍ପର୍କରେ ବୁଝାଇଥିଲେ। ରୋଗ ନିରାକରଣ ପାଇଁ ସରକାରଙ୍କ ଦ୍ୱାରା ବଣ୍ଟନ କରାଯାଉଥିବା ଔଷଧ ଖାଇବାକୁ ପରାମର୍ଶ ଦିଆଯାଇଥିଲା।

### ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ବିଜେପୁର: ବରଗଡ଼ ଜିଲ୍ଲା ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥିତ ସଭାଗୃହରେ ପିଏଚଇଓ ରୁଦ୍ରଦେବ ତନସନାଙ୍କ ତତ୍ତ୍ୱାବଧାନରେ ଫାଇଲେରିଆ ନିରାକରଣ ପାଇଁ ସହରାଞ୍ଚଳ ସ୍ତରୀୟ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଯାଇଛି। କାର୍ଯ୍ୟକ୍ରମକୁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡ.ସୁଶାନ୍ତ ମେହେର ଉଦ୍‌ଘାଟନ କରିଥିଲେ। ଏହାପରେ ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ ସାମୂହିକ ଫାଇଲେରିଆ ଔଷଧ ନିଜ ସମ୍ମୁଖରେ ଖୁଆଇବା ଦେଖିବାକୁ ମିଳିଥିଲା। ଆଗାମୀ ଦିନରେ କାର୍ଯ୍ୟକ୍ରମକୁ ବ୍ୟାପକ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସହରରେ ପ୍ରାୟ୧୦ ଲକ୍ଷ ୧୧ ହଜର ୬୦୪ ଜଣଙ୍କୁ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ଔଷଧ ଖୁଆଇବାର ଲକ୍ଷ୍ୟ ରଖାଯାଇଛି। ଏହି ଅଭିଯାନରେ ସମୁଦାୟ ୧୭ ଜଣ ଅଙ୍ଗନବାଡି କର୍ମୀ ଏବଂ ୧୬ ଆଶାକର୍ମୀ, ୩ ଜଣ ସ୍ୱେଚ୍ଛାସେବୀଙ୍କ ସମେତ ସିଏଚଓ ସ୍ମିତା କବିତା ଲଗୁନ, ମହିଳା ସ୍ୱାସ୍ଥ୍ୟ କର୍ମୀ ପିରବତୀ ମାଝୀ ଘରକୁ ଘର, ସ୍କୁଲ, କଲେଜ ଓ ଅନ୍ୟାନ୍ୟ ଅନୁଷ୍ଠାନକୁ ଯାଇ ନିଜ ସମ୍ମୁଖରେ ଔଷଧ ସେବନ କରାଇବେ। କାର୍ଯ୍ୟକ୍ରମ ଅଗଷ୍ଟ ୧୦ ରୁ ୧୯ ତାରିଖ ଯାଏଁ ଚାଲିବ ବୋଲି ଜଣାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସୁପରଭାଇଜର ରଞ୍ଜିତ ବେହେରା, ଅଞ୍ଜୁଲତା ଦାଶ, ବିଏଏମ୍ ବାଲଗୋପାଳ ପଣ୍ଡା, କୁନା ମେ୍ହେର ପ୍ରମୁଖ ଉପସ୍ଥିତ ଥିଲେ।





### ଦ୍ୱାରି ଉଚ୍ଚପ୍ରାଥମିକ ବିଦ୍ୟାଳୟ

ଅମ୍ବାଭୋନା: ସୋମବାର ଅମ୍ବାଭୋନା ବ୍ଲକ୍ ଅଧୀନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦ୍ୱାରିରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବଶିଷ୍ଠ ସାହୁଙ୍କ ଅଧ୍ୟକ୍ଷତାରେ ଓ ସହକାରୀ ଶିକ୍ଷକ ସ୍ୱାଧୀନ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଫାଇଲେରିଆ ନିରାକରଣ ଅଭିଯାନ ପାଇଁ ସଭା ଅନୁଷ୍ଠିତ ହୋଇଛି। ସହକାରୀ ଶିକ୍ଷକ କ୍ଷିରୋଦ୍ର ତନସନା ସଭାର ଉଦ୍ଦେଶ୍ୟ ପ୍ରଦାନ କରିଥିଲେ।

ଶିକ୍ଷକ ସ୍ୱାଧୀନ ସାହୁ ଓ ଭୁକ୍ତା କମ୍ୟୁନିଟି ସ୍ୱାସ୍ଥ୍ୟକର୍ମୀ ପୁଷ୍ପା ଓରାମ୍ ଫାଇଲେରିଆ ରୋଗ ଓ ଏହାର ନିରାକରଣ ପାଇଁ ପ୍ରତିଷେଧକ ବ୍ୟବସ୍ଥା ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇ ଥିଲେ। ଆଶାକର୍ମୀ ଉର୍ମିଳା ମହାକୁଡ଼, ରୁକ୍ମିଣୀ ପ୍ରଧାନ, ଅଙ୍ଗନବାଡ଼ି କର୍ମୀ ପ୍ରକୃତିରାଣୀ ପ୍ରଧାନ, ଲୟ ଭୋଇ, ପ୍ରତିମା ଧାରୁଆ, ରିଙ୍କି ସାହୁ, ଲିପି ମହାଖୁଡ଼ ସମସ୍ତ ଛାତ୍ରଛାତ୍ରୀଙ୍କୁ ଆଇଭର୍ମେକଟିନ, ଡ଼ିଇସି, ଆଲ୍‌ବେନ୍‌ଡ଼ାଜୋଲ ବଟିକା ସମସ୍ତ ଛାତ୍ରଛାତ୍ରୀଙ୍କୁ ଖୁଆଇଥିଲେ। ବିଦ୍ୟାଳୟର ସୁରେଶ୍ୱରୀ ସେଠ୍, ନମିତା ବଡ଼େଇ, ପଲ୍ଲବୀ ବଡ଼େଇ, ନିବେଦିତା ବିଶ୍ୱାଳ, ସରୋଜ ସାହୁ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ସରୋଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପାଇକମାଳ: ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାଇଲେରିଆ ନିରାକରଣ ସକାଶେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ.ଶୁଭ୍ର ପ୍ରକାଶ ସେନାପତିଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଅଛି। କାର୍ଯ୍ୟକ୍ରମରେ ପାଇକମାଳ ସ୍ୱାସ୍ଥ୍ୟ ଅଧିକାରୀ ଡ.ଅଭିଳାଷ ମହାନ୍ତି, ଭିବିଡିଟିଏସ ସାନୋଜ ଦାସ, ସ୍ୱାସ୍ଥ୍ୟ ପରିଦର୍ଶକ ତୁଷ ଚନ୍ଦ୍ରକର, ଫାର୍ମାସି ଅଫିସର ଚିତ୍ତରଞ୍ଜନ ଦାଶ, ସ୍ୱାସ୍ଥ୍ୟ ପରିଦର୍ଶକ ଜାହ୍ନବୀ କିସାନ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁରୁଚି ରାଜହଂସ, ପ୍ରେମଚାନ୍ଦ ନାୟକ, ଦଳିତା ତନ୍ତ୍ରୀ, ସ୍ୱାସ୍ଥ୍ୟ କର୍ମୀ ଚନ୍ଦ୍ରିକା ଛୁରା, ସୁଚରିତା ଆଚାର୍ଯ୍ୟ, ଲିଲି ଦୀପ, ମାରୱାଡି ଯୁବ ମଞ୍ଚର ସଭାପତି ରୋହିତ ଅଗ୍ରୱାଲ, ସଦସ୍ୟ ନିତେଶ ଅଗ୍ରୱାଲ ତଥା ଜନସାଧାରଣ ଔଷଧ ସେବନ କରିଥିଲେ। କାର୍ଯ୍ୟକ୍ରମ ରବିବାର ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଶାକର୍ମୀ, ଅଙ୍ଗନବାଡି କର୍ମୀ ତଥା ସ୍ୱେଚ୍ଛାସେବୀମାନେ ଘର ଘରକୁ ଯାଇ ସମସ୍ତ ଜନସାଧାରଣଙ୍କୁ ଔଷଧ ସେବନ କରାଇବେ ବୋଲି ଡ.ସେନାପତି କହିଛନ୍ତି। ସମସ୍ତେ ଔଷଧ ସେବନ କରି ଅଞ୍ଚଳକୁ ଫାଇଲେରିଆ ମୁକ୍ତ କରିବାକୁ ଜନସାଧାରଣଙ୍କୁ ଡା ସେନାପତି ଅନୁରୋଧ କରିଛନ୍ତି।

### କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ

ବରଗଡ଼: ବରଗଡ଼ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ବରଗଡ଼ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନର ଅଡ଼ିଟୋରିୟମ୍‌ଠାରେ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ହୋଇଯାଇଛି। ଡ.ଶ୍ରୀକ୍ରିଷ୍ଣା ବଲ୍ଲଭ ମହାନ୍ତି ସ୍ୱାଗତ ଭାଷଣ ତଥା ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଦାଶରୀ ମୂରଲୀ କ୍ରୀଷ୍ଣା ବିଦ୍ୟାଳୟର ୩୬୦୦ ଛାତ୍ରଛାତ୍ରୀ ଫାଇଲେରିଆ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମରେ ସାମିଲ ହେବା କଥା କହିଥିଲେ। କାର୍ଯ୍ୟକ୍ରମରେ ବରଗଡ଼ ସିଡିଏମ୍‌ଓ ଡ.କୁବେର ଚନ୍ଦ୍ର ମହନ୍ତ ଓ ଏଡିଇଓ ସରୋଜ ଭୋଇ ଯୋଗ ଦେଇଥିଲେ। ଶେଷରେ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ। ବିକାଶ ଆବାସିକ ବିଦ୍ୟାଳୟର ସିନିୟର୍ ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ, ପ୍ରଦୀପ ସାହୁ, ଡ.ମନୋଜ ତ୍ରୀପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ତେଜରାତି ଦୋକାନରୁ ଚୋରି

**ଦୋବଲ, ୧୧।୮ (ସମିସ):** ଦୋବଲ ବଜାରରେ ଥିବା ଦବିରୁଦ୍ଦିନ ଖାନଙ୍କ ତେଜରାତି ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୋମବାର ସକାଳେ ଦବିରୁଦ୍ଦିନ ଦୋକାନ ଖୋଲିବା ପାଇଁ ଆସି ଦେଖିବା ବେଳକୁ ତାଙ୍କ ଦୋକାନର ପଛପଟ ଝରକା ଓ ମଝିରେ ଥିବା କବାଟ ତାଲା ଭଙ୍ଗା ଯାଇଛି। ଦୋକାନରେ ଥିବା ତେଜରାତି ସଉଦା ସହିତ ବାକ୍ସରେ ଥିବା ନଗଦ ୧୦ ହଜାର ଟଙ୍କା ଚୋରି ହୋଇଛି। ଏ ସମ୍ପର୍କରେ ଦବିରୁଦ୍ଦିନ ଥାନାରେ ଅଭିଯୋଗ କରିବା ପରେ ପୁଲିସ, ବୈଷୟିକ ଦଳ ଓ ସନ୍ଧାନୀ କୁକୁର ପହଞ୍ଚି ତଦନ୍ତ କରିଛନ୍ତି। ପ୍ରକାଶ ଯେ ମାସେ ହେଲା ଧାମନଗର ଥାନା ଅଞ୍ଚଳରେ ମଠ, ମନ୍ଦିର, ଦୋକାନ ଓ ଘରୁ ଚୋରି ବଢ଼ିବାରେ ଲାଗିଛି। ଫଳରେ ଅସାମାଜିକ କାର୍ଯ୍ୟ କଳାପ ମଧ୍ୟ ବୃଦ୍ଧି ପାଇଛି।

### ବାବାମଣିଙ୍କୁ ଜଳଲାଗି କଲେ ହଜାର ହଜାର କାଉଡ଼ିଆ

# ବୋଲବମ୍ ଧ୍ୱନିରେ ପ୍ରକମ୍ପିତ ହେଲା ଆରଡ଼ି ପୀଠ





**ଭଦ୍ରକ/ଆରଡି, ୧୧।୮ (ସମିସ)**

ଆରଡି ବାବା ଆଖଣ୍ଡଳମଣିଙ୍କ ମନ୍ଦିରରେ ପ୍ରଚଳିତ ବିରଜା ପଞ୍ଜିକା ଅନୁଯାୟୀ ଶ୍ରାବଣମାସ ଶେଷ ସୋମବାରରେ ବାବାଙ୍କୁ ଜଳାଲାଗି କରିବା ପାଇଁ ହଜାର ହଜାର କାଉଡିଆ ଭକ୍ତଙ୍କ ଭିଡ ଲାଗିଥିଲା ପୀଠରେ। କାଉଡିଆଙ୍କ ଭିଡକୁ ଦୃଷ୍ଟିରେ ରଖି ଜିଲା ଓ ମନ୍ଦିର ପ୍ରଶାସନ ପକ୍ଷରୁ ରବିବାରଠାରୁ ପୀଠରେ କଡା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏଥିସହ ଶୃଙ୍ଖଳିତ ଜଳଲାଗି ନିମନ୍ତେ ମନ୍ଦିର ଭିତରେ ଓ ବାହାରେ ସ୍ୱତନ୍ତ୍ର ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଥିଲା। ସେହିପରି

### କଡ଼ା ସୁରକ୍ଷା ବ୍ୟବସ୍ଥା

ପୀଠରେ ଥିବା ୩ଟି ନଦୀଘାଟରେ ଯେପରି ସୁରକ୍ଷିତ ଭାବେ କାଉଡିଆମାନେ ନଦୀ ପାର ହୋଇ ଆସିବେ ସେଥିପାଇଁ ନଦୀଘାଟର ଉଭୟ ପାର୍ଶ୍ୱରେ ଓଡ୍ରାଫଟିମ ଓ ଅଗ୍ନିଶମ ବାହିନୀଙ୍କୁ ନିୟୋଜିତ କରାଯାଇଥିଲା। ଡଙ୍ଗାରେ ଅଧିକ ସଂଖ୍ୟକ କାଉଡିଆ ପାରି ନକରିବାକୁ ୬ଜଣ ଅଧିକାରୀଙ୍କ ସହ ୬ପ୍ଲାଟୁନ ପୋଲି ଫୋର୍ସ ମୁତୟନ କରାଯାଇଥିଲା। ରବିବାର ଠାରୁ ବାବାଙ୍କ ଉପରେ କାଉଡିଆମାନେ ଜଳଲାଗି କରିଥିଲେ। କାଉଡ଼ିଆ ଭକ୍ତଙ୍କ ବୋଲବମ ହର ହର ବମ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ସମଗ୍ର ପୀଠ।

## ପ୍ରଧାନ ଶିକ୍ଷକଙ୍କ 'ୟୁନିକ୍ ଫିଲିଙ୍ଗ' ଇଂରାଜୀ ପୁସ୍ତକ ଉନ୍ମୋଚିତ



**ଭଦ୍ରକ, ୧୧।୮ (ସମିସ):** ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ମନ୍ତ୍ରବାସୁଳୀ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସୁସାହିତ୍ୟିକ ସରୋଜ କୁମାର ଓଝାଙ୍କ ଦ୍ୱିତୀୟ ଇଂରାଜୀ ପୁସ୍ତକ "ୟୁନିକ୍ ଫିଲିଙ୍ଗ" ଉନ୍ମୋଚିତ ହୋଇଯାଇଛି। ପବିତ୍ର ଶ୍ରାବଣ ପୂର୍ଣ୍ଣିମା ରକ୍ଷା ବନ୍ଧନ ଉତ୍ସବ ଅବସରରେ "ଆମ ଓଡ଼ିଶା" ଆନୁକୂଲ୍ୟରେ ରକ୍ଷାବନ୍ଧନ ଓ ନିଶା ନିବାରଣ ବ୍ରତ ୨୦୨୫, ଏକ ସ୍ୱତନ୍ତ୍ର ରୂପରେ ଆୟୋଜିତ ସଭାରେ ଶ୍ରୀ ଓଝାଙ୍କର ଏହି ପ୍ରବନ୍ଧ ସଙ୍କଳନ ଇଂରାଜୀ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଭଦ୍ରକ ନୂଆବଜାର ସ୍ଥିତ ମଞ୍ଜୁଳମଞ୍ଜରୀ ସରସ୍ୱତୀ ଶିଶୁ-ବିଦ୍ୟା ମନ୍ଦିର ବୌଦ୍ଧିକ ମଣ୍ଡପ ଠାରେ ଏହି ଭବ୍ୟ ଓ ଦିବ୍ୟ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ଜିଲ୍ଲାପାଳ ଦିଲୀପ ରାଉତରାଏ, ମୁଖ୍ୟ ଅତିଥି ଏସ୍‌ପି ମନୋଜ କୁମାର ରାଉତ, ମୁଖ୍ୟବକ୍ତା ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଇଂ. ଅଭୟ ସୂତାର, ଅଜୟ କୁମାର ନାୟକ, ବିଦ୍ୟାଳୟର ସମ୍ପାଦକ ବିଭୂଚନ୍ଦନ ଜେନା ପ୍ରମୁଖଙ୍କ କରକମଳରେ ପୁସ୍ତକ ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ ପ୍ରଫେସର ଅଟଳ ବିହାରୀ ନାୟକ। ଆଖଣ୍ଡଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ନିହାର ରଞ୍ଜନ କର ଓ ବରିଷ୍ଠ ସାମ୍ବାଦିକ ଡ. ହରିହର ନାୟକ ସଦୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଶ୍ରୀ ଓଝା ଜଣେ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରି ସାହିତ୍ୟ ଜଗତର ଦୁଇ ଦୁଇଟା ଇଂରାଜୀ ପୁସ୍ତକ ଭେଟି ଦେଇ ପରିଚୟ ସୃଷ୍ଟି କରିଛନ୍ତି।

## ମଦ ମାଫିଆ ଗିରଫ; ସ୍କୁଟି ଜବତ

**ବନ୍ତ/ଆଗରପଡ଼ା, ୧୧।୮ (ସମିସ):** ଆଗରପଡ଼ା ପେଟ୍ରୋଲ ପମ୍ପ ନିକଟରୁ ଜଣେ ଚୋରାମଦ ମାଫିଆଙ୍କୁ ଆଗରପଡ଼ା ଥାନା ଅଧିକାରୀ ଦେବରାଜ ଜେନା ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏ ନେଇ ଏକ ମାମଲା ରୁଜୁ ହୋଇଛି। ସୋମବାର ଅପରାହ୍ନ ସମୟରେ ଜଣେ ଜୁମ ସ୍କୁଟି ଚାଳକ ଆଗରପଡ଼ା ମୁଖ୍ୟ ରାସ୍ତାରେ ଭଦ୍ରକ ଆଡ଼କୁ ଦୃତ ଗତିରେ ଯାଉଥିବା ବେଳେ ଚାଳକଙ୍କ ଗତିବିଧି ଉପରେ ସନ୍ଦେହ କରି ଥାନାଧିକାରୀ ତାଙ୍କ ପିଛା କରି ପେଟ୍ରୋଲ ପମ୍ପ ଠାରେ ଅଟକାଇ ସ୍କୁଟିକୁ ତନଖି କରିଥିଲେ। ସ୍କୁଟି ଡିକିରେ ଦେଶୀମଦ ଥିବାର ଦେଖିବାକୁ ମିଳିଥିଲା। ପରେ ଥାନାଧିକାରୀ ସ୍କୁଟିକୁ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଥିଲେ। ଗିରଫ ହୋଇଥିବା ଯୁବକ ଜଣଙ୍କ ସିମୁଳିଆ ଥାନା ଅନ୍ତର୍ଗତ ଗରସଙ୍ଗ ଗ୍ରାମର ସୁଦର୍ଶନ ଜେନାଙ୍କ ପୁଅ ଆଲୋକ ଜେନା(୨୮) ଓ ତାଙ୍କ ନିକଟରୁ ପ୍ରାୟ ୪୦ ଲିଟରରୁ ଅଧିକ ଦେଶୀମଦ ଜବତ କରାଯାଇଛି। ସେ ଅନ୍ୟତ୍ର ନେଇ ମଦକୁ ବିକ୍ରୀ କରିଥାନ୍ତେ। ଥାନାଧିକାରୀ ଶ୍ରୀ ଜେନା ଏଠାରେ ଦାୟିତ୍ୱ ନେବା ପରେ ଚୋରା ଅବକାରୀ ମାଫିଆଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ଅନେକ



ମାଫିଆ ଏହି ଥାନା ଅଞ୍ଚଳ ରାସ୍ତା ଦେଇ ଯିବାକୁ ଭୟଭୀତ ହୋଇ ଅନ୍ୟ ରାସ୍ତା ଦେଇ ଯାଉଥିବାର ଅଭିଯୋଗ ହେଉଛି।

## ମହମ୍ମଦ ଜୟନ୍ତୀରେ ଡିଜେ ବନ୍ଦ ପାଇଁ ମୁସଲିମ ଜମାତର ନିଷ୍ପତ୍ତି

**ଧାମନଗର, ୧୧।୮ (ସମିସ):** ଧାମନଗରରେ ମହାପୁରୁଷ ପ୍ରଫେଟ ହଜରତ ମହମ୍ମଦଙ୍କ ଜୟନ୍ତୀ ଆସନ୍ତା ମାସ ୪ କିମ୍ବା ୫ ତାରିଖରେ ପାଳନ ହେବାକୁ ଯାଉଛି। ଏନେଇ ରବିବାର ସନ୍ଧ୍ୟାରେ ଖାନକା ଉର୍ଷ କମିଟିର ଉପସଭାପତି ସୟଦ ମୁସ୍ତଫା ରଜାଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରସ୍ତୁତି ଓ ଗୁରୁତ୍ୱପୂର୍ଣ୍ଣ ବୈଠକକୁ ସାଧାରଣ ସମ୍ପାଦକ ଆଲହାଜ୍ ଏମଡି ଇସ୍ରାଇଲ ହବିବି ପରିଚାଳନା କରିଥିବା ବେଳେ ଏଥିରେ ଧାମନଗର ମୁସଲିମ ଜମାତର ସମସ୍ତ କର୍ମକର୍ତ୍ତା ଏବଂ ୩୫ ଜୁଲୁସ ଓ କାଫଲା କମିଟିର କର୍ମକର୍ତାଙ୍କ ସମେତ ଏନଏସି ଅଞ୍ଚଳର ବୁଦ୍ଧିଜୀବୀ, ଯୁବ ଛାତ୍ର ଓ ସମାଜସେବୀ ତଥା ଏମଡି ଫଜଲେ ବାରି, ଆଲହାଜ୍ ସେକ ମାନଓ୍ୱାର ଅହେମ୍ମଦ, ସେକ ଗୋଲାମ ଅଲ୍ଲୀ, ସେକ ଜାଫର ଅଲ୍ଲୀ, ସେକ ଅବଦୁଲ ହାକିମ, ଏମଡି ତାଜୁଦ୍ଦିନ, ସେକ ଅଫସର, ମୀର ନୁର ମହମ୍ମଦ, ସେକ ରୋସ୍ତମ, ସେକ ହମିଦ, ସେକ ମୌଲନ ସୁଫିଆନ, ସେକ ମକଦୁମ, ଏମଡି ଖଲିଉଲ୍ଲା,



ସେକ ମାମା, ସେକ ସଲିମ ମାଷ୍ଟର, ସେକ ଅସଲାମ ପ୍ରମୁଖ ଯୋଗ ୪ରେ ଜୁଲୁସ୍ ଓ କାଫଲା ଶୋଭାଯାତ୍ରା-୫ରେ ତବୃକାତ୍ ଦର୍ଶନ କାର୍ଯ୍ୟକ୍ରମ ରହିଛି। ଏହି ଦୁଇ ଦିନର ପର୍ବ କିପରି ଶାନ୍ତିଶୃଙ୍ଖଳା ସହିତ ପାଳନ ହେବ ସେନେଇ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ପ୍ରଫେଟ ହଜରତ ମହମ୍ମଦଙ୍କ ପବିତ୍ର ଜନ୍ମଦିନ ତଥା ଜସ୍ନେ ଇଦ୍ ମିଲାଦୁନ ନବୀ ଆସନ୍ତା ମାସ ପ୍ରଥମ ସପ୍ତାହରେ ଚନ୍ଦ୍ର ଦୃଶ୍ୟ ଦେଖିବା ପରେ ପାଳନ କରାଯିବ ବୋଲି ଜମାତ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶ ଥାଉକି ମୁସଲିମ ଜମାତ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି ଜୁଲୁଜ ଏବଂ କାଫଲା ଶୋଭାଯାତ୍ରାରେ କୌଣସି ଡିଜେ ଏବଂ ଡିଜେ ଗାଡ଼ି ସମ୍ପୂର୍ଣ୍ଣ ବନ୍ଦ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କେବଳ ମୁସଲମାନ ଧର୍ମର ରୀତିନୀତି ଅନୁଯାୟୀ ମହାଆଡମ୍ବରରେ ପାଳନ କରାଯିବ ବୋଲି ମୁସଲିମ ଜମାତ ତରଫରୁ ସର୍ବସହମତିରେ ଘୋଷଣା କରାଯାଇଛି।

## ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ

**ଭଦ୍ରକ, ୧୧।୮ (ସମିସ):** ସଂସ୍କୃତଭାଷା ସମସ୍ତ ଭାରତୀୟ ଭାଷାର ଜନ୍ମଦାତ୍ରୀ। କେବଳ ଭାରତ ନୁହେଁ ସମଗ୍ର ପୃଥିବୀରେ ଭାଷାମାନଙ୍କ ମଧ୍ୟରେ ଏହା ସର୍ବପ୍ରାଚୀନ, ସର୍ବଜନାଦୃତ ଭାଷା। ସଂସ୍କୃତ ବେଦ, ଉପନିଷଦ, ରାମାୟଣ, ଭାଗବତ, ଗୀତା ଭାରତର ଗୌରବମୟ ପରଂପରା ଐତିହ୍ୟ ଓ ସଂସ୍କୃତିକୁ ବିଶ୍ୱଦରବାରରେ ସୁପ୍ରତିଷ୍ଠିତ କରିପାରିଛି। କେବଳ ଭାରତ ନୁହେଁ, ପାଶ୍ଚାତ୍ୟ ଦେଶରେ ମଧ୍ୟ ସଂସ୍କୃତର ମଧ୍ୟ ଆଦର ରହିଛି। ଅକ୍ସଫୋର୍ଡ଼, ହାବାର୍ଡ ଓ ଜର୍ମାନ ବିଶ୍ୱବିଦ୍ୟାଳୟରେ ସଂସ୍କୃତ ଭାଷା ବେଶ୍ ଆଦରଲାଭ କରିଛି। ପାଶ୍ଚାତ୍ୟ ବିଦ୍ୱାନଗଣ ସଂସ୍କୃତ ଭାଷାରେ ଗବେଷଣା କରି ଆମର ନମସ୍ୟ ହୋଇଛନ୍ତି। ସଂସ୍କୃତ ଭାଷାର ସୁରକ୍ଷା ମାନବ ସଂସ୍କୃତିର ସୁରକ୍ଷା ବୋଲି ମଠସାହି ଗୋପାଳଜୀଉ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ସଂସ୍କୃତ ସପ୍ତାହ ପାଳନ ଅବସରରେ ଯୋଗଦେଇ ଗବେଷକମାନେ ମତପ୍ରକାଶ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଦୈତ୍ୟାରୀ ଦୀକ୍ଷିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗଦେଇ ସଂସ୍କୃତ ସପ୍ତାହର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ 'ସାଳନ୍ଦୀ ସମାଚାର'ର ସମ୍ପାଦକ ରୂପକ ବିହାରୀ ରାୟ ଯୋଗଦେଇ ଯିଏ ସଂସ୍କୃତ ଜାଣେ ସେ ଭାରତର ଆତ୍ମାକୁ ଜାଣେ। ସଂସ୍କୃତ ଭାଷାକୁ ଭଲ ପାଇବା ଓ ତା'ର ସୁରକ୍ଷା ଦିଗରେ ସରକାରଙ୍କ ପକ୍ଷରୁ ଏପରି କାର୍ଯ୍ୟକ୍ରମ ବିଦ୍ୟାଳୟରେ ପାଳନ କରାଯାଉଥିବା ଆନନ୍ଦର ବିଷୟ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିକ୍ଷକ



ଅନିଲ ନାୟକ ଯୋଗଦେଇ ସଂସ୍କୃତ ଭାଷାକୁ ଆଦରକରି ତା'ର ପୁନରୁଦ୍ଧାର କଲେ ଏହି ଦିବସ ପାଳନର ଯଥାର୍ଥ ମୂଲ୍ୟାୟନ ହୋଇପାରିବ ବୋଲି କହିଥିଲେ। ଶିକ୍ଷକ ବିଜୟ ଓଝା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉର୍ଦ୍ଦୁ ଶିକ୍ଷକ ସେକ୍ ସାଦିକ୍ ହୋସେନ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ପ୍ରଫୁଲ୍ଲ ସାହୁ, ଅଜୟ ସାମଲ ଓ ଦିଲ୍ଲୀପ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାବା ଲୋକନାଥ ମହାଦେବଙ୍କ ରୁଦ୍ରାଭିଷେକ

**ବାରିକପୁର, ୧୧।୮ (ସମିସ):** ପବିତ୍ର ଶ୍ରାବଣ ମାସର ଶେଷ ସୋମବାରରେ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଜଳ ସମ୍ପଦ ବିଭାଗ ପକ୍ଷରୁ ଆନିକଟଠାରେ ଥିବା ବାବା ଲୋକନାଥ ମହାଦେବଙ୍କ ରୁଦ୍ରାଭିଷେକ ପୂଜା ଭାବ ଭକ୍ତିର ସହିତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍କଳ୍ପ କର୍ତ୍ତା ଭାବେ ଜଳସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଶରତ ଚନ୍ଦ୍ର ଘଡ଼େଇ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମେ ପଞ୍ଚ ପୂଜା, ଘଟ ଉତ୍ତୋଳନ, ଦ୍ୱାରପାଳ ପୂଜା, ସୂର୍ଯ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଏହାପରେ ପଞ୍ଚାମୃତ ଘର୍ଷଣ, ବେଲପତ୍ର ଅର୍ପଣ, ମହାସ୍ନାନ ସହିତ ଦିଗମ୍ବର ବେଶରେ ମହାଦେବଙ୍କୁ ବାଲ୍ୟ ଭୋଗ ଅର୍ପଣ ହୋଇଥିଲା। ଏହାଛଡା ହୋମଯଜ୍ଞ ସହିତ ମହାମୃତ୍ୟୁଞ୍ଜୟ ମନ୍ତ୍ରରେ ଘୃତ ଆହୁତି ଦିଆଯାଇଥିଲା। ପୁରୀ ଶ୍ରୀକ୍ଷେତ୍ର ଧାମରୁ ଆସିଥିବା ପୂଜକମାନେ ବୈଦିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରିଥିଲେ। ଏଥିରେ ମୁଖ୍ୟ ଯନ୍ତ୍ରୀଙ୍କ ସମେତ ୩ଟି ଉପଖଣ୍ଡ କାର୍ଯ୍ୟାଳୟର କନିଷ୍ଠ ଓ ସହକାରୀ ଯନ୍ତ୍ରୀ ଏବଂ କର୍ମଚାରୀ ଉପସ୍ଥିତ ରହି ବାବା ଲୋକନାଥଙ୍କୁ ଆରାଧନା କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ନିମନ୍ତ୍ରିତ ହୋଇଥିବା ବୋହୁ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ।



## ସ୍ମରଣିକା ଲୋକାର୍ପିତ ଓ ପ୍ରତିମୂର୍ତ୍ତି ଉନ୍ମୋଚିତ



**ଭଦ୍ରକ, ୧୧।୮ (ସମିସ):** ଜଣେ 'ସଚ୍ଚା ମଣିଷ' ସ୍ୱର୍ଗତ ରବିନାରାୟଣ ନାୟକଙ୍କ ବାର୍ଷିକ ଉତ୍ସବ ସ୍ଥାନୀୟ ଭଦ୍ରକ ବ୍ଲକ ବେତଡା ପଞ୍ଚାୟତରେ ସୋମବାର ଦିବା ୧ଘଟିକାରେ ଅନୁଷ୍ଠିତ ହୋଇଯାଇଛି। ତ୍ୟାଗଭୂମି ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱ ଓ ରବିନାରାୟଣ ଖିଲାରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାସୁଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଏହି ଅବସରରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ଆଇନଜୀବୀ ମନୋଜ ରାୟ, କବୟତ୍ରୀ ସଂଯୁକ୍ତା ବଳ, ଗଛ ମଣିଷ ସଂଗଠନ ସଭାପତି ଅଶୋକ କୁମାର ନାୟକ, ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତି, ଅନିତା ନାୟକ, କାଉନସିଲର ସ୍ୱାଗତିକା ନାୟକ, ଅରୁପ ନାୟକ, କୁନି ମହାନ୍ତି, ତପନ ନାୟକ, ଅନୁପ ନାୟକ ପ୍ରମୁଖ ସ୍ୱର୍ଗତ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଏହି ଅବସରରେ ଟୀର ଭାସ୍କର 'ଭାସୁ' ସ୍ମରଣିକା ଲୋକାର୍ପିତ ହେବା ସହିତ, ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଗଛ ମଣିଷ ସଂଗଠନ ପକ୍ଷରୁ ବୃକ୍ଷ ରୋପଣ କରାଯାଇଥିଲା। ଭାସୁ ବାବୁ ଜଣେ ନିର୍ବିକାର ବ୍ୟକ୍ତି ଥିଲେ, ଯିଏ ସାମାଜିକ ମୂଲ୍ୟବୋଧର ସୁରକ୍ଷା ପାଇଁ ଜୀବନସାରା ଚେଷ୍ଟା କରିଥିଲେ ଏବଂ ସମ୍ପର୍କକୁ ଗୁରୁତ୍ୱ ଦେଉଥିଲେ। ଭଣଜା ଅନିଲ କୁମାର ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସରପଞ୍ଚ ସୁବାସ ମହକୁଡ଼ଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଧାମନଗର, ୧୧।୮ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ସ୍ୱର୍ଗତ ସୁବାସ ଚନ୍ଦ୍ର ମହାକୁଡଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୋବିନ୍ଦପୁର ବଜାର ଠାରେ ଅନୁଷ୍ଠିତ ହୋଇଯାଇଛି। ରବିବାର ସନ୍ଧ୍ୟାରେ ଜିଲ୍ଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗ ଦେଇ ସ୍ୱର୍ଗତ ମହାକୁଡ଼ ୪ଥରର ସରପଞ୍ଚ ସମାଜସେବୀ, ପରୋପକାରୀ ଦରଦୀ ମଣିଷ ଥିଲେ ସ୍ମୃତି ଚରଣ ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ସେହିପରି ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ନାୟକ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ବିଜେଡ଼ି ବ୍ଲକ ସଭାପତି ପ୍ରତାପ ସାମଲ, ବ୍ଲକ ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ, ଧାମନଗର ଭାଜପା ଗ୍ରାମୀଣ ମଣ୍ଡଳ ସଭାପତି ଶ୍ରୀକାନ୍ତ ନାୟକ, ପ୍ରାକ୍ତନ ବିଜେଡ଼ି ବ୍ଲକ ସଭାପତି ଉମେଶ ଚନ୍ଦ୍ର ମହାନ୍ତ, ସରପଞ୍ଚ କସ୍ତୁରୀ ବିଶ୍ୱାଳ, ସମିତି ସଭ୍ୟ ସୂର୍ଯ୍ୟକାନ୍ତ ନାୟକ, ଚନ୍ଦ୍ରମଣି ବେହେରା, ଜ୍ଞାନ ରଞ୍ଜନ ମହାକୁଡ, ସ୍ଥାନୀୟ ଯୁବ ବିଜେଡ଼ି ନେତା ରାକେଶ ପତିଙ୍କ ସମେତ ବହୁ ଶୁଭେଚ୍ଛୁ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ ମାନେ ଯୋଗଦେଇ ସ୍ୱର୍ଗତ ସୁବାସ ଚନ୍ଦ୍ର ମହାକୁଡଙ୍କ ସ୍ମୃତିଚାରଣ କରିବା ସହ ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଶେଷରେ ସ୍ଥାନୀୟ ପଞ୍ଚାୟତ ସମିତି ସଭ୍ୟା ଲକ୍ଷ୍ମୀପ୍ରିୟା ପତି ସମସ୍ତଙ୍କୁ କୃତଜ୍ଞତା ଅର୍ପଣ କରିଥିଲେ।

## ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଭୋଟ ଚୋରି ଅଭିଯୋଗ

**ଭଦ୍ରକ, ୧୧।୮ (ସମିସ):** ନିର୍ବାଚନ ଆୟୋଗଙ୍କ ଦ୍ୱାରା ଭୋଟ ଚୋରି ହୋଇଥିବା ନେଇ ଆଜି ଭଦ୍ରକ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ବାଚନ କମିଶନଙ୍କ ଦ୍ୱାରା ଭୋଟ ଚୋରି ହୋଇଥିବାର ଅଭିଯୋଗ କରିଥିଲେ। ପ୍ରମାଣ ସ୍ୱରୂପ ୨୦୨୪ ସାଧାରଣ ନିର୍ବାଚନରେ କେନ୍ଦ୍ରର ଚାଲୁଥିବା ବିଜେପି ସରକାର ନିର୍ବାଚନ ଆୟୋଗଙ୍କ ମାଧ୍ୟମରେ କିପରି ଜାଲିଆତି ଭୋଟ ଚୋରି କରିଛନ୍ତି। ସେଥି ନେଇ କର୍ଣ୍ଣାଟକର ଏକ ଲୋକସଭା ଆସନର ଭୋଟ ଜାଲିଆତି ସମ୍ପର୍କ ରେ ଏଲସିଡି ମାଧ୍ୟମରେ ଫଟୋଚିତ୍ର ଏବଂ ଭିଡ଼ିଓ ପ୍ରଦର୍ଶନ କରିଥିଲେ। ଏହି ନିର୍ବାଚନ ମଣ୍ଡଳୀରେ ୫ ପ୍ରକାର ଭୋଟ ଜାଲିଆତିର ହୋଇଥିବା ମୁଖପାତ୍ର ଶ୍ରୀ ମହାନ୍ତି ଅଭିଯୋଗ କରିବା ସହ ଗଣତନ୍ତ୍ରକୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଏହି ଭୋଟ ଚୋରିକୁ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଜୀ ଧରିବା ସହ ଆଗାମୀ ଦିନରେ ଏଥିରେ ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୋଧରେ ଦଳ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାନ୍ତି ମତବ୍ୟକ୍ତ କରିଥିଲେ। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ଅନୁସୂଚିତ ବିଭାଗ ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ରପ୍ରସାଦ ଜେନା, ହରିହର ମଣ୍ଡଳ, ପୂର୍ବତନ ଟାଉନ କଂଗ୍ରେସ ସଭାପତି ଅବଦୁଲ ମୋକିତ ଖାଁ, କାଉନସିଲର ଫରିୟାଜ୍ ଖାଁ, ଯୁବନେତା ମନୋରଞ୍ଜନ ଦାସ, ଯୁବନେତା ଫୟାଜ୍ ଖାଁ, ବବଲୁ ଦାସ, ସେକ ତଇମୁର ଅଲି ପ୍ରମୁଖ ଯୋଗ ଦେଇଥିଲେ।



## ଗ୍ରେଡ ପେ' ବୃଦ୍ଧି ଦାବିରେ ଶିକ୍ଷକ ସଂଘ ଆନ୍ଦୋଳନ ପାଇଁ ସଜବାଜ

**ଭଦ୍ରକ, ୧୧।୮ (ସମିସ)**

ପ୍ରାଥମିକ ଶିକ୍ଷକ ମାନଙ୍କର ଦୀର୍ଘ ଦିନର ଦାବିକୁ ସରକାର ଅଣଦେଖା କରୁଛନ୍ତି। ବର୍ତ୍ତମାନ ସାରା ଦେଶରେ ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କୁ ୪୨୦୦ ଗ୍ରେଡ ପେ' ଦିଆଯାଉଥିବା ବେଳେ ଓଡ଼ିଶାରେ ଏହାର ବ୍ୟତିକ୍ରମ ଦେଖାଯାଇଛି। ଏଥିପାଇଁ ବାରମ୍ବାର ଆନ୍ଦୋଳନ ହୋଇ ସାରିଛି। ଏହି ଆନ୍ଦୋଳନକୁ ଲକ୍ଷ୍ୟ କରି ସରକାର ବିଭିନ୍ନ ସମୟରେ ଖାଲି କମିଟି ଗଠନ କରି ଆନ୍ଦୋଳନକୁ ଭଣ୍ଡୁର କରୁଛନ୍ତି। ଗତ ଏପ୍ରିଲ ମାସରେ ଶିକ୍ଷା ବିଭାଗ ତରଫରୁ ପ୍ରାଥମିକ ଶିକ୍ଷକଙ୍କ ଠିକା ୬ ବର୍ଷର କାର୍ଯ୍ୟକାଳକୁ ଉଠାଇ ସ୍ଥାୟୀ ଭାବରେ ନିଯୁକ୍ତି ଦିନଠାରୁ ଗଣିବା ପାଇଁ ଏକ ପ୍ରସ୍ତାବ ଅନୁମୋଦନ କରାଯାଇ ସରକାରଙ୍କୁ ବିବଦ୍ଧ ଭାବେ ଘୋଷଣା ପାଇଁ ଅନୁରୋଧ କରାଯାଇଥିଲା। ଏହାକୁ ସାରା ରାଜ୍ୟରେ ପ୍ରାଥମିକ ଶିକ୍ଷକ



ମାନେ ସ୍ୱାଗତ କରିଥିବା ବେଳେ ଭଦ୍ରକ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନ୍ ଭୁକ୍ତ) ସ୍ୱାଗତ ଜଣାଇଥିଲା। ପ୍ରାଥମିକ ଶିକ୍ଷକଙ୍କ ଠିକା ଉଚ୍ଛେଦକୁ ଉଠାଇ ନିଯୁକ୍ତିର ମୂଳଦିନଠାରୁ ଚାକିରିକୁ ଗଣନା କରି ୬ବର୍ଷର ୬ଟା ଇନକ୍ରିମେଟ ପ୍ରଦାନ କରିବା ଏବଂ ଗ୍ରେଡ ପେ' ୪୨୦୦ ଦେବା ପାଇଁ ଅଦ୍ୟ ସ୍ଥାନୀୟ ବାଇପାସ୍ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଜିଲ୍ଲା ବୈଠକରେ ଶିକ୍ଷକ ନେତା, ପ୍ରଭାସ ପଣ୍ଡା, ପ୍ରଦୀପ ସେଠୀ, ଜ୍ୟୋତିର୍ମୟ ଅଗସ୍ତି, ହେମନ୍ତ ମଲ୍ଲିକ ପ୍ରଶାନ୍ତ ବାରିକ, ଅଜିତ ମହାରଣା, ଲଳିତ ନାରାୟଣ ରାଉତ, ଗିରିଧାରୀ ଦର, ସୁବ୍ରତ ଧଳ, ପରମେଶ୍ୱର ପୃଷ୍ଟି, ଭାସ୍କର ଚନ୍ଦ୍ର ଦାସ, ପ୍ରଦୀପ ମହାନ୍ତି, ଶୁସାନ୍ତ ବେହେରା, ମାନସ ରଞ୍ଜନ ନାୟକ, ଦେବାଶିଷ ନାଥ, ଦୀପକ ମହାନ୍ତି, ଆଲୋକ ମଲ୍ଲିକ, ସଞ୍ଜୟ ବିନ୍ଧାଣି ପ୍ରମୁଖ ଯୋଗଦାନ କରିଥିଲେ।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ



ଢେଙ୍କାନାଳ, ୧୧।୮(ସମିସ): ସ୍ଥାନୀୟ ଆମ ଆଦମୀ ପାର୍ଟି ପକ୍ଷରୁ ୮୨ତମ ଅଗଷ୍ଟ କ୍ରାନ୍ତି ଦିବସ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଦର କାର୍ଯ୍ୟାଳୟରେ ପାଳନ କରାଯାଇଛି। ମହାତ୍ମା ଗାନ୍ଧୀ ଓ ସହିଦ ଭଗତ ସିଂଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି କ୍ରାନ୍ତିକାରୀମାନଙ୍କ ସ୍ମୃତିଚାରଣ କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ସଂଗଠନ ସମ୍ପାଦକ ଭରତ କୁମାର ଦାସ, ସମ୍ମାନିତ ଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜିତେନ୍ଦ୍ର ବେହେରା ଯୋଗଦେଇଥିଲେ। ଢେଙ୍କାନାଳ ସଂସଦୀୟ କ୍ଷେତ୍ର ସଭାପତି ପଙ୍କଜ ନାୟକ, ମଧୁସୂଦନ ମଲିକ, ଜିଲ୍ଲା କାର୍ଯ୍ୟକାରୀ ସଭାପତି ସୁବୋଧ ବେହେରା, ସମ୍ପାଦକ ଶେଷଦେବ ବେହେରା, ଉପସଭାପତି ଅନିଲ ସାମଲ, ନଗର ସଭାପତି ଦେବଶିଷ ନନ୍ଦ, ଗଁଦିଆ ବ୍ଲକ ସଭାପତି ରୋହିତ ବେହେରା, ପରଜଙ୍ଗରୁ ଶତ୍ରୁଘ୍ନ ଭୂୟାଁ, ଓଡ଼ାପଡ଼ାରୁ ପୀତାମ୍ବର ଦାସ, କାମାକ୍ଷାନଗରରୁ କାର୍ତ୍ତିକ ସାମଲ, ସୁଧୀର ନାୟକ, ସଦର ବ୍ଲକରୁ ପ୍ରସନ୍ନ ବରାଳ, ଚିନ୍ତାମଣି ମହାନ୍ତି, ବିଜୁ ବିହାରୀ ପ୍ରମୁଖ ଯୋଗଦେଇଥିଲେ। ସଦର ନିର୍ବାଚନ ମଣ୍ଡଳୀ ସଭାପତି ରତିରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

ଢେଙ୍କାନାଳ: ଗାନ୍ଧୀ ଅଧ୍ୟୟନ ଓ ୟୁସୁଫ ମେହେର ଅଲ୍ଲି ସେଣ୍ଟର ତରଫରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳନ ହୋଇଛି। ସାମଜବାଦୀ ନେତା ସରୋଜ କୁମାର ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଚାରପତି



ଭିକାରୀ ଚରଣ ରାଉତ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ, କବି ବାହାଦୁର ପାଟ୍ଟସାହାଣୀ, ସୂର୍ଯ୍ୟମଣି ପଟ୍ଟନାୟକ, ତରୁଣ ବିଶ୍ୱାଳ, ବିପିନ ବେହେରା, ବ୍ରହ୍ମାନନ୍ଦ ପ୍ରଧାନ ଓ ଯୁଧିଷ୍ଠିର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପାଟରା ସମାଜ ପକ୍ଷରୁ ପାଟବସ୍ତ୍ର ଲାଗି



ଭୁବନ, ୧୧।୮(ସମିସ): ପବିତ୍ର ରକ୍ଷାବନ୍ଧନ ତଥା ବଳଭଦ୍ରଙ୍କ ଜନ୍ମ ଉତ୍ସବରେ ପୁରୀ ଶ୍ରୀମନ୍ଦିରରେ ପାଟ ବୈଶ୍ୟ ସେବାୟତଙ୍କ ଦ୍ୱାରା ପାଟ ରାଖି ଲାଗି କରିବାର ସେବା ପାରମ୍ପରିକ ଭାବେ ପାଳନ କରାଯାଉଥିବା ବେଳେ ଓଳାଶ ଚକଲା ଅଧୀନରେ ଥିବା ଭୁବନ ଥାନ ତରଫରୁ ଉକ୍ତ ସେବା ପରମ୍ପରାକୁ ଢେଙ୍କାନାଳ ଜିଲ୍ଲା ଭୁବନର ଜଗନ୍ନାଥ ମନ୍ଦିର ତୃତୀୟାଦେବଜୀୟୁ ମନ୍ଦିରରେ ପାଳନ କରାଯାଇଛି। ବଡ଼ ଥାନପତି ତଥା ସଭାପତି ଅରୁଣ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ସୁବ୍ରତ କୁମାର ସାହୁ, ସମ୍ପାଦକ ମନୋଜ ସାହୁ, ସହ ସମ୍ପାଦକ କାଳନ୍ଦୀ ସାହୁ, ଉପସଭାପତି ସମରେନ୍ଦ୍ର ମହାନ୍ତି ଓ କୋଦଣ୍ଡଧର ମହାନ୍ତି, ବରିଷ୍ଠ ଉପଦେଷ୍ଟା ସନାତନ ପାତ୍ର, ଗଗନ ବିହାରୀ ସାହୁ, ପ୍ରଫୁଲ୍ଲ ସାହୁଙ୍କ ନେତୃତ୍ୱରେ କେତନ ସାହୁ, ଧନେଶ୍ୱର ସାହୁ, ବାପିନ ମହାନ୍ତିଙ୍କ ସହଯୋଗରେ ବଡ଼ହାଟରେ ଥିବା ପାଟରା ସମାଜ କୋଠଘରୁ ବାହାରି ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପାଟବସ୍ତ୍ର ଓ ରାଖି ଲାଗି କରାଯାଇଥିଲା। ମନ୍ଦିର ପରିଚାଳନା କମିଟି ସଭାପତି ତଥା ଭୁବନ ନଗରପାଳ ଶୁଭେନ୍ଦୁ ସାହୁ, ସମ୍ପାଦକ ନିରଞ୍ଜନ ଗୁରୁ ଉପସ୍ଥିତ ଥିଲେ।

## ରାକ୍ଷୀ ପୂର୍ଣ୍ଣିମାରେ ମନ୍ଦିର ଚଳଚଞ୍ଚଳ

ପରଜଙ୍ଗ, ୧୧।୮(ସମିସ): ରକ୍ଷାବନ୍ଧନ ଅବସରରେ ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକର ବିଭିନ୍ନ ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ସର୍ବପୁରାତନ କୁଆଲୁ ଅଷ୍ଟଶମ୍ଭୁ



ମନ୍ଦିର ଓ ପରଜଙ୍ଗ ବାଞ୍ଛେଶ୍ୱର ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପୂଜକ ବାସୁ ତ୍ରିପାଠୀ ପୂଜାର୍ଚ୍ଚନା କରିଥିବା ବେଳେ ମନ୍ଦିରର ସ୍ଥାୟୀ ପୂଜକ ସୁଦର୍ଶନ ରଣା ସହଯୋଗ କରିଥିଲେ। ବୋଲବମ କମିଟି ସଦସ୍ୟ କାଳିଆ ଦଳବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ଲାଗି ପ୍ରସାଦ ବ୍ୟବସ୍ଥା କରାଯାଇଥିଲା।

## ପଥର ଖଣିରେ ଜଘନ୍ୟ କାଣ୍ଡ

# ଶ୍ରମିକଙ୍କୁ ମାରି ପୋତିଦେଇଥିବା ଅଭିଯୋଗ

ଢେଙ୍କାନାଳ, ୧୧।୮(ସମିସ)



ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ତହସିଲ ଇନ୍ଦିପୁର ଗୁଣ୍ଡୁରାପଶି ୨ନଂ ପଥର ଖଣିରେ ଜଣେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକ ହେଲେ ବେଶାଳିଆ ଗ୍ରାମର ଅଭୟ ନାୟକ (୪୮)। ଅଭୟଙ୍କୁ ହତ୍ୟା କରି ପୋତି ଦିଆଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ଇନ୍ଦିପୁର-ବେଶାଳିଆ ରାସ୍ତା ଅବରୋଧ କରିଛନ୍ତି।

ପ୍ରତିଦିନ ଭଳି ଅଭୟ ଇନ୍ଦିପୁର ନିକଟରେ ଥିବା ଗୁଣ୍ଡୁରାପଶି ଦୁଇ ନମ୍ବର ପଥର ଖଣିକୁ କାର୍ଯ୍ୟ କରିବାକୁ ଯାଇଥିଲେ। କିନ୍ତୁ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ପଥର ଖଣିରେ ତାଙ୍କ ମୃତ୍ୟୁ ହୋଇଥିବା ଖବରପାଇ ପରିବାର ଲୋକେ ସେଠାକୁ ଯାଇ ମୃତଦେହ ଚିହ୍ନଟ କରିଥିଲେ। ଏହି ଘଟଣାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ କରିଛି। ପରିବାର ଲୋକଙ୍କ ସୂଚନା ଅନୁସାରେ ବେଆଇନ ଖଣିମାଲିକ ଅଭୟଙ୍କୁ ହତ୍ୟା କରିବା ପରେ ଘଟଣାକୁ ଚାପିଦେବା ପାଇଁ ମୃତଦେହ ଉପରେ ମୋରମ ଘୋଡ଼ାଇ ଦେଇଥିଲେ। ଅଭୟଙ୍କ ହାତ କଟି ଯାଇଥିବା ବେଳେ ପେଟରୁ ଅନ୍ତବୁଜୁଳା ବାହାରି ପଡ଼ିଥିଲା। ବେଆଇନ ଖଣି ମାଲିକଙ୍କ

### ପ୍ରତିବାଦରେ ରାସ୍ତା ଅବରୋଧ

ଦ୍ୱାରା ଏହା ଯୋଜନାବଦ୍ଧ ହତ୍ୟା ବୋଲି ଅଭିଯୋଗ କରିଛନ୍ତି। ପରିବାରକୁ କ୍ଷତିପୂରଣ ଦାବିରେ ପରିବାର ଲୋକ ଓ ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି। ଶବ ସଂସ୍କାର ପାଇଁ ୫୦ ହଜାର ଟଙ୍କା ଏବଂ ବେଆଇନ ଖଣି ମାଲିକମାନେ ୫ଲକ୍ଷ ଟଙ୍କା ଦେବାକୁ ଦାବି କରିଛନ୍ତି। ବେଆଇନ ଖଣି ମାଲିକଙ୍କୁ ଗିରଫ କରିବାକୁ ମଧ୍ୟ ଦାବି କରିଛନ୍ତି। ତେବେ ପୁଲିସ ଲୋକଙ୍କୁ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ସୂଚନାଯୋଗ୍ୟ, ଅଭୟଙ୍କ ପତ୍ନୀ ଓ ୪ ସନ୍ତାନ ରହିଛନ୍ତି।

## ରାଜସ୍ୱ ଅମଲା ସଙ୍ଘର କାର୍ଯ୍ୟବନ୍ଦ ଆନ୍ଦୋଳନ



କାମାକ୍ଷାନଗର, ୧୧।୮(ସମିସ): ଦଶଦଫା ଦାବି ନେଇ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଓଡ଼ିଶା ରାଜସ୍ୱ ଅମଲା ସଙ୍ଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ଯାଏଁ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଦାବିଗୁଡ଼ିକ ପୂରଣ ନ ହେଲେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ ଓ ତହସିଲ କାର୍ଯ୍ୟାଳୟରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆନ୍ଦୋଳନ ଚଳାଇଛନ୍ତି। ଜିଲ୍ଲା ସ୍ତରରେ କାର୍ଯ୍ୟ କରୁଥିବା ରାଜସ୍ୱ ଅମଲାମାନଙ୍କ ମୂଳ ଦରମା ଲେଭଲ-୯କୁ ବୃଦ୍ଧି କରିବା, ନୂତନ ପଦବୀ ସୃଷ୍ଟି କରିବା ସହ ପଦବୀ ପୁନର୍ଗଠନ, କାର୍ଯ୍ୟରତ ଅମଲାମାନଙ୍କ ସ୍ୱାସ୍ଥ୍ୟବୀମା ୨୦ ଲକ୍ଷ ଟଙ୍କାକୁ ବୃଦ୍ଧି, ନୂତନ ପେନସନ ଯୋଜନା ରଦ୍ଦ କରି ପୁରାତନ ପେନସନ ଯୋଜନା ଲାଗୁ କରିବା ଇତ୍ୟାଦି ୧୦ଟି ଦାବି ନେଇ ଅମଲାମାନେ ଆନ୍ଦୋଳନ କରୁଛନ୍ତି। ଗତ ମାସ ୭ ତାରିଖ ଅମଲା ସଂଘ ତରଫରୁ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ କରିବା ସହ ଦାବି ପୂରଣ ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଥିଲା। କିନ୍ତୁ କୌଣସି ଦାବି ପୂରଣ ନ ହେବାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ଫଳରେ ସମସ୍ତ ଅଫିସ ଖାଁ ଖାଁ ରହିଛି। ସରକାରୀ କାର୍ଯ୍ୟ ଠପ୍ ହୋଇଯାଇଛି।

## ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ଗଁଦିଆ, ୧୧।୮(ସମିସ): ସ୍ଥାନୀୟ ଲେଖକ ସଂସଦ ଓ ସନ୍ଥପୁର ନିଉ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଅବସରରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। କବି ଗୋଲକ ବିହାରୀ ବେହେରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକ, ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀ ଓ ନିଉ ଇଣ୍ଡିଆର ନିର୍ଦ୍ଦେଶକ ଶେଷଦେବ ରାଉତଙ୍କ ତତ୍ତ୍ୱାବଧାନରେ କବି ସୁରେନ୍ଦ୍ର ପୃଷ୍ଟି, କବୟିତ୍ରୀ ସୁକାନ୍ତି ସାହୁ, ଜ୍ୟୋର୍ତିମୟୀ ନାଥଙ୍କ ସଂଯୋଜନାରେ କବିତା ପାଠ ମଧୁକ୍ଷରା ଅନୁଷ୍ଠିତ ହୋଇଥିଲା। ଏଥିରେ କବି ପ୍ରକୃତିବନ୍ଧୁ ହରିହର ସାହୁ, ସୁରେନ୍ଦ୍ର ପୃଷ୍ଟି, ହୃଦାନନ୍ଦ ଦ୍ୱିବେଦୀ, ବସନ୍ତ କୁମାର ପଟ୍ଟନାୟକ, କବୟିତ୍ରୀ ଉପମା ସାମଲ, ଜୋତିର୍ମୟୀ ନାଥ, ମାନସୀ କରଙ୍କ ସହ ପ୍ରାୟ ୭୦ ଜଣ କବି ଓ କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। ସ୍ୱଭାବ କବିଙ୍କ ଜୀବନୀ ଉପରେ ଆଲୋଚନା ବୈଠକ ହୋଇଥିଲା। ଢେଙ୍କାନାଳ ଲେଖକ ସଂସଦ ସଭାପତି ବସନ୍ତ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ହୃଦାନନ୍ଦ ଦ୍ୱିବେଦୀଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ, ସମ୍ମାନିତ ଅତିଥି ଭାବେ ନିଉ ଇଣ୍ଡିଆର ନିର୍ଦ୍ଦେଶକ ଶେଷଦେବ ରାଉତ, ଆଧ୍ୟାତ୍ମିକ ପ୍ରବକ୍ତା ପ୍ରତାପ କିଶୋର ନନ୍ଦ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାପକ ଡ. ପ୍ରଫୁଲ୍ଲ କୁମାର ପାଣି ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କବି ଯୋଗୀନାଥ ରାଉଳ, ସମାଜସେବୀ ଆର୍ତ୍ତବନ୍ଧୁ ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟିକ ଭିକାରୀ ଚରଣ ରାଉତଙ୍କ ପୁସ୍ତକ 'ଆଧ୍ୟାତ୍ମିକ ଓ ନୈତିକ ଶିକ୍ଷାର କୁହୁକ କରାମତି' ଉନ୍ମୋଚିତ ହୋଇଥିଲା। ଢେଙ୍କାନାଳ ସାନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସମୀର କୁମାର ସାହୁ, ପରିବେଶବିତ ଉପେନ୍ଦ୍ର କୁମାର ରାଉତଙ୍କ ସହିତ ଶତାଧିକ ଲେଖକ, କବି ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ସହଯୋଗ

ଭୁବନ, ୧୧।୮(ସମିସ): ଭୁବନ ଏନ୍‌ଏସି ୱାର୍ଡ ନମ୍ବର ୧୨ ବ୍ରାହ୍ମଣୀ ଛକର ଜଣେ ଯୁବକ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଏପ୍ରିଲ ମାସରେ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ସହାୟତା ପାଣ୍ଠିରୁ ସହଯୋଗ ପାଇଁ ଢେଙ୍କାନାଳ ସଂସାଦ ରୁଦ୍ରନାରାୟଣ ପାଣିଙ୍କୁ ଅନୁରୋଧ କରିଥିଲେ। ଏହା ଗୃହୀତ ହୋଇଥିବା ସଂସାଦ ପାଣି ସୂଚନା ଦେଇଛନ୍ତି। ପୀଡ଼ିତ ଜଣକ ହେଲେ ଶରତ ଚନ୍ଦ୍ର ଚିନରାଙ୍କ ଏକମାତ୍ର ପୁଅ ପ୍ରକାଶ ଚିନରା।

## ଗଁଦିଆ ଅଞ୍ଚଳରେ ଡାକସେବା ଠପ୍




ଗଁଦିଆ, ୧୧।୮(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ମୁଖ୍ୟ ଡାକଘର ଅଧୀନରେ ଥିବା ୨୭ ପଞ୍ଚାୟତ ଅଞ୍ଚଳରେ ସମସ୍ତ ଡାକସେବା ବନ୍ଦ ରହିଥିବାରୁ ଗ୍ରାହକମାନେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ତେବେ ସଫ୍ଟୱେର କାର୍ଯ୍ୟକ୍ଷମ ହେଉଥିବାରୁ ଏଭଳି ସମସ୍ୟା ହୋଇଛି। ସ୍ଥିତି ସ୍ୱାଭାବିକ ହେବାକୁ ଆହୁରି ୬/୭ ଦିନ ଲାଗିବ ବୋଲି ଗଁଦିଆ ମୁଖ୍ୟ ଡାକଘର ଅଧିକାରୀ କହିଛନ୍ତି। ଗ୍ରାମାଞ୍ଚଳରେ ସରକାରୀ ଯୋଜନାକୁ ଲୋକାଭିମୁଖୀ କରାଇବା ଦିଗରେ ଡାକଘର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଥିବାବେଳେ ଏଭଳି ସମସ୍ୟା ଉପୁଜିଥିବାରୁ ଗ୍ରାହକ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ତୁରନ୍ତ ଡାକସେବା ସ୍ୱାଭାବିକ କରାଇବା ପାଇଁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଡାକ ଅଧିକାରୀ ତଥା ରାଜ୍ୟମୁଖ୍ୟ ଡାକ ଅଧିକାରୀ ଦୃଷ୍ଟିଦେବାକୁ ଗ୍ରାହକମାନେ ଦାବି କରିଛନ୍ତି।

## ଗଁଦିଆକୁ ଏନଏସି ମାନ୍ୟତା ପାଇଁ ସର୍ବଦଳୀୟ ବୈଠକ



ଗଁଦିଆ, ୧୧।୮(ସମିସ): ଗଁଦିଆ ବ୍ଲକର ମୁଖ୍ୟ କେନ୍ଦ୍ର ଅବିଭକ୍ତ ଗଁଦିଆ ପଞ୍ଚାୟତକୁ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ମାନ୍ୟତା ପାଇଁ ଗଁଦିଆ ପଞ୍ଚାୟତ ସମିତି ସଭାଗୃହରେ ରାଘବ ଚନ୍ଦ୍ର ମହାରଣାଙ୍କ ତତ୍ତ୍ୱାବଧାନରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ବରିଷ୍ଠ ନାଗରିକ ତଥା ପୋରୁହଖୋଜ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିପିନ ବିହାରୀ ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଁଦିଆ ଓ ପୋରୁହଖୋଜ ପଞ୍ଚାୟତର ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି, ବରିଷ୍ଠ ନାଗରିକ, ବୁଦ୍ଧିଜୀବୀ ଓ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ। ବୈଠକରେ ଯୋଗଦେଇଥିବା ଲୋକେ ଅବିଭକ୍ତ ଗଁଦିଆ ପଞ୍ଚାୟତକୁ ଏନ୍‌ଏସି ମାନ୍ୟତା ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ୧୯୬୯ରୁ ରାଜ୍ୟ ସରକାର ଉକ୍ତ ଅଞ୍ଚଳକୁ ଅର୍ବାନ ଶ୍ରେଣୀଭୁକ୍ତ କରିଥିଲେ ସୁଦ୍ଧା ଆଜିପର୍ଯ୍ୟନ୍ତ ଏହା ଏନଏସିରେ ପରିଣତ ହୋଇପାରିଲା ନାହିଁ। ଏହାକୁ ନେଇ ବୈଠକ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଦୀର୍ଘବର୍ଷ ଧରି ବାରମ୍ବାର ରାଜ୍ୟ ସରକାରଙ୍କଠାରେ ଏନଏସି ମାନ୍ୟତା ପାଇଁ ଦାବି ହୋଇଆସୁଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଗଲା ନାହିଁ। ଭୌଗୋଳିକ ଦୃଷ୍ଟିକୋଣରୁ ବର୍ତ୍ତମାନ ଗଁଦିଆ ପଞ୍ଚାୟତର ରାଜସ୍ୱ ଗ୍ରାମ ଗଁଦିଆ, ଶ୍ରୀରାମଚନ୍ଦ୍ରପୁର, ଆଙ୍କୁର୍ଦ୍ଦା, ବାଙ୍ଗଲ, ପୋରୁହଖୋଜ ପଞ୍ଚାୟତର ପୋରୁହଖୋଜ, ସାନ୍ଧାପସୀ, ବଣିଆପଡ଼ା, ଦଣ୍ଡେଇବେରେଣି ଓ ପାଖ ମଠତେନ୍ତୁଳିଆ ପଞ୍ଚାୟତର ଇଲେଇଜଙ୍ଗ ଓ ବିଧାରପୁର ପଞ୍ଚାୟତର ସାପୁଆଝରେ ଆଦି ଗ୍ରାମଗୁଡ଼ିକୁ ନେଇ ନୂତନ ଏନ୍‌ଏସି ଗଠନ ପାଇଁ ସରକାରୀ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ବୈଠକରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଳୟ କୁମାର ସିଂହ, ପୌରଖୋଜ ସରପଞ୍ଚ ରତିକାନ୍ତ ସାହୁ, ପୂର୍ବତନ ଗଁଦିଆ ସରପଞ୍ଚ କୃଷ୍ଣଚନ୍ଦ୍ର ଜେନା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦଣ୍ଡଧର ସାହୁ, ବରିଷ୍ଠ କଂଗ୍ରେସ ନେତା ଡମ୍ବରୁଧର ସେଠୀ, ବରିଷ୍ଠ ନାଗରିକ ରାମଚନ୍ଦ୍ର ସାହୁ, ଜୟଦେବ ସାହୁ, ହଟନାଥ ରାଉତ, ଗୋପାଳ ଚନ୍ଦ୍ର ରାଉତ, ଗୋବିନ୍ଦ ଚନ୍ଦ୍ର ସାହୁ, ଗଁଦିଆ ପ୍ରେସ କ୍ଲବ ସଭାପତି ମହେନ୍ଦ୍ର ସାହୁ, ସଭ୍ୟ ସୁଦାମ କୁମାର ସାହୁ, ବିଶ୍ୱମୋହନ ସାହୁ, ଯୁବ ସମାଜସେବୀ ସୁବ୍ରତ କୁମାର ସାହୁ, ତାପସ କୁମାର ରାଉତ, ଅଜିତ ପ୍ରସାଦ ରାଉତ, ଅମ୍ବୁଜ ସାହୁ, ନିରଞ୍ଜନ ଜେନା, ପ୍ରଭାକର ବେହେରା, ବିଦ୍ୟାଧର ସାହୁ, ମାନ କୁଅଁର, ରାଜେଶ ବାରିକ, ବାପି ସାହୁ, ରସାନନ୍ଦ ସାହୁ, ନିର୍ମଳ କୁମାର ସାହୁଙ୍କ ସମେତ ଶତାଧିକ ଜନସାଧାରଣ ଅଂଶଗ୍ରହଣ କରିଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଏକ ସ୍ଥାୟୀ ପରିଚାଳନା କମିଟି ଗଠନ ପାଇଁ ପ୍ରସ୍ତାବ ଗୃହୀତ ହେବା ସହିତ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀଙ୍କଠାରେ ଏନଏସି ମାନ୍ୟତା ପାଇଁ ଦାବି ଉପସ୍ଥାପନ କରାଯିବାକୁ ନିଷ୍ପତ୍ତି ହୋଇଛି।

# 'ଭୋଟ ଚୋରିକରି ବିଜେପି କ୍ଷମତା ହାସଲ କରିଛି'

ଢେଙ୍କାନାଳ, ୧୧।୮(ସମିସ)




ଜିଲ୍ଲା କଂଗ୍ରେସ କମିଟି ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ପିସିସି ମୁଖପାତ୍ର ଏବଂ ରିସର୍ଚ୍ଚ ଡାଟା ଆନାଲିସିସ ମୁଖ୍ୟ ତଥା ଡ୍ରାଫ୍ଟିଂ କମିଟି ସଦସ୍ୟ ଜଗଦାନନ୍ଦ ପ୍ରଧାନଙ୍କ ଉପସ୍ଥିତିରେ ସ୍ଥାନୀୟ ସୌନ୍ଦର୍ଯ୍ୟା ସଭା କକ୍ଷରେ ବିଜେପି ସରକାରଙ୍କ ଭୋଟ ଚୋରିକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଗତ ୭ ତାରିଖ ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କ ଐତିହାସିକ ସାମ୍ବାଦିକ ସମ୍ମିଳନୀରେ ବେଙ୍ଗାଲୁରୁ ସେଣ୍ଟ୍ରାଲ ଲୋକସଭା କ୍ଷେତ୍ର ଏବଂ ଏହା ଅଧୀନ ମହାଦେବପୁରା ବିଧାନସଭା କ୍ଷେତ୍ରରେ ୨୦୨୪ରେ ୧୦୦୨୫୦ ଭୋଟ ଚୋରି ହୋଇଥିବା ଲୋକଲୋଚନକୁ ଆସିଛି। ଏହା ସାରା ଦେଶ ଏବଂ ବିଦେଶରେ ଆଲୋଚନାର ବିଷୟବସ୍ତୁ ପାଲଟିବା ସହ ଭାରତର ଜନମାନସରେ ଗଭୀର ଆଲୋଡ଼ନ ସୃଷ୍ଟି କରିଛି। ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷରେ ନିର୍ବାଚନ ମୋଦି ସରକାରଙ୍କ ସମୟରେ ପ୍ରହସନ ପାଲଟିଯାଇଛି ବୋଲି ସାମାଜିକ ଗଣମାଧ୍ୟମ, ବରିଷ୍ଠ ସାମ୍ବାଦିକ, ବୁଦ୍ଧିଜୀବୀ ମହଲରେ ଆଲୋଚନା ଚାଲିଛି। ପିସିସି ମୁଖପାତ୍ର ପ୍ରଧାନ ପାୱାର ପ୍ରେଜେଣ୍ଟେସନ୍ ମାଧ୍ୟମରେ ରାହୁଲ ଗାନ୍ଧୀଙ୍କ ଭାଷଣର କିଛି ବିଶେଷ ତଥ୍ୟ ପ୍ରଦାନ କରିବା ସହ ମହାରାଷ୍ଟ୍ର, କର୍ଣ୍ଣାଟକ, ହରିଆଣା ଏବଂ ଓଡ଼ିଶା ଆଦି ରାଜ୍ୟରେ ୨୦୨୪ ନିର୍ବାଚନରେ ବ୍ୟାପକ ଭୋଟ ହେରଫେର ହୋଇଥିବା ଉପସ୍ଥାପନ କରିଥିଲେ। ଏହି ମର୍ମରେ ଭାରତର ନିର୍ବାଚନ ଆୟୋଗ ଭୋଟର ତାଲିକା ଏବଂ ଭୋଟିଂ ସମ୍ପର୍କରେ ଡିଜିଟାଲ/ଇଲେକ୍ଟ୍ରୋନିକ ତଥ୍ୟ ପ୍ରଦାନ ନ କରିବା, ଭୋଟ ସମୟରେ ବୁଥର ସିସିଟିଭି ଚିତ୍ରକୁ ଲିଭାଇଦେବା ଏପରିକି ରାହୁଲଙ୍କ ଅଭିଯୋଗ ପରେ ଆୟୋଗର ୱେବସାଇଟକୁ ହଟାଇ ନେବା ଭୋଟ ଚୋରି ଅଭିଯୋଗକୁ ପ୍ରମାଣ କରୁଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ନିର୍ବାଚନ ଆୟୋଗ ଏହି ତଥ୍ୟକୁ ଯାଞ୍ଚ କରିବା ସହ ତୁରନ୍ତ ସମସ୍ତ ନିର୍ବାଚନ କ୍ଷେତ୍ରର ଡିଜିଟାଲ ରେକଡ଼ ଓ ସିସିଟିଭି ଫୁଟେଜ ପ୍ରଦାନ କରିବାକୁ ଦାବି କରାଯାଇଛି। ନଚେତ୍ ଗଣତନ୍ତ୍ରର ସୁରକ୍ଷା ନିମନ୍ତେ ସରକାର ବିରୋଧରେ ସମଗ୍ର ଦେଶରେ ଜନ ଆନ୍ଦୋଳନ କରାଯିବ ବୋଲି କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ଡା. ତୁଷାରକାନ୍ତି ନାୟକ, ସ୍ମିତାରାଣୀ ସାମଲ, ବିପ୍ରବର ସାହୁ, ମହମ୍ମଦ ଏର୍ସାଦ, ନୁରୁଲ ଇସଲାମ, ଶ୍ରୀଧର ରାଉତ, ପ୍ରିୟବ୍ରତ ଗଡ଼ନାୟକ, ରୁମେନା ବେଗମ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ନେତା ପ୍ରେମଶଙ୍କର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ● ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ

# ଷ୍ଟ୍ରେଚରରେ ବୁହାହେଲେ ଗୁରୁତର ରୋଗୀ



କାମାକ୍ଷାନଗର, ୧୧।୮(ସମିସ): ଗାଁରେ ପହଞ୍ଚି ପାରିଲାନି ଆମ୍ବୁଲାନ୍ସ। ଫଳରେ ଷ୍ଟ୍ରେଚରରେ ବୁହାହେଲେ ଗୁରୁତର ରୋଗୀ। କଙ୍କଡ଼ାହାଡ଼ ବ୍ଲକ କଣ୍ଟାପାଳ ପଞ୍ଚାୟତରେ ଏହି ଘଟଣା ସାମ୍ନାକୁ ଆସିଛି। କଣ୍ଟାପାଳ ପଞ୍ଚାୟତ ଅଢାପଲି ଗ୍ରାମ ଟିମାସାହିର ନିତ୍ୟାନନ୍ଦ ମହାନ୍ତ (୭୦) ଗୁରୁତର ହେବାରୁ ପରିବାର ଲୋକେ ମେଡିକାଲ ନେବାପାଇଁ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ତେବେ ଗାଁ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ବିରାଶାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରୁ ଆସିଥିବା ଆମ୍ବୁଲାନ୍ସ ଗ୍ରାମଠାରୁ ପ୍ରାୟ ୭୦୦ ମିଟର ଦୂରରେ ରହିଥିଲା। ଫଳରେ ନିତ୍ୟାନନ୍ଦଙ୍କୁ ପରିବାର ଲୋକ ଓ ଗ୍ରାମବାସୀ ଷ୍ଟ୍ରେଚରରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ। ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା। ନିତ୍ୟାନନ୍ଦଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ପରେ କଟକ ଏସସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଦେଶ ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ସ୍ୱାଧୀନତାର ପ୍ରାୟ ୮ ଦଶନ୍ଧି ପରେ ଗାଁକୁ ଯିବାପାଇଁ ପକ୍କା ରାସ୍ତା ନିର୍ମାଣ ହୋଇପାରିଲା ନାହିଁ। ବ୍ଲକ ସଦର ମହକୁମାଠାରୁ ମାତ୍ର ୧୦ କିମି ଦୂରରେ ଅଢ଼ାପଲି ଗାଁରେ ଜରୁରୀକାଳୀନ ସେବା ପହଞ୍ଚି ପାରୁନାହିଁ। ଗାଁକୁ ଯିବାକୁ ହେଲେ ଆବୁଡ଼ା ଖାବୁଡ଼ା, କାଦୁଅ ପଚପଚ ରାସ୍ତାରେ ଯିବାକୁ ପଡ଼େ। ଆଦିବାସୀ ଅଧ୍ୟୁଷିତ କଙ୍କଡ଼ାହାଡ଼ ବ୍ଲକକୁ ଆକାଂକ୍ଷୀ ବ୍ଲକ ଭାବେ ମନୋନୀତ କରାଯାଇ ଅନ୍ୟ ବିକଶିତ ଅଞ୍ଚଳ ଭଳି ବିକାଶ କ୍ଷେତ୍ରରେ ଆଗେଇ ନେବାପାଇଁ ପ୍ରଶାସନିକ ସ୍ତରରେ ଉଚ୍ଚ ଅଧିକାରୀ ଆସି ବାରମ୍ବାର ସମୀକ୍ଷା କରି ଫେରୁଥିବା ବେଳେ ବାସ୍ତବରେ ସଠିକ ତଦାରଖ ଅଭାବରୁ ଅନେକ ଯୋଜନା ବାଟବଣା ହେଉଛି। ଅଢ଼ାପଲି ଗାଁରେ ସାମାନ୍ୟ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। କେବଳ କାଗଜପତ୍ରରେ ବିକାଶ ହେଉଥିବା ଜଣାପଡ଼ିଛି। ଗାଁକୁ ପକ୍କା ରାସ୍ତା ନିର୍ମାଣ କରିବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବି କରିଛନ୍ତି।

# ରାଜସ୍ୱ ଅମଲାଙ୍କ ସମୂହ ଛୁଟି; ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ

## ସାଲେପୁରଠାରେ ଅମଲା ସଂଘର ମିଳିତ ସମାବେଶ



ସାଲେପୁର,୧୧।୮ (ସମିସ): ରାଜ୍ୟ ସରକାର ରାଜସ୍ୱ ଅମଲାଙ୍କ ଦାବି ପୂରଣ ପ୍ରତି ବୈମାତୃକ ମନୋଭାବ ପ୍ରତିବାଦରେ ରାଜ୍ୟ ସଂଘର ଆହ୍ୱାନ କ୍ରମେ କଟକ ଜିଲ୍ଲା ଶାଖାର ନିର୍ଦ୍ଦେଶ ମତେ ସାଲେପୁର ଜୋନ୍‌ରେ କାର୍ଯ୍ୟରତ ରାଜସ୍ୱ ଅମଲାମାନେ ଦାବି ପୂରଣ ନିମନ୍ତେ ସୋମବାର ଠାରୁ ସମୂହ ଛୁଟିରେ ଯାଇଛନ୍ତି। ଯାହା ଫଳରେ ସାଲେପୁର ତହସିଲ, ବ୍ଲକ୍ ସମେତ ବିଭିନ୍ନ ସ୍ଥାନରେ ଥିବା ସରକାରୀ କାର୍ଯ୍ୟାଳୟରେ ଅମଲାମାନେ ଦାବି ପୂରଣ ନିମନ୍ତେ ଛୁଟିରେ ଯାଇଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ ରାଜ୍ୟ ସଂଘର ରାଜ୍ୟ ସଂଗଠନ ସଂପାଦକ ରମାକାନ୍ତ ସାହୁଙ୍କ ଉପସ୍ଥିତିରେ ସାଲେପୁର ସ୍ଥିତ ମା'ଜାଗୁଳାଇ ପୀଠରେ ସାଲେପୁର, ମାହାଙ୍ଗା, ନିଶ୍ଚିନ୍ତକୋଇଲି ତହସିଲ ଓ ବ୍ଲକ୍ ଏବଂ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟାଳୟମାନଙ୍କରେ କାର୍ଯ୍ୟରତ ଅମଲାମାନେ ଏକତ୍ରିତ ହୋଇ ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କ ଦାବି ପୂରଣ କରିବାରେ ଅହେତୁକ ବିଳମ୍ବ କରୁଛନ୍ତି ବୋଲି କ୍ଷୋଭ ପ୍ରକାଶ କରିଥିଲେ। ଗତ ୨୦୧୮ ମସିହାରେ ରାଜସ୍ୱ ଅମଲାମାନଙ୍କ ଶିକ୍ଷାଗତ ଯୋଗ୍ୟତା ପରିବର୍ତ୍ତନ କରାଯାଇ ସ୍ନାତକ କରାଯାଇଥିବାବେଳେ ଶିକ୍ଷାଗତ ଯୋଗ୍ୟତା ଆଧାରରେ ରାଜସ୍ୱ ଅମଲାମାନଙ୍କ ଦରମା ଆଜି ପର୍ଯ୍ୟନ୍ତ ଲେଵୁଲ ୯କୁ ବୃଦ୍ଧି କରାଯାଇ ନାହିଁ। ପୁନଶ୍ଚ ଗତ ୨୦୨୪ ଜାନୁୟାରୀରେ ରାଜ୍ୟ ସରକାର ରାଜସ୍ୱ ଅମଲାମାନଙ୍କୁ ସ୍ୱତନ୍ତ୍ର କ୍ୟାଡର କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କ୍ୟାଡର ପୁନର୍ଗଠନ ଓ ନୂତନ ପଦ ସୃଷ୍ଟି କରାଯାଇ ନାହିଁ। କିନ୍ତୁ କ୍ୟାଡର ପୁନର୍ଗଠନକୁ ଆଳ କରି ଜିଲ୍ଲାସ୍ତରରେ କାର୍ଯ୍ୟରତ ରାଜସ୍ୱ ଅମଲାମାନଙ୍କ ପଦୋନ୍ନତି ବନ୍ଦ କରି ଦିଆଯାଇଛି। ଯାହା ଫଳରେ ୩୦ଟି ଜିଲ୍ଲାରେ ପ୍ରତି ମାସରେ ବହୁ ଅମଲା ପଦୋନ୍ନତି ବିନା ଚାକିରୀରୁ ଅବସର ଗ୍ରହଣ କରୁଛନ୍ତି। ଏହା ଦ୍ୱାରା ନିକଟ ଅତୀତରେ ଓଡ଼ିଶା ରାଜ୍ୟ ସେବା ପଦର ସଂଶୋଧନ କରି ରାଜସ୍ୱ ଅମଲାମାନଙ୍କ ରାଜସ୍ୱ ସେବା ଓ ପଦବୀକୁ ପଦୋନ୍ନତିରେ ଯିବାର ସମସ୍ତ ବାଟ ବନ୍ଦ କରିଦିଆଯାଇଛି ବୋଲି ସାଲେପୁର ଜୋନ୍‌ର ଅଧ୍ୟକ୍ଷ ସୁବାଶିଷ ରାଉତ, ସଂଯୋଜକ ରମାକାନ୍ତ ମହାରଣା ପ୍ରକାଶ କରିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ରହିବାକୁ କହିଛନ୍ତି।

ନିଆଳି: ଓଡିଶା ରାଜସ୍ୱ ଅମଲା ସଂଘ ଡାକରାରେ ନିଆଳି ଶାଖା ଅମଲା ସଂଘ ପକ୍ଷରୁ ଦାବି ପୂରଣ ନେଇ ଆନ୍ଦୋଳନକୁ ଜୋରଦାର କରାଯିବା ସହ ସୋମବାର ୧୧ ତାରିଖ ଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅମଲାମାନେ ସମୂହ ଛୁଟିରେ ରହିଛନ୍ତି। ଏହି ସମୂହ ଛୁଟି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି କହିବା ସହ ଆଜି ପ୍ରତିକାତ୍ମକ ଭାବେ କର୍ମଚାରୀମାନେ ନିଆଳି ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ବସି ପ୍ରତିବାଦ କରିଥିଲେ। ଏହି ପ୍ରତିବାଦରେ ନିଆଳି ତହସିଲର ସେକ୍ସନ ଅଫିସର କଳ୍ପତରୁ ରାଉତରାୟ, ବରିଷ୍ଠ ରାଜସ୍ୱ ସହାୟକ ସଂଗ୍ରାମ ମହାନ୍ତି, ସସ୍ମିତା ନାୟକ, ଶ୍ରୀଚରଣ ସ୍ୱାଇଁ, ନିର୍ଜନ ସାହୁ, କନିଷ୍ଠ ରାଜସ୍ୱ ସହାୟକ ଅଭିଷେକ ମହାନ୍ତି, ସୌମ୍ୟରଂଜନ ବେହେରା, କୁମାର ଗୌରବ ଦାସ, ସୀତାକାନ୍ତ ସାହୁ, ରମାକାନ୍ତ ସାହୁ, ବିଦ୍ୟାଭାରତୀ ଭୂୟାଁ, ଶୁଭଶ୍ରୀ ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।



ନରସିଂହପୁର: ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ କଟକ ଜିଲ୍ଲା ଅନ୍ତର୍ଗତ ନରସିଂହପୁର ତହସିଲର ସମସ୍ତ ରାଜସ୍ୱ ଅମଲା ସମୂହ ଛୁଟି ଦରଖାସ୍ତ ଦେଇ ଶାନ୍ତିପୂର୍ଣ୍ଣ ଭାବେ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଦଶ ଦଫା ଦାବି ପୂରଣ ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିଛନ୍ତି। ରାଜସ୍ୱ ଅମଲାମାନେ ସମୂହ ଛୁଟିରେ ଯିବା ଦ୍ୱାରା ତହସିଲସ୍ତରରେ ଜମିଜମା ସମ୍ବନ୍ଧୀୟ ମାମଲା, ଜମିପଟ୍ଟା ପ୍ରମାଣପତ୍ର, ବ୍ଲକସ୍ତରରେ ଉନ୍ନୟନ ମୂଳକ ଯୋଜନା, ଭତ୍ତା ପ୍ରଦାନ, ରାସନ କାର୍ଡ, ଛାତ୍ରବୃତ୍ତି, ସରକାରୀ କର୍ମଚାରୀଙ୍କ ପେନସନ ଓ ସାଧାରଣ ଅଭିଯୋଗର ସମାଧାନ ଆଦିରେ ବାଧା ଉପୁଜି ହେବାସହ ତହସିଲ ଓ ବ୍ଲକ କାର୍ଯ୍ୟାଳୟ ଗୁଡିକ ଏକପ୍ରକାର ଠପ ହୋଇଯାଇଛି। ସଂଘର କର୍ମକର୍ତ୍ତା ସୁବ୍ରତ ମିଶ୍ର, କୀର୍ତ୍ତି ରଞ୍ଜନ ପ୍ରଧାନ, ଶୁଭଶ୍ରୀ ସୁଚିସ୍ମିତା ନନ୍ଦ, ଆଲୋକ ନାୟକ, ଅଜୟ ମୁଦୁଲି, ସୁବ୍ରତ ସାହୁ, ସ୍ୱାଗତିକା ମହାନ୍ତି, ଜୟନ୍ତ ସିଂ, କୈଳାଶ ବେହେରା, ବନଲତା ଦାସ, ସୁବ୍ରତ ସେନାପତି, ଅଜୟ ଚାନ୍ଦ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ନିବେଦନ କରିଛନ୍ତି।

ଆଠଗଡ/ଟିଗିରିଆ: ଓଡିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ପୂର୍ବ ନିଷ୍ପତ୍ତି ଅନୁଯାୟୀ ଅଗଷ୍ଟ ୧୧ ତାରିଖ ସୋମବାର ଠାରୁ ରାଜସ୍ୱ ଅମଲାମାନେ ସମୂହ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଆଠଗଡ ଉପଖଣ୍ଡର ସମସ୍ତ ରାଜସ୍ୱ ଅମଲା ସୋମବାରଠାରୁ ସାମୁହିକ ଛୁଟି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ଫଳରେ ସମସ୍ତ ସରକାରୀ କାର୍ଯ୍ୟ ବିଶେଷକରି ଉପଜିଲ୍ଲାପାଳ ଓ ସମସ୍ତ ତହସିଲରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ ବ୍ଲକ ଏବଂ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟରେ ମଧ୍ୟ ବିଭିନ୍ନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ସଂଘର ଆଠଗଡ ଉପଖଣ୍ଡ ଶାଖା ସଭାପତି ଅନୁଜ ବେହେରା, ସମ୍ପାଦକ ଦିନେଶ ବେହେରା, କୋଷାଧ୍ୟକ୍ଷ ସରୋଜ ମହାନ୍ତି, ସଂଘର ନେତା ଶ୍ରୀନିବାସ ଧଳସାମନ୍ତ, ସୂର୍ଯ୍ୟମଣି ସାହୁ, ବିଜୟଲକ୍ଷ୍ମୀ ମଲ୍ଲିକ, ନିରଞ୍ଜନ ବେହେରା ଓ ଜ୍ୟୋତିରଞ୍ଜନ ପରିଡାଙ୍କ ନେତୃତ୍ୱରେ ଆଠଗଡ ଓ ଟିଗିରିଆ ବ୍ଲକରେ କାର୍ଯ୍ୟରତ ସମସ୍ତ ରାଜସ୍ୱ ଅମଲା କାର୍ଯ୍ୟରତ ଆନ୍ଦୋଳନ କରିବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।



■ ପୀଡ଼ିତାଙ୍କୁ ନ୍ୟାୟ ଓ ମହିଳା ସୁରକ୍ଷା ପ୍ରସଙ୍ଗ

## ଯୁବଛାତ୍ର ବିଜେଡି ପକ୍ଷରୁ ପୁଲିସ ଡିଜିଙ୍କୁ ସ୍ମାରକପତ୍ର



ଟାଙ୍ଗୀ,୧୧।୮ (ସମିସ): ବାଲେଶ୍ୱର ଏଫଏମ୍ କଲେଜ ସହ ବିଭିନ୍ନ ମହିଳାଙ୍କ ଘଟଣାରେ ଦୋଷୀକୁ ଦୃଷ୍ଟାନ୍ତମୂଳକ ଦଣ୍ଡ ଓ ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦାବିରେ ବିଧାୟକ ପ୍ରଶାନ୍ତ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ସାଲେପୁର ନିର୍ବାଚନ ମଣ୍ଡଳୀ ତଥା ଟାଙ୍ଗୀ-ଚୌଦ୍ୱାର ବ୍ଲକ ଟାଙ୍ଗୀ ଅଞ୍ଚଳ ଯୁବଛାତ୍ର ବିଜେଡ଼ି ପକ୍ଷରୁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ (ଡିଜି)ଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସୋମବାର ପୂର୍ବାହ୍ନରେ ତଥା ଯୁବ ବିଜେଡି ସଭାପତି ତଥା ସରପଞ୍ଚ ତାପସ କୁମାର ସାହୁଙ୍କ ଆହ୍ୱାନକ୍ରମେ ୧୩ଟି ପଞ୍ଚାୟତର ଆଗଧାଡିର ନେତା କର୍ମୀ ଓ ଛାତ୍ର ସଭାପତି ସ୍ୱରୂପ ରଞ୍ଜନ ନାୟକଙ୍କ ନେତୃତ୍ୱରେ ଟାଙ୍ଗୀ ମହାବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଶୋଭାଯାତ୍ରାରେ ସାମିଲ ହେବା ସହ ସରକାର ବିରୋଧୀ ନାରା ପ୍ରଦାନ କରିଥିଲେ। ଉକ୍ତ ଶୋଭାଯାତ୍ରା ଟାଙ୍ଗୀ-ହରିପୁର ରାସ୍ତାର ଟାଙ୍ଗୀ ପ୍ରବେଶପଥରୁ ବାହାରି ଥାନା ପର୍ଯ୍ୟନ୍ତ ଆସିଥିଲା। ଯୁବଛାତ୍ର ସଭାପତିଙ୍କ ସମେତ ଜିଲ୍ଲା ପରିଷଦ ସଭ୍ୟ ଚିତ୍ତରଞ୍ଜନ ସାମଲ, ସଭ୍ୟା ଜୟଶ୍ରୀ ପ୍ରଧାନ, ଆମ୍ବା ଅଧ୍ୟକ୍ଷ ରାଜେଶ ରଞ୍ଜନ ଷଡ଼ଙ୍ଗୀ, ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ, ରଶ୍ମୀ ରଞ୍ଜନ ରାଉତ, ଧିରେନ୍ଦ୍ର ଜେଠୀ, ଜନ୍ମେଜୟ ଖିଲାର, ସୁବୋଧ ସାମଲ, ଆଶିଷ ରଞ୍ଜନ ଷଡ଼ଙ୍ଗୀ, ସାଗର କର, ଗୋବିନ୍ଦ ଦାସ, ପରମଜିତ ମହାନ୍ତି ଓ ଗୋପାଳ ଲେଙ୍କା ପ୍ରମୁଖ ପ୍ରତିବାଦ ସଭାରେ ବକ୍ତବ୍ୟ ରଖି ସରକାରୀ ନୀତିର ତୀବ୍ର ସମାଲୋଚନା କରିଥିଲେ। ପୀଡିତାଙ୍କୁ ଉପଯୁକ୍ତ ନ୍ୟାୟ ନ ମିଳିଲେ ଆସନ୍ତା ଦିନରେ ଲଢେଇ ଜୋରଦାର ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଶେଷରେ ଡିଜିଙ୍କ ଉଦ୍ଦେଶ୍ୟରେ ଆଇଆଇସି ଶିବପ୍ରସାଦ ଭଦ୍ରଙ୍କୁ ଦାବି ସଂକ୍ରାନ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।

## ରେଳ ଧାରଣାରୁ ଆହତ ଯୁବକ ଉଦ୍ଧାର

ମଙ୍ଗୁଳି,୧୧।୮ (ସମିସ): ଟାଙ୍ଗୀ ଥାନା ନିର୍ଗୁଣ୍ଡି ରେଳଷ୍ଟେସନ୍‌ର କିଛି ଦୂରରେ ଥିବା ରେଳ ଧାରଣାରୁ ଜଣେ ଯୁବକ ଆହତ ଅବସ୍ଥାରେ ପଡ଼ିଥିବାର ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ପ୍ରଥମେ ସେମାନେ ଏ ସମ୍ପର୍କରେ ରେଳବାଇ ପୁଲିସକୁ ଖବର ଦେଇଥିବା ବେଳେ ରେଳବାଇ ପୁଲିସ ଟ୍ରେନ୍ ଦୁର୍ଘଟଣାରେ କୌଣସି ବ୍ୟକ୍ତି ଆହତ ହୋଇ ନ ଥିବାର ଖବର ନ ଥିବାରୁ ସେ ସ୍ଥାନୀୟ ପୁଲିସକୁ ଖବର ଦେବା ପାଇଁ ପ୍ରକାଶ କରିଥିଲେ। ପରେ ଗ୍ରାମବାସୀ ଉକ୍ତ ଯୁବକଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ କଟକ ବଡ଼ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ପଠାଇଥିଲେ। ଆହତ ଯୁବକର ପରିଚୟ ମିଳିପାରି ନ ଥିବା ବେଳେ ସେ ଓଡ଼ିଆ ଭାଷାର କଥା ବୁଝିପାରୁ ନ ଥିବା ବେଳେ ଯୁବକ ଜଣକ ବାହାର ରାଜ୍ୟର ହୋଇଥାଇପାରନ୍ତି ବୋଲି ଗ୍ରାମବାସୀ ସନ୍ଦେହ କରୁଥିବା ବେଳେ ଯୁବକ ଜଣକ ରାତିରେ କୌଣସି ଟ୍ରେନ୍‌ରେ ଯାଉଥିବା ବେଳେ ଅସାବଧାନତା ଯୋଗୁଁ ଟ୍ରାକ୍‌ରେ ପଡ଼ିଯାଇ ଆହତ ହୋଇଥାଇପାରନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ନଦୀରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କନ୍ଦରପୁର,୧୧।୮ (ସମିସ): କଟକ ସଦର ୪୨ ମୌଜା ଥାନା ଅନ୍ତର୍ଗତ କୂଳ ସରିତୁଆ ନିକଟସ୍ଥ ସିଡୁଆ ନଦୀରେ ଭାସୁଥିବା ଅଜଣା ବ୍ୟକ୍ତିଙ୍କ ଶବକୁ ୪୨ମୌଜା ପୁଲିସ ରବିବାର ସନ୍ଧ୍ୟାରେ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ଼ ମେଡିକାଲକୁ ପଠାଇଥିବା ଜଣାପଡ଼ିଛି। ନଦୀରେ ଶବ ଭାସୁଥିବା ବେଳେ ସ୍ଥାନୀୟ ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ। ଶବର ମୁହଁ ବିକୃତ ହୋଇଯାଇଥିବାରୁ ଏ ପର୍ଯ୍ୟନ୍ତ ତାର ପରିଚୟ ମିଳିପାରି ନାହିଁ।

## ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା



କନ୍ଦରପୁର,୧୧।୮ (ସମିସ): ୪୨ମୌଜା ଅନ୍ତର୍ଗତ ବେଣ୍ଟକାର ନିକଟରେ ଥିବା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟରେ ୪୨ ମୌଜାର ସମସ୍ତ ଅଞ୍ଚଳବାସୀ, ବୁଦ୍ଧିଜୀବୀ ଓ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ସଂପାଦକ ଚିନ୍ମୟ ଦେବତା, କାର୍ଯ୍ୟକାରୀ ସଭାପତି ଦୁଷ୍ମନ୍ତ କୁମାର ନନ୍ଦ ଓ ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟର ସଭାପତି ଏବଂ ବିଶିଷ୍ଟ ସମାଜସେବୀ ମନୋଜ ନାୟକଙ୍କ ମିଳିତ ଉଦ୍ୟମରେ ଉକ୍ତ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୫ ଦଫା ଦାବି ଉପସ୍ଥାପନ କରାଯାଇଥିଲା। ଲୋ ଭୋଲଟେଜ୍, ଅଘୋଷିତ ବିଦ୍ୟୁତ କାଟ, ସ୍ମାର୍ଟ ମିଟର ବ୍ୟବସ୍ଥା ସଂପୂର୍ଣ୍ଣ ବନ୍ଦ କରିବା, ଉପଭୋକ୍ତାଙ୍କୁ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା, ନୂତନ ଗ୍ରୀଡର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ଅନ୍ୟତମ। ଉକ୍ତ ଦାବିଗୁଡିକ ବିଦ୍ୟୁତ୍ ବିଭାଗର ଅଧିକାରୀଙ୍କ ନିକଟରେ ଉପସ୍ଥାପନ କରାଯାଇଥିଲା। ଏହାର ସ୍ଥାୟୀ ସମାଧାନ ନିମନ୍ତେ ସମସ୍ତ ଅଞ୍ଚଳବାସୀ ବିଦ୍ୟୁତ୍ ବିଭାଗକୁ ଅବଗତ କରାଇଥିଲେ। ଏଥିରେ ଝିଙ୍କିରିଆ ଗ୍ରାମ୍ୟ ଉନ୍ନୟନ କମିଟିର ଆନନ୍ଦ ଦେବତା, ବିଶ୍ୱଜିତ ଦେବତା, ଦୟାନିଧି ଉପାଧ୍ୟାୟ, ନରହରି ଦେବତା, ହୃଷିକେଶ ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ନିରଞ୍ଜନ ସାହୁ, ଅଶୋକ ଦେବତା, ପ୍ରମୋଦ ଦେବତା, ହାପି ବେହେରା ଏବଂ ୟୁନିଅନ ଫର କଟକ ସଦର ଡେଭଲପେମେଣ୍ଟର ସଭ୍ୟ ବିଜୟ ନାୟକ, ପ୍ରକାଶ ମାଝୀ, ବିଶାଳ ଆଚାର୍ଯ୍ୟ, ଆନନ୍ଦ ବେହେରା, ଆଶିଷ ମହାନ୍ତି, ହୃଦାନନ୍ଦ ବେହେରା, ସୌମ୍ୟରଞ୍ଜନ ଜେନା, ପ୍ରିୟରଞ୍ଜନ ପରିଡା, ରିଙ୍କନ ପଣ୍ଡା, କାବୁଲା ଭୋଇ, ପ୍ରସନ୍ନ ବେହେରା, ମା' ଭଉଣୀ, ଯୁବଗୋଷ୍ଠୀ, ସ୍ଥାନୀୟ ଲୋକ ପ୍ରତିନିଧି ଏବଂ ଅନେକ ସାମାଜିକ ସଂଗଠନ ସହଯୋଗ କରିଥିଲେ।



## ଶ୍ରୀଶ୍ରୀଠାକୁର କେଶବଚନ୍ଦ୍ରଙ୍କର ପାଦୁକା ସ୍ନାନ ମହୋତ୍ସବ

ଭଦ୍ରେଶ୍ୱର,୧୧।୮ (ସମିସ): ପ୍ରତିବର୍ଷ ପରି ଚଳିତବର୍ଷ ଶ୍ରାବଣ ପୂର୍ଣ୍ଣିମାରେ ବିଶ୍ୱ ଭାତୃତ୍ୱ ଦିବ୍ୟାମ୍ବା ପରିଷଦ କ୍ଷିତିଜ୍ୟୋତି ଆଶ୍ରମ ସ୍ୱର୍ଣ୍ଣକ୍ଷେତ୍ର ମାହାଙ୍ଗା ଠାରେ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ଶ୍ରୀ ପାଦୁକା ମହାସ୍ନାନ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶହ ଶହ ଶ୍ରଦ୍ଧାଳୁ ଗୁରୁ ଭାଇ ଭଉଣୀ ଓ ସାଧୁ ସନ୍ଥମାନେ ପୁଣ୍ୟତୋୟା ପବିତ୍ର ଜରିଆ ନଦୀ ତୁଠରୁ ଏକ କଳସ ଶୋଭାଯାତ୍ରାରେ ଆସିଥିଲେ। ଏହି କଳସିରେ ଅଣାଯାଇଥିବା ପାଣିରେ ଶ୍ରୀ ଶ୍ରୀ କେଶବ ଚନ୍ଦ୍ରଙ୍କ ଶ୍ରୀ ପାଦୁକାକୁ ଜଳାଭିଷେକ କରାଯାଇଥିଲା। ସଭାପତି ନିମାଇଁ ଚରଣ ଦାସ, ସମ୍ପାଦକ ସୁରେଶ ଜେନା, ଅଚ୍ୟୁତ ଗୁପ୍ତବ୍ରହ୍ମ ସଂଘ ସମ୍ପାଦକ ଧ୍ରୁବାନନ୍ଦ ଭାଇ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଯୁବତୀଙ୍କୁ ପ୍ରତାରଣା ଅଭିଯୋଗରେ ଜଣେ ଗିରଫ

ଟିଗିରିଆ,୧୧।୮ (ସମିସ): ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଜଣେ ଯୁବକ ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କ ସହ ଶାରିରୀକ ସମ୍ପର୍କ ସ୍ଥାପନ କରି ପରେ ଯୁବତୀଙ୍କୁ ବିବାହ କରିବାକୁ ମନା କରିଦେଇଥିଲେ। ସମ୍ପୃକ୍ତ ଯୁବତୀ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିବା ପରେ ଆଜି ଟିଗିରିଆ ଥାନା ଆଇଆଇସି ସମରେନ୍ଦ୍ର ପାଇକରାୟ ଉକ୍ତ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସୂଚନା ମିଳିଛି। ପ୍ରକାଶ ଯେ ଟିଗିରିଆ ଥାନା ଅନ୍ତର୍ଗତ ପାଞ୍ଚଗାଁ ଗ୍ରାମର ଯୁବକ ବିଜୟ ନାୟକ (୨୮) ଭୁବନେଶ୍ୱରର ଏକ ବେସରକାରୀ ସଂସ୍ଥାରେ କାର୍ଯ୍ୟ କରୁଥିଲେ। ଆଜକୁ ପ୍ରାୟ ୧ ବର୍ଷ ତଳେ ଉକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା କନ୍ଧମାଳ ଜିଲ୍ଲାର ଜଣେ ଯୁବତୀଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ଉକ୍ତ ପରିଚୟ ପ୍ରେମର ରୂପ ନେଇଥିଲା। ଯୁବକ ଜଣକ ଉକ୍ତ ଯୁବତୀଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗତ କିଛି ଦିନ ହେବ ଆସି ଯୁବକଙ୍କ ପାଞ୍ଚଗାଁ ସ୍ଥିତ ବାସଭବନରେ ରହୁଥିଲେ। କିନ୍ତୁ ଗତକାଲି ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବାକୁ ମନା କରିବା ସହ ଘରୁ ତଡି ଦେଇଥିଲେ। ଯୁବତୀ ଜଣକ ଅନ୍ୟ ଉପାୟ ନ ପାଇ ଘଟଣା ସମ୍ପର୍କରେ ଟିଗିରିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଟିଗିରିଆ ଥାନା ପକ୍ଷରୁ କେସ ନମ୍ବର ୧୪୯/୨୫ ରେ ମାମଲା ରୁଜୁ କରି ଅଭିଯୁକ୍ତ ବିଜୟଙ୍କୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି।

ଟିଗିରିଆ ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର

# ୧୫୭ ଅଭିଯୋଗ ମଧ୍ୟରୁ ୫୭ଟିର ତତ୍କାଳ ସମାଧାନ



ଟିଗିରିଆ,୧୧।୮ (ସମିସ): ଟିଗିରିଆ ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠି ଉନ୍ନୟନ ଅଧିକାରୀ ମନସ୍ୱିନୀ ଦାସଙ୍କ ପୌରହିତ୍ୟ ତଥା ଅତିରିକ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ ଯାଜ୍ଞସିନୀ ଗୋଛାୟତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଯୋଗଦେଇ ସମସ୍ତ ଅଭିଯୋଗକୁ ଶୁଣିବା ସହ ସେଗୁଡିକର ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ମୋଟ ୧୫୭ଟି ଅଭିଯୋଗ କରାଯାଇଥିବା ବେଳେ ୫୭ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଭତ୍ତା ସମ୍ବନ୍ଧୀୟ ୧୩ଟି ଅଭିଯୋଗ ମଧ୍ୟରୁ ୧୦ଟିର ତତ୍କାଳ ସମାଧାନ କରାଯାଇଥିବା ବେଳେ ରାସନ କାର୍ଡ ସମ୍ବନ୍ଧୀୟ ୧୨ରୁ ୪ଟି ଘର ସମ୍ବନ୍ଧୀୟ ୭୧ରୁ ୩୨ ଓ ଅନ୍ୟାନ୍ୟ ଅଭିଯୋଗ ୬୧ରୁ ୧୦ ଟିର ତତ୍କାଳ ସମାଧାନ କରାଯାଇଥିବା ଜଣାପଡିଛି। ସାମୁହିକ ଅଭିଯୋଗ ମଧ୍ୟରେ ସୋମପଡା ପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ କୁମାର ରାଉତ ତାଙ୍କ ପଞ୍ଚାୟତର ପଞ୍ଚାୟତସ୍ତରୀୟ ମହାସଂଘର ଆଇବି ଫଣ୍ଡରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ କରିବା ସହ ଏହାର ସ୍ୱତନ୍ତ୍ର ସମୀକ୍ଷା କରାଯାଇ ହୋଇଥିବା ଅର୍ଥ ହେରଫେର ନେଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ଅଭିଯୋଗ ଶୁଣି ତୁରନ୍ତ ପଞ୍ଚାୟତସ୍ତରୀୟ ମହାସଙ୍ଘର ଆକାଉଣ୍ଟକୁ ତୁରନ୍ତ ଫ୍ରିଜ କରିବା ପାଇଁ ନିର୍ଦ୍ଦେଶ ଦେବା ସହ ଯଥାଶୀଘ୍ର ଜିଲ୍ଲାର ଏକ ଟିମ ଦ୍ୱାରା ସ୍ପେସିଆଲ ଅଡିଟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ବିନ୍ଧାଣିମା ସରପଞ୍ଚ ସୁଜାତା ସ୍ୱାଇଁ ନିଜ ପଞ୍ଚାୟତରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ନିର୍ମାଣ ପାଇଁ ସରକାରଙ୍କ ପକ୍ଷରୁ ପ୍ରାୟ ୨୫ କୋଟି ଟଙ୍କା ମଞ୍ଜୁର କରାଯାଇଥିଲେ ହେଁ ଗୃହ ନିର୍ମାଣ ପାଇଁ ଆବଶ୍ୟକ ସରକାରୀ ଜମି ଉପଲବ୍ଧ ନ ଥିବାରୁ ଏହି ଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ପାରୁ ନାହିଁ ତଥା ପୂର୍ବରୁ ପଞ୍ଚାୟତ କାର୍ଯ୍ୟାଳୟ ପକ୍ଷରୁ ବିନ୍ଧାଣିମା ମୌଜାରେ ଖାତା ନମ୍ବର ୧୨୫୬ ଓ ପ୍ଲଟ ନମ୍ବର ୧୮୭୨, ୧୮୭୩, ୧୮୭୪ ରେ ଥିବା ପ୍ରାୟ ଦେଢ଼ ଏକର ଜାଗା ଉପରେ ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ପ୍ରଶାସନକୁ ପ୍ରସ୍ତାବ ଦିଆଯାଇଥିଲା। ଏନେଇ କୌଣସି ଚୂଡାନ୍ତ ନିଷ୍ପତ୍ତି ହୋଇ ନ ଥିବାରୁ ସରପଞ୍ଚ ଶ୍ରୀମତୀ ଜେନା ଉଦବେଗ ପ୍ରକାଶ କରିଥିଲେ। ଜିଲ୍ଲାପାଳ ଯଥାଶୀଘ୍ର ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଯଥାଶୀଘ୍ର ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିନ୍ଧାଣିମା ପଞ୍ଚାୟତ ସ୍ଥିତ ନୋଡାଳ ଉଚ୍ଚ ବିଦ୍ୟାଳୟରେ ଦୀର୍ଘ ଦିନ ଧରି ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ନ ଥିବାରୁ ବିଦ୍ୟାଳୟରେ ପାଠ ପଢୁଥିବା ଶତାଧିକ ଛାତ୍ରଛାତ୍ରୀ ଅନେକ ସମସ୍ୟା ଭୋଗ କରୁଛନ୍ତି। ତେଣୁ ଯଥାଶୀଘ୍ର ବିଦ୍ୟାଳୟକୁ ସ୍ଥାୟୀ ହିନ୍ଦୀ ଓ ସଂସ୍କୃତ ଭାଷା ଶିକ୍ଷକ ନିଯୁକ୍ତି ପାଇଁ ଦାବି କରିଥିଲେ। ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ଯଥାଶୀଘ୍ର ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୁରୁଣା ଟିଗିରିଆର ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ମହାରଣା ନିଜର ଏକ ଜମିର କିସମ ବଦଳାଇବା ପାଇଁ ତହସିଲ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ତତ୍କାଳୀନ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ତରଫରୁ ଦାବି କରାଯାଇଥିବା ଲାଞ୍ଚ ଦେବାକୁ ମନା କରିବାରୁ ସରକାରୀ ନିୟମକୁ ଏପଟ ସେପଟ କରି କିସମ ବଦଳାଇବା ପାଇଁ ଧାର୍ଯ୍ୟ ଅର୍ଥ ଠାରୁ ଅଧିକ ଅର୍ଥ ନେଇଥିବା ଅଭିଯୋଗ କରିଥିଲେ। ଘଟଣା ସମ୍ପର୍କରେ ସତ୍ୟାସତ୍ୟ ବୁଝିବାକୁ ଜିଲ୍ଲାପାଳ ତହସିଲଦାର ଅକ୍ଷୟ କୁମାର ପରିଡାଙ୍କ ଠାରୁ ବୁଝିବା ପରେ ୭ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜିଗଡ଼ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ରାଜା ଆଦିତ୍ୟ ପ୍ରସାଦ ମହାନ୍ତି ନିଜିଗଡ଼ ପଞ୍ଚାୟତରେ ଅନ୍ତ୍ୟୋଦୟ ଯୋଜନାରେ ବ୍ୟାପକ ହେରଫେର କରାଯାଇଛି। ଅନେକ ସ୍ଥାନରେ ତଦନ୍ତ କରିଥିବା ସରକାରୀ ଅଧିକାରୀମାନେ ଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯାଇଛି। ଏ ନେଇ ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ବାଦ ଦିଆଯାଇ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ସହ ତଦନ୍ତ ଅଧିକାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ସେହିପରି ଜେମାଦେଇପୁର ପଞ୍ଚାୟତ ସ୍ଥିତ ୪ ନମ୍ବର ୱାର୍ଡର ବାସିନ୍ଦା ତାଙ୍କ ଗ୍ରାମର ରାସ୍ତା ବେଆଇନ ଖଣିଜ ସମ୍ପଦ ଚୋରି ପାଇଁ ବ୍ୟବହୃତ ଭାରିଯାନ ଚଳାଚଳ ଯୋଗୁ ଶୋଚନୀୟ ହୋଇଥିବା ଅଭିଯୋଗ କରିଛନ୍ତି। ରାସ୍ତା ପାଶ୍ୱର୍ରେ ଡ୍ରେନ ନ ଥିବାରୁ ବର୍ଷା ଦିନେ ବର୍ଷା ଜଳ ଓ ଅପରିଷ୍କାର ଜଳ ଘରେ ପ୍ରବେଶ କରି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରିଛି। ଶତାଧିକ ଭାରିଯାନ ଚଳାଚଳ ଯୋଗୁ ଘରେ ଧୂଳି ଧୂଆଁ ପ୍ରବେଶ କରିବା ସହ ଘରୁ ବାହାରିବା କଷ୍ଟକର ହୋଇପଡିଛି। ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା ଅସୁରକ୍ଷିତ ହୋଇପଡିଛି। ପାଞ୍ଚଗାଁ ଗ୍ରାମର ରାସ୍ତା ଅବସ୍ଥା ଶୋଚନୀୟ ଓ ରାସ୍ତା ପାଶ୍ୱର୍ରେ ଡ୍ରେନ ନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମସ୍ୟା ଭୋଗ କରୁଥିବା ଅଭିଯୋଗ କରିଛନ୍ତି। ଜିଲ୍ଲାପାଳ ସମସ୍ତ ସମସ୍ତ ସମସ୍ୟା ଶୁଣିବା ସହ ଏହା ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଶିବିରରେ ଗ୍ରାମାଞ୍ଚଳ ଏସପି ପ୍ରତୀକ ସିଂହ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପ୍ପୋ, ପିଡ଼ି ପ୍ରଶାନ୍ତ ନାୟକ, ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ଏସଡିପିଓ ବିଶ୍ୱଜିତ ମହାନ୍ତି, ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକଙ୍କ ସମେତ ବ୍ଲକ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ମୁଖ୍ୟ, ବିଭିନ୍ନ ପଞ୍ଚାୟତର ଜନ ପ୍ରତିନିଧି, ବ୍ଲକ କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ତଥା ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ଖୋଲୁନି ଶୌଚାଳୟ; ହୀନସ୍ତା ଛାତ୍ରଛାତ୍ରୀ

ଗଞ୍ଜାମ,୧୧।୮ (ସମିସ): ଗଞ୍ଜାମ ଏନ୍ଏସି ଅନ୍ତର୍ଗତ ଦାମୋଦରପୁର ଗ୍ରାମ ଯାତ୍ରୀ ବିଶ୍ରାମାଗାର ସମ୍ମୁଖରେ ଦୀର୍ଘଦିନ ହେଲା ଏକ ଶୌଚାଳୟ ନିର୍ମାଣ କରାଯାଇଛି। ହେଲେ ତାହା ଆଜି ପର୍ଯ୍ୟନ୍ତ ଖୋଲୁନି। ଏଠାରେ ତାଲା ଝୁଲୁଥିବା ଲକ୍ଷ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ କର୍ମତତ୍ପର ଅଭିଯାନ ଯୋଜନାରେ ୩ ଲକ୍ଷ ୫୦ହଜାର ଟଙ୍କା ବିନିଯୋଗରେ ସର୍ବସାଧାରଣ ନିମନ୍ତେ ୨୦୨୨-୨୩ ମସିହାରେ ନିର୍ମିତ ଏହି ପ୍ରକଳ୍ପ କାହା ସ୍ୱାର୍ଥରେ ନିର୍ମିତ ହୋଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରତ୍ୟେହ ଗଞ୍ଜାମ ମହାବିଦ୍ୟାଳୟକୁ ଶହ ଶହ ଛାତ୍ରଛାତ୍ରୀ ଆସି ଉକ୍ତ ସ୍ଥାନରେ ରାସ୍ତା ପାର୍ଶ୍ୱରେ ଯାତ୍ରୀ ବିଶ୍ରାମଗାରରେ ଯାନବାହନକୁ ଅପେକ୍ଷା କରି ରହୁଛନ୍ତି। ଉକ୍ତ ଶୌଚାଳୟ ବ୍ୟବହାରରୁ ବଞ୍ଚିତ ହେଉଛନ୍ତି। ଅନ୍ୟପଟେ ବିଭିନ୍ନ ଅଞ୍ଚଳରୁ ମଧ୍ୟ ଯାତ୍ରୀମାନେ ଉକ୍ତ ବିଶ୍ରାମାଗାରରେ ବସ୍ ଓ କ୍ୟାଣ୍ଟରକୁ ଅପେକ୍ଷା କରି



ରହୁଥିବା ବେଳେ ସେହି ଶୌଚାଳୟ ବ୍ୟବହାର କରିପାରୁନାହାନ୍ତି। ତୁରନ୍ତ ଏନ୍ଏସି ପ୍ରଶାସନ ଏଦିଗରେ ଦୃଷ୍ଟିଦେଇ ସର୍ବସାଧାରଣଙ୍କ ନିମନ୍ତେ ଶୌଚାଳୟ ଖୋଲିବାକୁ ଦାବି ହୋଇଛି।

## ଆସୁଛି ପାର୍ବଣ; ଚାଲିଛି ମୂର୍ତ୍ତି ନିର୍ମାଣ

ବୁଗୁଡ଼ା,୧୧।୮ (ସମିସ): ପାର୍ବଣର ଋତୁ ପାଖେଇ ଆସିଲାଣି। ଉତ୍ସବ ମୁଖର ହୋଇ ଉଠିବ ବୁଗୁଡ଼ା ଅଞ୍ଚଳ। ପାର୍ବଣ ପ୍ରସ୍ତୁତିର ପ୍ରଥମ ପର୍ବ ମୂର୍ତ୍ତି ଗଢ଼ାରୁ ଆରମ୍ଭ ହୋଇଥାଏ। ଏଣୁ କାରିଗରମାନେ ମୂର୍ତ୍ତି ଗଢ଼ାରେ ମାତି ଗଲେଣି। ଆଉ କିଛି ଦିନର ବ୍ୟବଧାନ ପରେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା। କାରିଗରମାନେ ମୂର୍ତ୍ତିରେ ନଡ଼ା ବିଡ଼ାଠାରୁ ଆରମ୍ଭ କରି ମାଟି ପ୍ରଲେପ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ମୂର୍ତ୍ତି ନିର୍ମାଣରେ ପରିଶ୍ରମ ତୁଳନାରେ ଲାଭ ମିଳୁନଥିଲେ ମଧ୍ୟ କାରିଗରମାନେ ଦେଖାଇ ଚାଲିଛନ୍ତି ନିଜ ହାତର ଯାଦୁଗରୀ। ଅଞ୍ଚଳର ବୟୋଜ୍ୟେଷ୍ଠ ମୂର୍ତ୍ତି କାରିଗର ଗୋବିନ୍ଦ ବେହେରାଙ୍କ ସମେତ ତାରା ପ୍ରସାଦ ଭୂୟାଁ, କୈଳାସ ବେହେରା, ଝୁନା ବେହେରା, ସୋନୁ ବେହେରା, ପ୍ରମୋଦ ବେହେରା, ଟୁଟୁ ବେହେରା, ତାରା ପ୍ରସାଦ ଭୂୟାଁ, ଭଗବାନ ବେହେରା , ବାବୁ ଦୋରା, ଚିତ୍ତ ରଞ୍ଜନ ସାହୁ , ସାଗର ବାଡତ୍ୟା, ପଞ୍ଚୁ ବେହେରା ପ୍ରମୁଖ ନିଜ ନିଜର ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଜୋରସୋରରେ ଜାରି ରଖିଛନ୍ତି। ବୁଗୁଡା ଏବଂ ଆଖପାଖ ଅଞ୍ଚଳରେ ସେମାନଙ୍କ ହାତଗଢ଼ା ମୂର୍ତ୍ତିର ବେଶ୍ ଚାହିଦା ରହିଛି। ମୂର୍ତ୍ତି ନିମନ୍ତେ ଲୋକଙ୍କ ଶ୍ରଦ୍ଧା ଓ ପ୍ରଶଂସାର ଦୁଇପଦ କଥା ଶୁଣିଲେ କାରିଗରମାନେ ନିଜର କଳାକୁ ଅଧିକ ଜୀବନ୍ତ କରିବାକୁ ଆଗ୍ରହ ପ୍ରକାଶ କରିଥାନ୍ତି। ଲୋକଙ୍କ ଏହି ପ୍ରଶଂସା ଟିକକ ତାଙ୍କ ପରିଶ୍ରମ ଓ କଷ୍ଟକୁ ଦୂରେଇ ଦେଇଥାଏ। ବୁଗୁଡା ଏନ୍ଏସିର କୁମ୍ଭାର ସାହି ଏବଂ ବ୍ଲକର ଗୋଲିଆ, ବାଦୁଆ ଓ ପଙ୍କଲବାଡି ଆଦି ଗ୍ରାମରେ ଗଢା ଯାଉଥିବା ମୂର୍ତ୍ତି ବିଭିନ୍ନ ଅଞ୍ଚଳକୁ ପଠାଯାଇଥାଏ। ତେବେ ଏଇ କିଛିବର୍ଷ ହେଲା ଚିକିଟା ମାଟିର ଅଭାବ ମୂର୍ତ୍ତି ଗଢ଼ାରେ ଏକ ବଡ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଚିକିଟା ମାଟିକୁ ଚିକ୍କଣ କରିବା ପାଇଁ କୌଣସି ମିଶ୍ରଣ ଯନ୍ତ୍ର ବାହାରି ନାହିଁ। ଯନ୍ତ୍ର ବାହାରି ଥିଲେ ଅଳ୍ପ ସମୟ ମଧ୍ୟରେ ଅଧିକ ମୂର୍ତ୍ତି ଗଢାଯାଇ ପାରିବା ସହ ମୂର୍ତ୍ତି ଗୁଡିକ ଅଧିକ ଜୀବନ୍ତ ହୋଇପାରିଥାନ୍ତା ବୋଲି କାରିଗର ଗୋଷ୍ଠୀ ପ୍ରକାଶ କରିଛନ୍ତି।

**ତୂଳିରେ ଜୀବନ୍ତ ରୂପ ଦେଉଛି କାରିଗର**



## ପିସ୍ତଲ ଜବତ, ଯୁବକ ଗିରଫ

ଭଞ୍ଜନଗର,୧୧।୮ (ସମିସ): ସ୍ଥାନୀୟ ପୁଲିସ ପୁଣି ଏକ ପିସ୍ତଲ ଜବତ କରି ଜଣକୁ ଗିରଫ କରିଛି। ତା' ନିକଟରୁ ଗୋଟିଏ ୯ ଏମ୍ଏମ୍ ପିସ୍ତଲ, ୨ଟି ଜୀବନ୍ତ ଗୁଳି ସହ ଗୋଟିଏ ମାଗାଜିନ୍ ଜବତ କରାଯାଇଛି। ଅଭିଯୁକ୍ତ ଜଣକ ହେଲେ ଶାଲୁଆପଲ୍ଲୀ ଗ୍ରାମର ଅଶୋକ କୁମାର ସ୍ୱାଇଁ। ତାଙ୍କୁ ଗିରଫ କରି କୋର୍ଟଚାଲଣ କରଯାଇଥିବା ଥାନା ଅଧିକାରୀ ଜୀବନାନନ୍ଦ ଜେନା ସୂଚନା ଦେଇଛନ୍ତି। ସୂଚନା ପ୍ରକାରେ ଭଞ୍ଜନଗର ଥାନା ପକ୍ଷରୁ ଏସ୍ଆଇ ସମୀର ସେଠୀ ଅନ୍ୟ ଷ୍ଟାଫଙ୍କ ସହ ମିଶି ରବିବାର ରାତିରେ ପାଟ୍ରୋଲିଂ ବେଳେ ଶାଲୁଆପଲ୍ଲୀ ନିକଟରେ ଜଣେ ସନ୍ଦିଗ୍ଧ ଭାବେ ଜଣେ ଯୁବକ ଠିଆ ହୋଇଥିବା ଖବର



ପାଇ ଚଢ଼ଉ କରିଥିଲେ। ସେଠାରୁ ଅଶୋକକୁ କାବୁ କରି ଯାଞ୍ଚ କରିବା ପରେ ତା' ପାଖରୁ ୨ଟି ଗୁଳି ଭର୍ତ୍ତି ଗୋଟିଏ ପିସ୍ତଲ ମିଳିଥିଲା। ଆଉ ପୁଲିସ ତୁରନ୍ତ ତାକୁ କାବୁ କରିନେଇଥିଲା। ପରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଅଶୋକକୁ କୋର୍ଟଚାଲଣ କରିଥିବା ଥାନା ଅଧିକାରୀ ଶ୍ରୀ ଜେନା ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## କଣ୍ଟେନର-ଟ୍ରାକ୍ଟର ଧକ୍କା: ଜଣେ ମୃତ, ୩ ଆହତ



ଛତ୍ରପୁର,୧୧।୮ (ସମିସ): ଚମାଖଣ୍ଡି ଥାନା ଅନନ୍ତପୁର ଗ୍ରାମ ନିକଟ ମହିନ୍ଦ୍ରା ସୋରୁମ ସମ୍ମୁଖ ଜାତୀୟ ରାଜପଥରେ କଣ୍ଟେନର ଏବଂ ଟ୍ରାକ୍ଟର ଧକ୍କାରେ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହାତ ହୋଇଛନ୍ତି। ମୃତ ଜଣକ ଟ୍ରାକ୍ଟର ମାଲିକ ଚିକଲଖଣ୍ଡି ଗ୍ରାମର ଶୁଭମ୍ ନାୟକ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟପକ୍ଷରେ ଟ୍ରକ୍ ଚାଳକ ସମେତ ୩ ଜଣ ଆହାତ ହୋଇଛନ୍ତି। ମାଛ ବୋଝେଇ କଣ୍ଟେନର ବିଶାଖାପାଟଣାରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଟ୍ରାକ୍ଟର ସହିତ ଧକ୍କା ହୋଇଥିଲା। ଫଳରେ ଟ୍ରାକ୍ଟରଟି ଓଲଟି ପଡିଥିଲା। କ୍ରେନ ଯୋଗେ ଟ୍ରାକ୍ଟରକୁ ଜାତୀୟ ରାଜପଥରୁ ଉଠାଇ ଦିଆଯାଇଛି।

## ସାମାନ୍ୟ ବଚସାରୁ ବୃଦ୍ଧଙ୍କୁ ଗଳାକାଟି ହତ୍ୟା

● ପୁଲିସ କବଜାରେ ଅଭିଯୁକ୍ତ

ବ୍ରହ୍ମପୁର,୧୧।୮ (ସମିସ): ଅଶାନ୍ତ ହେଉଛି ଗଞ୍ଜାମ। ହତ୍ୟା, ଦୁଷ୍କର୍ମର ତାଲିକା ବଢି ବଢି ଚାଲିଛି। ସାମାନ୍ୟ ବଚସାରୁ ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ରାଳବ ଗ୍ରାମର ଜନୈକ ବୃଦ୍ଧ ହର ପଟ୍ଟନାୟକଙ୍କୁ ଗଳା କାଟିବା ପରେ ପେଟକୁ ଧାରୁଆ ଅସ୍ତ୍ରରେ ଭୂଷି ହତ୍ୟା କରାଯାଇଛି। ହିଞ୍ଜିଳି ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ କରି ଅଭିଯୁକ୍ତ ଅରୁଣ ଦଳାଇକୁ ଗିରଫ କରିଛି। ସୂଚନା ଅନୁଯାୟୀ, ହରିଙ୍କ ଭିନ୍ନକ୍ଷମ ପୁଅକୁ ସେହି ଗ୍ରାମର ଅରୁଣ କୋ÷ଣସି କାରଣରୁ ଗାଳିଗୁଲଜ କରିଥିଲେ। ହରି ଏହି କଥା ଜାଣିବା ପରେ ଅରୁଣଙ୍କ ଘରକୁ ଯାଇ ପଚାରିବାରୁ ପାଟିତୁଣ୍ଡ ହୋଇଥିଲା। ପରେ ନିଶାସକ୍ତ ଅବସ୍ଥାରେ ଅରୁଣ ଧାରୁଆ ଅସ୍ତ୍ରରେ ହରିଙ୍କ ଗଳା କାଟିବା ସହ ପେଟକୁ ଛୁରୀରେ ଭୂଷି ଦେଇଥିଲେ। ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ହିଞ୍ଜିଳି ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରି ତଦନ୍ତ ଚଳାଇଛି।

## ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବ



ଜଗନ୍ନାଥପ୍ରସାଦ,୧୧।୮ (ସମିସ): ଜଗନ୍ନାଥପ୍ରସାଦ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୩୬ତମ ପ୍ରତିଷ୍ଠା ଉତ୍ସବ ଅଧକ୍ଷ ନୃସିଂହ ଚରଣ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ଅତିଥି ଭାବେ ପ୍ରାଧାପିକା ଆରତୀ ମହାପାତ୍ର, ପ୍ରାଧାପକ ମିହିର କୁମାର ଶତପଥୀ, ଅଧ୍ୟାପକ ସୁନିଲ୍ କୁମାର ମୁନି, ସୁନିର କାନ୍ତ ମିଶ୍ର ଓ ରାଧା ମାଧବ ପ୍ରଧାନ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପ୍ରତିଷ୍ଠା କିପରି ହୋଇଥିଲା ତାର ସଂଘର୍ଷମୟ କାହାଣୀ ସମସ୍ତ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ କହିଥିଲେ। ବିଜ୍ଞାନ ବିଭାଗ ପରୀକ୍ଷାଗାର ସହାୟକ ରାମମୂର୍ତ୍ତି ଦୋରା, ଶଙ୍କର୍ଷଣ ପାତ୍ର ଓ ସୁଶାନ୍ତ କୁମାର ପାତ୍ର ମଧ୍ୟ ନିଜ ନିଜର ୩୫ବର୍ଷର ଅନୁଭୂତି ବାଖାଣି ଥିଲେ।

ଏହି ବୈଠକରେ ଅଧାପକ ହାଡୁବନ୍ଧୁ ପ୍ରଧାନ, ଧୀରେନ୍ଦ୍ର କୁମାର ସାହୁ, ରଞ୍ଜନ କୁମାର ପ୍ରଧାନ, ରାଜେଶ ପ୍ରଧାନ, ଅଧାପିକା ସୁଶ୍ରୀ ନିବେଦିତା ସାହୁ, ସୁଶ୍ରୀ ସବୁଜିମା ମହାପାତ୍ର ଉପସ୍ଥିତ ଥିଲେ। ଅତିଥି ଅଧ୍ୟାପକ ଶଙ୍କର ନାୟକ ଓ ଡିଇଓ ସରୋଜ କୁମାର ନାୟକ ସମେତ ସ୍ୱେଚ୍ଛାସେବୀ ଚନ୍ଦ୍ରକାନ୍ତ ଷଡ଼ଙ୍ଗୀ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟ କର୍ମଚାରୀ ସମନ୍ୱୟ ସମିତି ସମ୍ପାଦକ ରାଧା ମାଧବ ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

■ ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟ

## ଯୌନ ନିର୍ଯାତନା ନିବାରଣ ଆଇନ ସଚେତନତା



ବେଲଗୁଣ୍ଠା,୧୧।୮ (ସମିସ): ବେଲଗୁଣ୍ଠା ବିଜ୍ଞାନ ସ୍ନାତକ ମହାବିଦ୍ୟାଳୟରେ ଯୌନ ନିର୍ଯାତନା ନିବାରଣ ଆଇନ-୨୦୧୩ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ସନ୍ତୋଷ କୁମାର ପାଣିଗ୍ରାହୀ ମୁଖ୍ୟ ବକ୍ତା ରୂପେ ଯୋଗଦେଇ ଆଇନ୍ ଉପରେ ସବିଶେଷ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରିଜାଇଡ଼ିଂ ଅଫିସର୍ ପିଙ୍କି ପାତ୍ର ପରିଚାଳନା କରିଥିଲେ। ମହାବିଦ୍ୟାଳୟର ଯୌନ ନିର୍ଯାତନା ନିବାରଣ ବିଭାଗର ପ୍ରଫୁଲ୍ଲ କୁମାର ଜେନା, ଅଧାପକ ଅଶୋକ କୁମାର ସ୍ୱାଇଁ, ଅଧାପକ ସପନ କୁମାର ପ୍ରଧାନ, ରଞ୍ଜିତ୍ କୁମାର ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ।

● ଲୋବା ଗ୍ରାମରେ ମୋବାଇଲ୍ ଟାୱାର ସ୍ଥାପନ ଦାବି

## ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ

ପାରଳାଖେମୁଣ୍ଡି,୧୧।୮ (ସମିସ): ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଲୋବା ଗ୍ରାମରେ ନୂତନ ମୋବାଇଲ ଟାୱାର୍ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗ୍ରାମବାସୀ। ଆଜି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରଶାସନ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ନିର୍ଭରଯୋଗ୍ୟ ଏବଂ ଉଚ୍ଚଗତିର ଇଣ୍ଟରନେଟ୍ ସଂଯୋଗ ପ୍ରଦାନ ପାଇଁ ବିଏସ୍ଏନ୍ଏଲ୍ ପକ୍ଷରୁ ୪ଜି ବ୍ୟବସ୍ଥା ହୋଇଛି। ହେଲେ ଏହି ସୁବିଧା ଥାଇ ମଧ୍ୟ ନଥିବା ସଙ୍ଗେ ସମାନ। ସଦାସର୍ବଦା ଏହି ବିଏସ୍ଏନ୍ଏଲ୍ ସେବା ବନ୍ଦ ରହୁଛି। ଫଳରେ ଏହି ମୋବାଇଲ ଯୋଗେ ଯୋଗାଯୋଗ କିମ୍ବା ଇଣ୍ଟରନେଟ୍ ସେବା ପାଇବାରୁ ବଞ୍ଚିତ ହେବାକୁ ପଡୁଛି ବୋଲି ଗ୍ରାମବାସୀ କହିଛନ୍ତି। ତେଣୁ ଅନ୍ୟ ଘରୋଇ କମ୍ପାନୀର ମୋବାଇଲ ଟାୱାର୍ ସ୍ଥାପନ କଲେ ସଂଯୋଗକୁ ସୁଗମ କରିବାସହ ଏହା ଗ୍ରାମବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଇ-ଗଭର୍ଣ୍ଣାନ୍ସ ସମେତ ବିଭିନ୍ନ ଅନଲାଇନ୍ ସେବା ମିଳିବା ସହଜ ହେବ ବୋଲି ଗ୍ରାମବାସୀ ଜଣାଇଛନ୍ତି।



## ପାରଳାଖେମୁଣ୍ଡିରେ ତିନି ରଥ ଭଙ୍ଗା ଆରମ୍ଭ



ପାରଳାଖେମୁଣ୍ଡି,୧୧।୮ (ସମିସ): ପାରଳାଖେମୁଣ୍ଡି ରଥଭଙ୍ଗା କାମ ଆରମ୍ଭ ହୋଇଛି। ଚଳିତ ବର୍ଷ ତିନି ରଥ ଭାଙ୍ଗିବା ପାଇଁ ୫୨ ହଜାର ଟଙ୍କାର ବ୍ୟୟବରାଦ ହୋଇଛି। ପ୍ରଥମେ ଗୋଦାମ ଗୃହକୁ ସଫାସୁତୁରା ସହ ବିଶୋଧନ କରାଯାଇ ରଥର ଅଂଶ ଗୁଡିକୁ ଗଚ୍ଛିତ ରଖିବା ବ୍ୟବସ୍ଥା କରାଯାଇଛି। ଆଜି ଏହି କାର୍ଯ୍ୟ ଆରମ୍ଭ ବେଳେ ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା, ମୁଖ୍ୟ ମହାରଣା ଅଶୋକ ମହାରଣା, କମିଟି ସଦସ୍ୟ ତାରିଣୀ ବସନ୍ତ କୁମାର, ରାଜେନ୍ଦ୍ର ବେହେରା ଓ ପ୍ରନୋଜ କୁମାର ପଟ୍ଟନାୟକ ଉପସ୍ଥିତ ଥିଲେ।

**ଶୁଣିଲାନି ପ୍ରଶାସନ**

## ଗ୍ରାମବାସୀ ନିର୍ମାଣ କଲେ ଯାତ୍ରୀ ବିଶ୍ରାମାଗାର

ବାଲିଗୁଡ଼ା,୧୧।୮ (ସମିସ): ବାଲିଗୁଡା ବ୍ଲକ ମିଡ଼ିଆକିଆ ପଞ୍ଚାୟତରେ ଯାତ୍ରୀ ବିଶ୍ରାମାଗାର ନଥିବାରୁ ଖରା ବର୍ଷାରେ ଗଛମୂଳେ ଯାତ୍ରୀ ଅପେକ୍ଷା କରୁଥିବା ବେଳେ ଅଧିକାଂଶ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନ ଦେବାରୁ ଏହାକୁ ଦୃଷ୍ଟିରେ ରଖି ପଞ୍ଚାୟତ ଅଞ୍ଚଳର କିଛି ସମାଜସେବୀ ଏବଂ ଗ୍ରାମବାସୀ ନିଜସ୍ୱ ଉଦ୍ୟମରେ ଶ୍ରମଦାନ କରି କାଠ ଓ ଜରିପାଲରେ ଅସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିଛନ୍ତି। ଗ୍ରାମବାସୀ ଓ ଛାତ୍ରଛାତ୍ରୀ ଏଠାରେ ରହି ବସ୍ ଓ ଅଟୋକୁ ଅପେକ୍ଷା କରୁଛନ୍ତି। ଏପରି ଏକ ଜନସେବା କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କୁ ଅଞ୍ଚଳବାସୀ ସମେତ ଅପେକ୍ଷାରତ ଯାତ୍ରୀ ଓ ଛାତ୍ରଛାତ୍ରୀ ସାଧୁବାଦ ଜଣାଇଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପଞ୍ଚାୟତର ମୁଖ୍ୟ ଛକ ସ୍ଥାନରେ ପ୍ରଶାସନ ପକ୍ଷରୁ ସ୍ଥାୟୀ ଯାତ୍ରୀ ବିଶ୍ରାମାଗାର ନିର୍ମାଣ କରିବାକୁ ଗ୍ରାମର ସମାଜସେବୀ ଅରୁଣ ନାୟକ, ବିଞ୍ଜାମିନ ନାୟକ, ବୁଦ୍ଧିଜୀବୀ, ବ୍ୟବସାୟୀ ସଙ୍ଘ, ଅଟୋ ସଙ୍ଘ ଏବଂ ଗ୍ରାମବାସୀ ଦାବି ଜଣାଇଛନ୍ତି।



## ବାଲି ବୋଝେଇ ଟ୍ରାକ୍ଟର ଜବତ

ରମ୍ଭା/ହୁମ୍ମା,୧୧।୮ (ସମିସ): ରମ୍ଭା ଥାନା ଇଲାକା କଣ୍ଟିଆପଲ୍ଲୀ ଛକ ନିକଟରେ ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ମାଲିକ ଓ ଡ୍ରାଇଭର ନାମରେ ମାମଲା ରୁଜୁ ହୋଇଛି। ରମ୍ଭା ଥାନା ଏଏସ୍ଆଇ ପ୍ରଶାନ୍ତ କୁମାର ପ୍ରଧାନ ଓ ପୁଲିସ ଟିମ୍ କଣ୍ଟିଆପଲ୍ଲୀ ଛକ ନିକଟରେ ପାଟ୍ରୋଲିଂବେଳେ ବାଲି ବୋଝେଇ ଟ୍ରାକ୍ଟର(ଓଆର ୦୭ଟି ୬୭୮୪) ଆସୁଥିବାର ଦେଖିବାକୁ ପାଇଥିଲେ। ପୁଲିସ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ମାଗିଥିଲେ। ହେଲେ ଉଚିତ କାଗଜପତ୍ର ଡ୍ରାଇଭର ଦେଇ ପାରିନଥିଲେ। ବାଲି ଚୋରାଚାଲାଣ ହେବାର ସନ୍ଧାନ ପାଇ ପୁଲିସ ଟ୍ରାକ୍ଟର ଜବତ କରିବା ସହ ଡ୍ରାଇଭର ଟିଟୁ ଦାସଙ୍କୁ ଗିରଫ କରିଥିଲା। ଟ୍ରାକ୍ଟର ମାଲିକ ବି.କାଇଁଅପୁର ଗ୍ରାମର ମାନସ ବେହେରାଙ୍କ ନାମରେ ମଧ୍ୟ ପୁଲିସ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି।

## ରୋଟାରୀ କ୍ଲବ୍ ପକ୍ଷରୁ ଆଲୋଚନାଚକ୍ର




ବେଲଗୁଣ୍ଠା,୧୧।୮ (ସମିସ): ଭଞ୍ଜନଗର ରୋଟାରୀ କ୍ଲବ୍ ପକ୍ଷରୁ ବିଜ୍ଞାନ ପ୍ରତିପାଦିତ ଗର୍ଭୋତ୍ସବ ସଂସ୍କାର ସମ୍ପର୍କିତ ଏକ ଆଧାତ୍ମିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି।

ପି. ଶ୍ରୀନୀବାସ ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ରୂପେ ଭଞ୍ଜନଗର ରୋଟାରୀ କ୍ଲବ ସଭାପତି ରଞ୍ଜିତ୍ କୁମାର ବାରିକ, ସମ୍ପାଦକ ଗୁପ୍ତେଶ୍ୱର ସୁବୁଦ୍ଧି, ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ଓଡ଼ିଶା ଶାଖାର ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର ଏବଂ ସଂଯୋଜକ ସନ୍ଧ୍ୟାରାଣୀ ମହାପାତ୍ର ଯୋଗଦେଇ ଆସନ୍ତୁ ଗଢିବା ସଂସ୍କାରବାନ୍ ପିଢି ଶୀର୍ଷକରେ ବକ୍ତବ୍ୟ ରଖିଥିଲେ। ପ୍ରବଚକ ଶ୍ରୀ ମହାପାତ୍ର କାର୍ଯ୍ୟକ୍ରମକୁ ବିଶ୍ୱର ଅଷ୍ଟମ ଆନ୍ଦୋଳନ ବୋଲି ଅବିହୀତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ରୋଟାରୀ କ୍ଲବ୍ ସଭାପତି ପ୍ରଶାନ୍ତ କୁମାର ସାହୁ, ପ୍ରଦ୍ୟୁମ୍ନ କୁମାର ମଳିକ, ରବୀନ୍ଦ୍ର କୁମାର ପାଣିଗ୍ରାହୀ, ସନ୍ତୋଷ କୁମାର ଜେନା, ବିଚିତ୍ର ପାଣିଗ୍ରାହୀ, ଦିଲ୍ଲୀପ କୁମାର ରାଜୁ, ଭି ଦେବୀ ପ୍ରସାଦ ପାତ୍ର, ସିଏର୍ ସନତ୍ କୁମାର ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ଥିଲେ।

## ୧୯୩ ପିଲାଙ୍କୁ ୩ ଶିକ୍ଷକ; ଶିକ୍ଷାଦାନ ବାଧାପ୍ରାପ୍ତ

ଛତ୍ରପୁର,୧୧।୮ (ସମିସ)

ପିଲାଙ୍କ ଶିକ୍ଷାଦାନ କ୍ଷେତ୍ରରେ ଉନ୍ନତି ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନା କରାଯାଇଛି। ହେଲେ ସେଗୁଡିକ କେତେ କାର୍ଯ୍ୟକାରୀ କରାଯାଉଛି ଏବଂ ଶିକ୍ଷାଦାନ ପାଇଁ ବାସ୍ତବରେ ସରକାର କେତେ ପ୍ରସ୍ତୁତ ତାର ସ୍ୱଷ୍ଟ ଉଦାହରଣ ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ଅନ୍ତର୍ଗତ କେରାଣ୍ଡିତୋଳା ନାରାୟଣପୁର ଗ୍ରାମର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ବାଲ୍ ବାଟିକାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୮ଟି ଶ୍ରେଣୀରେ ପ୍ରାୟ ୧୯୩ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବା ବେଳେ ଶିକ୍ଷାଦାନ ପାଇଁ ରହିଛନ୍ତି ମାତ୍ର ୩ଜଣ ଶିକ୍ଷକ। ଯାହାଦ୍ୱାରା ଛାତ୍ରଛାତ୍ରୀଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଗତ ଜୁଲାଇ ମାସ ପର୍ଯ୍ୟନ୍ତ ଏଠାରେ ୫ଜଣ ଶିକ୍ଷକ ଶିକ୍ଷୟତ୍ରୀ



କାର୍ଯ୍ୟ କରୁଥିବାବେଳେ ଜଣେ ଶିକ୍ଷକ ଅବସର ନେଇଛନ୍ତି। ଆଉ ସେହିଦିନରୁ ହିଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ସରକାର ଏହି ବିଦ୍ୟାଳୟରୁ ଅନ୍ୟତ୍ର ବଦଳି କରିଦେଇଥିଲେ। ଏବେ ଏଠାରେ ମାତ୍ର ୩ ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି।

କେରାଣ୍ଡିତୋଳା ନାରାୟଣପୁର ଗ୍ରାମରେ ପ୍ରାୟ ଗ୍ରାମବାସୀ ଶ୍ରମିକ ଶ୍ରେଣୀର ଅଟନ୍ତି। ଗ୍ରାମରେ ଥିବା ଏହି ବିଦ୍ୟାଳୟରେ ସେମାନଙ୍କ ସନ୍ତାନମାନଙ୍କୁ ପାଠ ପଢ଼ାଇବା ବ୍ୟତୀତ ସେମାନଙ୍କ ପକ୍ଷେ ଅନ୍ୟ କୌଣସି ଉପାୟ ନାହିଁ। ଏଣୁ ସରକାର ଉକ୍ତ ଗ୍ରାମରେ ଥିବା ଏହି ବିଦ୍ୟାଳୟରେ ଶିକ୍ଷକ ପଦବୀ ପୂରଣ କରି ଛାତ୍ର ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ଗଠନ ଦିଗରେ ଗୁରୁତ୍ୱ ଦେବା ପାଇଁ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାବି ହୋଇଛି। ଏନେଇ ପୂର୍ବରୁ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବାରୁ ଗ୍ରାମବାସୀ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା କହିଛନ୍ତି ଶିକ୍ଷାବିତ୍ କାମରାଜୁ ମହାରଣା।



# ରାଜଧାନୀରେ ଗଡ଼ିଲା ମୁଣ୍ଡ

ଭୁବନେଶ୍ୱର, ୧୧।୮ (ସମିସ)



## ଯୁବକଙ୍କୁ ହତ୍ୟାକରି ଫିଙ୍ଗିଦେଲେ

- କାଲି ରାତିରୁ ନିଖୋଜ ଥିଲେ
- ମିଳିଲା ମୋବାଇଲ ଓ ବାଇକ୍

ରାଜଧାନୀରେ ରାତି ଅଧରେ ଘଟିଛି ହତ୍ୟାକାଣ୍ଡ। ଯୁବକଙ୍କୁ ହତ୍ୟା କରି କେନାଲବନ୍ଧ ତଳକୁ ଫୋପାଡ଼ି ଦେଇଛନ୍ତି ଦୁର୍ବୃତ୍ତ। କପିଳପ୍ରସାଦ-ସରକନ୍ତରା ରାସ୍ତା କଡ଼ରେ ଏଭଳି ଘଟଣା ଘଟିଛି। ମୃତକ ହେଉଛନ୍ତି ବାହାଦଲପୁର ଗାଁର ଜ୍ୟୋତିରଞ୍ଜନ ବେହେରା (୩୬)। ବଡ଼ଭାଇ ବିଶ୍ୱରଞ୍ଜନଙ୍କ ଅଭିଯୋଗ ଆଧାରରେ ହତ୍ୟା ମାମଲା ରୁଜୁ କରିଛି ଏୟାରଫିଲ୍ଡ ଥାନା ପୁଲିସ।

ଅଭିଯୋଗ ଅନୁଯାୟୀ, ଜ୍ୟୋତିରଞ୍ଜନ ଗତ ୮ ବର୍ଷ ହେବ ୟୁନିଟ୍-୧ରେ ଥିବା ଏକ ତେଜରାତି ଦୋକାନରେ ସେଲ୍ସ ମ୍ୟାନ ଭାବେ କାମ କରୁଥିଲେ। ସବୁଦିନ ବାହାଦଲପୁରରୁ ଯିବାଆସିବା କରନ୍ତି। ଗତକାଲି ରାତି ପ୍ରାୟ ୧୦ଟା ବେଳେ ପତ୍ନୀଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଥିଲେ। ଦୋକାନରୁ ବାହାରୁଛି ଓ ଅଧଘଣ୍ଟା ଭିତରେ ପହଞ୍ଚିବି ବୋଲି ପତ୍ନୀଙ୍କୁ କହିଥିଲେ। ହେଲେ ରାତି ୧୨ଟା ସୁଦ୍ଧା ଘରେ ନ ପହଞ୍ଚିବାରୁ ପରିବାର ଲୋକେ ଫୋନ୍ କରିଥିଲେ। ରିଂ ହେଉଥିଲେ ମଧ୍ୟ ଜ୍ୟୋତିରଞ୍ଜନ ଫୋନ୍ ଉଠାଇ ନ ଥିଲେ। ରାତି ପ୍ରାୟ ଗୋଟାଏ ବେଳକୁ ଭାଇ ବିଶ୍ୱରଞ୍ଜନ ଓ ସାହି ପଡ଼ିଶା ଲୋକମାନେ ଏକାଠି ହୋଇ ଜ୍ୟୋତିରଞ୍ଜନଙ୍କୁ ଖୋଜିଥିଲେ। ୟୁନିଟ୍-୧ ଦୋକାନରୁ ଆରମ୍ଭ କରି ଘର ପର୍ଯ୍ୟନ୍ତ ରାତି ସାରା ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇନଥିଲେ। ରାତିରେ ଥାନାର ମଧ୍ୟ ଦ୍ୱାରସ୍ଥ ହୋଇ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ଘରକୁ ଫେରି ଆସିଥିଲେ।

ସୋମବାର ଭୋରରୁ ଜ୍ୟୋତିଙ୍କ ସାଙ୍ଗ ଅମିତ୍ ମହାରଣା ଖୋଜାଖୋଜି କରିବା ବେଳେ ପ୍ରଥମେ ରେଳ ଧାରଣା କଡ଼ କେନାଲ ବନ୍ଧ ତଳକୁ ତାଙ୍କ ବାଇକ୍ ଠାବ କରିଥିଲେ। ବାଇକରେ ଖାଦ୍ୟ ପାର୍ସଲ ଓହଳି ଥିବା ବେଳେ କେନାଲର ପଙ୍କ ଭିତରେ ଜ୍ୟୋତିଙ୍କ ମୃତଦେହ ଠାବ ହୋଇଥିଲା। ଖବରପାଇ ଏୟାରଫିଲ୍ଡ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତି ଦେଖିବା ସହ ବିଭିନ୍ନ ନମୁନା ସଂଗ୍ରହ କରିଥିଲା। ଜ୍ୟୋତିଙ୍କ ଠାରୁ ମୋବାଇଲ ଫୋନ, କିଛି ଟଙ୍କା ଓ ଘଟଣାସ୍ଥଳରୁ ବାଇକ୍ ଜବତ କରିଛି ପୁଲିସ।

ଗାଡ଼ିରେ କୌଣସି ଦାଗ ନ ଥିବାରୁ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ବଡ଼ଭାଇ ବିଶ୍ୱରଞ୍ଜନ ଅଭିଯୋଗ କରିଛନ୍ତି। ଗାଡ଼ି ବାମପଟକୁ ନ ପଡ଼ି ଡାହାଣ ପାର୍ଶ୍ୱକୁ କିପରି ପଡ଼ିଲା ତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏଥିସହିତ ଗାଡ଼ିର ଚାବି କିପରି ଅଫ୍ ହେଲା ତା'କୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଜ୍ୟୋତିରଞ୍ଜନଙ୍କୁ ହତ୍ୟାକରି ବନ୍ଧ ତଳକୁ ଫୋପାଡ଼ି ଦିଆଯାଇଥିବା ନେଇ ବଡ଼ ଭାଇ ଅଭିଯୋଗ କରିଛନ୍ତି। ଲୁଟ୍ ପାଟ ଉଦ୍ଦେଶ୍ୟରେ ହତ୍ୟା କରାଯାଇଥିବା ନେଇ ପ୍ରାଥମିକ ଅନୁସନ୍ଧାନରୁ ପୁଲିସ ସନ୍ଦେହ କରୁଛି। ଏୟାରଫିଲ୍ଡ ଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ହୋଟେଲ ରୁମ୍‌ରୁ ମିଳିଲା ଝୁଲନ୍ତା ମୃତଦେହ

ଭୁବନେଶ୍ୱର, ୧୧।୮ (ସମିସ): କାଳ ହେଲା ଷ୍ଟକ୍ ମାର୍କେଟରେ ଟଙ୍କା ନିବେଶ। କ୍ଷତି ସହିନପାରି ଆତ୍ମହତ୍ୟା କଲେ ବ୍ୟକ୍ତି। ଆଜି ତମାଣ୍ଡୋ ସ୍ଥିତ ଏକ ହୋଟେଲ ରୁମରୁ ଝୁଲନ୍ତା ମୃତଦେହ ଠାବ ହେବାପରେ ଏଭଳି କଥା ପଦାକୁ ଆସିଛି। ମୃତକ ହେଉଛନ୍ତି ସମ୍ବଲପୁରର ବିମଳ ପ୍ରସାଦ ପାଣ୍ଡିଆ (୫୪)।

ମିଳିଥିବା ସୂଚନା ଅନୁଯାୟୀ, ସମ୍ବଲପୁରର ବିମଳ କଳିଙ୍ଗନଗର କେ-୪ ଅଞ୍ଚଳର ଭଡ଼ାରେ ରହିବା ସହ ଏନଜିଓରେ କାମ କରନ୍ତି। ଝିଅ ସ୍ଥାନୀୟ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ରହି ପଢୁଥିବା ବେଳେ ପୁଅ ରାଜ୍ୟ ବାହାରେ ଚାକିରି କରିଛନ୍ତି। ଗତକାଲି ରାତିରେ ବିମଳ ଘରେ ରହିବା ପରିବର୍ତ୍ତେ ତମାଣ୍ଡୋ ବଜାରସ୍ଥିତ ପ୍ରିନ୍ସ ହୋଟେଲରେ ୨୦୩ ନଂ ରୁମ୍ ବୁକ୍ କରିଥିଲେ। ରାତି ୧୧ଟା ୪୮ ରେ ଚେକ୍ ଇନ୍ କରି ରୁମକୁ ଯାଇଥିଲେ। ରାତି ପ୍ରାୟ ୪ଟା ବେଳକୁ ଆତ୍ମହତ୍ୟା କରୁଥିବା ନେଇ ପୁଅଝିଅ, ସାଙ୍ଗ ଓ ଘର ମାଲିକଙ୍କୁ ମେସେଜ କରିଥିଲେ।

ସୋମବାର ସକାଳୁ ସମ୍ପର୍କୀୟମାନେ ହୋଟେଲରେ ପହଞ୍ଚିଥିଲେ। ଖବରପାଇ ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ରୁମ୍ କବାଟ ଭଙ୍ଗା ଯାଇଥିଲା। ସେତେବେଳକୁ ବିମଳ ବେକରେ ରଶି ଲଗାଇ ଫ୍ୟାନରେ ଝୁଲି ପଡ଼ିଥିଲେ। ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ମୃତଦେହ, ରୁମର ଲମ୍ବା ଓ ଓସାର ମାପଚୁପ କରିବା ସହ ଅନ୍ୟାନ୍ୟ ଜିନିଷ ଜବତ କରିଥିଲା। ଝିଅ ପ୍ରଜ୍ଞା ମିଶ୍ରଙ୍କ ଅଭିଯୋଗ ଆଧାରରେ ତମାଣ୍ଡୋ ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। କ୍ୟାପିଟାଲ ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ବିମଳ ତାଙ୍କ ପୁଅଝିଅ, ସାଙ୍ଗସାଥୀମାନଙ୍କୁ କରିଥିବା ମେସେଜରୁ ତାଙ୍କ ମୃତ୍ୟୁର ପ୍ରାଥମିକ କାରଣ ଜଣାପଡ଼ିଛି। ସେ ଦୀର୍ଘଦିନ ହେବ ଷ୍ଟକ୍ ବଜାରରେ ଟଙ୍କା ନିବେଶ କରି ଆସୁଥିଲେ। ଏମିତିକି ସେ ଏଥିଲାଗି ବିଭିନ୍ନ ଲୋକଙ୍କ



## ଆତ୍ମହତ୍ୟା ପାଇଁ ରୁମ୍ ବୁକ୍ କରିଥିଲେ

## 'ଇନ୍ସୁରାନ୍ସ ଟଙ୍କାରୁ ଋଣ ପରିଶୋଧ କରିବ'

ଠାରୁ ଧାର ବା ଋଣ କରି ଟଙ୍କା ଆଣିଥିଲେ। ହେଲେ ଷ୍ଟକ୍ ମାର୍କେଟରେ ବ୍ୟାପକ କ୍ଷତି ହୋଇଥିଲା। ଏଥିପାଇଁ ସେ କିଛିଦିନ ହେବ ମାନସିକ ଅବସାଦରେ ରହି ଆସୁଥିଲେ। ଗତକାଲି ରାତିରେ ଆତ୍ମହତ୍ୟା ବୋଲି ଚରମ ନିଷ୍ପତ୍ତି ନେଇଛନ୍ତି। ତେବେ ତାଙ୍କ ମୃତ୍ୟୁପରେ ଇନ୍ସୁରାନ୍ସରୁ ଟଙ୍କା ମିଳିବ ଓ ସେହି ଟଙ୍କାରେ ସମସ୍ତଙ୍କ ଟଙ୍କା ପରିଶୋଧ କରିବାକୁ ମେସେଜରେ ଉଲ୍ଲେଖ କରିଛନ୍ତି।

# ମହିଳା କମିସନ ଅଧ୍ୟକ୍ଷା ଓ ସଦସ୍ୟାଙ୍କ ଦାୟିତ୍ୱଗ୍ରହଣ

ଭୁବନେଶ୍ୱର,୧୧।୮ (ସମିସ): ରାଜ୍ୟ ମହିଳା କମିସନ ଅଧ୍ୟକ୍ଷା ଭାବେ ଶୋଭନା ମହାନ୍ତି ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସହ ମହିଳା କମିଶନର ଅନ୍ୟ ସଦସ୍ୟାମାନେ ମଧ୍ୟ ନିଜ ନିଜ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମହିଳା କମିଶନ କାର୍ଯ୍ୟାଳୟରେ ସମସ୍ତଙ୍କୁ ସ୍ୱାଗତ କରାଯାଇଛି। ଦାୟିତ୍ୱ ନେବା ପରେ ଶ୍ରୀମତୀ ମହାନ୍ତି କହିଛନ୍ତି ଯେ ମହିଳା କମିସନ ହେଉଛି ମହିଳାଙ୍କ ବାପ ଘର। ସମସ୍ତଙ୍କ ସ୍ୱାର୍ଥ ରକ୍ଷା ପାଇଁ ଉଦ୍ୟମ କରାଯିବ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ। ସମାଜର ଅସହାୟ ଅବହେଳିତ ମହିଳାଙ୍କ ସୁରକ୍ଷା ଏବଂ ନ୍ୟାୟ ପାଇଁ କାମ କରିବା ସହ ପ୍ରତିଟି ମହିଳା କିପରି ସୁରକ୍ଷା ପାଇବେ ତୃଣମୂଳ ସ୍ତରରେ ସେ ଦିଗରେ ଚେଷ୍ଟିତ ରହିବି ବୋଲି ସେ କହିଛନ୍ତି।

# ୪ ମାସରେ ରାୟ: ଚୋରକୁ ୧୦ ହଜାର ଜରିମାନା

ଭୁବନେଶ୍ୱର, ୧୧।୮ (ସମିସ): ନୂଆପଲ୍ଲୀ ଥାନାର ଏକ ସାଇକେଲ ଚୋରି ମାମଲାର ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜୁଡିସିଆଲ ମାଜିଷ୍ଟ୍ରେଟ ଫାଷ୍ଟ କ୍ଲାସ୍ (ଜେଏମ୍‌ଏଫସି) - ୩ ମାତ୍ର ୪ ମାସରେ ବିଚାର କରି ଅଭିଯୁକ୍ତ ଶଙ୍କର ସାହୁକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନା ଅନୁସାରେ, ଜୟଦେବ ବିହାରରେ ରହୁଥିବା ଡଲି ଆଚାର୍ଯ୍ୟ ଗତ ଏପ୍ରିଲ ମାସ ୭ ତାରିଖ ରାତିରେ ନିଜ ସାଇକେଲକୁ ଘର ଗ୍ୟାରେଜରେ ତାଲା ପକାଇ ରଖିଥିଲେ। ଶଙ୍କର ବିଳମ୍ବିତ ରାତିରେ ଗ୍ୟାରେଜରୁ ସାଇକେଲ ଚୋରି କରି ନେଇ ଯାଇଥିଲା। ପରଦିନ ସକାଳେ ସାଇକେଲ ନପାଇବାରୁ ଡଲି ସିସିଟିଭି ଯାଞ୍ଚ କରିଥିଲେ। ସିସିଟିଭି ଫୁଟେଜରୁ ସାଇକେଲ ଚୋରି ହୋଇଥିବା ଜାଣି ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ନୂଆପଲ୍ଲୀ ଥାନା ପୁଲିସ କେସ୍ ନଂ - ୧୮୩/୨୫ରେ ଦଫା ୩୦୩(୨) ବିଏନ୍‌ଏସ୍ ରେ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଅଶୋକ କୁମାର ସାହୁ ତଦନ୍ତ କରି ଅଭିଯୁକ୍ତ ଶଙ୍କରକୁ ଗିରଫ କରିବା ସହ ତା'ର ବିରୋଧରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଘଟଣା ସହିତ ସମ୍ପୃକ୍ତ ବିଭିନ୍ନ ସାକ୍ଷ୍ୟ ଓ ପ୍ରଯୁଜ୍ୟ ଦସ୍ତାବିଜ ଆଧାରରେ ଉପରୋକ୍ତ ମାମଲାର ବିଚାରକରି ଶଙ୍କର ସାହୁଙ୍କୁ ବିଏନ୍‌ଏସ୍ ଧାରା-୩୦୩(୨) ଆଧାରରେ ଦଶ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ୨ ମାସର କାରାଦଣ୍ଡ ଆଦେଶ ମଧ୍ୟ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଆଗରେ ଆତ୍ମହତ୍ୟା ଧମକ

## ବୁଝାଇଲେ ମୁଖ୍ୟମନ୍ତ୍ରୀ: ମୁଁ କ'ଣ ପାଇଁ ଅଛି

ଭୁବନେଶ୍ୱର,୧୧।୮ (ସମିସ): ସୋମବାର ଭୁବନେଶ୍ୱରର ୟୁନିଟ ୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଏକ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଛି। ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଜଗବନ୍ଧୁ ପଣ୍ଡା ନାମକ ଜଣେ ବ୍ୟକ୍ତି ଆତ୍ମହତ୍ୟା କରିବା କଥା କହିବା ପରେ ମୁଖ୍ୟମନ୍ତ୍ରୀ ତାଙ୍କୁ ତାଗିଦ କରୁଥିବା ନେଇ ଦେଖିବାକୁ ମିଳିଥିଲା। ଆତ୍ମହତ୍ୟା ଶବ୍ଦ ଆଦୌ ଭଲ ନୁହେଁ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କୁ ବୁଝାଇବା ସହ ତାଙ୍କ ସମସ୍ୟାର ସମାଧାନ କରାଯିବ ବୋଲି ଆଶ୍ୱାସନା ଦେଇଛନ୍ତି।

ଘଟଣାଟି ଥିଲା ଏମିତି। ଜଗବନ୍ଧୁ ପଣ୍ଡା ନାମକ ଜଣେ ବ୍ୟକ୍ତି ଦୀର୍ଘ ୨୫ ବର୍ଷ ହେଲା ପୂର୍ତ୍ତ ବିଭାଗରେ ପିଅନ ଭାବେ କାମ କରୁଛନ୍ତି। ହାତଟେକା ଦରମାରେ ଏତେ ବର୍ଷ ହେଲା ସେ ସେବା ଯୋଗାଇ ଚାଲିଛନ୍ତି। ତାଙ୍କ ପଦବୀକୁ ସ୍ଥାୟୀ କରାଯିବ ବୋଲି ବିଭାଗର ଅଧିକାରୀମାନେ ବହୁ ସମୟରେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହା ଏଯାବତ୍ କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଶେଷରେ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ଶୁଣେଇବାକୁ ଆସିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଜୀବନ ହାରିଦେବି ବୋଲି କହିଥିଲେ। ଜଗବନ୍ଧୁଙ୍କ ପାଟିରୁ ଏମିତି କଥା ଶୁଣି ପ୍ରତିକ୍ରିୟା ପ୍ରକାଶ କରିଥିଲେ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯଦି ତମର ଅଭିଯୋଗ ନ୍ୟାୟସଂଗତ ଥିବ, ତା'ହେଲେ ତମେ ନିଶ୍ଚିତ ନ୍ୟାୟ ପାଇବ ବୋଲି କହିଥିଲେ।

# ଅଭିଯୋଗ ପ୍ରକୋଷ୍ଠରୁ ବାହାରିଲା ଢମଣା ସାପ

ଭୁବନେଶ୍ୱର, ୧୧।୮ (ସମିସ): ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରୁ ଏକ ଢମଣା ସାପ ଉଦ୍ଧାର ହୋଇଛି। ସୋମବାର ସ୍ଥାନୀୟ ୟୁନିଟ-୨ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଶୁଣାଣି ଆରମ୍ଭ ହେବା ପୂର୍ବରୁ ସେଠାରେ ହଠାତ୍ ଏକ ଢମଣା ସାପ ଛାତ ଉପରୁ ତଳକୁ ଖସିଥିଲା। ଏହାପରେ ତୁରନ୍ତ ସ୍ନେକ୍ ହେଲପ ଲାଇନ ସାଧାରଣ



ସମ୍ପାଦକ ଶୁଭେନ୍ଦୁ ମଲ୍ଲିକଙ୍କ ସହ ଯୋଗାଯୋଗ କରିବା ପରେ ସେ ଆସି ସାପଟିକୁ ଉଦ୍ଧାର କରିଥିଲେ। ଆଜି ଅଭିଯୋଗ ଶୁଣାଣି ଥିବାରୁ, ଗୋଟିଏ ସାପ ଧରି ଫେରି ଯାଇଥିଲେ। ଆବଶ୍ୟକ ହେଲେ ଯେଉଁ ଦିନ ଶୁଣାଣି ନଥିବ, ସେଇ ଦିନ ଅଧିକ ଖୋଜା ଖୋଜି କରିବା ପାଇଁ ଶୁଭେନ୍ଦୁ ମଲ୍ଲିକ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

● ମହିଳା ପୁଲିସ ଏସ୍‌ଆଇଙ୍କୁ ଆକ୍ରମଣ ଉଦ୍ୟମ

# ଜଣେ ଗିରଫ; କଟୁରି, କାର୍ ଓ ମଦ ବୋତଲ ଜବତ

ଭୁବନେଶ୍ୱର, ୧୧।୮ (ସମିସ): ମହିଳା ପୁଲିସ ଅଧିକାରିଣୀଙ୍କୁ ଆକ୍ରମଣ ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତାରିଣୀ ବସ୍ତିରେ ରହୁଥିବା ମହାକାଳପଡ଼ାର ପ୍ରକାଶ ଚନ୍ଦ୍ର ବେହେରା (୩୦)। ପୁଲିସ ସୂଚନା ଅନୁସାରେ, ଗତକାଲି ରାତିରେ କ୍ୟାପିଟାଲ ଥାନାର ସବ୍ ଇନ୍ସପେକ୍ଟର ଦିଗବିଜୟିନୀ ବାଘ ଓ ଅନ୍ୟ ପୁଲିସ କର୍ମଚାରୀମାନେ ୟୁନିଟ୍ ୨ ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ବେଳେ ଏକ କାରକୁ ଠାବ କରିଥିଲେ। ଡୋର୍ ବାଡେଇବାପରେ କାର ଚାଳକ ପ୍ରକାଶ ନିଶାସକ୍ତ ଅବସ୍ଥାରେ ବାହାରକୁ ଆସି ମହିଳା ଅଧିକାରିଣୀଙ୍କୁ ଧକ୍କା ପକାଇବା ସହ ଗାଳିଗୁଲଜ କରିଥିଲା। ପୁଲିସ କର୍ମଚାରୀମାନେ ଘେରି ଯିବାରୁ ସେ କାର ଭିତରୁ କଟୁରି ଆଣି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ହେଲେ ପୁଲିସ ଟିମ୍ ପ୍ରକାଶକୁ କାବୁ କରି ନେଇଥିଲେ। ଏନେଇ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରିବା ସହ ପ୍ରକାଶକୁ ଗିରଫ କରିଥିଲା। ତା' ଠାରୁ ଗୋଟିଏ କାର, ଦୁଇଟି କଟୁରି, ଦୁଇଟି ମଦ ବୋତଲ ଓ ଗୋଟିଏ ମୋବାଇଲ ଫୋନ୍ ଜବତ କରିଥିଲା।

# ଦୁର୍ଘଟଣାରେ ସ୍ୱାମୀ ମୃତ, ସ୍ତ୍ରୀ ଓ ପୁଅ ଗୁରୁତର



ଯାଁଲା, ୧୧।୮ (ସମିସ)

ଇନ୍‌ଫୋଭ୍ୟାଲି ଥାନା ଗଙ୍ଗପଡ଼ା ନିର୍ମାଣାଧୀନ ଅଣ୍ଡରପାସ ବାଙ୍କ ନିକଟରେ ବାଇକ୍ ପଛପଟକୁ ଟ୍ରକ ଧକ୍କା ଦେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ତ୍ରୀ ଏବଂ ପୁଅ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ରାମଚନ୍ଦ୍ରପୁରର ଅଶୋକ ରଞ୍ଜନ ମଲ୍ଲିକ (୪୦)। ସେହିଭଳି ତାଙ୍କ ସ୍ତ୍ରୀ ରସ୍ମିତା ଚମ୍ପତି (୩୫) ଓ କୁନି ପୁଅ ନୃସିଂହ ମଲ୍ଲିକ (୭) ଦୁର୍ଘଟଣାରେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଇନ୍‌ଫୋଭ୍ୟାଲି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତଙ୍କୁ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ।

ଖବର ନେବାରୁ ଜଣାପଡ଼ିଛି ଯେ, ଅଶୋକ ଆଜି ସକାଳ ସାଢେ ସାତଟା ବେଳେ ଏକ ହିରୋହୋଣ୍ଡା ମୋଟରସାଇକଲ ଯୋଗେ ସ୍ତ୍ରୀ ଓ ପୁଅକୁ ନେଇ ଭୁବନେଶ୍ୱରରୁ ଖୋର୍ଦ୍ଧା ଘରକୁ ଫେରୁଥିବା ସମୟରେ ପଛପଟୁ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ ଗଙ୍ଗପଡ଼ା ନିର୍ମାଣାଧୀନ ଅଣ୍ଡରପାସ ବାଙ୍କ ନିକଟରେ ପଛରୁ ଧକ୍କା ଦେଇଥିଲା। ଫଳରେ ଅଶୋକ ତାଙ୍କ ସ୍ତ୍ରୀ ଓ ପୁଅ ଗାଡିରୁ ଛିଟିକି ପଡ଼ିଥିଲେ। ପଡ଼ିଯିବା ପରେ ଟ୍ରକଟି ତାଙ୍କ ତିନି ଜଣଙ୍କ ଉପରେ ଚଢି ଯାଇଥିଲା। ଫଳରେ ଅଶୋକଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ତାଙ୍କ ସ୍ତ୍ରୀ ରଶ୍ମିତା ଓ ପୁଅ ନୃସିଂହ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଇନଫୋଭ୍ୟାଲି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଶୋକଙ୍କ ମୃତଦେହ ଜବତ କରିବା ସହ ଦୁଇ ଆହତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସ ଡାକ୍ତରଖାନାକୁ ପଠାଇଥିଲେ। ରଶ୍ମିତା ଓ ତାଙ୍କ ପୁଅ ନୃସିଂହଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଏନେଇ ତାଙ୍କ ପରିବାରକୁ ପୁଲିସ ଖବର ଦେଇଥିଲେ। ଆଜି ଭୁବନେଶ୍ୱର ଏମ୍ସ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରି ତାଙ୍କ ପରିବାରକୁ ହସ୍ତାନ୍ତର କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଜବତ କରି ଚାଳକକୁ ପୁଲିସ ଗିରଫ କରିଛି।

## ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଲେ ରେବତୀ

# ଦୁଇଘଣ୍ଟା ଧରି ରାଜପଥରେ ଜଳିଲା ନିଆଁ

ଭୁବନେଶ୍ୱର, ୧୧।୮ (ସମିସ)



- ଶନିବାର ମୃତ୍ୟୁବରଣ କରିଥିଲେ ଝିଅ
- ୪ ଦଫା ଦାବି ନେଇ ରାସ୍ତା ଅବରୋଧ
- ଦୁଇ ଘଣ୍ଟା ଅଟକିଲା ଜାତୀୟ ରାଜପଥ
- ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ

ପାତ୍ରପଡ଼ା ଥାର୍ ଧକ୍କାରେ ୮ ବର୍ଷୀୟା ଝିଅ ମୃତ୍ୟୁର ଘଟଣାର ଦୁଇ ଦିନ ପରେ ଆଖି ବୁଜିଛନ୍ତି ମାଆ। ସୋମବାର ସକାଳେ ରେବତୀ ରାଉଳ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ରେବତୀଙ୍କ ମୃତ୍ୟୁପରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି ସ୍ଥାନୀୟ ଲୋକେ। ୪ଟି ଦାବି ନେଇ ଗତକାଲି ଭଳି ଆଜି ମଧ୍ୟ ୧୬ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ରାଜପଥରେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ୬୫ ନମ୍ବର ୱାର୍ଡର କର୍ପୋରେଟର ରଶ୍ମିରଞ୍ଜନ ପାଟ୍ଟଶାଣୀ ଲୋକମାନଙ୍କୁ ସମର୍ଥନ କରିଥିଲେ। ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କାର କ୍ଷତିପୂରଣ, ଥାର୍ ଚାଳକକୁ ଗିରଫ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଏଥିସହିତ ରେବତୀଙ୍କ ସ୍ୱାମୀ ତଥା ଗୃହରକ୍ଷୀ ମାନସ ରାଉଳଙ୍କ ସ୍ଥାୟୀ ଚାକିରି ଓ ଫୁଟ୍ ଓଭରବ୍ରିଜ ସ୍ଥାନାନ୍ତର କରିବାକୁ ଲୋକମାନେ ଦାବି କରିଥିଲେ। ଖବରପାଇ ଜୋନ୍ ଏସିପି ଓ ଖଣ୍ଡଗିରି ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନଥିଲା।

ଚଳାଚଳ ବନ୍ଦ ଯୋଗୁଁ ଗୋଟିଏ ପଟେ ଯାଆଁଳା ଓ ଅନ୍ୟପଟେ ବରମୁଣ୍ଡା ପର୍ଯ୍ୟନ୍ତ ଗାଡ଼ି ମଟର ଧାଡ଼ି ବାନ୍ଧି ଛିଡ଼ା ହୋଇଥିଲେ। ଜାତୀୟ ରାଜପଥରେ ଚଳାଚଳ ବନ୍ଦ ଥିବାରୁ ତମାଣ୍ଡୋ, କଳିଙ୍ଗନଗର, ଡିଏନ୍ ରିଗାଲିଆ କଟ୍, ପାତ୍ରପଡ଼ା, ଶନି ମନ୍ଦିର, ଏମ୍ସ କଟ୍ ଭଳି ରାଜପଥକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକ ଜାମ୍ ହୋଇ ଯାଇଥିଲା। ଅପରାହ୍ଣ ୪ଟା ୩୦ରୁ ପ୍ରାୟ ଦୁଇ ଘଣ୍ଟା ଧରି ଯାତାୟାତ ଠପ୍ ହୋଇ ଯାଇଥିଲା। ଭୁବନେଶ୍ୱର ଡିସିପି ଜଗମୋହନ ମୀନା, ବିଜେଡି ନେତା ମନ୍ମଥ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଇଥିଲେ। ଦାବି ଗୁଡ଼ିକ ପୁଲିସର ପରିସରଭୁକ୍ତ ହୋଇ ନ ଥିବାରୁ ସେ ଏନେଇ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଡିସିପଙ୍କ ପ୍ରତିଶ୍ରୁତି ପରେ ଉତ୍ତ୍ୟକ୍ତ ଲୋକମାନେ ଆନ୍ଦୋଳନରୁ ହଟିଥିଲେ।

ଦୁର୍ଘଟଣାରେ ମାଆ ରେବତୀ ରାଉଳ ଓ ଜାଗୃତି ରାଉଳ ଓରଫ୍ ରେଶମାଙ୍କ ପ୍ରାଣହାନୀକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହ ତାଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ପ୍ରତି ମୃତକଙ୍କ ପରିବାରର ନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି।

ସୂଚନାଯୋଗ୍ୟ ଯେ, ଗୃହରକ୍ଷୀ ଡ୍ରାଇଭର ଭାବେ କାମ କରୁଥିବା ଜଙ୍କିଆ ଅଞ୍ଚଳର ମାନସ କୁମାର ରାଉଳ ଫୁଲେଶ୍ୱରୀ ବସ୍ତିରେ ରୁହନ୍ତି। ଗତ ଶନିବାର ଦିନ ତାଙ୍କ ପତ୍ନୀ ରେବତୀ, ଝିଅ ରେଶମା ଓ ପୁଅ ମାହି ରାକ୍ଷୀ ବାନ୍ଧିବାକୁ ପଟିଆ ଯାଇଥିଲେ। ସେଠାରୁ ଫେରି ପାତ୍ରପଡ଼ା ଭି-୨ ନିକଟରେ ରାସ୍ତା ପାର୍ ହେଉଥିବା ବେଳେ ଏକ ଥାର୍ ଗାଡ଼ି



(ଫାଇଲ ଫଟୋ)

ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ୮ ବର୍ଷୀୟା ରେଶମାର ମୃତ୍ୟ ଘଟିଥିବା ବେଳେ ମାଆ ଓ ପୁଅକୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜି ସକାଳୁ ରେବତୀଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

### ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ସମୂହ ଛୁଟି

# ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



ରାଇରଙ୍ଗପୁର, ୧୧।୮ (ସମିସ): ବାମନଘାଟୀ ଉପଖଣ୍ଡର ରାଜସ୍ୱ ଅମଲା ସଂଘ କର୍ମଚାରୀମାନେ ୧୦ ଦଫା ଦାବି ନେଇ ସୋମବାର ସମୂହ ଛୁଟିରେ ଯାଇଛନ୍ତି। ସଂଘର ଦାବି ଅନୁସାରେ, କର୍ମଚାରୀଙ୍କ ପ୍ରାଥମିକ ଦରମା ଓଏସପି ୨୦୧୭ ଅନୁଯାୟୀ ଲେବଲ ୯କୁ ବୃଦ୍ଧି, ନୂତନ ପଦସୃଷ୍ଟି ଏବଂ ଖାଲାଥିବା ପଦରେ ନିଯୁକ୍ତି, କ୍ୟାଡ଼ର ପୁନର୍ଗଠନ, ସମସ୍ତ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା, ୨୦୨୦ ଥଇଥାନ ସଂରକ୍ଷିତ ବନ୍ଦ କରି ୧୯ ୯୦ ଅନୁଯାୟୀ ଲାଗୁ କରିବା, ମୃତ କର୍ମଚାରୀଙ୍କୁ ଥଇଥାନ କରିବା, ଜିଲ୍ଲା କ୍ୟାଡର ରାଜସ୍ୱ କର୍ମଚାରୀଙ୍କୁ ଶତ ପ୍ରତିଶତ ପଦୋନ୍ନତି ଆଦି ୧୦ଟି ଦାବି ନେଇ ସଂଘ ଆଜି ତହସିଲ ସମ୍ମୁଖରେ ଧାରଣା ଦେଇଥିଲେ। ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ଥିବାର କର୍ମଚାରୀମାନେ ତହସିଲ ସମ୍ମୁଖରେ ପ୍ରତିବାଦ କରିଥିଲେ। ଆସନ୍ତାକାଲିଠାରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ। ଦାବି ପୂରଣ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ରାଜ୍ୟ ରାଜସ୍ୱ ଅମଲା ସଂଘ ଉପସଭାପତି ତଥା ମୟୂରଭଞ୍ଜ ଜିଲ୍ଲା ସଭାପତି ଅମିତ ମହାକୁଡ଼ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉପଖଣ୍ଡର ସଂଘ ଉପସଭାପତି ଗୌରୀଶଙ୍କର ସାମନ୍ତରାୟ, ଜିଲ୍ଲା ଉପଦେଷ୍ଟା ଚାମବରୁ ଚରଣ ବେଶ୍ରା, ଜିଲ୍ଲା କୋର୍ କମିଟି ସଦସ୍ୟ ଗଗନ ବିହାରୀ ସାହୁ, ଲକି ପାଣି, ପ୍ରିୟଙ୍କା ଗୁପ୍ତା, ଦେବଦତ୍ତ ମହାନ୍ତ ପ୍ରମୁଖ ବହୁ କର୍ମଚାରୀ ଧାରଣାରେ ସାମିଲ ହୋଇଥିଲେ।

**କରଞ୍ଜିଆ:** ଆଜି ପାଞ୍ଚପୀର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରାଜ୍ୟ ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ଦଫା ଦାବି ନେଇ ଅନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆନ୍ଦୋଳନ ଆରମ୍ଭ ହୋଇଛି। ଧାରଣାରେ ଉପଜିଲ୍ଲାପାଳ, ଆଇଟିଡିଏ, ତହସିଲ, ଆଇସିଡିଏସ, ପଞ୍ଚାୟତିରାଜ ଅମଲା କର୍ମଚାରୀ ସାମିଲ ହୋଇଥିଲେ। ଅମଲାଙ୍କ ଆନ୍ଦୋଳନ ଫଳରେ ସବୁ କାର୍ଯ୍ୟାଳୟରେ କାମ ବନ୍ଦ ହୋଇଯାଇଛି। ସଂଘର ଜିଲ୍ଲା ଉପ ସଭାପତି ସନ୍ତୋଷ କୁମାର ଦେହୁରୀଙ୍କ ନେତୃତ୍ୱରେ କପିଳେନ୍ଦ୍ର ମହାନ୍ତ, ଦିଲୀପ କୁମାର ପଲେଇ, କାମିନୀକାନ୍ତ ପାତ୍ର, ସନାତନ ସୋରେନ, ପୂଜା ସାହା ପ୍ରମୁଖ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିଲେ।




## ଦେଶୀ ମଦ ସହିତ ସ୍କୁଟି ଜବତ; ୩ ଗିରଫ



ବିଶୋଇ, ୧୧।୮ (ସମିସ): ରାଇରଙ୍ଗପୁର ଅବକାରୀ ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିରୀକ୍ଷକ ବିନୟ ପ୍ରକାଶ ତିର୍କୀ ଓ ରାଇରଙ୍ଗପୁର ଅବକାରୀ ଥାନା ସହ ଉପନିରୀକ୍ଷକ ସୁଧାଂଶୁ କୁମାର ବେହେରା ଏବଂ କର୍ମଚାରୀଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବିଜାତଳା ଛକ ଏବଂ ବିଶୋଇ ଥାନା ଅନ୍ତର୍ଗତ ବାଙ୍କବଳ ବନ୍ଧ ମେଳା ପଡ଼ିଆରେ ଚଢଉ କରିଥିଲେ। ପରେ ସେଠାରୁ ୧୩୦ ଲିଟର ଦେଶୀ ରନ୍ଧା ମଦ ଏବଂ ଗୋଟିଏ ସ୍କୁଟି ଜବତ କରିବା ସହିତ ଏଥିରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ଗିରଫ କରିଥିଲେ। ଗିରଫମାନେ ହେଲେ କାଦୁଆଣୀ ଗ୍ରାମର ଡୋମାନ ସୋରେନ, ଶରଗଡ଼ା ଗ୍ରାମର ମାଥୁ ନାଏକ ଓ ଜୁଡ଼ିଆ ଗ୍ରାମର ମାନି ମୁର୍ମୁ। ଜବତ ହୋଇଥିବା ଦେଶୀ ରନ୍ଧା ମଦ ଓ ସ୍କୁଟିର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି।

## ହୋ' ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ

ମୋରଡ଼ା, ୧୧।୮ (ସମିସ): ମୋରଡ଼ା ବ୍ଲକ ଅଧୀନ ଦାନ୍ତିଆମୁହାଁ ପଞ୍ଚାୟତର ନୂଆସାହିରେ ହୋ' ସମାଜ ଆଦିବାସୀ ସମନ୍ୱୟ କମିଟିର କଟି ସିଂ ବାରଦାଙ୍କ ନେତୃତ୍ୱରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସମାଜର ସଭାପତି ଚନ୍ଦନ କୁମାର ସ୍ୱାଇଁ, ମୁଖ୍ୟବକ୍ତା ଭାବେ ରୁହ୍ୟା ସିଂ ଯୋଗଦେଇ ଆଦିବାସୀ ମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ରାଜନୈତିକ କ୍ଷେତ୍ରରେ କିପରି ଆଗକୁ ବଢ଼ିପାରିବେ ସେ ସମ୍ପର୍କରେ ଅଭିଭାଷଣ ରଖିଥିଲେ। ଦେବେନ୍ଦ୍ର ପୂର୍ତ୍ତି, ଚନ୍ଦ୍ର ପୂର୍ତ୍ତି, ମିଥୁନ ସ୍ୱାଇଁ, ଶିବ ବାନାରା ଓ ଚନ୍ଦ୍ରମୋହନ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଉପଖଣ୍ଡସ୍ତରୀୟ ଜନଶୁଣାଣି ଶିବିର



ରାଇରଙ୍ଗପୁର, ୧୧।୮ (ସମିସ): ସୋମବାର ରାଇରଙ୍ଗପୁରଠାରେ ଉପଖଣ୍ଡସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ବାମନଘାଟି ଉପଜିଲ୍ଲାପାଳ ସୌମ୍ୟରଞ୍ଜନ ପ୍ରଧାନ, ରାଇରଙ୍ଗପୁର ଅତିରିକ୍ତ ଜିଲ୍ଲାପାଳ ସୁଚାରୁ କୁମାର ବଳ, ଆଇଏସ ପ୍ରୋବେଶନର କାଶିଷ ବକସି, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରବୀନ୍ଦ୍ର କୁମାର ମାର୍ଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ଜନସାଧାରଣଙ୍କଠାରୁ ମୋଟ ୯୦ଟି ଅଭିଯୋଗ ପତ୍ର ଗ୍ରହଣ ହୋଇଥିବା ବେଳେ ୬୮ ଟି ବ୍ୟକ୍ତିଗତ ସମସ୍ୟା ଭିତ୍ତିକ ଏବଂ ୨୨ଟି ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଭିତ୍ତିକ ଅଭିଯୋଗ ଥିଲା। ଏଥି ମଧ୍ୟରୁ ୫ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୫ଜଣଙ୍କୁ ୨୫ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅନ୍ୟାନ୍ୟ ଆପତ୍ତି ଅଭିଯୋଗଗୁଡ଼ିକର ବିଷୟ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ଅନୁଧ୍ୟାନ ପୂର୍ବକ ବିହିତ କାର୍ଯ୍ୟାନୁଷ୍ଠାନ ନେବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀଗଣ ଉପସ୍ଥିତ ଥିଲେ।

## ସଂକୁଳସ୍ତରୀୟ ଜ୍ଞାନବିଜ୍ଞାନ ମେଳା



ରାଇରଙ୍ଗପୁର, ୧୧।୮ (ସମିସ): ରବିବାର ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳ ସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ସଙ୍କୁଳ ପ୍ରମୁଖ ନନ୍ଦକିଶୋର ମହାନ୍ତ ଦୀପ ପ୍ରଜ୍ୱଳନ କରି ସମସ୍ତଙ୍କ ଶୁଭ କାମନା କରିଥିଲେ ଏବଂ ତାଙ୍କୁ ସହଯୋଗ କରିଥିଲେ ବିଦ୍ୟାଳୟର ସଦସ୍ୟା ଗୀତା ମଞ୍ଜରୀ ଏବଂ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ। ଏହି ମେଳାରେ ୨୨୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଉଦଯାପନୀ ଅବସରରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ଜିଲ୍ଲା ସହ ଜିଲ୍ଲା ପ୍ରମୁଖ ବାବୁଲାଲ ଦାସ ଯୋଗଦେଇଥିଲେ। ଶେଷରେ ବରିଷ୍ଠ ଆଚାର୍ଯ୍ୟ ସରୋଜ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ୩ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ସାମଗ୍ରୀ ଚୋରି

ମୋରଡା, ୧୧।୮ (ସମିସ): ମୋରଡା ଥାନା ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ଘରୁ ଦୁର୍ବୃତ୍ତମାନେ କଳାକନା ବୁଲାଇ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିଥିବା ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ମୋରଡା ଗ୍ରାମର ଉଡ଼ା ପଡ଼ିଆ ଛକ ନିକଟରେ ବସବାସ କରୁଥିବା ସହସ୍ରଲୋଚନ ଦାସ (୪୮) ରବିବାର ଅପରାହ୍ନରେ ରାକ୍ଷୀ ପୂର୍ଣ୍ଣିମା ଉପଲକ୍ଷେ ବନ୍ଧୁ ଘରକୁ ଯାଇଥିଲେ। ସୋମବାର ସକାଳେ ତାଙ୍କ ଘର ତାଲା ଭାଙ୍ଗି ଚୋରି ହୋଇଥିବା ଖବର ତାଙ୍କ ଭାଇ ଦେଇଥିଲେ। ପରେ ସହସ୍ର ଘରେ ପହଞ୍ଚି ଦେଖିଲା ବେଳକୁ ଏଲସିଡ଼ି ଟିଭି, ଗ୍ୟାସ ଚୁଲା, ସିଲେଇ ମେସିନ, ଗୋଟିଏ ସୁନା ହାର, ସୁନା କାନଫୁଲ, ସୁନା ମୁଦି, ସୁନା ପଦକ, ରୁପା ହାର, ରୁପା ପାଉଁଜି ଏବଂ ସ୍ମାର୍ଟ ୱାଚ ଯାହାର ଆନୁମାନିକ ମୂଲ୍ୟ ୧ ଲକ୍ଷ ୭୧ ହଜାର ୭୦୦ ଟଙ୍କା ଏବଂ ନଗଦ ୧ ଲକ୍ଷ ୩୩ ହଜାର ଟଙ୍କା ସମେତ ୩ ଲକ୍ଷ ୪ ହଜାର ୭୦୦ ଟଙ୍କା ଚୋରି ହୋଇଥିବା ନେଇ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ପୁଲିସ ଅଭିଯୋଗ ପାଇ ତଦନ୍ତ ଚଳାଇଛି।

## ପୁଲିସକୁ ଦୁର୍ବ୍ୟବହାର ଅଭିଯୋଗ

କୁଆମରା, ୧୧।୮ (ସମିସ): ଖୁଣ୍ଟା ଥାନା ପୁଲିସ ପକ୍ଷରୁ ୧୯ ନମ୍ବର ରାଜ୍ୟ ରାଜପଥ ଉଦଳା-ବାରିପଦା ମୁଖ୍ୟ ରାସ୍ତାର ଡେରମାଇଲ ଛକ ନିକଟରେ ବାଇକ ଯାଞ୍ଚ କରାଯାଉଥିବା ବେଳେ ସ୍ଥାନୀୟ ଅଞ୍ଚଳର କେତେକ ଅସାମାଜିକ ଯୁବକ ବାଧା ସୃଷ୍ଟି କରିବା ସହ ପୁଲିସକୁ ଆକ୍ରମଣ କରିବା ସହିତ ଦୁର୍ବ୍ୟବହାର କରିଥିଲେ। ଏ ନେଇ ପୁଲିସର ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ତେବେ ପୁଲିସ ଏ ଯାଏ କାହାକୁ ଗିରଫ କରିବାରେ ସକ୍ଷମ ହୋଇନାହିଁ।

## ବିଏସ୍‌ଏନ୍‌ଏଲ୍‌ର ଦୁର୍ବଳ ଇଣ୍ଟରନେଟ ବ୍ୟବସ୍ଥା ଯୋଗୁଁ ଗ୍ରାହକ ହଟହଟା

କରଞ୍ଜିଆ, ୧୧।୮ (ସମିସ): କରଞ୍ଜିଆରେ ଥିବା ଭାରତ ସଞ୍ଚାର ନିଗମ (ବିଏସଏନଏଲ)ର ଇଣ୍ଟରନେଟ ବ୍ୟବସ୍ଥା ଯୋଗୁଁ ଶହ ଶହ ଗ୍ରାହକ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନେଟୱାର୍କ ପାଇବା ପାଇଁ ମୋବାଇଲ ଗ୍ରାହକମାନେ ରାସ୍ତା ଉପରକୁ ଆସିବା ପାଇଁ ବାଧ୍ୟ ହେଉଛନ୍ତି। ସହରର ଅନେକ ସ୍ଥାନରେ ନେଟୱାର୍କ ମିଳୁନାହିଁ। ଲୋକମାନେ ଟାୱାର ପାଖକୁ ଆସୁଛନ୍ତି ଜରୁରୀ କାମ ପାଇବା ପାଇଁ। ସେହିଭଳି ସହରରୁ ଟିକିଏ ବାହାରକୁ ଗଲେ ଆଉ ନେଟୱର୍କ ମିଳୁ ନଥିବାର ଅଭିଯୋଗ ହେଉଛି। ଅନ୍ୟାନ୍ୟ ଘରୋଇ କମ୍ପାନୀର ନେଟୱର୍କ ବ୍ୟବସ୍ଥା ଭଲଥିଲେ ମଧ୍ୟ ସରକାରୀ ସାନ୍ଥା ଭାବେ ବିଏସଏନଏଲର ଏଭଳି ବ୍ୟବସ୍ଥାକୁ ନେଇ ସବୁବେଳେ ଅସନ୍ତୋଷ ପ୍ରକାଶ ପାଉଛି। ଉଚ୍ଚ କର୍ତ୍ତୃପକ୍ଷ ଏଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।

## ବିଦ୍ୟାଳୟ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ବୈଠକ

ବେତନଟୀ, ୧୧।୮ (ସମିସ): ବେତନଟୀ ବ୍ଲକ ଶାଳବଣି ଅନ୍ତର୍ଗତ ପି ଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ଅଭିଭାବକ ଓ ଶିକ୍ଷକଙ୍କୁ ନେଇ ଏକ ବୈଠକ ଗତ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକର ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ। ଅଧ୍ୟକ୍ଷ ଜୟରାମ ନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାର ୨୬ଟି ବ୍ଲକରୁ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଓ ଅଭିଭାବକଙ୍କ ମଧ୍ୟରୁ ୫ ଜଣଙ୍କୁ ପିଟିସି ସଦସ୍ୟ/ସଦସ୍ୟାଭାବେ ମନୋନୀତ କରାଯାଇଛି। ଏହି ୧୫ ଜଣ ପିଟିସି ଅଭିଭାବକ ଓ ବିଦ୍ୟାଳୟର ୫ ଜଣ ଶିକ୍ଷକମାନେ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ମୋହନଦାସ ଗିରିଙ୍କ ଅଧ୍ୟକ୍ଷତାରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା, ଛାତ୍ରଛାତ୍ରୀଙ୍କ ସମସ୍ୟା ତଥା ବିଦ୍ୟାଳୟର ଉନ୍ନତି ମୂଳକ ତଥ୍ୟ ଉପରେ ପ୍ରତ୍ୟେକ ମାସ ଦ୍ୱିତୀୟ ରବିବାର ଆଲୋଚନା କରିବେ ବୋଲି ବୈଠକରେ ସ୍ଥିର କରାଗଲା। ଶେଷରେ ସତୀଶ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ତହସିଲରେ ରାଜସ୍ୱ ନିରୀକ୍ଷକ ମରୁଡ଼ି

## ଡେପୁଟେସନରେ ୩ ଜଣ ଆରଆଇ

ରାଇରଙ୍ଗପୁର, ୧୧।୮ (ସମିସ): ରାଇରଙ୍ଗପୁର ତହସିଲ କାର୍ଯ୍ୟାଳୟରେ ୭ ଜଣ ରାଜସ୍ୱ ନିରିକ୍ଷକଙ୍କ ମଧ୍ୟରୁ ୩ ଜଣ ଡେପୁଟେସନରେ ବାହାରକୁ ଯାଇଛନ୍ତି। ଉକ୍ତ ଆରଆଇମାନେ ଶୁଳିଆପଦା, କୁଳିଅଣା ଏବଂ ବିଶୋଇକୁ ଯାଇଛନ୍ତି। ରାଇରଙ୍ଗପୁର ତହସିଲରେ ନୂଆଗାଁ ଆରଆଇ, ରାଇରଙ୍ଗପୁର ପୌରପରିଷଦ ଆରଆଇ ଏବଂ ଗୋରୁମହିଷାଣୀ ଆରଆଇ ପଦ ଖାଲି ପଡ଼ିଛି। ଡେପୁଟେନସରେ ଯାଇଥିବା ଆରଆଇମାନେ ରାଇରଙ୍ଗପୁର ତହସିଲରୁ ଦରମା ପାଉଛନ୍ତି; କିନ୍ତୁ କାମ କରୁଛନ୍ତି ଶୁଳିଆପଦା, କୁଳିଅଣା ଏବଂ ବିଶୋଇ କାର୍ଯ୍ୟାଳୟରେ। ଫଳରେ ରାଇରଙ୍ଗପୁର ତହସିଲରେ ଆରଆଇ ମରୁଡ଼ି ଯୋଗୁଁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏପରିକି ଗ୍ରାମସଭା, ପଲ୍ଲୀସଭା ଉନ୍ନୟନ କାମ, ଜମି ଚିହ୍ନଟ ସବୁ ଠପ୍ ହୋଇଯାଇଛି। ଇତି ମଧ୍ୟରେ କୋଟି କୋଟି ଟଙ୍କାର ପ୍ରକଳ୍ପ ରାଇରଙ୍ଗପୁର ତହସିଲ ଅଞ୍ଚଳକୁ ସୁଅ ଛୁଟିଛି; ହେଲେ ପ୍ରକଳ୍ପ ଓ ଉନ୍ନୟନ ପାଇଁ ରାଜସ୍ୱ ନିରୀକ୍ଷକ ମରୁଡ଼ି ଚିନ୍ତା ବଢ଼ାଇ ଦେଇଛି। ପ୍ରକଳ୍ପ ପାଇଁ ଜମି ଚିହ୍ନଟ ମାପଜୁପ କରିବାରେ ଅସୁବିଧା ସୃଷ୍ଟି ହୋଇଛି। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଶିଶୁ କିଶୋର ପତ୍ରିକା 'ଆମ ସୁନାଚାନ୍ଦ' ଓ 'କାକଳୀ' ଉନ୍ମୋଚିତ



ବଡ଼ସାହି, ୧୧।୮ (ସମିସ): ବଡ଼ସାହି ବିବେକାନନ୍ଦ ବିହାରରୁ ପ୍ରତିମାସ ପ୍ରକାଶ ପାଉଥିବା ଏକମାତ୍ର ମାସିକ ହିନ୍ଦୀ ଶିଶୁ ପତ୍ରିକା କାକଳୀ ଓ ମାସିକ ଓଡ଼ିଆ ଶିଶୁ କିଶୋର ପତ୍ରିକା ଆମ ସୁନାଚାନ୍ଦର ଅଗଷ୍ଟ ସଂଖ୍ୟା ସୋମବାର ବାଣୀଭବନଠାରେ ଉନ୍ମୋଚିତ ହୋଇଯାଇଛି। ବାଣୀପୀଠର ଅଧ୍ୟକ୍ଷ ତଥା ପତ୍ରିକାର ସମ୍ପାଦକ ଡ଼କ୍ଟର କୁମାର ବାବୁଲି ଏଥିରେ ଅଧ୍ୟକ୍ଷତା କରିଥିଲେ। କବି ତଥା ଶିଶୁ ସାହିତ୍ୟିକ କାର୍ତ୍ତିକ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଶିଶୁ ପତ୍ରିକା ପିଲାଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଘଟାଇବା ସହିତ ପିଲାଙ୍କୁ ମାର୍ଜିତ ଓ ଲେଖିବାର ସ୍ପୃହାକୁ ପରିସ୍ଫୁଟ କରିଥାଏ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ବିସ୍ମୟ କୁମାର ମହାନ୍ତ, ସମ୍ମାନିତ ଅତିଥିଭାବେ ପ୍ରିୟଙ୍କା ମହାନ୍ତ, ମଳୟମଞ୍ଜରୀ ରଥ, ଶ୍ରୀୟା ରାଣୀ ସିଂ, ସୌମ୍ୟରଞ୍ଜନ ନାୟକ, ବର୍ଷା ମହାନ୍ତ ଯୋଗଦାନ କରିଥିଲେ। ଅନୁଷ୍ଠାନର ସଞ୍ଚାଳିକା ପୁହାଣ ସୂର୍ଯ୍ୟକାନ୍ତି ରାଉତ ଆନୁଷ୍ଠାନିକ ସୂଚନା ପ୍ରଦାନ କରିଥିଲେ। ଶିଶୁ ଜିତ୍ ସିଂ, ସୂର୍ଯ୍ୟପ୍ରତାପ ସ୍ୱାଇଁ, ଆକାଶ କୁମାର ବେହେରା, ଶୋଭାଗ ମହାନ୍ତ, ପ୍ରୀତିଲତା ପରିଡ଼ା, ଷଷ୍ଠିତା ଗିରି, ଦମୟନ୍ତୀ ସିଂ, ପ୍ରଭାସିନି ସିଂ, ଗାୟତ୍ରୀ ମହାନ୍ତ, ପପୁ ହେମ୍ବ୍ରମ ଓ ସଞ୍ଜିବ୍ ପରିଡ଼ା ଆଦି ପତ୍ରିକା ଉନ୍ମୋଚନ କରି ପଦର୍ଶିତ କରିଥିଲେ। ଶେଷରେ ସଂଧାରାଣୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ଚୋରକୁ ନିର୍ଦ୍ଧୂମ ଛେଚି ପୁଲିସ ଜିମାଦେଲେ

ବୈଶିଙ୍ଗା, ୧୧।୮ (ସମିସ): ବୈଶିଙ୍ଗା ଥାନା ଅଧୀନ ଅଁଳା ଅଞ୍ଚଳରୁ ୨ଜଣ ଦୁର୍ବୃତ୍ତ ପଛପଟୁ ଆସି ମୋବାଇଲ ଝାମ୍ପି ନେବାକୁ ଉଦ୍ୟମ କରୁଥିବା ବେଳେ ସ୍ଥାନୀୟ ଲୋକ କାବୁ କରିନେଇଥିଲେ। ସୂଚନାନୁଯାୟୀ, ସ୍ଥାନୀୟବାଘୁଆ ଗ୍ରାମର ଅଙ୍ଗନବାଡି ଦିଦି ଭାବେ କାର୍ଯ୍ୟରତ ସୁନିଆଁ ହେମ୍ବ୍ରମ ପୂର୍ବାହ୍ନରେ ଟଙ୍କା ଉଠାଇବାକୁ ଅଁଳାସ୍ଥିତ ବ୍ୟାଙ୍କକୁ ଆସି ମୋବାଇଲରେ କଥା ହୋଇ ଗାଁକୁ ଫେରୁଥିଲେ। ଅଁଳା କଲେଜ ନିକଟରେ ନମ୍ବର ପ୍ଲେଟ ଉପରେ ଷ୍ଟିକର ଲାଗିଥିବା ଏକ ସ୍କୁଟିରେ ୨ଜଣ ଦୁର୍ବୃତ୍ତ ପଛପଟୁ ଆସି ମୋବାଇଲ ଝାମ୍ପିନେଇ ଘଟଣାସ୍ଥଳରୁ ଚମ୍ପଟ ମାରୁଥିବା ବେଳେ ସୁନିଆଁ ଚିତ୍କାର କରିଥିଲେ। ଫଳରେ ସ୍ଥାନୀୟ ଲୋକ ଗୋଡ଼ାଇ ଗୋଡ଼ାଇ ଜଣେ ଲୁଟେରାକୁ କାବୁ କରିନେଇଥିବା ବେଳେ ଅନ୍ୟଜଣେ ମୋବାଇଲ ନେଇ ଚମ୍ପଟ ମାରିଥିଲା। ତେବେ ଅଙ୍ଗନବାଡି ଦିଦି ସମେତ ସ୍ଥାନୀୟ ଲୋକ ମିଶି ଲୁଟେରାକୁ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିର୍ଦ୍ଧୁମ ଛେଚିଥିଲେ। ପରେ ପୁଲିସ ଖବର ପାଇ ଲୁଟେରା ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅଧୀନ ବାଉଁଶମୁଖା ଗ୍ରାମର ଓମପ୍ରକାଶ ମହାନ୍ତିକୁ ଉଦ୍ଧାର କରିଥିଲେ। ପରେ ପୁଲିସ ଘଟଣାର ତଦନ୍ତ ପୂର୍ବକ ୪୦୦/୨୫ନଂରେ ମାମଲା ରୁଜୁକରି ଅଭିଯୁକ୍ତ ଓମପ୍ରକାଶକୁ କୋର୍ଟଚାଲାଣ କରିଛି।

### ମୌଳିକ ସୁବିଧାରୁ ବଞ୍ଚିତ ଠାକରାସାହିବାସୀ

# ପ୍ରତିଶ୍ରୁତି ପରେ ରାସ୍ତା ଅବରୋଧ ଡାକରା ବାତିଲ



କପ୍ତିପଦା, ୧୧।୮ (ସମିସ): କପ୍ତିପଦା ବ୍ଲକ ଅଧୀନ ଜଡିଦା ଗ୍ରାମ ପଞ୍ଚାୟତର ଠାକରା ସାହି ଗ୍ରାମବାସୀ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ଏହି ସମସ୍ୟା ସମାଧାନ ନ ହେଲେ ଅଗଷ୍ଟ ୧୧ରେ କପ୍ତିପଦାରୁ ଶରତ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ ଗ୍ରାମବାସୀ। ଏ ସମ୍ପର୍କରେ ଲିଖିତ ଭାବେ ପ୍ରଶାସନକୁ ଅବଗତ କରାଇବା ପରେ ରବିବାର କପ୍ତିପଦା ବିଡ଼ିଓ ରଶ୍ମିତା ଟେଟେଙ୍କ ନିର୍ଦ୍ଦେଶ କ୍ରମେ ଜଡ଼ିଦା ଗ୍ରାମ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ବିକାଶ ପରିଡ଼ା ଗ୍ରାମ ପରିଦର୍ଶନ କରିଥିଲେ। ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବା ଦେଖି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। କାମଚଳା ଯାତାୟାତ ପାଇଁ କିଛି ମୋରମ ପକାଇବାର ବ୍ୟବସ୍ଥା କରାଇଥିଲେ। ଗ୍ରାମବାସୀ ଶ୍ରୀ ପରିଡ଼ାଙ୍କ କଥାରେ ବିଶ୍ୱାସ କରି ୧୧ ତାରିଖ ରାସ୍ତାରୋକକୁ ପ୍ରତ୍ୟାହାର କରିଥିବା ବେଳେ ୧୧ତାରିଖରେ ବିଡିଓ ଗ୍ରାମ ପରିଦର୍ଶନ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବର୍ଷାଦିନ ପରେ ରାସ୍ତା ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହିତ ଅନ୍ୟସବୁ ସମସ୍ୟାର ସମାଧନ ଶୀଘ୍ର କରାଯିବା ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଦାଶରଥି କିସ୍କୁ, ଛାକୁ କିସ୍କୋ, ଗୋରା ଟୁଡୁ, ଲଗେନ କିସ୍କୋ, ଲକ୍ଷ୍ମଣ କିସ୍କୋ, ବୁଦ୍ଧିରାମ ଟୁଡୁ, ସିଂରାୟ ମୁର୍ମୁ, ରାମଏ କିସ୍କୁ ପ୍ରମୁଖ ଉପସ୍ଥିତ ଥିଲେ।



## ଓଡ଼ିଶା ସାମ୍ବାଦିକ ସଂଗଠନର ଆଲୋଚନାଚକ୍ର




କୁଆଖିଆ,୧୧।୮ (ସମିସ): ଓଡିଶା ସାମ୍ବାଦିକ ସଂଗଠନର 'ସମନ୍ୱୟର ପ୍ରତିବିମ୍ବ ସାମ୍ବାଦିକତା, ସେବା ଓ ସାହିତ୍ୟ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲ୍ଲା ରସୁଲପୁର ବ୍ଲକ ଓଡ଼ିଶୋ ପଞ୍ଚାୟତ ଅଣ୍ଡେଇଗୋଡାଠାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ପୂର୍ବତନ ମନ୍ତ୍ରୀ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ସାମ୍ବାଦିକ ସଂପୂର୍ଣ୍ଣ ନିଜସ୍ୱ ଢଙ୍ଗରେ ଖବର ପରିବେଷଣ କରିବା ଉଚିତ୍। ବରିଷ୍ଠ ସାମ୍ବାଦିକ ତଥା ସ୍ତମ୍ଭକାର ସତୀଶ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅନ୍ୟାୟ, ଭ୍ରଷ୍ଟାଚର, ଦୁର୍ନିତି ଓ ଶୋଷଣ ବିରୋଧରେ ସାଲିସ ବିହୀନ ଲଢ଼େଇ ସାମ୍ବାଦିକତା, ସେବା ଓ ସାହିତ୍ୟର ସର୍ବଶ୍ରେଷ୍ଠ ଲକ୍ଷ୍ୟ ବୋଲି କହିଥିଲେ। ଗୋକର୍ଣ୍ଣିକାର ସଂପାଦକ ରମାକାନ୍ତ ଜେନା ମୁଖ୍ୟମକ୍ତା ଭାବେ ଯୋଗଦେଇ ଉକ୍ରଳମଣି ଗୋପବନ୍ଧୁଙ୍କ ସାମ୍ବାଦିକତା, ସାହିତ୍ୟ ଓ ସେବା ଜୀବନ ସଂପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଲେଖକ ଡ. ରୁଦ୍ରନାରାୟଣ ପୃଷ୍ଟି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଜେପିର ରାଜ୍ୟ ପ୍ରବକ୍ତା ପବିତ୍ର ମୋହନ ଦାସ, କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି ମନୋଜ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ସଫିକୁଲ୍ଲନା ଖାଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ବରିଷ୍ଠ ସାମ୍ବାଦିକ ସୀତାକାନ୍ତ ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା।

### ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ

# ପ୍ରତିବାଦରେ ବାଲିଚନ୍ଦ୍ରପୁର ଥାନା ଘେରାଉ

ବାଲିଚନ୍ଦ୍ରପୁର,୧୧।୮ (ସମିସ):




ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଚୋରି ଡକାୟତି, ରାହାଯାନୀ ବୃଦ୍ଧି, ଲଘୁ ଖଣିଜ ପଦାର୍ଥ ଲୁଟ୍, ଚୋରା ମଦ, ଚରସ, ବ୍ରାଉନ ସୁଗାର କାରବାର, ବାଲିଚନ୍ଦ୍ରପୁର ବଜାରରେ ବିପର୍ଯ୍ୟସ୍ତ ଟ୍ରାଫିକ ବ୍ୟବସ୍ଥା ସହିତ ଜଣେ ଦଳିତ ଯୁବକ ରବୀନ୍ଦ୍ର ମଲ୍ଲିକଙ୍କୁ ନିର୍ଯାତନା ଦିଆଯିବା ଘଟଣାର ପ୍ରତିବାଦରେ ଏବଂ ଜନସାଧାରଣଙ୍କୁ ଉଚିତ ନ୍ୟାୟ ଦାବିରେ ଆଜି ବଡ଼ଚଣା ବ୍ଲକ କଂଗ୍ରେସ ପକ୍ଷରୁ ବାଲିଚନ୍ଦ୍ରପୁର ଥାନା ଘେରଉ କରାଯାଇଥିଲା। ବ୍ଲକ କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ଏହି ଘେରଉ କାର୍ଯ୍ୟକ୍ରମରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା। ୫୩ ନମ୍ବର ଜାତୀୟ ରାଜପଥର ବାଲିଚନ୍ଦ୍ରପୁର ବାଇପାସ ରାସ୍ତା ନିକଟରୁ କଂଗ୍ରେସ କର୍ମୀମାନେ ବିଭିନ୍ନ ସ୍ଲୋଗାନ ଦେଇ ଏକ ବିରାଟ ଶୋଭାଯାତ୍ରାରେ ଆସି ଥାନା ସମ୍ମୁଖରେ ପହଞ୍ଚିଥିଲେ।

ଏହି ଅବସରରେ ବ୍ଲକ କଂଗ୍ରେସ ସଭାପତି ସୁରେଶ ଚନ୍ଦ୍ର ସାହାଣୀଙ୍କ ଅଧକ୍ଷତାରେ ଥାନା ସମ୍ମୁଖରେ ଆୟୋଜିତ ପ୍ରତିବାଦ ସଭାରେ କଂଗ୍ରେସ ନେତା ଶ୍ରୀ ସାମଲ ଯୋଗଦେଇ ବାଲିଚନ୍ଦ୍ରପୁର ଥାନା ଅଞ୍ଚଳରେ ଦିନକୁ ଦିନ ଆଇନ ଶୃଙ୍ଖଳା ପରିସ୍ଥିତି ବିଗିଡି ଯାଉଥିବା ଦର୍ଶାଇ ଏହାର ନିରାକରଣ ଦିଗରେ ପୁଲିସର କଡା ପଦକ୍ଷେପ ନେବାକୁ ଦାବି କରିଥିଲେ। ଏଥିରେ ପୂର୍ବତନ ପିସିସି ସମ୍ପାଦକ ଡ. ସନ୍ତୋଷ କୁମାର ବଳ, ଜିଲ୍ଲା ଯୁବ କଂଗ୍ରେସର ପୂର୍ବତନ ସଭାପତି ବିଶ୍ୱ ପ୍ରକାଶ ସାମଲ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ବିଳାସ ଚନ୍ଦ୍ର ବାରିକ, ସେକ୍ ରିୟାସତ ଅଲି, ଚାନ୍ଦ ଖାଁ, ଶ୍ରୀକାନ୍ତ ମଲ୍ଲିକ, ସୁବାସ ପରିଡା ଓ କାଳିକିଙ୍କର ସାମଲ ପ୍ରମୁଖ ଯୋଗଦେଇ ଥାନା ଅଞ୍ଚଳରେ ବିଭିନ୍ନ ଚୋରା କାରବାର ବନ୍ଦ, ବଜାର ଟ୍ରାଫିକ ନିୟନ୍ତ୍ରଣ ସହିତ ଥାନା ଅଞ୍ଚଳରେ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ଦାବି କରିଥିଲେ। ଏଥିରେ ଅଜୟ ଜେନା, କରୁଣାକର ରଣା, ରମେଶ ଚନ୍ଦ୍ର ଗଡନାୟକ, ସେକ ଅବଦୁଲ ମଜିଦ, ବଟକୃଷ୍ଣ ଦାସ, ଖଗେଶ୍ୱର ବେହେରା, କାର୍ତ୍ତିକ ଚନ୍ଦ୍ର ନାୟକ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ସଞ୍ଜୟ କୁମାର କର, ସନ୍ତୋଷ ପରିଡା, ସୁଧୀର ଦାସ, ନାରାୟଣ ଦାସ, ସରୋଜ ଜେନା, ସୁଧାଂଶୁ ଜେନା, ମହନି ମହାନ୍ତି, ଅଚ୍ୟୁତାନନ୍ଦ ପଣ୍ଡା, ରଞ୍ଜନ ଜେନା, ଶାନ୍ତନୁ ଜେନା, ସତ୍ୟାନନ୍ଦ ତରେଇ, ଆଶିଷ ଧଳ, ମାଧବ ମଲ୍ଲିକ ଓ ବାମଦେବ ସାମଲଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ଧନ୍ୟବାଦ ଦେଇଥିଲେ ବାଲିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ ସଭାପତି ରବିନ୍ଦ୍ର କୁମାର ରାଉତରାୟ।

## ସୂଚନା ଅଧିକାର ଆଇନକୁ ମାନୁନାହାନ୍ତି ଜଳ ସମ୍ପଦ ଅଧିକାରୀ

ବରୀ,୧୧।୮ (ସମିସ): ଯାଜପୁର ଜିଲ୍ଲାର ବହୁ ବିଭାଗିୟ ଅଧିକାରି ସୂଚନା ଅଧିକାର ଆଇନକୁ ଭ୍ରୁକ୍ଷେପ କରୁନାହାନ୍ତି। ତାହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବକୁ ମିଳିଛି ଜାରକା ସ୍ଥିତ ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ। ଚୈତନ୍ୟ ଚରଣ ଜେନା ନାମକ ଜଣେ ସୂଚନା କର୍ମୀ ଜଳସମ୍ପଦ ବିଭାଗ ଜାରକା ଡିଭିଜନ ଅଧୀନ ଚଣ୍ଡିଖୋଲ ଉପଖଣ୍ଡ ଦ୍ୱାରା କରାଯାଇଥିବା ପ୍ରକଳ୍ପ ଗୁଡିକ ବିଷୟରେ ତଥ୍ୟ ଜାଣିବାକୁ ସୁଚନା ଅଧିକାର ଆଇନ ୨୦୦୫ ବଳରେ ଜାରକା ଜଳ ସମ୍ପଦ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଆବେଦନ କରିଥଲେ। କିନ୍ତୁ ୩୦ ଦିନ ବିତିଗଲା ପରେ ମଧ କୌଣସି ଉତ୍ତର ନ ମିଳିବାରୁ ଡିଭିଜନର ଜନସୂଚନା ଅଧିକାରୀ ଦାୟିତ୍ୱରେ ଥିବା ଏଇଇ ତଥା ଏଷ୍ଟିମେଟର ସବ୍ୟ ସଚିନ ବିଶ୍ୱାଳଙ୍କୁ ଯୋଗାଯୋଗ କରିବାରୁ ସେ ବିଭିନ୍ନ ବାହାନା ଦେଖାଇ କିଛି ଦିନ ଗଡ଼ାଇବା ପରେ ଶେଷରେ କହିଥିଲେ ଯେ ସେ ପିଆଇଓ ଦାୟିତ୍ୱରେ ନାହାଁନ୍ତି। ଜେନାପୁର ସେକ୍ସନର ଜେଇ ବିଭୁପ୍ରସାଦ ମହାନ୍ତିଙ୍କ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ। ନୂତନ ପିଆଇଓ ବିଭୁପ୍ରସାଦ ମହାନ୍ତିଙ୍କୁ ଯୋଗାଯୋଗ କରିବାରୁ ସେ ମଧ ବିଭିନ୍ନ ବାହାନା ଦେଖାଇ କିଛି ଦିନ ଗଡ଼ାଇ ଚାଲିଲେ। ଶେଷରେ ବାଧହୋଇ ଗତ ଜୁଲାଇ ୨୮ ତାରିଖରେ ଉକ୍ତ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ଅପିଲ କରିଥଲେ। ଅପିଲ କରିବାର ଏକ ସପ୍ତାହ ବିତିଗଲା ପରେ ମଧ ଏ ପର୍ଯ୍ୟନ୍ତ କୌଣସି ଉତ୍ତର ମିଳିଲାନାହିଁ। ସୂଚନା ଅଧିକାର ଆଇନ୍ ୨୦୦୫ ଅନୁଯାୟୀ କୌଣସି ଅଧିକାରୀ ଯଦି ଆବେଦନକାରୀଙ୍କୁ ୩୦ ଦିନ ମଧରେ ତଥ୍ୟ ପ୍ରଦାନ ନ କରନ୍ତି ବା କୌଣସି ବିଧିଯୁକ୍ତ ଉତ୍ତର ପ୍ରଦାନ ନ କରନ୍ତି ତେବେ ଉପରୋକ୍ତ ଅଧିକାରିଙ୍କୁ ଆର୍ଥିକ ଦଣ୍ଡ ଦିଆଯିବାର ବିଧି ରହିଛି। କିନ୍ତୁ ଏଠାରେ ସୂଚନା ମିଳିବା ତ ଦୂର ପ୍ରାପ୍ତି ସ୍ୱୀକାରପତ୍ର ଖଣ୍ଡିଏ ବି ଦେଉନାହାନ୍ତି ଜାରକା ଜଳ ସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର ଜନ ସୂଚନା ଅଧିକାରି/ପ୍ରଥମ ଅପିଲ କର୍ତ୍ତୃପକ୍ଷ। ଏଠାରେ ଜଣେ ସାଧାରଣ ନାଗରିକ ନ୍ୟାୟ କେମିତି ପାଇ ପାରିବ ତାହା ହିଁ ଆଲୋଚ୍ୟ ବିଷୟ।

## ଆସୁନାହାଁନ୍ତି ସିଡିପିଓ; ହନ୍ତସନ୍ତ ଲୋକେ

ବଡଚଣା,୧୧।୮ (ସମିସ): ଅବ୍ୟବସ୍ଥାରେ ଚାଲିଛି ସିଡିପିଓଙ୍କ କାର୍ଯ୍ୟାଳୟ। ଚୌକି ପଡ଼ିଛି ଫାଙ୍କା; ହେଲେ ଅଧିକାରିଣୀଙ୍କ ଦର୍ଶନ ମିଳୁନି। ତ୍ୱରାନ୍ୱିତ ହେଉନି ସରକାରୀ କାର୍ଯ୍ୟ। ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରୁଛନ୍ତି। କାଗଜ କଲମରେ ଚାଲିଛି କି ସରକାରୀ ଯୋଜନା। ବାଲିଚନ୍ଦ୍ରପୁରସ୍ଥିତ ବଡ଼ଚଣା (ଗ୍ରାମୀଣ) ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ଅନିୟମିତତାର ଫର୍ଦ୍ଦ ଯେତିକି ଲମ୍ବା ଅଧିକାରିଣୀଙ୍କ ମାନମାନି ମଧ କହିଲେ ନ ସରେ। ଅଙ୍ଗନବାଡ଼ିରେ ମିଳୁଥିବା ଛତୁଆରେ ଉକୁଣିଆ ପୋକ ଓ ବାଦାମ ଲଡୁରେ ଲାଙ୍ଗୁଡ଼ା ପୋକ ଏବଂ ଅନ୍ୟାନ୍ୟ ସାମଗ୍ରୀ ନିମ୍ନମାନର ଅଭିଯୋଗ ହେଲା ପରେ ମଧ କେବଳ କାଗଜ କଲମରେ ତଦନ୍ତ ଓ କାଗଜ କଲମରେ କାର୍ଯାନୁଷ୍ଠାନ ସୀମିତ ରହି ଯାଇଛି। ବାରମ୍ବାର ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ଯୋଗାଯୋଗ କରିବା ସହ କର୍ଯ୍ୟାଳୟକୁ ଯାଇଥିଲେ ମଧ କୌଣସି ଯୋଗାଯୋଗ ହୋଇ ପାରି ନ ଥିଲା। ଗତ ମାସ ୧୪ ତାରିଖରେ ଅଣକା ପଞ୍ଚାୟତ ଭୁଲୁକା ଗ୍ରାମର ସସ୍ମିତା ଶତପଥୀ ରଘୁନାଥପୁର ଅଙ୍ଗନବାଡି କେନ୍ଦ୍ରରୁ ଆଣିଥିବା ଛତୁଆ ଓ ବାଦାମ ଲଡୁ , ମୁଢ଼ି ଓ ସୋଲାର ଓଜନ କମ ଥିବା ଏବଂ ସେଥିରେ ପୋକ ବାହାରୁଥିବା ନେଇ ସ୍ଥାନୀୟ ଅଙ୍ଗନବାଡ଼ି ସହାୟିକା ମମତା ରାୟଙ୍କୁ ଦେଖାଇବା ପରେ ସିଡିପିଓ ଲିଖିତ ଅଭିଯୋଗ କରିଥଲେ। ଏ ନେଇ ଅଙ୍ଗନବାଡ଼ି ୱାର୍କର ମମତା ରାୟଙ୍କୁ ପଚାରିବାରେ ସେ ଏହି ଘଟଣାକୁ ମାନିଥିଲେ। ପୂର୍ବରୁ ମଧ ଏଭଳି ଅଭିଯୋଗ ହୋଇଥିବା ବେଳେ ସେ, ସିଡିପିଓ



, ସୁପରଭାଇଜର ଓ ବଣ୍ଟନ କରୁଥିବା ୟୁନିଟ ସାଇବାବା ସ୍ୱୟଂ ସହାୟକ ଗୋଷ୍ଠୀକୁ ଜଣାଇଥିବା କହିଛନ୍ତି। ତେବେ କାର୍ଯ୍ୟାଳୟରେ ସିଡିପିଓଙ୍କ ମାନମାନି ତଥା ଠିକ ସମୟରେ କାର୍ଯ୍ୟାଳୟରେ ଉପସ୍ଥିତ ନ ରହିବା ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଉପରେ ଜିଲ୍ଲା ପ୍ରଶାସନ ତଦନ୍ତ କରି ଦୃଢ଼ କାର୍ଯାନୁଷ୍ଠାନ ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଯୁବତୀ ଅପହରଣ ଅଭିଯୋଗରେ ୩ ଅଟକ

ସୁକିନ୍ଦା,୧୧।୮ (ସମିସ): ସୁକିନ୍ଦା ଥାନା ଅଞ୍ଚଳରୁ ଜଣେ ଯୁବତୀଙ୍କୁ ଅପହରଣ କରିଥିବା ଅଭିଯୋଗରେ ପୁଲିସ ସ୍ଥାନୀୟ ଅଞ୍ଚଳର ତିନିଜଣ ଯୁବକଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଗତ ଶନିବାର ସୁକିନ୍ଦାରେ ଥିବା ମିଶନ ଆଶ୍ରାରୁ (ମାନସିକ ବିକାରଗ୍ରସ୍ତ ମହିଳାଙ୍କ ଆଶ୍ରୟସ୍ଥଳୀ) ଜଣେ ଯୁବତୀ ନିଖୋଜ ଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ପୁଲିସ ପକ୍ଷରୁ ଏହି ଘଟଣାର ତଦନ୍ତ ଆରମ୍ଭ ହେବାପରେ ଘଟଣା ଭିନ୍ନ ମୋଡ଼ ନେଇଥିବା ଶୁଣାଯାଇଛି। ନିଖୋଜ ଯୁବତୀଙ୍କୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ସେହି ରାତିରେ ସୁକିନ୍ଦା ଛକ ନିକଟରୁ ଅପହରଣ କରିଥିବା ଚର୍ଚ୍ଚା ଜୋର ଧରିଛି। ପୁଲିସ ଏହି ଘଟଣାର ତଦନ୍ତ କରିବା ସହ ସ୍ଥାନୀୟଅଞ୍ଚଳର ତିନିଜଣ ଯୁବକଙ୍କୁ ଥାନାରେ ଅଟକ ରଖି ତନାଘନା ଜାରି ରଖିଛି।

## ଗାୟତ୍ରୀ ପରିବାର ପକ୍ଷରୁ ଶ୍ରାବଣୀ ଉତ୍ସବ

ଧର୍ମଶାଳା,୧୧।୮ (ସମିସ): ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ଧର୍ମଶାଳା ଶାଖା ପକ୍ଷରୁ ଶ୍ରାବଣୀ ଉତ୍ସବ ୨୦୨୫ ଜାରକା ନିକଟସ୍ଥ ଗୋକର୍ଣ୍ଣେଶ୍ୱର ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାରର ବରିଷ୍ଠ ପରିଜନ ଦାମୋଦର ସେନାପତିଙ୍କ ନେତୃତ୍ୱରେ ଓ କ୍ଷେତ୍ରବାସୀ ସାହୁଙ୍କ ପରିଚାଳନାରେ ଏକ ଯଜ୍ଞ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଗାୟତ୍ରୀ ପରିବାରର ସଦସ୍ୟ ଚନ୍ଦ୍ରମଣି ପଣ୍ଡିତ ଗାୟତ୍ରୀ ଅନୁଷ୍ଠାନର ମିଶନ ଓ ସଙ୍ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଜନ ନବଘନ ମହାନ୍ତି, ସୁଦାମ ମହାରଣା, ଅଭିରାମ ନାୟକ, ଚିତରଞ୍ଜନ ମଳିକ, ଆନନ୍ଦ କିଶୋର ଜେନା, ବିଦ୍ୟାଧର ତରାଇ, ହରିହର ବାରିକ, ରମେଶ ଚନ୍ଦ୍ର ପାତ୍ର, ମନୋଜ କୁମାର ନାୟକ, ବିବେକନନ୍ଦ ଜେନା, ପ୍ରଣବ ରାଉତ. ପ୍ରମୋଦ କୁମାର ସାହୁ ପ୍ରମୁଖଙ୍କ ସହେଯାଗରେ ବ୍ରାହ୍ମଣୀ ନଦୀରେ ତିଳତର୍ପଣ କରାଯାଇଥିଲା। ସୋମ୍ୟ ରଞ୍ଜନ ବିଶ୍ୱାଳ ଓ ଭାନୁପ୍ରିୟା ସାମଲ ଆୟୋଜିତ ଯଜ୍ଞରେ କର୍ତ୍ତା ଓ କର୍ତ୍ତୀ ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ।

### ■ ବିଦ୍ୟାଳୟ ଏକ; ଶିକ୍ଷକ ଏକ

## ବିଦ୍ୟାର୍ଥୀ ତିନି; ଉପସ୍ଥାନ ଶୂନ

ବରୀ,୧୧।୮ (ସମିସ): ଏଭଳି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ବରୀ ଶିକ୍ଷାମଣ୍ଡଳ ଅଧୀନ ବାଲିବିଲ ପଞ୍ଚାୟତର କେଁକରଡ଼ା ବିଶୁନାଇ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାତ୍ର ୩ଜଣ ଛାତ୍ରଙ୍କୁ ନେଇ ଚାଲିଛି। ଷଷ୍ଠରେ ଦୁଇଜଣ ଓଜଣେ ମାତ୍ର ସପ୍ତମ ଶ୍ରେଣୀରେ ନାମ ଲେଖାଇଛନ୍ତି। ଛାତ୍ରଛାତ୍ରୀ ଓ ଅଭିଭାବକ ବେସରକାରୀ ସ୍କୁଲ ମୁହାଁ ହେଉଥିବାରୁ ଏହିସମସ୍ୟା ଦେଖାଦେଇଥିବା ଜଣାପଡ଼ିଛି। ଉକ୍ତ ତିନି ଜଣ ଛାତ୍ରଙ୍କ ମଧ୍ୟରୁ ଦୁଇଜଣ ଆଦୌ ସ୍କୁଲ ଆସୁନଥିବା ବେଳେ ଜଣେ ଆସି ବସି ବସି ଯାଉଥିବା ଜଣାପଡ଼ିଛି। ବିଦ୍ୟାଳୟର ଶିକ୍ଷକ ଜଗବନ୍ଧୁ କର ପ୍ରତିଦିନ



ସ୍କୁଲ ଆସୁଛନ୍ତି। ଘଟଣା ସମ୍ପର୍କରେ ଶ୍ରୀ କର ବାରମ୍ବାର ବ୍ଲକ୍ ଶିକ୍ଷାଧିକାରୀଙ୍କୁ ଜଣାଇଛନ୍ତି। ବିଇଓ ପ୍ରତିଶ୍ରୁତି ସିଂହ କହିଛନ୍ତି ଏହା ବ୍ଲକଗ୍ରାଣ୍ଟ ବିଦ୍ୟାଳୟ ଗ୍ରାମ୍ୟ କମିଟି ସହ ଆଲୋଚନା କରି ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ। ଆଗାମୀ ଦିନରେ ଏହି ସ୍କୁଲ ଭଳି ଅବସ୍ଥା ଲାଗି ରହିଲେ ବ୍ଲକର ବହୁ ସରକାରୀ ବିଦ୍ୟାଳୟରେ ତାଲା ଝୁଲିବ ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି। ଅଭିଭାବକମାନେ ସରକାରୀ ସ୍କୁଲରୁ ମୁହଁ ଫେରାଇ ଘରୋଇ ଶିକ୍ଷାନୁଷ୍ଠାନ ମୁହାଁ ହେବା ବରୀ ଶିକ୍ଷାମଣ୍ଡଳ ପାଇଁ ଚ୍ୟାଲେଞ୍ଜ ସଦୃଷ ପାଲଟିଛି।

## ଚାଷୀ ସମସ୍ୟାର ସମାଧାନ ପାଇଁ ସାଂସଦଙ୍କ ଦାବିପତ୍ର

ଯାଜପୁର,୧୧।୮ (ସମିସ): ରାଜ୍ୟରେ ନୂତନ ସରକାର ଆସିବାର ୧ ବର୍ଷ ପୁରଣ କରିଥିଲେ ମଧ ଚାଷୀମାନଙ୍କ ସମସ୍ୟା ସମାଧାନ ହୋଇପାରିନି। ଏହାର ସ୍ଥାୟୀ ପ୍ରତିକାର ଦାବି କରି ଓଡ଼ିଶା କୃଷକ ବିକାଶ ମଞ୍ଚ ଯାଜପୁର ଶାଖାର ଏକ ପ୍ରତିନିଧି ଦଳ ଯାଜପୁର ସର୍କିଟ ହାଉସ ଠାରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଧାନ ବିକ୍ରି ପଞ୍ଜୀକରଣ ନିୟମ କୋହଳ କରିବା, ଜିଲ୍ଲାର ବହୁ ରାଜସ୍ୱ ଗ୍ରାମର ନଟ ଫାଇନାଲ ଏରିଆକୁ ଫାଇନାଲ ଏରିଆ ଭାବେ ଘୋଷଣା କରିବା, ସମବାୟ ସମିତି ପକ୍ଷରୁ ରାସାୟନିକ ସାର ଯୋଗାଇ ଦେବା ଆଦି ଦାବି କରାଯାଇଥିଲା। ବର୍ଷର କ୍ଷୟକ୍ଷତି ଆକଳନ କରିବା ପାଇଁ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ କ୍ଷେତ୍ର ପରିଦର୍ଶନ କରିବା, କେନାଲ ମରାମତି ଓ ସଫାଇ କାର୍ଯ୍ୟ କରିବାକୁ ଦାବି କରାଯାଇଛି। ସାଂସଦ ଚାଷୀଙ୍କ ସ୍ୱାର୍ଥ ସମ୍ବଳିତ ଦାବିଗୁଡିକୁ ଶୁଣିବା ସହିତ ଜିଲ୍ଲାପାଳଙ୍କ ସହିତ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। କୃଷକ ସଂଗଠନ



ପକ୍ଷରୁ ଜିଲ୍ଲା କୃଷକ ବିକାଶ ମଞ୍ଚର ସଭାପତି ଶେଖ କମାଉଦ୍ଦିନ, ସାଧାରଣ ସମ୍ପାଦକ ରବୀନ୍ଦ୍ର ଜେନା, ସନାତନ ସାହୁ, ସଞ୍ଜୟ ରାଉତ, ବାସୁଦେବ ଧଳ, ସୁପ୍ରକାଶ ପଣ୍ଡା, ସୀମାନ୍ତ ପାତ୍ର, କଳ୍ପତରୁ ରାଉତ, ଶିବ ପ୍ରସାଦ ସାମଲ, ଭୁବନାନନ୍ଦ ସାମଲ, ରବିନାରାୟଣ ବିଶ୍ୱାଳ, ସନ୍ତୋଷ କୁମାର ସାମଲ, ବିଭୁ ପ୍ରସାଦ ସ୍ୱାଇଁ, ଶେଖ ମନିରୁଦ୍ଦିନ, ଗୋବିନ୍ଦ ଚନ୍ଦ୍ର ପାଣି ପ୍ରମୁଖ ସାଂସଦଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

### ■ ଇସ୍ପାତ ପ୍ରତିଷ୍ଠାନ ସ୍ଥାନାନ୍ତର ପ୍ରସଙ୍ଗ

## କେନ୍ଦ୍ରମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ପୂର୍ବତନ ଅର୍ଥମନ୍ତ୍ରୀ

ଦାନଗଦି,୧୧।୮ (ସମିସ): ପରିଶେଷରେ କଳିଙ୍ଗନଗର ବାସୀଙ୍କ ଭାବାବେଗକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନକୁ କଳିଙ୍ଗନଗରରୁ ସ୍ଥାନାନ୍ତରିତ କରିବା ନିର୍ଦ୍ଦେଶକୁ ସ୍ଥଗିତ ରଖିଛନ୍ତି। ଫଳରେ କେନ୍ଦ୍ର ଇସ୍ପାତ ଓ ଭାରୀଶିଳ୍ପ ମନ୍ତ୍ରୀ ଏଚଡି କୁମାରସ୍ୱାମୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପୂର୍ବତନ ମନ୍ତ୍ରୀ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଧନ୍ୟବାଦ ଜଣାଇଛନ୍ତି। ଏହି ଜାତୀୟ ପ୍ରତିଷ୍ଠାନଟି ବର୍ତ୍ତମାନ ଜେସିଡିଏଲ ଦ୍ୱାରା ଦିଆଯାଇଥିବା ଏକ ଅସ୍ଥାୟୀ ଗୃହରେ ଚାଲୁଥିବାରୁ କଳିଙ୍ଗନଗର ଠାରେ ଏହାର ସ୍ଥାୟୀ କ୍ୟାମ୍ପସ ଓ ଭିତ୍ତିଭୂମି ନିର୍ମାଣ ପାଇଁ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରିବାକୁ ଡ.ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ କେନ୍ଦ୍ର ମନ୍ତ୍ରୀ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଅନୁରୋଧ କରିଛନ୍ତି।

# ପଦ୍ମିନୀଙ୍କ ହାତ ସ୍ପର୍ଶରେ ଜୀବନ୍ତ ହେଉଛି ମାଟି ମୂର୍ତ୍ତି

ଧର୍ମଶାଳା,୧୧।୮ (ସମିସ):

ଆମ ଓଡ଼ିଆ ମାନଙ୍କର ବାର ମାସରେ ତେର ପର୍ବ। ଆଗକୁ ପୂଜା ପର୍ବାଣିକୁ ଦୃଷ୍ଟିରେ ରଖ ଏବେ ମୂର୍ତ୍ତିକାରମାନେ ବିଭିନ୍ନ କିସମର ମୂର୍ତ୍ତି ଗଢିବାରେ ଲାଗିପଡିଥିବା ଦେଖିବାକୁ ମିଳିଛି। ଏହି କ୍ରମରେ ଧର୍ମଶାଳା ବ୍ଲକ କୁମାରୀ ଗ୍ରାମପଞ୍ଚାୟତ ଦେଉଳି ଗ୍ରାମର ସୋମନାଥ ରଣାଙ୍କ ପତ୍ନୀ ପଦ୍ମିନୀ ରଣା (୩୧) ଜଣେ ଉଚ୍ଚକୋଟିର ମୂର୍ତ୍ତି କାରିଗରଙ୍ଗ ସେ ପିଲା ଦିନରୁ ମୂର୍ତ୍ତି କଳା ପ୍ରତି ଆକର୍ଷିତ। ତାଙ୍କ ବାପା ଇନ ରଣା ଓ ଦୁଇ ଭାଇ ଗୋପାଳ, ଅନନ୍ତ ମୂର୍ତ୍ତି କାରିଗର ହୋଇଥିବାରୁ ସେ ପିଲାବେଳୁ ମୂର୍ତ୍ତି ଗଢାଯାଉଥିବା ଦେଖଛ ସେଥିପ୍ରତି ଆକର୍ଷିତ ହୋଇଥିଲେ। ସେହି ଦିନରୁ ସେ ଛୋଟ ଛୋଟ ମୂର୍ତ୍ତି ଗଢୁଥିଲେ। ୨୦୦୯ ମସିହାରେ ମାଟ୍ରିକ ପାସ୍ କଲା ପରେ ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ସେ ଆଉ ଅଧିକ ପଢିପାରି ନ ଥିଲେ। ଘରେ ରହି ଘର କାମ କରିବା ସହିତ ବାପା ଭାଇଙ୍କୁ ମୂର୍ତ୍ତି ଗଢ଼ାରେ ସହଯୋଗ କରୁଥିଲେ ପଦ୍ମିନୀ। ବାପାଙ୍କ ଘର ରସୁଲପୁର ବ୍ଲକ ସାମନ୍ତରାୟପୁର ପଞ୍ଚାୟତ ବାଲିପାଟଣାର କୁଲୁଙ୍ଗା। ୧୦ବର୍ଷ ତଳେ ସେ ଧର୍ମଶାଳା ବ୍ଲକ ଚହଟା ପଞ୍ଚାୟତ ଭାଲୁଖାଇ ଗ୍ରାମର ଭୀମ ରଣାଙ୍କ ପୁଅ ସୋମନାଥଙ୍କୁ ବିବାହ କରିଥିଲେ। ଘରର କୌଣସି ସମସ୍ୟା ହେତୁ ଦେଉଳି ଗ୍ରାମରେ ଭଡ଼ା ଘରେ ରହି ମୂର୍ତ୍ତି ତିଆରି କରି ପରିବାର ପ୍ରତିପୋଷଣ



କରୁଛନ୍ତି ପଦ୍ମିନୀ। ବର୍ତ୍ତମାନ ପରିବାର କହିଲେ ୩ ଜଣ। ସ୍ୱାମୀ ସୋମନାଥ, ଝିଅ ଶୁଭଲକ୍ଷ୍ମୀ ଓ ସେ ନିଜେ। ବରାଦ ଅନୁଯାୟୀ ଅଧିକ ମୂର୍ତ୍ତି ଗଢୁଥିବା କଥା କହିଛନ୍ତି ପଦ୍ମିନୀ। ସେହିପରି ପର୍ବପର୍ବାଣୀକୁ ଦୃଷ୍ଟିରେ ରଖି ବିଭିନ୍ନ ସମୟରେ ମୂର୍ତ୍ତି ଗଢାଯାଇଥାଏ। ଖୁଦୁରୁକୁଣୀ, ଗଣେଶ, ଦୁର୍ଗା, କାର୍ତ୍ତିକେଶ୍ୱର, ବିଶ୍ୱକର୍ମା, ସରସ୍ୱତୀ, ଲକ୍ଷ୍ମୀ ଓ କାଳୀ ମୂର୍ତ୍ତି ଗଢା ଯାଇଥାଏ। ଏବେ ପ୍ରତ୍ୟେକ ସାମଗ୍ରୀର ମୂଲ୍ୟ ବଢ଼ି ଯାଇଥିବାରୁ ମୂର୍ତ୍ତି ଅନୁଯାୟୀ ପାରିଶ୍ରମିକ ଠିକ ଭାବରେ ମିଳୁନାହିଁ। ଏହି ସବୁ ମୂର୍ତ୍ତି ଗଢିବା ପାଇଁ ମାଟି, ବାଉଁଶ ବତା, ସୁତୁଲି, କଣ୍ଟା, କାଠ ପଟା, ଝୋଟ ଓ ରଙ୍ଗ ଆଦି ସାମଗ୍ରୀ କିଣିବାକୁ ପଡ଼ିଥାଏ। ମୂର୍ତ୍ତି ଗୁଡିକ ଧର୍ମଶାଳା ଓ ଜାରକା ସମେତ ଯାଜପୁର, କେଉଁଝର, ଆନନ୍ଦପୁର, ଭଣ୍ଡାରିପୋଖରୀ, ପାଣିକୋଇଲି, ଯାଜପୁର ରୋଡ଼, ଚଣ୍ଡିଖୋଲ, ଛତିଆ, ବାଲିଚନ୍ଦ୍ରପୁର ଆଦି ଅଞ୍ଚଳରେ ମୂର୍ତ୍ତିଗୁଡିକ ବିକ୍ରି କରା ଯାଇଥାଏ। ଏଠାକୁ ଦୂରଦୂରାନ୍ତରୁ ଲୋକମାନେ ଆସି ବିଭିନ୍ନ କିସମର ମୂର୍ତ୍ତି କିଣି ନେଇଥାନ୍ତି। ସେଥିରୁ ଉପାର୍ଜିତ ଅର୍ଥରେ ତେଲ ଲୁଣ ସଂସାର ଚଳେ। ଅନେକ ସମୟରେ ନିଜ ପାଖରେ ଟଙ୍କା ନଥିଲେ ସୁଧହାରରେ ଆଣି କାର୍ଯ୍ୟ କରିବାକୁ ପଡିଥାଏ। ମୂର୍ତ୍ତି ଗୁଡିକ ବିକ୍ରି ହେବା ପରେ ସୁଧ ସହିତ ଟଙ୍କା ପଇଠ କରିବାକୁ ପଡିଥାଏ। ଯଦି ଅନୁକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି ହେଇଯାଏ, କିନ୍ତୁ ପ୍ରତିକୂଳ ପାଗ ହୁଏ ମୂର୍ତ୍ତି ବିକ୍ରି କରିବାରେ ବାଧା ଉପୁଜେ। ଗ୍ରାମାଞ୍ଚଳରେ ଅନେକ ମୂର୍ତ୍ତି କାରିଗର ଅଛନ୍ତି। ସେମାନଙ୍କର ଆର୍ଥିକ ସମ୍ବଳ ନଥିବାରୁ ବାଧ ହୋଇ ସେମାନେ ବାହାର ରାଜ୍ୟକୁ ଯାଇ ଦାଦନ ଖଟୁଛନ୍ତି। ଯଦି ସରକାର ମାଟି ମୂର୍ତ୍ତିକାରଙ୍କୁ ଚିହ୍ନଟ କରି ଆର୍ଥିକ ସହାୟତା ଯୋଗାଇ ଦିଅନ୍ତେ ତେବେ ମୂର୍ତ୍ତିକାରମାନେ ସ୍ୱାବଲମ୍ବୀ ହୋଇପାରନ୍ତେ ବୋଲି ମୂର୍ତ୍ତିକାର ସଂଘ ପକ୍ଷରୁ ଆଶାପୋଷଣ କରାଯାଇଛି। ଏ ଦିଗରେ ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଦାବି ହେଉଛି।

## ଧର୍ମଶାଳାରେ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ଧର୍ମଶାଳା,୧୧।୮ (ସମିସ): ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଆରୁହା ଜୋନରେ ଆଜି ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀର ଆରୁହା ମଣ୍ଡଳ ଅନ୍ତର୍ଗତ ଗଙ୍ଗାଧରପୁର ପଞ୍ଚାୟତରେ ହରଘର ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏହି ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଯୋଗଦେଇ କର୍ମୀମାନଙ୍କ ସହ ଶୋଭାଯାତ୍ରାରେ ଘରକୁ ଘର ବୁଲି ସ୍ୱାଧୀନତାର ଅମୃତ ମହୋତ୍ସବ ସମ୍ପର୍କରେ ଅବଗତ କରିବା ସହ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ମନରେ ଦେଶପ୍ରେମ ଜାଗୃତ କରିବା ଲକ୍ଷନେଇ ଏହି ଶୋଭାଯାତ୍ରାର ଆୟୋଜନ କରାଯାଇଛି ବୋଲି କହିଥିଲେ। ଧର୍ମଶାଳା ନିର୍ବାଚନମଣ୍ଡଳୀର ୬ ଗୋଟି ଜୋନରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା କରାଯାଇ ଲୋକମାନଙ୍କ ମନରେ ଦେଶପ୍ରେମ ଜାଗୃତ କରାଯିବ ବୋଲି ଧର୍ମଶାଳା ବିଜେପି ପକ୍ଷରୁ କୁହାଯାଇଛି। ଏହି ଶୋଭାଯାତ୍ରାରେ ଆଜି ହଜାର ହଜାର ସଂଖ୍ୟାରେ କର୍ମୀ ଓ ସାଧାରଣ ବର୍ଗର ପୁରୁଷ ଓ ମହିଳାମାନେ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ବିଜେପିର ବରିଷ୍ଠ କର୍ମୀ ରବିନ୍ଦ୍ର ବରାଳ, ପ୍ରଦୀପ ପରିଡା, ରାଜେଶ କୁମାର ପାଳ, ବିଶ୍ୱଜିତ ପୃଷ୍ଟି, ରମେଶ ବେହେରା ପ୍ରମୁଖ ବହୁ ସଂଖ୍ୟାରେ ବିଜେପି କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ହାଇୱା ଧକ୍କାରେ ଶ୍ରମିକ ମୃତ



ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ୍ ପଥରଚକଡ଼ା ପଞ୍ଚାୟତ ପଥରଚକଡ଼ା ଗ୍ରାମ କୁକୁଡ଼ାଖାଇ ନାଳ ନିକଟରେ ସୋମବାର ସକାଳେ ହାଇୱା ଧକ୍କାରେ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଯାଇଛି। ଗ୍ରାମବାସୀ ଟାୟାର ଜାଳି ରାସ୍ତାରୋକ କରିଥିଲେ। ପ୍ରଶାସନ ପକ୍ଷରୁ କ୍ଷତିପୂରଣ ଦେବାର ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ସୋମବାର ସକାଳ ସମୟରେ ପଥରଚକଡ଼ା ଗ୍ରାମର ନିରଞ୍ଜନ ଗୋଛି ମୂଲ ଲାଗିବାକୁ କଣ୍ଟିଲୋ ଅଭିମୁଖେ ଯାଉଥିଲେ। ୪୮ ନମ୍ବର ରାଜ୍ୟ ରାଜପଥର କୁକୁଡ଼ାଖାଇ ନାଳ ନିକଟରେ ବିପରୀତ ଦିଗରୁ ଆସୁଥିବା ହାଇୱା ନିରଞ୍ଜନଙ୍କ ଉପରେ ମାଡ଼ି ଯାଇଥିଲା। ଫଳରେ ତାଙ୍କର ଡାହାଣ ଗୋଡ଼ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଥିଲା ଓ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଉତ୍ତ୍ୟକ୍ତ ଶହ ଶହ ଗ୍ରାମବାସୀ ରାସ୍ତାରୋକ କରିଥିଲେ। ଫତେଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରାଇ ଶାନ୍ତ କରାଇଥିଲା। ପୁଲିସ ଏହି ଘଟଣାକୁ ନେଇ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କରିଛନ୍ତି। ଏହା ସହିତ ନିକଟରେ ଘଟିଥିବା ବସ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯୋଗିଆପଲ୍ଲୀ ଗ୍ରାମର ବଳରାମ ପ୍ରଧାନଙ୍କ ପରିବାରକୁ ମଧ୍ୟ ୪ ଲକ୍ଷ ଟଙ୍କା ସହାୟତା ପ୍ରଦାନ ପାଇଁ ଘୋଷଣା ହୋଇଛି। ଯୁବନେତା ଅଭିଳାଷ ପଣ୍ଡାଙ୍କ ଉଦ୍ୟମ କ୍ରମେ ଏହି ସହାୟତା ଘୋଷଣା ହୋଇଥିବା ସୂଚନା ମିଳିଛି।

**ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକ**

**ମୃତକଙ୍କ ପରିବାରକୁ ୪ ଲକ୍ଷ ସହାୟତା**

# ଗାୟତ୍ରୀ ପରିବାରର ଶ୍ରାବଣୀ ପର୍ବ



ଓଡ଼ଗାଁ,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଗାୟତ୍ରୀ ପରିବାର ଆନୁକୂଲ୍ୟରେ ସୀମାବର୍ତ୍ତି ଗଞ୍ଜାମ ଜିଲ୍ଲାର ପଞ୍ଚୁଭୁତି ନିକଟସ୍ଥ ଉଦୟପୁର ବାବା କପିଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୧୦ ସ୍ନାନ ତର୍ପଣ ପୂର୍ବକ ଶ୍ରାବଣୀ ପର୍ବ ପାଳିତ ହୋଇଯାଇଛି। ବୈଦିକ କାର୍ଯ୍ୟକୁ ଶରତ କୁମାର ସାହୁ, ଭଗବାନ ମନ୍ତ୍ରୀ, ଦିଲୀପ ଭାଇ ସଞ୍ଚାଳନ କରିଥିବା ବେଳେ କାର୍ଯ୍ୟକାରୀ ମୁଖ୍ୟ ସଂଯୋଜକ ବିରେନ୍ଦ୍ର ସାହୁ, ବରିଷ୍ଠ କାର୍ଯ୍ୟକର୍ତ୍ତା ନୃସିଂହ ସାହୁଙ୍କ ସମେତ ଓଡ଼ଗାଁ ଶକ୍ତିପୀଠର ପରିଜନ ଭାଇ ଭଉଣୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଉଦୟପୁର ଗ୍ରାମବାସୀଙ୍କ ତରଫରୁ ସହଯୋଗ କରିଥିଲେ।

# ଗୁରୁ ସାକ୍ଷାତ ପରମବ୍ରହ୍ମ ପାଇଁ ପ୍ରସ୍ତୁତି



ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁରଠାରେ ଦୀର୍ଘ ୪ ବର୍ଷ ହେଲା ଗୁରୁପୂଜନ କାର୍ଯ୍ୟକ୍ରମ "ଗୁରୁ ସାକ୍ଷାତ ପରମବ୍ରହ୍ମ" ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ଆରମ୍ଭ କରିଛନ୍ତି। ଗୁର ଦିବସରେ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମରେ ଭାପୁର ବ୍ଲକର ସମସ୍ତ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି। ଏବର୍ଷ ଭାପୁର ଓ ଖଣ୍ଡପଡା ବ୍ଲକର ସମସ୍ତ କାର୍ଯ୍ୟରତ ଓ କାର୍ଯ୍ୟ ନିବୃତ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ନେଇ ଏକ ନିର୍ବାଚନ ମଣ୍ଡଳୀ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏନେଇ ସୋମବାର ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାଥ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବେଣୁଧର ପ୍ରଧାନ, ଦୁଇ ବ୍ଲକର କିଛି ବୁଦ୍ଧିଜୀବୀ, ଭାପୁର ବ୍ଲକ ବିଜେଡି ସଭାପତି ଶିବପ୍ରସାଦ ଷଡଙ୍ଗୀ, ଖଣ୍ଡପଡା ବ୍ଲକ ସଭାପତି ବିଜୟ କୁମାର ତ୍ରିପାଠୀ, ଅନେକ ଶିକ୍ଷକ, ସାମ୍ବାଦିକ, ସରପଞ୍ଚ, ସମିତିସଭ୍ୟ ଓ ଯୁବକ ଯୋଗଦେଇ ଆୟୋଜନ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୃହତ ଗୁରୁପୂଜନ କାର୍ଯ୍ୟକ୍ରମରେ ଦୁଇ ବ୍ଲକର ପ୍ରାୟ ଦୁଇ ହଜାର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେବେ ବୋଲି ଆକଳନ କରାଯାଇଛି। ସମସ୍ତଙ୍କୁ କିପରି ସମ୍ମାନର ସହ ନିମନ୍ତ୍ରଣ କରାଯିବ, ସମସ୍ତ ବରିଷ୍ଠଙ୍କୁ ନେବା ଆଣିବା କରାଯିବ ସହ ଆତିଥ୍ୟ ପ୍ରଦାନ କରାଯିବ ସେ ନେଇ ନୀଳନକ୍ସା ପ୍ରସ୍ତୁତ କରାଯାଇଛି। ଏହି ସଭା ଦୁଇ ବ୍ଲକର ମଧ୍ୟ ସ୍ଥାନ ବନମାଳୀପୁରଠାରେ ଆୟୋଜିତ କରିବାକୁ ସର୍ବସମ୍ମତି କ୍ରମେ ସ୍ଥିରିକୃତ ହୋଇଥିଲା।

**ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ**

# ଡିଇଓ ଅଫିସ୍‌ରୁ ହଟିଲା ବୀମା ଦୋକାନ

ନୟାଗଡ଼,୧୧।୮ (ସମିସ)

ନୟାଗଡ଼ ଜିଲ୍ଲା ଶିକ୍ଷା ବିଭାଗ କର୍ମଚାରୀ ବୀମା କମ୍ପାନୀ ପାଇଁ ଦଲାଲି କରୁଥିବା ନେଇ "ସକାଳ"ରେ ଲଗାତର ଖବର ପ୍ରକାଶ ପାଇବା ପରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣ୍ଡେ ଏହାର ତଦନ୍ତ କରାଇଥିଲେ। ଉକ୍ତ ତଦନ୍ତ ଆଧାରରେ ନୟାଗଡ଼ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣି ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ନୟାଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଦୀର୍ଘଦିନ ଧରି ଡିଇଓ ଅଫିସରେ କାର୍ଯ୍ୟ କରୁଥିବା ଜିତେନ୍ଦ୍ର ନିଜ ପତ୍ନି ଲୀନାରାଣି ଖୁଣ୍ଟିଆଙ୍କ ନାଁରେ ଏସ୍‌ବିଆଇ ଲାଇଫ୍ ଇନ୍ସୁରାନ୍ସ ଏଜେଣ୍ଟ କୋଡ୍ ବାହାର କରି କାର୍ଯ୍ୟ କରୁଥିଲେ। ଶିକ୍ଷା ବିଭାଗ ଆସୁଥିବା ବହୁ ଶିକ୍ଷକଶିକ୍ଷୟିତ୍ରୀ ଏବଂ ପେନ୍‌ସନଧାରୀଙ୍କୁ ଦେଇ ପରୋକ୍ଷରେ ବୀମା କରିବାକୁ ବାଧ୍ୟ କରୁଥିଲେ। ଏପରିକି ବୀମା କମ୍ପାନୀ ବୈଠକରେ ସେ ନିଜେ ଉପସ୍ଥିତ ରହୁଥିବା ଦେଖିବାକୁ ମିଳିଥିଲା। ତାଙ୍କ ବଦଳି ପରେ ଶିକ୍ଷା ବିଭାଗରେ ଗୁଞ୍ଜରଣ ସୃଷ୍ଟି ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ସୂକ୍ଷ୍ମ କାର୍ଯ୍ୟାନୁଷ୍ଠାନ କିଛି ବ୍ୟକ୍ତିଙ୍କୁ ପୀଡ଼ା ଦେଇଛି। ଜିତେନ୍ଦ୍ରଙ୍କ ବ୍ୟତିରେକେ ବୀମା କମ୍ପାନୀ ପାଇଁ ଦଲାଲି କରୁଥିବା ଅନ୍ୟମାନଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଶିକ୍ଷା ଅଧିକାରୀ ଶ୍ରୀ ପାଣ୍ଡେ ସୂଚନା ଦେଇଛନ୍ତି।

**ଅନ୍ୟମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ**

ସେହିଭଳି ଭାବେ ନୟାଗଡ଼ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଶୁବେଶ ଶୁକ୍ଳା ନିଜ ପତ୍ନୀ ସୋନାଲି ମହାପାତ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାମ କରୁଛନ୍ତି। ନୂଆଗାଁ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଆକାଉଣ୍ଟ କମ୍ ସପୋର୍ଟିଂ ଷ୍ଟାଫ୍ ତାପସ କୁମାର ମହାନ୍ତି ଉକ୍ତ ବୀମା କମ୍ପାନୀରେ ନିଜେ କାମ କରୁଛନ୍ତି। ତାଙ୍କ ନାମରେ ଏଜେଣ୍ଟ କୋଡ୍ ରହିଥିଲା। ଶିକ୍ଷା ବିଭାଗର ଖୋଳତାଡ଼ ପରେ ସେ କୋଡ୍ ସରେଣ୍ଡର କରିଥିବା ସୂଚନା ମିଳିଛି। ତାଙ୍କ ସମ୍ପର୍କୀୟଙ୍କ ନାଁରେ ଏକ କୋଡ୍ ବାହାର କରି ପୁଣି କାମ ଆରମ୍ଭ କରିଥିବା ଜଣାପଡ଼ିଛି। ଗଣିଆ ବ୍ଲକ୍‌ରେ କାର୍ଯ୍ୟରତ ସିଆର୍‌ସିସି ପ୍ରଫୁଲ୍ଲ ମିଶ୍ର ତାଙ୍କ ଭାଇ ରମେଶ ମିଶ୍ରଙ୍କ ନାମରେ ଏଜେଣ୍ଟ କୋଡ୍ ବାହାର କରି କାର୍ଯ୍ୟ କରୁଛନ୍ତି। ସାମ୍ନାକୁ ଆସିଥିବା ବୀମା କମ୍ପାନୀ ଫଟୋରେ ସେ ଉପସ୍ଥିତ ରହିଥିବା ଦେଖାଯାଇଥିଲା। ଏହା ବାଦ୍ ନୟାଗଡ଼ ଜିଲ୍ଲାରେ ଅନେକ ଶିକ୍ଷକ ମଧ୍ୟ ବିଭିନ୍ନ ବୀମା କମ୍ପାନୀ ପାଇଁ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହି ତାଲିକା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ହାତରେ ଲାଗିଥିବା ଆଲୋଚନା ହେଉଛି। ଉକ୍ତ ତାଲିକା ଆଧାରରେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି।

## ସବୁ କେଳେଙ୍କାରୀର ମୁଖ୍ୟ ଏସ୍‌ବିଆଇ ଲାଇଫ୍

ନୟାଗଡ଼ ଜିଲ୍ଲାରେ ସରକାରୀ ଚାକିରିଆ ଏବଂ ତାଙ୍କ ସମ୍ପର୍କୀୟଙ୍କୁ ବୀମା ଏଜେଣ୍ଟ ଭାବେ ନିଯୁକ୍ତି କରି ଏସ୍‌ବିଆଇ ଲାଇଫ୍ ଇନ୍‌ସୁରାନ୍ସ କମ୍ପାନୀ କେଳେଙ୍କାରୀ କରୁଥିବା ଅଭିଯୋଗ ହେଉଛି। ଯାହାର ସୂଚନା ଜିଲ୍ଲା ଶିକ୍ଷା ବିଭାଗରୁ ମିଳିଛି। ଏସ୍‌ବିଆଇ ଲାଇଫ୍ କମ୍ପାନୀକୁ ଶିକ୍ଷା ବିଭାଗ ପକ୍ଷରୁ ବାରମ୍ବାର ଚିଠି କରାଯିବା ପରେ ବି କୌଣସି ଉତ୍ତର ନ ଦେବା ଏବଂ ଶେଷରେ ବୀମା କମ୍ପାନୀ କୁଆଡ଼େ ଏଜେଣ୍ଟ ତାଲିକା ପ୍ରଦାନ କରିଥିବା ଜଣାପଡ଼ିଛି। ବୀମା କମ୍ପାନୀ ନିୟମ ବହିର୍ଭୁତ ଭାବେ କାର୍ଯ୍ୟ କରୁଥିବାବେଳେ ଜିଲ୍ଲାପାଳ ଏହା ଉପରେ ଦୃଷ୍ଟି ଦେବାକୁ ଦାବି ହେଉଛି। ଡିଇଓ ଅଫିସରୁ କିରାଣି ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ବାଳିକା ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି। ଉକ୍ତ ଉଚ୍ଚ ବିଦ୍ୟାଳୟକୁ କିରାଣିଙ୍କ ସହ ବୀମା କମ୍ପାନୀର ଜନୈକ ପରିଚାଳକ ଯାଇ ବାରମ୍ବାର ବୀମା ସମ୍ପର୍କରେ ଆଲୋଚନା କରୁଥିବା ସୂଚନା ମିଳିଛି। ଏହା ତଦନ୍ତସାପେକ୍ଷ ବୋଲି ମତ ପ୍ରକାଶ ପାଇଛି।

■ ସୁରକ୍ଷା ଖୋଜୁଛନ୍ତି ଗାନ୍ଧୀ

# ବର୍ଷକୁ ଦି'ଥର ମନେ ପଡ଼ନ୍ତି



ଗଣିଆ,୧୧।୮ (ସମିସ): ଗଣିଆ ବଜାରରେ ଥିବା ମହାତ୍ମା ଗାନ୍ଧୀଙ୍କ ପୀଠଟି ଅବହେଳିତ ଅବସ୍ଥାରେ ପଡିରହିଛି। ବଜାର ଉପରେ ଉକ୍ତ ପୀଠଟି ରହିଥିଲେ ମଧ୍ୟ ଏହାର ଉନ୍ନତି କଥା କେହି ଚିନ୍ତା କରୁନାହାନ୍ତି। ଦଳୀୟ ଶୋଭାଯାତ୍ରାଠାରୁ ଆରମ୍ଭ କରି ପଥପ୍ରାନ୍ତ ନାଟକ ଏହି ପୀଠ ପରିସରରେ ଅନୁଷ୍ଠିତ ହେଉଛି। ମଣ୍ଡପଟି ଖୋଲା ରହୁଥିବାରୁ ବୁଲା ଗୋରୁଗାଈଙ୍କ ଦ୍ୱାରା ଅପରିଷ୍କାର ହେଉଛି। ଏପରିକି ଗାନ୍ଧୀଙ୍କ ମୂର୍ତ୍ତି ଅନେକ ସ୍ଥାନ ଖଣ୍ଡିଆ ଖାବରା ହୋଇଗଲାଣି। କେବଳ ଜାନୁଆରୀ ୨୬ ଓ ୧୫ ଅଗଷ୍ଟରେ ପ୍ରଶାସନ ତରଫରୁ ରଙ୍ଗ ବୋଳି ଦେଇ ସେମାନଙ୍କ କାମ ସାରି ଦେଉଛନ୍ତି। କହିବାକୁ ଗଲେ ଗଣିଆରେ ଗାନ୍ଧୀ ଖୋଜୁଛନ୍ତି ସୁରକ୍ଷା। ରାଜନୈତିକ ନେତା ମାନେ ବିଭିନ୍ନ ସମୟରେ ବାହାସ୍ଫୋଟ ମାରୁଥିଲେ ବି ତାହା ଫମ୍ପା ଆବାଜ ବୋଲି ଜଣାପଡିଛି। ଗାନ୍ଧୀ ସ୍ମୃତି ମଣ୍ଡପ ପୁନରୁଦ୍ଧାର ପାଇଁ ୭ ଲକ୍ଷରୁ ଅଧିକ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁନି। ରାଜନୈତିକ ବାଦବିବାଦ ଯୋଗୁଁ ଏହା ନିର୍ମାଣ ହୋଇପାରୁନଥିବା ଅଭିଯୋଗ ହୋଇଛି। ଅନେକ ଆବଶ୍ୟକ ସ୍ଥାନରେ ଅର୍ଥ ମଞ୍ଜୁର ହେଉନଥିବା ବେଳେ ଏଠାରେ ଅର୍ଥ ମଞ୍ଜୁର ହୋଇ ମଧ୍ୟ ବର୍ଷ ବର୍ଷ ଧରି କାର୍ଯ୍ୟକାରୀ ନହେବା ଆନ୍ତରିକତାର ଅଭାବ ବୋଲି ଆଲୋଚନା ହେଉଛି। ଏହି ମଣ୍ଡପଟିର ବାରମ୍ବାର ଡିଜାଇନ କରାଯାଇ ସ୍ୱପ୍ନ ଦେଖୁଥିବା ବେଳେ ଏହା କେବେ ବାସ୍ତବ ରୂପ ନେବ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ୱାଧୀନତା ଦିବସ ପ୍ରସ୍ତୁତି ବୈଠକରେ ତୁରନ୍ତ ଉକ୍ତ କାର୍ଯ୍ୟ ଆରମ୍ଭ କରିବାକୁ ବିଡିଓ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ ନା ଫମ୍ପା ଆବାଜ ପାଲଟିବ ଆଗକୁ ଦେଖିବାକୁ ବାକି ରହିଲା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଚାଲିଛି।

# ବାଇକ୍ ବିକିବା ବେଳେ ଧରାପଡ଼ିଲା ଚୋର

ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧରପ୍ରସାଦ ଗ୍ରାମରେ ଜଣେ ନିଶାଖିଆ ଯୁବକ ସେହି ଗ୍ରାମରୁ ଏକ ବାଇକ୍ ଚୋରିକରି ପରଦିନ ବିକ୍ରି କରିବା ସମୟରେ ଗ୍ରାମର ଯୁବକମାନେ ଜବତ କରିଛନ୍ତି। ଚକ୍ରଧରପ୍ରସାଦ ଗ୍ରାମ ମାଳିସାହିର ସୁରେଶ ମହାରଣାଙ୍କ ବାଇକଟିକୁ ସେହି ଗ୍ରାମର ଛବି ନାୟକ ରବିବାର ରାତିରେ ଚୋରିକରି ନେଇଥିଲେ। ସୋମବାର ଏହାକୁ ବାଲିଆପଟା ଗ୍ରାମରେ ବିକ୍ରି କରିବା ସମୟରେ ଚକ୍ରଧରପ୍ରସାଦ ଗ୍ରାମର ଯୁବକମାନେ ଚୋର ଓ ଚୋରି ଗାଡିକୁ ଜବତ କରି ଫତେଗଡ ପୋଲିସ ଜିମା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଫତେଗଡ ଥାନା ଅଞ୍ଚଳରେ ବିଶେଷ କରି ଚକ୍ରଧରପ୍ରସାଦ ଓ ମାଳିବେରେଣୀ ଗ୍ରାମରେ ଚରସ ଓ ସିରୋଇନ ଖିଆ ଯୁବକମାନେ ସବୁଦିନେ ଛୋଟମୋଟ ଚୋରିକରି ପାଉଡର ଖାଉଛନ୍ତି। ଏମାନଙ୍କ ବିରୋଧରେ ପୁଲିସ ଓ ଅବକାରୀ ବିଭାଗ ଦୃଢ଼ ପଦକ୍ଷେପ ନେବାକୁ ଦାବି ହେଉଛି।

**ବେପରୁଆ ଅବସ୍ଥାରେ ନୟାଗଡ଼ ବ୍ଲକ୍**

# ୧୧ଟା ପର୍ଯ୍ୟନ୍ତ ଆସୁନାହାନ୍ତି କର୍ମଚାରୀ




ନୟାଗଡ଼,୧୧।୮ (ସମିସ): ନୟାଗଡ଼ ବ୍ଲକ୍‌ରେ ସବୁକିଛି ଗୋଳମାଳ ଚାଲିଛି। ଯାହାର ଫାଇଦା ଉଠାଇ କର୍ମଚାରୀମାନେ ବେଫିକର ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବାହ୍ନ ୧୧ଟା ସୁଦ୍ଧା ସମସ୍ତ କର୍ମଚାରୀ ବ୍ଲକ୍‌ରେ ପହଞ୍ଚି ନ ଥିବା ଦେଖିବାକୁ ମିଳିଛି। ନୟାଗଡ଼ ବିଡିଓ ମଧ୍ୟ ଅନେକ ଦିନ ବିଳମ୍ବିତ ସମୟରେ କାର୍ଯ୍ୟାଳୟକୁ ଆସୁଛନ୍ତି।

**ବିକଶିତ ଗାଁ ବିକଶିତ ଓଡ଼ିଶା' କାର୍ଯ୍ୟକୁ ନେଇ ଅସନ୍ତୋଷ**

ନୟାଗଡ଼ ବ୍ଲକ୍‌ର ଇଞ୍ଜିନିୟରିଂ ସେକ୍ସନରେ ଯନ୍ତ୍ରୀଙ୍କ ଦେଖାମିଳୁନାହିଁ। ନୟାଗଡ଼ ବ୍ଲକ୍ କାର୍ଯ୍ୟାଳୟକୁ ଅନେକ ହିତାଧିକାରୀ ସେମାନଙ୍କ ସମସ୍ୟା ସମ୍ପର୍କରେ ଅଭିଯୋଗ କରିବାକୁ ଆସି ଜଳକା ଭଳି ଫେରୁଛନ୍ତି। ନୟାଗଡ଼ ଜିଲ୍ଲା ସଦର ମହକୁମାରେ ଅବସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟର ଏଭଳି ଦୁରବସ୍ଥାକୁ ନେଇ ରାଜନୈତିକ ମହଲରେ ମଧ୍ୟ ଜୋର୍‌ଦାର୍ ଚର୍ଚ୍ଚା ଆରମ୍ଭ ହୋଇଛି। ନିର୍ବାଚନ ପରଠାରୁ ଗାଁ ଗହଳିରେ କୌଣସି ବିକାଶମୂଳକ କାର୍ଯ୍ୟ ପାଇଁ ଅନୁଦାନ ମିଳିପାରୁ ନ ଥିବାବେଳେ ସରକାରଙ୍କ ପକ୍ଷରୁ 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନାରେ ଯେତିକି ଅନୁଦାନ ମିଳିଛି, ତାକୁ ନେଇ ଏବେ ବିଭିନ୍ନ ସ୍ଥାନରେ ଅସନ୍ତୋଷ ଦେଖିବାକୁ ମିଳିଛି। ବିଜେପି ନେତାମାନେ ସେମାନଙ୍କ କର୍ମୀ କାମ କରିବାକୁ ଚାପ ପକାଉଥିବା ବେଳେ ବିଭିନ୍ନ ପଞ୍ଚାୟତ ଓ ବ୍ଲକ୍‌ର ବିଜେଡି ନେତା ନିଜ ଲୋକଙ୍କୁ କାମ ଦେବାକୁ ଜିଦ୍ କରୁଛନ୍ତି। ଯାହାକୁ ନେଇ ସରକାରୀ ଦଳ ମଧ୍ୟରେ କୁହୁଳୁଥିବା ଅସନ୍ତୋଷ କିଛିଦିନ ତଳେ ଉଗ୍ରରୂପ ଧାରଣ କରିଥିଲା। ଶତାଧିକ ସରକାରୀ ଦଳ କର୍ମୀ ବ୍ଲକ୍ କାର୍ଯ୍ୟାଳୟକୁ ଆସି ହୋ-ହଲ୍ଲା କରିଥିଲେ। ବ୍ଲକ୍ ପରିସ୍ଥିତି ଦିନକୁ ଦିନ ଅସମ୍ଭାଳ ହେଉଥିବା ଅନୁମାନ ହେଉଛି। ଏଭଳି ସ୍ଥିତିକୁ ନେଇ ରୋମ୍ ଜଳୁଥିବାବେଳେ ନିରୋଙ୍କ ବଂଶୀବାଦନ କଥା ବେଶ୍ ଚର୍ଚ୍ଚା ହେଉଛି। ନୟାଗଡ଼ ବ୍ଲକ୍‌ର ଏହି ପରିସ୍ଥିତି ପ୍ରତି ଧ୍ୟାନ ଦିଆ ନ ଗଲେ ଆଗାମୀ ଦିନରେ ଭୟଙ୍କର ରାଜନୈତିକ ଅସ୍ଥିରତା ସୃଷ୍ଟି ହେବ ବୋଲି ଅନୁମାନ କରାଯାଉଛି।

# ରାସ୍ତାକଡ଼କୁ ଖସିଲା ମୁଖ୍ୟମନ୍ତ୍ରୀ ବସ୍

ଭାପୁର,୧୧।୮ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଭଗବାନପୁର ପଞ୍ଚାୟତ ବେତଖୋଲି ଗ୍ରାମଠାରେ ଗତକାଲି ଏକ ମୁଖ୍ୟମନ୍ତ୍ରୀ ବସ୍ ତଥା ଲକ୍ଷ୍ମୀ ବସ୍ ରାସ୍ତା କଡ଼କୁ ଖସି ଦୁର୍ଘଟଣା ଗ୍ରସ୍ତ ହୋଇଛି। ରବିବାର ମଧ୍ୟାହ୍ନ ୨ଟା ସମୟରେ ବସ୍‌ଟି ବେତଖୋଲିରୁ ଭାପୁର ଅଭିମୁଖେ ଆସୁଥିଲା। ଏହି ସମୟରେ ବେତଖୋଲି ଠାରେ ଭାରସାମ୍ୟ ହରାଇ ରାସ୍ତାକଡକୁ ଖସି ଏକ ବିଦ୍ୟୁତ ଖୁଣ୍ଟ ସହ ଧକ୍କା ହୋଇ ଅଟକ ରହିଥିଲା। ଏଥିରେ କୌଣସି ଯାତ୍ରୀ ଆହତ ହୋଇନାହାନ୍ତି। ଦୁଇ ଦିନ ଗାଡ଼ିଟି ସେଠାରେ ଅଟକି ରହିଛି।

**ଭୋଟ୍ ଚୋରି ନେଇ ବର୍ଷିଲେ କଂଗ୍ରେସ ନେତା**

# ଦିବାଲୋକରେ ଲୋକତନ୍ତ୍ରର ହତ୍ୟା




ନୟାଗଡ଼,୧୧।୮ (ସମିସ): ଜାତୀୟ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭୋଟ୍ ଚୋରି ନେଇ ଖୁଲାସା କରିବା ପରେ ସାରା ଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଓଡ଼ିଶାରେ ମଧ୍ୟ ଭୋଟ୍ ଚୋରି କରି ବିଜେପିକୁ ସହଯୋଗ କରାଯାଇଛି। ଯାହାକୁ ନେଇ ସୋମବାର ନୟାଗଡ଼ ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକଙ୍କ ଆବାହକତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ନେତାମାନେ ଭୋଟ୍ ଚୋରି ପ୍ରସଙ୍ଗରେ ନିର୍ବାଚନ କମିଶନଙ୍କ ବିରୁଦ୍ଧରେ ବିଷୋଦ୍‌ଗାର କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ମନୋଜ ସାହୁ, ରଣଜିତ ଦାଶ, କମଳ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିର୍ବାଚନ କମିଶନ ବିଜେପି ସହିତ ସହବନ୍ଧିତ ହୋଇ କାର୍ଯ୍ୟ କରୁଥିବା ନେତାମାନେ ଦାବି କରିଛନ୍ତି। ନିର୍ବାଚନ କମିଶନ ମୋଦୀଙ୍କ ଦ୍ୱାରା ହ୍ୟାକ୍ ହୋଇଛନ୍ତି। ଦିବାଲୋକରେ ଗଣତନ୍ତ୍ରର ଅପହରଣ ଏବଂ ଲୋକତନ୍ତ୍ରର ହତ୍ୟା କରାଯାଉଛି ବୋଲି କହିଛନ୍ତି। ନିର୍ବାଚନ କମିଶନଙ୍କ ଅନିୟମିତତା ସ୍ପଷ୍ଟ ଭାବେ ବୁଝାପଡୁଛି। ବିରୋଧୀ ସ୍ୱରକୁ ଚାପି ଦେବାକୁ ଉଦ୍ୟମ ଆରମ୍ଭ ହୋଇଥିବା ଶ୍ରୀମତୀ ପାତ୍ର କହିଛନ୍ତି। ନିର୍ବାଚନ ପୂର୍ବରୁ ନୟାଗଡ଼ ଜିଲ୍ଲାରେ ବିଏଲ୍‌ଓ ତାଲିକା ବାରମ୍ବାର ମାଗିବା ପରେ ବି ପ୍ରଶାସନ ଦେଇ ନ ଥିବା କଂଗ୍ରେସ ନେତା ରଣଜିତ ଦାଶ କହିଛନ୍ତି। ନିର୍ବାଚନ କମିଶନ ନିଯୁକ୍ତି ପ୍ରକ୍ରିୟାରୁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବାଦ୍ ଦିଆଯିବା ବିଜେପିର ଏକ ଚାଲ୍ ଥିଲା ବୋଲି ଅନ୍ୟତମ ନେତା ମନୋଜ ସାହୁ କହିଛନ୍ତି। ଆଗାମୀ ଦିନରେ ଏହାକୁ ନେଇ ଜୋର୍‌ଦାର୍ ଲଢ଼େଇ ହେବ ବୋଲି କଂଗ୍ରେସ ନେତାମାନେ କହିଛନ୍ତି।

**କାଗଜକଲମରେ ପାଞ୍ଚ ହଜାର ଗଛ**

# ରାସ୍ତା ପାର୍ଶ୍ୱରେ ଚିହ୍ନବର୍ଣ୍ଣ ନାହିଁ

ଖଣ୍ଡପଡ଼ା,୧୧।୮ (ସମିସ)




ନୟାଗଡ଼ ବନଖଣ୍ଡ ଅଧୀନ ଖଣ୍ଡପଡା ବନାଞ୍ଚଳ ଅନ୍ତର୍ଗତ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ପଥପାଶ୍ୱର୍ ବନୀକରଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ ହୋଇଥିବା ସାଧାରଣରେ ଅଭିଯୋଗ ହୋଇଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ସିଂଘାପଡ଼ା ସେକ୍ସନ ଅଞ୍ଚଳରେ ଥିବା ଗୁରିଆବାରିଠାରୁ ଅଁଳାପଟା ପର୍ଯ୍ୟନ୍ତ ୩ କିଲୋମିଟର ରାସ୍ତାର ଉଭୟ ପାଶ୍ୱର୍ରେ ବନୀକରଣ ବାବଦକୁ ୮.୩୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବନ ବିଭାଗ ଦ୍ୱାରା ବିନିଯୋଗ କରାଯାଇଥିବା ସୂଚନା ରହିଛି। ଉକ୍ତ କାର୍ଯ୍ୟ ୨୦୨୨ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିବା ସୂଚନା ମିଳିଛି। ମିଳିଥିବା ତଥ୍ୟ ଅନୁଯାଇ ଉକ୍ତ ରାସ୍ତାର ଉଭୟ ପାଶ୍ୱର୍ରେ ତିନି ହଜାର ଗଛ ଲଗାଯାଇ ତାହାର ସମ୍ପୂର୍ଣ୍ଣ ରକ୍ଷଣାବେକ୍ଷଣ ଦାୟିତ୍ୱ ବନ ବିଭାଗ ଦ୍ୱାରା ପରିଚାଳିତ ହେଉଥିଲା। ଏ ବାବଦକୁ କିଛି ସ୍ଥାନୀୟ ଲୋକଙ୍କୁ ମଧ୍ୟ ସେ ସମୟରେ ଦୈନିକ ମଜୁରୀ ହିସାବରେ କାମରେ ଲଗା ଯାଇଥିବା ସ୍ଥାନୀୟ ଲୋକମାନେ କହିଛନ୍ତି। ବର୍ତ୍ତମାନ ସମୟରେ ରାସ୍ତାର ଉଭୟ ପାଶ୍ୱର୍ରେ ହାତ ଗଣତି ଗଛ ବଞ୍ଚିଥିବା ଦେଖିବାକୁ ମିଳିଛି। ବନ ବିଭାଗର ଦାୟିତ୍ୱ ହୀନତା ଓ ଅପରାଗତ ପାଇଁ ସାଧାରଣ ଲୋକଙ୍କ ଟିକସରେ ସରକାରଙ୍କ ଜରିଆରେ ପଥପାଶ୍ୱର୍ ବନୀକରଣରେ ଖର୍ଚ୍ଚ ହୋଇଥିବା ଲକ୍ଷ ଲକ୍ଷ ଟଙ୍କା ବର୍ବାଦ ହେବା ସହ ବିଭାଗ ପକ୍ଷରୁ ତାଳୁରୁ ତଳିପା ଯାଏଁ ମିଳିମିଶି ଲକ୍ଷ ଲକ୍ଷ ଟଙ୍କା ଚଳୁ କରିଥିବା ସାଧାରଣ ଲୋକଙ୍କୁ ଚକିତ କରିଛି। ସେହିପରି ଦୁଇବର୍ଷ ତଳେ ଗୁରିଆବାରି ଠାରୁ ସିଙ୍ଗିବାଡ଼ି ପର୍ଯ୍ୟନ୍ତ ୭ କିଲୋମିଟର ରାସ୍ତାର ଉଭୟ ପାଶ୍ୱର୍ରେ ଲାଗିଥିବା ଗଛର ଆଉ ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁନି। ମନରେଗା ପାଣ୍ଠିରୁ ଏଠାରେ ବୃକ୍ଷରୋପଣ କରିଥିଲା ବନ ବିଭାଗ। ତେବେ ମୋଟ ପ୍ରାୟ ୫ ହଜାର ଚାରା ରୋପଣ ହୋଇଥିବା ବେଳେ ସେଥିରୁ ୯୦ ପ୍ରତିଶତ ଗଛ ନ ବଞ୍ଚିବା ଜିଲ୍ଲାରେ ବୃକ୍ଷରୋପଣର ନଗ୍ନ ଚିତ୍ରକୁ ପଦାରେ ପକାଇଛି। ସୂଚନା ମୁତାବକ ଅର୍ଜୁନ, ଜାମ୍ବୁ, ଫାଶୀ, ଫଣଫଣା, ଛାତିଆନା, କୃଷ୍ଣଚୂଡ଼ା, ରାଧାଚୂଡ଼ା, କରଞ୍ଜ ଆଦି ପ୍ରଜାତିର ଚାରା ରୋପଣ କରାଯାଇଥିଲା। ବନ ବିଭାଗର ସୂଚନା ମୁତାବକ ପ୍ରତି ଚାରି ମିଟର ଦୂରତାରେ ଗୋଟିଏ ଗଛ ଲଗାଯାଇଥିଲା। ସେହି ହିସାବ ଧରିଲେ ଗୋଟିଏ କିଲୋମିଟରରେ ପ୍ରାୟ ୨୫୦ ଗଛ ଲାଗିଥିଲା। ଗୁରିଆବାରିଠାରୁ ସିଙ୍ଗିବାଡ଼ି ରାସ୍ତାର ଦୂରତା ପ୍ରାୟ ୭ କିଲୋମିଟର। ଦୁଇ ପାଶ୍ୱର୍? ବନୀକରଣ ହିସାବ କଲେ ମୋଟ ୧୪ କିଲୋମିଟର ପଥପାଶ୍ୱର୍ ବନୀକରଣ ହୋଇଛି ବୋଲି ବିଭାଗ ସ୍ପଷ୍ଟ କରିଛି। ଗୋଟିଏ କିଲୋମିଟର ପିଛା ୨୫୦ ଗଛ ହିସାବ କଲେ ୧୪ କିଲୋମିଟର ପଥପାଶ୍ୱର୍ ବନୀକରଣ ପାଇଁ ପ୍ରାୟ ୩.୫ ହଜାର ବୃକ୍ଷରୋପଣ କରାଯାଇଥିଲା ବୋଲି ତଥ୍ୟ କହୁଛି। ମନରେଗା ପାଣ୍ଠିରୁ ଏ ବାବଦରେ ୧୩ ଲକ୍ଷ ୭୦ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ୮ ଲକ୍ଷ ୪୫ହଜାର ଟଙ୍କାରେ ବୃକ୍ଷରୋପଣ ସାମଗ୍ରୀ କିଣାଯାଇଥିବା ବେଳେ ୫ ଲକ୍ଷ ୨୫ହଜାର ଟଙ୍କା ମଜୁରି ଦିଆଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୁରିଆବାରି ଠାରୁ ଅଁଳାପଟା ଏବଂ ପୁନର୍ବାର ଗୁରିଆବାରି ଠାରୁ ସିଙ୍ଗିବାଡ଼ି ୭ କିଲୋମିଟର ଅନ୍ତରରେ କିଭଳି ଦୁଇଟି ପର୍ଯ୍ୟାୟରେ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଇଛି ମନରେଗା ଅର୍ଥକୁ ଟଂଚକତା କରାଯାଇ ହରିଲୁଟ ହୋଇଛି ସେ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ପ୍ରଶ୍ନ ଉଠାଇଛନ୍ତି। ତେବେ ଉକ୍ତ ପଥପାଶ୍ୱର୍ ବନୀକରଣ ଅନିୟମିତତା ବାବଦରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେଇ ଭିଜିଲାନ୍ସ ପକ୍ଷରୁ ତଦନ୍ତ କରିବାକୁ ସ୍ଥାନୀୟ ଜନସାଧାରଣ, ପରିବେଶବିତ ଓ ଜନପ୍ରତିନିଧି ଦାବି କରିଛନ୍ତି।

**ବିଦ୍ୟାଳୟ ନାମକରଣକୁ ନେଇ ଜନସ୍ୱାର୍ଥ ମାମଲା**

# 'ରାଜକିଆରୀ'କୁ 'କନାସିଙ୍ଗ' ରଖିବା ପାଇଁ ଦାବି



ଖଣ୍ଡପଡ଼ା,୧୧।୮ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତର ରାଜସ୍ୱ ଗ୍ରାମ କନାସିଙ୍ଗରେ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଏହି ବିଦ୍ୟାଳୟକୁ ରାଜକିଆରୀ ପ୍ରାଥମିକ ବିଦ୍ୟାଳୟ ନାମରେ ଲେଖାଯାଇଛି। ଏହାର ନାମକୁ ବଦଳାଇ କନାସିଙ୍ଗ ବିଦ୍ୟାଳୟ ଲେଖିବା ଦାବି ନେଇ ଭାରତୀୟ ବିକାଶ ପରିଷଦର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସୂଚନା ଅନୁଯାୟୀ ଭାରତୀୟ ବିକାଶ ପରିଷଦ ପକ୍ଷରୁ ପୂର୍ବରୁ ଏନେଇ ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିବା ଜଣାଯାଇଛି। ତେବେ ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ରାଜ୍ୟ ଉପସଭାପତି ନିରଞ୍ଜନ ଦାସ, ରାଜ୍ୟ ଯୁବ ସଭାପତି ସୁନିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ବ୍ଲକ ପ୍ରଶାସନ, ତହସିଲ ପ୍ରଶାସନ ଓ ଶିକ୍ଷାଧିକାରୀଙ୍କୁ ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ସମାନ ଭାବେ ଅଙ୍ଗନବାଡିର ନାମ ପରିବର୍ତ୍ତନ କରିବା ପାଇଁ ସିଡିପିଓଙ୍କୁ ମଧ୍ୟ ଏକ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଧାରଣାସ୍ଥଳରେ ବିଡିଓ ଅଙ୍କୁର ଅଭିଳାଷ ପହଞ୍ଚି ଲୋକଙ୍କୁ ବୁଝାଇବା ସହ ପୂର୍ବରୁ ଜିଲ୍ଲା ପ୍ରଶାସନ ଏ ସମ୍ପର୍କରେ ଯେଉଁ ଦାବିପତ୍ର ଦିଆଯାଇଛି କିଭଳି ସମସ୍ୟାର ସମାଧାନ ହେବ ପ୍ରତିଶ୍ରୁତି ଦେଇଥିଲେ। ଏତତ ବ୍ୟତୀତ ସ୍ଥାନୀୟ ତହସିଲଦାର ରାଜାରାମ ଛତ୍ରିଆ ଓ ଗୋଷ୍ଠୀ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର କର ମଧ୍ୟ ଉପସ୍ଥିତ ରହି ଗ୍ରାମବାସୀ ଧାରଣରୁ ଉଠିବା ପାଇଁ ନିବେଦନ କରିଥିଲେ। ତେବେ ଆସନ୍ତା ୨୧ତାରିଖ ମଧ୍ୟରେ ବିଦ୍ୟାଳୟର ନାମ ପରିବର୍ତ୍ତନ କରା ନଗଲେ ୨୨ ତାରିଖ ଠାରୁ ପୁନର୍ବାର ଗ୍ରାମବାସୀ ବ୍ଲକ ପ୍ରଶାସନ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବେ ବୋଲି ଭାରତୀୟ ବିକାଶ ପରିଷଦ ରାଜ୍ୟ ସଭାପତି ଶ୍ରୀ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଭୁବନେଶ୍ୱର ସିଟି



## କର୍ମନିଯୁକ୍ତି ପାଇଁ ବିଦେଶ ମୁହାଁ ଯୁବବର୍ଗ

# ଯୁବଶୂନ୍ୟ ହେଉଛି ରାଜଧାନୀ ସହର

ଭୁବନେଶ୍ୱର, ୧୧।୮ (ସମିସ)

ଭାରତର ଶକ୍ତି ଏହାର ବିଶାଳ ଯୁବବର୍ଗ। ଅଥଚ ବିଡ଼ମ୍ବନା ହେଉଛି ଅର୍ଥ ଲାଳସା ଓ ବିଳାସପୂର୍ଣ୍ଣ ଜୀବନର ମୋହରେ ଯୁବ ପ୍ରବାସନ ହାର ବଢ଼ିବାରେ ଲାଗିଛି। ଏହାର ପ୍ରତ୍ୟକ୍ଷ ପ୍ରଭାବ ପଡୁଛି ସାମାଜିକ ଓ ପାରିବାରିକ ବ୍ୟବସ୍ଥା ଉପରେ। ରାଜଧାନୀ ଭୁବନେଶ୍ୱରକୁ ଉଦାହରଣ ରୂପେ ନିଆଯାଇପାରେ। ମହାନଗରରେ ଆବାସିକ ଅଟ୍ଟାଳିକା ସହିତ ତାଳ ଦେଇ ବଢୁଛି ଜରାଶ୍ରମ ସଂଖ୍ୟା। ପୁଣି ଘରେ ଘରେ ବିରାଜମାନ କରୁଛି ବାର୍ଦ୍ଧକ୍ୟ ଓ ନିଃସଙ୍ଗତା। ପ୍ରବାସରେ ଥିବା ସନ୍ତାନସନ୍ତତିଙ୍କ ଭିଡିଓ କଲ୍ ଏବଂ ପରିଚାରକ/ପରିଚାରିକା କେବଳ ଜୀଇଁବାର ସାହାରା ପାଲଟିଛି। ଅର୍ଥର ପ୍ରାଚୁର୍ଯ୍ୟ ଉପରେ ନିଃସଙ୍ଗ ବାର୍ଦ୍ଧକ୍ୟ ବିତୁଥିବା ବେଳେ ଯୁବଗୋଷ୍ଠୀଙ୍କ ସଂଖ୍ୟା ଅହେତୁକ ଭାବେ କମିବାରେ ଲାଗିଛି। ଧୀରେ ଧୀରେ ରାଜଧାନୀ ପାଲଟୁଛି ଯୁବକ ଶୂନ୍ୟ।

ବର୍ତ୍ତମାନ ସମାଜ ପରିବର୍ତ୍ତରେ ଯୁବବର୍ଗଙ୍କ ମୁଖ୍ୟ ରହିଥିବା ବେଳେ ବିଦେଶମୁହାଁ ହେଉଛନ୍ତି ଯୁବଗୋଷ୍ଠୀ। ସହର ସାରା ମାଡ଼ି ଗଲାଣି ବିରାଟ ବିରାଟ ଅଟ୍ଟାଳିକା ତା ସାଙ୍ଗକୁ ଚାକଚକ୍ୟ ଜୀବନଶୈଳୀ। ହେଲେ ଦେଶର ଅଗ୍ରଗତି ଦାୟିତ୍ୱ ଯୁବବର୍ଗଙ୍କ କାନ୍ଧରେ ରହିଥିବା ବେଳେ ସେମାନେ ଆର୍ଥିକ ବୋଝକୁ ହାଲୁକା କରିବାକୁ ନିଜର ସହର ଛାଡ଼ି ଅନ୍ୟ ରାଜ୍ୟ ଅବା ଦେଶକୁ ଚାଲିଯାଉଛନ୍ତି। ବିଶେଷକରି ଆଇଟି କ୍ଷେତ୍ରରେ ବିଦେଶରେ ଅଧିକ ସୁଯୋଗ ରହିଥିବାରୁ ବିଦେଶମୁହାଁ ହେଉଛନ୍ତି ଯୁବବର୍ଗ। ପୈତୃକ ଘରେ ଶେଷ ନିଶ୍ୱାସ ନେଉଥିବା ବୃଦ୍ଧା ବାପା ମା'ଙ୍କ ଶେଷ ଦର୍ଶନ କରିବାରୁ ମଧ୍ୟ ବଞ୍ଚିତ ହେଉଛନ୍ତି। ସୂଚନା ଅନୁସାରେ, ୨୦୧୧ ମସିହାରେ ଓଡ଼ିଶାର ମୋଟ ଜନସଂଖ୍ୟାର ୯.୫% ବୟସ୍କ (୬୦ ବର୍ଷ ଓ ଊର୍ଦ୍ଧ୍ୱ) ଥିଲେ। ଏହି ଅନୁପାତ ୨୦୨୪ ମସିହାରେ ପ୍ରାୟ ୧୩% ପହଞ୍ଚିଛି ବୋଲି ଅନୁମାନ ରହିଛି। ସେହିପରି ୨୦୨୪ ମସିହାରେ ଭୁବନେଶ୍ୱର ମହାନଗର ଅଞ୍ଚଳର ଆନୁମାନିକ ଜନସଂଖ୍ୟା ପ୍ରାୟ ୧୨, ୫୭, ୦୦୦ ଥିଲା। ଏହି ତଥ୍ୟ ଆଧାରରେ ଯଦି ଭୁବନେଶ୍ୱରରେ ବୟସ୍କ ଜନସଂଖ୍ୟା ରାଜ୍ୟ ଅନୁପାତ ସମାନ ଥାଏ (ପ୍ରାୟ ୧୩%)। ତେବେ ଭୁବନେଶ୍ୱରର ବୃଦ୍ଧ ନାଗରିକଙ୍କ ସଂଖ୍ୟା ପ୍ରାୟ ୧, ୬୩, ୪୨୩ ହେବ ବୋଲି ଆକଳନ କରାଯାଇଛି।



ଆଜି ଅନ୍ତର୍ଜାତୀୟ ଯୁବ ଦିବସ

ଏନେଇ ବିଶିଷ୍ଟ ସମାଜସେବୀ ରୀନା ରାଉତରାୟ କହିଛନ୍ତି ଯେ କେବଳ ଭୁବନେଶ୍ୱର ନୁହେଁ, ଅନେକ ସହର ଓ ଗ୍ରାମରେ ମଧ୍ୟ ଏହିପରି ସଙ୍କଟ ଦେଖାଗଲାଣି। ଏହାର କିଛି ମୁଖ୍ୟ କାରଣ ହେଉଛି ସହରୀକରଣର ପ୍ରକ୍ରିୟାରେ ଛୋଟ ସ୍ଥାନରୁ ବଡ଼ ସହରକୁ ଯିବା ଏକ ସାଧାରଣ ପ୍ରବୃତ୍ତି। ଉଚ୍ଚ ଦରମାର ଚାକିରୀ ଓ ଉନ୍ନତ ମାନର ଶିକ୍ଷାର ସୁଯୋଗ ନେବା ପାଇଁ ଯୁବପିଢି ବିଦେଶ କିମ୍ବା ଅନ୍ୟ ରାଜ୍ୟକୁ ଯିବା ପାଇଁ ପସନ୍ଦ କରୁଛନ୍ତି। ପରିବାର ଗଠନର ରୂପ ବଦଳଛି। ଯୌଥ ପରିବାରରୁ ଏକାନବର୍ତ୍ତୀ ପରିବାର ଓ ଏବେ ଜେନେରେସନ ପିଢ଼ି ଭିତ୍ତିକ ଫ୍ୟାମିଲୀ ହେଉଛି। ବୁଢ଼ାବୁଢ଼ୀ ଘରେ ରହୁଛନ୍ତି, ଯୁବବର୍ଗ ଅନ୍ୟ ସ୍ଥାନରେ। ଏହି ପରିସ୍ଥିତିରେ ବୃଦ୍ଧ ଲୋକମାନଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ଯତ୍ନ ପ୍ରଧାନ ଚିନ୍ତାର ବିଷୟ ହୋଇଯାଇଛି। ତେଣୁ ସ୍ଥାନୀୟ ଯୁବବର୍ଗଙ୍କୁ ରୋଜଗାରର ସୁଯୋଗ ସୃଷ୍ଟି କରିବା ପାଇଁ ଶିଳ୍ପ ପ୍ରତିଷ୍ଠାନ ବା ଶିଳ୍ପୋଦ୍ୟୋଗୀ ସୃଷ୍ଟି କରିବା ପାଇଁ ସୁଯୋଗ ସୃଷ୍ଟି କରିବା ବା ଶିଳ୍ପ ପ୍ରତିଷ୍ଠାନରେ ସ୍ଥାନୀୟ ଯୁବକ ଓ ଯୁବତୀଙ୍କ ପାଇଁ ଚାକିରିରେ ଅଗ୍ରାଧିକାର ଦିଆଯିବା ଇତ୍ୟାଦି ପରି ଆକର୍ଷଣୀୟ ସୁବିଧା ସୁଯୋଗ ଓ ପ୍ରୋତ୍ସାହନ ଦିଆଗଲେ ହୁଏ ତ ନିଜ ଜନ୍ମଭୂମି ବା ପରିବାର ଲୋକଙ୍କ ସହ ଶାନ୍ତିପୂର୍ଣ୍ଣ ଭାବେ ବସବାସ କରିବାର ଆଗ୍ରହ ସୃଷ୍ଟି ହୋଇ ପାରିବ। ଏହି ପରି ମନୋବୃତ୍ତି ସୃଷ୍ଟି କରିବାରେ ପିତାମାତା ଅଭିଭାବକ ଓ ଶିକ୍ଷକ ଶିକ୍ଷୟତ୍ରୀମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ଗମ୍ଭୀର ପରିସ୍ଥିତିକୁ ବଦଳାଇବା ପାଇଁ ସରକାରଙ୍କ ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିଯୁକ୍ତି ସୃଷ୍ଟି, ଉଦ୍ୟମୀତାକୁ ପ୍ରୋତ୍ସାହନ ଦେବା ଓ ଗ୍ରାମାଞ୍ଚଳ ମାନଙ୍କରେ ବ୍ୟବସାୟ କରିବାକୁ ଅର୍ଥିକ ସାହାଯ୍ୟ ଓ ସହଯୋଗ ଯୁବବର୍ଗଙ୍କୁ ସ୍ୱାବଲମ୍ବୀ କରିବାରେ ସାହାଯ୍ୟ କରିବ ବୋଲି ଶ୍ରୀମତୀ ରାଉତରାୟ କହିଛନ୍ତି।

● ଶିବାଜୀ ପଟ୍ଟନାୟକ ସ୍ମାରକୀ ସଭା

## କେରଳର ଉନ୍ନୟନ ଓ ବାମ-ଗଣତାନ୍ତ୍ରିକ ମଡେଲ ସଂକ୍ରାନ୍ତ ଆଲୋଚନା

ଭୁବନେଶ୍ୱର, ୧୧।୮ (ସମିସ) ବିଶିଷ୍ଟ ସିପିଆଇ(ଏମ୍) ନେତା ଶିବାଜୀ ପଟ୍ଟନାୟକ ସ୍ମୃତି କମିଟି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ମାରକୀ ସଭା ରବିବାର ସନ୍ଧ୍ୟାରେ ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ କେରଳର ଉନ୍ନୟନ ମଡେଲ ଏବଂ ବାମ-ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ସଫଳତା ଓ ଆହ୍ୱାନ ସମ୍ପର୍କରେ ଏକ ଗଭୀର ଆଲୋଚନା କରାଯାଇଥିଲା। କେରଳର ଉନ୍ନୟନ ଓ ବାମ-ଗଣତାନ୍ତ୍ରିକ ମଡେଲ ଶୀର୍ଷକ ଏହି ସଭାରେ କେରଳର ସାମାଜିକ, ଅର୍ଥନୈତିକ ଏବଂ ରାଜନୈତିକ ଉନ୍ନୟନରେ ବାମ-ଗଣତାନ୍ତ୍ରିକ ମଡେଲର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ମଡେଲ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ନ୍ୟାୟ, ଗଣ ବଣ୍ଟନ ଏବଂ ସମତା ଆଧାରିତ ଉନ୍ନୟନରେ କିପରି ଅଗ୍ରଣୀ ଭୂମିକା ଗ୍ରହଣ କରିଛି, ତାହା ଉପରେ ଆଲୋକପାତ କରାଯାଇଥିଲା। ଏହା ସହିତ ଓଡ଼ିଶାର ପ୍ରେକ୍ଷାପଟରେ ଏହି ମଡେଲର ପ୍ରାସଙ୍ଗିକତା ଏବଂ ଏହାର ସମ୍ଭାବନା ସମ୍ପର୍କରେ ମଧ୍ୟ ଚର୍ଚ୍ଚା ହୋଇଥିଲା।

ଏହି ସଭାରେ ମୁଖ୍ୟ ଆଲୋଚକ ଭାବେ କେରଳ ସରକାରଙ୍କ ଅର୍ଥମନ୍ତ୍ରୀ କେଏନ୍ ବାଳଗୋପାଳ, ସିପିଆଇ(ଏମ୍) ର ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀ ଜନାର୍ଦ୍ଦନ ପତି, ଅଳି କିଶୋର ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନଗୋ, ସିପିଆଇସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ପ୍ରମୁଖ ଉଦବୋଧନ ଦେଇଥିଲେ। ସ୍ମୃତି କମିଟିର ଅଧ୍ୟକ୍ଷ ଅନନ୍ତ ମଙ୍ଗରାଜଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଦୀପ୍ତ ନାୟକ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସମ୍ପାଦକ ଗିରିଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

## 'ସଂଗ୍ରାମୀ ବଂଶୀଧର: ଇତିହାସର ହଜିଲା ଖିଅ' ଉନ୍ମୋଚିତ



ଭୁବନେଶ୍ୱର, ୧୧।୮ (ସମିସ): ରତ୍ନଚିରା ପବ୍ଲିକେଶନ୍ସ ଦ୍ୱାରା ପ୍ରକାଶିତ ପ୍ରଫେସର ସଂଘମିତ୍ରା ମିଶ୍ରଙ୍କ 'ସଂଗ୍ରାମୀ ବଂଶୀଧର:ଇତିହାସର ହଜିଲା ଖିଅ' ପୁସ୍ତକ ବୁଦ୍ଧମନ୍ଦିର ସଭାଗୃହରେ ଉନ୍ମୋଚିତ ହୋଇଯାଇଛି। ଉକ୍ତ ଉତ୍ସବରେ ସାହିତ୍ୟକ ଦାଶ ବେନହୁର ଅଧ୍ୟକ୍ଷତା କରିଥିଲେ। ଏହି ମଞ୍ଚରେ ବିଶିଷ୍ଟ କଥାକାର ଗୌରହରି ଦାସ, ବିଶିଷ୍ଟ କଥାକାର ଓ ପ୍ରଶାସକ ଦେବପ୍ରସାଦ ଦାଶ, ବିଶିଷ୍ଟ ସ୍ତମ୍ଭକାର ପ୍ରହ୍ଲାଦ ସିଂହ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଜ୍ଞାନୀ ଦେବାଶିଷ ମିଶ୍ର ପ୍ରମୁଖ ଯୋଗଦେଇ ସଂଗ୍ରାମୀ ବଂଶୀଧର ମିଶ୍ରଙ୍କ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ରତ୍ନଚିରାର ସମ୍ପାଦିକା ସ୍ନେହଲତା ପୃଷ୍ଟି ମଞ୍ଚ ସଂଯୋଜନା କରିଥିବାବେଳେ ଅପରାଜିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ଉନ୍ମୋଚନ ବେଳେ ପ୍ରକାଶକ କରୁଣାକର ପୃଷ୍ଟି ଉପସ୍ଥିତ ରହିଥିଲେ।

## ସମ୍‌ରେ ବିରଳ ଶ୍ୱାସନଳୀ ଅସ୍ତ୍ରୋପଚାର

ଭୁବନେଶ୍ୱର, ୧୧।୮ (ସମିସ): ଫୁଲନଖରା ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍, କ୍ୟାମ୍ପସ-୨ର ଡାକ୍ତରମାନେ ଜଣେ ୪୦ ବର୍ଷୀୟ କର୍କଟ ରୋଗୀଙ୍କ ରୁଦ୍ଧ ଶ୍ୱାସନଳୀକୁ ସଫଳତାର ସହ ଅସ୍ତ୍ରୋପଚାର କରିଛନ୍ତି। କଟକ ଜିଲ୍ଲା ନିଆଳି ଅଞ୍ଚଳର ଉକ୍ତ ରୋଗୀଙ୍କ ଡାହାଣ ପାର୍ଶ୍ୱ ମୁଖ୍ୟ ବ୍ରୋଙ୍କସ ସମ୍ପୂର୍ଣ୍ଣ ଅବରୋଧ ହେତୁ ନିଃଶ୍ୱାସ ନେବାରେ କଷ୍ଟ ହେଉଥିଲା। ସାଧାରଣ ଆନେସ୍‌ଥେସିଆ ପ୍ରୟୋଗ ତଥା ଅତ୍ୟାଧୁନିକ କ୍ରାୟୋପ୍ରୋବ୍ ଏବଂ ଇଲେକ୍ଟ୍ରୋସ୍ନେର ଟେକ୍ନୋଲୋଜି ବ୍ୟବହାର କରି ଟ୍ୟୁମରକୁ ବାହାର କରାଯିବା ସହ ଶ୍ୱାସନଳୀକୁ ପୁନଃ ଉନ୍ମୁକ୍ତ କରାଯାଇଥିଲା। ଅତ୍ୟାଧୁନିକ ଉପକରଣ ବ୍ୟବହାର କରି ଏହିପରି ପାର୍ଥକ୍ୟ ସୃଷ୍ଟିକାରୀ ସଫଳ ଚିକିତ୍ସା କରିବା ସମ୍ଭବପର ଅଟେ ବୋଲି ପଲ୍‌ମୋନାରୀ ମେଡିସିନ୍ ବିଭାଗର ସହଯୋଗୀ ପ୍ରଫେସର ଏବଂ ଏହି କ୍ଷେତ୍ରରେ ମୁଖ୍ୟ ସର୍ଜନ ଡ. ସ୍ୱଦେଶ କୁମାର ମହାନ୍ତି କହିଥିଲେ। ବିଭାଗୀୟ ମୁଖ୍ୟ ଡାକ୍ତର ସୁଦୀପ ମହାପାତ୍ରଙ୍କ ନେତୃତ୍ୱରେ ଅନ୍ୟ ଡାକ୍ତରଙ୍କ ସହଯୋଗରେ ଏହି ଅସ୍ତ୍ରୋପଚାର ସଫଳ ହୋଇଥିଲା।

## ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ଆସର



ଭୁବନେଶ୍ୱର, ୧୧।୮ (ସମିସ): ଶାଶ୍ୱତ ବରିଷ୍ଠ ନାଗରିକ ସଂଘର ମାସିକ ଆସର କଣ୍ଟାବାଡ଼ସ୍ଥିତ ଆଦୃତା ଶିଶୁ ସଦନରେ ପାଳିତ ହୋଇଯାଇଛି। ପ୍ରଥମେ ଶିଶୁ ସଦନ ତରଫରୁ ସମସ୍ତ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ତାଙ୍କ ପାଇଁ ବରିଷ୍ଠ ନାଗରିକଙ୍କ ପାଇଁ ଗଠିତ 'ଆନନ୍ଦ ନୀଳୟ' ଧ୍ୟାନଗୃହ ଏବଂ ଲାଇବ୍ରେରୀ ବୁଲାଇ ଦେଖାଇଥିଲେ। ଏହାପରେ ସଂଘର ସଭାପତି ବିଜୟ ଦାଶଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ପରେ ପରେ ଉତ୍ତରାଖଣ୍ଡ ଓ ହିମାଚଳରେ ଘଟିଥିବା ପ୍ରଳୟରେ ପ୍ରାଣ ହରାଇଥିବା ଲୋକଙ୍କ ଆତ୍ମାର ସଦଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଘର ଉପସଭାପତି ଡ. ହେମନ୍ତ କୁମାର ଦାସ ଆଦୃତା ଶିଶୁ ସଦନକୁ ଦଶ ହଜାର କରିଥିଲେ। ପ୍ରକାଶ ବେହେରା ଗତ ମାସର ମାସିକ ବିବରଣୀ ପାଠ କରିଥିଲାବେଳେ ରବୀନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବିବେକାନନ୍ଦ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୧୧।୮ (ସମିସ)

ଭୁବନେଶ୍ୱରର ରେଡକ୍ରସ ଭବନରେ 'ବିବେକାୟନ' ତରଫରୁ ଆୟୋଜିତ ବିବେକାନନ୍ଦ ପଣ୍ଡାଙ୍କ ପଞ୍ଚବିଂଶତିତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ବିବେକାନନ୍ଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ନୀଳମାଧବ ମହାନ୍ତିଙ୍କୁ ବୟୋଜ୍ୟେଷ୍ଠ ନାଗରିକ ସମ୍ମାନ, ଡାକ୍ତର ଅଶୋକ ମହାପାତ୍ରଙ୍କୁ 'ବିବେକାନନ୍ଦ ପଣ୍ଡା ସ୍ମୃତି ସମାଜସେବୀ ସମ୍ମାନ' ଏବଂ ମହେନ୍ଦ୍ର କୁମାର ସାହୁ ଓ ତାଙ୍କ ପତ୍ନୀଙ୍କୁ ପିତୃମାତୃଙ୍କ ସେବା ନିମନ୍ତେ 'ବିବେକାନନ୍ଦ ପଣ୍ଡା ସ୍ମୃତି ସେବା ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ଯୋଗଦେଇଥିବା ବେଳେ ପୂର୍ବତନ ମୁଖ୍ୟ ଶାସନ ସଚିବ ଅଜିତ ତ୍ରିପାଠୀ ବିବେକାନନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ପୂର୍ବତନ ରାଜ୍ୟ ନିର୍ବାଚନ କମିଶନର ରବି ନାରାୟଣ ସେନାପତି, ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ନୀଳମାଧବ ମହାନ୍ତି ଯୋଗ ଦେଇଥିବା ବେଳେ ଭୁବନେଶ୍ୱର ଏମ୍ସର ପୂର୍ବତନ ନିର୍ଦ୍ଦେଶକ ବିଶିଷ୍ଟ ଡାକ୍ତର ଅଶୋକ ମହାପାତ୍ର କହିଛନ୍ତି ଯେ, ମୃତ୍ୟୁ ଅନିବାର୍ଯ୍ୟ ହୋଇଥିବାରୁ ଆମେ ଜୀବନକୁ ଜୀଇଁବା ଦରକାର। ମାନସିକ, ଶାରୀରିକ, ଆଧାତ୍ମିକ ସ୍ତରରେ ସୁସ୍ଥ ରହି ସମାଜ ପାଇଁ କିଛି କରିବାକୁ ସେ ଆହ୍ୱାନ ଦେଇଥିଲେ।

ଅବସରପ୍ରାପ୍ତ ଆଇଏଏସ୍ ଅରବିନ୍ଦ ବେହେରା, ଅବସରପ୍ରାପ୍ତ ଆଇଏଏସ୍ ଆରତୀ ଆହୁଜା ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ବିବେକାୟନର ପୂର୍ବତନ ସଭାପତି, ବିଶିଷ୍ଟ କବି ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ପଦ୍ମ ଭୂଷଣ ରମାକାନ୍ତ ରଥଙ୍କ ସ୍ମୃତିରେ ଏକ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ରଥଙ୍କ ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ ଦିଲୀପ ମିଶ୍ର। ବିବେକାନନ୍ଦଙ୍କ ପିତା ଲକ୍ଷ୍ମୀଧର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ସୋମବାରରେ ବିଏମ୍‌ସି ଲଗାଇଲା ୧୦୮ ବେଲ ଗଛ



ଭୁବନେଶ୍ୱର, ୧୧।୮ (ସମିସ): ଭାଦ୍ରବର ପ୍ରଥମ ସୋମବାରରେ ୧୦୮ ବେଲ ଚାରାରୋପଣ କଲା ଭୁବନେଶ୍ୱର ମହାନଗର ନିଗମ। ଶ୍ରୀଲିଙ୍ଗରାଜଙ୍କ ଉଦ୍ଦେଶ୍ୟରେ ଏହି ଚାରାରୋପଣ କରାଯାଇଛି। ଏଭଳି ଭିନ୍ନ ସ୍ୱାଦର ବୃକ୍ଷରୋପଣ ପ୍ରକୃତିପ୍ରେମୀଙ୍କୁ ଆଶ୍ୱାସନା ଦେଇଛି ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ପୋଖରୀପୁଟସ୍ଥିତ ଝରା ପୋଖରୀ ହୁଡାରେ ଏହି ଚାରାରୋପଣ କରାଯାଇଛି। ଭୁବନେଶ୍ୱରର ସାଂସ୍କୃତିକ ପରଂପରାକୁ ଖାପଖୁଆଇବାଭଳି ଏହା ଏକ ଅଭିନବ ବୃକ୍ଷ ରୋପଣ ଅଭିଯାନ ବୋଲି ସ୍ଥାନୀୟ ବାସିନ୍ଦା କହିଛନ୍ତି। ସମ୍ପ୍ରତି "ମା' ପାଇଁ ଗଛଟିଏ" ବାର୍ତ୍ତାନେଇ କରାଯାଉଥିବା ବୃକ୍ଷ ଚାରାରୋପଣ ଘରେ ଘରେ ସବୁଜିମାର ବାର୍ତ୍ତା ଦେଉଥିବା ବେଳେ, ବେଲ ଗଛ ଲଗାଇବା ଏକ ଦୀର୍ଘକାଳୀନ ପ୍ରୟାସ। ଏକାମ୍ର କ୍ଷେତ୍ରର ମହନୀୟତାକୁ ଏହା ପ୍ରତିପାଦନ କରିଛି। ଆଗାମୀ ଦିନ ଗୁଡିକରେ ନାଗରିକ ମାନଙ୍କର ସହଯୋଗ ଏଭଳି ପ୍ରୟାସକୁ ଆଗେଇ ନେଉ ବୋଲି ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି। ମେୟର ସୁଲୋଚନା ଦାସ, ଡେପୁଟି ମେୟର ମଞ୍ଜୁଲତା କଁଅର, କମିସନର ଚଞ୍ଚଳ ରାଣାଙ୍କ ସମେତ ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍, ସ୍ଥାନୀୟ କର୍ପୋରେଟର ଏବଂ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

## ମାଲେସିଆ ଆନ୍ତର୍ଜାତିକ ସମ୍ମିଳନୀରେ ପ୍ରଫୁଲ୍ଲ ସାମନ୍ତରା

## ପାଲେଷ୍ଟାଇନ ସ୍ୱାଧୀନ ହେଉ, ଗାଜାରେ ନରସଂହାର ବନ୍ଦ ହେଉ

ଭୁବନେଶ୍ୱର, ୧୧।୮ (ସମିସ): ମାଲେସିଆର ରାଜଧାନୀ କୁଆଲାଲାମପୁର ନିକଟସ୍ଥ ସେଲେଙ୍ଗର ଠାରେ ଗତ ଅଗଷ୍ଟ ୭ରୁ ୯ ଅଗଷ୍ଟ ପର୍ଯ୍ୟନ୍ତ ୧୬ଟି ଦେଶର ମାନବିକ ଅଧିକାର, ପାଲେଷ୍ଟାଇନର ସ୍ୱାଧୀନତା ପାଇଁ ସହଯୋଗ କରୁଥିବା ଜନ ସଂଗଠନମାନଙ୍କ ପ୍ରତିନିଧିମାନଙ୍କ ସମ୍ମିଳନୀ ମାଲେସିଆର ନାଗରିକ ସଂଗଠନର ଅଧ୍ୟକ୍ଷ ମହମ୍ମଦ ଆଜମି ଅବଦୁଲ ହମିଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଭାରତ, ମାଲେସିଆ, ଇରାନ, ଜୋର୍ଡାନ, ମରିସସ, ଇଣ୍ଡୋନେସିଆ, ସ୍ପେନ, ବାଙ୍ଗଲାଦେଶ, ଟ୍ୟୁନିସିଆ ସମେତ ୧୬ଟି ଦେଶରୁ ପ୍ରତିନିଧିମାନେ ଅଂଶଗ୍ରହଣ କରିଛନ୍ତି। ପାଲେଷ୍ଟାଇନର ସଂଗ୍ରାମରତ ପ୍ରତିନିଧିଙ୍କ ଉପସ୍ଥିତିରେ ଆଲୋଚନା ହୋଇଥିଲା ଯେ, ଗାଜାରେ ବୋମା ପକାଇ ଗଣହତ୍ୟା କରୁଛି ଇସ୍ରାଏଲ। ଏହା ସହ ରିଲିଫ ସାମଗ୍ରୀ ପରିବହନ ନିଷେଧ କରି ଶିଶୁ, ବୃଦ୍ଧଙ୍କୁ ଭୋକିଲାରେ ମାରୁଛି। ଅତି ବର୍ବରତାର ସହ ମାନବତା ଉପରେ ଆକ୍ରମଣ ହେଲା ବେଳେ ପୃଥିବୀର ବହୁ ବିକଶିତ ଓ ବିକାଶଶୀଳ ଦେଶର ସରକାରମାନେ ନିରବ। ଏହି ସମ୍ମିଳନୀରେ ନିଷ୍ପତ୍ତି ହୋଇଛି ପୃଥିବୀର ବିଭିନ୍ନ ଦେଶରୁ ସମୁଦ୍ର ପଥରେ ଏକ ହଜାର ନୌକା ଓ ଜାହାଜ ରିଲିଫ ନେଇ ପାଲେଷ୍ଟାଇନ ସମର୍ଥକମାନେ ଯାତ୍ରା କରିବେ ଗାଜାରେ ପହଞ୍ଚିବା ପାଇଁ। ଏହି ଆନ୍ତର୍ଜାତିକ ସମ୍ମିଳନୀରେ ଯୋଗଦେଇ ଗ୍ରୀନ୍ ନୋବେଲ ବିଜେତା ଶ୍ରୀ ପ୍ରଫୁଲ୍ଲ ସାମନ୍ତରା ଜଣାଇଛନ୍ତି ଯେ, ଭାରତ ଜନସାଧାରଣଙ୍କ ଉପରେ ଅନେକ ଦେଶର ପ୍ରତିନିଧିମାନେ ଭରସା ଅଛି, ତେଣୁ ଗାଜାକୁ ବଞ୍ଚାଇବାକୁ ସହଯୋଗ ମିଳିବ। ଏହି ସମ୍ମିଳନୀରେ ଶ୍ରୀ ସାମନ୍ତରାଙ୍କ ସହ ଇଣ୍ଡିଆ - ପାଲେଷ୍ଟାଇନ ସଲିଡାରିଟି ଫୋରମର ସାଧାରଣ ସମ୍ପାଦକ ଫିରୋଜ ମିଠିବୋରୱେଲ ଓ ହାଇଦ୍ରାବାଦର ନିକିତା ନାଇଡୁ ଯୋଗଦେଇଥିଲେ।

## ସ୍ୱର୍ଗତ ଅନୀଲ ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା



ଭୁବନେଶ୍ୱର, ୧୧ଲ୮ (ସମିସ): ଓଡ଼ିଶାର ଜଣେ ପ୍ରତିଷ୍ଠିତ ଫଟୋ ସାମ୍ବାଦିକତାର ଜନକ ଭାବେ ପରିଚିତ ତଥା ଇଷ୍ଟର୍ଣ୍ଣ ପ୍ରେସ୍ ଏଜେନ୍ସି ଓ ଇପିଏର ପ୍ରତିଷ୍ଠାତା ସ୍ୱର୍ଗତ ଅନୀଲ ପ୍ରସାଦ ମିଶ୍ରଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକ ଓ ସ୍ମୃତିସଭା ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ପାଳିତ ହୋଇଯାଇଛି। ଏହି ସ୍ମୃତିସଭାରେ ପିସିସି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ କହିଲେ ଯେ, ଫଟୋ ମାଧ୍ୟମରେ ଅନେକ ବାର୍ତ୍ତା ଦେଉଥିଲେ ଅନୀଲ। ତାଙ୍କ ଫଟୋ କଥା କହୁଥିଲା। ସମାଜକୁ ସଚେତନ କରିବା ସହ ଶାସକ ଓ ବିରୋଧୀ ଦଳକୁ ବାଟ ଦେଖାଉଥିଲା। ସେ ଥିଲେ ବଡ଼ ସ୍ୱାଭିମାନୀ। କାହାକୁ କେବେ ହେଲେ ସହଯୋଗ ମାଗି ନାହାଁନ୍ତି ବୋଲି ଶ୍ରୀ ଦାସ କହିଥିଲେ। ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର କହିଲେ ଯେ, ସେ ବିଜୁବାବୁଙ୍କ ନିକଟରେ ଥିଲେ। ତାଙ୍କର ଫଟୋକ ନେଇ ବିଜୁ ଗ୍ୟାଲେରୀ କରିଥିଲେ। ପୂର୍ବତନ ବିଧାୟକ ସୁରେଶ କୁମାର ରାଉତରାୟ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଏକାମ୍ର ବିଧାୟକ ବାବୁ ସିଂ, ମଧ୍ୟମ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, କର୍ପୋରେଟର ଆସିଆ ବେଗମ, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ମହାନ୍ତି ତଥା ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଇଷ୍ଟର୍ଣ୍ଣ ପ୍ରେସ୍‌ର ସାମ୍ବାଦିକ ବନ୍ଧୁ ଏବଂ ବହୁ ମାନଗ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଇପିଏର ସମ୍ପାଦିକା ଅଞ୍ଜଳି ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା। ଏହି ଅବସରରେ ପ୍ରତିଷ୍ଠିତ ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଇପିଏ ଉଇକ୍ଲିର ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା ଦାୟିତ୍ୱରେ ଥିଲେ ବରିଷ୍ଠ ସାମ୍ବାଦିକା ସୌମ୍ୟା ତ୍ରିପାଠୀ।

ଆମ ରାଜଧାନୀ ଆମ ଐତିହ୍ୟ

# କଳିଙ୍ଗ ସ୍ଥପତି ଶୈଳୀରେ ପୂର୍ବେଶ୍ୱର ମନ୍ଦିର



ସ୍ଥପତି ଶୈଳୀରେ ନିର୍ମିତ ତ୍ରୟଦଶ ଶତାବ୍ଦୀର ପୂର୍ବେଶ୍ୱର ମନ୍ଦିର।

ଭୁବନେଶ୍ୱର, ୧୧।୮ (ସମିସ): ରାଜଧାନୀ କେବଳ ଏକ ସହର ନୁହଁ ବରଂ ଆଧାତ୍ମିକ ଭାବନା ସହ ମଧ୍ୟ ଜଡିତ। କାରଣ ପୁରାତନ ମନ୍ଦିରମାନଙ୍କର ସମୂହ ହେଉଛି ଏହି ସହର। କେହି କେହି ଏହି ସହରକୁ ଦ୍ୱିତୀୟ କାଶୀ ବୋଲି ମଧ୍ୟ କୁହାଯାଏ, ଯେଉଁଠି କୋଟିଏ ଲିଙ୍ଗରୁ ଗୋଟିଏ କମ୍ ରହିଛି। ଏହାର ପ୍ରତିଗଳିରେ ରହିଛି ଐତିହ୍ୟ କୀର୍ତ୍ତିରାଜି। ସେଥିପାଇଁ କିଛି ପୌରାଣିକ ଗାଥା ଅନୁଯାୟୀ ମୁଖ୍ୟତଃ ପୁରୁଣା ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର ଏବଂ ତାର ଚାରିପାଖ ଅଞ୍ଚଳକୁ ସ୍ୱର୍ଣ୍ଣାଚଳ ବୋଲି କୁହାଯାଏ। ସେହି ଅଞ୍ଚଳ ମଧ୍ୟରେ ରହିଛି କଳିଙ୍ଗ ଏହି ପୂର୍ବେଶ୍ୱର ଶିବ ମନ୍ଦିର ପୁରୁଣା ଭୁବନେଶ୍ୱରର କାଞ୍ଚା ସାହିରେ ଅବସ୍ଥିତ। ଏଠାରୁ ଲିଙ୍ଗରାଜ ମନ୍ଦିରର ପୂର୍ବରେ ୩୦୦ ମିଟର ଦୂରରେ ଅବସ୍ଥିତ। ମନ୍ଦିରଟି ପଶ୍ଚିମ ଦିଗକୁ ମୁହାଁଇଛି। ସ୍ଥାନୀୟ ପରମ୍ପରା ଅନୁଯାୟୀ, ଅଧିଷ୍ଠାତ୍ରୀ ଦେବତାଙ୍କୁ ପୂର୍ବେଶ୍ୱର କୁହାଯାଏ। ଏହା ଲିଙ୍ଗରାଜ ମନ୍ଦିରର ପୂର୍ବରେ ଅବସ୍ଥିତ ତେଣୁ ଏହାକୁ ପୂର୍ବେଶ୍ୱର ମନ୍ଦିର କୁହାଯାଏ। ସେହିପରି ତିନି ଦିଗରେ ଅନ୍ୟ ମନ୍ଦିରଗୁଡ଼ିକ ଭାବେ ଉତ୍ତରରେ ଉତ୍ତରେଶ୍ୱର ମନ୍ଦିର ଉତ୍ତର, ଦକ୍ଷିଣରେ ବରୁଣେଶ୍ୱର ମନ୍ଦିର ଏବଂ ପଶ୍ଚିମରେ ପଶ୍ଚିମେଶ୍ୱର ମନ୍ଦିର ରହିଛି। ଏହା ଏକ ଶୈବ ପୀଠ ଅଟେ। ଯେଉଁଠି ଶିବ ଲିଙ୍ଗଙ୍କୁ ପାତାଳଫୁଟା ଲିଙ୍ଗ ବୋଲି କୁହନ୍ତି। କେହି କେହି ଏହାକୁ ନବମ ଶତାବ୍ଦୀରେ ନିର୍ମିତ ବୋଲି ବିଶ୍ୱାସ କରନ୍ତି। ବର୍ତ୍ତମାନର ଭୂମି ସ୍ତରଠାରୁ ପାଖାପାଖି ୧ ମିଟର ତଳେ ଲିଙ୍ଗ ଅବସ୍ଥିତ। ଏଠାରେ ଶିବରାତ୍ରି, ସଂକ୍ରାନ୍ତି ଏବଂ ରୁଦ୍ରବିଶେକ ଭଳି ବିଭିନ୍ନ ରୀତିନୀତି ପାଳନ କରାଯାଇଥାଏ। ମନ୍ଦିରର ପାର୍ଶ୍ୱଦେବତା ଭାବେ ପାର୍ବତୀ, ଗଣେଶ ଏବଂ କାର୍ତ୍ତୀକ ପୂଜା ପାଆନ୍ତି। ସେହିଭଳି ପରିସର ମଧ୍ୟରେ ହନୁମାନଙ୍କ ମନ୍ଦିର ସହ ଦେବୀଙ୍କ ମନ୍ଦିର ମଧ୍ୟ ରହିଛି। ସ୍ଥାନୀୟ ଲୋକଙ୍କ ବିଶ୍ୱାସ ଅନୁଯାୟୀ ଏଠାରେ ପୂଜା କଲେ ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ମନ୍ଦିର ପରିସରରେ ଏକ ଐତିହ୍ୟ କୂଅ ମଧ୍ୟ ଅଛି।

### ଏବେ କେମିତି ରହିଛି



ଏହି ମନ୍ଦିରଟି ରାଜ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଅଧୀନରେ ରହିଛି। ଅନେକ ବର୍ଷ ତଳେ ମନ୍ଦିର ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ଯୋଗୁଁ ବିଭାଗ ପକ୍ଷରୁ ମନ୍ଦିରର ବାହାର ପାର୍ଶ୍ୱରେ ମରାମତି କାର୍ଯ୍ୟ ହୋଇଥିଲା। ହେଲେ ଆଖପାଖ ଅଞ୍ଚଳର କୋଠାବାଡି ନିର୍ମାଣ ହେବା ଏବଂ ଅଞ୍ଚଳରେ ବିଭିନ୍ନ ସମୟରେ ବିକାଶମୂଳକ କାର୍ଯ୍ୟ ଯୋଗୁଁ ମନ୍ଦିର ତଳକୁ ଦବିବା ସହ ଲିଙ୍ଗ ମଧ୍ୟ ମାଟି ସ୍ତରଠୁ ତଳେ ରହିଛନ୍ତି ବୋଲି ସ୍ଥାନୀୟ ଲୋକଙ୍କଠୁ ଶୁଣିବାକୁ ମିଳିଛି। ଏନେଇ ମନ୍ଦିରରେ ୧୫ ବର୍ଷ ଧରି ପୂଜା କରୁଥିବା ପୂଜାରୀ ସୁନୀଲ ମହାପାତ୍ର କୁହନ୍ତି, ବର୍ତ୍ତମାନ ସମୟରେ ବିଭାଗ ପକ୍ଷରୁ ମନ୍ଦିରର ମରାମତି ଏବଂ ଉନ୍ନତୀ ମୂଳକ କାର୍ଯ୍ୟ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ। ହେଲେ ଅଞ୍ଚଳବାସୀଙ୍କ ପ୍ରୟାସରେ ବର୍ତ୍ତମାନ ମନ୍ଦିରର ପଛପାର୍ଶ୍ୱର ମରାମତି କାର୍ଯ୍ୟ ଚାଲୁ ରହିଛି।